RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ◆VOLUME- 43 ◆ISSUE-43 ◆WEDNESDAY ◆6 AUGUST 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୪୩ ◆ବୁଧବାର ◆୬ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





# ଭାସିଗଲା ଗାଁ; ୪ ମୃତ

## ୧୧ ଯବାନଙ୍କ ସହ ଶତାଧିକ ନିଖୋଜ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ଓ ବନ୍ୟାର ତାଣ୍ଡବ । ଅଚାନକ ପ୍ରବଳ ବର୍ଷା ଯୋଗୁଁ ଉତ୍ତରକାଶୀର ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ବନ୍ୟା ଆସିବାରୁ ଅନେକ ଗାଁ ଭାସିଯିବା ସହିତ ଶହ ଶହ ଘର ଧ୍ୱଂସ ହୋଇଯାଇଛି । ଏଭଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟରେ ଅତିକମରେ ୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଶତାଧିକ ନିଖୋଜ ଅଛନ୍ତି । ନିଖୋଜଙ୍କ ମଧ୍ୟରେ ସେନାର ୧୧ ଜଣ ଯାବନ ଥିବା ଜଣାପଡ଼ିଛି । ରିଲିଫ ଓ ଉଦ୍ଧାର ଚଳାଇଥିବା ବେଳେ ଯବାନ ନିଖୋଜ ହୋଇଯାଇଛନ୍ତି ।

### ନବୀନଙ୍କ ଶୋକ

ସରକାରୀ ସୂତ୍ରରୁ ପ୍ରକାଶ ଯେ ଆଜି ଅପରାହ୍ନରେ ଉତ୍ତରକାଶୀ ଓ ଧରାଲି ପାର୍ବତ୍ୟ ଅଞ୍ଚଳରେ ଅଚାନକ ପ୍ରବଳ ବର୍ଷା ହୋଇଥିଲା । ଏହାଯୋଗୁଁ ବନ୍ୟାପାଣି ତଳିଆ ଅଞ୍ଚଳକୁ ପ୍ରବଳ ବେଗରେ ମାଡ଼ି ଆସିଥିଲା । ଫଳରେ ଅନେକ ଗାଁରେ ବନ୍ୟା ପାଣି ପଶି ଶତାଧିକ ଘରକୁ ଭସାଇ ନେଇଥିଲା । ପ୍ରାଣ ବିକଳରେ ଲୋକେ ଦୌଡ଼ି ପଳାଉଥିବା ବେଳେ ସେମାନେ ମଧ୍ୟ ଏଥିରେ ଭାସିଯାଉଥିବାର ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଥିଲା । ସରକାରୀ ଭାବେ ମୃତ୍ୟୁସଂଖ୍ୟା ୪ କୁହାଯାଉଥିବା ବେଳେ ସ୍ଥାନୀୟ ଲୋକେ କହୁଛନ୍ତି ଯେ ଅତିକମରେ ୧୨ ଜଣଙ୍କ ମୃତଦେହ ମାଟିତଳେ ପୋତି ହୋଇରହିଛି । ଆହୁରି ଶତାଧିକ ଲୋକ ନିଖୋଜ ଥିବା ସେମାନେ ଅଭିଯୋଗ କରିଛନ୍ତି । ଗଙ୍ଗୋତ୍ରିକୁ ଯିବା ରାସ୍ତାରେ ଧରାଲି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ପର୍ବତର ଉଚ୍ଚସ୍ଥାନରେ ଅବସ୍ଥିତ ଏହି ଅଞ୍ଚଳରେ ଅନେକ ଗାଁ ରହିଛି । କେବଳ ଏତିକି ନୁହେଁ, ଏହି ଅଞ୍ଚଳରେ ପର୍ଯ୍ୟଟକମାନଙ୍କ ପାଇଁ ୨୦ରୁ ୨୫ଟି ହୋଟେଲ ଓ ହୋମ୍‌ଷ୍ଟେ ରହିଛି । ଏଗୁଡ଼ିକ ମଧ୍ୟ ବର୍ଷା ଓ ବନ୍ୟାରେ ଭାସିଯାଇଛି । ଖବର ମିଳିବା ପରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ସେନାର ଯବାନମାନଙ୍କୁ ପଠାଯାଇଛି । ସେମାନେ ▶ପୃଷ୍ଠା-୭

### ୟୁପିରେ ଭୟଙ୍କର ବନ୍ୟା

## ପାଣି ଘେରରେ ୩୦୦ ଗାଁ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଉତ୍ତର ପ୍ରଦେଶର ଉତ୍ତର ଭାଗରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବର୍ଷା ଯୋଗୁଁ ଗଙ୍ଗା ଓ ଜମୁନା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି । ନଦୀ ପାର୍ଶ୍ୱ ଅଞ୍ଚଳରେ ବନ୍ୟା ଯୋଗୁଁ କେବଳ ପ୍ରୟାଗରାଜ ଜିଲ୍ଲାରେ ୩୦୦ରୁ ଅଧିକ ଗାଁ ପାଣି ଘେରରେ ରହିଥିବା ବେଳେ ୫ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୨ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଉଦ୍ଧାର କାମରେ ଏନ୍‌ଡିଆରଏଫ୍‌ର ୬୦୦ ଯବାନଙ୍କୁ ନିୟୋଜିତ କରାଯାଇଛି ।୨୦୧୩ପ ।।ରେଏହାସବୁଠାରୁଭୟଙ୍କର ବନ୍ୟା ବୋଲି କୁହାଯାଉଛି ।

### ପୁଣିଥରେ ଭାରତକୁ ଟ୍ରମ୍ପଙ୍କ ଧମକ

# ୨୪ ଘଣ୍ଟାରେ ଲାଗିବ ଅଧିକ ଶୁଳ୍କ

▶ ଆଉ ଭଲ ବାଣିଜ୍ୟ ସହଯୋଗୀ ରହିନାହିଁ ଭାରତ

▶ ରୁଷରୁ ତେଲ କିଣିବା ଯୁଦ୍ଧ ଯନ୍ତ୍ରକୁ ଇନ୍ଧନ ଦେବା ଭଳି

▶ ଭାରତ ସମର୍ଥନରେ ଋଷ




■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ପୁଣି ଧମକ ଦେଇଛନ୍ତି । ଚେତାବନୀ ସତ୍ତ୍ୱେ ରୁଷ ଠାରୁ ଭାରତ ତେଲ କିଣିବା ଜାରି ରଖିଥିବାରୁ ଭାରତ ଉପରେ ଆହୁରି ଅଧିକ ଶୁଳ୍କ ଲାଗୁ କରିବେ । ସେ କହିଛନ୍ତି ।।ଯେ ଭାରତ ଆଉ ଆମେରିକାର ଭଲ ବାଣିଜ୍ୟ ସହଯୋଗୀ ହୋଇ ରହିନାହିଁ । ତେଣୁ ଆଗାମୀ ୨୪ ଘଣ୍ଟାରେ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରାଯିବ ।

ଏହା ପୂର୍ବରୁ ସୋମବାର ଟ୍ରମ୍ପ ଭାରତ ବିରୋଧରେ ବିଷୋଦ୍‌ଗାର କରିଥିଲେ । ସେ କହିଥିଲେ ଯେ ଭାରତ ଋଷ ଠାରୁ ତେଲ କିଣି ଖୋଲା ବଜାରରେ ଏହାକୁ ବିକ୍ରି କରି ଭଲ ଲାଭ କମାଉଛି । ଋଷର ଯୁଦ୍ଧ ଯୋଗୁଁ ୟୁକ୍ରେନରେ କେତେ ଲୋକ ମରୁଛନ୍ତି ତାହା ସେମାନଙ୍କୁ ଚିନ୍ତା ନାହିଁ । ଅନ୍ୟପକ୍ଷରେ ତେଲ କିଣି ଭାରତ ରୁଷର ଯୁଦ୍ଧ ମେସିନକୁ ସାହାଯ୍ୟ କରୁଛି । ଏଥିପାଇଁ ଆମେ ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ଯଥେଷ୍ଟ ବୃଦ୍ଧି କରିବୁ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତ ଆମେରିକାଠାରୁ ଅଧିକ ଦ୍ରବ୍ୟ କିଣି ନ ଥାଏ । ଆମେ ଭାରତଠାରୁ ଅଧିକ ସାମଗ୍ରୀ କିଣୁ । ଟ୍ରମ୍ପଙ୍କ ବାରମ୍ବାର ଆକ୍ରମଣ ପରେ ଭାରତ ସମର୍ଥନରେ ବାହାରିଛି ଋଷ । ରୁଷ କହିଛି ସବୁ ସାର୍ବଭୌମ୍ୟ ରାଷ୍ଟ୍ରଙ୍କର ସ୍ୱାଧୀନ ଭାବେ ବ୍ୟବସାୟ କରିବାର ଅଧିକାର ରହିଛି । ଧମକ ଚମକ ଦେଇ ଆମେରିକା ଋଷର ବାଣିଜ୍ୟ ସହଯୋଗୀଙ୍କଠାରୁ ତା'ର ସମ୍ପର୍କ ଛିନ୍ନ କରିବାକୁ ଚାହୁଁଛି । ଆମେରିକା ବେଆଇନ ଭାବେ ଟାର୍ଗେଟ୍ କରୁଛି ବୋଲି ଋଷ ପ୍ରବକ୍ତା ଦିମିତ୍ରି ପେସ୍‌କୋଭ କହିଛନ୍ତି ।

ଅପରପକ୍ଷେ ଆମେରିକାର ଏହି ଚେତାବନୀର ଭାରତ କଡ଼ା ଜବାବ ଦେଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଯେଉଁ ଦେଶମାନେ ଭାରତକୁ ସମାଲୋଚନା କରୁଛନ୍ତି ସେମାନେ ହିଁ ରୁଷ ସହିତ ବ୍ୟବସାୟ କରୁଛନ୍ତି । ଆମେରିକା ଏବଂ ୟୁରୋପୀୟ ସଂଘକୁ ସମାଲୋଚନା କରି ଭାରତ କହିଛି ଯେ ସେମାନେ ଏବେ ବି ରୁଷ ସହିତ ବାଣିଜ୍ୟ ▶ପୃଷ୍ଠା-୭

# ରାଜ୍ୟସଭାରେ 'ସିଆଇଏସ୍‌ଏଫ୍' ହଙ୍ଗାମା

### ବିରୋଧୀଙ୍କ ଅଭିଯୋଗକୁ ସରକାରଙ୍କ ଖଣ୍ଡନ



ଖଡ଼ଗେଙ୍କ ମନ୍ତବ୍ୟକୁ ନେଇ ହଟ୍ଟଗୋଳ

ବିହାର ପ୍ରସଙ୍ଗରେ ଲୋକସଭା ବି ମୁଲତବୀ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି । ଏହି ପ୍ରସଙ୍ଗରେ ମୁଲତବୀ ଆଲୋଚନା ପାଇଁ ବିରୋଧୀ ଦଳଙ୍କ ଦାବିକୁ ଅଗ୍ରାହ୍ୟ କରି ଦିଆଯିବାରୁ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ହଙ୍ଗାମା ହୋଇଥିଲା । ତେବେ ରାଜ୍ୟସଭାରେ ସିଆଇଏସ୍‌ଏଫ୍ ଯବାନଙ୍କୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା । ଏହି ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗକୁ ସରକାର ଖଣ୍ଡନ କରିଥିବା ବେଳେ ବିରୋଧୀ ଦଳର ନେତା ଖଡ଼ଗେଙ୍କ ଏକ ମନ୍ତବ୍ୟକୁ ନେଇ ଗୃହରେ କିଛି ସମୟ ପାଇଁ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା ।

ଆଜି ରାଜ୍ୟସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ଅଭିଯୋଗ କରିଥିଲେ ଯେ ଗୃହରେ ବିରୋଧୀ ଦଳଙ୍କ ସ୍ୱରକୁ ଚାପିବା ଲାଗି ସଶସ୍ତ୍ର ସିଆଇଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଥିଲା । ସେ କହିଲେ ଯେ ଗୃହରେ ପ୍ରତିବାଦ କରିବା ଲାଗି ରାଜନୈତିକ ଦଳଙ୍କର ଗଣତାନ୍ତ୍ରିକ ଅଧିକାର ରହିଛି । କିନ୍ତୁ ସରକାର ସିଆଇଏସ୍‌ଏଫ୍ ଯବାନ ମୁତୟନ କରି ଭୁଲ ପରମ୍ପରା ସୃଷ୍ଟି କରୁଛନ୍ତି । ତେବେ ଉଭୟ ଉପାଧ୍ୟକ୍ଷ ହରିବଂଶ ସିଂହ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହାକୁ ଅସ୍ୱୀକାର କରିଥିଲେ । ସେମାନେ କହିଥିଲେ ଯେ ଗୃହରେ ସିଆଇଏସ୍‌ଏଫ୍ ନୁହେଁ, ମାର୍ଶଲ (ସଂସର ସୁରକ୍ଷା ବାହିନୀ)ଙ୍କୁ ମୁତୟନ କରାଯାଇଥିଲା । ଏସଂପର୍କରେ ବିଭ୍ରାନ୍ତି ସୃଷ୍ଟି କରୁଥିବାରୁ ଖଡ଼ଗେଙ୍କର ସମାଲୋଚନା କରିଥିଲେ ରିଜିଜୁ ଏବଂ ଗୃହର ନେତା ଜେପି ନଡ୍ଡା । ଏସଂପର୍କରେ ଗୃହର ଉପାଧ୍ୟକ୍ଷଙ୍କୁ ଖଡ଼ଗେ ଯେଉଁ ଚିଠି ଲେଖିଥିଲେ, ତାହା ପ୍ରକାଶ କରିବାରୁ ଉପାଧ୍ୟକ୍ଷ ଏହାକୁ ନାପସନ୍ଦ କରିଥିଲେ । ସିଆଇଏସ୍‌ଏଫ୍ ପ୍ରସଙ୍ଗ ନେଇ ହଟ୍ଟଗୋଳ ଚାଲିଥିବା ବେଳେ ଖଡ଼ଗେ ପ୍ରଶ୍ନ କରିଥିଲେ, ଏ ଗୃହ ଚଳାଉଛି କିଏ? ଉପାଧ୍ୟକ୍ଷ ନା ସ୍ୱରାଷ୍ଟ୍ର ମନ୍ତ୍ରୀ ▶ପୃଷ୍ଠା-୭

### ସରିବାକୁ ବସିଲାଣି ଶ୍ରାବଣ

# ଚାଷୀଙ୍କୁ ମିଳୁନି ସାର




■ **ଭୁବନେଶ୍ୱର, ୫।୮ (ସମିସ):** ଶ୍ରାବଣ ସରିବାକୁ ବସିଲାଣି, ରାଜ୍ୟ ସରକାର ଖରିଫ ଋତୁ ପାଇଁ ଯୋଜନା ପ୍ରସ୍ତୁତ କଲେଣି; ହେଲେ ଚାଷ ପାଇଁ ଜରୁରୀ ଆବଶ୍ୟକତା ଥିବା ସାର ଏଯାଏ ମିଳିପାରୁ ନାହିଁ । ସରକାରୀ କେନ୍ଦ୍ରରେ ସାରର ଅଭାବ ଯୋଗୁଁ ଚଢ଼ା ଦରରେ ସାର କିଣୁଥିବା ଚାଷୀଙ୍କ ମନରେ ଏଥିପାଇଁ ତୀବ୍ର ଅସନ୍ତୋଷ । ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଦାନା ବାନ୍ଧୁଥିବା ମଧ୍ୟ ଦେଖାଯାଇଛି ।

ଚଳିତ ବର୍ଷ ଖରିଫ ଚାଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟକୁ ଏବେ ସୁଦ୍ଧା ପାଖାପାଖି ୮ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ରରୁ ମିଳିସାରିଛି । ଆଗକୁ ଆଉ ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍ ଆସିବ ବୋଲି କୁହାଯାଉଛି । ପୂର୍ବରୁ ରବି ବେଳର ବଳକା ୪ ଲକ୍ଷ ମେଟ୍ରିକ୍ ଟନ୍ ବିଭିନ୍ନ ଜିଲ୍ଲାରେ ରହିଛି । ମୋଟ ସାରରୁ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ବିକ୍ରି ଶେଷ ହୋଇଥିବା କୃଷି ବିଭାଗ କହୁଛି । ମାତ୍ର ସରକାରୀ ପରିସଂଖ୍ୟାନ ଓ ଚାଷୀଙ୍କ ଚାହିଦାକୁ ଦେଖିଲେ ଉଭୟ ମଧ୍ୟରେ ଆକାଶପାତାଳ ଫରକ । ସର୍ବାଧିକ ଚାହିଦା ଥିବା କଂପ୍ଲେକ୍ସ ସାର ଚାଷୀଙ୍କୁ ସରକାରୀ ଖୁଚୁରା ଓ ପାଇକାରୀ ବିକ୍ରେତା କେନ୍ଦ୍ରରେ ମିଳୁନି । ସେହି ସାର ଲୋକମାନେ ବାହାରୁ ଉଚ୍ଚା ଦାମ୍‌ରେ କିଣୁଛନ୍ତି । ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ରିହାତି ଦରରେ ସାର ମିଳୁନଥିବାବେଳେ ବାହାରେ ବ୍ୟବସାୟୀମାନେ ଚଢ଼ା ଦରରେ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏପରିକି ଏ ସଂକ୍ରାନ୍ତରେ ବ୍ଲକ୍ କୃଷି ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନି ।

ଚାଷର ପ୍ରାରମ୍ଭିକ ପର୍ଯ୍ୟାୟରେ କଂପ୍ଲେକ୍ସ ସାରର ସର୍ବାଧିକ ଚାହିଦା ରହିଥାଏ । ଏବେ ଲୋକମାନେ ରୁଆ ବେଉଷଣ ଶେଷ କରିଥିବାବେଳେ ସାର ନ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କେବେ ଆସିବ ବୋଲି ପଚାରିଲେ ବି କୌଣସି ସଠିକ ଉତ୍ତର ମିଳୁନି । ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ମାତ୍ରାଧିକ ସାର କଳାବଜାରୀ ▶ପୃଷ୍ଠା-୭

# ଏବିଭିପି-ବିଜେପି ଯୁବମୋର୍ଚ୍ଚା ପିଟାପିଟି

■ **ଭୁବନେଶ୍ୱର, ୫।୮ (ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରରେ ଆଜି ବିଜେପି ଯୁବମୋର୍ଚ୍ଚା ଏବଂ ଏବିଭିପି ନେତାମାନଙ୍କ ମଧ୍ୟରେ ମାରପିଟ୍ ଯୋଗୁଁ ଉତ୍ତେଜନା ସୃଷ୍ଟି ହୋଇଛି । ମାରପିଟ୍‌ରେ ଦୁଇ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ବିଜେପିର ଏହି ଦୁଇ ଛାତ୍ର ଓ ଯୁବ ମୋର୍ଚ୍ଚା ନେତାଙ୍କ ଏଭଳି ଗୋଷ୍ଠୀ ଗନ୍ଦଳ ପରିସ୍ଥିତିକୁ ଅଶାନ୍ତ କରିଦେଇଛି । ଉଭୟ ଗୋଷ୍ଠୀ ଥାନାର ଦ୍ୱାରସ୍ଥ ହେବା ସମୟରେ ମଧ୍ୟ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି ।

ନିର୍ବାଚନ ପୂର୍ବରୁ କ୍ୟାମ୍ପସ ମଧ୍ୟକୁ ଏକାଧିକ ଅଣଛାତ୍ର ଏବଂ ଅପରାଧୀ ପଶି ଆସିଛନ୍ତି । ଏପରିକି ସେମାନେ ହଷ୍ଟେଲ ଭିତରେ ରୁମ୍ କବ୍‌ଜା କରି ରହିଛନ୍ତି । ତେଣୁ ସେମାନଙ୍କୁ କ୍ୟାମ୍ପସ ଭିତରୁ ବିଦା କରିବା ପାଇଁ ହେମନ୍ତ ହାଁସଦା ଏବଂ ରାଜକୁମାର ପରିଡ଼ାଙ୍କ ନେତୃତ୍ୱରେ ଏକାଧିକ ବିଜେପି ଯୁବମୋର୍ଚ୍ଚା କର୍ମକର୍ତ୍ତା ଆଜି ଦିନରେ ଭିସିଙ୍କୁ ଭେଟି ଦାବିପତ୍ର ଦେଇଥିଲେ । କିନ୍ତୁ ଏବିଭିପିର କିଛି ନେତା ସେଠାରେ ପହଞ୍ଚି ଏହାର ବିରୋଧ କରିଥିଲେ । ଏବିଭିପି ରାଜ୍ୟ ବିଶ୍ୱବିଦ୍ୟାଳୟ ସଂଯୋଜକ ବାସୁଦେବ ପାଣିଗ୍ରାହୀ କହିଥିଲେ ଯେ ବାଣୀବିହାରରେ କେହି ଅଣଛାତ୍ର କି ଅପରାଧୀ ନୁହନ୍ତି ।

### ଉଭୟ ଗୋଷ୍ଠୀର ଥାନା ଘେରାଉ

### ବାଣୀବିହାରରେ ଉତ୍ତେଜନା

ଏଠାରେ ପରିସ୍ଥିତିକୁ ଅଶାନ୍ତ କରିବା ଲାଗି ଅମୂଳକ ଅଭିଯୋଗ କରାଯାଉଛି । ଏହାକୁ ନେଇ ଏବିଭିପି ଓ ଯୁବ ମୋର୍ଚ୍ଚା ନେତା ମୁହାଁମୁହିଁ ହୋଇଥିଲେ । ତେବେ କୁଳପତି (ଭିସି) ସେମାନଙ୍କୁ ବୁଝାସୁଝା କରି ବିଦା କରିଥିଲେ । ହେଲେ ଆଜି ସନ୍ଧ୍ୟାରେ ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ପୁଣି ମୁହାଁମୁହିଁ ▶ପୃଷ୍ଠା-୭

# ଟିଏମ୍‌ସିରେ କଲ୍ୟାଣ-ମହୁଆ କଳି

### ମୁଖ୍ୟ ସଚେତକ ପଦ ଛାଡ଼ିଲେ କଲ୍ୟାଣ ବାନାର୍ଜୀ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଆସନ୍ତା ବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସରେ ଦେଖାଦେଇଛି ବଡ଼ ଧରଣର ଅଶାନ୍ତି । କେତେକ ନେତାଙ୍କୁ ନେଇ ଦଳ ଭିତରେ ବିଶୃଙ୍ଖଳା ବଢ଼ିବାରେ ଲାଗିଛି । ବିଶେଷ କରି କଲ୍ୟାଣ ବାନାର୍ଜୀ-ମହୁଆ ମୈତ୍ର କଳିକୁ ନେଇ ଦଳ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛି । ତେଣୁ ବିଶୃଙ୍ଖଳା ସୃଷ୍ଟି କରୁଥିବା ନେତାମାନଙ୍କୁ ସାବାଡ଼ କରିବାକୁ ଯାଇ ମମତା ବାନାର୍ଜୀ ସାଂଗଠନିକ ସ୍ତରରେ ବଡ଼ ଧରଣର ଅଦଳବଦଳ ଆରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ କଲ୍ୟାଣ ବାନାର୍ଜୀଙ୍କୁ ଲୋକସଭାରେ ଦଳର ମୁଖ୍ୟ ସଚେତକ ପଦରୁ ହଟାଇ ଦିଆଯାଇଛି । ତାଙ୍କ ସ୍ଥାନରେ କାକୋଲି ଘୋଷଙ୍କୁ ମୁଖ୍ୟ ସଚେତକ କରାଯାଇଛି । ସେହିଭଳି ମମତା ତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଲୋକସଭାରେ ସଂସଦୀୟ ଦଳର ନେତା ନିଯୁକ୍ତ କରିଛନ୍ତି । ଦୀର୍ଘ ଦିନ ▶ପୃଷ୍ଠା-୭

କାକୋଲି ଘୋଷ ଲୋକସଭାରେ ଦଳର ମୁଖ୍ୟ ସଚେତକ

ଅଭିଷେକ ବାନାର୍ଜୀଙ୍କୁ ମିଳିଲା ଗୁରୁଦାୟିତ୍ୱ

### ସୁଭଦ୍ରା ପ୍ରହେଳିକା

# ବର୍ଷକରେ କୋଟିପତି ହେବେ ଲକ୍ଷପତି ଦିଦି!

## ପ୍ରଥମେ ଲକ୍ଷପତି ଦିଦିଙ୍କ ତାଲିକା ସାର୍ବଜନୀନ କରନ୍ତୁ ସରକାର: ବିରୋଧୀ

■ **ଭୁବନେଶ୍ୱର, ୫।୮ (ସମିସ):** ସୁଭଦ୍ରା ଯୋଜନାରେ ସରକାର ୨ ବର୍ଷରେ ୫୦ ହଜାର ଦେବାକୁ ଘୋଷଣା କରି ବର୍ଷକୁ ୧୦ ହଜାର ଟଙ୍କା ଦେଉଛନ୍ତି । ଏହି ୧୦ ହଜାର ଟଙ୍କା ସହାୟତାରେ ବର୍ଷକ ମଧ୍ୟରେ ରାଜ୍ୟରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ବୋଲି ରାଜ୍ୟ ସରକାର ଘୋଷଣା କରି ନିଜ ପିଠି ନିଜେ ଥାପୁଡ଼ାଉଛନ୍ତି । ଏପରି ସମୟରେ 'ଲକ୍ଷପତି ଦିଦି'ଙ୍କୁ ବର୍ଷକ ମଧ୍ୟରେ କୋଟିପତି କରିବାକୁ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶମନ୍ତ୍ରୀ ପ୍ରଭାତୀ ପରିଡ଼ା । ଯାହାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି ଓ ବିରୋଧୀ ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ଲକ୍ଷପତି ଦିଦିଙ୍କୁ କୋଟିପତି କରିବା ପୂର୍ବରୁ ପ୍ରଥମେ ଯେଉଁମାନେ ବର୍ଷକ ମଧ୍ୟରେ ୧୦ ହଜାର ଟଙ୍କା ନେଇ ଲକ୍ଷପତି ପାଲଟିଛନ୍ତି ସେମାନଙ୍କ ତାଲିକା ସରକାର ଘୋଷଣା କରନ୍ତୁ ଓ କେଉଁ ଫର୍ମୁଲାରେ ସେମାନେ ବର୍ଷକ ମଧ୍ୟରେ ୧୦ଗୁଣ ଲାଭ କରି ଲକ୍ଷପତି ହେଲେ ତାହାକୁ ସରକାର ସାର୍ବଜନୀନ କଲେ ଅନ୍ୟମାନେ ଉପକୃତ ହୋଇ ପାରିବେ ବୋଲି ବିରୋଧୀ କଟାକ୍ଷ କରିଛନ୍ତି ।

ରାଜ୍ୟ ସରକାରଙ୍କ ଲକ୍ଷପତି ଦିଦି ସୃଷ୍ଟି ଦାବି ଓ ଏହାର ବାସ୍ତବତାକୁ ନେଇ ରାଜନୈତିକ ଦଳଠାରୁ ବୁଦ୍ଧିଜୀବୀ ମହଲ ଯାଏଁ ସନ୍ଦେହ ପ୍ରକାଶ କରି ଆସୁଛନ୍ତି । ସେମାନଙ୍କ ଯୁକ୍ତି ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ମିଶନ ଶକ୍ତି ବ୍ୟୟ ବରାଦ ପାଇଁ ଅର୍ଥ କମାଇ ଦେଲେ । ସେହିପରି ସୁଭଦ୍ରା ଯୋଜନାରେ ମହିଳାଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା, ଅର୍ଥାତ୍ ମାସିକ ମାତ୍ର ୮୩୩ ଟଙ୍କା ମିଳୁଛି । ଏତକ ଟଙ୍କାରେ କେମିତି ଜଣେ ଲକ୍ଷପତି ଦିଦି ହୋଇପାରିବ, ତାହା ସାଧାରଣ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି । ବିଗତ ଏକବର୍ଷ ମଧ୍ୟରେ କେବଳ ସୁଭଦ୍ରାକୁ ଛାଡ଼ିଦେଲେ ମହିଳାଙ୍କ ଉନ୍ନତି ତଥା ଉତ୍ଥାନ ପାଇଁ ସରକାର ସେମିତି କୌଣସି ଆଖିଦୃଶିଆ ଯୋଜନା ହାତକୁ ନେଇନାହାନ୍ତି । ପୁରୁଣା କେତେକ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ବନ୍ଦ କରି ଦେଇଛନ୍ତି । ସୁଭଦ୍ରାରେ ଏଯାବତ୍ ୨ଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ୧୦ ହଜାର ଟଙ୍କାକୁ ଉପଯୋଗ କରି କେମିତି ଓ କେଉଁ ଉପାୟରେ ବର୍ଷକ ମଧ୍ୟରେ ୧୬ ଲକ୍ଷ ୪୦ ହଜାର ଲକ୍ଷପତି ହେଲେ ସରକାର ସେ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରନ୍ତୁ ଓ ସେମାନଙ୍କ ସୂଚୀ ସାର୍ବଜନୀନ କରନ୍ତୁ । ତେବେ ▶ପୃଷ୍ଠା-୭

### ବାସୁଦେବପୁର ବ୍ଲକରେ ବଢି ଚାଲିଛି ଦୁର୍ନୀତି

# ଆବାସ ଘର ଦେଖାଇ କମ୍ୟୁନିଟି ସେଣ୍ଟର ନାଁରେ ଉଠିଛି ଟଙ୍କା

ବାସୁଦେବପୁର,୫।୮ (ସମିସ)

ବାସୁଦେବପୁର ବ୍ଲକରେ ଦୁର୍ନୀତି ବଢିବାରେ ଲାଗିଛି। ଏହି ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତର ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘରକୁ ଦେଖାଇ କମ୍ୟୁନିଟ୍ ସେଣ୍ଟର ନାଁରେ ଫଲ୍ସ ବିଲ୍ କରାଯାଇ ଲକ୍ଷ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଗୋଟିଏ ଘର ଦେଖାଇ ୨ ଥର ବିଲ୍ କରି ଅର୍ଥ ହଡପ୍ କରାଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଭିଯୋଗ ହୋଇଛି। ବ୍ଲକରେ ବାରମ୍ବାର ଦୁର୍ନୀତି ହେଉଥିବାବେଳେ ଉପରିସ୍ଥ ଅଧିକାରୀମାନେ ନିରବଦ୍ରଷ୍ଟା ସାଜୁଥିବା ଅଭିଯୋଗ ହୋଇଛି। ବାସୁଦେବପୁର ବ୍ଲକର କେଉଁଠି ଆବାସ, ମୋ ପୋଖରୀ ଯୋଜନା, ରାସନ, ଦାନା ବାତ୍ୟା ଅର୍ଥରେ ଦୁର୍ନୀତି ହୋଇଥିବାବେଳେ ଏବେ ଆଉ ଏକ ଭିନ୍ନ ଦୁର୍ନୀତି ସାମନାକୁ ଆସିଛି। ଅରଣ୍ଡୁଆ ପଞ୍ଚାୟତର ତମ୍ବାଖଣ୍ଡି ଗ୍ରାମରେ ଏହି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମରେ ଗୋଟିଏ ଘରକୁ ଦେଖାଇ ଆବାସ ଯୋଜନାର ଅର୍ଥ ହଡ଼ପ କରାଯାଇଥିବାବେଳେ ସେହି ଘର କାନ୍ଥରେ କମ୍ୟୁନିଟି ସେଣ୍ଟର ଲେଖାଯାଇ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶଯେ, ତମାଖଣ୍ଡି ଗ୍ରାମର ଶାଶ୍ୱତୀ ପଣ୍ଡା ୨୦୨୨-୨୩ ମସିହାରେ ଏକ ଆବାସ ଘର ପଇଥିଲେ। ସେ ଆବସ ଘର ନିଜ ଜମିରେ କରି ସରକାରଙ୍କଠାରୁ ପ୍ରାପ୍ୟ



### ଗୋଟିଏ ଘର ଦେଖାଇ ଦୁଇ ଥର ବିଲ୍ କରି ଅର୍ଥ ହଡପ

ଅନୁଯାଇ ଅର୍ଥ ଉଠାଇଥିଲେ। ହେଲେ ଏବେ ସେହି ଗ୍ରାମର କେତେକ ଲୋକେ ନିଜ ଗ୍ରାମର ଥିବା ଠାକୁରାଣୀଙ୍କ ନାମରେ ଏକ କମ୍ୟୁନିଟି ସେଣ୍ଟର ପାଇଁ ଆବେଦନ କରିବାକୁ ଯାଇଥିବାବେଳେ ସେଠାରେ ଏକ କମ୍ୟୁନିଟି ସେଣ୍ଟର ହୋଇଥିବା ଅନଲାଇନରେ ଜଣାପଡିଥିଲା। ପରେ ଗ୍ରାମବାସୀ ସମସ୍ତ ତଥ୍ୟ ଅଟିଆଇରେ ମାଗିଥିଲେ। ହସ୍ତଗତ ତଥ୍ୟରେ ଶ୍ରୀମତୀ ପଣ୍ଡାଙ୍କ ନାମରେ ହୋଇଥିବା ଆବାସ ଘରଟି ଦେଖଇ କମ୍ୟୁନିଟି ସେଣ୍ଟର ଅର୍ଥକୁ ହଡ଼ପ କରାଯାଇଛି। ଗତ ୨୦୨୪ ଅପ୍ରେଲ ୯ ତାରିଖରେ ଏକ କମ୍ୟୁନିଟି ସେଣ୍ଟର ପାଇଁ ଅର୍ଥ ବାରଦ କରାଯାଇଥିଲା। ଅଟକଳ ମୂଲ୍ୟ ୧ ଲକ୍ଷ ୨୬ ହଜର ୮୨୪ ଟଙ୍କା ଥିଲା। ଏହି କମ୍ୟୁନିଟିକୁ ସେଣ୍ଟରକୁ ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅରଣ୍ଡୁଆ ସରପଞ୍ଚ ମିଳିତ ଭାବେ କରିଥିଲେ। ସେହି ଆବାସ ଘର କାନ୍ଥରେ ଚୂନ ମାରି କମ୍ୟୁନିଟି ସେଣ୍ଟରର ଫଳକ ଲେଖି ସମସ୍ତ ଅର୍ଥକୁ ହଡ଼ପ କରିଥିବା ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୋଟିଏ ଘର ଦେଖାଇ ୨ଥର ବିଲ୍ ହଡପ ଅଭିଯୋଗ ଘଟଣାରେ ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧିରାୟ ଉକ୍ତ ସ୍ଥାନରେ ତଦନ୍ତ କରି ଫେରିଛନ୍ତି। ହେଲେ ଉକ୍ତ ଜମିର ମାଲିକଙ୍କ ପୁଅ ସେ ଏ ବିଷୟରେ କିଛି ଜାଣିନଥିବା ଓ ଏହି କମ୍ୟୁନିଟି ଘର ପାଇଁ ଅର୍ଥ ମୋ ପାଖକୁ ଆସିନାହିଁ ବୋଲି କହିଛନ୍ତି । ହେଲେ ଉକ୍ତ ଜମିର ମାଲିକଙ୍କ ସେ କାନ୍ଥରେ ଲେଖାଯାଇବା ଫଳକକୁ ଲିଭାଇ ଦିଆଯିବ ବୋଲି କହିଛନ୍ତି । ଅନ୍ୟପକ୍ଷରେ ବିଡିଓ ତନ୍ମିତା କର ତଦନ୍ତ ପରେ ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦିଆଯିବ ବୋଲି କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ସଂପୃକ୍ତ ପଂଚାୟତର ଜୁନିଅର ଇଂଜିନିୟର ସନ୍ତୋଷ ପତି କିପରି ସେହି ଘରକୁ ଦେଖାଇ ଅନ୍‌ଲାଇନ କଲେ, ପଂଚାୟତ କର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକର ସହକାରୀ ଯନ୍ତ୍ରୀ କିପରି ଉକ୍ତ ଘର ଦେଖି ବିଲ୍ କଲେ ସେ ନେଇ ସନ୍ଦେହ ସୃଷ୍ଟି କରିଛି। ଏହି ଘଟଣାରେ ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଏକ ବଡଧରଣର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ଭଦ୍ରକ ଏଆରସିଏସ୍‌ଙ୍କ ବଦଳି ପାଲା

## ଶନିବାର ବଦଳି; ମଙ୍ଗଳବାର ବାତିଲ

ଭଣ୍ଡାରିପୋଖରୀ,୫।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ପଦବୀରେ ଅବସ୍ଥାପିତ ଥିବା ଅଜୟ କୁମାର ବେହେରାଙ୍କୁ ଗତ ୨ ତାରିଖ ଶନିବାର ଭଦ୍ରକ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୬୦୩ ଅନୁଯାୟୀ ଦାଇତ୍ୱରୁ ଅନ୍ତର କଲେ। ସରସଦା ପରିଚାଳନା ବୋର୍ଡ ପ୍ରସ୍ତାବ ଅନୁଯାୟୀ ଏହି ପଦକ୍ଷେପ ଗ୍ରହଣ କରାଗଲା ବୋଲି ସଂପୃକ୍ତ ଆଦେଶରେ କାରଣ ଦର୍ଶାଗଲା। ସରସଦା ପାକ୍ସର ଆକାଉଣ୍ଟାଣ୍ଟ ବିରଞ୍ଚିନାରାୟଣ ରାଉତଙ୍କୁ ନୂତନ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଏଥିରେ ଆଦେଶ ହୋଇଥିଲା। ସୋମବାର ବିରଞ୍ଚି ନାରାୟଣ ରାଉତ କାର୍ଯ୍ୟରେ ଯୋଗଦେଲେ। ମାତ୍ର ଏଭଳି ଆଦେଶ ବେଆଇନ ଦର୍ଶାଇ ଗିରିଶ ସାମଲ, ସୁରେଶ ସାମଲ, ରାମଚନ୍ଦ୍ର ସେନାପତି, ବାବାଜି ଜେନା, ନିହାର ଦାସ ପ୍ରମୁଖ ପ୍ରତିବାଦ କରିଛନ୍ତି। ପରିଚାଳନା ପରିଷଦ ବୈଠକ ଗଠନ ଆରମ୍ଭରୁ ଅନୁଷ୍ଠିତ ହୋଇନଥିବା ବେଳେ ସମ୍ପାଦକ ବଦଳି ପାଇଁ ପ୍ରସ୍ତାବ କିପରି ଗଲା ତାହାକୁ ନେଇ ଆପତ୍ତି ହୋଇଥିଲା ବୋଲି ଏ.ଆର.ସି.ଏସ. ସୂଚନା ଦେଇଥିଲେ। ଏହି ଆଧାରରେ ଭଦ୍ରକ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୬୨୨ ଅନୁଯାୟୀ ପୂର୍ବ ଆଦେଶକୁ ମଙ୍ଗଳବାର ବାତିଲ କରାଯାଇଥିବା ଜଣାଯାଇଛି।

## ବାଇକ୍‌ରୁ ତେଲ ଚୋରି ଉଦ୍ୟମ




ବାରିକପୁର,୫।୮ (ସମିସ): ଭଣ୍ଡାରିପୋଖରୀ ଥାନା ମାଳଦା ନିକଟ ଜଳହରି ବଜାରଠାରେ ଏକ ବାଇକରୁ ତେଲ ଚୋରି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଆଜି ଅପରାହ୍ନରେ ବଜାରଠାରେ ଥିବା ଜୈନିକ ବ୍ୟବସାୟୀ ହାଟରୁ ଆସି ଦୋକାନରେ ସଉଦା ରଖି ଘରକୁ ଯିବା ପାଇଁ ବାହାରିଥିଲେ। ଏହି ସମୟରେ ନିକଟସ୍ଥ ଗ୍ରାମର ୩ ଜଣ ଯୁବକ ଥଣ୍ଡା ପାନୀୟ ପାଇଁ ଦୋକାନୀକୁ କହିଥିଲେ। ଦୋକାନ ବନ୍ଦ କରି ସେ ଘରକୁ ଯାଉଥିବା ବେଳେ ଏବେ ଖୋଲା ହେବନାହିଁ ବୋଲି ବ୍ୟବସାୟୀ ଜଣଙ୍କ କହିଥିଲେ। ଏଥିରେ ଯୁବକମାନେ ରାଗିଯାଇ ବାହାରେ ଥିବା ବ୍ୟବସାୟୀଙ୍କ ବାଇକରୁ ତେଲ ଖୋଲିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଘରକୁ ଯାଇଥିବା ବ୍ୟବସାୟୀ ଜଣକ ସଙ୍ଗେ ସଙ୍ଗେ କୌଣସି କାରଣରୁ ଦୋକାନ ପାଖକୁ ଫେରି ଦେଖନ୍ତି ତ ଯୁବକମାନେ ତାଙ୍କ ବାଇକରୁ ତେଲ ଖୋଲୁଛନ୍ତି। ଦୋକାନୀଙ୍କୁ ଦେଖି ୨ଜଣ ଯୁବକ ଚମ୍ପଟ ମାରିଥିଲେ। ଦୋକାନ ଘର ସଟର ମଧ୍ୟ ଖୋଲା ହୋଇଥିବା ଦେଖା ଯାଇଥିଲା। ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମା ଦେଇଥିଲେ। ପୁଲିସ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ରାତିଅଧିଆ ୨୧ କମ୍ୟୁନିଟି ହେଲ୍‌ଥ ଅଫିସରଙ୍କ ବଦଳି

ଭଦ୍ରକ,୫।୮(ସମିସ): ଭଦ୍ରକରେ ସ୍ଥାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟଭାର ଗ୍ରହଣ କରିବାର ପୂର୍ବରୁ ରାତିଅଧିଆ ୨୧ଜଣ କମ୍ୟୁନିଟି ହେଲଥ୍ ଅଫିସର(ନର୍ସ)ଙ୍କୁ ବଦଳି କରାଯିବା ଚର୍ଚ୍ଚାର ବିଷୟ ହୋଇଛି। ଭଦ୍ରକରେ ଖାଲି ପଡିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପଦଟି ଗତ ୧ ତାରିଖ ପୂରଣ ହୋଇଥିଲା। ତେବେ, ଏହି ପଦରେ ଡାକ୍ତର ଉମାପ୍ରସାଦ ବିଶ୍ୱାଳ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ଏହି କାର୍ଯ୍ୟାଳୟର ଜଣେ ବରିଷ୍ଠ କିରାଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କମ୍ୟୁନିଟି ହେଲଥ୍ ଅଫିସରଙ୍କୁ ରାତିଅଧିଆ ତରବରିଆ ଭାବେ ଅଦଳ ବଦଳ କରିଥିଲେ; ଯାହା କି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ କିରାଣିଙ୍କ ଅଗୋଚରରେ କରାଯାଇଛି। ସେ ଏହି ଟ୍ରାନ୍ସଫର ଓ ପୋଷ୍ଟିଂ କାର୍ଯ୍ୟ ତୁଲାଇବାକୁ ବିଭାଗୀୟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ତାଙ୍କ ଅଗୋଚରରେ କିଭଳି ରାତିଅଧିଆ ବଦଳି ହେଲା ସ୍ୱତଃ ସନ୍ଦେହ ସୃଷ୍ଟି ହୋଇଛି। ଏହି ୨୧ଜଣଙ୍କ ବଦଳିରେ ମୋଟା ଅଙ୍କର କାରବାର ହୋଇଥିବା କଥା ଆଲୋଚନା ହେଉଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ମୁଖ୍ୟ କିରଣି ଦୟାନିଧି ଦାସଙ୍କୁ ପଚାରିବାରୁ ୨୧ଜଣଙ୍କ ବଦଳି ହୋଇଥିବା ସତ, ହେଲେ ତାଙ୍କ ଅଗୋଚରରେ ହୋଇଥିବା ସୂଚନା ଦେଇଛନ୍ତି। ଜଣେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟଭାର ଗ୍ରହଣ କରିବା ଅଳ୍ପ ଘଣ୍ଟା ଆଗରୁ କାହିଁକି ବେଆଇନ୍ ଭାବେ ୨୧ଜଣ କମ୍ୟୁନିଟି ହେଲଥ୍ ଅଫିସରଙ୍କୁ ରାତିଅଧିଆ ବଦଳି କରାଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି।

## ରମ୍ବିଳାରେ 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ



ଭଦ୍ରକ,୫।୮ (ସମିସ): ମଙ୍ଗଳବାର ଭଦ୍ରକ ତହସିଲ ଅଧୀନ ରମ୍ବିଳା ଗ୍ରାମ ପଞ୍ଚାୟତରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ତହସିଲର ପ୍ରଶିକ୍ଷଣ ରିଜର୍ଭ ଅଫିସର ମିତାରାଣୀ ବାରିକ, ରାଜସ୍ୱ ପରିଦର୍ଶକ ଦ୍ୱୟ-ଜ୍ୟୋତିରଂଜନ ପଣ୍ଡା, ବିକାଶ କୁମାର ଦାସ, ରମ୍ବିଳା ସରପଞ୍ଚ ଗଣେଶ ପଣ୍ଡା ଓ ରମ୍ବିଳା ରାଜସ୍ୱ ନିରୀକ୍ଷକ ଗୌତମ ମଲ୍ଲିକଙ୍କ ସମେତ ରମ୍ବିଳା ତଥା ଆଖପାଖ ଅଞ୍ଚଳର ଗ୍ରାମବାସୀ, କୃଷକ ସାଥୀ ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ। ସମ୍ପ୍ରତି ସରକାରଙ୍କ ତରଫରୁ ପ୍ରାଧାନ୍ୟ ଦିଆଯାଉଥିବା ପଟ୍ଟାର ଦୁଇ ଖାନାରେ ମୃତ୍ୟୁ ଆସାମୀଙ୍କ ନାମକୁ ସଂଶୋଧନ ପାଇଁ ପୂର୍ବରୁ ଗ୍ରହଣ କରାଯାଇଥିବା ସଂଶୋଧିତ ନୂତନ ପଟ୍ଟା ତାଙ୍କର ଉତ୍ତରାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ମୃତ୍ୟୁ ପଟ୍ଟା ଆସାମୀଙ୍କ ନାମରେ ଥିବା ପଟ୍ଟା ସଂଶୋଧନ କରିବା ନିମନ୍ତେ ମଧ୍ୟ ନୂତନ ଦରଖାସ୍ତ ଗ୍ରାମବାସୀଙ୍କ ନିକଟରୁ ଗ୍ରହଣ କରାଯାଇଥିଲା। ଏଥିସହିତ ଶ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କ ବିଭିନ୍ନ ପ୍ରକାରର ରାଜସ୍ୱ ସମସ୍ୟାର ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଏଥିସହ ରମ୍ବିଳା ପଞ୍ଚାୟତବାସୀଙ୍କୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଲା ସରକାରୀ କର୍ମଚାରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଅନ୍ତର ବା ବ୍ୟବଧାନକୁ ଦୂର କରିବା ଏବଂ ତହସିଲ ସ୍ତରରେ ସମସ୍ତ ପ୍ରକାର ରାଜସ୍ୱ ସେବା ସ୍ୱଚ୍ଛତା ଓ ସେବା ମନବୃତ୍ତି ରଖି ଯୋଗାଇ ଦିଆଯାଉଛି ବୋଲି ଜନସାଧାରଣଙ୍କୁ ସଚେତନ କରିବା। କୌଣସି ରାଜସ୍ୱ ସେବା ପାଇବା ପାଇଁ ତହସିଲଦାର, ରାଜସ୍ୱ ନିରୀକ୍ଷକ ବା ଅନ୍ୟ କୌଣସି ତହସିଲ କର୍ମଚାରୀଙ୍କ ନାମ ନେଇ ମଧ୍ୟସ୍ଥିତା କାରବାର କରୁଥିବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ମାଗୁଥାନ୍ତି, ତେବେ ଏହା ବିଷୟରେ ସଂପୃକ୍ତ ଅଧିକାରୀଙ୍କୁ ଜଣାଇବେ। କାର୍ଯ୍ୟକ୍ରମରେ ୯ ଜଣ ଆବେଦନକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୭୦ଜଣ ଭୂମିହୀନ ଆଜି ବସୁନ୍ଧରା ଯୋଜନା ଲାଗି ଆବେଦନ କରିଥିଲେ। ଏହାର ଯାଞ୍ଚ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ସୂଚନା ଦେଇଥିଲେ। ଏହିପରି କାର୍ଯ୍ୟକ୍ରମ ହେଲେ ଜନସାଧାରଣଙ୍କ ବିଭିନ୍ନ ପ୍ରକାରର ରାଜସ୍ୱ ସମସ୍ୟା ସମାଧାନ ହେବା ସହ କାର୍ଯ୍ୟକ୍ରମର ଗୁରୁତ୍ୱ ବହନ ହୋଇପରିବ ବୋଲି ସରପଞ୍ଚ ଗଣେଶ ପଣ୍ଡା ପ୍ରକାଶ କରୁଥିଲେ।

## ନିର୍ମାଣକୁ ୫ ବର୍ଷ ବିତିଲା; କାର୍ଯ୍ୟକ୍ଷମ ହେଲାନି କୋର୍ଟ

ବନ୍ତ/ଆଗରପଡ଼ା,୫।୮ (ସମିସ): ନ୍ୟାୟପାଳିକାକୁ ଅଧିକ କ୍ରିୟାଶୀଳ କରାଇବା ଉଦ୍ଦେଶ୍ୟରେ ପ୍ରତି ତହସିଲ ଅଧୀନରେ ଗୋଟିଏ ଲେଖାଏଁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ତଥା କନିଷ୍ଠ ଦେୱାନୀ ଅଦାଲତ ପ୍ରତିଷ୍ଠା କରିବାର ଯୋଜନା ହୋଇଛି। ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରତି ତହସିଲ ଅଧୀନରେ ଏପରି କୋର୍ଟ ଖୋଲିଛି। ବନ୍ତ ଏକ ସମସ୍ୟା ବହୁଳ

### ପାଚେରି ନିର୍ମାଣରେ ସୀମିତ



ଅଞ୍ଚଳ ହୋଇଥିବାରୁ ଏହାକୁ ଉପଲବ୍ଧି କରି ବନ୍ତ କଲ୍ୟାଣ ମଣ୍ଡପରେ ଅସ୍ଥାୟୀ ଭାବେ କୋର୍ଟକୁ କାର୍ଯ୍ୟକ୍ଷମ କରିବାକୁ ସ୍ଥିର ହୋଇଥିଲା। ସବୁ ପ୍ରକାର ବ୍ୟବସ୍ଥା ହୋଇଥିଲେ ମଧ୍ୟ ବନ୍ତରେ ଏ ଯାଏ କୋର୍ଟ କାର୍ଯ୍ୟକ୍ଷମ ହୋଇନି। ୫ବର୍ଷ ହେବ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ କୋର୍ଟ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନି। ଉକ୍ତ ପ୍ରସଙ୍ଗକୁ ନେଇ ଗତ ଡ଼ିସେମ୍ବର ମାସରେ ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ ବିଧାନସଭାରେ ପ୍ରଶ୍ନ ମଧ୍ୟ ଉଠାଇବା ସହ ଏହାର କାର୍ଯ୍ୟକ୍ଷମକୁ ନେଇ ସେ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ଚାହିଁଥିଲେ । କିନ୍ତୁ ଏହାର କିଛି ସୁଫଳ ବନ୍ତବାସୀ ଆଜି ପର୍ଯ୍ୟନ୍ତ ପାଇପାରିନାହାନ୍ତି। ପ୍ରକାଶ ଥାଉକି; ବନ୍ତ ବ୍ଲକ ୨୦୮ଟି ରେଭିନ୍ୟୁ ଗ୍ରାମ ଓ ୨୫ଟି ପଂଚାୟତର ଦୁଇ ଲକ୍ଷ ବିଶିଷ୍ଟ ଜନସଂଖ୍ୟାକୁ ନେଇ ଗଠିତ। ଏହାର ଗୁରୁତ୍ୱକୁ ନେଇ ଉକ୍ତ ସ୍ଥାନରେ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ଓକିଲ ସଂଘ, ସର୍ବସାଧାରଣ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ ପରେ ଜିଲ୍ଲା ଜଜ୍‌ଙ୍କ ପକ୍ଷରୁ ବନ୍ତ କଲ୍ୟାଣ ମଣ୍ଡପକୁ ମରାମତି କରାଯାଇ ସେଥିରେ ଅସ୍ଥାୟୀ କୋର୍ଟ ପ୍ରତିଷ୍ଠା ପାଇଁ ସ୍ଥିର ହୋଇଥିଲା। ଇତି ମଧ୍ୟରେ ଉକ୍ତ ଗୃହର ସମସ୍ତ କାର୍ଯ୍ୟ ଦୀର୍ଘ ୫ବର୍ଷରୁ ଅଧିକ ସମୟ ହେବ ସମ୍ପନ୍ନ ହୋଇ ରଙ୍ଗ ଦିଆସରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଲା ଝୁଲୁଛି। ଅନ୍ୟପକ୍ଷରେ ବରକୋଣାଠାରେ ଥିବା ସ୍ଥାନକୁ କୋର୍ଟ ନାମରେ ଖତିୟାନ ପ୍ରସ୍ତୁତ ସରି ପାଚେରୀ ନିର୍ମାଣ ସରିଥିଲେ ସୁଦ୍ଧା ତାହା ପାଚେରୀରେ ସୀମିତ ରହିଯାଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଅସ୍ଥାୟୀ ଭାବେ ଚାଲିବାକୁ ଥିବା କୋର୍ଟ ପରିସର ବର୍ତ୍ତମାନ ବିଭିନ୍ନ ଗୁଳ୍ମଲତାରେ ଭର୍ତ୍ତି ହୋଇଯାଇଥିବାବେଳେ ବରକୋଣା ଠାରେ ନିର୍ମିତ ପାଚେରୀ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି । ବହୁ ଦାବି ପରେ ଜିଲ୍ଲା ଜଜ ବନ୍ତ ବ୍ଲକ ପରିଦର୍ଶନରେ ଆସି ଏହି ବିଷୟରେ ହାଇକୋର୍ଟକୁ ଜଣାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉକ୍ତ ସ୍ଥାନରେ ଅସ୍ଥାୟୀ ଭାବେ ଏକ ପ୍ରଥମ ଶ୍ରେଣୀ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ବିଭିନ୍ନ ଚିହ୍ନଟ ସହ ବରକୋଣାଠାରେ ଥିବା ସ୍ଥାନକୁ ଉପଯୁକ୍ତ ସ୍ଥାନଭାବେ ଚିହ୍ନଟ କରିଥିଲେ। ତେବେ ପରେ ଅସ୍ଥାୟୀଭାବେ ବନ୍ତ କଲ୍ୟାଣ ମଣ୍ଡପକୁ ଚିହ୍ନଟ କରାଯାଇ ସେଠାରେ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ସ୍ଥିର ହୋଇଥିଲା। ସବୁ ପ୍ରକାର କାର୍ଯ୍ୟ ସରିଥିଲେ ମଧ୍ୟ ଏଠାରେ କୋର୍ଟ କାର୍ଯ୍ୟକ୍ଷମ ହୋଇପାରିନି। ଫଳରେ ବର୍ତ୍ତମାନ ପ୍ରତ୍ୟେକ ଛୋଟ ବଡ଼ ମାମଲା ପାଇଁ ଲୋକଙ୍କୁ ବହୁ ଦୂର ଭଦ୍ରକର ନଳାଙ୍ଗଠାରେ ପ୍ରତିଷ୍ଠା ହୋଇଥିବା ନୂତନ କୋର୍ଟକୁ ଯିବା ଆସିବା କରିବାକୁ ପଡୁଛି। ତେଣୁ ଯଥାଶୀଘ୍ର ଏହି କୋର୍ଟକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଭଦ୍ରକ ଲାୟନ୍ସ କ୍ଲବ୍‌ର ଅଧିଷ୍ଠାନ ଦିବସ ପାଳିତ

## ସୁରେଶ ସଭାପତି ଓ ପୂର୍ଣ୍ଣଚନ୍ଦ୍ର ସମ୍ପାଦକ



ଭଦ୍ରକ,୫।୮(ସମିସ): ଭଦ୍ରକ ଲାୟନ୍ସ କ୍ଲବର ୪୫ ତମ ଅଧିଷ୍ଠାନ ଉତ୍ସବ ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯିବା ସହ ନୂତନ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରକାଶ କୁମାର ଜେନା ପରିଚନା କରିଥିବା ବେଳେ ସଭାପତି ଗୋବିନ୍ଦ ପ୍ରସାଦ ମୋର ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜେଡ୍ .ସି ନିରଞ୍ଜନ ଲାଲ ଗୁପ୍ତା, ଆ.ର୍ସି ପ୍ରଭାତ ଧଳ, ସେକେଣ୍ଡ ଭି.ଡି.ଜି ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ, ପିଡିଜି ପ୍ରଫୁଲ୍ଲ କୁମାର ସାମଲ, ପିଡିଜି ଶରତ ଚନ୍ଦ୍ର ପ୍ରଧାନ, ମୁଖ୍ୟ ଅତିଥି ଭାବେ, ଆଇପିଡିଜି ପ୍ରଲୁବ୍ଧ ଜେନା ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ସଭ୍ୟଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ମୋରଙ୍କ ସ୍ଥାନରେ ନୂତନ ସଭାପତି ଭାବେ ସୁରେଶ ଚନ୍ଦ୍ର ମହାନ୍ତି ଦାୟିତ୍ୱ ଗ୍ରହଣ କରିଥିଲେ। ସେହିଭଳି ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ସେନ ଦାୟିତ୍ୱ ନେଇଛନ୍ତି। କୋଷାଧ୍ୟକ୍ଷ ଭାବେ ପ୍ରକାଶ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଶେଷ କରି, ଅଧିଷ୍ଠାନ ଉତ୍ସବ ପାଳନ ଓ ନୂତନ୍ ଦାୟିତ୍ୱ ଗ୍ରହଣ କରାଯିବା ସହ ଗରିବ ଓ ଅସହାୟ ମାନଙ୍କୁ ପୂର୍ବ ଭଳି କିପରି ସାହାଯ୍ୟ ସହଯୋଗ କରାଯିବ ସେନେଇ ଆଲୋଚନା ହୋଇଥିଲା। ଶେଷରେ ଭଦ୍ରକ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ସ୍ୱାଧୀନତା ଦିବସ ଉପଲକ୍ଷେ ସାଧାରଣ ଜ୍ଞାନ ଓ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା

# କନିଷ୍ଠ ଓ ବରିଷ୍ଠ ବିଭାଗରୁ ୭୦ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

ଭଦ୍ରକ,୫।୮(ସମିସ): ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଭଦ୍ରକ ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ୨ଟି ପର୍ଯ୍ୟାୟରେ ଭଦ୍ରକ ସାଳନ୍ଦୀ ନର୍ସିଂ ସ୍କୁଲ, ସାଳନ୍ଦୀ ହସ୍‌ପିଟାଲ ଓ ଭଦ୍ରକ ରୋଟାରୀ କ୍ଲବ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ସାଧାରଣ ଜ୍ଞାନ, ଦେଶାତ୍ମବୋଧକ ସଂଗୀତ ଓ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସାଳନ୍ଦୀ ନର୍ସିଂ ସ୍କୁଲ ଆନୁକୁଲ୍ୟରେ ଅନୁଷ୍ଠିତ ଲିଖିତ ସାଧାରଣ ଜ୍ଞାନ ପ୍ରତିଯୋଗୀତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ୭୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସୀତାକାନ୍ତ ଦାସ ଓ ଡାକ୍ତର ପ୍ରଭାସ କୁମାର ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ 'କ' ବିଭାଗରୁ ଜ୍ୟୋତି କନଭେଣ୍ଟ ସ୍କୁଲର ୮ମ ଶ୍ରେଣୀର ଛାତ୍ର ବିସ୍ମୟ ବିଭୋର ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭଦ୍ରକ କାର୍ମେଲ ସ୍କୁଲ ର ଅଷ୍ଟମ ଶ୍ରେଣୀର ଛାତ୍ର କ୍ରିଷ୍ଣା କେଶବ ପାଣିଗ୍ରାହୀ ୨ୟ ସ୍ଥାନ ଏବଂ ଚରମ୍ପା ଆର.ସି. ବି.ଏଲ୍ ହାଇସ୍କୁଲ ର ୮ମ ଶ୍ରେଣୀର ଛାତ୍ର ଅଂଶୁମାନ ଶୁକ୍ଳ ୩ୟ ସ୍ଥାନ ଅଧିକାର କରିଥିଲେ। ସେହପରି 'ଖ' ବିଭାଗର ସେଣ୍ଟ ଜାଭିୟର ସ୍କୁଲର ୯ମ ଶ୍ରେଣୀ ଛାତ୍ର ଶ୍ରେୟାଂଶ ମିଶ୍ର ପ୍ରଥମ, ଓଲଙ୍ଗ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ୯ମ ଶ୍ରେଣୀ



ଛାତ୍ର ଅଭିଜ୍ଞାନ ସାହୁ ୨ୟ ଏବଂ ତିହିଡି ସନ୍ଥପୁରା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ୯ମ ଶ୍ରେଣୀ ଛାତ୍ର ଶାସ୍ୱତ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୨ୟ ପର୍ଯ୍ୟାୟରେ ସାଳନ୍ଦୀ ହସ୍‌ପିଟାଲ ଆନୁକୂଲ୍ୟରେ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା ୨ଟି ବିଭାଗରେ ୬୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସଂଗୀତ ଗୁରୁ ରାମ ନାରାୟଣ ମହାନ୍ତି, ଜଗନ୍ନାଥ କର, ରମାକାନ୍ତ ଜେନା, ମନୋଜ କପଣ୍ଡା, ରମେଶ ଚନ୍ଦ୍ର ରାୟ, ବିଭୁତି ଶେଖର ପଣ୍ଡା ବିଚାରକ ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗୀତାରେ 'କ' ବିଭାଗରେ ଗିରୀଧାରୀ ପଣ୍ଡା ଉଚ୍ଚବିଦ୍ୟାପୀଠର ୮ମ ଶ୍ରେଣୀ ଛାତ୍ରୀ ପୁଷ୍ପାଞ୍ଜଳି ସାହୁ ଏବଂ ଜାଗୁଳାଇ ୟୁ.ପି. ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ର ଦିବ୍ୟଜ୍ୟୋତି ବିନ୍ଧାଣୀ ଯୁଗ୍ମ ଭାବରେ ପ୍ରଥମ ହୋଇଥିବା ବେଳେ ନୂଆବଜାର ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ବାରିକ ୨ୟ ସ୍ଥାନ ଓ ଜାଗୁଳାଇ ନୋଡ଼ାଲ ୟୁପି ସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି 'ଖ' ବିଭାଗରେ ନୂଅବଜାର ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୧୦ମ ଶ୍ରେଣୀ ଛାତ୍ରୀ ହିମାଦ୍ରୀ ତନୟା ପଣ୍ଡା ପ୍ରଥମ, ପଂଚାୟତ ସରକାରୀ ହାଇସ୍କୁଲ, ବେତଡ଼ା ନବମ ଶ୍ରେଣୀ ଛାତ୍ର ସାଇ ବିସ୍ମୟ ପାତ୍ରୀ ଦ୍ୱିତୀୟ ଏବଂ ଭଣ୍ଡାରି ପୋଖରୀ ସରକାରୀ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ମନିସା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ ୪ ତାରିଖ ରୁ ଆରମ୍ଭ କରି ୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗୀତା ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଆସୁଅଛି। ୪ତାରିଖ ଦିନ ରୋଟାରୀ କ୍ଲବ, ଭଦ୍ରକ ଆନୁକୁଲ୍ୟରେ ଦୁଇଟି ବିଭାଗରେ ବକ୍ତୃତା (ଓଡ଼ିଆ ଏବଂ ଇଂରାଜୀ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ 'କ' (ଷଷ୍ଠ, ସପ୍ତମ ଓ ଅଷ୍ଟମ) ଏବଂ 'ଖ'(ନବମ ଓ ଦଶମ) ଶ୍ରେଣୀଭୁକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ବି.ରକ ଭାବେ ସର୍ବଶ୍ରୀ ଗୋଲକ ସାହୁ, ଶଶଧର ଦାସ, ରାମଚନ୍ଦ୍ର ପଣ୍ଡା, ରାଧାରାଣୀ ମହାପାତ୍ର, ଅଟଳବିହାରୀ ନାୟକ ଓ ପ୍ରଫୁଲ୍ଲ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଆସନ୍ତା ଅଗଷ୍ଟ ୧୫ ତାରିଖରେ ଅପରାହ୍ନ ୫ଟାରେ ସହୀଦ ସ୍ମୃତି ଭବନ ଠାରେ ସ୍ୱାଧୀନତା ଦିବସ ଅବସରରେ ଅନୁଷ୍ଠିତ ଉତ୍ସବରେ ପ୍ରତିଯୋଗିତାରେ କୃତୀ ଛାତଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗର ଦାୟିତ୍ୱରେ ଥିବା ସହଯୋଗୀ ଜିଲ୍ଲପାଳ ଶ୍ରୀ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସାଳନ୍ଦୀ ହସ୍‌ପିଟାଲ, ଭଦ୍ରକର କର୍ମଚାରୀମାନେ ପ୍ରତିଯୋଗିତା ପରିଚାଳନାରେ ସମସ୍ତ ସହଯୋଗ ପ୍ରଦାନ କରିଥିଲେ।

## ଦେଶୀ ମଦ ସହ ବାଇକ୍ ଜବତ; ୩ ଗିରଫ

ବାଲୁଗାଁ,୫।୮(ସମିସ): ସମଗ୍ର ବାଣପୁର ବାଲୁଗାଁ ତଥା ଚିଲିକା ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳରେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇ ଓ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅବକାରୀ ଟିମ୍ ମଙ୍ଗଳବାର ପୂର୍ବାହ୍ଣରେ ଚଢ଼ଉ କରି ନାଚୁଣୀ ଥାନା ଅନ୍ତର୍ଗତ ଗୋରଡ଼ାଝରୀ ଓସ୍ତାପଲ୍ଲୀ ଗ୍ରାମର ପରମାନନ୍ଦ ପ୍ରଧାନ(୪୭) ଏକ ବାଇକ ଯୋଗେ ମଦ ନେଇ ଚଣ୍ଡେଶ୍ୱର ଓଭରବ୍ରିଜ ଦେଇ ଆସୁଥିବାବେଳେ ବଡ଼ପଦର ଛକ ପେଟ୍ରୋଲ ପମ୍ପ୍ ନିକଟରେ ତାଙ୍କୁ ଗିରଫ କରିଥିଲେ। ସେହିପରି ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମରେ ଚଢ଼ଉ କରି ମିଥୁନ ଦାସ (୩୭)ଙ୍କୁ ଗିରଫ କରାଯାଇଛି। ସେହିପରି ମାନସିଂହପୁର ଗ୍ରାମରେ ଚଢ଼ଉ କରି ପିନାକି ବେହେରା (୩୦)ଙ୍କୁ ଗିରଫ କରି ଦେଶୀ ମଦ ଜବତ କରିଛି ବିଭାଗ। ୩ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ସମୁଦାୟ ୫୫ ଲିଟର ଚୋରା ଦେଶୀ ମଦ ସହ ଏକ ବାଇକ୍ ଜବତ କରି ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ତିନିଟି ପୃଥକ୍ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ଉରେ ଅବକାରୀ ବିଭାଗର ଏସ୍ଆଇ ରାମଚନ୍ଦ୍ର ଜେନା, ମୀନକେତନ ମାହାଲିକ, କନେଷ୍ଟବଳ ମନୋଜ କୁମାର ଜୟସିଂ, ରଞ୍ଜିତ ପଟେଲ ଓ ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

## ଭାଉଜ ହତ୍ୟା ଘଟଣାରେ ଦିଅର ଗିରଫ

ଖୋର୍ଦ୍ଧା,୫।୮(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ଅତି ନୃଶଂସଭାବେ ଭାଉଜଙ୍କୁ ହତ୍ୟା କରିବା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମଣ ପ୍ରଧାନ ଓରଫ କାଳିଆକୁ ପୁଲିସ ଗିରଫ କରିଥିବା ଜଣାଯାଇଛି। ଏହି ଘଟଣାରେ ଏବେ ବି ଅନ୍ୟ ୬ ଜଣଙ୍କୁ ପୁଲିସ ଧରି ନ ଥିବା ଜଣାଯାଇଛି। ସୂଚନା ଅନୁସାରେ, ସଦର ଥାନା ଅନ୍ତର୍ଗତ ଅଣ୍ଡା ବନମାଳିପୁର ପରିଡ଼ାସାହିର ମନୋରମା ପ୍ରଧାନ (୫୪)ଙ୍କୁ ସୋମବାର ସନ୍ଧ୍ୟାରେ ଜାଗାବାଡ଼ିକୁ କେନ୍ଦ୍ରକରି ଦିଅର କାଳିଆ ସମେତ ରାକେଶ, ଅବିନାଶ, ରାକେଶ, ଶତ୍ରୁଘ୍ନ ପ୍ରମୁଖ ୭ଜଣ ମିଶି ଧାରୁଆ ଅସ୍ତ୍ରରେ ଅତି ନିର୍ମମଭାବେ ହତ୍ୟା କରିଥିବା ମୃତାଙ୍କ ଭାଇ ଅଭିମନ୍ୟୁ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିମନ୍ୟୁଙ୍କ ଅଭିଯୋଗ ଉପରେ ପୁଲିସ ଦଫା ୧୦୩ (୧), ୩(୫) ବିଏନ୍ଏସ୍‌ରେ ୨୩୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ଖୋର୍ଦ୍ଧା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯଦିଓ ପୁଲିସ ଜଣଙ୍କୁ ଗିରଫ କରିଛି, ତଥାପି ଅନ୍ୟ ୬ ଅଭିଯୁକ୍ତ ଏବେ ବି ବାହାରେ ବୁଲୁଥିବା ଜଣାଯାଇଛି।

## ବେଣାପଞ୍ଜରୀ ମସ୍‌ଜିଦ୍ ଛକରେ ପୁଣି ବୋମାମାଡ଼, ୩ ଆହତ

ଜଟଣୀ,୫।୮(ସମିସ): ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀରେ ମଙ୍ଗଳବାର ରାତିରେ ପୁଣି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ବୋମାମାଡ଼ ହୋଇଥିବାବେଳେ ଏଥିରେ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରୁଛି। ଘଟଣାରେ ପ୍ରକାଶ, ବେଣାପଞ୍ଜରୀ ମସ୍‌ଜିଦ୍ ଛକ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ କିଛି ଦିନ ହେଲା ବିବାଦ ଲାଗି ରହିଆସିଛି। ପୂର୍ବରୁ କୌଣସି ଏକ ଘଟଣାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିରହିଥିଲା। ଯାହାକୁ ନେଇ ଗତ ଜୁଲାଇ ୨୭ ତାରିଖ ରାତିରେ ଗୋଟିଏ ଗୋଷ୍ଠୀର ସଦସ୍ୟ ଅପରପକ୍ଷ ସଦସ୍ୟଙ୍କ ଉପରେ ବୋମାମାଡ଼ କରିଥିଲେ। ଏଥିରେ ଜଣେ ନାବାଳକ ଆହତ ହୋଇଥିଲେ। ଉକ୍ତ ଘଟଣାକୁ କେନ୍ଦ୍ରକରି ମଙ୍ଗଳବାର ଗୋଟିଏ ଗୋଷ୍ଠୀର ସଦସ୍ୟ ଏକ ବୋମାମାଡ଼ କରିଛନ୍ତି। ଏଥିରେ ଅପର ଗୋଷ୍ଠୀର ୩ ଜଣ ଆହତ ହୋଇଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିବା ସୂଚନା ମିଳିଛି। ଅନ୍ୟପଟେ ବେଣାପଞ୍ଜରୀରେ ଏହି ଦୁଇ ଗୋଷ୍ଠୀ ମଧ୍ୟରେ ବୋମାମାଡ଼ ହେଉଛି। ଘଟଣାରେ କେଉଁମାନେ ମୁଖ୍ୟ ଅଭିଯୁକ୍ତ ପୁଲିସ ଜାଣିଶୁଣି ମଧ୍ୟ ଗିରଫ କରୁନାହିଁ। ଆଗକୁ ଭୟଙ୍କର ସ୍ଥିତି ସୃଷ୍ଟି ହେବା ପୂର୍ବରୁ ପୁଲିସ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ବାଣପୁରରେ ଅତିରିକ୍ତ ଜିଲ୍ଲା ଜଜ୍ ଅଦାଲତ ପ୍ରତିଷ୍ଠାର ବିଜ୍ଞପ୍ତି ପ୍ରକାଶ

ବାଣପୁର,୫।୮(ସମିସ): ବାଣପୁରରେ ଅତିରିକ୍ତ ଜିଲ୍ଲା ଜଜ୍ ଅଦାଲତ ପ୍ରତିଷ୍ଠା ହେବା ନିମନ୍ତେ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିବାବେଳେ ସୋମବାର ଏନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବାଣପୁରରେ ଏହି ନୂତନ ଅଦାଲତ ପ୍ରତିଷ୍ଠା ହେବା ଦ୍ୱାରା ବାଣପୁର, ବାଲୁଗାଁ, ନାଚୁଣୀ ଥାନା ସମେତ ଟାଙ୍ଗୀ ଥାନାର କିଛି ଅଞ୍ଚଳର ପରିସୀମା ମଧ୍ୟ ଏହି ଅଦାଲତରେ କାର୍ଯ୍ୟକାରୀ ହେବ। ଏହି ନୂତନ ଅଦାଲତ ପ୍ରତିଷ୍ଠା ନେଇ ବିଜ୍ଞପ୍ତି ପ୍ରକାଶ ପରେ ଅଞ୍ଚଳର ଆଇନଜୀବୀଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ବାଣପୁରରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ସମେତ ସହକାରୀ ଦୌରାଜଜ୍‌ଙ୍କ ଅଦାଲତ ନିୟମିତ କାର୍ଯ୍ୟ କରୁଥିବାବେଳେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଅଦାଲତ, ପୋକ୍ସ ଅଦାଲତ ଏବଂ ପାରିବାରିକ ଅଦାଲତର ସର୍କିଟ୍ କୋର୍ଟ ମଧ୍ୟ କାର୍ଯ୍ୟ କରୁଛି। ଏହା ଦ୍ୱାରା ସୁଦୂର ଗରିବ ଆଦିବାସୀ ଓ ସ୍ଥାନୀୟ ଅଧିବାସୀମାନଙ୍କୁ ବିଭିନ୍ନ ମୋକଦ୍ଦମା ପାଇଁ ଆଉ ଅଯଥା ଖୋର୍ଦ୍ଧା ଯିବାକୁ ପଡ଼ିବ ନାହିଁ ବୋଲି ଓକିଲ ସଂଘର ସଭାପତି ବୃନ୍ଦାବନ ପ୍ରଧାନ କହିଛନ୍ତି।

### ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି

# ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ଆଇନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାଣପୁର,୫।୮(ସମିସ)



ବାଣପୁରକୁ ଉପଖଣ୍ଡ ମାନ୍ୟତା ଦାବି ନେଇ ବାଣପୁର ବାଲୁଗାଁ ଚିଲିକା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାପାଳ, ରାଜସ୍ୱ କମିସନର, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଖୋର୍ଦ୍ଧା ଜିଲ୍ଲାର ବାଣପୁର ସମସ୍ତ ମାନଦଣ୍ଡ ପୂରଣ କରୁଥିବାରୁ ଏହାକୁ ରାଜସ୍ୱ ଉପଖଣ୍ଡ ଘୋଷଣା ନିମନ୍ତେ ୧୯୭୩ ମସିହାଠାରୁ ଦାବି ହୋଇଆସୁଥିବା ବେଳେ ଏହି ଦାବି କ୍ରିୟାଶୀଳ କରିବା ପାଇଁ ୧୦ ବର୍ଷ ପୂର୍ବେ ୨୦୧୬ରେ ବାଣପୁର ବାଲୁଗାଁ ଚିଲିକା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ନେଇ ଆନ୍ଦୋଳନକୁ ଜୋର୍‌ଦାର୍ କରାଯାଇଥିଲା। ହେଲେ ପରିତାପର ବିଷୟ ଦୀର୍ଘ ବର୍ଷ ହେଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୋର୍‌ଦାର୍ ଦାବି ହୋଇଆସୁଥିଲେ ମଧ୍ୟ ଏଥିପ୍ରତି ସରକାରଙ୍କ ଆନ୍ତରିକତା ନ ଥିବା ତଥା ଚିଲିକା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ଜନପ୍ରତିନିଧି ଓ ବିଭିନ୍ନ ଉଚ୍ଚ ପଦ ପଦବୀରେ ରହିଆସିଥିବା ଅଞ୍ଚଳର ନେତୃମଣ୍ଡଳୀମାନଙ୍କ ବାଣପୁରକୁ ରାଜସ୍ୱ ଉପଖଣ୍ଡ ଦାବି ପ୍ରତି ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଅଦ୍ୟାବଧି ବାଣପୁର ରାଜସ୍ୱ ଉପଖଣ୍ଡ ମାନ୍ୟତାରୁ ବଞ୍ଚିତ ହୋଇଛି। ଏପରିସ୍ଥଳେ ବର୍ତ୍ତମାନ ପୁଣିଥରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତେଜିଲା ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି। ଏହି ପରିପ୍ରେକ୍ଷୀରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଣପୁର ତହସିଲ୍‌ଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବାବେଳେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାପାଳ, ରାଜସ୍ୱ କମିସନର, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କମିଟିର ସଭାପତି ନଳିନୀକାନ୍ତ ପଟ୍ଟନାୟକ, ସଦସ୍ୟ ବିକ୍ରମ କେଶରୀ ମହାରଥା, ଭବାନୀ ପ୍ରସାଦ ହୋତା, ଚିନ୍ତାମଣୀ ମିଶ୍ର ପ୍ରମୁଖ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ସରକାରୀ କାର୍ଯ୍ୟାଳୟରେ ଭେଟି ଏହି ଦାବିପତ୍ର ପ୍ରଦାନ କରି ଏ ସମ୍ପର୍କରେ ସବିଶେଷ ଆଲୋଚନା କରିଥିବାବେଳେ ବର୍ତ୍ତମାନ ରାଜ୍ୟର ୫୨ଟି ଅଞ୍ଚଳକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ ଲାଗି ସରକାରଙ୍କ ତରଫରୁ ତାଲିକା ପ୍ରସ୍ତୁତ ହୋଇଥିବାବେଳେ ସେଥିରେ ବାଣପୁର ନାମ ରହିଛି ବୋଲି ମନ୍ତ୍ରୀ କହିବା ସହ ନିଜେ ଦାୟିତ୍ୱ ନେଇ ଚିଲିକା ବିଧାୟକ ଭାବେ ଉପଖଣ୍ଡ ଦାବିପତ୍ରକୁ ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରି ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ ବିଜେପି ସରକାର ଆସିଲେ ବାଣପୁରକୁ ଉପଖଣ୍ଡ ମାନ୍ୟତା ଘୋଷଣା କରିବାକୁ ଆଇନ ମନ୍ତ୍ରୀ ପ୍ରାଥମିକତା ଦେବେ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଥିବାବେଳେ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାର ରହିଛି। କେବେ ବାଣପୁରର ଏହି ନ୍ୟାଯ୍ୟ ଦାବି ଉପଖଣ୍ଡ ମାନ୍ୟତା ମିଳୁଛି ତାହା ଦେଖିବାକୁ ବାକି ରହିଲା।

### ନାବାର୍ଡ ବ୍ୟାଙ୍କ ନାମରେ ଠକେଇ

## ସମବାୟ ସମିତିକୁ ଆସୁଛି ଫେକ୍ ଇ-ମେଲ୍ ଓ ଫୋନ୍

ନିରାକାରପୁର,୫।୮(ସମିସ): ଆଜିକାଲି ଅନ୍‌ଲାଇନ୍‌ରେ ମାତିଛନ୍ତି ଲୁଟେରା। ନାବାର୍ଡ ବ୍ୟାଙ୍କ୍ ନାମ ବ୍ୟବହାର କରି ପ୍ରଥମେ ସୋସାଇଟିକୁ ପଠାଯାଉଛି ଫେକ୍ ଇ-ମେଲ୍। ଏଥିରେ ପୁଣି ଭାରତ ସରକାରଙ୍କ ସମବାୟ ବିଭାଗର ଚିଠି ପଠାଯାଉଛି, ଯେଉଁଥିରେ ଶେଖର ବୋଷ୍‌ଙ୍କ ନାମରେ ଏକ ଦସ୍ତଖତ ଥିବାର ଜଣାପଡୁଛି। ପରେ ମୋବାଇଲ ନମ୍ବର- ୯୧୨୪୭୪୯୯୯୪ରେ ଫୋନ୍‌କଲ୍ ଆସୁଛି। ପୁଣି କୁହାଯାଉଛି ସମିତିର ସବୁ ତଥ୍ୟ ଯେପରିକି ଆଗରୁ ସମିତିରେ କେତୋଟି କମ୍ପ୍ୟୁଟର ଅଛି, କେତୋଟି ଦରି ଆର୍‌ଏମ୍‌ସିରୁ ମିଳିଛି, ସମ୍ପାଦକ, ସଭାପତିଙ୍କ ନାମ ଏବଂ କେବେଠାରୁ କାର୍ଯ୍ୟରେ ଯୋଗଦେଇଛନ୍ତି, ସମିତି କେଉଁଠାରେ ଅବସ୍ଥାପିତ ଏବଂ କେବେଠାରୁ ଅବସ୍ଥାପିତ, ସମିତିରେ କେତୋଟି ସିସିଟିଭି ଲାଗିଛି, କେତେଜଣ ସମିତିରେ କାର୍ଯ୍ୟ କରୁଛନ୍ତି, ପୂର୍ବ ବର୍ଷ କେତେ କ୍ୱିଣ୍ଟାଲ ଧାନ ବିକ୍ରି ହୋଇଛି, ସମ୍ପୂର୍ଣ୍ଣ ସମିତିର ତଥ୍ୟ ତାଙ୍କ ପାଖରେ ଅଛି। ଏହି ମୋବାଇଲ ନମ୍ବରଟିକୁ ଟ୍ରୁ କଲର୍‌ରେ ଛାଡ଼ିଲେ ନ୍ୟାସ୍‌ନାଲ ଫର୍ ଏଗ୍ରିକଲ୍‌ଚର ଆଣ୍ଡ ଡେଭଲପ୍‌ମେଣ୍ଟ ନାମରେ ବୋଲି ଜଣାପଡୁଛି। ପରେ ଇ-ମେଲ୍‌ରେ ୧୬,୬୦୦ ଟଙ୍କା ଡିପୋଜିଟ କରିବାକୁ କୁହାଯାଉଛି, ଯାହାକି ୧ ବର୍ଷ ପରେ ଫେରିପାଇବା ବୋଲି ଲେଖୁଛନ୍ତି। ସେଥିରେ ପୁଣି ଗୋଟିଏ ଏଚ୍‌ପି ଲାପ୍‌ଟପ୍, ସାମ୍‌ସଙ୍ଗ ଡେସ୍କଟପ୍ ସେଟ୍ ଏବଂ ଏକ ପ୍ରିଣ୍ଟର ମେସିନ୍ ଦିଆଯିବ ବୋଲି କହୁଛନ୍ତି। ଟଙ୍କା ପେମେଣ୍ଟ କଲାପରେ କୋରିଅର ସାହାଯ୍ୟରେ ଆପଣଙ୍କୁ ପଠାଯିବ ବୋଲି କହୁଛନ୍ତି। ଏଥିରେ ଖୋର୍ଦ୍ଧା ଜିଲ୍ଲାର ଅନେକ ସମିତିର କାର୍ଯ୍ୟରତ କର୍ମଚାରୀ ଫସୁଛନ୍ତି। କାରଣ ଦୈନିକ କାର୍ଯ୍ୟବ୍ୟସ୍ତତାରେ ଯଦି ସମିତିର ସମ୍ପାଦକଙ୍କୁ ନାବାର୍ଡ ଫୋନ୍ ଆସି ଏଭଳି କୁହାଯାଏ କିଏ କାହିଁକି ସନ୍ଦେହ କରିବ? ନାବାର୍ଡ ନାଁ ବ୍ୟବହାର କରି ଠକେଇ ହେବା ଏକ ବିସ୍ମୟ କଥା। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ନୂଆଗଡ଼ ସେବା ସମବାୟ ସମିତିର ସମ୍ପାଦକଙ୍କୁ ସମାନ ଢଙ୍ଗରେ ଏଭଳି ଇ-ମେଲ୍ ଏବଂ ଫୋନ୍‌କଲ୍ ଆସିଥିଲା। ପରେ ସେ ସଭାପତି ଏବଂ ପରିଚାଳନା ପରିଷଦ ବର୍ଗଙ୍କୁ ଜଣାଇଥିଲେ। ସମିତିରୁ ଏକ ଚିଠି ନମ୍ବର- ୪୪ ତା ୨୩.୬.୨୦୨୫ ରିଖ ମାଧ୍ୟମରେ ପ୍ରକୃତ ସତ୍ୟାସତ୍ୟ ଜାଣିବାକୁ ନାବାର୍ଡ ବ୍ରାଞ୍ଚ ମ୍ୟାନେଜର ଭୁବନେଶ୍ୱର ବ୍ରାଞ୍ଚକୁ ପ୍ରେରଣ କରାଯାଇଥିଲା। ନାବାର୍ଡ ତରଫରୁ ଏହାକୁ ଗୁରୁତ୍ୱର ସହ ତର୍ଜମା କରାଯାଇଥିଲା। ପରେ ନାବାର୍ଡ ଆସିଷ୍ଟାଣ୍ଟ ମ୍ୟାନେଜର ଡ. ପି.କେ. ଦାସ ଚିଠି ନମ୍ବର- ୬୧୬୯୩, ତା ୧୮.୦୭.୨୦୨୫ ରିଖରେ ନାବାର୍ଡ ବ୍ୟାଙ୍କ୍ ଦ୍ୱାରା ସେମିତି କୌଣସି ଇ-ମେଲ୍ କରାଯାଇ ନ ଥିଲା ଏବଂ ବ୍ୟବହାର କରାଯାଇଥିବା ମେଲ୍ ଆଇଡି ସମ୍ପୂର୍ଣ୍ଣ ଫେକ୍ ବୋଲି ଜଣାଇ ଦିଆଯାଇଛି। ନୂଆଗଡ଼ ସେବା ସମବାୟ ସମିତି ତରଫରୁ ରାଜ୍ୟ ନିବନ୍ଧକ ସମବାୟ ସମିତି ସମୂହ, ନାବାର୍ଡ ଆସିଷ୍ଟାଣ୍ଟ ମ୍ୟାନେଜର ପି.କେ. ଦାସଙ୍କୁ ସତ୍ୟତା ଉନ୍ମୋଚନ କରିଥିବାରୁ କୃତଜ୍ଞତା ଜଣାଯାଇଛି।

## ପୁଲିସ ପକ୍ଷରୁ ଆଇନ ସଚେତନତା ଶିବିର

ଟାଙ୍ଗୀ,୫।୮(ସମିସ): ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ହୋଇଥିବାବେଳେ ନ୍ୟାୟ ବ୍ୟବସ୍ଥାର ନୂଆ ରୂପ ସମ୍ପର୍କରେ ଏକ ଆଇନ ସଚେତନତା ଶିବିର ଚାନ୍ଦପୁର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ତଥା ଖାଉଟି ଅଦାଲତର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ମୁଖ୍ୟବକ୍ତା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ସଭାପତି ସୁକାନ୍ତ କିଶୋର ସେନାପତି, ପୂର୍ବତନ ସରପଞ୍ଚ ନାଥୁମଲ ମହାରାଜୀ ପ୍ରମୁଖ ଯୋଗଦେଇଥିଲେ। ଥାନାଧିକାରୀ ଶ୍ରୀ ସ୍ୱାଇଁ ବ୍ରିଟିଶ୍ ଶାସନ କାଳରୁ ପ୍ରଚଳିତ ଭାରତୀୟ ପିଙ୍ଗଳ କୋଡ୍, ଫୌଜଦାରୀ ଦଣ୍ଡବିଧି ଆଇନ ଏବଂ ଭାରତୀୟ ସାକ୍ଷ୍ୟ ଆଇନ ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦି ୩ଟି ନୂଆ ଆଇନ ସମ୍ପର୍କରେ ଓ ସ୍ଥାନୀୟ ଜନସାଧାରଣ ପୁଲିସକୁ ସହଯୋଗ କଲେ ଅଞ୍ଚଳରୁ ଅପରାଧ ହ୍ରାସ ପାଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ସବ୍ ଇନ୍‌ସପେକ୍ଟର ଶ୍ରଦ୍ଧା ନାୟକ ଯୋଗଦେଇ ଆଗରୁ କାର୍ଯ୍ୟକାରୀ ହେଉଥିବା ଦଣ୍ଡବିଧାନ ବଦଳରେ ନୂଆ ଆଇନରେ ନ୍ୟାୟ ପ୍ରଦାନକୁ ପ୍ରାଥମିକତା ଦିଆଯାଉଥିବା, ତଦନ୍ତବେଳେ ସମସ୍ତ ପକ୍ଷ, ପ୍ରତିପକ୍ଷ, ସାକ୍ଷୀମାନଙ୍କର ବୟାନର ଭିଡିଓ, ଅଡିଓ ରେକର୍ଡିଂ କରାଯିବା ଫଳରେ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ପ୍ରଦାନ, ଶୁଣାଣି ହୋଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ବୋଲି ମନ୍ତବ୍ୟ ରଖିଥିଲେ। ଚାନ୍ଦପୁର ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ପୁଲିସ ପକ୍ଷରୁ ୫୦ ଜଣଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ପଣ୍ଡିତ ବାଳକୃଷ୍ଣ ମିଶ୍ର ଶ୍ଳୋକ ଉଚ୍ଚାରଣ କରିଥିଲେ। ସହସମ୍ପାଦକ ନିମାଇଁ ଚରଣ ସାହୁ, କୋଷାଧ୍ୟକ୍ଷ ପଦ୍ମ ଚରଣ ସେଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସ୍କୁଟି ଚୋରି କରି ଗିରଫ

ବେଗୁନିଆ,୫।୮(ସମିସ): ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ସଂଗ୍ରାମ କେଶରୀ ବାଘସିଂହଙ୍କ ସ୍କୁଟି ଚୋରି ଯାଇଥିବାର ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ କୌଣସି ସୂତ୍ରରୁ ଖବର ପାଇ ଦିନିଆରୀ ଗ୍ରାମର ବିପିନ ନାୟକଙ୍କ ପୁଅ ବାପିନା (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସ୍କୁଟିକୁ ଉଦ୍ଧାର କରିଥିଲେ।

### ● ଖଜୁରିଆ ମୌଜା ଗୋଚର ଜମି ଇଡ୍‌କୋକୁ ହସ୍ତାନ୍ତର ମାମଲା

## ତହସିଲଦାରଙ୍କ ନିକଟରେ ହାଜରହେଲେ ଅଭିଯୋଗକାରୀ

ନିରାକାରପୁର,୫।୮(ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ନିକଟସ୍ଥ ଓଳସିଂହ ପଞ୍ଚାୟତ ଡମଣଭୂମି ଖଜୁରିଆ ମୌଜାରେ ଇଡ୍‌କୋ ଦ୍ୱାରା ପ୍ରଦତ୍ତ ଜମିରେ କାମ୍ପା କମ୍ପାନୀ ପାଇଁ ଜୁନ୍ ୫ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ କମ୍ପାନୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ସେହିଦିନଠାରୁ ତାଙ୍କ ଗ୍ରାମକୁ ପ୍ରସ୍ତାବିତ ରାସ୍ତା ଜମିକୁ କମ୍ପାନୀକୁ ଦିଆଯାଇଥିବା ବିରୋଧରେ ଶତାଧିକ ଲୋକ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ପୂର୍ବରୁ କାର୍ଯ୍ୟକୁ ବନ୍ଦ କରିବାକୁ ବିକ୍ଷୋଭ କରିଥିବାବେଳେ ଉକ୍ତ ପ୍ରସ୍ତାବିତ ରାସ୍ତା ଜମି ଉପରେ ଚାଲୁଥିବା କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ହାଇକୋର୍ଟ ମଧ୍ୟ ରହିତାଦେଶ ଜାରି କରିଥିବା ଜଣାପଡ଼ିଛି। ଆବେଦନକାରୀ ଓଳସିଂହ ସରପଞ୍ଚ ଶୁଭଦର୍ଶନୀ ଭୋଳ ଓ ଅନ୍ୟମାନେ ଥିବାବେଳେ ଅନ୍ୟପକ୍ଷରେ ଇଡ୍‌କୋ ଜେନେରାଲ ମ୍ୟାନେଜର, ଆର୍‌ଡି କମିଶନର, ଟାଙ୍ଗୀ ତହସିଲ୍‌ଦାର, ବିଡିଓ, ଠିକାଦାର ଓ ନିର୍ମାଣାଧୀନ କାମ୍ପା କମ୍ପାନୀ କର୍ତ୍ତୃପକ୍ଷ ରହିଛନ୍ତି। ଅଗଷ୍ଟ ୫ରେ ଉକ୍ତ ମାମଲାର ଶୁଣାଣି ପାଇଁ ତହସିଲ୍ ପକ୍ଷରୁ କୁହାଯାଇଥିବାବେଳେ ମଙ୍ଗଳବାର ନିର୍ଦ୍ଦିଷ୍ଟ ଅଭିଯୋଗକାରୀମାନେ ଦିନ ୧୧ଟା ସମୟରେ ଟାଙ୍ଗୀ ତହସିଲ କାର୍ଯ୍ୟାଳୟରେ ହାଜର ହୋଇ ନିଜର ପକ୍ଷ ରଖିବା ସହିତ କମ୍ପାନୀକୁ ଆଉ ଅଧିକ ଗୋଚର ଜମି ହସ୍ତାନ୍ତର ନ କରିବାକୁ ଅଭିଯୋଗପତ୍ର ଦାଖଲ କରିଛନ୍ତି। ସୂଚନାଯୋଗ୍ୟ କି, ସୋମବାର ଅଭିଯୋଗକାରୀମାନେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ହଜାର ହୋଇ ପ୍ରସ୍ତାବିତ ଗୋଚର ଜମି ହସ୍ତାନ୍ତର ହୋଇ ନ ଥିବାବେଳେ କିପରି ଉକ୍ତ ଜାଗାରେ କମ୍ପାନୀ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲୁଛି ସେ ବିଷୟରେ ଏକ ଅଭିଯୋଗପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରି ତା'ର ଏକକିତା ନକଲ ଜଂକିଆ ଥାନା ଅଧିକାରୀଙ୍କ ନିମନ୍ତେ ପ୍ରେରିତ କରିଥିବା ଜଣାପଡ଼ିଛି।

## ବିଶ୍ୱ ବନ୍ଧୁତା ଦିବସରେ ବୃକ୍ଷରୋପଣ



ବେଗୁନିଆ,୫।୮(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ବଡ଼ବେରଣା ଗ୍ରାମସ୍ଥିତ ଜୟ ଜଗନ୍ନାଥ କ୍ଲବ୍ ପରିସରରେ ବେଗୁନିଆ ମିଡିଆ ହାଉସ୍ ଓ ସମ୍ମିଳିତ କର୍ମଜୀବୀ ଖୋର୍ଦ୍ଧା ଶାଖା ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଭଗବାନ ପଣ୍ଡାଙ୍କ ଆବାହକତ୍ୱରେ ବିଶ୍ୱ ବନ୍ଧୁତା ଦିବସ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ କମିଟିର ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ବାରିକ, ଜିଲ୍ଲା ସଭାପତି ହେମନ୍ତ କୁମାର ବେହେରା, ଉପସଭାପତି ରଜନୀକାନ୍ତ ଜଗଦ୍ଦେବ ଓ କୋଷାଧ୍ୟକ୍ଷ ମଞ୍ଜୁଲତା ଇନ୍ଦ୍ରଜିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତେ ଉଦ୍ୟମ ଆରମ୍ଭ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ମାନସ ରଞ୍ଜନ କର, ଅଜୟ କୁମାର ସେଠୀ, ଯୋଗେଶ୍ୱର ପଣ୍ଡା, କ୍ଲବ୍ ସଦସ୍ୟ ନିଖିଳ ବିହାରୀ ମହାପାତ୍ର, ଗୌରବ ପଣ୍ଡା, ସୁଶାନ୍ତ କୁମାର ରଣା, ପୂର୍ଣ୍ଣଚନ୍ଦ୍ର ସେଠୀ ଓ ରାଜ କିଶୋର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ୩ ଦିନ ପରେ ରକ୍ଷାବନ୍ଧନ

# ରାକ୍ଷୀ ଦୋକାନରେ ଜମୁଛି ଭିଡ଼





ଖୋର୍ଦ୍ଧା,୫।୮(ସମିସ): ଆଉ ୩ ଦିନ ପରେ ରାକ୍ଷାବନ୍ଧନ ଉତ୍ସବ। ଭାଇ ହାତରେ ଭଉଣୀ ରାକ୍ଷୀବାନ୍ଧି ତା'ର ସୁରକ୍ଷା କାମନା ସହିତ ଭଗବାନଙ୍କ ନିକଟରେ ଭାଇର ଦୀର୍ଘାୟୁ କାମନା କରିଥାଏ। ରାକ୍ଷୀ ଭଳି ନିଆରା ପର୍ବ ନିମନ୍ତେ ସହର ସମେତ ଗ୍ରାମାଞ୍ଚଳରେ ବହୁ ରାକ୍ଷୀ ଷ୍ଟଲ୍ ଏବେଠାରୁ ଖୋଲାହୋଇଥିବା ଦେଖିବାକୁ ମିଳିଛି। ଗୋଦାମ ସମେତ ଖୁଚୁରା ଦୋକାନରେ ବେପାର ଭଲ ହେବା ଆଶା କରିଛନ୍ତି ଗୋଦାମ ମାଲିକମାନେ। ସିଜିନ୍ ବ୍ୟବସାୟ ନିମନ୍ତେ ଖୋର୍ଦ୍ଧାର ଜଟଣୀ ସହର ବେଶ୍ ପରିଚିତ। ମିନି କୋଲକତା କୁହାଯାଉଥିବା ଜଟଣୀ ବଜାରରେ ଖୋଲିଛି ରାକ୍ଷୀ ପସରା। ଚଳିତ ବର୍ଷ ଜଟଣୀ ସହରରେ ୭ଟି ଗୋଦାମକୁ ବାଦ୍ ଦେଲେ ଅନେକ ସ୍ଥାନରେ ଛୋଟବଡ଼ ୪୦ରୁ ଊର୍ଦ୍ଧ୍ୱ ଖୁଚୁରା ରାକ୍ଷୀ ଦୋକାନ ଖୋଲିଛି। ଗ୍ରାହକମାନେ ମଧ୍ୟ ନିଜ ମନପସନ୍ଦ ରାକ୍ଷୀ ପାଇବାକୁ ଖୁଚୁରା ଦୋକାନ ଆଗରେ ଭିଡ଼ ଜମାଇଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଜଟଣୀ ରାକ୍ଷୀ ଗୋଦାମ ମାଲିକଙ୍କ କହିବା ଅନୁସାରେ, ରାକ୍ଷୀ ବ୍ୟବସାୟ ନିମନ୍ତେ ଜଟଣୀ ସହର ପ୍ରସିଦ୍ଧ। ବିଭିନ୍ନ ଡିଜାଇନ୍‌ର ରାକ୍ଷୀ ସେମାନେ ଗୋଦାମରେ ଆଣି ଗଚ୍ଛିତ ରଖିଛନ୍ତି। ଚଳିତ ବର୍ଷ ଦିଲ୍ଲୀ, ରାଜକୋଟ୍, ପଶ୍ଚିମବଙ୍ଗ, ମୁମ୍ବଇ, ଅହମ୍ମଦାବାଦ, ଗୁଜରାଟ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟରେ ପ୍ରସ୍ତୁତ ରାକ୍ଷୀକୁ ସେମାନେ ପ୍ରାୟ ୪ ମାସ ପୂର୍ବରୁ କିଣିଆଣି ନିଜ ପାଖରେ ମହଜୁଦ ରଖିଛନ୍ତି।

ଜଟଣୀର ରାକ୍ଷୀ ଗୋଦାମ ଉପରେ ଖୋର୍ଦ୍ଧା ଜିଲ୍ଲା ସମେତ ପୁରୀ, କଟକ, ଗଞ୍ଜାମ, ନୟାଗଡ଼, କନ୍ଧମାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, କୋରାପୁଟ ଏବଂ ରାଜ୍ୟର ଅଧିକାଂଶ ଜିଲ୍ଲାର ବ୍ୟବସାୟୀ ନିର୍ଭର କରିଥା'ନ୍ତି ବୋଲି କହିଛନ୍ତି ପ୍ରମୋଦ ସିଜନ ସେଣ୍ଟରର ମାଲିକ ପ୍ରମୋଦ ଦାସ। ସେ କୁହନ୍ତି, ଗ୍ରାହକଙ୍କ ଚାହିଦାକୁ ତାଳ ଦେଇ ପ୍ରତି ବର୍ଷ ଭିନ୍ନ ଭିନ୍ନ ରାକ୍ଷୀର ଡିଜାଇନ୍ ବଦଳିବାରେ ଲାଗିଛି। ଚଳିତ ବର୍ଷ ଲୋକଙ୍କର ବେଶୀ ପସନ୍ଦ ହୋଇଛି ମୟୂର ପୁଚ୍ଛରୁ ହୋଇଥିବା ଜଗନ୍ନାଥ ରାକ୍ଷୀ ଏବଂ ଧାନ ଓ ଅରୁଆ ଚାଉଳରୁ ପ୍ରସ୍ତୁତ ଜଗନ୍ନାଥ ରାକ୍ଷୀ। ସେହିପରି ମୋଟୁପତ୍‌ଲୁ ରାକ୍ଷୀ, ଲାଇଟ୍ ରାକ୍ଷୀ, ସୂତା, ବ୍ରେସ୍‌ଲେଟ୍, ମୋ ଭାଇ ବ୍ରେସ୍‌ଲେଟ୍। ଯାହା ଚଳିତ ବର୍ଷ ଗ୍ରାହକଙ୍କର ବେଶୀ ପ୍ରିୟ ହୋଇଛି। ଏଥିସହିତ ଆମେରିକାନ ଡାଇମଣ୍ଡ ଷ୍ଟୋନ୍ ରାକ୍ଷୀ, ଷ୍ଟୋନ୍, ବ୍ରେସଲେଟ୍, ଫ୍ୟାନ୍ସି, ଲାଇଟ୍ ମ୍ୟାଜିକ୍, ହ୍ୱାଟ୍‌ସଆପ୍ ରାକ୍ଷୀ, ଫେସ୍‌ବୁକ୍ ରାକ୍ଷୀ, କୋଲକାତା ଲୁମ୍ବା, ଦିଲ୍ଲୀ ଲୋରୀ, ବମ୍ବେର ବ୍ରେସ୍‌ଲେଟ, ଡୋରି ପ୍ରଭୃତି ରାକ୍ଷୀକୁ ଗ୍ରାହକ ପସନ୍ଦ କରିବା ଫଳରେ ଏହା ଉପରେ ବ୍ୟବସାୟୀମାନେ ଫୋକସ୍ ଦେଉଥିବା କହିଛନ୍ତି। ଏଯାବତ୍ ଓଡ଼ିଶାରେ ଆବଶ୍ୟକତା ଅନୁସାରେ ମାତ୍ର ୨୫ରୁ ୩୦ ପ୍ରତିଶତ ରାକ୍ଷୀ ପ୍ରସ୍ତୁତ ହେଉଛି। ଅବଶିଷ୍ଟ ୭୦ ପ୍ରତିଶତ ରାକ୍ଷୀ ବାହାରୁ କିଣିବାକୁ ଏକ ରକମ ବାଧ ହେଉଥିବା ନେଇ ସେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଗୋଦାମରେ ଭଲ ବେପାର ହେବା ସେ ଆଶା କରିଛନ୍ତି। ଲଳିତ ଭଣ୍ଡାର ମାଲିକ ଲଲାଟେନ୍ଦୁ ବେବର୍ତ୍ତା କୁହନ୍ତି, ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଶହ ଶହ ଖୁଚୁରା ବ୍ୟବସାୟୀ ଜଟଣୀର ବିଭିନ୍ନ ଗୋଦାମରୁ ରାକ୍ଷୀ ନେଇ ଗ୍ରାମାଞ୍ଚଳରେ ବିକ୍ରି କରି ଦୁଇ ପଇସା ରୋଜଗାର କରିଥା'ନ୍ତି। ରାକ୍ଷୀ ଦର ଗୋଦାମରେ ୫୦ ପଇସାଠାରୁ ଆରମ୍ଭ କରି ଅଢ଼େଇ ଶହ ଟଙ୍କା ଯାଏଁ ଥିବାବେଳେ ମୁଖ୍ୟତଃ ଫ୍ୟାନ୍ସି ଓ ଷ୍ଟୋନ୍ ରାକ୍ଷୀର ବେଶି ଚାହିଦା ଥିବା ଶ୍ରୀ ବେବର୍ତ୍ତା କହିଛନ୍ତି। ବର୍ତ୍ତମାନ ଭଲ ବେପାର ହେଉଛି ଏବଂ ଆଗକୁ ମଧ୍ୟ ଭଲ ବେପାର ହେବ ବୋଲି ଆଶା ଥିବା କହିଛନ୍ତି।

### ଜଗନ୍ନାଥ ରାକ୍ଷୀ, ଆମେରିକାନ ଡାଇମଣ୍ଡ ଷ୍ଟୋନ୍ ରାକ୍ଷୀ ପ୍ରଥମ ପସନ୍ଦ

ସେହିପରି ଖୋର୍ଦ୍ଧା ସହରର ଗୀତାଭବନ ସମ୍ମୁଖ ପଡ଼ିଆ, ନବିନାବାଗ ଛକ, ସମବାୟ ବ୍ୟାଙ୍କ ଛକ, ମେଡିକାଲ ରୋଡ୍, ମୁକୁନ୍ଦପ୍ରସାଦ ସମେତ ବିଭିନ୍ନ ଛକ ସ୍ଥାନ ଓ ଗଳିକନ୍ଦିରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଖୁଚୁରା ଦୋକାନ ଖୋଲିଥିବାବେଳେ ଗ୍ରାମାଞ୍ଚଳରେ ମଧ୍ୟ ବହୁ ରାକ୍ଷୀ ଷ୍ଟଲ୍ ଖୋଲିଛି। ଦୋକାନରେ ଦୈନିକ ୧୫୦୦ରୁ ୨୦୦୦ ଟଙ୍କାର ବିକ୍ରି ହେଉଥିବା ବ୍ୟବସାୟୀ ଦୀପକ ସାହୁ କହିଛନ୍ତି। ରକ୍ଷାବନ୍ଧନ ଉତ୍ସବ ହାତରେ ମାତ୍ର ୫ ଦିନ ଥିବାରୁ ଖୁଚୁରା ଦୋକାନ ସମେତ ଗୋଦାମରେ ଏବେ ଲୋକ ବୁଲି ବୁଲି ରାକ୍ଷୀ କିଣୁଥିବା ଦେଖାଯାଉଛି।

## ପତିତପାବନ ଯୁବକ ସଂଘ ପକ୍ଷରୁ ବୃକ୍ଷରୋପଣ

ବେଗୁନିଆ,୫।୮(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ପତିତପାବନ ଯୁବକ ସଂଘ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ରଶ୍ମିଚାନ୍ଦ କର, ଉପସଭାପତି ବିଶ୍ୱରଞ୍ଜନ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଜଗନ୍ନାଥ ମନ୍ଦିର କମିଟି ସଭାପତି ଦୀନବନ୍ଧୁ ଦାଶ, ବେଗୁନିଆ ବନଖଣ୍ଡ ଅଧିକାରୀ ପ୍ରିୟଦର୍ଶିନୀ ସେଠୀ, ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ଦେବୀ ଓ ଉପଦେଷ୍ଟା ଦିବାକର ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ପରିବେଶକୁ ସନ୍ତୁଳିତ ରଖିବାକୁ ହେଲେ ବୃକ୍ଷରୋପଣର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ତତ୍‌ସହିତ ଯୁବକ ସଂଘର ସଦସ୍ୟମାନେ ପ୍ଲା କାର୍ଡ ଧରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବା ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜଗନ୍ନାଥ ମନ୍ଦିର, ପ୍ରାଥମିକ ବିଦ୍ୟାଳୟ ଓ ପଞ୍ଚାୟତ ସମିତି ପରିସରରେ ବିଭିନ୍ନ କିସମର ବୃକ୍ଷରୋପଣ କରିଥିଲେ।



## ୨୦ରୁ ଖୋର୍ଦ୍ଧା ଜିଲ୍ଲା ଆନ୍ତଃବିଦ୍ୟାଳୟ କ୍ରିକେଟ୍

ଖୋର୍ଦ୍ଧା,୫।୮(ସମିସ): କ୍ରିକେଟ୍ ଆସୋସିଏସନ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଆନୁକୂଲ୍ୟରେ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତା ଆସନ୍ତା ୨୦ ତାରିଖରୁ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଆଗ୍ରହୀ ବିଦ୍ୟାଳୟର ଖେଳାଳିମାନେ ସେମାନଙ୍କର ଡିଜିଟାଲ ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ସ୍କୁଲ ପ୍ରଦତ୍ତ କାର୍ଡ ସହ ଆସନ୍ତା ୧୧ ତାରିଖ ଦିନ ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ୍‌ଠାରେ ଉପସ୍ଥିତ ରହି ସେମାନଙ୍କ ନାମ ପଞ୍ଜୀକରଣ କରିବେ। ପଞ୍ଜିକୃତ ହୋଇ ନ ଥିବା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ ନାହିଁ। ଖେଳାଳିମାନଙ୍କ ବୟସ ୧୬ ବର୍ଷରୁ ଅଧିକ ହୋଇ ନ ଥିବ। ନିର୍ଦ୍ଧାରିତ ତାରିଖରେ ବିଜେବି ହାଇସ୍କୁଲ ଖେଳପଡ଼ିଆଠାରେ ଉପସ୍ଥିତ ରହି ନାମ ପଞ୍ଜୀକରଣ କରିବା ପାଇଁ ଆସୋସିଏସନ ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏକ ପ୍ରେସ୍ ବାର୍ତ୍ତାରେ ଜଣାଇଛନ୍ତି।

### ମନ୍ଥର ଗତିରେ ଚାଲିଛି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା କାର୍ଯ୍ୟ

# ଖର୍ଚ୍ଚ ନ ହୋଇ ପଡ଼ିରହିଛି ୧ କୋଟି ୮୬ ଲକ୍ଷ

ଖଇରା, ୫।୮ (ସମିସ)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ବିଭିନ୍ନ ଅନୁନ୍ନତ ଓ ଅବହେଳିତ ଗ୍ରାମର ଉନ୍ନତି ତଥା ସୌନ୍ଦର୍ଯ୍ୟକରଣ କରିବା ଲକ୍ଷ୍ୟରେ ୧୭ ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ହେଲେ ପଞ୍ଚାୟତସ୍ତରରେ କିଛି ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଉଦାସୀନତା କାରଣରୁ ମୋଟ ଅନୁଦାନ ଅର୍ଥରୁ ମାତ୍ର ୫୨ ପ୍ରତିଶତ ଖର୍ଚ୍ଚ ହୋଇଛି। ଯାହା ବି ଖର୍ଚ୍ଚ ହେଉଛି ଏଷ୍ଟିମେଟ ଅନୁଯାୟୀ ହେଉନଥିବା ତଥା ନିମ୍ନମାନର ହେଉଥିବାରୁ ଏହା ମଧ୍ୟ କ୍ଷଣସ୍ଥାୟୀ ହେବା ସହ ପ୍ରକଳ୍ପ ଲୋକଙ୍କ ସେବାରେ ଆସୁନଥିବା ଅଭିଯୋଗ ହୋଇଛି। ଏଣୁ ଏହି ଯୋଜନାରେ କରାଯାଇଥିବା ଖର୍ଚ୍ଚର ଭିଜିଲାନ୍ସ ତଦନ୍ତ କରାଯିବାକୁ ୧୭ ଗ୍ରାମର ଅଧିବାସୀମାନେ ଦାବି କରିଛନ୍ତି।




ଏହି ଯୋଜନାରେ ୨୦୧୯-୨୦ରେ କୁରୁଣ୍ଟା ପଞ୍ଚାୟତର ରାଇକୁଳା,୨୦୨୦-୨୧ରେ ଜଳଦା ପଞ୍ଚାୟତର ତୁଟୋ, ମାଣିତ୍ରୀ ପଞ୍ଚାୟତର ଜଳଙ୍ଗ-ଗଣ୍ଡିବେଡ, ପଳସା ପଞ୍ଚାୟତର ଅର୍ଜୁନପୁର, ବର୍ତ୍ତନା ପଞ୍ଚାୟତର ଉଦୟପୁର, ବରଦା ପଞ୍ଚାୟତର ବିଷ୍ଣୁପୁର, ଝିଙ୍କିରିଆ ପଞ୍ଚାୟତର ଗଗନଧୂଳି, ବଡନୁଆଗାଁ ପଞ୍ଚାୟତର ଗେଙ୍ଗୁଟିଆ ଓ ବଡନୁଆଗାଁ, ଗୋବିନ୍ଦପୁର ପଞ୍ଚାୟତର ନରମା, କରୁଣ୍ଟା ପଞ୍ଚାୟତର ମିରିପୁର ଖଇରା, ଶ୍ୟାମସୁନ୍ଦରପୁର ପଞ୍ଚାୟତର କୁସୁନଦାସପୁର ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ସେହିଭଳି ୨୦୨୨-୨୩ରେ ବାଉଁଶଗଡିଆ ପଞ୍ଚାୟତର ବାଉଁଶଗଡିଆ, ନହଙ୍ଗ ଗ୍ରାମର ନହଙ୍ଗ, ବରଦା ପଞ୍ଚାୟତର ଗରଡି, ରପେୟା ପଞ୍ଚାୟତର ରପେୟା, ମାଖନପୁର ପଞ୍ଚାୟତର ତରାଙ୍ଗ ଗ୍ରାମକୁ ଆଦର୍ଶ ଗ୍ରାମ

**ନିମ୍ନମାନର କାମ ଯୋଗୁଁ ଲୋକଙ୍କ ସେବାରେ ଲାଗୁନି ପ୍ରକଳ୍ପ**

ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ୨୦୧୯-୨୦ରେ ଅନ୍ତର୍ଭୁକ୍ତ ଗ୍ରାମ ପାଇଁ ୪୦ଲକ୍ଷ, ୨୦୨୦-୨୧ରେ ୮୦ଲକ୍ଷ,୨୦୨୧-୨୨ରେ ୨କୋଟି ୧୫ଲକ୍ଷ,୨୦୨୨-୨୩ରେ ୫୮ ଲକ୍ଷ ଟଙ୍କା ବିଭିନ୍ନ ପଞ୍ଚାୟତକୁ ଆସିଥିବା ବେଳେ କାର୍ଯ୍ୟଗ୍ରାହୀ ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ପଞ୍ଚାୟତର ମୁଖ୍ୟ ଭାବେ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଅର୍ଥ ଖର୍ଚ୍ଚ କରାଯାଇଥାଏ। ହେଲେ ପଞ୍ଚାୟତର ଦାୟିତ୍ୱହୀନତା ପାଇଁ ଆସିଥିବା ୩କୋଟି ୯୩ଲକ୍ଷ ଟଙ୍କାରୁ ମାତ୍ର ୫୨ ପ୍ରତିଶତ ଅର୍ଥାତ ୨କୋଟି ୭ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ପାରିଛି। ଏବେ ସୁଦ୍ଧା ୧କୋଟି ୮୬ଲକ୍ଷ ଟଙ୍କା ପଡିରହିଛି। ଅବଶ୍ୟ ପଡିରହିଥିବା ଅର୍ଥରୁ କିଛି କାମ ସରିଥିଲେ ହେଁ ବିନିଯୋଗ ପତ୍ର ପ୍ରମାଣ କରାଯାଇନଥିବାରୁ ଏହି ଅର୍ଥ ବଳକା ଦର୍ଶାଉଛି ବୋଲି ଦାୟିତ୍ୱରେ ଥିବା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କହିଛନ୍ତି। ସେପଟେ ଆଲୋକୀକରଣ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ସ୍ୱଚ୍ଛ ଭାରତ, ରାସ୍ତା ନିର୍ମାଣ ଭଳି ପ୍ରକଳ୍ପରେ ବିନିଯୋଗ ହୋଇଥିବା ଅର୍ଥ ଏବେ ମୂଲ୍ୟହୀନ ହୋଇ ପଡିଛି। ଅଧିକାଂଶ ଲାଇଟ ନଷ୍ଟ ହୋଇ ସାରିଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା ନଷ୍ଟ ହେବା ସହ ନିର୍ମାଣ ହୋଇଥିବା ଡଷ୍ଟବିନ ଓ ଡ୍ରେନେଜ ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଲାଣି। ଜଳଙ୍ଗ ଗଣ୍ଡିବେଡ ଗ୍ରାମରେ ଉକ୍ତ କାର୍ଯ୍ୟରେ ବ୍ୟାପକ ବାଟମାରଣା ହୋଇଥିବା ଅଭିଯୋଗ ଆଣି ୨୦୧୯-୨୦ରୁ ସମସ୍ତ ଖର୍ଚ୍ଚର ଭିଜିଲାନ୍ସ ତଦନ୍ତ କରିବାକୁ ମାଣିତ୍ରୀ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ ଦାବି କରିଛନ୍ତି। ସେହିଭଳି ଗୋଟିଏ ପଞ୍ଚାୟତର ଏକାଧିକ ଗ୍ରାମକୁ ଏହି ଯୋଜନାରେ ସାମିଲ କରାଯାଉଥିବା ବେଳେ ଅନ୍ୟ ପଞ୍ଚାୟତଗୁଡିକୁ ନେତୃବୃନ୍ଦ ଗୁରୁତ୍ୱ ଦେଉନଥିବାରୁ ବହୁ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କ ମତାମତ ନିଆଯିବାରେ ପଡିରହିଥିବା ଅର୍ଥ ଖର୍ଚ୍ଚପାଇଁ ବାରମ୍ବାର ପଞ୍ଚାୟତଗୁଡିକୁ ତାଗିଦ କରାଯାଉଥିବା କହିଛନ୍ତି।

## ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ନବାଗତଙ୍କ ସ୍ୱାଗତ ଉତ୍ସବ




ଜଳେଶ୍ୱର, ୫।୮ (ସମିସ) : ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନ ନୂଆ ବଜାର ସ୍ଥିତ ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ପ୍ରଥମ ବର୍ଷ ସ୍ନାତକୋତ୍ତର ଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଆୟୋଜିତ ସଭାରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ସଭାପତିତ୍ୱ କରି ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଆପଣେଇବା ପାଇଁ ଆହ୍ୱାନ ଦେଇଥିଲେ। ବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ ଉପାଦେୟ ପରାମର୍ଶ ଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଡ. ପ୍ରଫୁଲ୍ଲ କୁମାର ଦେ ନବାଗତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ନେହାଶିଷ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ବିଭାଗର ସଂଯୋଜକ ତଥା ମହାବିଦ୍ୟାଳୟର ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ଯୋଗଦେଇ ନବାଗତା ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ଲିପ୍ସା ଦାସ, ସସ୍ମିତା ପାତ୍ର, ବର୍ଷା ଦାସ, କଳ୍ପନା ରାଜ, ବବିତା ଦାସ, ରାଜଶ୍ରୀ ଜେନା ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ପ୍ରମୁଖ ଛାତ୍ରୀଙ୍କ ପରିଚୟ ଜାଣିବା ସହିତ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଅଧ୍ୟାପକ ଚନ୍ଦ୍ର ଶେଖର ଗିରି ଧନ୍ୟବାଦ ଅର୍ପଣ କରିଥିବାବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ହୋଇ ସହଯୋଗ କରିଥିଲେ।

## ଅଙ୍ଗଦାନ ସଚେତନତା କର୍ମଶାଳା



ଜଳେଶ୍ୱର, ୫।୮ (ସମିସ): ଜଳେଶ୍ୱର ରୋଟାରୀ କ୍ଲବ ଆନୁକୂଲ୍ୟରେ ଅଙ୍ଗଦାନ ସଚେତନତା କର୍ମଶାଳା ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଉକ୍ତ ଅଙ୍ଗଦାନ କର୍ମଶାଳାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି, ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତି, ସଂପାଦକ ଅଂଶୁମାନ ରାଉତ ବିଶିଷ୍ଟ ବକ୍ତା ପ୍ରାକ୍ତନ ସଭାପତି ପୁଫୁଲ୍ଲ କୁମାର ଦାସ, ଲେଲିନ କୁମାର ପ୍ରଧାନ, ସୁବ୍ରତ କୁମାର ରଣା, ରୋଟାରିଆନ ରିଙ୍କି ଗିରି, ଦୀପ୍ତି ନନ୍ଦୀ, ରାଜକିଶୋର ହୁଇ, ସୌମ୍ୟସାଗର କାମିଲା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକଙ୍କ ଜୀବନ ଅନ୍ୟ ପାଇଁ ବଞ୍ଚିବାର ରାହା ଦେବା ସହ ଅଙ୍ଗଦାନ କରି ଅମର ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅଙ୍ଗଦାନ ଭଳି ମହତ କାର୍ଯ୍ୟରେ ଅନୁପ୍ରାଣୀତ ହୋଇ ୩୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅନଲାଇନ ଯୋଗେ ସ୍ୱୀକୃତିପତ୍ର ପ୍ରଦାନ କରିଥିଲେ।

## ଚୋରି ଉଦ୍ୟମ ବିଫଳ, ଚୋରଙ୍କ ମାଡ଼ରେ ଶ୍ରମିକ ଗୁରୁତର

ସୋର, ୫।୮ (ସମିସ): ଚୋରି ଉଦ୍ୟମ ବିଫଳ ହେବାରୁ ଚୋର ମାନେ ମାଡ ମାରି ଜଣେ ଶ୍ରମିକଙ୍କୁ ଗୁରୁତର ଆହତ କରିବା ସହିତ ଦୁଇଟି ମୋବାଇଲ ଫୋନ ଚୋରି କରି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସୋର ଥାନା ଚିଡୋଲ ଗ୍ରାମର ରବୀନ୍ଦ୍ର ବିଶ୍ୱାଳ ଏକ ଠିକା କମ୍ପାନୀର ସୁପରଭାଇଜର ଭାବେ କାମ କରନ୍ତି। ଉକ୍ତ ଠିକା କମ୍ପାନୀ ସୋର ଥାନା ତଳନଗର ରେଳ ଓଭରବ୍ରିଜ ନିକଟରେ କାମ କରୁଥିବା ବେଳେ ଶ୍ରମିକ ମାନେ ସୋର କଲେଜ ଛକ ନିକଟସ୍ଥ ଜଗନ୍ନାଥ ଢ଼ାବାରେ ରହୁଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏକ ପିକଅପ ଭ୍ୟାନରେ ୧୦ ରୁ ଅଧିକ ଲୋକ ସେଠାରେ ପହଂଚି ଚୋରି ଉଦ୍ୟମ କରିଥିଲେ। ଏହି ସମୟରେ ଶ୍ରମିକମାନେ ତାଙ୍କୁ ଦେଖିଦେବାରୁ ଚୋର ମାନେ ସେଠାରେ ରହୁଥିବା ସମସ୍ତ ଶ୍ରମିକଙ୍କୁ ମାଡ଼ କରିଥିଲେ। ଏଥିରେ ପଶ୍ଚିମବଙ୍ଗ ଅଂଚଳର ସଞ୍ଜୟ ସରକାର ନାମକ ଜଣେ ଶ୍ରମିକଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଆଜି ଏ ବାବଦରେ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଛାତ୍ରୀ ନିର୍ଯାତନା ଓ ଅପରାଧ ବୃଦ୍ଧିର ପ୍ରତିବାଦ




**ଛାତ୍ର ବିଜେଡି ପକ୍ଷରୁ ଡିଜିପିଙ୍କୁ ସ୍ମାରକପତ୍ର**

ଜଳେଶ୍ୱର, ୫।୮ (ସମିସ): ସମଗ୍ର ରାଜ୍ୟରେ ଛାତ୍ରୀ ଓ ମହିଳା ମାନଙ୍କ ଉପରେ ବଢୁଥିବା ନିର୍ଯାତନା ଓ ଅପରାଧ ପ୍ରତିବାଦରେ ବିଜୁ ଛାତ୍ର ଜନତା ପକ୍ଷରୁ ଜଳେଶ୍ୱର ଥାନାରେ ଏକ ସ୍ମାରକପତ୍ର ଦିଆଯାଇଛି। ସମ୍ପ୍ରତି ଓଡିଶାରେ ନାରୀ ଓ ଛାତ୍ରୀ ମାନଙ୍କ ପ୍ରତି ଅସଦାଚରଣ, ଅପହରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଓ ଆଇନ ଶୃଙ୍ଖଳା ବ୍ୟାହତ ହୋଇଛି। ଏହା ସହିତ ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ନିବାସରେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ପରିତାପର ବିଷୟ। ରାଜ୍ୟରେ ଛାତ୍ରୀ ଓ ନାରୀ ମାନଙ୍କ ଉପରେ ଘଟିଥିବା ସମସ୍ତ ଦୁର୍ଘଟଣାର ନିରପେକ୍ଷ ତ୍ୱରିତ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଦୋଷୀ ମାନଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ଛାତ୍ରୀ ମାନଙ୍କ ସୁରକ୍ଷା ବୃଦ୍ଧିରେ ଦୃଢ଼ ପଦକ୍ଷେପ ଗ୍ରହଣ। ନାରୀ ସୁରକ୍ଷା ପାଇଁ ଶାସନ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ପାରଦର୍ଶୀ କରିବା, ଆଇନ୍ ଶାସନ ଉପରେ ଲୋକଂକ ଆସ୍ଥାବିଶ୍ୱାସ ପୁନଃ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ପୁଲିସ ଡିଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ବିଜେଡି ଛାତ୍ର ନେତା ଗୌରବ ଦାସ, ଗୌତମ ପାତ୍ର, ସୁରଜ୍ ଚୌରାସିଆ, ଆନନ୍ଦ କର, ଗଣେଶ ଦଳାଇଙ୍କ ନେତୃତ୍ୱରେ ଛାତ୍ର ସ୍ନେହରଞ୍ଜନ ସାହୁ, ଶୁଭମ୍ ଦାସ, ସ୍ୱାଧିନ ଜେନା, ପ୍ରବୀର ପାତ୍ର, ଅଜିତ କୁମାର ରାଉତ, ସୁନିତା ମାଝି, ଗୌରବ ଦାସ ଅଧିକାରୀ, ବିକ୍ରମ ପରିଡ଼ା, ଦେବାଶିଷ ପାତ୍ର, ଗୌରୀ ସୋରେନ୍, ସୁମୀ ହାତୀ, ମାମା ପାତ୍ର, ବର୍ଷା ରଣା ପ୍ରମୁଖ ବହୁ କଲେଜ ଛାତ୍ରୀ ଛାତ୍ରୀ ଜଳେଶ୍ୱର ଥାନା ପରିସରରେ ପ୍ରତିବାଦ କରିବା ସହିତ ଥାନାଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍

ସୋର, ୫।୮ (ସମିସ): ସୋର ପୌରପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ନିକଟରୁ ଦିନ ଦ୍ୱିପ୍ରହରେ ଜଣେ ପ୍ରଧାନଶିକ୍ଷକଙ୍କ ବାଇକ ଡିକି ଭାଙ୍ଗି ୧୯ ହଜାର ଟଙ୍କା ଲୁଟ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଖଇରା ଥାନା ଅଚ୍ୟୁତିପୁର ଗ୍ରାମର ଗୌରାଙ୍ଗ ଚରଣ ବେହେରା ଓହଡ଼ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ।



ତେବେ ଶ୍ରୀ ବେହେରା ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଟଙ୍କା ଉଠାଇବା ପାଇଁ ସୋର ଷ୍ଟେସନ ଛକସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ଆସିଥିଲେ। ସେଠାରୁ ୧୯ ହଜାର ଟଙ୍କା ଉଠାଇ ବାଇକ ଡ଼ିକିରେ ରଖିଥିଲେ। ଉତ୍ତରେଶ୍ୱର ନିକଟରେ ବାଇକକୁ ରଖି ଫଳ ଦୋକାନରୁ ଫଳ କିଣିବା ପାଇଁ ଯାଇଥିବା କେହି ଦୁର୍ବୃତ୍ତ ବାଇକ ଡ଼ିକି ଭାଙ୍ଗି ଟଙ୍କା ନେଇଯାଇଥିଲେ। ଶ୍ରୀ ବେହେରା ସଂଗେ ସଂଗେ ବାଇକ ନିକଟକୁ ଆସି ଡ଼ିକି ଖୋଲା ଥିବା ଏବଂ ସେଥିରେ ଟଙ୍କା ନ ଥିବା ଦେଖି ତୁରନ୍ତ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୋର ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବୃଦ୍ଧି ପାଉଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି।

## ଦୁଇ ସ୍କୁଟି ଚୋରକୁ ଧରି ପୁଲିସ ଜିମା

ସୋର, ୫।୮ (ସମିସ): ସୋର ପୌରପାଳିକା ଅନ୍ତର୍ଗତ କଲେଜଛକ ନିକଟରୁ ଏକ ସ୍କୁଟି ଚୋରି କରି ଫେରାର ହୋଇ ଯାଉଥିବା ବେଳେ ଦହିସଡା ଗ୍ରାମରେ ଦୁଇ ବାଇକ ଚୋରଙ୍କୁ ଧରି ସ୍ଥାନୀୟ ଲୋକେ ପୁଲିସ ଜିମା ଦେଇଛନ୍ତି। ସୂଚନା ଅନୁସାରେ ପୌର ପାଳିକା ଅନ୍ତର୍ଗତ ନଛିପୁର ଗଞ୍ଜି ଗ୍ରାମର ହରେକୃଷ୍ଣ ପ୍ରଧାନ କଲେଜ ଛକରେ ଏକ



ବେକେରି ଦୋକାନ କରିଛନ୍ତି। ଆଜି ସକାଳେ ହରେକୃଷ୍ଣ ନିଜ ସ୍କୁଟିକୁ ଦୋକାନ ସମ୍ମୁଖରେ ରଖିଥିଲେ। ମଧ୍ୟାହ୍ନରେ ସ୍କୁଟିକୁ ଦୁଇ ଯୁବକ ଚୋରି କରି ନେଇ ଫେରାର ହେଉଥିବା ବେଳେ ହରେକୃଷ୍ଣଙ୍କ ଜଣେ ସମ୍ପର୍କୀୟ ତାଙ୍କୁ ପିଛା କରିଥିଲେ। ଚୋର ଦ୍ୱୟ କିଛି ଉପାୟ ନ ପାଇ ସ୍କୁଟି ନେଇ ଦହିସଡା ଗ୍ରାମ ମଧ୍ୟକୁ ପଶି ଯାଇଥିଲେ। ଏହା ଜାଣିପାରି ଗ୍ରାମବାସୀ ଚୋର ଦ୍ୱୟଙ୍କୁ ଗୋଡ଼ାଇ ଗୋଡ଼ାଇ ଏକ ନଈ ମଧ୍ୟରୁ ଧରିଥିଲେ। ଉତ୍ତମ ମଧ୍ୟମ ଦେବା ପରେ ସୋର ପୁଲିସକୁ ଖବର ଦେଇଥିଲେ। ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚୋର ଦ୍ୱୟଙ୍କୁ ଥାନାକୁ ଆଣି ଅଟକ ରଖିବା ସହିତ ସ୍କୁଟି ଜବତ କରି ଥାନାକୁ ଆଣିଛି। ଏ ବାବଦରେ ହରେକୃଷ୍ଣ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ପୁରାତନ ଛାତ୍ରଛାତ୍ରୀଙ୍କ ସହାୟତା

ବାଲିଆପାଳ, ୫।୮ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ହାସିମପୁର ଉଦୟନାରାୟଣ ଉଚ୍ଚବିଦ୍ୟାଳୟର ୨୦୦୨ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ବନ୍ଧୁମିଳନ ଅବସରରେ ବଣଭୋଜି ନ କରି ସେହି ଖର୍ଚ୍ଚକୁ ଅସହାୟ ବ୍ୟକ୍ତି ବିଶେଷଙ୍କୁ ସହାୟତା କରିବାର ସିଦ୍ଧାନ୍ତ ନେଇଛନ୍ତି। ରବିବାର ପୂର୍ବାହ୍ନରେ ଛାତ୍ରଛାତ୍ରୀ ବାଲିକୁଟି ପଞ୍ଚାୟତ ଛଡା ଗ୍ରାମରେ ଥିବା ଶ୍ରଦ୍ଧା ବୃଦ୍ଧାଶ୍ରମକୁ ଯାଇ ସେଠାରେ ଥିବା ଅନ୍ତେବାସୀଙ୍କୁ ଗୋଟିଏ ମାସର ରାସନ ସାମଗ୍ରୀ, ଆର୍ଥିକ ରାଶି, ପାଲ, ବସ୍ତ୍ର ପ୍ରଦାନ କରିବା ସହିତ ଭୋଜନର ବ୍ୟବସ୍ଥା କରିଥିଲେ।



ଏହି ବ୍ୟାଚର ଚନ୍ଦ୍ରମୋହନ ସାହୁ, ପବିତ୍ର ମୋହନ ପାତ୍ର, ଆଲୋକ କୁମାର ଦାସ, ଆଶିଷ ଚକ୍ରବର୍ତ୍ତୀ, ସୁଶାନ୍ତ ସାହୁ, ଦିଲ୍ଲୀପ ସାମଲ, ସଞ୍ଜୀବ ଦତ୍ତ, ରାମକୃଷ୍ଣ କାମିଲା, ନଳୀନି ଦତ୍ତ, ରାଜସ୍ମିତା ନାୟକ, ସୀତାଂଶୁ ନାଥ ଓ ଜନ୍ମେଜୟ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଅଜଣା ମୃତଦେହ ଉଦ୍ଧାର

ଲଙ୍ଗଳେଶ୍ୱର, ୫।୮ (ସମିସ) : ବାଲେଶ୍ୱର ଜିଲ୍ଲା ସିଂଳା ଥାନା ଅନ୍ତର୍ଗତ ସାର୍ଥା - ହଳଦୀପଦା ମୁଖ୍ୟରାସ୍ତାର ଓଡିଶାଳ ଛକ ନିକଟ ରାସ୍ତା କଡ଼ରୁ ଏକ ଅଜଣା ମୃତଦେହ ଉଦ୍ଧାର ହୋଇଛି। ଆଜି ସକାଳେ ସ୍ଥାନୀୟ ଲୋକ ମୃତଦେହ ପଡିଥିବାର ଦେଖି ସିଂଳା ପୁଲିସକୁ ଖବର ଦେଇ ଥିଲେ। ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ହୋଇଥିବା ଅନୁମାନ କରା ଯାଉଛି। ଖବର ପାଇ ସିଂଳା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ ଯୁବକର ପରିଚୟ ମିଳି ପାରିନି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲିଆପାଳ, ୫।୮ (ସମିସ): ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନ.ଏସ.ଏସ. କୋ-ୟୁନିଟ ଓ ଦେଭୋଗ ଗ୍ରାମପଞ୍ଚାୟତ ମିଳିତ ଉଦ୍ୟମରେ ଏକ




ଗ୍ରୀନ ଇନିସିଏଟିଭ୍ ଭାବରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ କଲେଜ ମୁଖ୍ୟ ରାସ୍ତା ସମୀପରେ ଥିବା ଅମୃତଶର ପୋଖରୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ରାଉତ ଏହାକୁ ଉଦଘାଟନ କରିଥିଲେ। ଏଥିରେ ଦେଭୋଗ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ସଦସ୍ୟଙ୍କ ପ୍ରତିନିଧି ଧନଞ୍ଜୟ ଗିରି, ୱାର୍ଡ ମେମ୍ବର ତିଳୋତ୍ତମା ଦଳାଇ ଓ ଅନ୍ୟ ଗ୍ରାମପ୍ରତିନିଧିମାନେ ଯୋଗ ଦେଇ ଥିଲେ। ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ପ୍ରେମାନନ୍ଦ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ସାହୁ,ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ,ବରିଷ୍ଠ ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ (ରାଜନୀତି ବିଜ୍ଞାନ), ମନୋଜ କୁମାର ମହାପାତ୍ର (ପଦାର୍ଥ ବିଜ୍ଞାନ), ଡିଇଓ ତଥା କନିଷ୍ଠ କିରାଣୀ ବିଜୟ କୁମାର ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀନିବାସ ପାଠୀ,ଅବସରପ୍ରାପ୍ତ ଇଂଜିନିୟର ଗଦାଧର ଗିରିମହେଶ ଚନ୍ଦ୍ର ପଣ୍ଡା, ପବନ କୁମାର ନାୟକ, ଗୋପାଳ ଚନ୍ଦ୍ର ଗିରି, ଲମ୍ବୋଦର ଗିରି, ସୁମି ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। କଲେଜର ଏନ.ଏସ.ଏସ. ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ଛାତ୍ର ସଂସଦ ଓ ସାଂସ୍କୃତିକ ପରିଷଦ ନିର୍ବାଚନ ନୋଟିସ ପ୍ରକାଶରେ ବିଳମ୍ବ

# ଖୁବ୍‌ଶୀଘ୍ର ନୋଟିସ ଜାରି କରିବାକୁ ଛାତ୍ରନେତାଙ୍କ ଦାବି

କାଳିପଦା, ୫।୮ (ସମିସ)

ଯୁକ୍ତ ତିନି କଲେଜ ଛାତ୍ର ସଂସଦ ଓ ଯୁକ୍ତ ଦୁଇ ସାଂସ୍କୃତିକ ପରିଷଦ ନିର୍ବାଚନ ନେଇ ଏବେ ବିଭିନ୍ନ ଛାତ୍ର ସଂଗଠନ ମଧ୍ୟରେ ଉତ୍ସୁକତା ବଢ଼ିବାରେ ଲାଗିଛି। ତେବେ ସରକାରଙ୍କ ତାରିଖ ଘୋଷଣାକୁ ନେଇ ସମସ୍ତଙ୍କର ଅପେକ୍ଷା ରହିଛି। ଗତ ବର୍ଷ ସରକାର ଉଭୟେ ଯୁକ୍ତ ତିନି ଛାତ୍ର ସଂସଦ ଓ ଯୁକ୍ତ ଦୁଇ ସାଂସ୍କୃତିକ ପରିଷଦ ନିର୍ବାଚନ ଚଳିତବର୍ଷ ହେବ ବୋଲି ଘୋଷଣା କରିଥିଲେ। ନିର୍ବାଚନକୁ ଆଖି ଆଗରେ ରଖି ଏବେ ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା କଲେଜ ଓ ଜଗାଇସ୍ଥିତ କୃଷ୍ଣ ଚନ୍ଦ୍ର ପିପିଲି କଲେଜରେ ଏବିଭିପି, ଏଆଇଏସଏଫ, ବିସିଜେଡି ଆଦି ସଂଗଠକ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ବୃକ୍ଷରୋପଣ, ରିଲିଫ ବଣ୍ଟନ, ରକ୍ତ ଦାନ ଶିବିର, ମଶାଲ ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂର୍ବତନ



ସରକାର ୨୦୧୯ ଅଗଷ୍ଟ ୨୩ ତାରିଖରେ ଏକ ନୋଟିସ ଜରିଆରେ ଉଭୟେ ଯୁକ୍ତ ତିନି ଛାତ୍ର ସଂସଦ ଓ ଯୁକ୍ତ ଦୁଇ ସାଂସ୍କୃତିକ ନିର୍ବାଚନ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ ରହିଲା ବୋଲି ଜଣାଇ ଥିଲେ। ନିର୍ବାଚନ ବନ୍ଦକୁ ବହୁ ଛାତ୍ର ସଂଗଠନ ତରଫରୁ ତୀବ୍ର ବିରୋଧ କରାଯାଇ ଥିଲା। ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ସ୍ୱାଧୀନତା ଓ ନେତୃତ୍ୱ ନିର୍ମାଣ ପ୍ରକ୍ରିୟାକୁ କଣ୍ଠ ରୋଧ କରାଗଲା ବୋଲି ତତ୍କାଳୀନ ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇ ଥିଲା। ଭାରତୀୟ ଜନତା ପାର୍ଟି ସରକାରକୁ ଆସିଲେ ପୁଣି କଲେଜରେ ଉଭୟେ ସଂସଦ ଓ ପରିଷଦର ନିର୍ବାଚନ କରାଯିବ ବୋଲି ଘୋଷଣା କରିଥିଲେ। ତେବେ ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣା ସାରା ରାଜ୍ୟରେ ଚହଳ ପକାଇଥିବା ବେଳେ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଏବେ ସ୍କୁଲ କଲେଜରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ସେଲ୍ ଗଠନ କରିବା ନେଇ ସରକାର ବ୍ୟସ୍ତ ରହିଥିବା ଦେଖିବାକୁ ମିଳିଛି। ଏବେ ପ୍ରାୟ ସବୁ ସ୍କୁଲ ଓ କଲେଜରେ ଆଡ଼ମିସନ ପ୍ରକ୍ରିୟା ଶେଷ ହୋଇ କ୍ଲାସ ଜୋର ସୋରରେ ଚାଲିଛି। ସରକାରଙ୍କ ପକ୍ଷରୁ ଏବେ ଛାତ୍ର ସଂସଦ ଓ ସାଂସ୍କୃତିକ ପରିଷଦ ନିର୍ବାଚନ ପାଇଁ ନୋଟିସ ପ୍ରକାଶ ପାଇବା କଥା। ତାହା ବିଳମ୍ବ ହେଉ ଥିବାରୁ ଛାତ୍ର ନେତା ମଳୟ କୁମାର ମହାନ୍ତି, ରଘୁନାଥ ବେହେରା, ବାଙ୍କିମ ଚନ୍ଦ୍ର ଦେହୁରୀ, ମୋରାରି ମୋହନ ସାହୁ, ସଂଘମିତ୍ରା ଜେନା, କୌସ୍ତୁବ କୁମାର ଖମାରି ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ଶୀଘ୍ର ନୋଟିସ ଜାରି କରନ୍ତୁ ବୋଲି ଏମାନେ ଦାବି କରିଛନ୍ତି।

## କଂସାରିପାଟିଆ ମୌଜା ଜଙ୍ଗଲ ଜମିରୁ ବାଲି ଲୁଟ୍

# ହେଉନି କାର୍ଯ୍ୟାନୁଷ୍ଠାନ; ପ୍ରଶାସନର ଭୂମିକାକୁ ନେଇ ସନ୍ଦେହ

ପାରାଦୀପ,୫।୮ (ସମିସ)

ପାରାଦୀପ ବେଳାଭୂମି ଅଞ୍ଚଳ କଂସାରିପାଟିଆ ମୌଜା ଜଙ୍ଗଲ ଜମିରୁ ତିନିଦିନ ଧରି ରାତିରେ ଚାଲିଛି ବାଲି ଲୁଟ୍। ଏଭଳି ଲୁଟ୍ ପଛରେ କାହାର ହାତ ରହିଛି, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ପରେ ବି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ କେହି ବି କର୍ଣ୍ଣପାତ କରୁନାହାନ୍ତି। ରାଜନେତାଙ୍କ ଛତ୍ରଛାୟା ତଳେ ରହି ମାଫିଆ ଜଙ୍ଗଲ ଜମିରୁ ଏଭଳି ଲୁଟ କରୁଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଲୋକେ ଏକାଧିକଥର ଧରିବା ସହିତ ପୁଲିସକୁ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁନର୍ବାର ସେମାନେ ଲୁଟ କରିବାକୁ ସାହସ ଜୁଟାଉଛନ୍ତି। କୌଣସି ନା କୌଣସି ସ୍ଥାନରେ ପୋତିବା ଲାଗି ବାଲି ଆବଶ୍ୟକ ପଡୁଥିବାରୁ ଏହି ଲୁଣି ବାଲିକୁ ବହୁ କମ୍ ଖର୍ଚ୍ଚରେ ଉଠାଇ ଆବଶ୍ୟକତାକୁ ପୂରଣ କରୁଛନ୍ତି। ବିଭିନ୍ନ ଶିଳ୍ପ ସଂସ୍ଥା, ରାସ୍ତାଘାଟ, ପୋଲ ନିର୍ମାଣ, ବେସରକାରୀ ଜାଗା ପୋତିବା ଆଦି କାର୍ଯ୍ୟରେ ଏହି ବାଲି ଲାଗୁଛି। ସ୍ଥାୟିତ୍ୱ ପାଇଁ ଯେଉଁ ଜାଗା ମଧୁରୀ ବାଲିରେ ପୋତାଯିବା କଥା, ତାକୁ କମ୍ ଖର୍ଚ୍ଚରେ ଲୁଣା ବାଲି ରେ ପୋତି ଦିଆଯାଉଛି। ପାରାଦୀପ ଅଞ୍ଚଳରେ ଗଢି ଉଠିଥିବା ନୂତନ ଶିଳ୍ପ ସଂସ୍ଥା ସମେତ ବଡ ବଡ ହୋଟେଲ ନିର୍ମାଣ, ଏପରିକି ବ୍ରିଜ ଓ ରାସ୍ତା ନିର୍ମାଣରେ ମଧ୍ୟ ଏହି ଲୁଣି ବାଲି କାମରେ ଲାଗୁଛି। ତେବେ ନିର୍ମାଣ ପରେ ଏହାର ସ୍ଥାୟିତ୍ୱକୁ ନେଇ କେହି ବି ଚିନ୍ତା କରୁନାହାନ୍ତି। ଫଳରେ ଦୀର୍ଘସ୍ଥାୟୀ କାର୍ଯ୍ୟ ବହୁ କମ୍ ଦିନ ମଧ୍ୟରେ ଭୁଶୁଡ଼ି ପଡିବା କଥାକୁ ଏଡାଇ ଦିଆଯାଇ ନ ପାରେ।



ଏଭଳି କୌଣସି କାମ ନାହିଁ, ଯେଉଁଠି ଲୁଣି ବାଲି ବ୍ୟବହାର କରାଯାଇନାହିଁ। ଗୋଟିଏ ମଧୁରୀ ବାଲି ଟ୍ରିପ୍‌ର ଦାମ ବର୍ତ୍ତମାନ ମାର୍କେଟ ଦର ଅନୁସାରେ ୧୫ ହଜାର ଟଙ୍କା ଥିବାବେଳେ ଲୁଣି ବାଲି ଟ୍ରିପ୍ ପାଇଁ କେବଳ ଲୋଡିଂ ମେସିନ ଓ ଗାଡି ଭଡା ବାବଦକୁ ୨ରୁ ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେବେ ଏଠାରେ ଟ୍ରିପ ପିଛା ମାଫିଆ ୧୦ରୁ

**ରାଜନେତାଙ୍କ ଇଙ୍ଗିତରେ ହେଉଛି ଲୁଟ୍**

୧୨ ହଜାର ଟଙ୍କା ପକେଟରେ ପୁରାଇ ମାଲାମାଲ ହେଉଛନ୍ତି। ତେଣୁ ସମୁଦ୍ର ବାଲି ଉପରେ ଆଖି ପକାଉଛନ୍ତି ଏହି ମାଫିଆ। ଯାହାକି ଗୋଟିଏ ରାତିରେ ବହୁ କମ ଖର୍ଚ୍ଚରେ ବହୁ ରୋଜଗାର ଦେଉଛି।

ଅନ୍ୟପକ୍ଷରେ ଏହି ଜଙ୍ଗଲରୁ ବାଲି ଲୁଟ ହେବା ପରିବେଶ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଘୋର ବିପଦ ସୃଷ୍ଟି ହୋଇଛି। ପ୍ରାକୃତିକ ବାଲି ଟିକିରା ଧ୍ୱଂସ ହୋଇଯାଉଥିବାବେଳେ ଝାଉଁ ଜଙ୍ଗଲ ଉଜୁଡ଼ିଯାଉଛି। ସମୁଦ୍ରରେ ଆସୁଥିବା ଜୁଆର କୂଳ ଲଘି ଜନବସତିକୁ ପଶିଯିବା ନେଇ ବିପଦ ସୃଷ୍ଟି ହୋଇଛି। ଏହି ଚୋରା ବାଲି ଚାଲାଣକୁ ନେଇ ଅଭୟଚାନ୍ଦପୁର ଥାନାରେ ଗତକାଲି ଦୁଇ ଗୋଷ୍ଠୀ ମଧ୍ୟରେ ପୃଥକ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଥାନା ଅଧିକାରୀ ହାଲକା ଭାବେ ଗ୍ରହଣ କରି ଅଭିଯୋଗ ଭିତ୍ତିହୀନ ବୋଲି ସଫେଇ ଦେଇଥିଲେ। ତେବେ ରାଜନେତାଙ୍କ ଜାଣତରେ ଏଭଳି ଲୁଟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯାହାକି ପୁଲିସ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ଚୋରା ବାଲି ଚାଲାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଯୁବ ଗୋଷ୍ଠୀ ମଧ୍ୟରେ ଚକାପଞ୍ଝା ଆରମ୍ଭ ହୋଇଯାଇଛି। ଏହି ଅସନ୍ତୋଷ ଧୀରେ ଧୀରେ କୁହୁଳି ମୁହାଁମୁହିଁ ପରିସ୍ଥିତି ଉପୁଜିଥିବାରେ ସମ୍ଭାବନା ଦେଖା ଦେଇଛି।

## 'ପଣ୍ଡିତ ନୀଳକଣ୍ଠ ଜଣେ ସାରସ୍ୱତ ସାଧକ ଓ ସମାଜ ସଂସ୍କାରକ ଥିଲେ'



ଜଗତସିଂହପୁର,୫।୮ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପୁରୁଣାଗଡର ପ୍ରଫୁଲ୍ଲ ପାଠାଗାର ଓ ଜଗତସିଂହପୁର ସାରସ୍ୱତ ପରିଷଦ ମିଳିତ ଆନୁକୂଲ୍ୟରେ ସତ୍ୟବାଦୀ ବକୁଳ ବନର ଅନ୍ୟତମ ସାରସ୍ୱତ ସାଧକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୧ତମ ଜୟନ୍ତୀ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାରସ୍ୱତ ପରିଷଦ ଅଧ୍ୟକ୍ଷ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆ.ର୍ଯ୍ୟ, ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଓ ବିଜୟ କୁମାର ପତି ପ୍ରମୁଖ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଦାସ ଜଣେ ବାସ୍ତବବାଦର ମଣିଷ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏକାଧାରାରେ ସେ ଜଣେ ନୀତିନିଷ୍ଠ ଆଚାର୍ଯ୍ୟ, ସମାଜ ସଂସ୍କାରକ, ସାହିତ୍ୟିକ ଓ ଆଦର୍ଶ ରାଜନୀତିଜ୍ଞ ଭାବେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ଅଜୟ ପତି, ସତ୍ୟବାଦୀ ସାହୁ ପ୍ରମୁଖ ଆଲୋଚନାରେ ଭାଗନେଇ ପଣ୍ଡିତ ନୀଳକଣ୍ଠ ଦାସଙ୍କ କୀର୍ତ୍ତି ଓ କୃତୀ ଏ ଜାତିର ଜାତୀୟ ଚିନ୍ତାଧାରାକୁ ଋଦ୍ଧିମନ୍ତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

**● ବ୍ୟାଡ଼ମିଣ୍ଟନରେ ଜଗତସିଂହପୁର ଝିଅର କମାଲ୍**

## ୧୧ ବର୍ଷ ବୟସରେ ଜିତିଲେଣି ୨୧ ପଦକ

ଜଗତସିଂହପୁର,୫।୮ (ସମିସ): ବୟସ ମାତ୍ର ୧୧ ବର୍ଷ। ଭୁବନେଶ୍ୱରର ଏକ ଘରୋଇ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ପିଲାଦିନରୁ ବ୍ୟାଡ଼ମିଣ୍ଟନ ଖେଳିବା ନିଶା ଏହି ଛୋଟ ବୟସରେ ତାଙ୍କୁ ଆଣିଦେଇଛି ଅନେକ ସଫଳତା। ଏହି ବିରଳ କୃତିତ୍ୱର ଅଧିକାରିଣୀ ହୋଇପାରିଛନ୍ତି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ମାଣପୁର ଗ୍ରାମର ଲକ୍ଷ୍ମୀପ୍ରିୟା ଗୋଛାୟତ। ସେ ବର୍ତ୍ତମାନ ସୁଦ୍ଧା ଜିତିଲେଣି ୨୧ଟି ପଦକ। ଏଥିରେ ୧୦ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୭ଟି ବ୍ରୋଞ୍ଜ ପଦକ ରହିଛି। ଲକ୍ଷ୍ମୀଙ୍କୁ ଯେତେବେଳେ ୪ ବର୍ଷ ହୋଇଥିଲା ତାଙ୍କର ବ୍ୟାଡ଼ମିଣ୍ଟନ ଖେଳପ୍ରତି ଆଗ୍ରହ ଦେଖି ପିତା ଦିନେଶ ଗୋଛାୟତ ସହଯୋଗ କରିଥିଲେ। ଶାରୀରିକ ବ୍ୟାୟାମ ଶିକ୍ଷା ଦେବା ସହିତ ଷ୍ଟ୍ରିଟ୍‌ଲାଇଟରେ ରାତିରେ ୧୦/୧୧ ଘଣ୍ଟା ପର୍ଯ୍ୟନ୍ତ ଝିଅ ସହିତ ବ୍ୟାଡ଼ମିଣ୍ଟନ ଅଭ୍ୟାସ କରୁଥିଲେ ପିତା ଦିନେଶ। ୮ ବର୍ଷ ବୟସରେ ଝିଅ ଲକ୍ଷ୍ମୀପ୍ରିୟାଙ୍କୁ ପ୍ରଥମେ ମଞ୍ଜୁଲତା ଇଣ୍ଡୋର




ହଲ୍ ଓ ପରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥ ଆର. ସଟଲର ଇଣ୍ଡୋର ହଲରେ କୋଚ୍ ରୋହିତ ସାରଙ୍ଗଠାରୁ ପ୍ରଶିକ୍ଷଣ ପାଇଁ ପିତା ଦିନେଶ ଭର୍ତ୍ତି କରିଥିଲେ। ପରେ ଓଡ଼ିଶା ସାଇ ବ୍ୟାଡ଼ମିଣ୍ଟନ ଏକାଡେମୀରେ ଭର୍ତ୍ତି ହୋଇଥିଲେ ଲକ୍ଷ୍ମୀପ୍ରିୟା ଓ ସେଠାରେ କୋଚ୍ ଦିଲ୍ଲୀପ କୁମାରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଗ୍ରହଣ ଜାରି ରଖିଛନ୍ତି। ୨୦୨୨ରୁ ୨୦୨୫ ମସିହା ମଧ୍ୟରେ ସେ ୧୦ ଥର ଜାତୀୟ ସ୍ତରର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗନେଇ ପଦକ ହାସଲ କରିଛନ୍ତି। ନିକଟରେ ଗୋଆଠାରେ ଆୟୋଜିତ ୧୩ ବର୍ଷରୁ କମ୍ ବାଳିକା ଡବଲ୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ସାନଭି ସାହୁଙ୍କ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଓଡ଼ିଶାରେ ୧୧ ବର୍ଷରୁ କମ୍,୧୩ ବର୍ଷରୁ କମ୍,୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ସିଙ୍ଗଲ୍ସ ଓ ଡବଲ୍ସ ବାଳିକା ବର୍ଗରେ ବିଭିନ୍ନ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭାଗନେଇ ୧୦ଟି ସ୍ୱର୍ଣ୍ଣ ପଦକ, ୪ଟି ରୌପ୍ୟ ପଦକ ଓ ୭ଟି ବ୍ରୋଞ୍ଜ ପଦକ ହାସଲ କରି ଜଗତସିଂହପୁର ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଲକ୍ଷ୍ମୀପ୍ରିୟାଙ୍କ ପିତା ଦିନେଶ ଗୋଛାୟତ, ମାତା କାମିନୀ ଗୋଛାୟତ ଓ ପୂରା ପରିବାର ତାଙ୍କୁ ଉତ୍ସାହିତ କରୁଥିବା ସେ ପ୍ରକାଶ କରିଛନ୍ତି। ଆଗକୁ ଭାରତ ପାଇଁ ଖେଳି ପଦକ ଆଣିବା ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ଏହି ବ୍ୟାଡମିଣ୍ଟନ କୁଇନ୍ ଲକ୍ଷ୍ମୀପ୍ରିୟା। ଈଶ୍ୱର ତାଙ୍କ ଇଚ୍ଛାକୁ ପୂରଣ କରନ୍ତୁ ଓ ସେ ଆଗକୁ ଅଧିକରୁ ଅଧିକ ସଫଳତା ହାସଲ କରିବାରେ ସକ୍ଷମ ହୁଅନ୍ତୁ, ଏତିକି 'ସକାଳ' ପରିବାର ପକ୍ଷରୁ କାମନା କରାଯାଇଛି।

## ଅମରେଶ୍ୱର ମନ୍ଦିରରେ ଜଳାଭିଷେକ କଲେ ଶ୍ରଦ୍ଧାଳୁ

ପାରାଦୀପ, ୫।୮ (ସମିସ): ପାରାଦୀପ ଉପକଣ୍ଠ ଗରେଇ ଅମରେଶ୍ୱର ମହାଦେବ ମନ୍ଦିରରେ ସୋମବାର ଶତାଧିକ ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି। ତେବେ ଗରେଇ ଗ୍ରାମର ଯୁବକ କଟକସ୍ଥ ଗଡ଼ଗଡିଆ ଘାଟରୁ ଗୋଟିଏ ଭାରରେ ୧୦୮ କଳସୀ ଆଣି ଅମରେଶ୍ୱରଙ୍କୁ ଜଳାଭିଷେକ କରିଥିଲେ। ଗରେଇ ଗ୍ରାମର ପବିତ୍ର ମିଶ୍ର, ଶାରଦା ଶତପଥୀ, ପିଉସ ମିଶ୍ର, ପ୍ରଶାନ୍ତ ରାଉତ, ସରୋଜ ନାୟକ, ସୁଶାନ୍ତ ସ୍ୱାଇଁ, ନିବାରଣ ରାଉତ, ଜ୍ୟୋତିର୍ମୟ ପାଳ, ଶିବ ତାରେଣିଆ, ସତ୍ୟବ୍ରତ ପଟ୍ଟନାୟକ, ଶରତ ନାୟକ ପ୍ରମୁଖ ଏକତ୍ରିତ ହୋଇ ଅମରେଶ୍ୱର ମହାଦେବ ମନ୍ଦିରରେ ଜଳାଭିଷେକ କରିବା ସହ ଭଜନ କୀର୍ତ୍ତନ ଓ ନାମ ସଂକୀର୍ତ୍ତନ କରିଥିଲେ।

## ସିପିଆଇର କାର୍ଯ୍ୟକାରୀ କମିଟି ବୈଠକ

 କୁଜଙ୍ଗ,୫।୮ (ସମିସ): ରାଜ୍ୟରେ ଶ୍ରମିକ, କୃଷକ ଓ ସାଧାରଣ ଜନତା ସରକାରଙ୍କ କାର୍ଯ୍ୟରେ ତୀବ୍ର ଅସନ୍ତୋଷ ଥିବା ସିପିଆଇ ଅଭିଯୋଗ କରି ସାଧାରଣ ଲୋକଙ୍କ ଅଭାବ ଅସୁବିଧା ପୂରଣ କରିବାରେ ସରକାର ବିଫଳ ବୋଲି କହିଛି। ଆଜି କୁଜଙ୍ଗସ୍ଥ ଲୋକନାଥ ଭବନ ପରିସରରେ ନବଗଠିତ କୁଜଙ୍ଗ-ପାରାଦୀପ ଜୋନାଲ କମିଟି କାର୍ଯ୍ୟକାରୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶିକ୍ଷାବିତ୍ କମ୍ରେଡ୍ ବସନ୍ତ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ନବଗଠିତ ପନ୍ଦର ଜଣିଆ କାର୍ଯ୍ୟକାରୀ କମିଟି ବୈଠକରେ ଜୋନ୍ ସମ୍ପାଦକ ସୁବାସ ମହାପାତ୍ର, ସହସମ୍ପାଦକ ରବୀନ୍ଦ୍ର ମାଝୀ ଓ ନିମାଇଁ ମହାପାତ୍ର, ଜିନ୍ମୟୀ ସାହାଣୀ, ଶରତ ଚନ୍ଦ୍ର ବେହେରା, ଅଜୟ ବେହେରା, ଶ୍ରୀନିବାସ ଜୁଝାରସିଂହ, ଶରତ ଚନ୍ଦ୍ର ବଳିୟାରସିଂହ, ବିଷ୍ଣୁ ଚରଣ



ମୁଦୁଲୀ, ରବୀନ୍ଦ୍ର ମହାପାତ୍ର, ପ୍ରତୀମା ମଲିକ, ସଲୀଳ ସାମନ୍ତରାୟ, କଲ୍ୟାଣୀ ଦାସ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସିପିଆଇ କୁଜଙ୍ଗ-ପାରାଦୀପ ଜୋନାଲ କମିଟିକୁ ଦୃଢ କରିବା ସହ ବାଲିକୁଦା ଆମ୍ବଶାଳରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସମ୍ମିଳନୀରେ କୁଜଙ୍ଗରୁ ୪୦ ଜଣ ପ୍ରତିନିଧି ଯୋଗ ଦେବେ ବୋଲି ନିଷ୍ପତ୍ତି ହୋଇଥିଲା। ସେପ୍ଟେମ୍ବର ୪ରେ ଭୁବନେଶ୍ୱର ରାଜ୍ୟ ସମ୍ମିଳନୀରେ କୁଜଙ୍ଗରୁ ୨୦୦ ଜଣ ଯୋଗ ଦେବାକୁ ସ୍ଥିର ହୋଇଥିବାବେଳେ ପ୍ରତି ମାସରେ ଶାଖା ବୈଠକ ବସିବା ସହ ସ୍ଥାନୀୟ ସମାସ୍ୟା ସମାଧାନ, ମାଳହୁଙ୍କାରେ ନୂତନ ଡାକ୍ତର ନିଯୁକ୍ତି ନେଇ ସିପିଆଇର ଗଣ୍ଡିକିପୁର ଶାଖାର ଆନ୍ଦୋଳନ, ଆଗାମୀ ସେପ୍ଟେମ୍ବର ୭ରେ ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଓ ଜଳ ନିଷ୍କାସନ ନେଇ କୁଜଙ୍ଗରେ ପ୍ରତିବାଦ ସଭା ଓ ବିକ୍ଷୋଭ ନେଇ ରଣନୀତି ସ୍ଥିର କରାଯାଇଥିବା ଜୋନ୍ ସମ୍ପାଦକ ସୁବାସ ମହାପାତ୍ର ପ୍ରକାଶ କରିଛନ୍ତି।

## ଓଷକଣା ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବାଲିକୁଦା,୫।୮ (ସମିସ): ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତ ଓଷକଣା ଶୋଭା ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଅପର୍ତ୍ତି ଚରଣ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଦୁଇଟି ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ମୁଦୁଲି, ଅଲିଭା ବେହେରା, ଶିକ୍ଷକ ଧରଣୀଧର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ। ଉଦଯାପନୀ ଉତ୍ସବରେ ଶିକ୍ଷାବିତ୍ ଭୋଳିନାଥ ମହାନ୍ତି, ସମ୍ପାଦକ ବାସୁଦେବ ରାଉତ ପ୍ରମୁଖ ଯୋଗଦେଇ ଛାତ୍ର ଜୀବନରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଚାରକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିବା ପ୍ରକଳ୍ପର ମୂଲ୍ୟାଙ୍କନ ପୂର୍ବକ ଶିଶୁ ବାଟିକା ବିଭାଗରେ ସ୍ୱରାଂଶ ଚାନ୍ଦ, ଅର୍ଣ୍ଣବ ସ୍ୱାଇଁ, ଦିବ୍ୟଜିତ ସ୍ୱାଇଁ,



ଦୀପ୍ତିସ୍ମିତା ସ୍ୱାଇଁ ଓ କନିଷ୍ଠ ବିଭାଗରେ ବିଭାନ ସ୍ୱାଇଁ, ସିବି ସିମ୍ରନ ସ୍ୱାଇଁ ଓ ସାନଭି ସ୍ୱାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗରେ ଅଭିକ ସ୍ୱାଇଁ, ପ୍ରିୟାଂଶୁ ରାଉତ, ପ୍ରିୟାଂଶୀ ଭଟ ପ୍ରମୁଖ ପୁରସ୍କୃତ ହୋଇଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ବିଦ୍ୟାଳୟର ୨୬୫ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ହେମନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ କର୍ମଚାରୀ ସହାୟତା କରିଥିଲେ।

## ପଙ୍କପାଳ ବଜାର ବ୍ୟବସାୟୀଙ୍କ ପରଲୋକ

କୁଜଙ୍ଗ,୫।୮ (ସମିସ): କୁଜଙ୍ଗ ବ୍ଲକ୍ ପଙ୍କପାଳସ୍ଥ ପଙ୍କପାଳ ବଜାରର ବ୍ୟବସାୟୀ ମାୟଧର ସିଂହଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ କିଛିଦିନ ପୂର୍ବେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଅସ୍ତ୍ରୋପଚାର ପରେ



ଘରେ ରହି ଚିକିତ୍ସିତ ହେଉଥିଲେ। ତରୁଣ ଡ୍ରାମାଟିକ୍ କ୍ଲବ୍‌ରେ ଜଣେ ସଫଳ ହାସ୍ୟ ଅଭିନେତା, ଆଜାଦ ହିନ୍ଦ୍ କ୍ଲବର ପ୍ରମୁଖ ସଂଗଠକ, ବହୁ ଦୁର୍ଗାପୂଜା ଓ ରାମଚରିତ ମାନସ ସହ ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ବଣିକ ସଂଘ ସଭାପତି ଫକୀର ଦାସ, ଅକ୍ଷୟ ସାହୁ, ଛବିନ୍ଦ୍ର ସାହୁ, ସୁରେଶ ବାରିକ, ଅମୂଲ୍ୟ ସିଂହ, କସ୍ତୁରୀ ଚରଣ ସିଂହଙ୍କ ସହ ବହୁ ମୁରବୀ, ବ୍ୟବସାୟୀ, ଜନପ୍ରତିନିଧି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ କରାଯାଇଥିଲା।

## ଚାଷୀଙ୍କଠାରୁ ସମୃଦ୍ଧ ଜୀବନର ଠକେଇ ଅଭିଯୋଗ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୫।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ଚାଷୀଙ୍କଠାରୁ ସମୃଦ୍ଧ ଜୀବନ ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥା କୋଟି କୋଟି ଟଙ୍କା ଠକି ନେଇଛି। ଏ ନେଇ ଗରିବ ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚାଷୀ ଅଭିଯୋଗ କରିଛନ୍ତି ଯେ ଏହି କମ୍ପାନୀ ପଟ୍ଟାମୁଣ୍ଡାଇରେ କାର୍ଯ୍ୟାଳୟ ଖୋଲିଥିଲା। କମ୍ପାନୀ ହଜାର ହଜାର ଚାଷୀଙ୍କୁ ଭରସା ଦେଇଥିଲା ଯେ ୫ ହଜାର ଟଙ୍କା ପୈଠ କଲେ କମ୍ପାନୀ ଲୋକଙ୍କୁ ଗୋଟିଏ ଗାଈ ଓ ବାଛୁରୀ ପ୍ରଦାନ କରିବ। ଗାଈଠାରୁ ଯେଉଁ କ୍ଷୀର ସଂଗ୍ରହ ହେବ, ତାହାକୁ କମ୍ପାନୀ କିଣିବ। ଏଥିସହ ଏହି ୫ ହଜାର ଟଙ୍କା ୫ ବର୍ଷ ପରେ ୧୦ ହଜାର ଟଙ୍କା ହୋଇଯିବ। ମାଗଣାରେ ଲୋକେ ଗାଈ ପାଇବେ। ଏ ନେଇ କମ୍ପାନୀ ଲୋକଙ୍କୁ ବଣ୍ଡ ମଧ୍ୟ ପ୍ରଦାନ କରିଥିଲା। ଫଳରେ କେଉଁ ଚାଷୀ ୪୦ ହଜାର ତ କେଉଁ ଚାଷୀ ୫୦ ହଜାର ବିନିଯୋଗ କରିଥିଲେ। ତେବେ କମ୍ପାନୀ କିଛିଦିନ ପରେ କାର୍ଯ୍ୟାଳୟ ବନ୍ଦ କରି କେଉଁଆଡେ ଫେରାର ହୋଇଯାଇଥିଲା। ଏହାପରେ ଚାଷୀମାନେ ଜାଣିବାକୁ ପାଇଥିଲେ ସେମାନେ ଠକାମୀର ଶିକାର ହୋଇଛନ୍ତି। ବହୁ କଷ୍ଟରେ ସଞ୍ଚିତ ଅର୍ଥକୁ କମ୍ପାନୀ ଠକିନେଲା ବୋଲି ଚାଷୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପାଖାପାଖି ଏକ କୋଟି ଟଙ୍କା ଚାଷୀଙ୍କଠାରୁ କମ୍ପାନୀ ଠକି ନେଇଥିବା ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି।

## ଫ୍ୟାନ ଚୋରି ଅଭିଯୋଗରେ ୨ ଗିରଫ

ପାରାଦୀପ, ୫।୮ (ସମିସ): ପାରାଦୀପ ଲକ୍‌ଥାନା ଅଧୀନ ନିମିଡି ଗ୍ରାମର ଅନୁପ ସେନାପତିଙ୍କ ଘରୁ ଗତ ସପ୍ତାହରେ ୪ଟି ଫ୍ୟାନ ଚୋରି ହେବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ ପୁଲିସ ତଦନ୍ତ କରି ଏକ ସପ୍ତାହ ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଦୁଇ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅଧୀନ କଳାଘର ଗ୍ରାମର ରଞ୍ଜନ ରାଉତ ଓ ପାରାଦୀପ ଲକଥାନା ଅଧୀନ ନିମିଡି ଗ୍ରାମର ଜ୍ୟୋତି ପ୍ରକାଶ ସ୍ୱାଇଁ (କୁଲୁ)। ଏ ନେଇ ଥାନାରେ ୨୪୪/୨୫ ଏକ ମାମଲା ରୁଜୁ କରାଯାଇଛି।



## ପଣ୍ଡିତ ଅଭୟ ଦାଶଙ୍କୁ 'ମାନସ ମନ୍ଦାକିନୀ' ସମ୍ମାନ

ତିର୍ତ୍ତୋଲ,୫।୮ (ସମିସ): ତିର୍ତ୍ତୋଲ ବ୍ଲକ ଅନାର୍ଗତ ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତର ଜନାର୍ଦ୍ଦନପୁର ଗ୍ରାମର ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କୁ



ମାନସ ମନ୍ଦାକିନୀ ପ୍ରଦାନ କରାଯାଇଛି। ଓଡ଼ିଆ ଭାଷାକୋଷର ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଜନ୍ମମାଟି କଟକ ସଦର ଅନ୍ତର୍ଗତ କନ୍ଦରପୁର ନିକଟ ସିଦ୍ଧେଶ୍ୱରପୁରସ୍ଥ ସିଦ୍ଧେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଓ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ ମହୋତ୍ସବର ଉଦଯାପନ ସନ୍ଧ୍ୟାରେ ଅତିଥି ଭାବେ ପ୍ରବକ୍ତା ପରିଷଦର ସଭାପତି ପଣ୍ଡିତ ପଦ୍ମଲାଭ ତ୍ରିପାଠୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ପଣ୍ଡିତ ବିଜୟ ଦେବତା, ସମ୍ପାଦକ ପଣ୍ଡିତ ପ୍ରମୋଦ ପଣ୍ଡା, ପଣ୍ଡିତ ଶୁକଦେବ ପଣ୍ଡା, ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମହାରାଜ ଓ ଦୂରଦର୍ଶନର ଆଧ୍ୟାତ୍ମିକ ବକ୍ତା ପଣ୍ଡିତ ଜିତୁ ଦାଶ, ପଣ୍ଡିତ ବିଶ୍ୱନାଥ ଶତପଥୀ, ପ୍ରବକ୍ତା ଶ୍ରୀନିବାସ ଆଚାର୍ଯ୍ୟ ପ୍ରମୁଖ ଶ୍ରୀ ଦାଶଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ।

**ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିଅନର ସାଧାରଣ ବୈଠକ**

## 'ଶ୍ରମିକଙ୍କ ଦାବି ନେଇ ପୋର୍ଟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରହିଛି'

ପାରାଦୀପ, ୫।୮ (ସମିସ)

ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିଅନର ସାଧାରଣ ବୈଠକ ସ୍ଥାନୀୟ ପୋର୍ଟ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ୟୁନିଅନର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଯୋଗଦେଇ ୟୁନିଅନ ପକ୍ଷରୁ ପାରାଦୀପ ପୋର୍ଟ କର୍ତ୍ତୃପକ୍ଷକୁ ଦିଆଯାଇଥିବା ଦାବିକୁ ବନ୍ଦର କର୍ତ୍ତୃପକ୍ଷ ନିଶ୍ଚୟ ମାନି ନେବା ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୩ଟି ୟୁନିଅନକୁ ନେଇ ଗଠିତ କୋ-ଅଡିନେସନ କମିଟି ପକ୍ଷରୁ ମଧ୍ୟ ଡିଏଲଆର ଭାଇଭଉଣୀଙ୍କ ସ୍ୱାର୍ଥ ପାଇଁ ପାରାଦୀପ ପୋର୍ଟ ମ୍ୟାନେଜମେଣ୍ଟକୁ ଦାବିପତ୍ର ଦିଆଯାଇଛି। ସେସବୁ ଦାବି ସମ୍ପର୍କରେ ଆଜି ସଭାପତି ଶ୍ରୀ ସର୍ଖେଲ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏବେ ମଧ୍ୟ ପାରାଦୀପ ବନ୍ଦର ମ୍ୟାନେଜମେଣ୍ଟ






ସହିତ ଆଲୋଚନା ଜାରି ରହିଛି। ଆମ ଦାବି ଉପରେ ବନ୍ଦର କର୍ତ୍ତୃପକ୍ଷ ଯଦି ତୁରନ୍ତ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ୟୁନିଅନ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଶ୍ରୀ ସର୍ଖେଲ କହିଥିଲେ।

ଆଜି ସମସ୍ତ ଡିଏଲଆର ଭାଇଭଉଣୀଙ୍କ ସହିତ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ଡକାଯାଇ ଆଲୋଚନା କରାଯାଇଥିଲା। ବିଗତ ଦିନରେ ୟୁନିଅନରେ ଥିବା ଡିଏଲଆର ଭାଇଭଉଣୀଙ୍କ ୩ ଥର ଦରମା ବୃଦ୍ଧି ହୋଇଛି। ସମାନ କାମକୁ ସମାନ ଦରମା, ଯେଉଁମାନେ ଅବସର ନେଉଛନ୍ତି ୩୦ ବର୍ଷ କାମ କରି ଗୋଟିଏ ମାସର ଦରମା ନେଇ ଘରକୁ ଯାଉଛନ୍ତି। ସେମାନଙ୍କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରିବା, ଏଥିସହିତ ୬୦ ବର୍ଷରେ ଅବସର ନେଇଥିବା ବନ୍ଦରର ଜଣେ କର୍ମଚାରୀ ଯେଉଁଭଳି ଭାବେ ଦୁଇରୁ ତିନିବର୍ଷ ପୁନଃନିଯୁକ୍ତି ପାଉଛି, ସେହିଭଳି ଜଣେ ଡିଏଲଆର ଭାଇଭଉଣୀ ମଧ୍ୟ ସେ ସୁଯୋଗ ପାଇପାରିବ, ସେ ନେଇ ଆମେ ବନ୍ଦର ମ୍ୟାନେଜମେଣ୍ଟକୁ ଦାବି ଜଣାଉଛୁ। ବନ୍ଦର କର୍ମଚାରୀଙ୍କ ଭଳି ମେଡିକାଲ ସୁବିଧା ଦେବାକୁ ଦାବି ରଖୁଛୁ। ୟୁନିଅନ ସହକାରୀ ସମ୍ପାଦକ ରାମକୃଷ୍ଣ ମହାପାତ୍ର ସଭା ମଞ୍ଚ ପରିଚାଳନା କରିଥିବାବେଳେ ୟୁନିୟନର ସାଧାରଣ ସମ୍ପାଦକ ସମୀର ବିଶ୍ୱାଳ, ଉପସଭାପତି ନିର୍ମଳ ମହାପାତ୍ର ଓ ଶିବପ୍ରସାଦ ବଳିଆରସିଂ, ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସାଂଗଠନିକ ସମ୍ପାଦକ ଦୀପକ ସ୍ୱାଇଁ, ଉପସଭାପତି ତପନ ପାତ୍ରଙ୍କ ସମେତ ଶତାଧିକ ଡିଏଲଆର ଭାଇଭଉଣୀ ବନ୍ଦର କାର୍ଯ୍ୟରେ ବାଧା ନ ଦେଇ ଉପସ୍ଥିତ ଥିଲେ।

**ରାସ୍ତା ଦୁରବସ୍ଥା ଏବଂ ବାୟୁ ପ୍ରଦୂଷଣ**

# କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ରେଢ଼ାଖୋଲ,୫।୮ (ସମିସ)



ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ୫୫ ନଂ ଜାତୀୟ ରାଜପଥ ରାସ୍ତା ଦୁରବସ୍ଥା ଏବଂ ବାୟୁ ପ୍ରଦୂଷଣ ପାଇଁ ରେଢାଖୋଲ ବିଜୁ ଜନତା ଦଳ ଏବଂ ରେଢ଼ାଖୋଲ ଅଞ୍ଚଳବାସୀ ପକ୍ଷରୁ ସୋମବାର ଦିନ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ରେଢାଖୋଲ ସହରର ରାସ୍ତା, ବିଶେଷକରି ଅଞ୍ଚଳ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥ ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି। ଲଗାଣ ବର୍ଷା ଓ ବହୁ ନିମ୍ନମାନର କାର୍ଯ୍ୟ ଏବଂ ସର୍ବଦା ଭାରିଯାନ ଚଳାଚଳ ଯୋଗୁଁ ଚାରମାଳ ଠାରୁ ରେଢାଖୋଲ ସହରର ରାସ୍ତା ଗୁଡ଼ିକ ବହୁତ ଖରାପ ହୋଇଛି। ଫଳରେ ଯାତାୟାତ କରୁଥିବା ଯାତ୍ରୀଙ୍କୁ ବହୁ ସମସ୍ୟା ସୃଷ୍ଟି କରିବା ସହ ଯାନବାହାନ କ୍ଷତି ଏବଂ ବାରମ୍ବାର ଦୁର୍ଘଟଣା ଯୋଗୁଁ ଜନସାଧାରଣ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହା ବ୍ୟତୀତ, ଏହି ରାସ୍ତାରେ ଚଳାଚଳ କରୁଥିବା ପାଉଁଶ ବୋଝେଇ ଭାରିଯାନ ବାହାନରୁ ଧୂଳି ଏବଂ ପାଉଁଶ ଉଡି ବାୟୁ ପ୍ରଦୂଷିତ କରୁଛି। ଯାହା ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରଭାବିତ କରୁଛି। ପରିସ୍ଥିତି କ୍ରମଶଃ ଅସହ୍ୟ ହେଉଛି, ଏବଂ ତେଣୁ ଏହି ସମସ୍ୟା ଗୁଡ଼ିକର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ଅଟେ। ଏଥିରେ ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ଚିନ୍ତାଜନକ ସମସ୍ୟା ଏହା କି ଉଭୟ ଚାରମାଳ ଓ ରେଢ଼ାଖୋଲ ଚିକିତ୍ସାଳୟ ଏହି ଜାତୀୟ ରାଜପଥ ନିକଟରେ ଅବସ୍ଥିତ। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ଅବସ୍ଥା ସହିତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ ପରିଦର୍ଶକ ପ୍ରତିଦିନ ଅସୁରକ୍ଷିତ ବାୟୁର ସମ୍ମୁଖୀନ ହେବାକୁ ପଡୁଛି। ଏଥିରେ ଚାରମାଳ ଛକ ଏବଂ ରେଢାଖୋଲ ଭାମଲୋଇ ଛକ ଦେଇ ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ ଜାତୀୟ ରାଜପଥ ରାସ୍ତା ପାର ହୋଇ ବିଦ୍ୟାଳୟ ଯାଉଛନ୍ତି। ଦୂଷିତ ପରିବେଶ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ରାସ୍ତା ତୁରନ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଉ, ଧୂଳି ପ୍ରଦୂଷଣ ହ୍ରାସ କରିବା ପାଇଁ ନିୟମିତ ରାସ୍ତା ସଫା କରିବା, ପାଣି ସିଞ୍ଚନ କରିବା ଏବଂ ଯାନବାହାନକୁ ସଠିକ୍ ଭାବରେ ଘୋଡାଇ ରଖିବା ଭଳି ପଦକ୍ଷେପ କାର୍ଯ୍ୟକାରୀ ଏବଂ ପାଉଁଶ ବୋଝେଇ ଟ୍ରକ ଗୁଡ଼ିକୁ ରାତ୍ରି ୯ ଘଟିକା ପରେ ସହର ମଧ୍ୟରେ ପ୍ରବେଶ କରିବା ପାଇଁ ଆଦେଶ ପ୍ରଦାନ କରାଯାଉ। ଆଗାମୀ ୧୦ ଦିନ ମଧ୍ୟରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ରେଢ଼ାଖୋଲ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଦେବୋଗଡ଼ ବୋର୍ଡ ସଭାପତି ଅରୁଣ କୁମାର ପ୍ରଧାନ, ବିଜେଡ଼ି ନଗର ଯୁବ ସଭାପତି ବିକାଶ ଦାସ, ବାସୁଦେବ ପୃଷ୍ଟି, ବିଜେଡ଼ି ଛାତ୍ର ସଭାପତି ବିଶ୍ୱଜିତ୍ ନନ୍ଦ, ଦଉ ବିଶାଳ ପ୍ରମୁଖ ସମେତ ଅନ୍ୟ ସଦସ୍ୟ ସାମିଲ ଥିଲେ।

## ଗଙ୍ଗାଧର ଜାତୀୟ କବିତା ସମ୍ମାନକୁ ପରିବର୍ତ୍ତନ ନ କରିବାକୁ ଦାବି

ବିଜେପୁର,୫।୮ (ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଉଥିବା ଗଙ୍ଗାଧର ଜାତୀୟ କବିତା ସମ୍ମାନକୁ ଚଳିତ ବର୍ଷ 'ଗଙ୍ଗାଧର ମେହେର ସାହିତ୍ୟ ସମ୍ମାନ' ଭାବେ ନାମିତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାକୁ ପରିବର୍ତ୍ତନ ନ କରିବା ପାଇଁ ଗୌରବ ଅଭିମନ୍ୟୁ ସାହିତ୍ୟ ସଂସଦ ପକ୍ଷରୁ ଦାବି ହୋଇଛି। ପଦ୍ମଶ୍ରୀ ଡ.ହଳଧର ନାଗ, ଅନୁଷ୍ଠାନ ସଭାପତି ତଥା ପୂର୍ବତନ ସିନେଟ୍ ସଦସ୍ୟ ସୁଶାନ୍ତ ମିଶ୍ର, ବରିଷ୍ଠ ସଦସ୍ୟ ତଥା ଅନ୍ୟତମ ସିନେଟ୍ ସଦସ୍ୟ ଅଶୋକ ପୁଜାହାରୀ, ସମ୍ପାଦକ ଶୋଭେନ୍ଦ୍ର ପ୍ରଧାନ ପ୍ରମୁଖ ମହାମହିମ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ହରିବାବୁ କମ୍ଭମ୍ପାଟିଙ୍କୁ ଚିଠି ଲେଖିଛନ୍ତି। ପୂର୍ବପରି ଗଙ୍ଗାଧର ଜାତୀୟ କବିତା ସମ୍ମାନ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ୧୯୮୯ ମସିହାରେ ଗଙ୍ଗାଧର ମେହେରଙ୍କୁ ଜାତୀୟସ୍ତରରେ ମାନ୍ୟତା ଦେବାପାଇଁ ଏହି ସମ୍ମାନ ପ୍ରଦାନ କରିବା ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରିଷଦର ନିଷ୍ପତ୍ତି ଅନୁଯାୟୀ ପ୍ରତିବର୍ଷ ଦେଶର ବିଶିଷ୍ଟ କବିମାନଙ୍କୁ 'ଗଙ୍ଗାଧର ଜାତୀୟ କବିତା ସମ୍ମାନ' ନାମରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଉଛି। ମାତ୍ର ଗତ ଜୁନ ୨୫ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ବୈଠକରେ ଏହି ଜାତୀୟ କବିତା ସମ୍ମାନକୁ ରଦ୍ଦ କରାଯାଇ 'ଗଙ୍ଗାଧର ମେହେର ସାହିତ୍ୟ ସମ୍ମାନ' ପ୍ରଦାନ କରିବା ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଏହି ନାମକରଣ ପରିବର୍ତ୍ତନ ଫଳରେ ସ୍ୱତନ୍ତ୍ର ଭାବେ ଗଙ୍ଗାଧରଙ୍କ ପାଇଁ ଦିଆଯାଉଥିବା ଏହି ସମ୍ମାନ ଅନ୍ୟ ସାହିତ୍ୟିକମାନଙ୍କୁ ମଧ୍ୟ ପ୍ରଦାନ କରିବା ସମ୍ଭାବନା ସୃଷ୍ଟି ହୋଇପାରେ। ଦ୍ୱିତୀୟରେ ଗଙ୍ଗାଧର ବିଶ୍ୱସ୍ତରୀୟ କବି ହୋଇଥିବା ବେଳେ ଜାତୀୟ ଶବ୍ଦକୁ ଉଚ୍ଛେଦ କରାଯାଇ କବିଙ୍କୁ ନ୍ୟୁନ କରାଯାଇଛି। ତେଣୁ ଏ ଦିଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

**● ଉଚ୍ଛେଦ ପରେ ବାସହରା ମହିଳା**

## ଥଇଥାନ ପାଇଁ ଅଧ୍ୟାପିକାଙ୍କ ଅନୁରୋଧ

ବରଗଡ଼,୫।୮ (ସମିସ): ବହୁ ବର୍ଷରୁ ବରଗଡ଼ରେ ନିଜ ଘରେ ନିରାପଦରେ ରହି ଆସିଥିଲେ। ଘରେ ନିଶ୍ଚିନ୍ତରେ ନିଦରେ ଶୋଇଥିବା ବେଳେ ସକାଳୁ ସକାଳୁ ବୁଲ୍‌ଡୋଜର ଆସି ଘର ଭାଙ୍ଗି ଦେଲା। ଏକାଥରକେ ଘରକରଣା ଉଜୁଡିଗଲା, ରାସ୍ତାରେ ଘରର କଡେଇ, ଥାଳି ଗଡିଲା। ମୁଣ୍ଡ ପାତିବା ପାଇଁ ଆଜି ଛାତଟେ ନାହିଁ। ସରକାରୀ ନିୟମ ଧନୀ ଗରିବ ସମସ୍ତଙ୍କ ପାଇଁ ସମାନ। ସାମୂହିକ ସ୍ୱାର୍ଥ ଓ ଗୋଟିଏ ଅଞ୍ଚଳର ବିକାଶ ପାଇଁ ସରକାରୀ ପଦକ୍ଷେପ ସ୍ୱାଗତଯୋଗ୍ୟ ନିଶ୍ଚୟ। କିନ୍ତୁ ସବୁ ଘଟଣା ସମାନ ଭାବେ ଆନ୍ଦୋଳିତ କରେ ନାହିଁ। ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଦୟାରେ ନାମକୁ ମାତ୍ର କିଛି ଆର୍ଥିକ ସହାୟତା ପାଇ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଲ୍ଲି ରାଉତ ଗୁଜୁରାଣ ମେଣ୍ଟାଉ ଥିଲେ। ବିବାହ ପରେ କୋଳରେ ନବଜାତ ଛୁଆ ଛାଡି ସ୍ୱାମୀ ପଳାଇଲା। ପରିବାରରେ ନିଜର ବୋଲି ଆଉ କେହି ନାହିଁ। ଯୁବ ବୟସରେ ପୁଅ ଦୁର୍ଘଟଣାରେ ଆରପାରିକୁ ଗଲା। ପୁଅ ହରେଇ ଥିବା ମା'କୁ ଚାକିରି ପରେ ଅନୁଦାନ ବି ମିଳିଲା ନାହିଁ। ଅବସର ପରେ ଖାଲି ହାତରେ କେବଳ ଷ୍ଟାଫ୍ କମନ୍‌ରୁମ୍‌ରେ ଥଇଥାନ ହେବାକୁ ସୁଯୋଗ ମିଳିଲା। ବରଗଡ଼ର ଭଟଲି ଛକରୁ ଲମ୍ବା ବିଲ୍ଡିଂ ରାସ୍ତା ପ୍ରଶସ୍ତିକରଣ ପାଇଁ ଘର ଭଙ୍ଗା ଚାଲିଛି। ସେହି ରାସ୍ତା କଡରେ ଥିଲା ଛୋଟିଆ ଘରଟିଏ ଯାହା ଏବେ ଭାଙ୍ଗିଛି। ୫୦-୬୦ ବର୍ଷର ଘରଟିର ହାତରେ ପଟ୍ଟା ଅଛି ବୋଲି ନିଶ୍ଚିନ୍ତରେ ଘର ବି ଖାଲି କରି ନ ଥିଲେ। ହଠାତ୍ ବୁଲଡୋଜର ଆସି ତାଙ୍କ ସ୍ୱପ୍ନର ଘରକୁ ନିମିଷକ ମଧ୍ୟରେ ଭାଙ୍ଗି ମାଟିରେ ମିଶାଇଦେଲା। ପ୍ରତିବାଦ କରିବାକୁ ଟିକେ ବି ସମୟ ପାଇଲେନି। ଗୁହାରୀ ହେଲେ କରିବେ କାହାକୁ ଯେ ଶୁଣିବ। ତହସିଲଦାର ସୋନାଲି ପଟ୍ଟନାୟକଙ୍କୁ ଯାଇ ସବୁକଥା କହି ସରିବା ପୂର୍ବରୁ ଘର ଭାଙ୍ଗି ସାରିଥିଲା। ଏବେ ଆଶ୍ରୟ ନେବାକୁ ଜାଗା ନାହିଁ। ଏହିଭଳି ଲୋକଙ୍କ ପାଇଁ ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଦୃଷ୍ଟି ଦେବାକୁ ଅନୁରୋଧ ହେଉଛି। ଏପରି ଭାବେ ଅଧ୍ୟାପିକା ଡ.ସଂଘମିତ୍ରା ମିଶ୍ର ଜଣେ ସଚେତନ ନାଗରିକ ହିସାବରେ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଆଦାନୀ ଫାଉଣ୍ଡେସନ ତରଫରୁ ସକ୍ଷମର ସ୍ଥାପନା ଉତ୍ସବ

ଅମ୍ବାଭୋନା,୫।୮ (ସମିସ): ବରଗଡ଼ ଆଦାନୀ ଫାଉଣ୍ଡେସନ ଆନୁକୂଲ୍ୟରେ ଭୁକ୍ତା ସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ର (ପିକେଏଆଇଟିସି) ଠାରେ ଏକ ଦକ୍ଷତା ବିକାଶ କେନ୍ଦ୍ର (ସକ୍ଷମ) ସ୍ଥାପନ କରାଯାଇଛି। ଆଦାନୀ ଦକ୍ଷତା ବିକାଶ କ୍ଲଷ୍ଟର ମୁଖ୍ୟ ରାଜେନ୍ଦ୍ର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ବରଗଡ଼ ଆଦାନୀ ସିମେଣ୍ଟ ମୁଖ୍ୟ ସୁକାନ୍ତ ସାମନ୍ତ ମୁଖ୍ୟ ଅତିଥି ଓ ଆଦାନୀ ସିଏସ.ଆର ମୁଖ୍ୟ ପ୍ରଦୀପ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପିକେଏଆଇଟିସି ସଂଯୋଜକ ସରୋଜ ମାଝୀ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭୁକ୍ତାର ପ୍ରଧାନଆଚାର୍ଯ୍ୟ ମନୋଜ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ତାଲିମ ନେବାକୁ ଥିବା ସମସ୍ତ ଛାତ୍ର ମାନଙ୍କୁ ଟ୍ରେନିଂକିଟ ପ୍ରଦାନ କରାଯିବା ସହ ଅନୁଷ୍ଠାନ ତରଫରୁ ୟୁନିଫର୍ମ ଦିଆଯାଇଥିଲା। ବରଗଡ଼ ଆଦାନୀ ସ୍କିଲ ସେଣ୍ଟରର ମୁଖ୍ୟ ଦୀପକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିକେଏଆଇଟିସି ଭୁକ୍ତାର ଅଧ୍ୟକ୍ଷ ରବୀନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଝାଙ୍କରପାଲି ବିଦ୍ୟାଳୟରେ ବନ ମହୋତ୍ସବ

ପଦ୍ମପୁର,୫।୮ (ସମିସ): ପଦ୍ମପୁର ଉପଖଣ୍ଡ ସରକାରୀ ଉନ୍ନତ ପ୍ରାଥମିକ ବିଦ୍ୟାଳୟ, ଝାଙ୍କରପାଲି ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଷ୍ଣୁ ପ୍ରସାଦ ଅଦାବରିଆ ସଭାପତିତ୍ୱ କରି ବନମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଦ୍ୱିତିକୃଷ୍ଣ ମେହେର ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ କେଆରପି ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରସନ୍ନ ମେହେର ଯୋଗ ଦେଇଥିଲେ। ଶେଷରେ ସଂଯୁକ୍ତା ଭଗତ ଧନ୍ୟବାଦ ଅର୍ପଣ କରିଥିଲେ। ଜନକ ବରିହା ଓ ସ୍ମିତାରାଣି ସେଠି ସହଯୋଗ କରିଥିଲେ। ପ୍ରକୃତି ପ୍ରେମୀ ପ୍ରସନ୍ନ ମେହେର ୫୦ଟି ଚାରା ଛାତ୍ରଛାତ୍ରୀଙ୍କୁ ରୋପଣ କରିବା ପାଇଁ ବଣ୍ଟନ କରିଥିଲେ।

**● ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

## ହତ୍ୟା ଅଭିଯୋଗ ଆଣିଲେ ପରିବାର

ରେଢ଼ାଖୋଲ,୫।୮ (ସମିସ): ଆତ୍ମହତ୍ୟା ନୁହେଁ, ମୋ ପତ୍ନୀକୁ ହତ୍ୟା କରାଯାଇଛି ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ମୃତ ମହିଳାଙ୍କ ସ୍ୱାମୀ ଓ ପରିବାର ଲୋକେ। ପରିବାର ଲୋକେ କେହି ଘରେ ନଥିବା ସମୟରେ ଏଭଳି ଘଟଣା ଘଟିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ବଡବାହାଲ ପଞ୍ଚାୟତ ଅଧୀନ କେନ୍ଦୁମୁଣ୍ଡା ଗାଁର ବାସିନ୍ଦା ବ୍ରଜବନ୍ଧୁ ବେହେରାଙ୍କ ପତ୍ନୀ ସୁବାସିନୀ ବେହେରା ମୃତଦେହ ଘର ଭିତର ଚଟାଣ ତଳେ ପଡ଼ିଥିଲା। ଏକ ଛିଣ୍ଡା ଶାଢ଼ୀ କିଛି ଅଂଶ ଘର ଉପର ଏକ କାଠରେ ବନ୍ଧା ହୋଇଥିବା ବେଳେ କବାଟ ଖୋଲା ହୋଇଥିଲା। ଉକ୍ତ ମହିଳା ଯଦି ଆତ୍ମହତ୍ୟା କଲେ କିଏ ତାଙ୍କୁ ତଳକୁ ଓହ୍ଲାଇଛି ସେ ବିଷୟରେ କେହି କିଛି କହି ନାହାନ୍ତି। ସୂଚନା ଯୋଗ୍ୟ ଯେ ଉକ୍ତ ମହିଳାଙ୍କ ସ୍ୱାମୀ ବ୍ରଜବନ୍ଧୁ କିଛିଦିନ ପୂର୍ବରୁ କାମ କରିବା ପାଇଁ ବାହାରକୁ ଯାଇଥିଲେ। ଦୁଇ ଛୋଟ ପୁଅଝିଅ ସହିତ ପତ୍ନୀ ସୁବାସିନୀ ଏକୁଟିଆ ଘରେ ରହୁଥିଲେ। ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ଘର ପଡୋଶୀ ଅନ୍ୟ ସମସ୍ତଙ୍କ ସହ ସେ ଭଲରେ କଥା ହୋଇଥିଲେ। ଆତ୍ମହତ୍ୟା କରିବାର କୌଣସି କାରଣ ନଥିବା ବେଳେ, କିଏ ମୋ ପତ୍ନୀକୁ ହତ୍ୟା କଲା ବୋଲି ସ୍ୱାମୀ ଅଭିଯୋଗ କରିଛନ୍ତି। ସେପଟେ ଝିଅ ଓ ଜ୍ୱାଇଁଙ୍କ ସମ୍ପର୍କ ବହୁତ ଭଲ ଅନ୍ୟ କାରଣ ପାଇଁ ହତ୍ୟା କରାଯାଇଛି ବୋଲି ମୃତ ମହିଳାଙ୍କ ବାପା ପ୍ରତିକ୍ରିୟା ଦେଇଥିଲେ। ଏଥିରେ ରେଢ଼ାଖୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ମହିଳାଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିବା ଜଣାପଡିଛି।

## ହୀରାକୁଦରେ ଚାରାରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର, ୫।୮ (ସମିସ):ହୀରାକୁଦ ଲାଇନ୍ସ କ୍ଲବ୍ ଓ ସେବା ହିଁ କର୍ମ ଅନୁଷ୍ଠାନର ମିଳିତ ସହଯୋଗରେ ସ୍ଥାନୀୟ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅନେକ ସମାଜସେବୀ ଓ ସ୍ଥାନୀୟ ବାସିନ୍ଦାମାନେ ଯୋଗଦେଇଥିଲେ। ଲାଇନ୍ସ କ୍ଲବ୍ ଓ ସେବା ହିଁ କର୍ମର ସଭାପତି କାର୍ତ୍ତିକ କଲେତ, ସମ୍ପାଦକ ମଞ୍ଜୁ ଓରାମ, ମହେଶ ଗର୍ଡିଆ, ଉତ୍ତମ ବାଗ, ରାହୁଲ ସାହୁ, ସମିର ଲୁହାର, ପିତାମ୍ବର ମେହେର, ଲୋୟ ଏକା, ମୁକେଶ ପ୍ରଧାନ, ଟିକୁନୁ ପ୍ରଧାନ, ସଞ୍ଜୁ ନନ୍ଦ, ଦୁଷ୍ମନ୍ତ ସାହୁ ଉପସ୍ଥିତ ଥିଲେ। ଇଏସଆଇ ଡାକ୍ତରଖାନାର ଅଧିକାରୀ ଓ ଡାକ୍ତରମାନେ ମଧ୍ୟ ଉପସ୍ଥିତ ଥିଲେ।

## ମହାତ୍ମା ଗାନ୍ଧୀ ଜୁନିଅର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଅମ୍ବାଭୋନା,୫।୮ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନସ୍ଥ ମହାତ୍ମା ଗାନ୍ଧୀ ଜୁନିଅର ମହାବିଦ୍ୟାଳୟ ଭୁକ୍ତାର ୪୦ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ୪୧ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଧ୍ରୁବ ଚରଣ ସାଙ୍କ ସଭାପତିତ୍ୱରେ ପୂର୍ବତନ ପରିଚାଳନା କମିଟିର ସମ୍ପାଦକ ଡ.ଚିନ୍ତାମଣି ପଟେଲ, ଅବସରପ୍ରାପ୍ତ ଭୌତିକ ବିଜ୍ଞାନ ପ୍ରାଧ୍ୟାପକ ରାଜ କିଶୋର ପ୍ରଧାନ ଏବଂ ହିନ୍ଦୀ ପ୍ରାଧ୍ୟାପକ ଡ.ରାଧାକୃଷ୍ଣ ବିଶ୍ୱକର୍ମା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ସୁରଜ ପଟେଲ, କିଶନ ଅଗ୍ରୱାଲ, ପ୍ରଶାନ୍ତ ସାହୁ, ଜୟନ୍ତ ବାରିକ, ବୀରମନ ପ୍ରଧାନ, ଚିନ୍ମୟ ପ୍ରଧାନ, ଅଧ୍ୟାପିକା ଅନୁପମା ପ୍ରଧାନ, ସୁଜାତା ସା ପ୍ରମୁଖ ପ୍ରତିଷ୍ଠା ଦିବସରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଦେବଙ୍କିତା ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଜଗଦୀଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପୂର୍ବତନ ଛାତ୍ର ତଥା ବ୍ୟଙ୍ଗ କବି ବିଦ୍ୟାଧର ପଶାୟତ ଓ ଆଲୋକ ବଡ଼େଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବ୍ୟଙ୍ଗ କବିତା ମାଧ୍ୟମରେ ଉତ୍ସାହିତ କରିଥିଲେ।

## ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି

ସୋହେଲା,୫।୮ (ସମିସ): ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ବ୍ଲକ୍ ଆଦିବାସୀ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଆସନ୍ତା ୯ ତାରିଖ ବରଗଡ଼ କୃଷକ ବଜାର ପ୍ରାଙ୍ଗଣରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯିବ। ବରଗଡ଼ ଜିଲ୍ଲା ଆଦିବାସୀ ମହାସଂଘ ସଭାପତି ଗୋବିନ୍ଦ ବରିହାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ, ଧନଞ୍ଜୟ ବରିହା, ଦୁର୍ଜନ ସିଂ ବରିହା, ଶଶୀଭୂଷଣ ବରିହା, ମାଖୁନୁ ବରିହା, ଧର୍ମରାଜ ସିଂ ବରିହା, ଚେରୁ ବରିହା, ସତ୍ୟାନନ୍ଦ ବୁଡେକ, ବେଣୁଧର ଭୁଏ, ଖତୁ ବିଶ୍ୱାଳ, ଗୁରୁବାରି ଭୁଏ ଏବଂ ସମସ୍ତ ପଞ୍ଚାୟତ ସଭାପତି ସମ୍ପାଦକ ଯୋଗଦାନ କରିଥିଲେ।

## କ୍ରିଷ୍ଣା ବିକାଶ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ମାନ ପ୍ରଦାନ ଉତ୍ସବ




ବରଗଡ଼,୫।୮ (ସମିସ): କ୍ରିଷ୍ଣା ବିକାଶ ସିମେଣ୍ଟ ନଗର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ମାନ ପ୍ରଦାନ ଉତ୍ସବ ଶିକ୍ଷା ବର୍ଷ ୨୦୨୫-୨୬ ପାଇଁ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏସିସି ବରଗଡ଼ ସିମେଣ୍ଟ ମୁଖ୍ୟ ସୁକାନ୍ତ ସାମନ୍ତ, ସମ୍ମାନିତ ଅତିଥି ଭାବେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ନିର୍ଦ୍ଦେଶକ ଡ.ସମରେନ୍ଦ୍ର ନାଥ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ର ପରିଷଦର ନୂଆ ନିର୍ବାଚିତ ପଦଧାରୀମାନେ ହେଡ୍ ବଏ, ହେଡ୍ ଗାର୍ଲ, ହାଉସ କ୍ୟାପ୍ଟେନ ମାନେ ଓ ଭାଇସ କ୍ୟାପ୍ଟେନ ମାନଙ୍କୁ ବ୍ୟାଜ ଓ ପଟା ପ୍ରଦାନ କରି ପଦବୀ ଦିଆଯାଇଥିଲା। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ସମସ୍ତ ନୂତନ ନେତାମାନଙ୍କୁ ଶପଥ ଗ୍ରହଣ କରାଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ବାପୁନ ରାଉତଙ୍କ ତତ୍ତ୍ୱାବଧାନରେ ସଂଯୋଜନା କରିଥିଲେ ଦଶମ ଶ୍ରେଣୀର ପ୍ରତୀକ୍ଷା ଦାଶ ଏବଂ ଅରବିନ୍ଦ ସାଇ ଗୋଡବର୍ତ୍ତୀ। ହେଡ ବଏ ସଂକଳ୍ପ ଶେଖର ପଣ୍ଡା ଓ ହେଡ ଗର୍ଲ ପ୍ରତୀକ୍ଷା ହରପାଲ ଦାୟିତ୍ୱ ଗ୍ରହଣ କରିଥିଲେ। ଶେଷରେ ଦଶମ ଶେଣୀର ଛାତ୍ରୀ ରାସେଶ୍ୱରୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

**● ଗୋବିନ୍ଦପୁର ପିଇଓ କ୍ୱାର୍ଟର ଜବରଦଖଲ ଅଭିଯୋଗ**

## ବିଡ଼ିଓଙ୍କ ଅଭିଯୋଗ ମିଥ୍ୟା ବୋଲି ଥାନାରେ ଜଣାଇଲେ ସରପଞ୍ଚ

କୁଚିଣ୍ଡା,୫। ୮(ସମିସ):ବାମରା ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ପଞ୍ଚାୟତ ନିର୍ବାହୀଅଧିକାରୀଙ୍କ କ୍ୱାର୍ଟରକୁ ଜବରଦଖଲ କରାଯାଇଥିବା ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ଏହା ସମ୍ପୂର୍ଣ୍ଣ ମିଛ ବୋଲି ଗୋବିନ୍ଦପୁର ସରପଞ୍ଚ ଲିଖିତ ଭାବେ ଥାନାରେ ଜଣାଇଛନ୍ତି। ସୂଚନା ଅନୁସାରେ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ଅଧୀନରେ ଥିବା ପିଇଓ କ୍ୱାଟରକୁ କେତେକ ସାମ୍ବାଦିକ ଜବରଦଖଲ କରି ଥିବା ନେଇ ବାମରା ବିଡିଓ ପୁଷ୍ପକ ପ୍ରଧାନ ଅଭିଯୋଗ ଆଣିଥିଲେ। ହେଲେ ଗୋବିନ୍ଦପୁରର ପୂର୍ବ ପଞ୍ଚାୟତ ନିର୍ବାହୀଅଧିକାରୀ ଥିବା ସୁଜିତ କୁମାର ନାଏକଙ୍କ କିନାବଗା ପଞ୍ଚାୟତକୁ ବଦଳି ପରେ ସେ ଗୋବିନ୍ଦପୁର ସରପଞ୍ଚଙ୍କୁ ଉକ୍ତ ଘରର ଚାବି ହସ୍ତାନ୍ତର କରିଥିଲେ। ସେବେ ଠାରୁ ଉକ୍ତ ଘରର ଚାବି ଗୋବିନ୍ଦପୁର ସରପଞ୍ଚଙ୍କ ପାଖରେ ରହିଥିଲା। କୌଣସି ଆବଶ୍ୟକୀୟ ପରିସ୍ଥିତି ରେ ସରପଞ୍ଚ ଉକ୍ତ ଘରକୁ ଯିବା ଆସିବା କରୁଥିଲେ। ମାତ୍ର ଉକ୍ତ ଘରକୁ କେତେକ ସାମ୍ବାଦିକ ଓ ଅନ୍ୟ ବ୍ୟକ୍ତି ଜବରଦଖଲ କରି ଥିବା ନେଇ ବାମରା ବିଡିଓ ପୁଷ୍ପକ ପ୍ରଧାନ ବାରମ୍ବାର ଅଭିଯୋଗ କରି ଆସୁଥିବା ବେଳେ ଏହାକୁ ନେଇ ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା ଗୋବିନ୍ଦପୁର ଥାନାରେ ସ୍ପଷ୍ଟ ଭାବେ ଲେଖି ଜଣାଇଛନ୍ତି ଯେ ବିଡ଼ିଓ ଆଣିଥିବା ଅଭିଯୋଗ ସମ୍ପୂର୍ଣ ମିଥ୍ୟା ଓ ଉକ୍ତ ଘରଟି ସମ୍ପୂର୍ଣ୍ଣ ଭାବେ ଗୋବିନ୍ଦପୁର ପଞ୍ଚାୟତ ଅଧୀନରେ ରହିଛି। ଅନ୍ୟ ପଟେ କିଛି ଦିନ ପୂର୍ବରୁ ବାମରାରେ ଆୟୋଜିତ ସମ୍ବଲପୁର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସମୟରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ବିଡ଼ିଓ ପୁଷ୍ପକ ପ୍ରଦାନ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବାରୁ ଏ ସମ୍ପର୍କିତ ଖବର ପ୍ରାକାଶିତ ହେବା ଯୋଗୁଁ ରାଗ ସୁଝାଇବାକୁ ଯାଇ ବାମରା ବିଡିଓ ସାମ୍ବାଦିକଙ୍କ ନାମ୍‌ରେ ମିଥ୍ୟା ଅଭିଯୋଗ ଆଣିଥିବା ସାମ୍ବାଦିକମାନେ କହିଛନ୍ତି।

## ଏନ୍‌ଏସି ପକ୍ଷରୁ ମଶାମରା ଧୂଆଁ ପ୍ରୟୋଗ

କୁଚିଣ୍ଡା, ୫। ୮( ସମିସ):୧୧ ଟି ୱାଡର୍ ବିଶିଷ୍ଟ କୁଚିଣ୍ଡା ଏନ୍‌ଏସିରେ ମଶା ମାଛି ବଂଶ ଲୋପ ପାଇଁ ଏନ୍‌ଏସି କର୍ମଚାରୀଙ୍କ ଦ୍ୱାରା ୱାଡର୍ ୱାଡର୍ ବୁଲି ମଶାମରା ଧୂଆଁ ପ୍ରୟୋଗ ଚାଲିଛି। ମଶାମରା ଧୂଆଁ ପ୍ରୟୋଗ ଦ୍ୱାରା ମଶା ମାଛି ଏକ ପ୍ରକାର ବନ୍ଧ୍ୟାକରଣ ସଦୃଶ ହୋଇ ବଂଶ ବିସ୍ତାର କରି ନପାରିବା ନେଇ ଧୂଆଁ ପ୍ରୟୋଗ ଚାଲିଛି ବୋଲି ଏନ୍‌ଏସି କର୍ମଚାରୀଙ୍କ ଠାରୁ ପ୍ରକାଶ। କୁଚିଣ୍ଡା ଏନ୍‌ଏସିରେ ନୂତନ ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଜନ ସୁନା ଦାୟିତ୍ୱ ନେବା ପରେ ବହୁ କାର୍ଯ୍ୟ ଆଖି ଦୃଶିଆ ହେବାରେ ଲାଗିଛି।

## ବାଲକିଶନ ପଟୱାରୀଙ୍କ ସ୍ମୃତିରେ ରକ୍ତଦାନ ଶିବିର

ସମ୍ବଲପୁର,୫।୮ (ସମିସ): ବାଲକିଶନ ପଟୱାରୀ ଚାରିଟେବୁଲ ଟ୍ରଷ୍ଟ, ଉତ୍ସର୍ଗ ଓ ବିକାଶ ହସପିଟାଲର ମିଳିତ ଆନୁକୂଲ୍ୟରେ ପାଞ୍ଚଗଛିଆସ୍ଥିତ ବିକାଶ ହସପିଟାଲଠାରେ ପ୍ରତିଷ୍ଠାତା ଅଧ୍ୟକ୍ଷ ବାଲକିଶନ ପଟୱାରୀଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଶିକ୍ଷାବିତ୍ ଡଃ ବିପିନ ବିହାରୀ ନନ୍ଦ ଉଦ୍‌ଘାଟନ କରିଥିଲେ। ଅରୁଣ ପଟୱାରୀ, ବିକାଶ ହସପିଟାଲ ୟୁନିଟ୍ ମୁଖ୍ୟ ଡା. ଉମାପତି ନାଇଡୁ, ବିତ୍ତ ବିଭାଗ ମୁଖ୍ୟ ଜିତେଶ ଅଗ୍ରୱାଲ, ମୁଖ୍ୟ ପ୍ରବନ୍ଧକ ଡା. ଦିଲ୍ଲୀପ ନନ୍ଦ, ମାନବ ସମ୍ବଳ ମୁଖ୍ୟ ଦିଲ୍ଲୀପ ପଣ୍ଡା, ସମାଜସେବୀ ସୁଧୀର ପୂଜାରୀ, ପ୍ରଶାନ୍ତ ପାଟଯୋଶୀ, ଡଃ ପ୍ରମୋଦ ରଥ, ଶତ୍ରୁଘ୍ନ ସାହା, ଇଂ. ଅଶୋକ ଜଲାନ, ସିଦ୍ଧାର୍ଥ ସାହା ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୪୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ବୁର୍ଲା ଭିମସାର ରକ୍ତଭଣ୍ଡାର କର୍ତ୍ତୃପକ୍ଷ ପରିଚାଳନା କରିଥିଲେ।

**ଲିପିଣ୍ଡାସାଲେଡୁଙ୍ଗୁରି ପଡ଼ାବାସୀଙ୍କ ଦୁଃଖ**

## ହାତୀ ଭୟ ସହ ଅନ୍ଧାରରେ ଯୁଝୁଛନ୍ତି



ସମ୍ବଲପୁର, ୫।୮ (ସମିସ): ଯୁଯୁମୁରା ବ୍ଲକ୍ ଲିପିଣ୍ଡାଗ୍ରାମ ସାଲେଡୁଙ୍ଗୁରିପଡା ଏବେ ବି ଅନ୍ଧାରରେ। ଦେଶ ରାଜ୍ୟ ଡିଜିଟାଲ ଯୁଗକୁ ଅଗ୍ରଗତି କରୁଥିବା ବେଳେ ଆଲୁଅ ପାଇଁ ରାହା ଖୋଜୁଛି ସାଲେଡୁଙ୍ଗରିପଡ଼ାବାସୀ। ଏତେ ବର୍ଷ ବିତି ଯାଇଥିଲେ ମଧ୍ୟ ବିଦ୍ୟୁତ୍ ସେବାରୁ ବଞ୍ଚିତ।ସାଲେଡୁଙ୍ଗୁରି ପଡ଼ାରେ ପ୍ରାୟ ୨୫ଘରରୁ ଅଧିକ ଘର ଶବରୀ ଆଦିବାସୀ ପରିବାର ରହନ୍ତି। ଏମାନେ ଗରୀବ ଦିନ ମଜୁରିଆ ତଥା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରି କରି ନିଜ ରୋଜଗାର କରିଥାନ୍ତି।ଏ ଅଞ୍ଚଳ ରାତିରେ ଅନ୍ଧକାରମୟ ଥିବାରୁ ବାରମ୍ବାର ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦିନ ଜଙ୍ଗଲରୁ ହାତୀ ଆସି କିଛି ଘର ଭାଙ୍ଗି ତାଙ୍କ ବିଭିନ୍ନ ଖାଦ୍ୟ ଖାଇ ଆତଙ୍କ ସୃଷ୍ଟି କରି ଚାଲିଯାଉଛି। ଲୋକେ ନିଜ ନିଜ ଜୀବନ ବଞ୍ଚାଇବାକୁ ନିକଟସ୍ଥ ଗ୍ରାମକୁ ପିଲା ଛୁଆଙ୍କୁ ନେଇ ଦୌଡୁଛନ୍ତି। ଏ ଅଞ୍ଚଳରେ ବିଦ୍ୟୁତ ସରାବର ନ ଥିବା ହେତୁ ଦୀର୍ଘ ଦିନ ହେବ ବିଦ୍ୟୁତ ସଂଯୋଗ ପାଇଁ ଲୋକେ ଦାବି କରୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି ବୋଲି ଗ୍ରାମର ମହିଳା ମାନେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଦୁଃଖ ଜଣାଇବାପାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଗ୍ରାମର କିଛି ମହିଳା ଆସିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ନିଜର ଅଭିଯୋଗ କହିଥିଲେ। ଯଥାଶୀଘ୍ର ତଦାରଖ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

**ଜିଲ୍ଲାସ୍ତରୀୟ ଶିକ୍ଷା ବିଭାଗ ସମୀକ୍ଷା ବୈଠକ**

## ମାଟ୍ରିକ ପ୍ରଦର୍ଶନକୁ ନେଇ ବିଗିଡ଼ିଲେ ଜିଲ୍ଲାପାଳ

ସମ୍ବଲପୁର, ୫।୮ (ସମିସ)



ସମ୍ବଲପୁର ଜିଲ୍ଲାରେ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇଦେବା ସତ୍ତ୍ୱେ ଚଳିତବର୍ଷ ସମ୍ବଲପୁର ଜିଲ୍ଲାରେ ମାଟ୍ରିକ୍‌ରେ 'ଏ-୧' ସଂଖ୍ୟା କମିଥିବାରୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିକ୍ଷାଧିକାରୀଙ୍କ ପରିଦର୍ଶନକୁ ଅଧିକ ଫୋକସ୍ କରିବା ଏବଂ ଦୁର୍ବଳ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଧ୍ୟାନ ଦେଇ ସେମାନେ ଯେଭଳି ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜି ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ଶିକ୍ଷା ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରଯାଇଥିଲା। ଜିଲ୍ଲାପାଳ ଶ୍ରୀ ବୋନ୍ଦର ଗୁଣାତ୍ମକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେବାସହ ଆସନ୍ତା ପରୀକ୍ଷାରେ ଅତି କମରେ ଶତକଡା ପାଞ୍ଚ ପ୍ରତିଶତ ପରୀକ୍ଷାର୍ଥୀ କିଭଳି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହେବେ ସେଥିପ୍ରତି ତୃଣମୂଳସ୍ତରରୁ ଯତ୍ନବାନ ହେବା ପାଇଁ ବିଇଓ, ଏବିଇଓ, ସିଆର୍‌ସିସି ଏବଂ ପ୍ରଧାନ ଶିକ୍ଷକ ମାନଙ୍କୁ ଏକ ରୋଡ୍ ମ୍ୟାପ୍ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏହାବ୍ୟତୀତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଯୋଜିତ କାର୍ଯ୍ୟକ୍ରମ "ଆସ ସ୍କୁଲ ଯିବା -୨୦୨୫"ରେ ସଭାପତିତ୍ୱ କରି ଜିଲ୍ଲାପାଳ ଶ୍ରୀ ବୋନ୍ଦର ସମ୍ବଲପୁର ଜିଲ୍ଲାରେ ଥିବା ୩୩୫୭ (ଅଧାରୁ ପାଠ ଛାଡ଼ିଥିବା କିମ୍ବା ବିଦ୍ୟାଳୟକୁ ଯାଇ ନଥିବା) ଛାତ୍ରଛାତ୍ରୀଙ୍କୁ କିଭଳି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ସେଥିପାଇଁ ଉପଖଣ୍ଡସ୍ତରରେ ବୈଠକ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ବିଭାଗମାନଙ୍କ ସମନ୍ୱୟରେ ଉକ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଆଦେଶ ଦେଇଥିଲେ। ୬ ରୁ ୧୮ ବର୍ଷ ବୟସର ଡ୍ରପ୍‌ଆଉଟ୍ ପିଲାଙ୍କୁ ବୟସ ଅନୁସାରେ ଶ୍ରେଣୀରେ ନାମ ଲେଖାଇବା ପାଇଁ ସ୍ଥିର କରାଯାଇଥିଲା। ୧୫ ରୁ ୧୮ ବର୍ଷ ମଧ୍ୟରେ ଥିବା ପିଲାମାନଙ୍କୁ ଏସ୍‌ଆଇଓଏସ୍, ଧନ୍ଦାମୂଳକ ଶିକ୍ଷା, ଆଇଟିଆଇ, ପଲିଟେକ୍‌ନିକ୍ ଅନୁଷ୍ଠାନରେ ନାମ ଲେଖାଇବା ପାଇଁ କୁହାଯାଇଥିଲା। ସମୀକ୍ଷା ବୈଠକରେ ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନିବସ ଶୁଭ୍ରା ପଣ୍ଡା, ସିଡିଏମ୍‌ଓ, ଡିଡବ୍ଲ୍ୟୁଓ, ଡିଏସ୍‌ଡବ୍ଲ୍ୟୁଓ, ଡିଏଲ୍‌ଓ, ଡିଏସ୍‌ଏସ୍‌ଓ, ଏଡିଇଓ, ବିଇଓ, ଡାଏଟ୍‌ର ବରିଷ୍ଠ ପ୍ରଶିକ୍ଷକ ତଥା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ପୋକତୁଙ୍ଗା ନୋଡ଼ାଲ ଉଚ୍ଚବିଦ୍ୟାଳୟ

# ଶିକ୍ଷକ ପଦବୀ ପୂରଣ ଦାବିରେ ମୁଖ୍ୟ ଫାଟକରେ ପକାଇଲେ ତାଲା

ଅନୁଗୋଳ,୫।୮ (ସମିସ)



ଆବଶ୍ୟକ ଶିକ୍ଷକ ନାହାନ୍ତି, ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନାହାନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଅନୁଗୋଳ ବ୍ଲକ୍ ପୋକତୁଙ୍ଗା ପଞ୍ଚାୟତ ଅଧୀନ ପୋକତୁଙ୍ଗା ନୋଡ଼ାଲ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମିଳିତ ଭାବେ ମୁଖ୍ୟଫାଟକରେ ତାଲାପକାଇ ଧାରଣା ଦେଇଥିଲେ। ସୂଚନାନୁଯାୟୀ, ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ୨୧୭ ଜଣ ଛାତ୍ରଛାତ୍ରୀ ପଢୁଥିଲା ବେଳେ, ନିୟମ ଅନୁଯାୟୀ ୫ଜଣ ଶିକ୍ଷକଙ୍କ ସ୍ଥାନରେ ଅଛନ୍ତି ମାତ୍ର ୨ଜଣ ଶିକ୍ଷକ। ଏଥିସହ ପ୍ରାୟ ବର୍ଷେ ହେବ ନାହାନ୍ତି ହିନ୍ଦୀ ଶିକ୍ଷକ। ଫଳରେ ଅଷ୍ଟମ,

**୫ ଶିକ୍ଷକଙ୍କ ସ୍ଥାନରେ ଅଛନ୍ତି ୨**

ନବମ ଓ ଦଶମ ଶ୍ରେଣୀ ପାଇଁ ନିଯୁକ୍ତ ଶିକ୍ଷକମାନେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଇଥାନ୍ତି। ଯାହାକି ସେହି ସମୟରେ ନବମ ଓ ଦଶମ ଶ୍ରେଣୀରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ। ଏଥିସହ ହିନ୍ଦୀ ଶିକ୍ଷକ ନଥିବାରୁ ଆମକୁ ବୋର୍ଡ ପରୀକ୍ଷାରେ ୧୦୦ରୁ ୧୦୦ ମାର୍କ ଦେବେ କି ବୋଲି ଛାତ୍ରଛାତ୍ରୀ ଗଣମାଧ୍ୟମ ଜରିଆରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ପ୍ରାୟ ୨ଘଣ୍ଟା ଧାରଣାରେ ବସିବା ପରେ ଜିଲ୍ଲା ସହ ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ଓ ବ୍ଲକ୍ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ବୁଝାସୁଝା କରିଥିଲେ। ଆଗାମୀ ୩ ଦିନ ଭିତରେ ସ୍ଥାୟୀ ହିନ୍ଦୀ ଶିକ୍ଷକ ଓ ୭ଦିନ ମଧ୍ୟରେ ଅନ୍ୟ ୨ଜଣ ଏଲିମେଣ୍ଟାରୀ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣାରୁ ଉଠି ପିଲାମାନେ ଫାଟକ ଖୋଲି ବିଦ୍ୟାଳୟ ଭିତରକୁ ଯାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ କୁମାର ସାହୁ କହିଛନ୍ତି, ଆମେ ବାରମ୍ବାର ଅଭିଯୋଗ କରିଆସୁଛୁ, ହେଲେ କୌଣସି ସୁଫଳ ମିଳିନାହିଁ। ଆଗରୁ ଅନେକ ପ୍ରତିଶ୍ରୁତି ମିଳିଛି ଆଉ ଏବେ ମଧ୍ୟ ପ୍ରତିଶ୍ରୁତି ମିଳିଛି। ଯଦି ନିର୍ଦ୍ଧାରିତ ସମୟରେ ଶିକ୍ଷକ ପଦବୀ ପୂରଣ ନକରନ୍ତି, ଆମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟହେବୁ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ତାଳଚେର ସହର,୫।୮ (ସମିସ): ତାଳଚେର ବିଜୁ ପଟ୍ଟନାୟକ ପ୍ରଶିକ୍ଷକ ତାଲିମ ଅନୁଷ୍ଠାନରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି ଜଣେ ଛାତ୍ରୀ। ପ୍ରଶିକ୍ଷକ ତାଲିମ ଅନୁଷ୍ଠାନର କେନ୍ଦ୍ର ପରିଚାଳକ ଫାଲଗୁନି ମିଶ୍ର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ତାଳଚେର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖବର ପାଇ ତାଳଚେର ପୁଲିସ ପହଞ୍ଚି ଅସଦାଚରଣ କରିଥିବା କେନ୍ଦ୍ର ପରିଚାଳକଙ୍କୁ ଅଟକ ରଖି ପଚାରାଉଚରା ଜାରି ରଖିଛି। ସୂଚନା ମୁତାବକ, କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳର ଛାତ୍ରୀ ଜଣକୁ କେନ୍ଦ୍ରର ପରିଚାଳକ ଘରକୁ ଛାଡ଼ିନେବା ବାଟରେ ଅସଦାଚରଣ କରିବାସହ ତାଙ୍କୁ ମଧ୍ୟରାତ୍ରିରେ ଫୋନକରି ନିଜ ଘରକୁ ଆସିବାକୁ କହିଥିଲେ। ଯାହାକୁ ଛାତ୍ରୀ ଜଣକ ବାରଣ କରିବା ସହିତ ଆଜି ଏନେଇ ପ୍ରଥମେ ଛାତ୍ରମାନଙ୍କୁ ଅବଗତ କରାଇଥିଲେ। ପରେ ଏନେଇ ଛାତ୍ରୀ ଜଣଙ୍କ ତାଳଚେର ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ଅଭିଯୋଗ ପାଇ ପୁଲିସ ସଙ୍ଗେ ସଙ୍ଗେ ଉକ୍ତ ତାଲିମ ଅନୁଷ୍ଠାନରେ ପହଞ୍ଚି ତଦନ୍ତ କରିବା ସହିତ ଅଭିଯୁକ୍ତ ପରିଚାଳକଙ୍କୁ ଅଟକ ରଖି ପଚାରାଉଚାରା ଜାରିରଖିଛି। ଅନ୍ୟପଟେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଦେବାଶିଷ ସାହୁ ଶିକ୍ଷା ଅନୁଷ୍ଠାନରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବାସହ ଏହାର ତଦନ୍ତ ଜାରି ରଖିଥିଲେ। ପୂର୍ବରୁ ଏଭଳି ଘଟଣା ଗୋଟିଏ ଘଟିଥିବାରୁ ଜଣେ ଛାତ୍ରୀ ଶିକ୍ଷା କେନ୍ଦ୍ର ଛାଡ଼ିଦେବା ସହିତ ନିଜ ତାଲିମ ନେବା ବନ୍ଦକରି ଦେଇଛନ୍ତି। ଅପରପକ୍ଷରେ ଝିଅକୁ ଅସଦାଚରଣ ହୋଇଥିବା ଖବର ପାଇ ଛାତ୍ରୀଙ୍କ ପରିବାର ଲୋକେ ଶିକ୍ଷାନୁଷ୍ଠାନରେ ପହଞ୍ଚିଥିଲେ। ଝିଅକୁ ନ୍ୟାୟ ଦେବାକୁ ସରକାରଙ୍କୁ ଝିଅର ବାପା ତପନ ଦେହୁରୀ ନିବେଦନ କରିଛନ୍ତି। ଅନ୍ୟପଟେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

**ଥାନାରେ ପହଞ୍ଚିଲେ ଛାତ୍ରୀ**

## କେବେ କାର୍ଯ୍ୟକାରୀ ହେବ ଓଡ଼ିଆ ଭାଷାର ନାମ ଫଳକ

ଅନୁଗୋଳ/ତାଳଚେର,୫।୮ (ସମିସ): ଶାସ୍ତ୍ରୀୟଭାଷାର ମାନ୍ୟତା ପାଇଥିବା ଆମ ଓଡ଼ିଆ ଭାଷାର ପ୍ରଚାରପ୍ରସାର ପାଇଁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଓଡ଼ିଆରେ ନାମଫଳକ ନଲେଖିଲେ ଅର୍ଥଦଣ୍ଡ ଦେବାକୁ ବ୍ୟବସ୍ଥା ମଧ୍ୟ ରହିଛି। ଏହା ସତ୍ତ୍ୱେ ତାଳଚେର ଅଞ୍ଚଳର ବିଭିନ୍ନ ବ୍ୟବସାୟ ସଂସ୍ଥା ନିଜ ନାମଫଳକ ଓଡ଼ିଆ ଭାଷା ବ୍ୟବହାର କରୁନଥିବା ଦେଖାଯାଇଛି। ସୂଚନାନୁଯାୟୀ, ୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖରେ ଓଡ଼ିଆ ଭାଷା ଶାସ୍ତ୍ରୀୟଭାଷାର ମାନ୍ୟତା ପାଇବା ପରେ ଏହାର ପ୍ରଚାରପ୍ରସାର ପାଇଁ ୨୦୧୬ରେ କ୍ୟାବିନେଟ୍ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ରାଜ୍ୟ ଉନ୍ନୟନ କମିଶନର ସମସ୍ତ ସରକାରୀ ବେସରକାରୀ ସଂସ୍ଥା ନିଜର ନାମଫଳକ ଓଡ଼ିଆରେ ଲେଖିବା ପାଇଁ ବାଧ୍ୟତାମୂଳକ କରିଥିଲେ। ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଶୁଦ୍ଧ ଓଡ଼ିଆ ନାମଫଳକ ଲେଖିବା ନିମନ୍ତେ ୨୦୨୨ଏପ୍ରିଲରେ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମଧ୍ୟ କରିଥିଲେ। କୌଣସି ସଂସ୍ଥା ବା ଅନୁଷ୍ଠାନ ଓଡ଼ିଆ ଭାଷାରେ ନାମଫଳକ ନଲେଖିଲେ ସାଧାରଣ ଲୋକ ଅଭିଯୋଗ କରିବାପାଇଁ "ଓଡ଼ିଆ ନାମ ଫଳକ' ନାମରେ ଏକ ୱେବ୍ ପୋର୍ଟାଲ ବ୍ୟବସ୍ଥା କରାଯାଇଛି। ଏହାର ତଦାରଖ କରିବାପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଓଡ଼ିଆ ନାମଫଳକ ନ ଲେଖିଲେ ମୋଟା ଅଙ୍କର ଅର୍ଥଦଣ୍ଡ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ରାଜ୍ୟ ଉନ୍ନୟନ କମିଶନରଙ୍କ ଏହି ନିର୍ଦ୍ଦେଶକୁ ତାଳଚେରରେ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ହେଉଛି। ତାଳଚେର ସହର ଓ ଏହାର ଆଖାପାଖ ଅଞ୍ଚଳରେ ଅନେକ ସରକାରୀ ବେସରକାରୀ ସଂସ୍ଥା ନିଜ ନାମଫଳକ ଓଡ଼ିଆରେ ଲେଖିନାହାନ୍ତି। ଶ୍ରମ ଅଧିକାରୀ ମଧ୍ୟ ଏଥିପାଇଁ କଡ଼ା ପଦକ୍ଷେପ ନେଉଥିବା ଅଭିଯୋଗ ହୋଇଛି। ସହରରେ ହଜାର ହଜାର ଦୋକାନ ବାଣିଜ୍ୟ ପ୍ରତିଷ୍ଠାନ ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଛନ୍ତି। ଅଳ୍ପ କୋଡ଼ୋଟି ସଂସ୍ଥାକୁ ଛାଡ଼ିଦେଲେ ବହୁ ସଂସ୍ଥା ଇଂରାଜୀ ଓ ହିନ୍ଦୀ ଭାଷାରେ ନାମଫଳକ ଲେଖିଛନ୍ତି। ଅଞ୍ଚଳରେ ଥିବା ବିଭିନ୍ନ କେନ୍ଦ୍ରୀୟ ଅନୁଷ୍ଠାନରେ ମଧ୍ୟ ସମାନ ଅବସ୍ଥା। ତାଳଚେର ସହର ପ୍ରାୟ ୧୦ଟି ପେଟ୍ରୋଲ ପମ୍ପଥିବା ବେଳେ ସେଥିରୁ ଅଧିକାଂଶ ତେଲଟାଙ୍କି ଓଡ଼ିଆରେ ନାମଫଳକ ନାହିଁ। ହାଣ୍ଡିଧୂଆଁଛକ, ହାଟତୋଟା, ମ୍ୟୁନିସିପାଲଟି ମାର୍କେଟ, ବାଇପାସ୍ ଛକ, ତାଳଚେର ଟାଉନ୍, ବସଷ୍ଟାଣ୍ଡ ପ୍ରଭୃତି ଜନଗହଳି ସ୍ଥାନମାନଙ୍କରେ ନାମ ଫଳକ ଇଂରାଜୀ ଭାଷାରେ ଲେଖାଯାଇଥିବା ଦେଖିବାକୁ ମିଳିଥିଲା। ତେଣୁ ଯଥାଶୀଘ୍ର ସରକାରଙ୍କ ପକ୍ଷରୁ ଓଡ଼ିଆରେ ନାମଫଳକ ସହିତ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆରେ ଆବେଦନପତ୍ରର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଦାବି।

**ଅନେକ ବ୍ୟବସାୟ ସଂସ୍ଥା ମାନୁନାହାନ୍ତି ନିୟମ**

### ନାଳରେ ନାହିଁ ପାଣି

## ଅଭାବୀ ବର୍ଷା ପାଇଁ ଉଜୁଡ଼ିବାକୁ ବସିଲାଣି ଚାଷ

ଅନୁଗୋଳ,୫।୮ (ସମିସ): ଅଭାବୀ ବର୍ଷା ପାଇଁ ଉଜୁଡ଼ିବାକୁ ବସିଲାଣି ଚାଷ। ଯାହାଫଳରେ ପାଣି ଅଭାବରୁ ଚାଷୀ ହାତବାନ୍ଧି ବସିଥିବା ଦେଖିବାକୁ ମିଳିଛି। ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଅନ୍ତର୍ଗତ ନନ୍ଦପୁର, ପୋକତୁଙ୍ଗା, ଶଙ୍ଖପୁର, ଧୋକୁଟା ଆଦି ୪ଟି ପଞ୍ଚାୟତର ଚାଷୀମାନେ ମୁଖ୍ୟତଃ ବଉଳି ମାଇନର ଇରିଗେସନ ପ୍ରକଳ୍ପ ଉପରେ ନିର୍ଭର କରିଥାନ୍ତି। ମାତ୍ର ଏବର୍ଷ ନିର୍ଦ୍ଧାରିତ ସମୟରେ ବର୍ଷା ହୋଇନଥିବାରୁ ବଉଳି ନାଳରେ ପାଣିର ଅଭାବ ଦେଖା ଦେଇଛି। ଫଳରେ ଜମି ଶୁଖି ଆଁ କରିଛି। ଧାନତଳି ମରିବା ଅବସ୍ଥାରେ। ଏଣୁ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ଚାଷୀ ଅରୂପା ନନ୍ଦ ଦେହୁରୀ, ନିଶାନାଥ ଦେହୁରୀ, ବ୍ରଜବନ୍ଧୁ ପ୍ରଧାନ, ପ୍ରମୋଦ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଜୟନ୍ତ ପ୍ରଧାନ, ନିରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଜଳସେଚନ ସୁବିଧା କରିବାକୁ ଦାବି କରିଛନ୍ତି। ସେହିପରି ବାରଗୌଣିଆ, ତଳଗଡ଼, ଖିଣ୍ଡା, ଗଡ଼ତରାସ,



ବନ୍ତଳା, ବେଡ଼ା ଶାସନ ଆଦି ପଞ୍ଚାୟତରେ ବର୍ଷା ଅଭାବରୁ ଶହ ଶହ ଏକର ଅଣଜଳସେଚିତ ଚାଷଜମି ଚାଷ ନହୋଇ ପଡ଼ିଆ ରହିଛି। ଏଣୁ ଚାଷୀକୁଳ ହତାଶ ହୋଇଥିବା ଜଣାପଡ଼ିଛି।

### ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତ୍ତି

## ୧୧ରୁ ଅନିର୍ଦ୍ଦିଷ୍ଟକାଳ ଯାଏଁ କାର୍ଯ୍ୟ ବନ୍ଦ

ଅନୁଗୋଳ,୫।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୯ଦଫା ଦାବିପୂରଣ କରିବାରେ ରାଜ୍ୟ ସରକାରଙ୍କର ଅହେତୁକ ବିଳମ୍ବ ହେତୁ ରାଜ୍ୟର ସମସ୍ତ ୨୧ଜଣ ସାଂସଦ ଏବଂ ୧୪୭ଜଣ ବିଧାୟକମାନଙ୍କୁ ଦାବିଗୁଡିକ ବିଷୟରେ ଅବଗତ କରାଇବା ଏବଂ ସରକାରଙ୍କ ପାଖରେ ଦାବିଗୁଡିକୁ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ, ଆଜି ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା, ଅନୁଗୋଳ ସଭାପତି ରଜନୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଆଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋରେ ପ୍ରଧାନ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଓ ପାଲଲହଡା ବିଧାୟକ ଅଶୋକ ମହାନ୍ତିଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ପ୍ରକାଶଥାଉ କି, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ଅବହେଳା ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲାସ୍ତରରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ପତ୍ରାଳାପ କରିବା ସହିତ





ବିଭିନ୍ନସ୍ତରରେ ଆଲୋଚନା ମଧ୍ୟ ହୋଇସାରିଥିବା ବେଳେ ଫଳ ଶୂନ୍ୟ। ରାଜ୍ୟ ସରକାର ଆଗାମୀ ୧୦ ତାରିଖ ମଧ୍ୟରେ ଦାବିଗୁଡିକ ପୂରଣ ନ କରନ୍ତି ତାହେଲେ, ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୧ ତାରିଖରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ରଜନୀକାନ୍ତ ପ୍ରଧାନ, ଦେବେଶ ମିଶ୍ର ପ୍ରକାଶ କରିଥିଲେ।

## ଗଞ୍ଜେଇ ଜବତ; ୨ ଗିରଫ

ତାଳଚେର,୫।୮ (ସମିସ): ତାଳଚେର ଅବକାରୀ ବିଭାଗ ପକ୍ଷରୁ ପୃଥକ ପୃଥକ ଭାବେ ଚଢ଼ଉ କରାଯାଇ ଆଠମଲ୍ଲିକ ଅଞ୍ଚଳର ବୁଦ୍ଧୁ ବେହେରା (୨୩) ତାଳଚେର ବସଷ୍ଟାଣ୍ଡ ନିକଟରୁ ୪କେଜି ଶହେ ଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ ସେହିଭଳି ବଉଦ ଅଞ୍ଚଳର ଭରତ ବେହେରା (୩୮)ଙ୍କ ନିକଟରୁ ୪କେଜି ଗଞ୍ଜେଇ ସ୍ଥାନୀୟ ପବିତ୍ରନଗର ଛକରୁ ଜବତ କରିଥିବା ଘଟଣା ମାଫିଆଙ୍କ ମନରେ ଆତଙ୍କ ଖେଳିଯାଇଛି। ଘଟଣାରୁ ପ୍ରକାଶ ଆଜି ଅବକାରୀ ବିଭାଗ ଅଧିକାରୀ ଉମାକାନ୍ତ ସ୍ୱାଇଁ କୌଣସି ସୂତ୍ରରୁ ଖବର ପାଇ ବସଷ୍ଟାଣ୍ଡ ଠାରେ ଆତର୍କିତ ଚଢ଼ଉ କରି ଗଞ୍ଜେଇ ବେପାରୀକୁ ଧରିବାରେ ସଫଳ ହୋଇଥିବା ବେଳେ ସେହିଳଭଳି ସ୍ଥାନୀୟ ପବିତ୍ର ନଗର ଠାରେ ଓଆସି ହାତିଆ ବେହେରା ଚଢ଼ଉ କରି ସେମାନଙ୍କ ନିକଟରୁ ଗଞ୍ଜେଇ ଜବତ କରିବା ସହ ଉକ୍ତ ଦୁଇଜଣ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଆଠମଲ୍ଲିକ ଓ ବଉଦ ଅଞ୍ଚଳରୁ ଉକ୍ତ ଗଞ୍ଜେଇ ବେପାରୀ ତାଳଚେର ଅଞ୍ଚଳକୁ ଆସି ବିଭିନ୍ନ ସ୍ଥାନରେ ଅତି ଚତୁରତା ସହ ଗ୍ରାହକମାନଙ୍କୁ ଗଞ୍ଜେଇ ବିକ୍ରି କରିବାକୁ ଅପେକ୍ଷା କରିଥିବା ବେଳେ ଅବକାରୀ ବିଭାଗ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଅନୁମାନ କରାଯାଏ ଏହି ଗଞ୍ଜେଇର ମୂଲ୍ୟ ପ୍ରାୟ ଦେଢ଼ଲକ୍ଷ ଟଙ୍କା ହେବ ଜଣାପଡ଼ିଛି।

## ସାମାଜିକ ଗଣମାଧ୍ୟମରେ ମହିଳାଙ୍କୁ କମେଣ୍ଟ; ୨ ଅଟକ

ଅନୁଗୋଳ,୫।୮ (ସମିସ): ଜୈନିକ ମହିଳାଙ୍କୁ ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ କମେଣ୍ଟ ଦେବାରୁ ତୁମୁଳକାଣ୍ଡ ଘଟିଛି। ମଙ୍ଗଳବାର ଅପରାହ୍ଣରେ ଅନୁଗୋଳ ସହର ଲକ୍ଷ୍ମୀବଜାରେଥିବା ଏକ ଲେଡିଜ କର୍ଣ୍ଣରରେ ସାମାଜିକ ଗଣମାଧ୍ୟମରେ କମେଣ୍ଟ ମରାକୁ ନେଇ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ପାଟିତୁଣ୍ଡ ଏପରି ହୋଇଥିଲା ଯେ ଶେଷରେ ଦୋକାନ ମାଲିକ ପୁଲିସକୁ ଡକାଇଥିଲେ। ଗଣ୍ଡଗୋଳ କରିଥିବା ଦୁଇ ଯୁବକଙ୍କୁ ପୁଲିସ ଉଠାଇ ନେଇଥିବା ଜଣାପଡିଛି। ସୂଚନା ଯେ, ଲକ୍ଷ୍ମୀବଜାରର ଏକ ଲେଡିଜ କର୍ଣ୍ଣରରେ କାମ କରୁଥିବା ଜଣେ ଯୁବକ ବନ୍ତଳା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ଆଶ୍ଳୀଳ କମେଣ୍ଟ ଦେଇଥିଲେ। ଏହି କଥାକୁ ନେଇ ଉକ୍ତ ମହିଳାଙ୍କ ସ୍ୱାମୀ ଆଜି ଅପରାହ୍ଣରେ ଆସି ଲେଡିଜ କର୍ଣ୍ଣରରେ ପାଟିତୁଣ୍ଡ କରିଥିଲେ।

## ମେଡିକାଲ ସମସ୍ୟାର ସମାଧାନ ପାଇଁ କମିଟି ଗଠନ

ଅନୁଗୋଳ,୫।୮ (ସମିସ): ଅନୁଗୋଳ ମେଡିକାଲ ନାନା ସମସ୍ୟା ଦେଇ ଗତି କରୁଥିବା ବେଳେ ନବ ନିଯୁକ୍ତ ସିଡିଏମ୍‌ଓ ଡା. ମଦନ ମୋହନ ପ୍ରଧାନ ଏହାର ସମାଧାନ ନେଇ ବୈଠକ ଡାକିଥିଲେ। ବୈଠକରେ ସବୁ ବିଭାଗୀୟ ଡାକ୍ତର ଓ ହସ୍ପିଟାଲ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଚପଲ ଚୋରି, ବାଇକ୍ ଚୋରି, ଦଲାଲଙ୍କ ଉତ୍ପାତ ଠାରୁ ବେଡସିଟ ସମସ୍ୟା, ଧାଡ଼ି ଯନ୍ତ୍ରଣା, ବରିଷ୍ଠ ନାଗରିକଙ୍କ ସମସ୍ୟା ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏସବୁର ସମାଧାନ ପାଇଁ ହସ୍ପିଟାଲ ସୁପରିନଟେଣ୍ଡେଣ୍ଟ ଡା ମାନସ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ୬ଜଣିଆ କମିଟି ଗଠନ କରାଯାଇଛି। କମିଟି ପ୍ରତି ସପ୍ତାହରେ ଦୁଇ ଥର ବସି ସମାଧାନର ରାସ୍ତା ବାହାର କରି ସିଡିଏମଓଙ୍କୁ ଅବଗତ କରାଇବେ। ରୋଗୀଙ୍କ ଖାଦ୍ୟ, ପରିମଳ ବ୍ୟବସ୍ଥା, ଔଷଧ ବଣ୍ଟନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ପିଏମପି କଲେଜ୍ ଡାକ୍ତର ମାନଙ୍କୁ ରୋଗୀମାନେ ଜାଣି ପାରୁନଥିବାରୁ ଡିସପ୍ଲେ ବୋର୍ଡ ଲାଗିବ। ସେଣ୍ଟ୍ରାଲ ପାଥୋଲୋଜିରେ ଡାକବାଜି ଯନ୍ତ୍ର ବ୍ୟବସ୍ଥା ରହିବ। ରୋଗୀଙ୍କ ପାଇଁ ଟୋକନ ବ୍ୟବସ୍ଥା ରହିବ। ସେଠାରେ ପ୍ରବଳ ଭିଡ଼ ହେଉଥିବାରୁ ଏହି ନୂଆ ବ୍ୟବସ୍ଥା ଲାଗୁ କରାଯିବ।

## ଅଚାନକ ବଢ଼ିଲା ଟମାଟୋ ଦର

ଅନୁଗୋଳ,୫।୮ (ସମିସ): ଧନୀଠାରୁ ଗରିବ ସମସ୍ତଙ୍କ ଘରେ ଆଳୁ ଯେମିତି ଏକ ନିତିଦିନିଆ ପରିବା। ସେହିପରି ଟମାଟୋ ମଧ୍ୟ ପ୍ରତିଟି ପରିବାରର ହାଣ୍ଡିଶାଳରେ ନିୟମିତ ଆବଶ୍ୟକ ହୋଇଥାଏ। ଶ୍ରାବଣ ମାସ ଚାଲୁଥିବା କାରଣରୁ ପରିବା ବଜାରର ଦର ଉଚ୍ଚା ରହିଥିବା ବେଳେ ଦୁଇଦିନ ହେବ ଟମାଟୋ ଦର ୫୦ ଛୁଇଁଛି। ଏଭଳି ସମୟରେ ଲୋକେ ଖାଇବେ କଣ ବୋଲି ମୁଣ୍ଡରେ ହାତ ଦେଇଛନ୍ତି। ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଟମାଟୋ ବା ବିଲାତି ବାଇଗଣର ଚାଷ ହେଉନଥିବା କାରଣରୁ ସମସ୍ତ ଟମାଟୋ ବାହାର ରାଜ୍ୟରୁ ଆମଦାନୀ ହେଉଛି। ପ୍ରତିଦିନ ଅନୁଗୋଳ ଜିଲ୍ଲାକୁ ପଡୋଶୀ ରାଜ୍ୟର ନାସିକ, ରାୟପୁର ଆଦି ସହରରୁ ଏହି ସବୁ ପନିପରିବା ଆସିଥାଏ। ତେବେ କୌଣସି କାରଣରୁ ଏହାର ଦର ହଠାତ ପରିବର୍ତ୍ତନ ହୋଇଛି ତାହା ସ୍ପଷ୍ଟ



ହୋଇନାହିଁ। ତେବେ ରାଜ୍ୟ ତଥା ରାଜ୍ୟ ବାହାରୁ ଆମଦାନୀ ହେଉଥିବା ସମସ୍ତ ଖାଦ୍ୟ ପଦାର୍ଥ ଉପରେ ଜିଲା ବେସାମରିକ ଯୋଗାଣ ବିଭାଗର ନିୟନ୍ତ୍ରଣ ରହିଥାଏ। ବ୍ୟବସାୟୀ ଅଧିକ ମୁନାଫା କମାଇବା ପାଇଁ ଯେଭଳି ସାଧାରଣ ଲୋକ ହଇରାଣ ନହୁଅନ୍ତି ସେ ନେଇ ବିଭାଗ କାର୍ଯ୍ୟ କରିଥାଏ। କାହିଁକି ହଠାତ ପରିବା ବଜାରରେ ଏପରି ପରିବର୍ତ୍ତନ ହୋଇଛି ଏନେଇ ଜିଲା ବେସାମରିକ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବା ପରେ ଫୋନ ଉଠାଇନଥିବା କାରଣରୁ କୌଣସି ମତାମତ ମିଳିପାରିନଥିଲା।

# ନାରୀ ନିର୍ଯାତନା ବୃଦ୍ଧି ପ୍ରତିବାଦରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ

### ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର





ପାଲଲହଡା,୫।୮ (ସମିସ)

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ତଥା ନାରୀ ଓ ଛାତ୍ରୀ ଅସୁରକ୍ଷିତକୁ ନେଇ ବିଜୁ ଯୁବ ଛାତ୍ର ଜନତା ଦଳ ଓ କଲେଜ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପାଲଲହଡାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶତାଧିକ ଛାତ୍ରଛାତ୍ରୀ ପାଲଲହଡା ସଦରମହକୁମା ସ୍ଥିତ ପଞ୍ଚାୟତ ଭବନରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମୁକେଶ କୁମାର ପାଲ ଉପସ୍ଥିତ ରହି ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଭିତରେ ମହିଳା, ଛାତ୍ରୀ ସୁରକ୍ଷିତ ନୁହନ୍ତି। ବାଲେଶ୍ୱର ଫକୀରମୋହନ କଲେଜ ଘଟଣା, ପୁରୀ ବଳଙ୍ଗା ଘଟଣା, ଗୋପାଳପୁର ସମୁଦ୍ର ବେଳାଭୂମୀରେ ଛାତ୍ରୀଙ୍କୁ ଦୁଷ୍କର୍ମ ସମେତ ପ୍ରତେକ ଦିନ ଓଡିଶାର ବିଭିନ୍ନ ସ୍ଥାନରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଏବଂ ହତ୍ୟା ଆଦି ଲୋମ ଟାଙ୍କୁରା ଘଟଣା ଘଟି ଚାଲିଛି। ନାରୀ ଏଠାରେ ସୁରକ୍ଷିତ ନୁହନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜ୍ୟରେ ନାରୀ, ଛାତ୍ରୀମାନଙ୍କୁ ସୁରକ୍ଷା ଦେବା ସହ ପାଲଲହଡା ଅଞ୍ଚଳରେ ମଧ୍ୟ ମହିଳା ଏବଂ ଛାତ୍ରୀ ମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଦାବି କରାଯାଇଥିଲା। ବ୍ଲକ ବିଜେଡି ଛାତ୍ର ସଭାପତି ସବ୍ୟସାଚୀ କପରଦାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ନରେନ୍ଦ୍ର ଭୁକ୍ତା, ଗିରିଧାରୀ ବେହେରାଙ୍କ ସମେତ ସତାଧିକ କଲେଜ ଛାତ୍ରଛାତ୍ରୀ ଓ ବିଜୁ ଛାତ୍ର ଜନତା ଦଳର ନେତା ଓ କର୍ମୀ ସାମିଲ ହୋଇଥିଲେ।

**ଖମାର:** ରାଜ୍ୟରେ ଛାତ୍ରୀ, ମହିଳା ଅସୁରକ୍ଷିତ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପାଲଲହଡାର ପୂର୍ବତନ ବିଧାୟକ ମୁକେଶ କୁମାର ପାଲଙ୍କ ଆହ୍ୱାନ କ୍ରମେ ପାଲଲହଡା ବ୍ଲକ ବିଜୁ ଯୁବ-ଛାତ୍ର ଜନତା ଦଳ ତରଫରୁ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦେଶ୍ୟରେ ଖମାର ଥାନାର ଭାରପ୍ରାପ୍ତ ଅଧିକାରୀ ଅରୁଣ କୁମାର ପଣ୍ଡାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଜୁ ଯୁବ ଛାତ୍ର ଜନତା ଦଳ ଉତ୍କଳ ମଣି ଗୋପବନ୍ଧୁ ମହାବିଦ୍ୟାଳୟର ଜୟନ୍ତ କୁମାର ପ୍ରଧାନ, ଶୁଭମ ରାଉତ, ଦିବ୍ୟରଞ୍ଜନ ଜୋତିଶ, ଜ୍ଞାନେନ୍ଦ୍ର ପ୍ରଧାନ, ଘାସିରାମ ବେହେରା, ଆଜ୍ୟ ଶ୍ରୀଅନୁଭବ, ଟିକେଶ୍ୱର ସାହୁ, ସିଦ୍ଧାନ୍ତ ସାହୁ, ସମ୍ବିତ କୁମାର ସାହୁ ଏବଂ ଦିଲୀପ କୁମାର ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଉପସ୍ଥିତ ରହି ସ୍ମାରକ ପତ୍ର ଦେଇଥିଲେ।

**କଣିହାଁ:** କଣିହାଁ ବ୍ଲକ୍ କାର୍ଯ୍ୟାଳୟ, କଣିହାଁ ଥାନା ଓ ରେଙ୍ଗାଳି ଥାନା ସମ୍ମୁଖରେ ବିଜେଡି ତରଫରୁ ଛାତ୍ରଛାତ୍ରୀଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଛାତ୍ରୀ, ମହିଳା ଅସୁରକ୍ଷିତ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଥିବା ଦର୍ଶାଇ ବିଜେଡି ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଆହ୍ୱାନ କ୍ରମେ କଣିହାଁ ବ୍ଲକ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଥାନା ଓ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।









ଏହି ପରିପ୍ରେକ୍ଷୀରେ କଲେଜ ଛାତ୍ରଛାତ୍ରୀ କଣିହାଁ ମେଡିକାଲରୁ ଶୋଭାଯାତ୍ରାରେ ବାହାରି କଣିହାଁ ବ୍ଲକ୍ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କଣିହାଁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ କଣିହାଁ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଜୁ ଯୁବ ଜନତା ଦଳର ନେତା ଲିପୁନା ଭୁକ୍ତା, ଅନୁଗୋଳ ଜିଲ୍ଲା ବିଜେଡି ଛାତ୍ର ସଭାପତି ରାଜୀବ ସାହୁ, ଜିଲ୍ଲା ଉପସଭାପତି ଅମିତ ଓ କଣିହାଁ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି କଣିହାଁ ବ୍ଲକ୍ ରେଙ୍ଗାଳିସ୍ଥିତ ପବିତ୍ର ମୋହନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ କଣିହାଁ ବ୍ଲକ୍ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଶୋଭଯାତ୍ରାରେ ଯାଇ ରେଙ୍ଗାଳି ଥାନାରେ ପହଞ୍ଚି ଥାନା ଅଧିକାରୀ ଜୟନ୍ତ ମହାନ୍ତିଙ୍କୁ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ପାଲଲହଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ମୁକେଶ କୁମାର ପାଲଙ୍କ ଆହ୍ୱାନ କ୍ରମେ ଛାତ୍ର ନେତା ତଥା ରେଙ୍ଗାଳି ସମିତି ସଭ୍ୟ ଦେବାଶିଷ ମହାନ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ର ସଭାପତି ସଞ୍ଜୟ ମାଝୀ, ମଣ୍ଟୁ ମହାନ୍ତି, ବିଶ୍ୱଜିତ୍ ଧିର, ପ୍ରଶାନ୍ତ ପ୍ରଧାନ, ବିକ୍ରମ ପ୍ରଧାନ, ଗଗନ ରାଉତ, ଅଭିମନ୍ୟୁ ପ୍ରଧାନ, ରାଜେଶ୍ ସାହୁ, ଶ୍ରୀକାନ୍ତ ବେହେରା, ସୁବାସ ମହାନ୍ତି, ପ୍ରଜ୍ଞାବୀର ଦାସ, ନନ୍ଦ କିଶୋର ସାହୁ, ପ୍ରଭାତ ଧିର ପ୍ରମୁଖ ଯୁବ ଛାତ୍ର ନେତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ବିଜେଡି ନେତା ହିମାଚଳ ପଣ୍ଡା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, ପ୍ରଦୀପ ଦାସ, ପ୍ରମୋଦ ସାମଲ, ମାଧବ ସାମଲ, ସୁନୀଲ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ।

ସକାଳ THE SAKALA



## ବନ୍ୟାରେ ଉଜୁଡ଼ିଗଲା ଚାଷ, ପହଞ୍ଚିଲାନି ପ୍ରଶାସନ

# ଭାରୀଗଦା ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ମେଳି

**ରାଜକନିକା, ୫।୮ (ସମିସ)**



ରାଜକନିକା ବ୍ଲକ ଭାରୀଗଦା ପଞ୍ଚାୟତରେ ଚଳିତବର୍ଷ ଦୁଇଥର ବନ୍ୟା ଆସି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଅଞ୍ଚଳର ୭ ଶହରୁ ୮ଶହ ହେକ୍ଟର ଜମିରେ ସମସ୍ତ ପ୍ରକାର ଚାଷ କରି ଏହି ପଞ୍ଚାୟତର ପାଖାପାଖି ୧ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥା'ନ୍ତି। ଦୁଇଥର ବନ୍ୟା ଆସି ସାରଦ ଧାନ, ପନିପରିବା (ପୋଟଳ, ଜହ୍ନି, ଭେଣ୍ଡି, ବାଇଗଣ), ନଳିତା, କଦଳୀ ଆଦି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏ ପର୍ଯ୍ୟନ୍ତ ସରକାରୀ ସ୍ତରରେ କୌଣସି କ୍ଷୟକ୍ଷତିର ଆକଳନ କରାଗଲାନାହିଁ। ଯଦି କ୍ଷୟକ୍ଷତି ଆକଳନ କରା ନ ଯାଏ, ଆନ୍ଦୋଳନ କରାଯିବ ବୋଲି ଆଜି ଚାଷୀଙ୍କ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ ଖରସ୍ରୋତା ନଦୀରେ ଜଳସ୍ତର କ୍ରମଶଃ କମିବାରେ ଲାଗିଛି। ହେଲେ ଚାଷଜମିରୁ ବନ୍ୟାଜଳ ନିଷ୍କାସନ ହେଉନାହିଁ। କାରଣ ଗଞ୍ଜା ନଦୀରେ ହୋଇଥିବା କଲଭର୍ଟ କମ୍ ଉଚ୍ଚତା ବିଶିଷ୍ଟ ହୋଇଥିବା ହେତୁ ଏପରି ସମସ୍ୟା ଉପୁଜିଛି। ଫଳରେ ଚାଷଜମି ଜଳମଗ୍ନ ହୋଇ ରହୁଛି। ପ୍ରଶାସନର ଏଭଳି ଉଦାସୀନତା ମନୋଭାବକୁ ନେଇ ମଙ୍ଗଳବାର ପଞ୍ଚାୟତର ଚାଷୀ ଅଚ୍ୟୁତପୁର ଅନ୍ଧାରଘରଣୀ ଶିବପାର୍ବତୀଙ୍କ ମଣ୍ଡପଠାରେ ଅଞ୍ଚଳର ବରିଷ୍ଠ ଚାଷୀ ନିରାକାର ରାଉତଙ୍କ ଆବାହକତ୍ୱରେ ଦୁଇ ଶହରୁ ଅଧିକ ଚାଷୀ ଏକତ୍ରିତ ହୋଇ ଏକ ବୈଠକ କରିଥିଲେ। ଉକ୍ତ ବୈଠକରେ ପଞ୍ଚାୟତରେ ଚାଷୀ ଧାରକରଜ ଓ ସମବାୟ ସମିତି ହେଉ ବା ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ଚାଷ କରିଥିଲେ। ବନ୍ୟାରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେମିତି ଚଳିବ ପରିବାର ଓ କେମିତି ସୁଝିବ କରଜ, ବୈଠକରେ ଆଲୋଚନାଳ ହୋଇଥିଲା। ଏ ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀ ଚାଷୀଙ୍କ ପାଖରେ ପହଞ୍ଚି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ପ୍ରଶାସନିକ ଅଧିକାରୀ ଚାଷୀଙ୍କ ପାଖରେ ପହଞ୍ଚି କ୍ଷୟକ୍ଷତିର ସଠିକ୍ ଆକଳନ କରି ସରକାରୀ ସୁବିଧା ଯୋଗାଇଦେବା ସହ ଋଣ ଛାଡ଼ କରିବାକୁ ଚାଷୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ପଞ୍ଚାୟତର ଚାଷୀଙ୍କ ପକ୍ଷରୁ ଆନ୍ଦୋଳନ ସହ ତହସିଲ ଘେରଉ ପୂର୍ବକ ଏକ ବଡ଼ଧରଣର ଚାଷୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ବୈଠକରେ ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମୁରଲୀଧର ବେହେରା, ସମିତିସଭ୍ୟ ଶରତ ରାଉତ, ପୂର୍ବତନ ସରପଞ୍ଚ ପ୍ରଦୀପ ମଲିକ, ଚାଷୀ କିଶୋର ବେହେରା, ଶୈଳେନ୍ଦ୍ର ପାତ୍ର, ହୃଷିକେଶ ଜେନା, ରାମଚନ୍ଦ୍ର

**କ୍ଷୟକ୍ଷତି ଆକଳନ କରା ନ ଗଲେ ଆନ୍ଦୋଳନ ଚେତାବନୀ**

ବେହେରା, ଦୁଃଶାସନ ଜେନା, ଅରୁଣ ଦାସ, ମାଧବାନନ୍ଦ ବାରିକ, କୈଳାସ ବେହେରା, ବୁଲୁଆ ଜେନା, ବିଜୟ ସାହୁ, ହୃଷିକେଶ ବେହେରା, କୈଳାସ ବିଶ୍ୱାଳ, ବାଦଲ ବିଶ୍ୱାଳ, ଅଜୟ ଦାସ, ବିଷ୍ଣୁ ସାମଲ, ଗଗନ ମଲ୍ଲିକ, ରମାକାନ୍ତ ନାୟକ, ରମାକାନ୍ତ ଦାସ, ଗୌତମ ବେହେରା, ସୁବାସ ରାଉତ, ନକୁଳ ରାଉତ, ସୁଶାନ୍ତ ମୁଦୁଲି, ଅଞ୍ଜନ ମୁଦୁଲି, ଅମିତ ନାୟକ, ଅଧୀରାଜ ଜେନା, ରାଧାଶ୍ୟାମ ରାଉତ, ବିଜୟ ପଲ୍ଲାର, ମନୋଜ ରାଉତ, ଅମର ପରିଡ଼ା ଓ ବିଦ୍ୟାଧର ବରାଳଙ୍କ ସମେତ ଅଞ୍ଚଳର ଅନ୍ୟ ଚାଷୀ ଯୋଗ ଦେଇଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ପଟ୍ଟାମୁଣ୍ଡାଇ, ୫।୮ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ସାନମୂଳବସନ୍ତ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଜି ଡାକ୍ତରଖାନା ପଠାଇଛି।

ସାନମୂଳବସନ୍ତ ଗ୍ରାମର ଗୋପୀନାଥ ସ୍ୱାଇଁଙ୍କ ପୁଅ ବଳରାମ ସ୍ୱାଇଁ(୪୧) ଗ୍ରାମର ବଡ଼ପୋଖରୀକୁ ଗାଧେଇବାକୁ ଯାଇ ପାଣିରେ ଗୋଡ଼ ଖସିଯିବାରୁ ବୁଡି ଯାଇଥିଲେ। ଏହା ଜାଣିବା ପରେ ଉକ୍ତ ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଗ୍ରାମବାସୀ ଦମକଳକୁ ଖବର ଦେଇଥିଲେ। ମାତ୍ର ପଟ୍ଟାମୁଣ୍ଡାଇ ଦମକଳ କେନ୍ଦ୍ରରେ ଦମକଳ ଗାଡ଼ି ନ ଥିବାରୁ ଆଳିରୁ ଦମକଳ ଆସି ପହଞ୍ଚିଥିଲା। ଏହା ପୂର୍ବରୁ ଗ୍ରାମବାସୀ ଗୋପୀନାଥଙ୍କୁ ପୋଖରୀରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଦମକଳ ବାହିନୀ ସହାୟତାରେ ତୁରନ୍ତ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୋପୀନାଥଙ୍କ ବାପା କିଛିଦିନ ତଳେ କେଉଁ ଆଡେ ଚାଲିଯାଇଛନ୍ତି। ଘରେ ତାଙ୍କ ମାଆ ଓ ସ୍ତ୍ରୀ ଅଛନ୍ତି। ଗୋପୀନାଥ ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଥାଲାସେମିଆ ଶିଶୁଙ୍କୁ ରକ୍ତ ଯୋଗାଇଲା କଳିଙ୍ଗ ଆବାସିକ ବିଦ୍ୟାଳୟ



**ଡେରାବିଶ, ୫।୮ (ସମିସ):** ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଥକେଇନେଉଳି ଗ୍ରାମର ମାନସିକ ଭିନ୍ନକ୍ଷମ ଗଗୁନି ସେଠୀଙ୍କ ଥାଲାସେମିଆରେ ପୀଡ଼ିତ ଶିଶୁପୁତ୍ର ସାଇରାମ (୧୦) ଓ ଝିଅ ରାଜନନ୍ଦିନୀ(୬)ଙ୍କ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ରକ୍ତ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରାଯାଇଛି। ଆର୍ଥିକ ଅନଟନରେ ଥିବା ମାନସିକ ଭିନ୍ନକ୍ଷମ ଗଗୁନି ଓ ତାଙ୍କ ପରିବାରର କରୁଣ କାହାଣୀ ସମ୍ପର୍କରେ ଚଳିତ ବର୍ଷ ଫେବୃଆରୀ ମାସରେ 'ସକାଳ' ଖବରକାଗଜରେ 'ମାନସିକ ଭିନ୍ନକ୍ଷମ ପୁଅ, ଦୁଇ ନାତୁଣୀଙ୍କ ଚିନ୍ତା' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନ ଗଗୁନିଙ୍କ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଥାଲାସେମିଆରେ ପୀଡ଼ିତ ଦୁଇ ଶିଶୁଙ୍କୁ ରକ୍ତ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ପ୍ରଧାନ ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ମାସରେ ପୀଡ଼ିତ ଭାଇଭଉଣୀଙ୍କୁ ଆବଶ୍ୟକ ହେଉଥିବା ରକ୍ତ ଯୋଗାଇ ଆସୁଛନ୍ତି। ଆଜି କଟକ ମେଡ଼ିକାଲରେ ଉଭୟ ଭାଇଭଉଣୀ ରକ୍ତ ନେବା ପାଇଁ ଭର୍ତ୍ତି ହୋଇଥିବାବେଳେ ଶ୍ରୀ ପ୍ରଧାନଙ୍କ ନିର୍ଦ୍ଦେଶରେ ହଷ୍ଟେଲ ସୁପରଭାଇଜର ରଞ୍ଜନ ସେଠୀ କଟକ ମେଡ଼ିକାଲ ଯାଇ ଉଭୟ ସାଇରାମ ଓ ରାଜନନ୍ଦିନୀଙ୍କୁ ଆବଶ୍ୟକ ହେଉଥିବା ରକ୍ତ ପ୍ରଦାନ କରିଥିଲେ।

## କଳ୍ପନା ମଲ୍ଲିକ ମହିଳା କମିଶନ ସଦସ୍ୟା ମନୋନୀତ



**କେନ୍ଦ୍ରାପଡ଼ା, ୫।୮ (ସମିସ):** କେନ୍ଦ୍ରାପଡ଼ାର ନାରୀନେତ୍ରୀ, ସୁ-ଲେଖିକା, ସାମାଜିକ କର୍ମୀ କଳ୍ପନା ମଲ୍ଲିକଙ୍କୁ ରାଜ୍ୟ ମହିଳା କମିଶନ ସଦସ୍ୟା ଭାବେ ମନୋନୀତ କରାଯାଇଛି। ମହିଳା କମିଶନଙ୍କୁ ପୁନର୍ଗଠନ କରାଯାଇଥିବାବେଳେ ଡଃ ମଲ୍ଲିକଙ୍କୁ ଏହାର ସଦସ୍ୟା ଭାବେ ମନୋନୀତ କରିଥିବାରୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଠୀଙ୍କ ସମେତ ଗୀତାଞ୍ଜଳି ସେଠୀ, କିଶୋର ପଣ୍ଡା, ଉପିନ ରାଉତ, ଅଭିମନ୍ୟୁ ଗୋଚ୍ଛାୟତ, ଅମିତାଭ ସୁଆର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ପୋଡ଼ିଗଲା ଗୁହାଳ ସହ ଦୁଇ ବଖରା

**ଡେରାବିଶ, ୫।୮ (ସମିସ):** ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି ଗୁହାଳ ସମେତ ଦୁଇବଖରା ଘର ପୋଡ଼ିଯାଇଛି। ମୁକୁନ୍ଦପୁର ଗ୍ରାମର ଗୋପୀନାଥ ଦାସ ଗୁହାଳ ଘରେ ଧୂଆଁ ଦେଇଥିଲେ। କୌଣସି କାରଣରୁ ଏଥିରୁ ନିଆଁ ବ୍ୟାପୀ ଗୁହାଳ ଚାଳରେ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଗୁହାଳ ଓ ଏହାକୁ ଲାଗି ରହିଥିବା ଅନ୍ୟଏକ ଶୋଇବା ଘର ପୋଡ଼ିଯାଇଥିଲା। ନିଆଁ ଲାଗିବା ସମୟରେ ଗ୍ରାମବାସୀ ଗୁହାଳରେ ଥିବା ଗାଈକୁ ଉଦ୍ଧାର କରି ବାହାର କରିଆଣିଥିଲେ। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଡେରାବିଶ ଓ ନିଶ୍ଚିନ୍ତକୋଇଲିରୁ ଦୁଇଟି ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସାପ କାମୁଡ଼ାରେ ବୃଦ୍ଧ ଗୁରୁତର

**ଆଳି, ୫।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳ ପଞ୍ଚାୟତ ଅନ୍ତର୍ଗତ ଶାଳିଅଞ୍ଚ ଗ୍ରାମର ଜଣେ ବୃଦ୍ଧ ଚାଷ କାର୍ଯ୍ୟ ନିମନ୍ତେ ଦିଗୋଛିଆ ଛକ ନିକଟ ବିଲକୁ ଯାଇଥିବାବେଳେ ସେଠାରେ ଏକ ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଛନ୍ତି। ଶାଳିଅଞ୍ଚ ଗ୍ରାମର ସୁଶାନ୍ତ ରାଉତ (୬୫) ଆଜି ଚାଷ କାର୍ଯ୍ୟ ପାଇଁ ବିଲକୁ ଯାଇଥିଲେ। କାମ ସାରି ଘାସ କାଟିବା ସମୟରେ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଭାଉଜଙ୍କୁ ମାଡ଼ ମାରିଲା ଦିଅର

**କେନ୍ଦ୍ରାପଡ଼ା, ୫।୮ (ସମିସ):** କେନ୍ଦ୍ରାପଡ଼ା ବ୍ଲକ ନିକିରାଇ ଥାନା ଅନ୍ତର୍ଗତ ମୁଗବାଡି ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ଦିଅର ଉଲଗ୍ନ କରି ମାଡ଼ ମାରିଛି। ଏହି ମାଡ଼ର ଦୃଶ୍ୟ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିଛି। ପୁଲିସ ଅଭିଯୁକ୍ତ ଦିଅରକୁ ଗିରଫ କରିନାହିଁ। ସୂଚନା ମୁତାବକ, ମୁଗବାଡ଼ି ଗ୍ରାମର ମହିଳା ଓ ତାଙ୍କ ଦିଅର ଶଶୀକାନ୍ତ ଜେନା ମଧ୍ୟରେ ଜମିବାଡିକୁ କେନ୍ଦ୍ରକରି ବିବାଦ ରହିଥିଲା। ଭାଉଜ ଘର ପାଖରେ ଛିଡା ହୋଇଥିବାବେଳେ ଦିଅର ଶଶୀକାନ୍ତ କୌଣସି କଥାକୁ ନେଇ ହଠାତ ଭାଉଜଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲା। ଏଥିସହ ଏକ ପଥରରେ ଭାଉଜର ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ମହିଳାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ହସ୍ତକ୍ଷେପ କରିବା ପରେ ଅଭିଯୁକ୍ତ ମହିଳାଙ୍କୁ ଛାଡିଥିଲା। ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରିଛି। ତେବେ ଅଭିଯୁକ୍ତ ଦିଅରକୁ ଗିରଫ କରିନାହିଁ। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

**ବଳଭଦ୍ରପୁର ପଞ୍ଚାୟତରେ ପାଣି ପାଇଁ ଗଣ୍ଡଗୋଳ**

# ଥାନାରେ ୨ଟି ଏତଲା, ପୁଲିସ ତଦନ୍ତ ଆରମ୍ଭ

**ପଟ୍ଟାମୁଣ୍ଡାଇ/ମାଳିପୁର, ୫।୮ (ସମିସ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତରେ ପିଇବା ପାଣି ଯୋଗାଣକୁ ନେଇ ଗଣ୍ଡଗୋଳ ଘଟି ପରସ୍ପର ବିରୋଧରେ ଦୁଇଟି ଏତଲା ଗ୍ରାମାଞ୍ଚଳ ଥାନାରେ କରାଯାଇଛି। ପାଣି ପାଇଁ ଗଣ୍ଡଗୋଳ ପରେ ପ୍ରଥମେ ସରପଞ୍ଚ ଏତଲା ଦେଇଥିଲେ ଓ ପରବର୍ତ୍ତୀ ସମୟରେ ବଳଭଦ୍ରପୁର ଗ୍ରାମବାସୀଙ୍କ ପକ୍ଷରୁ ଉକ୍ତ ଦିନର ଗଣ୍ଡଗୋଳକୁ ନେଇ ଗ୍ରାମାଞ୍ଚଳ ଥାନାରେ ପାଲଟା ଏତଲା ଦିଆଯାଇଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଦୁଇଟି ଏତଲା ଉପରେ ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତରେ ପିଇବା ପାଣି ଯୋଗାଣକୁ ନେଇ ଗତ ୩୧ ତାରିଖରେ ଗଣ୍ଡଗୋଳ ହୋଇଥିଲା। ଏ ସମ୍ପର୍କରେ ସରପଞ୍ଚ ପ୍ରିୟବ୍ରତ ଓଝା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଗତ ୧ ତାରିଖରେ ଏତଲା ଦେଇଥିଲେ। ବଳଭଦ୍ରପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ଥିବା ଓଭରହେଡ଼ ଟାଙ୍କିରୁ ପାଇପ ଯୋଗେ ଖର୍ଦ୍ଦାପାଟଣା ଓ ଛତ୍ରଧାରୀପାଟଣାକୁ ପାନୀୟଜଳ ଯୋଗାଣ କରାଯାଇଥାଏ। ଗତ ୪ଦିନ ଧରି ଖର୍ଦ୍ଦାପାଟଣା ଓ ଛତ୍ରଧାରୀପାଟଣାକୁ ପାଣି ଯୋଗାଇ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ଖର୍ଦ୍ଦାପାଟଣା ଓ ଛତ୍ରଧାରୀପାଟଣା ଲୋକେ ସରପଞ୍ଚ ପ୍ରିୟବ୍ରତ ଓଝାଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ସରପଞ୍ଚ ଗତ ୩୧ ତାରିଖ ରାତିରେ ପାଣି ପାଉ ନ ଥିବା ଉଭୟ ଗ୍ରାମର କିଛି ଲୋକଙ୍କ ସହିତ ପମ୍ପ ହାଉସ ନିକଟକୁ ଯାଇ ପମ୍ପ ହାଉସ ଡ୍ରାଇଭରଙ୍କୁ ପମ୍ପ ଚଳାଇବା ପାଇଁ ଖୋଜିଥିଲେ। ମାତ୍ର ପମ୍ପ ଡ୍ରାଇଭର ନ ଥିବାରୁ ତାଙ୍କ ସାନଭାଇ ପମ୍ପ ହାଉସ ଚାବି ଆଣି ପମ୍ପ ଚଳାଇବା ପାଇଁ ଉଦ୍ୟମ କରିବା ମାତ୍ରେ ବଳଭଦ୍ରପୁର ଗ୍ରାମର ଜଣେ ନିଶାଶକ୍ତ ଯୁବକ ପମ୍ପ ଚଲାଇ ଦେବେ ନାହିଁ ବୋଲି ଅଡ଼ି ବସିଥିଲେ। ଏହା ଦେଖି ସରପଞ୍ଚ ଏହା ସରକାରଙ୍କ ପମ୍ପ ହାଉସ ଓ ପଞ୍ଚାୟତ ଅଫିସ ତତ୍ତ୍ୱାବଧାନରେ ପଞ୍ଚାୟତର ସମସ୍ତ ଲୋକ ପାଣି ପାଇବା ପାଇଁ ବ୍ୟବସ୍ଥା କରାଯାଇଛି। ମାତ୍ର ସମ୍ପୃକ୍ତ ଯୁବକ ସରପଞ୍ଚଙ୍କ କଥା ନ ଶୁଣି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ସରପଞ୍ଚ ଶ୍ରୀ ଓଝା ଗତ ୧ ତାରିଖରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଦେଇଥିବା ତାଙ୍କ ଏତଲାରେ ଦର୍ଶାଇଛନ୍ତି। ସରପଞ୍ଚ ବଳଭଦ୍ରପୁର ଗ୍ରାମରୁ ଫେରି ପାଣି ପାଇଁ ହୋଇଥିବା ଗଣ୍ଡଗୋଳ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ସରପଞ୍ଚଙ୍କ ଏତଲା ଆଧାରରେ ଏକ ମୋକଦମା କରିଛି। ଅପରପକ୍ଷରେ ବଳଭଦ୍ରପୁର ଗ୍ରାମର କିଛି ଲୋକ ପଞ୍ଚାୟତ ଭୋଟରେ ସରପଞ୍ଚଙ୍କୁ ଭୋଟ ଦେଇ ନ ଥିବାରୁ ବଳଭଦ୍ରପୁର ଗ୍ରାମର ଲୋକମାନେ ପାଣି ପାଇବେ ନାହିଁ ବୋଲି ସରପଞ୍ଚ କହିଥିବା ଓ ବିନା କାରଣରେ ଗ୍ରାମର ଜଣେ ଯୁବକଙ୍କ ନାମରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ମିଥ୍ୟା ଅଭିଯୋଗ କରିଥିବା ନେଇ ବଳଭଦ୍ରପୁର ଗ୍ରାମର କିଛି ଲୋକ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଏହି ଅଭିଯୋଗର ତଦନ୍ତ ଆରମ୍ଭ କରିଛି। ମୋଟାମୋଟି ଭାବେ ବଳଭଦ୍ରପୁର ପଞ୍ଚାୟତରେ ପାଣି ପାଇଁ ସୃଷ୍ଟି ହୋଇଥିବା ଗଣ୍ଡଗୋଳରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ପୃଥକ ପୃଥକ ଦୁଇଟି ଏତଲା ଦାୟର କରାଯାଇଛି। ସ୍ଥାନୀୟ ପୁଲିସ ଏହି ଏତଲା ଦୁଇଟିରେ ହୋଇଥିବା ଅଭିଯୋଗର ତଦନ୍ତ ଚଳାଇଛି ଓ ଏ ସମ୍ପର୍କରେ କାହାରିକୁ ଗିରଫ କରାଯାଇନାହିଁ।

# ବେଲେଶ୍ୱର କାଉଡ଼ିଆ ସଂଘ ପକ୍ଷରୁ ଭଜନ ସମାରୋହ




**ପଟ୍ଟାମୁଣ୍ଡାଇ, ୫।୮ (ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ବେଲେଶ୍ୱର କାଉଡ଼ିଆ ସଂଘ ପକ୍ଷରୁ ବେଲେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଭଜନ ସମାରୋହକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଉଦଘାଟନ କରିଥିଲେ। ଏ ଉପଲକ୍ଷେ ଆଡଭୋକେଟ ଗୋପୀନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କାଉନସିଲର ଗୋପୀବଲ୍ଲଭ ନାୟକ, ଯୁବନେତା ମିଟୁ ମନୋଜ ନାୟକ, ସମାଜସେବୀ ଉମାବଲ୍ଲଭ ନାୟକ, କବି ଗୌରାଙ୍ଗ ମହାନ୍ତି, ବିଭୂତି ଭୂଷଣ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବପ୍ରଥମେ କାଉନସିଲର ଗୋପୀବଲ୍ଲଭ ନାୟକ ଆଇଆଇସିଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଆଇଆଇସି ଶ୍ରୀମତୀ ପାତ୍ର ବିଶିଷ୍ଟ ସଙ୍ଗୀତଜ୍ଞ ଶ୍ରୀଚରଣ ମହାନ୍ତି, ଅନୀଲ ବାଉରା, ସୁଜାତା ରଥ, କାଉନସିଲର ଗୋପୀବଲ୍ଲଭ ନାୟକ, ଗୋପୀନାଥ ତ୍ରିପାଠୀ, ଉମାବଲ୍ଲଭ ନାୟକ, ବିଭୂତି ଭୂଷଣ ତ୍ରିପାଠୀ, ମଳୟ ପରିଡ଼ା, ସୁଧାଂଶୁ ପଲାଇ, ଗୌରାଙ୍ଗ ମହାନ୍ତି, ଏସଆଇ ରତିକାନ୍ତ ନାୟକ, ଏଏସଆଇ ବିଜୟ ସାହୁ, ସାମ୍ବାଦିକ ଅକ୍ଷୟ ସାହୁ, ଅନୀଲ ଚୌଧୁରୀ, କୁମାରେଶ ନାୟକ, ମିଟୁ ମନୋଜ ନାୟକ, ତୋଫାନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସଙ୍ଗୀତଜ୍ଞ ଶ୍ରୀଚରଣ ମହାନ୍ତି ଓ ସାଥୀ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ।

କାଉଡିଆ ସଂଘ କର୍ମକର୍ତ୍ତା ଲୋକନାଥ ତ୍ରିପାଠୀ, ରାଧାରମଣ ଦାଶ, ନିରଞ୍ଜନ ପ୍ରଧାନ, ପ୍ରମୋଦ ସାହୁ, ହିମାଂଶୁ ତ୍ରିପାଠୀ, ବ୍ରଜସୁନ୍ଦର ସାହୁ, ରାଜୀବଲୋଚନ ମାହାଳି, ଦେବପ୍ରସାଦ ମହାନ୍ତି, ରାଜୀବଲୋଚନ ମିଶ୍ର, ଅଶୋକ ନାୟକ, ବୀରେନ ପ୍ରତାପ ଜେନା, ଅଜିତ ବେହେରା, ପ୍ରଦୀପ ବେହେରା, ରତିକାନ୍ତ ବେହେରା, ପ୍ରତାପ ପ୍ରଧାନ, ନିଗମ ରାଉତ, ରିକାନ ପାତ୍ର, ମିଥୁନ ବାରିକ, ସଞ୍ଜୟ ବାରିକ, ରୁଦ୍ରପ୍ରତାପ ବେହେରା, ମନୋରଞ୍ଜନ ପଣ୍ଡା, ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଭଜନ ସନ୍ଧ୍ୟା ସମାରୋହରେ ବହୁ ସଂଖ୍ୟାରେ ମହିଳା ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ଗରାମ-ବାରଗୋଡ଼ିଆ ରାସ୍ତା ଶୋଚନୀୟ



**ଡେରାବିଶ, ୫।୮ (ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଗରାମଠାରୁ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ବାରଗୋଡ଼ିଆ ପର୍ଯ୍ୟନ୍ତ କରାଣ୍ଡିଆ ମାଇନର ଦକ୍ଷିଣ ପାର୍ଶ୍ୱ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ଏହା ଡେରାବିଶ ବ୍ଲକର ଯଅଁରାବାରିମୂଳ, ହରିଅଙ୍କ ଓ ଇନ୍ଦାଳୋ ପଞ୍ଚାୟତର ମୁଖ୍ୟ ରାସ୍ତା ହୋଇଥିବାବେଳେ ପଡ଼ୋଶୀ ମାର୍ଶାଘାଇ ଓ ଗରଦରପୁର ବ୍ଲକର ଲୋକେ କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏଥିସହିତ ଏହି ରାସ୍ତାରେ ଦୈନିକ ମୁଖ୍ୟମନ୍ତ୍ରୀ ବସ୍ ଓ କଟକକୁ ଦୁଇଟି ଯାତ୍ରୀବାହୀ ବସ୍ ସମେତ ଶହଶହ ଛୋଟ ଛୋଟ ଯାନ, ଭାରୀଯାନ ଓ ଲୁଣାନଦୀର ବିଭିନ୍ନ ଘାଟରୁ ଶହ ଶହ ହାଇୱା ବାଲି ପରିବହନ କରିଥାଏ। ଫଳରେ ଏହି ରାସ୍ତାସାରା ଏବେ ଖାଲଖମାରେ ଭର୍ତ୍ତି ହୋଇଗଲାଣି। ଏପରିକି ଏହି ରାସ୍ତାର ପାଣିଓଳାଗଡ଼ାଠାରୁ କୁଲୁସାହି ଛକ ମଧ୍ୟରେ ବହୁ ବଡ଼ ବଡ଼ ଗାତ୍ସୃଷ୍ଟି ହୋଇଛି। ଯେଉଁଥିପାଇଁ ସାମାନ୍ୟ ବର୍ଷାରେ ଏହି ଗାତ୍ରରେ ପାଣି ଭର୍ତ୍ତି ହୋଇ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ବନ୍ୟା ଆସିଲେ ବେଣୀପୁରବାସୀ ଆତଙ୍କିତ**

# ବେଣୀପୁର ମହାଜନସାହି ବିରୂପା ନଦୀବନ୍ଧ ମରାମତି ଦାବି

**ପଞ୍ଚୁପାଣ୍ଡବ, ୫।୮ (ସମିସ)**

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ମହାଜନସାହି (ବଙ୍ଗାଳୀସାହି) ବିରୂପା ନଦୀବନ୍ଧକୁ ମରାମତି କରିବା ପାଇଁ ଦାବି ହୋଇଛି। ଏହି ବନ୍ଧର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ନଦୀରେ ବନ୍ୟା ଆସିଲେ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁ ନ ଥିବା ଅଭିଯୋଗ ହେଉଛି।

ବନ୍ଧର ଓସାର ଏମିତି ହୋଇଛି ଯେ ସାଇକଲ ଯିବା କଷ୍ଟକର ହେଉଛି। ଏହି ବିରୂପା ନଦୀବନ୍ଧର ଆରପାର୍ଶ୍ୱ ତଥା ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ କମ୍ପଗଡ଼ରେ ରାସ୍ତା ଓସାର କରିବା ସହିତ ପିଚୁ ରାସ୍ତା ନିର୍ମାଣ ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ବେଣୀପୁର ଘେରି ବନ୍ଧକୁ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହେଉଛି। କିଛିଦିନ ପୂର୍ବେ ବିରୂପା ନଦୀରେ ବନ୍ୟା ଆସିଥିବାବେଳେ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀକୂଳିଆ ଗ୍ରାମ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା। ବନ୍ୟା ଆଶଙ୍କା ଥିବାରୁ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ଅବବାହିକା ପରିଚାଳକ ବିଘ୍ନରାଜ ପୁରୋହିତ ବେଣୀପୁରରେ ପହଞ୍ଚିଥିଲେ। ଡେରାବିଶ ବ୍ଲକର ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ।

ଗତ ୨୦୨୦ ଅଗଷ୍ଟ ଶେଷ ସପ୍ତାହରେ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁରଠାରେ ବିରୂପା ନଦୀ ଘେରିବନ୍ଧ ଭାଙ୍ଗିଥିଲା। ବେଣୀପୁରବାସୀଙ୍କୁ ବନ୍ୟା ଆସିଲେ ସେଦିନର ଘଟଣା ମନେ ପଡ଼େ। ଏହି ପଞ୍ଚାୟତର ୫ଟି ୱାର୍ଡର ପ୍ରାୟ ୨୦୦ ପରିବାର ଓ ଯାଜପୁର ଜିଲ୍ଲା ଦେକୁଡ଼ି ଗ୍ରାମର ୩ଟି ୱାର୍ଡର ପ୍ରାୟ ୫୦ ପରିବାର ବନ୍ୟା ଜଳରେ ଜଳବନ୍ଦୀ ହୋଇଥିବା ଗ୍ରାମର ପ୍ରଦୀପ କୁମାର ସାମଲ କହିଛନ୍ତି। ପରିସ୍ଥିତି ଏମିତି ହୋଇଥିଲା ଯେ ସେହି ସମୟରେ ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମା ନିଜେ ଉପସ୍ଥିତ ରହି ବନ୍ୟାର ତଦାରଖ କରିଥିଲେ। ସେହି ଜଳବନ୍ଦୀରେ କେତେକ କୋଠା ଘରର ଛାତ ଉପରକୁ ପାଣି ଚଢ଼ି ଯାଇଥିଲାବେଳେ ଲକ୍ଷାଧିକ ଟଙ୍କାର ଜିନିଷ ପତ୍ର ନଷ୍ଟ ହୋଇଥିଲା। ବନ୍ୟା ପାଣି ଘେରରେ ମାସାଧିକ କାଳ ଜଳବନ୍ଦୀ ହୋଇ ରହିଥିଲେ ହଜାର ହଜାର ଲୋକ। ବନ୍ୟା ସମୟରେ ପ୍ରଶାସନିକ ଅଧିକାରୀ ଆସି ଦେଖି ଯାଆନ୍ତି। ତା'ପରେ କାହାର ଦେଖା ମିଳେନାହିଁ। ବେଣୀପୁରରେ ଥିବା କେତେକ ଦୁର୍ବଳ ନଦୀବନ୍ଧକୁ ମରାମତି କରିବା ପାଇଁ ପ୍ରଶାସନ ଅବହେଳା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକେ ବନ୍ୟା ଆସିଲେ ଆତଙ୍କିତ ହୁଅନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୁର୍ବଳ ନଦୀବନ୍ଧକୁ ମରାମତି କରିବା ସହ ବନ୍ଧକୁ ଓସାର କରିବା ସହିତ କଂକ୍ରିଟ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।







## ନୂଆବଜାର ଓଭରବ୍ରିଜ୍ ଉପରେ ଗୁଳିକାଣ୍ଡ ଘଟଣା

# ମିଛ ନାଟକର ପର୍ଦ୍ଦାଫାଶ୍; ୨ ଗିରଫ

କଟକ, ୫।୮ (ସମିସ)



● ଚୋରା ବନ୍ଧୁକକୁ ପରୀକ୍ଷା କଲାବେଳେ ଫୁଟିଲା ଗୁଳି

● ଘଟଣା ଲୁଚାଇବାକୁ ରଚିଥିଲେ ନାଟକ: ଏସ୍‌ସିବି ମେଡିକାଲରେ ଧରାପଡ଼ିଲେ

ଚୋରା ବନ୍ଧୁକ ଆଣି ଏହାକୁ ପରୀକ୍ଷଣ କରିବା ବେଳେ ଘଟିଲା ଅଘଟଣ। ବନ୍ଧୁର ଗୁଳିରେ ଗୁରୁତର ହୋଇ ତଳେ ପଡ଼ିଲା ବନ୍ଧୁ। ଚିକିତ୍ସା ପାଇଁ ଏସ୍‌ସିବି ନେବା ବେଳେ ରଚିଥିଲେ ନାଟକ। ଡାକ୍ତରଙ୍କୁ ଚିକିତ୍ସା ସମୟରେ ମିଛ କହିଥିଲେ। ଗୋଡରେ ଗୁଳି ବାଜିଛି ଏବଂ ଗୁରୁତର ଆହତଙ୍କୁ ୪ଜଣ ଦୁର୍ବୃତ୍ତ ଗୁଳି କରିବା କଥା ଗୁଳି ମାରିଥିବା ବନ୍ଧୁ ଓ ପରିବାର ଲୋକେ ପ୍ରଥମେ ଡାକ୍ତରଙ୍କୁ କହିଥିଲେ। ଏହାପରେ ମଙ୍ଗଳାବାଗ ଥାନା ପୁଲିସ ଏସ୍‌ସିବିରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଆହତଙ୍କ ବୟାନ ମିଛ ଥିଲା ବୋଲି ପୁଲିସ ଜାଣିବା ପରେ ଆଜି ୨ଜଣ ଅଭିଯୁକ୍ତଙ୍କୁ ଚାଉଳିଆଗଞ୍ଜ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସ୍ଥାନୀୟ ଅପର୍ଣ୍ଣାନଗରର ବିନାୟକ ଦାସ(୩୯) ଓ ଆନନ୍ଦ ବିହାର ଲେନ-୨ର ଭଗବାନ ରାଉତ(୨୭)। ଏମାନଙ୍କ ପାଖରୁ ଗୋଟିଏ ଦେଶୀ ପିସ୍ତଲ ଜବତ ହୋଇଛି। ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇ ଜେଲ୍ ପଠାଯାଇ ଥିବା ଡିସିପି ଖିଲାରୀ ଋଷିକେଷ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ପୁଲିସ ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ହଠାତ ଚାଉଳିଆଗଞ୍ଜ ଥାନାକୁ ସୂଚନା ମିଳିଥିଲା ଯେ, ନୂଆବଜାର ବ୍ରିଜ୍ ଉପରେ ଗୁଳିକାଣ୍ଡ ଘଟିଛି। କେହି ଦୁର୍ବୃତ୍ତ ୨ ଜଣ ଯୁବକଙ୍କ ଉପରକୁ ଗୁଳି ମାଡ କରିଥିଲେ। ଏଥିରେ ଜଣେ ଯୁବକଙ୍କ ଗୋଡରେ ଗୁଳି ବାଜିଛି। ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେଠାରେ ଗୁଳିକାଣ୍ଡ ଭଳି କିଛି ଅଘଟଣ ଘଟିଥିବାର କୌଣସି ପ୍ରମାଣ ମିଳିନଥିଲା। ସେମାନେ ଏସସିବି ମେଡିକାଲରେ ଥିବା ଜାଣିବା ପରେ ମଙ୍ଗଳାବାଗ ଥାନା ପୁଲିସକୁ ଖବର ଦିଆଯାଇଥିଲା। ଏକ ପୁଲିସ ଟିମ୍ ଏସ୍‌ସିବି ମେଡିକାଲ ଯାଇ ଦେଖିଥିଲେ ଯେ, ଆହତ ସଞ୍ଜୟ ଗୋଡରେ ଗୁଳି ବାଜିଛି। ତା' ପାଖରେ ଭଗବାନ ଓ ତା' ପରିବାର ସଦସ୍ୟମାନେ ରହିଛନ୍ତି। ପୁଲିସ ଭଗବାନକୁ ଘଟଣା ସମ୍ପର୍କରେ ପଚରାଉଚରା କରିବାରୁ ସେ କହିଥିଲା, ନୂଆବଜାର ବ୍ରିଜ ପାଖରେ ଗୋଟିଏ ବାଇକରେ ୪ଜଣ ଆସି ତାଙ୍କୁ ଅଟକାଇ ଟଙ୍କା ମାଗଥିଲେ। ଟଙ୍କା ନଦେବାରୁ ସେମାନେ ତାଙ୍କ ଉପରକୁ ଗୁଳି ମାଡ କରି ଖସି ପଳାଇଥିଲେ। ଏହାପରେ ପୁଲିସ ଭଗବାନକୁ ସାଙ୍ଗରେ ଧରି ଘଟଣାସ୍ଥଳକୁ ଆସିଥିଲା। କିନ୍ତୁ ଭଗବାନ ନୂଆବଜାର ବ୍ରିଜ ପାଖରେ ଗୁଳିକାଣ୍ଡ ଘଟିଥିବା ସଠିକ ସ୍ଥାନ ଚିହ୍ନଟ କରିପାରିନଥିଲା। ସେ ଯେଉଁ ସ୍ଥାନ ଦେଖାଉଥିଲା ସେଠାରେ ରକ୍ତ ପଡ଼ିନଥିଲା କି ଅନ୍ୟ କୌଣସି ସୁରାକ୍ ବି ମିଳିନଥିଲା। ଏଥିରେ ପୁଲିସର ସନ୍ଦେହ ବଢ଼ିଥିଲା। ଯେତେପ୍ରକାର ପଚରାଉଚରା କରାଗଲେ ମଧ୍ୟ ସେ ପୁଲିସକୁ ଭୂଆଁ ବୁଲାଇ ଚାଲିଥିଲା। ଶେଷରେ ପୁଲିସ ତାକୁ କାର୍ଯ୍ୟାନୁଷ୍ଠାନର ଭୟ ଦେଖାଇବାରୁ ପ୍ରକୃତ କଥା ସାମ୍ନାକୁ ଆସିଥିଲା। ଅପର୍ଣ୍ଣାନଗରସ୍ଥିତ ଭଗବାନର ଘର ପାଖାପାଖି ଏକ କ୍ୟାବିନ୍ ରହିଛି। ଗତକାଲି ବିଳମ୍ବିତ ରାତିରେ ସେଠାରେ ଦୁଇ ସାଙ୍ଗ ଭଗବାନ ଓ ସଞ୍ଜୟ ବସି ମାଦକଦ୍ରବ୍ୟ ସେବନ କରୁଥିଲେ। ଏହି ସମୟରେ ଭଗବାନ କ୍ୟାବିନ୍ ପାଖରେ ଏକ ବ୍ୟାଗରେ ଲୁଚାଇ ରଖିଥିବା ବନ୍ଧୁକକୁ ଆଣି ସଞ୍ଜୟକୁ ଦେଖାଇଥିଲା। ଏହାପରେ ସେ ବନ୍ଧୁକରେ କିଭଳି ଗୁଳି ଭର୍ତ୍ତି କରାଯାଏ ତାହା ଦେଖାଇଥିଲା। ଆଉ ଏହି ସମୟରେ ଭୁଲ୍‌ବସତଃ ହଠାତ ବନ୍ଧୁକରୁ ଗୋଟିଏ ରାଉଣ୍ଡ ଗୁଳି ଫୁଟିଯାଇ ସଞ୍ଜୟର ଗୋଡରେ ବାଜିଥିଲା। ଘଟଣା ପରେ ଦୁହେଁ ଭୟଭୀତ ହୋଇପଡ଼ିଥିଲେ। ଏହି କଥା ପ୍ରଘଟ ହେଲେ ଉଭୟ ଗିରଫ ହେବା ଭୟରେ ଡକାୟତିର କାହାଣୀ ରଚିଥିଲେ। ଘଟଣା ପରେ ଭଗବାନ ଆହତ ସଞ୍ଜୟକୁ ଧରି ନିଜ ଘରକୁ ଯାଇଥିଲା। ସେଠାରେ ନୂଆବଜାର ବ୍ରିଜ ପାଖରେ ୪ ଜଣ ଦୁର୍ବୃତ୍ତ ଗୁଳି ମାଡ କରିଥିବା ଉଭୟ ଜଣାଇଥିଲେ। ଏହାପରେ ସଞ୍ଜୟକୁ ଏସ୍‌ସିବି ମେଡିକାଲକୁ ଅଣାଯାଇଥିଲା। ପୁଲିସ ଭଗବାନର ଘରେ ଚଢଉ କରି ଉକ୍ତ ବନ୍ଧୁକକୁ ଜବତ କରିଛି। ବନ୍ଧୁକର ଉତ୍ସ ସମ୍ପର୍କରେ ପଚରାଉଚରା କରିବାରୁ ଅପର୍ଣ୍ଣାନଗର ଅଞ୍ଚଳର ବିନାୟକ ଦାସ ନାଁ ସାମ୍ନାକୁ ଆସିଥିଲା। କିଛି ମାସ ପୂର୍ବେ ବିନାୟକ ଠାରୁ ଉକ୍ତ ବନ୍ଧୁକ କିଣିଥିବା ଭଗବାନ କହିଥିଲା। ଏହାପରେ ପୁଲିସ ବିନାୟକକୁ ଗିରଫ କରିଥିଲା। ସେ ଜଣେ ପେସାଦାର ଅପରାଧୀ। ପୂର୍ବରୁ ତା ନାଁରେ ଚାଉଳିଆଗଞ୍ଜ ଓ ମଧୁପାଟଣା ଥାନାରେ ବିଭିନ୍ନ ଅପରାଧୀକ ମାମଲା ରହିଛି। ଏହି ଘଟଣା ପରେ ବିନାୟକ ବନ୍ଧୁକ କାରବାର କରୁଥିବା ପୁଲିସ ସ୍ପଷ୍ଟ ହୋଇଛି। ଏବେ ବିନାୟକ ପିସ୍ତଲ କେଉଁଠୁ ଆଣୁଛି ସେନେଇ ପୁଲିସ ତଦନ୍ତ କରୁଥିବା ସୂଚନା ଦିଆଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ ଜେଲ୍

**କଟକ,୫।୮ (ସମିସ):** ଜନୈକା ୭ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତକୁ କଟକସ୍ଥିତ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ-୧ ଦୋଷୀ ସାବ୍ୟସ୍ତ କରିଛନ୍ତି। ପକସୋ ସଂଶୋଧିତ ଆଇନ-୨୦୧୯ର ଧାରା ୬ ଓ ବିଏନଏସ ଧାରା ୬୫(୨)/୧୧୫(୨)/୩୫୧(୨)/୧୨୬(୨) ଅନୁସାରେ ଅଭିଯୁକ୍ତ ତଥା ପୁରୀ ଜିଲ୍ଲା ପିପିଲି ଥାନା ବାଗେଶ୍ୱରପୁର ଗ୍ରାମର ସ୍ଥାୟୀ ବାସିନ୍ଦା ତଥା କଟକ ଭଦ୍ରେଶ୍ୱର ଥାନା ଗୋପାଳପୁର ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଲିଟୁ ପାତ୍ର (୪୦)କୁ ୨୦ବର୍ଷ ସଶ୍ରମ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଅଦାଲତ କହିଛନ୍ତି। ସେହିଭଳି ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ମାମଲାରୁ ପ୍ରକାଶ ଯେ ଗତ ୨୦୨୪ସେପ୍ଟେମ୍ବର ୧୬ରେ ଭଦ୍ରେଶ୍ୱର ଥାନା ଅଞ୍ଚଳର ପୀଡିତା ନାବାଳିକା ଜଣକ ସାଙ୍ଗ ମାନଙ୍କ ସହ ଖେଳୁଥିବା ବେଳେ ଅଭିଯୁକ୍ତ ଜଣକ ପୀଡିତାଙ୍କୁ ତାଙ୍କ ଘରକୁ ଡାକି ଚକୋଲେଟ ଦେଇଥିଲା । ପରେ ପୀଡିତାଙ୍କ ସହ ଅଭିଯୁକ୍ତ ଜଣକ ଦୁଷ୍କର୍ମ କରିଥିଲା। ପୀଡ଼ିତାଙ୍କ ମା' ଭଦ୍ରେଶ୍ୱର ଥାନାରେ ଗତ ୨୦୨୪ସେପ୍ଟେମ୍ବର ୧୭ରେ ଏକ ଏତଲା ଦେଇଥିଲେ। ସେହି ଦିନ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା ବେଳେ ୨୦୨୪ନଭେମ୍ବର ୧୫ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ଗତ ୨୦୨୫ ଜୁଲାଇ୩୧ତାରିଖରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ । ତେବେ ଆଜି ସାକ୍ଷୀଙ୍କ ବୟାନ ରେକର୍ଡ ଓ ପ୍ରମାଣ ଦସ୍ତାବିଜ ଆଧାରରେ ଅଦାଲତ ଆସାମୀକୁ ୨୦ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଏସ.ପି.ମହାନ୍ତି।

## ଏସ୍‌ସିବି ନିରାମୟ କେନ୍ଦ୍ର ଆଗରେ ମାରପିଟ୍

**କଟକ, ୫।୮ (ସମିସ):** ଏସ୍‌ସିବି ମେଡିକାଲର ନିରାମୟ କେନ୍ଦ୍ରରେ ଅବ୍ୟବସ୍ଥା ଦେଖା ଦେଇଛି। ମେଡିକାଲର ଇଏନ୍‌ଟି ବର୍ହିବିଭାଗ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏଁ ଖୋଲା ରହୁଥିବାବେଳେ ଏଠାରେ ଅପରାହ୍ନ ସମୟରେ ଅଧିକ ରୋଗୀ ଔଷଧ ପାଇଁ ଭିଡ ଲଗାଇଥାନ୍ତି। ନିରାମୟ କେନ୍ଦ୍ରରେ ପଙ୍ଖା କିମ୍ବା ଲାଇଟ ନଥିବାବେଳେ ଅସହ୍ୟ ଗୁଳୁଗୁଳିରେ ଘଣ୍ଟା ଘଣ୍ଟା ଧରି ଔଷଧ ପାଇଁ ଅପେକ୍ଷା କରିବା ପରେ ସାମାନ୍ୟ ବଚସା ଯୋଗୁଁ ଦୁଇ ମହିଳା ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ବଚସା ହେବା ସହ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଘଟଣାର ଖବର ପାଇ ସେଠାରେ ସ୍ଥାନୀୟ ପୁଲିସ ଓ ସୁରକ୍ଷାକର୍ମୀ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା।

## ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଉଲ୍ଲଙ୍ଘନ ଅଭିଯୋଗ

**କଟକ, ୫।୮ (ସମିସ):** କେନ୍ଦ୍ରାପଡ଼ାର ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଏବଂ ମ୍ୟୁନିସିପାଲିଟିରେ ଶବ୍ଦ ନିୟନ୍ତ୍ରଣ ଆଇନର ଗୁରୁତର ଉଲ୍ଲଂଘନ ହେଉଥିବା ଅଭିଯୋଗରେ ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘ ଦିନର ଦାବି ପତ୍ରର ବିଚାର କରି ଏକ ମାସ ମଧ୍ୟରେ ଉପଯୁକ୍ତ ନିର୍ଦ୍ଦେଶନାମା ଜାରି କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**ଆବେଦନକାରୀଙ୍କ ଦାବିପତ୍ର ବିଚାର ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ବିଭୂତି ଭୂଷଣ ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଥିଲେ ଯେ ବିଭିନ୍ନ ଧାର୍ମିକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମୟରେ ସକାଳ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଲାଉଡସ୍ପିକର, ଡିଜେ ସିଷ୍ଟମ ଅନିୟନ୍ତ୍ରିତ ବ୍ୟବହାର ହେଉଛି। ଏହା ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରଦୂଷଣମୁକ୍ତ ପରିବେଶ ପାଇବାର ସେମାନଙ୍କର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ଗତ ୨୦୧୭ ଜାନୁଆରୀ ୩୦, ୨୦୨୪ ସେପ୍ଟେମ୍ବର ୧୨ ଏବଂ ୨୦୨୫ ଜାନୁଆରୀ ୨୫ରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ ପୁଲିସ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ ଦାଖଲ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିପାରି ନାହିଁ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶ୍ରୀ ଅଖଣ୍ଡ ମାମଲା ପରିଚାଳନା କରୁଥିଲେ।

## ଯକୃତ ଓ ଅସ୍ଥିମଜ୍ଜା ପ୍ରତ୍ୟାରୋପଣ କାର୍ଯ୍ୟ ପୁନଃ ଆରମ୍ଭ କରିବାକୁ ଦାବି

**କଟକ, ୫।୮ (ସମିସ):** ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଯକୃତ ପ୍ରତ୍ୟାରୋପଣ ଓ ଅସ୍ଥିମଜ୍ଜା ପ୍ରତ୍ୟାରୋପଣ କାର୍ଯ୍ୟ ବନ୍ଦ ହୋଇଥିବାରୁ ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ଉଦ୍‌ବେଗ ପ୍ରକାଶ କରିବା ସହିତ ମଞ୍ଚର ପ୍ରତିଷ୍ଠାତା ସଭାପତି ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଦଳ



ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ପ୍ରଫେସର. ଡା. ଗୌତମ କୁମାର ଶତପଥୀ ଓ ରେଜିଷ୍ଟ୍ରାର ପ୍ରଶାସକ ସୁବାସ ଚନ୍ଦ୍ର ରାୟଙ୍କ ସହ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ଆଲୋଚନା ପରେ ସରକାର ଉଭୟ ବିଭାଗକୁ ପୁନଃ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି। ଏଥି ସହିତ ସରକାର ଏସ୍‌ସିବିରେ ତୁରନ୍ତ ହୃଦ୍‌ରୋପଣ କାର୍ଯ୍ୟ ଆରମ୍ଭ କରିବାକୁ ମଞ୍ଚ ଦାବି କରିଛି। ଏହି ଦାବିପତ୍ର ଓ ବିଚାର ଆଲୋଚନାରେ ମଞ୍ଚର ସଭାପତି ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାଳଙ୍କ ସହିତ ସମ୍ପାଦକ ଆଇନଜୀବୀ କମଳାକାନ୍ତ ମହାନ୍ତି, କର୍ମକର୍ତ୍ତା ପ୍ରଶାନ୍ତ ଆଚାର୍ଯ୍ୟ, ସଭ୍ୟ ବୃନ୍ଦାବନ ଦାସ ଆଜାଦ୍, ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି, ମଳୟ ଷଡଙ୍ଗୀ, ପ୍ରଦୀପ ପଣ୍ଡା, ଇଂ ଅନ୍ୱୟ ଅଭିନବ, ସୁଶ୍ରୀ ସୂର୍ଯ୍ୟସ୍ନାତା ଓ ଲିସା ମହାରଣା ପ୍ରମୁଖ ଯୋଗଦେଇଥିଲେ।

## ୨୩ଟି ଭାଷାରେ କୋରାନ୍ ପ୍ରଦର୍ଶନୀ

**କଟକ, ୫।୮ (ସମିସ):** ପବିତ୍ର କୋରାନ ସପ୍ତାହ ଅବସରରେ ୨୩ଟି ଭାଷାରେ କୋରାନ ପ୍ରଦର୍ଶନୀ କରାଯାଇଛି। ମଙ୍ଗଳାବାଗସ୍ଥିତ ଅହମଦୀୟା ମୁସଲିମ ସମ୍ପ୍ରଦାୟ କଟକ ପକ୍ଷରୁ ପବିତ୍ର କୋରାନ ସପ୍ତାହ ପାଳନ କରାଯାଉଛି। ଉଦଘାଟନୀ ଉତ୍ସବରେ ସଭାପତି ସୟଦ ତାହିର ଅହମଦ କଲିମ ପୌରୋହିତ୍ୟ କରିଥିଲେ। ପବିତ୍ର କୋରାନ ପାଠ ସୟଦ ମୋତାହର ଅହମଦ କରିଥିବା ବେଳେ ଉର୍ଦ୍ଦୁ ନଜମ ଅବରାର ଅଲି ପଢ଼ିଥିଲେ। ମୁଖ୍ୟଅତିଥି ଭାବେ ସୟଦ ଅହମଦ ନରୁଲ୍ଲା ଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୌଲାନା ଫଜଲ ହକ ଖାନ୍ ଯୋଗଦେଇ ପବିତ୍ର କୋରାନ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ପବିତ୍ର କୋରାନରେ ସକଳ ସମସ୍ୟାର



ସମାଧାନ ରହିଛି ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ୨୩ ଭାଷାରେ ପବିତ୍ର କୋରାନର ପ୍ରଦର୍ଶନୀ କରାଯାଇଥିଲା। ଏହି ପବିତ୍ର କୋରାନର ପ୍ରଦର୍ଶନୀରେ ଭାରତରେ ପ୍ରଚଳିତ ହିନ୍ଦୀ, ବଙ୍ଗାଳୀ, ଆସାମୀ, ଓଡିଆ, ତେଲୁଗୁ, ତାମିଲ, କନ୍ନଡ, ମାଲାୟାଲାମ, ମରାଠି, ଗୁଜୁରାଟି, ପଞ୍ଜାବୀ, ଉର୍ଦ୍ଦୁ, କାଶ୍ମିରୀ, ଡୋଗରୀ ତଥା ୯ଟି ବିଦେଶୀ ଭାଷାରେ ଅନୁବାଦିତ ପବିତ୍ର କୋରାନ ପ୍ରଦର୍ଶିତ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ସୟଦ ଫାରୁକ ଅହମ୍ମଦ ପରିଚାଳନା କରିଥିଲେ।

## ମୂଲ୍ୟ ପରିସଂଖ୍ୟାନ ସଂଗ୍ରହ ପାଇଁ ଗଣନାକାରୀଙ୍କ ତାଲିମ

**କଟକ, ୫।୮ (ସମିସ):** କୃଷି ଜାତୀୟ ଏବଂ ପଶୁ ଜାତୀୟ ଦ୍ରବ୍ୟର ସିପିଆଇ ମାଧ୍ୟମରେ ପରିସଂଖ୍ୟାନ ନିମନ୍ତେ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କର ଏକ ୨ଦିନିଆ ରେଞ୍ଜସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ, ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୁରଭଞ୍ଜ, କେନ୍ଦ୍ରପଡ଼ା, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର ଏବଂ ପୁରୀ ଜିଲ୍ଲାର ୩୫ଜଣ ଗଣନାକାରୀ ଏବଂ ୧୦ଜଣ ପର୍ଯ୍ୟବେକ୍ଷକ ଯୋଗ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ରାଜ୍ୟ ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଅନ୍ତର୍ଗତ କେନ୍ଦ୍ରାଞ୍ଚଳ ଯୁଗ୍ମ ନିର୍ଦ୍ଦେଶକ(ପରିସଂଖ୍ୟାନ) ଦ୍ୱାରା ଆୟୋଜିତ ହୋଇଥିଲା। ରାଜ୍ୟର କୃଷି ସାମଗ୍ରୀ ପଶୁ ପାଳନ ଏବଂ ପଶୁ ଉପଜାତ ଦ୍ରବ୍ୟର ମୂଲ୍ୟ ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟ ସଂଗ୍ରହ କରିଥାଏ। ଏହି ଯୋଜନା ଅଧିନରେ କୃଷି ଅମଳମୂଲ୍ୟ, ଉତ୍ପାଦକ ମୂଲ୍ୟ ଏବଂ ପାଇକାରୀ ମୂଲ୍ୟ ସଂଗ୍ରହ କରାଯାଏ। ପ୍ରତ୍ୟେକ ଜିଲ୍ଲା ମୁଖ୍ୟ





କାର୍ଯ୍ୟାଳୟର ୩୦ ଗୋରୁ ବଜାର ଏବଂ ରାଜ୍ୟର ୫୮ସବ୍-ଡିଭିଜନସ୍ଥିତ ୧୧୬ଟି ଗ୍ରାମୀଣ ବଜାରରୁ ଏହି ମୂଲ୍ୟ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇଥାଏ। ପୂର୍ବରୁ ସମସ୍ତ ତଥ୍ୟ କାଗଜ/କଲମରେ ସଂଗ୍ରହ କରାଯାଉଥିବା ବେଳେ ଏଣିକି ଏହା ମୋବାଇଲ୍ ଆପ୍ ମାଧ୍ୟମରେ କରାଯିବ। ରାଜ୍ୟ ସରକାର ବିଶ୍ୱବ୍ୟାଙ୍କ୍ ସହାୟତାରେ ରାଜ୍ୟ କ୍ଷମତା ଏବଂ ସ୍ଥିର ଅଭିବୃଦ୍ଧି ନୀତି କାର୍ଯ୍ୟକ୍ରମ ଅଧିନରେ ତଥ୍ୟ ସଂଗ୍ରହକୁ ଡିଜିଟାଲ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରାଞ୍ଚଳ କଟକର ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏନ୍‌ଏସଏସଓର ଡିଜିଜି ଅନୁପମ୍ ଲାହିରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଅଶ୍ୱିନୀ ମଲ୍ଲିକ, ପରିସଂଖ୍ୟାନ ଅଧିକାରୀ ରାମଚନ୍ଦ୍ର ମିଶ୍ର, ରଶ୍ମିରଞ୍ଜନ ସାହୁ, ପିଏମ୍‌ସି ଅଧିକାରୀ ଶିବାଶିଷ ନାମଦେବ ଏବଂ ଗଣନାକାରୀ ସୁମିତ୍ ଦାସ ତାଲିମ ପ୍ରଦାନ କରିଥିଲେ। ସହକାରୀ ନିର୍ଦ୍ଦେଶିକାଗୀତା ରାୟ ଧନ୍ୟବାଦ ଦେଇଥିଲେ।

**ଅଧ୍ୟାପକଙ୍କ ଚାକିରି ସମ୍ପର୍କିତ ନଥିରେ ଜନ୍ମ ତାରିଖ ସଂଶୋଧନ ହେଉ ନ ଥିବା ପ୍ରସଙ୍ଗ**

## କାର୍ଯ୍ୟରୁ ଅନ୍ତର ନ କରିବାକୁ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ

**କଟକ, ୫।୮ (ସମିସ):** ଜଣେ ଇଂରାଜୀ ଅଧ୍ୟାପକଙ୍କ ଚାକିରି ସମ୍ପର୍କିତ ଫାଇଲରେ ଜନ୍ମ ତାରିଖ ସଂଶୋଧନ କରିବା କ୍ଷେତ୍ରରେ ଉଚ୍ଚଶିକ୍ଷା ବିଭାଗ ବିଳମ୍ବ କରୁଥିବା ଅଭିଯୋଗକୁ ନେଇ ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ମାମଲାରେ ଏ ପର୍ଯ୍ୟନ୍ତ ଜବାବ ଦାଖଲ କରାଯାଇ ନ ଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ରିପୋର୍ଟ ଆଧାରରେ ଦୁଇ ସପ୍ତାହ ଭିତରେ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନିଆଯିବ ବୋଲି ଜୁନ୍ ୨୬ ରେ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ଅଦାଲତଙ୍କ ବିନା ଅନୁମତିରେ ଆବେଦନକାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯାଜପୁର ଅଙ୍ଗାଲୋସ୍ଥିତ ଲଛମନଜୀଉ କଲେଜର ଅଧ୍ୟାପକ ଆଲୋକ ଚନ୍ଦ୍ର ବାରିକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ମାଟ୍ରିକ୍ ଆଡମିଟ୍ କାର୍ଡ ଓ ପ୍ରୋଭିଜନାଲ ସାର୍ଟିଫିକେଟରେ ଜନ୍ମ ତାରିଖ ୧୯୬୭, ଜୁନ୍ ୬ ଉଲ୍ଲେଖ କରାଯାଇଥିଲା ହେଲେ ଚୂଡାନ୍ତ ମାଟ୍ରିକ୍ ସାର୍ଟିଫିକେଟରେ ଜନ୍ମତାରିଖ ୧୯୬୫, ଜୁନ ୬ ବୋଲି ଉଲ୍ଲେଖ କରାଯାଇଥିଲା। ୨୦୨୫ ଏପ୍ରିଲରେ ବୋର୍ଡ ପକ୍ଷରୁ ଆବେଦନକାରୀଙ୍କ ଜନ୍ମ ତାରିଖ ସଂଶୋଧନ କରାଯାଇ ସାନି ମାଟ୍ରିକ୍ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଚାକିରି ସମ୍ପର୍କିତ ଫାଇଲରେ ଆବେଦନକାରୀଙ୍କ ଜନ୍ମ ତାରିଖ ସଂଶୋଧନ ପାଇଁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ନେଇ ନ ଥିଲା। ଭୁଲ ଜନ୍ମ ତାରିଖ ପାଇଁ ୨୦୨୫, ଜୁନ୍ ୩୦ରେ ଆବେଦନକାରୀଙ୍କୁ ଅବସର ପ୍ରଦାନ କରାଯିବାକୁ ଥିବା ବେଳେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପରେ ପୂର୍ବ ଭଳି ନିଜ ପଦରେ କାର୍ଯ୍ୟ କରୁଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଥିବା ବେଳେ ପ୍ରିୟମ୍ବଦା ନାଥ ସହାୟତା କରୁଛନ୍ତି।

**ଲାବ୍ରୋଟୋରୀ ଟେକ୍ନିସିଆନ ଛାତ୍ର ସଂଘର ଦାବି**

## ଠିକା ନିଯୁକ୍ତି ହଟୁ; ସ୍ଥାୟୀ ନିଯୁକ୍ତି ମିଳୁ

**କଟକ, ୫।୮ (ସମିସ):** ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଲାବ୍ରୋଟୋରୀ ଟେକ୍ନିସିଆନମାନେ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତି ପାଉଛନ୍ତି। ଫଳସ୍ୱରୂପ ସେମାନଙ୍କୁ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଠିକା ନିଯୁକ୍ତି ହଟାଇ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଲାବ୍ରୋଟୋରୀ ଟେକ୍ନିସିଆନ ଛାତ୍ର ସଂଘ ପକ୍ଷରୁ ଦାବି ହୋଇଛି। ଆଜି ଏନେଇ ଟାଉନହଲରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିଲା। ସଂଘର ଅଭିଯୋଗ ମୁତାବକ, ରାଜ୍ୟରେ ୧୨୩୩ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର, ୯୪ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ୮ ରୁ ଅଧିକ ମେଡ଼ିକାଲ କଲେଜ ପରି ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ରହିଛି। ୨୦୨୩ ସେପ୍ଟେମ୍ବର ୧୫ରେ ଓଏସଏସସି ପକ୍ଷରୁ ୯୨୧ ସଂଖ୍ୟକ ଲାବ୍ରୋଟୋରୀ ଟେକ୍ନିସିଆନ ପଦ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯେଉଁଥିରେ ୧୦ହଜାରରୁ ଅଧିକ ଆଶାୟୀ ପଞ୍ଜୀକରଣ କରିଥିଲେ। ପରୀକ୍ଷାକୁ ୧୫ ଦିନ ଥିବା ବେଳେ ପଦକୁ ରଦ୍ଦ କରାଯାଇଥିଲା। ୨୦୨୩ ନଭେମ୍ବର ୨୧ ବିଜ୍ଞପ୍ତିରେ ପଦୋନ୍ନତି କରାଯାଇଥିଲା। ଯାହା ଆଶାୟୀଙ୍କ ପ୍ରବେଶ ପଥକୁ ଅବରୋଧ କରିଥିଲା। ୪ବର୍ଷହେଲା ୯୨୧ ପଦକୁ ପିପିପି ମୋଡ଼ରେ କାର୍ଯ୍ୟକ୍ଷମ କରାଯାଉଥିବା ବେଳେ ପୂର୍ବରୁ ମଧ୍ୟ ବହୁତ ସଂଖ୍ୟକ ଲାବୋରଟୋରୀ ଟେକ୍ନିସିଆନ କାମ କରିଆସୁଛନ୍ତି। କିଛି ଦିନ ତଳେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରକ୍ତ ପରୀକ୍ଷା ଏକ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ହେବ ବୋଲି ଉଲ୍ଲେଖ ହୋଇଥିଲା। ଯେଉଁଠି ଏକ ସାଧାରଣ ଲୋକ ୨ ଘଣ୍ଟାରେ ରିପୋର୍ଟ ପାଇବା ବଦଳ ରେ ୩ ଦିନରେ ପାଇବାର ଆଶଙ୍କା ରହିଛି। ଯେଉଁଟା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ସଂଘ ଅଭିଯୋଗ ଉଠାଇଛି।

## ୮.୫ କୋଟିରେ ନିର୍ମାଣ ହେବ ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ର

କଟକ, ୫।୮ (ସମିସ)



**ଐତିହ୍ୟ ଶିଳ୍ପୀ ଗ୍ରାମର ମାନ୍ୟତା ପ୍ରଦାନ କରାଯିବ**

**ଗୋଟିଏ ଛାତ ତଳେ କାରିଗରଙ୍କ ପାଇଁ ତାଲିମ ଓ ବଜାର ସୁବିଧା**

ରୌପ୍ୟ ନଗରୀ କଟକର ଅନ୍ୟତମ ଐତିହ୍ୟ ତାରକସିକୁ ବିଶ୍ୱ ଦରବାରରେ ମିଳିବ ନୂତନ ପରିଚୟ। ଏଥିପାଇଁ କଟକଠାରେ ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଜି କଟକ ସିଡିଏ ସେକ୍ଟର-୬ ସ୍ଥିତ ପେଟାନାଳଠାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କେନ୍ଦ୍ର କଟକର ପରମ୍ପରାକୁ ସଂରକ୍ଷଣ ଓ ତାରକସି କାରିଗରମାନଙ୍କୁ ସଶକ୍ତ କରିବା ସହ କଟକ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ସେ କହିଥିଲେ। ପ୍ରାୟ ଆଠ କୋଟି ପଚାଶ ଲକ୍ଷ ଟଙ୍କା ବ୍ୟୟଅଟକଳରେ ୨୦ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ଏହା ନିର୍ମାଣ କରାଯିବ। ଏହି ସୁବିଧା କେନ୍ଦ୍ରରେ ଆଧୁନିକ ଉପକରଣ, କାରିଗରମାନଙ୍କୁ ତାଲିମ ଓ ବଜାର ସୁବିଧା ସବୁ କିଛି ଗୋଟିଏ ଛାତ ତଳେ ଯୋଗାଇ ଦିଆଯିବ। ଏହା ଆଗାମୀ ପିଢିର କାରିଗରମାନଙ୍କ ପାଇଁ ଏକ ପ୍ରୟୋଗଶାଳା ହେବ। ଆଜି କଟକ ସହରରେ ୫୦୦ କାରିଗର ଥିବା ବେଳେ ଆଗକୁ ୫୦୦୦ କାରିଗର ପରିବାର ଯେପରି ସୃଷ୍ଟି ହୋଇପାରିବେ ସେ ଦିଗରେ ଯତ୍ନଶୀଳ ହୋଇ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହ ଏହି ସୁବିଧା କେନ୍ଦ୍ରକୁ ଏକ ପର୍ଯ୍ୟଟନସ୍ଥଳୀ ଭାବରେ ବିକଶିତ କରାଯିବ। କଟକର ଏହି ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରକୁ ଐତିହ୍ୟ ଶିଳ୍ପୀ ଗ୍ରାମର ମାନ୍ୟତା ମିଳିବ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ଆଠ ମାସ ମଧ୍ୟରେ ଏହି ସୁବିଧା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି ଅବସରରେ ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିରଦୋସ ଓ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ପ୍ରସ୍ତାବିତ ତାରକସି ହବ୍ କଟକକୁ ଏହାର ଚମକରେ ଋଦ୍ଧିମନ୍ତ କରିବ ବୋଲି କହିଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ତାରକସି କାରିଗରମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ତାଲିମ ଦେଇ ବିଶ୍ୱସ୍ତରୀୟ ସ୍ୱୀକୃତି ଦିଗରେ ଉଦ୍ୟମ କରାଯିବା ନିମନ୍ତେ ଏହି କେନ୍ଦ୍ରରେ ଉନ୍ନତମାନର ଉପକରଣ ଯୋଗାଇ ଦିଆଯିବ ବୋଲି କହିଥିଲେ। ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନର ସିଏମଡି ସୌମେନ୍ଦ୍ର ପ୍ରିୟଦର୍ଶୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖୁବଶୀଘ୍ର ଏହି ସୁବିଧା କେନ୍ଦ୍ର କାର୍ଯ୍ୟ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋଟା ଧନ୍ୟବାଦ ଦେଇଥିଲେ।

● ୟୁଏଏସ୍‌କୁ ଶିକ୍ଷକଙ୍କ ବିରୋଧ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ମାଲକାନଗିରି, ୫।୮ (ସମିସ):



ମାଲକାନଗିରି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତାରକ ମଣ୍ଡଳଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲା ସମସ୍ତ ୭ଟି ଯାକ ବ୍ଲକର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଅନ୍‌ଲାଇନ୍ ଉପସ୍ଥାନ ପ୍ରକ୍ରିୟା ୟୁଏଏସ୍‌କୁ ବିରୋଧ କରାଯାଇ ମୁଖ୍ୟମନ୍ତ୍ରୀ ଓ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାଲକନାଗିରି ଜିଲ୍ଲାପାଳ ଓ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଏଲିମେଣ୍ଟରୀ ସ୍ତରରେ ୟୁଏଏସ୍ ପୋର୍ଟାଲ ମାଧ୍ୟମରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କର ଉପସ୍ଥାନ ଗ୍ରହଣ କରାଯିବାର ନିର୍ଦ୍ଦେଶ ରହିଛି। କିନ୍ତୁ ଶିକ୍ଷକ ସଂଘର କହିବା କଥା, ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ, ନେଟୱର୍କ୍ ଅଭାବ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନାନା ଅଣ ଶିକ୍ଷଣ କାର୍ଯ୍ୟରେ ନିୟୋଜନ କରାଯାଉଥିବାରୁ ୟୁ.ଏ.ଏସ. ମାଧ୍ୟମରେ ମାଲକାନଗିରି ଭଳି ଉପାନ୍ତ ଅଞ୍ଚଳରେ ଉପସ୍ଥାନ ନେବା ଏକ ପ୍ରକାର ଶିକ୍ଷକ ଉପରେ ମାନସିକ ନିର୍ଯାତନା ଅଟେ। ଏହି ଅବସରରେ ଜିଲ୍ଲା ସଂଘର ସଂପାଦକ ଦାମୋଦର ସାହୁ, ରାଜ୍ୟ ଉପସଭାପତି ରଞ୍ଜିତ ନାୟକ, ମାଲକାନଗିରି ବ୍ଲକ ଶିକ୍ଷକ ସଂଘ ସଭାପତି ରାମ ପ୍ରସାଦ ପାଢ଼ୀ ତଥା ମଙ୍ଗଳା ଜେନା, ମନୋରଞ୍ଜନ ବେହେରା, ଗୁରୁପଦ ସରକାର, ରମେଶ ନେଲୁର, ଜୟରାମ ଭୂମିଆ, ସନ୍ୟାସୀ କିର୍ଶନି, ପ୍ରଦୀପ ତାପାଲି, ଚିତ୍ତରଞ୍ଜନ ସରକାର, ଜିତେନ୍ଦ୍ର ତ୍ରିପାଠି, ପ୍ରଦୀପ ଦଳେଇଙ୍କ ସହ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।

ପେନ୍‌ସନ କରାଇବାକୁ ନେଉଥିଲେ ୧୫ ହଜାର

# ଭିଜିଲାନ୍ସ ଜାଲରେ ପଡ଼ିଲେ ବିଇଓ ଅଫିସ୍ କିରାଣୀ



କୋରାପୁଟ/ନନ୍ଦପୁର/ସେମିଳିଗୁଡା, ୫।୮ (ସମିସ): ମୃତ ଶିକ୍ଷକଙ୍କ ପେନସନ ସମେତ ଅନ୍ୟାନ୍ୟ ପ୍ରାପ୍ୟ କରାଇବାକୁ ନନ୍ଦପୁର ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କନିଷ୍ଠ କିରାଣୀ ସମ୍ବିତ ତ୍ରିପାଠୀ ୧୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। କୋରାପୁଟ ଭିଜିଲାନ୍ସ ଡିଭିଜନ ଟିମ୍ ଶ୍ରୀ ତ୍ରିପାଠୀ ସେମିଳିଗୁଡା ବସ୍‌ଷ୍ଟାଣ୍ଡ ନିକଟରେ ଲାଞ୍ଚ ଟଙ୍କା ନେଉଥିବା ବେଳେ କାବୁ କରି ନେଇଥିଲେ। ବର୍ତ୍ତମାନ ଭିଜିଲାନ୍ସ ପକ୍ଷରୁ ସେମିଳିଗୁଡା ଘର ଓ ନନ୍ଦପୁର ଅଫିସରେ ଚଢଉ ଜାରି ରହିଛି। ସୂଚନା ଅନୁଯାୟୀ,୨୦୧୯ ରେ ମୃତ୍ୟୁ ବରଣ କରିଥିବା ଜଣେ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ବକେୟା ଦରମା, ପେନସନ ରିଭାଇଜ୍ ଏବଂ ଅନ୍ୟାନ୍ୟ ପ୍ରାପ୍ୟ କରାଇ ଦେବା ନିମନ୍ତେ ଶ୍ରୀ ତ୍ରିପାଠୀ ମୃତ ଶିକ୍ଷକଙ୍କ ପତ୍ନୀଙ୍କୁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମୃତ ଶିକ୍ଷକଙ୍କ ପତ୍ନୀ ଏ ସମ୍ପର୍କରେ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଶ୍ରୀ ତ୍ରିପାଠୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଭିଜିଲାନ୍ସ ଏସପିଙ୍କ ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ଏସପି ଅନନ୍ତ ପ୍ରସାଦ ମଲ୍ଲିକଙ୍କ ନେତୃତ୍ୱରେ ଡିଏସପି ସଦାନନ୍ଦ ପାଣି, ଅଭୟ କୁମାର ପ୍ରଧାନ, ସୂର୍ଯ୍ୟକାନ୍ତି ଟାକ୍ରୀ, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ, ଅନୁଭା ଦାଶ, ସନ୍ତୋଶୀ ବାରିକ, ସୂର୍ଯ୍ୟ ପ୍ରକାଶ ନାୟକ ଓ ଅନ୍ୟ ମାନଙ୍କୁ ନେଇ ଗଠିତ ଟିମ୍ ମଙ୍ଗଳବାର ସନ୍ଧ୍ୟାରେ ସେମିଳିଗୁଡ଼ା ପହଞ୍ଚିଥିଲେ। ଯୋଜନା ମୁତାବକ ମୃତ ଶିକ୍ଷକଙ୍କ ପୁଅ ଠାରୁ ସେମିଳିଗୁଡା ବସ ଷ୍ଟାଣ୍ଡ ନିକଟରେ ପ୍ରଥମ କିସ୍ତି ୧୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସି ଥିଲା। ଭିଜିଲାନ୍ସ ପକ୍ଷରୁ ଶ୍ରୀ ତ୍ରିପାଠୀଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରା ଯିବା ସହ ସେମିଳିଗୁଡା ଘର ଓ ନନ୍ଦପୁର ଅଫିସରେ ଯାଞ୍ଚ କରା ଯାଇଥିଲା। ଅଧିକ ପଚରା ଉଚରା ପାଇଁ ଶ୍ରୀ ତ୍ରିପାଠୀଙ୍କୁ ଭିଜିଲାନ୍ସ ଟିମ୍ ଜୟପୁର ଅଫିସକୁ ନେଇଥିବା ଜଣାପଡ଼ିଛି। କୋରାପୁଟ ଭିଜିଲାନ୍ସ ଡିଭିଜନ ପକ୍ଷରୁ ୭ ପିସି ଆମେଣ୍ଡମେଣ୍ଟ ଆକ୍ଟ ୨୦୧୮ ଅନୁଯାୟୀ ଏକ ମାମଲା ରୁଜୁ କରା ଯାଇ ତଦନ୍ତ ଜାରି ରହିଛି।

## ୨୦ ଫୁଟ ତଳକୁ ଖସି ପଡ଼ିଲା କାର



କୁନ୍ଦୁରା, ୫।୮ (ସମିସ): କୁନ୍ଦୁରା ସଦର ନିକଟ କୁନ୍ଦୁରା ବୈପାରୀଗୁଡ଼ା ମୁଖ୍ୟ ରାସ୍ତା ମୁଣ୍ଡିଗୁଡ଼ା ଛକ ନିକଟରେ ଏକ କାର ୨୦ ଫୁଟ ତଳ ନାଳକୁ ଖସି ପଡ଼ିଛି। ଡ୍ରାଇଭର ଗୁରୁତର ଥିବା ବେଳେ ଜଣେ ୧୨ମାସର ଛୋଟ ଛୁଆକୁ ଜୟପୁର ସ୍ଥାନାନ୍ତରିତ କରାଯାଇଛି। ଅନ୍ୟମାନେ ଆହତ ହୋଇ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଡ୍ରାଇଭର ଜଣକ ହେଲେ ବୈପାରୀଗୁଡ଼ା ବ୍ଲକ ରାମଗିରି ପଞ୍ଚାୟତ ସଦରର ରଞ୍ଜନ ମହୁରିଆ (୨୮), ଆହତ ମାନେ ହେଲେ ସେହି ପଞ୍ଚାୟତର କଟ୍ରାକୁଣ୍ଡ ଗାଁର ବୁଦ୍ରି ଖରା (୭୦), ବୋହୂ ସମାରୀ ଖରା (୩୦), ପୁଅ ତ୍ରିନାଥ ଖରା, ଓ ସମ୍ପର୍କୀୟ ଚୈତନ ହନ୍ତାଳ, ନାତି କାର୍ତ୍ତିକ ଖରାକୁ ମିଶାଇ ଛଅ ଜଣ ଗାଡ଼ିରେ ଥିଲେ । ସୂଚନା ଅନୁଯାଇ,ରାମଗିରି ପଞ୍ଚାୟତର କଟ୍ରାକୁଣ୍ଡ ଗାଁର ବୁଦ୍ରି ଖରାଙ୍କ ୬ ଜଣ ପରିବାର ସଦସ୍ୟ ଜଗଦଳପୁର ଠାରୁ ନିଜ ଘର କଟ୍ରାକୁଣ୍ଡକୁ ଫେରୁଥିଲେ। ଅପରାହ୍ନ ୪ଟାରେ କୁନ୍ଦୁରା ବୈପାରୀଗୁଡ଼ା ମୁଖ୍ୟ ରାସ୍ତା ମୁଣ୍ଡିଗୁଡା ଠାରେ ଭାରସାମ୍ୟ ହରାଇ ଗାଡି ଟି ରାସ୍ତା କଢ଼ ରେ ଥିବା ନାଳକୁ ଖସି ଯାଇଥିଲା। ଖବର ପାଇ ସ୍ଥାନୀୟ ଲୋକଙ୍କ ପହଁଚି ସମସ୍ତଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡ୍ରାଇଭରଙ୍କ ମୁଣ୍ଡରୁ ଆଘାତ ହୋଇ ରକ୍ତସ୍ରାବ ହେଉଥିବା ବେଳେ ଶିଶୁ ପୁଅକୁ ଜୟପୁର ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା କହିଛନ୍ତି ଡାକ୍ତର ଗଣେଶ ପ୍ରସାଦ ଦାସ । ପୁଲିସ ଘଟଣାର ତଦନ୍ତ କରୁଛି।

## କଳାକାର କାର୍ଯ୍ୟାଳୟ ଖୋଲିବା ପାଇଁ ବୈଠକ

ରାୟଗଡ଼ା, ୫।୮ (ସମିସ): ବିଜେପି ସାଂସ୍କୃତିକ ପ୍ରକୋଷ୍ଠ, ରାୟଗଡାର ଜିଲ୍ଲା ସଂଯୋଜକ ସୁନିଲ ଖୁରାଙ୍କ ନେତୃତ୍ୱରେ ରାୟଗଡ଼ା ସର୍କିଟ ହାଉସ୍ ଠାରେ ଏକ ବୈଠକ ହେଇଥିଲା। ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ଲୋକକଳା ରାଜ୍ୟ ସଭାପତି ବାସୁଦେବ ମାଲବିଶୋଇ, ରାୟଗଡ଼ା ବିଜେପି ଯୁବ ମୋର୍ଚ୍ଚା ସଭାପତି ଉମେଶ ଖୋସଲା, ବିଜେପି ଯୁବ ମୋର୍ଚ୍ଚା ଉପ ସଭାପତି ପ୍ରିତମ ଖୁରା, ପୁରୁଷୋତ୍ତମ ସହିତ ଅନ୍ୟ ବିଜେପି କର୍ମକର୍ତ୍ତା ମାନେ ଓ ହାସ୍ୟ ଅଭିନେତା ପ୍ରଭାକର ମିଶ୍ର, ମହେଶ ରାଓ, ଲିନା ସେନାପତି, ନାଗେଶ, ଗଣେଶ, ଦୀପକ, ତ୍ରିମୂର୍ତ୍ତୀ ବିଡ଼ିକା, ରାଜୁ ଡ଼ାନ୍ସର ସହିତ ଅନେକ ଜଣାଶୁଣା କଳାକାର ଉକ୍ତ ବୈଠକ ରେ ଯୋଗ ଦେଇଥିଲେ। ରାୟଗଡ଼ା ଜିଲ୍ଲାର କଳାକାର ମାନେ କିପରି ତାଙ୍କ କଳା ମାଧ୍ୟମରେ ଆଗକୁ ଯିବେ ଏବଂ ନିଜ ପରିଚୟ ଗଢିବେ, ତା ସହିତ କଳାକାର ମାନଙ୍କ ପାଇଁ ଅଳ୍ପ ଦିନ ଭିତରେ କେମିତି କଳାକାର କାର୍ଯ୍ୟାଳୟ ହେବ ସେହି ବିଷୟରେ ଆଲୋଚନା ହୋଇଥିଲା। ରାୟଗଡା ଜିଲ୍ଲାରେ ସାଂସ୍କୃତିକ ପ୍ରକୋଷ୍ଠର କାର୍ଯ୍ୟାଳୟ ଯଥାଶୀଘ୍ର ହେବା ନିମନ୍ତେ ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଅତିଥିଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା।



## ବସ୍ ଦୁର୍ଘଟଣାଗ୍ରସ୍ତ, ଚାଳକ ଆହତ

ମୈଦଲପୁର, ୫।୮ (ସମିସ): ୨୬ ନମ୍ବର ଜାତୀୟ ରାଜ୍ୟ ରାଜପଥର ନବରଙ୍ଗପୁର-କଳାହାଣ୍ଡି ସୀମାନ୍ତ ମୈଦଲପୁର ଥାନା ଅନ୍ତର୍ଗତ ଖଡକା ଘାଟି ନିକଟସ୍ଥ ଏକ ବୁଲାଣିରେ ରାତି ପ୍ରାୟ ସାଢେ ୯ଟା ସମୟରେ 'ଜଗନ୍ନାଥ ' ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡି ଚାଳକ ଆହତ ହୋଇଛନ୍ତି। ବସ୍‌ଟି ଇନ୍ଦ୍ରବତୀରୁ ୩୦ରୁ ଅଧିକ ଯାତ୍ରୀଙ୍କୁ ଧରି ଭୁବନେଶ୍ୱର ଅଭିମୁଖେ ଯାଉଥିଲା ବର୍ଷାଯୋଗୁଁ ନବରଙ୍ଗପୁର - କଳାହାଣ୍ଡି ସୀମାନ୍ତ ମୈଦଲପୁର ଥାନା ଖଡକାପଦର ଘାଟି ପାଖ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇଥିଲା। ବସ୍‌ର ପଛ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ଅନ୍ୟ ଏକ ବସ୍ ଯୋଗେତାଙ୍କ ଗନ୍ତବ୍ୟସ୍ଥଳକୁ ପାଠ ଯାଇଥିବା ଜଣାପଡିଛି। ବସ୍ ଦୁର୍ଘଟଣାରେ କେତେ ଜଣ ଯାତ୍ରୀ ଆହତ ହୋଇଛନ୍ତି ତାହା ଜଣାପଡିନାହିଁ। ବସ୍‌ଟି ଗଛରେ ପିଠି ହେବା ପରେ ସେ ଗଛ ଉପରେ ୩୩ କେବି ବିଦ୍ୟୁତ ତାର ଥିଲା । ତେବେ ଏ ନେଇ କୌଣସି ଅଘଟଣ ଘଟି ନଥିବା ଜଣାପଡ଼ିଛି। ଖବର ପାଇ ଘଟଣା ସ୍ଥଳରେ ମୈଦଲପୁର ପୁଲିସ ପହଞ୍ଚି ଦୁର୍ଘଟଣାର ତଦନ୍ତ କରୁଛି।

## ଅଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରାୟଗଡ଼ା/ଗୁମୁଡା, ୫।୮ (ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଗୁମୁଡା ସ୍ଥିତ ଦ୍ରୌପଦୀ ବିଦ୍ୟାପୀଠରେ ଅବସରକାଳନୀ ସମ୍ବର୍ଦ୍ଧାନ ସଭାର ଆୟୋଜନ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଶ୍ରୀମତି ଜ୍ୟୋର୍ତିମୟୀ ପ୍ରଧାନଙ୍କୁ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଅଧ୍ୟାପିକା ଶୁଭଶ୍ରୀ ପ୍ରିୟଦର୍ଶନୀଙ୍କ ସଭାପତିତ୍ୱରେ ଆହୂତ ଏହି ସଭାରେ ଅବସରପ୍ରାପ୍ତ ଅଧ୍ୟାପିକା ଶ୍ରୀମତି ପ୍ରଧାନଙ୍କ ସ୍ୱାମୀ ସୁରେନ୍ଦ୍ର ମହାନ୍ତି ଏବଂ ଦୁଇ କନ୍ୟାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମକର୍ତା, ଛାତ୍ରଛାତ୍ରୀ, ଅଭିଭାବକ ଓ ପୁରୁଣା ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ଶ୍ରୀମତି ପ୍ରଧାନଙ୍କ ଶିକ୍ଷାଦାନ, ସରଳ ବ୍ୟବହାର ଓ ସମସ୍ତ ଛାତ୍ରଛାତ୍ରୀଙ୍କ ପ୍ରତି ଭରି ରହିଥିବା ସ୍ନେହର ସ୍ମୃତିଚାରଣ କରିଥିଲେ। ନିଜର ୩୫ ବର୍ଷର ଚାକିରି କାଳରେ ସେ ନିଜ ପରିବାରଙ୍କ ଠାରୁ ଅଧିକ ସମୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗହଣରେ ରହି ବିତାଇଥିବାରୁ ସେମାନଙ୍କ ଠାରୁ ପାଇଥିବା ସ୍ନେହମମତାକୁ ନିଜ ବକ୍ତବ୍ୟରେ କହି ସମସ୍ତଙ୍କୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ଉପଢୌକନ, ମାନପତ୍ର ଓ ଉତ୍ତରୀୟ ଦ୍ୱାରା ଶ୍ରୀମତି ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କାଉଡିଆଙ୍କୁ ସାମ୍ବାଦିକ ସଂଘର ସହାୟତା



ମାଲକାନଗିରି, ୫।୮ (ସମିସ): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟ ମାନେ ଗୁପ୍ତେଶ୍ୱର ଶୈବପୀଠରେ ଭକ୍ତଙ୍କୁ ଶୁଖିଲା ଖାଦ୍ୟ ପାନୀୟ ଦେବା ସହ ସେମାନଙ୍କୁ ସେବା ଯୋଗାଇଛନ୍ତି। ଶ୍ରାବଣ ମାସର ଶେଷ ସୋମବାରରେ ପବିତ୍ର ଗୁପ୍ତେଶ୍ୱର ଶୈବପୀଠରେ ହଜାର ହଜାର ସଂଖ୍ୟାରେ ବୋଲବମ, କାଉଡିଆ ଓ ଭକ୍ତମାନେ ବିଭିନ୍ନ ଅଞ୍ଚଳରୁ ଖାଲି ପାଦରେ ଚାଲି ଚାଲି ପହଞ୍ଚି ଜଳାଭିଷେକ କରି ଶିବଙ୍କ ଆଶୀର୍ବାଦ ଲାଭ କରିଛନ୍ତି। ଦୂର ଦୁରାନ୍ତରୁ ପରିଶ୍ରମ କରି ଯାଇଥିବା ବୋଲବମ କାଉଡିଆ ଓ ଅନ୍ୟ ଭକ୍ତ ମାନଙ୍କୁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବିସ୍କୁଟ, ଗ୍ଲୁକୋଜ ପାଣି, କଦଳୀ, ପାନୀୟ ଜଳ ବୋତଲ ସହିତ ଶୁଖିଲା ଖାଦ୍ୟ ଯୋଗାଇଛନ୍ତି। ଯେଉଁ ଭକ୍ତଙ୍କ ଗୋଡ ଫୁଲି ଚାଲିବା କଷ୍ଟ ହେଉଥିଲା। ସେମାନେ ଭକ୍ତଙ୍କ ପାଦସେବା କରି ସେମାନଙ୍କ ଗୋଡ଼ରେ ଔଷଧ ଲଗାଇଥିଲେ। ଏହି ସେବା ରବିବାର ମଧ୍ୟ ରାତ୍ରଠାରୁ ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଜାରି ରହିଥିଲା। ଏହି ସେବାମୂଳକ କାର୍ଯ୍ୟରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାଶ ଓ ରାଜେଶ ବେପାରୀ, ରାହୁଲ ଗୋଲରୀ, ବିଜୁ ମଣ୍ଡଳ ଉପସ୍ଥିତ ରହି ଭକ୍ତଙ୍କୁ ସେବା ଯୋଗାଇଥିଲେ। ଏହି କାର୍ଯ୍ୟକ୍ରମରେ ହୃଷିକେଶ ସେଠୀ, ନିରଞ୍ଜନ ମଲ୍ଲ, ବି. ଶ୍ରୀନିବାସ ପାତ୍ରଙ୍କ ସହିତ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ। ସୁଦୂର ମାଲକାନଗିରିରୁ ଗୁପ୍ତେଶ୍ୱରକୁ ଯାଇ ସାମ୍ବାଦିକଙ୍କ ଏହି ସେବାମୂଳକ ମହତ କାର୍ଯ୍ୟକୁ ଭକ୍ତ ମାନେ ସ୍ୱାଗତ କରିବା ସହିତ ପ୍ରଶଂସା କରିଛନ୍ତି।

## ଚୋରି ଟ୍ରାନ୍ସଫରମର ସହ ଟେମ୍ପୋ ଜବତ, ଜଣେ ଗିରଫ

କୋଷାଗୁମୁଡା, ୫।୮ (ସମିସ): କୋଷାଗୁମୁଡା ବିଦ୍ୟୁତ ଯନ୍ତ୍ରୀଙ୍କ ଏତଲାକୁ ଭିତ୍ତି କରି କୋଷାଗୁମୁଡା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ଟ୍ରାନ୍ସଫର୍ମର ଚୋରି ଘଟଣାରେ ଜଣେ ଟେମ୍ପ ଚାଳକକୁ ଗିରଫ କରିବା ସହ ଟ୍ରାନ୍ସଫର୍ମର ସହ ଟେମ୍ପୋକୁ ମଙ୍ଗଳବାର ଦିନ ଜବତ କରିଛନ୍ତି। ନେଇଗାଁ ଠାରେ ଥିବା ଏକ ଟ୍ରାନ୍ସଫର୍ମରକୁ କୋଟପାଡ଼ରୁ ଜଣେ ଟେମ୍ପୋରେ ଆସି କିଛି ସ୍ଥାନୀୟ ଯୁବକଙ୍କ ସହାୟତାରେ ଚୋରି କରି ନେଇଯାଉଥିବା ସମୟରେ ପୋଲିସ ମାଡି ବସିଥିଲା। ଟେମ୍ପୋ ଚାଳକ ଧରାପଡିଥିବା ବେଳେ ୩ଜଣ ଚମ୍ପଟ ମାରି ପଳାଇଥିଲେ। ଟେମ୍ପୋ ସହ ଟ୍ରାନ୍ସଫର୍ମରକୁ ବଡ଼ଆମ୍ବଡା ଫାଣ୍ଡିରେ ରଖାଯାଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ପୂର୍ବତନ ମୁଖ୍ୟଶାସନ ସଚିବ ସ୍ୱର୍ଗତ ସୁବାଶ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି



ଜୟପୁର, ୫।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ଆଜି ସଂଧ୍ୟା ସ୍ଥାନୀୟ ବ୍ୟାଙ୍କ କଲୋନୀସ୍ଥିତ ମା ଲୋକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ରାଜ୍ୟ ମୁଖ୍ୟଶାସନ ସଚିବ ସ୍ୱର୍ଗତ ସୁବାସ ପାଣିଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ପାଣି ଜଣେ ଭାରତୀୟ ପ୍ରଶାସନିକ ସେବାର ସୁଶାସକ ସହିତ ଜଗନ୍ନାଥ ସଂସ୍କୃତିର ଗବେଷକ, ସୁସାହିତ୍ୟିକ, ସଂଗୀତଜ୍ଞ, ସୃଜନଶୀଳ ନିର୍ଦ୍ଦେଶକ ଏବଂ ଜୟଦେବଙ୍କ ଗୀତ ଗୋବିନ୍ଦ ଉପରେ ଗବେଷଣା କରିବା ସହ ଡକ୍ଟରେଟ ପାଇଥିଲେ। ସେହପରି ଗତ ୨୦ ବର୍ଷ ହେଲାଣି ଜଗନ୍ନାଥ ରଥଯାତ୍ରା ସମୟରେ ଜଣେ ସୁନାମଧନ୍ୟ ଭାଷ୍ୟକାର ଭାବେ ସାରା ବିଶ୍ୱରେ ତାଙ୍କର ନାମ ରହିଥିଲା। ତାଙ୍କ ବାଲ୍ୟକାଳରେ ଜୟପୁରରେ ଅଜାଙ୍କ ଘରେ ରହି ବିଦ୍ୟାଳୟ ଓ କଲେଜରେ ଇଣ୍ଟର ମିଡିୟଟ ପାଠ୍ୟକ୍ରମ ସମାପ୍ତ କରିଥିଲେ। ସେହିପରି ଭାରତୀୟ ପ୍ରଶାସନିକ ସେବା ନିଯୁକ୍ତି ହେବା ପରେ ଜୟପୁର ଉପଜିଲ୍ଲାପାଳଙ୍କ ସମୟରେ ସହରରେ ଦେବଉୋର ବିଭାଗ ପକ୍ଷରୁ ଗୁପ୍ତେଶ୍ୱର ସଫିଂ କମ୍ପେକ୍ସ ଏବଂ ସହରରେ କୁମାର ଉତ୍ସବ ପ୍ରତିଷ୍ଠାତା ଭାବେ ତାଙ୍କୁ ଆଜି ଶ୍ରଦ୍ଧାଞ୍ଜଳି ଅବସରରେ ସ୍ମରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହରିହର କରସୁଧା ପଟ୍ଟନାୟକ, ଡ. ସୁରେଶ ଦାଶ, କୃଷ୍ଣ ଚନ୍ଦ୍ର ହୋତା, ନିରଞ୍ଜନ ପାଣିଗ୍ରାହୀ, ଡ. ଦେବୀ ପ୍ରସାଦ ହୋତା, ଡ. ସୁଧାଂଶୁ ପଟ୍ଟନାୟକ, ନରସିଂହ ଚୌଧୁରୀ, ମଧୁସୂଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଦାମନଯୋଡ଼ି, ୫।୮ (ସମିସ): ଦାମନଯୋଡି ଆଦର୍ଶ ଥାନା ତରଫରୁ ଏକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଥାଲପୁଟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନାବେଡ଼ା ଏସଡିପିଓ ସୁମିତ୍ରା ଜେନା ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ଦାମନଯୋଡି ଆଦର୍ଶ ଥାନା ଆଇଆଇସି ପ୍ରମିଳା ବିଡ଼ିକା, ଏସଆଇ ଦୀପକ କୁମାର ପଣ୍ଡା, ଏସଆଇ ସୁପ୍ରିୟା ପଟ୍ଟନାୟକ, ନାଲ୍‌କୋର ପୂର୍ବତନ ଡିଜିଏମ ଡ. ରମେଶ ଚନ୍ଦ୍ର ଦାଶ, ଆଡଭୋକେଟ କେ ସରସ୍ୱତୀ ପଟ୍ଟନାୟକ, ଆଡଭୋକେଟ ନଳିନୀକାନ୍ତ ସେନାପତି, ସମାଜସେବୀ ବାବୁଲି ସ୍ୱାଇଁ, ସାମ୍ବାଦିକ ଚୈତନ୍ୟ ହନ୍ତାଳ, ନିକୁଞ୍ଜ କିଶୋର ସାମଲ, ଅରୁଣ କୁମାର ଓଝା, ଭାରତୀ ମିଶ୍ର, ସୀମାଞ୍ଚଳ ସାହୁ, ବିଦ୍ୟାମନ୍ଦିରର ସଭାପତି ସଦାନନ୍ଦ ସାହୁ, ଆଚାର୍ଯ୍ୟ ସନ୍ତୋଷ କୁମାର ପଣ୍ଡା, ଶ୍ରୀକାନ୍ତ ମଲ୍ଲିକ, ହୃଷିକେଶ ସେଠୀ, ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା, ଦୁଇଶହରୁ ଛାତ୍ରଛାତ୍ରୀ, ଅଭିଭାବକ, ସାମାଜିକ ଅଭିଭାବକ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବିଦ୍ୟାଳୟରେ ଆଇ ସିସି ଗଠନ, ଶୃଙ୍ଖଳା କମିଟି ଉପରେ ଆଲୋକପାତ କରିଥିଲେ। ଡଃ ଅଶୋକ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଦାମନଯୋଡି ଆଦର୍ଶ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ପଣସ ବ୍ୟବସାୟୀ ସୋମନାଥଙ୍କ ହତ୍ୟାକାରୀକୁ ଘଟଣାସ୍ଥଳକୁ ନେଉଛନ୍ତି ପୋଲିସ କର୍ମଚାରୀ

## ଅଙ୍ଗନବାଡି କର୍ମୀଙ୍କୁ ତାଲିମ ଦେଲେ ଅଗ୍ନିଶମ ବିଭାଗ

ବୈପାରିଗୁଡ଼ା, ୫।୮ (ସମିସ): ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଙ୍ଗନବାଡି କର୍ମୀଙ୍କୁ ଏଲପିଜି ଗ୍ୟାସ୍ ସିଲିଣ୍ଡର ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଛି। ଏଲପିଜି ଗ୍ୟାସ ସିଲିଣ୍ଡରକୁ କିପରି ସତର୍କତାର ସହ ବ୍ୟବହାର କରାଯିବ, ସେଥିପାଇଁ ଅଗ୍ନିଶମ ବିଭାଗ ଦ୍ୱାରା ଏକ ମକଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା। ସମସ୍ତ ପ୍ରକାର ଅଗ୍ନି ସମ୍ପର୍କୀତ ଦୁର୍ଘଟଣା ସମୟରେ ଆତ୍ମରକ୍ଷା ସହ ଆହତଙ୍କୁ କିଭଳି ଉଦ୍ଧାର କରାଯିବ ସେନେଇ ଉପସ୍ଥିତ ସମସ୍ତ ଅଙ୍ଗନବାଡି କର୍ମୀମାନଙ୍କୁ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୈପାରିଗୁଡା ସିଡ଼ିପିଓ ସବିତା ବ୍ରହ୍ମାଙ୍କ ସମେତ ବିଭିନ୍ନ କେନ୍ଦ୍ରର କ୍ଷେତ୍ର ପରିଦର୍ଶିକା, ଅଙ୍ଗନବାଡି କର୍ମୀ ଏବଂ ଅଗ୍ନିଶମ ବାହିନୀର ଷ୍ଟେସନ ଅଫିସର ସରୋଜ କୁମାର ଭୁଟିଆ, ବୈପାରିଗୁଡା ଅଗ୍ନିଶମ ଓଆଇସି ସୁକାନ୍ତ କୁମାର ପ୍ରଧାନ, ଗାଡ଼ି ଚାଳକ ଅଚ୍ୟୁତ ଓରାମ, ଆଗ୍ନିକ ବୃଷଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଆଦିବାସୀ ଦିବସ ପାଇଁ ପ୍ରସ୍ତୁତି

ବୈପାରୀଗଡ଼ା, ୫।୮ (ସମିସ): ବୈପାରୀଗୁଡା ପଞ୍ଚାୟତ ସମିତି ସଭା ଗୃହରେ ବ୍ଲକ ଆଦିବାସୀ ସଂଘ ପକ୍ଷରୁ ଆସନ୍ତା ଅଗଷ୍ଟ ୯ ତଥା ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ବିଭିନ୍ନ ସମ୍ପ୍ରଦାୟ ତଥା ଭୂମିଆ, ଗାଦବା, ପରଜା , କନ୍ଧ, ଖଟିଆ, ସଉରା ଓ ଦୁରୁରା ସମାଜର ବିଶିଷ୍ଟ ଆଦିବାସୀ ସମାଜର ବ୍ୟକ୍ତିଙ୍କୁ ନେଇ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଆଦିବାସୀ ସମ୍ପ୍ରଦାର ଲୋକଙ୍କ ବିଭିନ୍ନ ସମସ୍ୟା, କୁସଂସ୍କାର, ରୀତିନୀତି, ସଂସ୍କୃତି ଏବଂ ପରମ୍ପରା ବିଷୟରେ ଆଲୋଚନା କରାଯାଇଛି ଏବଂ ଆଗାମୀ ଦିନରେ ଆଦିବାସୀ ସମାଜର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସନୁ ତେନ୍ତୁଳିପାଡିଆ, ମହନ ଶ୍ରୀକଲିଆ, ଲଳିତ ପୂଜାରୀ, ଜଗନ୍ନାଥ ନାୟକ, ଲଇଚନ ମାଝି, ଲଛମନ ପରଜା, ରଜୁ ଖିଲ, ଜଗତ ଆରଲାବଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ପ୍ରମୁଖ ଥିଲେ।

## ପ୍ରଧାନ ଶିକ୍ଷକଙ୍କ ତାଲିମ ଶିବିର

ନବରଙ୍ଗପୁର, ୫।୮ (ସମିସ): ନବରଙ୍ଗପୁର ପୌର ଉଚ୍ଚ ବିଦ୍ୟାଳୟ ଠାରେ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କ ପାଞ୍ଚ ଦିବସୀୟ ତାଲିମ ଶିବିର ସମ୍ପନ୍ନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଲେ । କାର୍ଯ୍ୟକ୍ରମ ରେ ନବରଙ୍ଗପୁରର ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜଓନୀ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ରୁପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନା ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ। ଚାରୋଟି ବ୍ଲକ୍‌ରୁ ଅଣଚାଶ ଜଣ ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ବୈକୁଣ୍ଠ ନାଥ ଜେନା, ମାର୍କଣ୍ଡ ସତନଓମି, ରମେଶ ଚନ୍ଦ୍ର ସାହୁ ଓ ବଦ୍ରି ନାରାୟଣ ବିଶ୍ୱାଳ ସାଧନକର୍ମି ଭାବେ ଶିବିର ପରିଚାଳନା କରିଥିଲେ।

## ସମନ୍ୱିତ ଚାଷ ପଦ୍ଧତି ତାଲିମ କାର୍ଯ୍ୟକ୍ରମ



କୋରାପୁଟ, ୫।୮ (ସମିସ): କୋରାପୁଟ ଜିଲ୍ଲା କୋଟପାଡ ବ୍ଲକର ଏକମ୍ବା ଗ୍ରାମରେ ସମନ୍ୱିତ ଚାଷ ପଦ୍ଧତି ବିଷୟରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୈବ-ପୋଷକ ପ୍ରକଳ୍ପ ଅନ୍ତର୍ଗତ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ପ୍ରକଳ୍ପର ମୁଖ୍ୟ ସିଆରଆରଆଇର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଉପେନ୍ଦ୍ର କୁମାର ଉପସ୍ଥିତ ରହି ସିଆରଆରଆଇର ଉତ୍ପାଦ ଏବଂ ଏନଡୋଏନର ପ୍ରୟୋଗ ସହିତ ଆଜୋଲା ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟାନ୍ୟ ବୈଜ୍ଞାନିକଙ୍କ ମଧ୍ୟରେ ଡକ୍ଟର ଏ.କେ. ମୁଖାର୍ଜୀ, ଡକ୍ଟର ଆନି ପୁନମ୍, ଡକ୍ଟର ବିଶ୍ୱଜିତ୍ ମଣ୍ଡଳ ଏବଂ ଡକ୍ଟର ସୁଦୀପ୍ତ ପଲ ପ୍ରମୁଖ ଉପସ୍ଥିତ ଥିଲେ। ଡକ୍ଟର ମଣ୍ଡଳ ଜୈବସାରର ଆର୍ଥିକ ଏବଂ ପରିବେଶଗତ ଲାଭ ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ଏ.କେ. ମୁଖାର୍ଜୀ ଡାଲି ଏବଂ ପନିପରିବାଗୁଡ଼ିକରେ ଟ୍ରାଇକୋଡର୍ମାର ପ୍ରୟୋଗ ବିଷୟରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର କେଭିକେ ର ମୁଖ୍ୟ ବିଶ୍ୱନାଥ ସାହୁ ସମନ୍ୱିତ ଚାଷ ପଦ୍ଧତିର ଲାଭ ଏବଂ କୃଷି ବିଜ୍ଞାନ କେନ୍ଦ୍ର ର ବିଭିନ୍ନ ଯୋଜନା ବିଷୟରେ ଆଲେଚନା କରିଥିଲେ। ସହାୟକ କୃଷି ଉଦ୍ୟାନ ଅଧିକାରୀ ବିଜୟ କୁମାର ମହାନ୍ତ କୋଟପାଡ ଚାଷୀମାନେ କିପରି ଲାଭ ଉଠାଇପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ପ୍ରଗତିର କୃଷି ବିଶେଷଜ୍ଞ ଡକ୍ଟର ଅଂଶୁମାନ ପଟ୍ଟନାୟକ ସିଆରଆରଆଇ ର ଜୈବସାର ପ୍ରୟୋଗର ପଦ୍ଧତି ସମ୍ପର୍କରେ ମତ ରଖିଥିଲେ। ଗବେଷଣା ସହଯୋଗୀ ଡକ୍ଟର ସାଇ କୃଷ୍ଣ ରେପାଲି ଜୈବ ସାରର ପ୍ରୟୋଗ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଗତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଲୁନା ପଣ୍ଡା ପରିଚାଳନା କରିଥିଲେ ଏବଂ ଉଭୟ ସଂସ୍ଥାର ଟେକ୍ନିସିଆନ୍ ଅମିତ ମାଇତି ଏବଂ ଅନ୍ୟାନ୍ୟ ପ୍ରକଳ୍ପ କର୍ମଚାରୀମାନେ ସହଯୋଗ କରିଥିଲେ। ଜୈବ ସାରର ସମ୍ଭାବନା ଏବଂ ପରିଣାମ ବିଷୟରେ ଚାଷୀ ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ୪୫ ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଜୈବସାର ପ୍ରସ୍ତୁତି ଏବଂ ବ୍ୟବହାର ର ପ୍ରଦର୍ଶନୀ ମଧ୍ୟ ହୋଇଥିଲା। ପ୍ରଗତି କୋରାପୁଟ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଶିକାରୀ ଜାଲରେ ମା' ଓ ଭାଲୁ ଛୁଆ।

# ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଲା ବନ ବିଭାଗ



ମାଲକାନଗିରି, ୫।୮ (ସମିସ): ଶିକାରୀଙ୍କ ଜାଲରେ ଫସିଥିବା ଦୁଇ ଭାଲୁକୁ ବନ ବିଭାଗ ଉଦ୍ଧାର କରି ଜଙ୍ଗଲରେ ସୁରକ୍ଷିତ ଛାଡ଼ିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଥିଲି ରେଞ୍ଜ ବୁରୁଡିଗୁଡ଼ା ଜଙ୍ଗଲରେ ମାଥିଲି ରେଞ୍ଜର ବନ କର୍ମଚାରୀ ମାନେ ପାଟ୍ରୋଲିଂ ସମୟରେ ଗୋଟିଏ ମା ଓ ଗୋଟିଏ ଛୁଆ ଭାଲୁ ଏକ ଜାଲ ଫସି ରହିଥିବା ଦେଖିଥିଲେ। ଏହି ସୂଚନା ପାଇବା ପରେ, ମାଥିଲି ରେଞ୍ଜ ଅଫିସର ବାସୁଦେବ ନାୟକଙ୍କ ନେତୃତ୍ୱରେ ବନ ବିଭାଗର ରାପିଡ୍ ରେସପନ୍ସ ଟିମ୍ ତୁରନ୍ତ ସେଠାରେ ପହଞ୍ଚି ମା ଓ ଛୁଆ ଭାଲୁକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ କିଛି ପଶୁ ଶିକାରୀ ଏହି ଜାଲ ଲଗାଇଥିବା ଅନୁମାନ କରାଯାଉଥିବା ବେଳେ ଏଥିରୁ ଉଦ୍ଧାର ଭାଲୁ ଦୁଇଟିଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପରେ ନିକଟସ୍ଥ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡିଦିଆଯାଇଥିଲା। ଜଙ୍ଗଲ ପ୍ରାଣୀସମ୍ପଦଙ୍କ ଗତିବିଧି ଉପରେ ନିରନ୍ତର ନଜର ରଖିବା ପାଇଁ ବନ ବିଭାଗ ଟିମ ଘଟଣାସ୍ଥଳରେ ନିୟୋଜିତ କରାଯାଇଛି। ମାଲକାନଗିରି ବନ ବିଭାଗ ଡିଭିଜନ ସହକାରୀ ବନ ସଂରକ୍ଷକ ମୁନସୁନ ଖେମୁଣ୍ଡୁ ଏନେଇ ଆଜି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି।

ବେଆଇନ ବାଲି ଉତ୍ତୋଳନରେ ବ୍ୟବହୃତ ଡଙ୍ଗା ଜବତ

## ଖସିଗଲେ ମାଫିଆ; ନେଇଗଲେ ଜେସିବି



**ବାରିପଦା, ୫।୮ (ସମିସ):** ବାରିପଦା ସହରରୁ ଅନତିଦୂର ତଥା ବେତନଟୀ ଥାନା ଅଧୀନ କାଞ୍ଚନପାଳ ନିକଟ ବୁଢାବଳଙ୍ଗ ନଦୀରୁ ଏକ ମୋଟର ଚାଳିତ ଡଙ୍ଗା ସହାୟତାରେ ବେଆଇନ ବାଲି ଉତ୍ତୋଳନ ଏବଂ ଚାଲାଣ ସମ୍ପର୍କିତ ଏକ ଖବର ପ୍ରକାଶ ପରେ ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜିଲ୍ଲା ଖଣି ନୀରିକ୍ଷକ ଉଦୟଭାନୁ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୋଟରଚାଳିତ ଡଙ୍ଗାକୁ ଜବତ କରି ବେତନଟୀ ପୁଲିସକୁ ଜିମା ଦେଇଛନ୍ତି। ତେବେ ଡଙ୍ଗା ପରିଚାଳନା କରୁଥିବା ରଙ୍ଗାମାଟିଆ ଗ୍ରାମର ମେଘରାଏ ମୁର୍ମୁଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ସେ ନିଜ ଦୋଷ ସ୍ୱୀକାର କରିଥିବାରୁ ବାଲି ଚୋରି ବାବଦରେ ଜରିମାନା ଆଦାୟ ହେବ ବୋଲି ଶ୍ରୀ ସାହୁ କହିଛନ୍ତି। ଉରାନଇରୁ ଯନ୍ତ୍ର ଚାଳିତ ଡଙ୍ଗା ଦ୍ୱାରା ମେଘରାଏ ଓ ତାଙ୍କର ସହଯୋଗୀମାନେ ବାଲି ଉଠାଣ କରି ପଠାରେ ଠୁଳ କରିଥିଲେ। ପରେ ସେଠାରୁ ଜେସିବି ମାଧ୍ୟମରେ ଟ୍ରାକ୍ଟର, ଟ୍ରକ ଓ ଡମ୍ଫର ସହାୟତାରେ ଦୈନିକ ୨୦୦ରୁ ଅଧିକ ଟ୍ରିପ୍ ବାଲି ବେଆଇନ ଭାବେ ଚାଲାଣ କରୁଥିଲେ। ପରନ୍ତୁ ଚଢଉ ବେଳେ ସେମାନେ ଖସିଯିବାରେ ସକ୍ଷମ ହୋଇଥିବା ବେଳେ ସହଯୋଗୀ ମାନେ ମଧ୍ୟ ଚତୁରତାର ସହିତ ଖସି ପଳାଇଛନ୍ତି। ମାସମାସ ଧରି ସମ୍ପୃକ୍ତ ଅଞ୍ଚଳରେ ଏପରି ଚୋରାଚାଲାଣ ଚାଲିଥିବା ବେଳେ ଖଣି, ପୁଲିସ, ବନ ଓ ରାଜସ୍ୱ ବିଭାଗର ଅଧିକାରୀ/କର୍ମଚାରୀ ମାଫିଆଙ୍କ ସହିତ ସଲାସୁତୁରା କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିଲେ। ତେବେ ଏ ସମ୍ପର୍କରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ପ୍ରଶାସନ ନଜରରେ ମୋଟର ଚାଳିତ ଡଙ୍ଗା ନ ଥିବା ବେଳେ ଡଙ୍ଗାରୁ କେବଳ ଜରିମାନା ଆଦାୟ କରି ଛାଡି ଦିଆଗଲେ ପୁନର୍ବାର ବାଲି ଚୋରିକୁ ପ୍ରୋତ୍ସାହିତ କରିବା ସହିତ ସମାନ ହେବ। ଏଣୁ ଡଙ୍ଗାକୁ ଜବତ ସହିତ ମାଲିକଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାବି କରିଛନ୍ତି।

ଭୂମିହୀନଙ୍କୁ ମିଳିଛି ସରକାରୀ ଜମି; କିନ୍ତୁ ମିଳୁନି ଦଖଲ

# ହାଇକୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ହେଉନି ମାପଚୁପ

**ବାରିପଦା, ୫।୮ (ସମିସ)**

ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଦୁଧିଆଶୋଳ ଗ୍ରାମରେ ସରକାରୀ ଜମି ବଣ୍ଟନ ହୋଇଛି; କିନ୍ତୁ ଲୋକଙ୍କୁ ଦଖଲ ମିଳିନାହିଁ। ବହୁ ବର୍ଷ ପୂର୍ବରୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ପ୍ରଦାନ କରାଯାଇଥିଲା; ହେଲେ ଦଖଲ ଦେବାରେ ବିବାଦ ଲାଗି ରହିଛି। ଦଖଲ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ମାପଚୁପ ହୋଇ ଜମି ହସ୍ତାନ୍ତର କରାଯାଇପାରିନାହିଁ। ଫଳରେ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିବା ବେଳେ ଜମି ନ ଥିବାରୁ ତାହା ହୋଇପାରୁନାହିଁ। ଏନେଇ ଦୁଧିଆଷୋଳ ଅଞ୍ଚଳର ସୁଲୋଚନା ଦାସ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ଗ୍ରାମର ଭୂମିହୀନ ଗରିବ ଓ ଅସହାୟଙ୍କୁ ରାଜ୍ୟ ସରକାର ବସୁନ୍ଧରା ଯୋଜନାରେ ୪ ଡେସିମିଲ ଜମି ପଟ୍ଟା ପ୍ରଦାନ କରିଥିଲେ; କିନ୍ତୁ ଶ୍ୟାମାଖୁଣ୍ଟା ତହସିଲ କର୍ମଚାରୀଙ୍କ ଅବହେଳା ପାଇଁ ପଟ୍ଟା ମିଳିବାର ୫ ବର୍ଷ ପରେ ବି ଜମି ଚିହ୍ନଟ କରି ଦଖଲ ଦିଆଯାଇନାହିଁ। କିନ୍ତୁ ସରକାରଙ୍କୁ ଖଜଣା ଲଗାତାର ଦେଇ ଆସୁଛନ୍ତି ସମ୍ପୃକ୍ତ ହିତାଧିକାରୀ। ଏମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ପତ୍ର ମଧ୍ୟ ମିଳିଛି। କିନ୍ତୁ ଏ ପର୍ଯ୍ୟନ୍ତ ଜାଗା ଚିହ୍ନଟ ହୋଇପାରୁ ନ ଥିବାରୁ ଗୃହ ତିଆରି କରିପାରୁନାହିଁ ବୋଲି ସୁଲୋଚନା ପ୍ରକାଶ କରିଛନ୍ତି। ସେ ଅନୁସୂଚିତ ଜାତି ବର୍ଗର ହୋଇଥିବା ବେଳେ ମୂଳ ଲାଗିଲେ ଘର ଚଳିଥାଏ। ଜମି ବାଡି କିଛି ନାହିଁ। ସରକାରୀ ଜମି ଖଣ୍ଡକ ଭରସା ଥିବା ବେଳେ ତାହା ମିଳୁନି। ଯାହା ଫଳରେ ସମସ୍ତ ପରିବାର ସଦସ୍ୟଙ୍କ ପାଇଁ ଘର ରହିବାକୁ ଜାଗା ନାହିଁ। ବିଧାୟକ, ତହସିଲ, ମନ୍ତ୍ରୀ ସମେତ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଅଭିଯୋଗ ଜଣାଇବା ପରେ କୌଣସି ସମାଧାନ ନହେବାରୁ ଶେଷରେ ୧୦ ଜଣ ଭୂମିହୀନ ପରିବାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଜମି ଚିହ୍ନଟ ନିମନ୍ତେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ପାଳନ କରୁନାହାନ୍ତି। ଫଳରେ ଆଗାମୀ ଦିନରେ କାର୍ଯ୍ୟାଦେଶ ଫେରିଯିବା ଆଶଙ୍କା ରହିଛି। ତେଣୁ ସମସ୍ୟାର ସମାଧାନ ପାଇଁ ତୁରନ୍ତ ଜମି ଦଖଲ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିବା ପରେ ଜମି ମାପଚୁପ କରି ଚିହ୍ନଟ ଦେବାକୁ ଶ୍ୟାମାଖୁଣ୍ଟା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ୧୦ଦିନ ମଧ୍ୟରେ ସମାଧାନ ନ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

**ଆବାସ ଗୃହ ନିର୍ମାଣରୁ ବଞ୍ଚିତ ଗ୍ରାମବାସୀ**

**ଜମି ଦଖଲ ନ ମିଳିଲେ ଆତ୍ମାହୁତି ଚେତାବନୀ**




## ଫାଇଲେରିଆ ନିରାକରଣ ଅଭିଯାନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ବାରିପଦା, ୫।୮ (ସମିସ):** ଫାଇଲେରିଆ ରୋଗର ନିରାକରଣ ଅଭିଯାନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ସଚେତନତା ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହଇଯାଇଛି। ଜିଲ୍ଲାରେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଡା ଶ୍ରୀ ଆଚାର୍ଯ୍ୟ ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହିତ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ସମସ୍ତ ଜନସାଧାରଣଙ୍କୁ ଏହି ଔଷଧ ଖାଦ୍ୟ ଖାଇସାରି ଖାଇବା ପାଇଁ ଅନୁରୋଧ କରିଥିଲେ। ଏହି ସାମୂହିକ ଔଷଧରେ ଡିଇସି, ଆଲବେଣ୍ଡାଜଲ ଏବଂ ଆଇଭରମେକ୍ଟିନ ବଟିକା ସମ୍ପୂର୍ଣ୍ଣ ନିରାପଦ ଓ ସୁରକ୍ଷିତ। ଏହି ଔଷଧ ସେବନ କଲେ ଶରୀରରେ ଲୁଚିରହିଥିବା ଫାଇଲେରିଆ ପରଜୀବୀ କୀଟାଣୁକୁ ମାରି ବାତଜ୍ୱର, ଗୋଡ ଫୁଲିବା, ହାତ ଫୁଲିବା ଅଣ୍ଡକୋଷ ଫୁଲିବା ଓ ଗୋଦର ଗୋଡ ହେବାକୁ ଦେଇ ନ ଥାଏ। ଜିଲ୍ଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡା ବିଜୟ କୁମାର ଦାଶ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଘରକୁ ଘର ବୁଲି ଏହି ଔଷଧ ଖୁଆଇବେ ବୋଲି କହିଥିଲେ। ବୟସ ଅନୁସାରେ ଉଦ୍ଦିଷ୍ଟ ଔଷଧ ସେବନ ସମ୍ପର୍କରେ ସୂଚନା ଦେଇଥିଲେ। ଏହା ବ୍ୟତୀତ ଗର୍ଭବତୀ, ୨ ବର୍ଷରୁ କମ ବୟସର ଶିଶୁ, ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତି ଏବଂ ଶିଶୁ ପ୍ରସବ କରିଥିବା ମା'ମାନଙ୍କୁ ଏକ ସପ୍ତାହ ମଧ୍ୟରେ ଏହି ଔଷଧ ଦିଆଯିବ ନାହିଁ ବୋଲି ଜିଲ୍ଲା ଭେକ୍ଟରର ବାହିତ ରୋଗ ପରାମର୍ଶ ଦାତା ତପନ କୁମାର ସାହୁ କହିଥିଲେ। ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଯକ୍ଷ୍ମା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ରୋଟାରି କ୍ଲବର ସଦସ୍ୟ ସଦସ୍ୟ, ବିଭିନ୍ନ ବେସରକାରୀ ସଂସ୍ଥା ଓ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚେକ୍ ବାଉନ୍ସ ମାମଲାରେ ଏକ ବର୍ଷ ଜେଲ୍

**ବାରିପଦା, ୫।୮ (ସମିସ):** ବେତନଟୀ ଜେଏମଏଫସି କୋର୍ଟରେ ଏକ ଚେକ ବାଉନ୍ସ ମାମଲାରେ ଏକ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି। ବିଚାରପତି ଏହାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ କାରାଦଣ୍ଡ ସହ ୩ ଲକ୍ଷ ୬୦ ହଜାର ଟଙ୍କା ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନାଦେୟ ଅଧିକ ୨ ମାସର କାରାଦଣ୍ଡ ଭୋଗିବେ। ଆସାମୀ ଜଣକ ହେଲେ ବେତନଟୀ ଥାନା ଅନ୍ତର୍ଗତ ମଧୁନଣ୍ଡା ଅଞ୍ଚଳର ପ୍ରମୋଦ ମହାନ୍ତି। ଶ୍ରୀ ମହାନ୍ତି ବ୍ୟବସାୟ ନିମନ୍ତେ ବେତନଟୀସ୍ଥିତ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରୁ ୧ ଲକ୍ଷ ୮୦ ହଜାର ଟଙ୍କା ଋଣ ନେଇଥିଲେ। ଋଣ ପରିଶୋଧ ନିମନ୍ତେ ୨ ଲକ୍ଷ ୧୩ ହଜାର ୯୩୨ ଟଙ୍କାର ଏକ ବ୍ୟାଙ୍କ ଚେକ ପ୍ରଦାନ କରିଥିଲେ। ତେବେ ଉକ୍ତ ଚେକର ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନ ଥିବାରୁ ବାଉନ୍ସ ହୋଇଯାଇଥିଲା। ତେବେ ଏହାକୁ ନେଇ ପରିଚାଳନା ନିର୍ଦ୍ଦେଶକ ଏସଡିଜେଏମ କୋର୍ଟରେ ମାମଲା ରୁଜୁ ହୋଇଥିଲା। ପ୍ରମାଣକୁ ଭିତ୍ତିକରି ବିଚାରପତି ଶୁଣାଣି କରିଥିଲେ। ଉକ୍ତ ମାମଲାକୁ ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ପରିଚାଳନା କରୁଥିଲେ।

## ଦେଶୀମଦ ସହ ବାଇକ୍ ଜବତ; ୨ ଗିରଫ

**ରାଇରଙ୍ଗପୁର, ୫।୮ (ସମିସ):** ମୟୂରଭଞ୍ଜ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧୀକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ସହରାଞ୍ଚଳ ଥାନା ଅନ୍ତର୍ଗତ ମହିଷାନେଦା ଗ୍ରାମରେ ଚଢଉ କରାଯାଇ ୧୦୦ ଲିଟର ଦେଶୀ ରନ୍ଧାମଦ ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ଏହି କାରବାରରେ ସାମିଲ ଥିବା ପିଠାକୁଟୁଣୀ ଗ୍ରାମର ମକରା ମାହାଲି ଓ ଗୁରୁବା ମାହାଲିକୁ ଗିରଫ କରିଛି ଅବକାରୀ ବିଭାଗ। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

## ତାଲା ଭାଙ୍ଗି ଦୋକାନରୁ ଚୋରି

**ବାରିପଦା, ୫।୮ (ସମିସ):** ରାତିରେ ଦୋକାନରୁ ଚୋରି ହୋଇଥିବା ନେଇ ସୁନଗଡ଼ିଆ ଅଞ୍ଚଳର ସରୋଜ କୁମାର ସେଠୀ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ପ୍ରତିଦିନ ଭଳି ରାତିରେ ଦୋକାନ ବନ୍ଦ କରିଥିଲେ। ରାତିରେ ଜନଶୂନ୍ୟ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଦୋକାନର ତାଲା ଭାଙ୍ଗି ଟଙ୍କା ଓ ସାମଗ୍ରୀ ନେଇ ପଳାଇଛନ୍ତି। ସକାଳୁ ଶ୍ରୀ ସେଠୀ ଦୋକାନ ଖୋଲିବା ବେଳକୁ ଚୋରି ନେଇ ଜାଣିବାକୁ ପାଇଥିଲେ। ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

## ବାରୁଣେଶ୍ୱର ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ




**ବାରିପଦା, ୫।୮ (ସମିସ):** ମଧୁବନ ବାରୁଣେଶ୍ୱର ଦୁର୍ଗା ମଣ୍ଡପ ସଭା ଗୃହରେ ଦୁର୍ଗାପୂଜା କମିଟିର ସଭାପତି ଡ.କୁଞ୍ଜବନ ପୃଷ୍ଟିଙ୍କ ପୌରୋହିତ୍ୟ ଏବଂ ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ସୁପରିଚାଳନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ କମିଟିର ଶତାଧିକ ସଦସ୍ୟ ଯୋଗଦେଇ ଚଳିତ ବର୍ଷ ଦୁର୍ଗାପୂଜା ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ପାତ୍ର ଗତବର୍ଷ ପୂଜାର ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଅଷ୍ଟମୀ ଓ ନବମୀ ଦୁଇ ଦିନ ଭଜନ ସନ୍ଧ୍ୟା ଆୟୋଜନର ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ରଘୁନାଥ ପଣ୍ଡା, ଉପସଭାପତି ନନୀଗୋପାଳ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ବିଜୟ କୁମାର ଲେଙ୍କା, ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନା, ଅର୍ଥ ପରାମର୍ଶଦାତା ରବୀନ୍ଦ୍ର ନାୟକ ପ୍ରମୁଖ ସୁଚିନ୍ତିତ ମତାମତ ଦେଇଥିଲେ। ମୟୂରଭଞ୍ଜ ବରିଷ୍ଠ ନାଗରିକ କମିଟି ସଭାପତି ଡ଼.ଯୋଗେନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୁଦ୍ର ଚଳଚ୍ଚିତ୍ର 'ଆନ୍ଦୋଳନ'ର ପ୍ରଥମ ପୋଷ୍ଟର ଓ ସଙ୍ଗୀତ ରିଲିଜ



**ବାରିପଦା, ୫।୮ (ସମିସ):** ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଶିମିଳିପାଳ ସୁରକ୍ଷାର ବାର୍ତ୍ତା ଦେଇ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର 'ଆନ୍ଦୋଳନ' ପ୍ରଥମ ପୋଷ୍ଟର ଓ ସଙ୍ଗୀତ ରିଲିଜ ହୋଇଛି। ମଧୁବନସ୍ଥିତ ମା' ଭୈରବୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ପୂଜାର୍ଚ୍ଚନା କରି କଳିଙ୍ଗ କେଶରୀ ଜେନାଙ୍କ ଦ୍ୱାରା ରିଲିଜ ହୋଇଛି। ଜିଲ୍ଲାର ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ଅଞ୍ଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ସେନେଇ ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ଜନସଚେତନତା ଉଦ୍ଦେଶ୍ୟରେ ଏହି ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି। ଆସନ୍ତା ୨୦ ତାରିଖରେ ଏହି ଚଳଚ୍ଚିତ୍ର ରିଲିଜ ହେବାକୁ ଯାଉଛି। ଏଥିରେ ସଂଗଠନ ପଦାଧିକାରୀଙ୍କ ସହ ଚଳଚ୍ଚିତ୍ର ଲେଖକ, ନିର୍ଦ୍ଦେଶକ ଏବଂ କଳାକାର ଉପସ୍ଥିତ ଥିଲେ।

'ବିକଶିତ ଗାଁ ବିକଶିତ ଓଡ଼ିଶା'ରେ ସରପଞ୍ଚଙ୍କୁ ଅଣଦେଖା

## ଜିଲ୍ଲାପାଳଙ୍କୁ ଫେରାଦ ହେଲା ସଂଘ



**ବାରିପଦା, ୫।୮ (ସମିସ):** ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପଗୁଡିକରେ ସରପଞ୍ଚମାନଙ୍କୁ ପ୍ରଶାସନ ସ୍ତରରେ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୭ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରତି ପଞ୍ଚାୟତରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' (ବିଜିବିଓ) ପ୍ରକଳ୍ପ ନିମନ୍ତେ ୫୦ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି। ଏହି ଅର୍ଥରେ ପ୍ରତି ଗ୍ରାମରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ପଲ୍ଲୀସଭା ଓ ଗ୍ରାମସଭା ଆୟୋଜନ କରାଯାଇଥିଲା। ଏଥିରେ ଲୋକଙ୍କ କଲ୍ୟାଣ ପାଇଁ ତୃଣମୂଳ ସ୍ତରରୁ ପ୍ରକଳ୍ପ ସଂଗ୍ରହ କରାଯାଇ ମଞ୍ଜୁର ନିମନ୍ତେ ବ୍ଲକ ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ଗୁଡିକ ମଞ୍ଜୁର ହୋଇ ଆସିବା ପରେ ବ୍ଲକ ପ୍ରଶାସନ ଜରିଆରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ସରକାରଙ୍କ ପକ୍ଷରୁ ପିଆରଆଇ ମେମ୍ବରମାନଙ୍କୁ ଏଡାଇ ଦେବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଅଭିଯୋଗପତ୍ରରେ ଦର୍ଶାଇଯାଇଛି। ପ୍ରକଳ୍ପ ଗୁଡିକର ସଫଳତା ପାଇଁ ସରପଞ୍ଚଙ୍କୁ ପ୍ରାଥମିକତା ଦିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଜିଲା ସଭାପତି ଖଗେଶ୍ୱର ସିଂ, ଉପସଭାପତି ସମବାରୀ ସିଂ, ହରିଶଚନ୍ଦ୍ର ମୁର୍ମୁ, ଦାନ୍ଦୁ ମୁର୍ମୁ, ଅନୁପ ସିଂ, ପୂର୍ବତନ ସରପଞ୍ଚ ନରେନ୍ଦ୍ର ସିଂ ଓ ଲୋକେଶ୍ୱର ନାଏକ ପ୍ରମୁଖ ଚେତାବନୀ ଦେଇଛନ୍ତି।




## ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବିରେ ଗଣଧାରଣା ଜାରି




**କରଞ୍ଜିଆ, ୫।୮ (ସମିସ):** ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବିରେ ପ୍ରଗତି ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ଠାକୁରମୁଣ୍ଡା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପଦ୍ମଲୋଚନ ନନ୍ଦଙ୍କ ନେତୃତ୍ୱରେ ମାରୱାଡ଼ି ଯୁବାମଞ୍ଚର ସଭାପତି ଅଭିଷେକ ଅଗ୍ରୱାଲା ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ସବିତା ମହାନ୍ତି ପ୍ରମୁଖ ଧାରଣା ଦେଇଥିଲେ। ଉପଖଣ୍ଡର ସଦର ମହକୁମାରେ ଏଡିଏମ୍, ଏଆରଟିଓ, ଅତିରିକ୍ତ ଏସ୍‌ପି କାର୍ଯ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଆଦି ଖୋଲିବା ସହିତ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇ ଦେବାକୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ଶୁଣୁ ନ ଥିବା ମଞ୍ଚ ଅଭିଯୋଗ କରିଛି। ଦାବି ପୂରଣ ନ ହେବାରୁ ମଞ୍ଚ ପକ୍ଷରୁ ଗତ ୨ ତାରିଖରୁ ଗଣଧାରଣା ଚାଲିଛି। ଆଜି ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସଂଘର ସର୍ବେଶ୍ୱର ମିଶ୍ର, ଅଭିମନ୍ୟୁ ତ୍ରିପାଠୀ, ନଳିନ ଚନ୍ଦ୍ର ଘଣା, ଗୋରୀଶଙ୍କର ସିନା, ଦୁର୍ଗାପ୍ରସାଦ ଦାସ, ଇଟରନିଟିର ସମ୍ପାଦକ ହରେକୃଷ୍ଣ ମହାନ୍ତ, ଗୌରାଙ୍ଗ ବାରିକ, ସିଦ୍ଧାର୍ଥ ରାୟ, ଆଇନଜୀବୀ ଜଗମୋହନ ମହାନ୍ତ ପ୍ରମୁଖ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ରହି ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା ଦାବି ଆନ୍ଦୋଳନରେ ସାମିଲ ହୋଇଥିଲେ।

ବାହାର ଜିଲ୍ଲା ଶିକ୍ଷକଙ୍କ ଓଡ଼ିଆ ବୁଝିପାରୁନାହାନ୍ତି ଆଦିବାସୀ ପିଲା

## ଅଧାରୁ ପାଠ ଛାଡୁଛନ୍ତି ଛାତ୍ରଛାତ୍ରୀ

**ବାରିପଦା, ୫।୮ (ସମିସ):** ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣାତ୍ମକ ବିକାଶ ଲାଗି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି; ହେଲେ ଶିକ୍ଷକ/ଶିକ୍ଷୟିତ୍ରୀ ଅଭାବରୁ ଶିକ୍ଷାର ମାନ ବୃଦ୍ଧି ହେବା ପରିବର୍ତ୍ତେ ନିମ୍ନଗାମୀ ହେବାରେ ଲାଗିଛି। ମୟୂରଭଞ୍ଜ ଜିଲ୍ଲାରେ ଜନସଂଖ୍ୟାର ସିଂହଭାଗ ଏଠି ଆଦିବାସୀଙ୍କ ସଂଖ୍ୟା। ତେବେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ପ୍ରାଥମିକ ସ୍କୁଲରେ ନିଯୁକ୍ତି ପ୍ରାପ୍ତ ବାହାର ଜିଲ୍ଲା କିମ୍ବା ରାଜ୍ୟର ଅନ୍ୟ ଅଞ୍ଚଳର ଅଧିକାଂଶ ଶିକ୍ଷକ-ଶିକ୍ଷୟତ୍ରୀ ନିଜ ଭାଷାରେ ଦେଉଥିବା ଶିକ୍ଷାଦାନକୁ ବୁଝିପାରନ୍ତି ନାହିଁ ସ୍ଥାନୀୟ ବିଦ୍ୟାର୍ଥୀ। ତେଣୁ ଅନେକ ପିଲା ଅଧାରୁ ପାଠ ଛାଡି ଦିଅନ୍ତି କିମ୍ବା ସ୍କୁଲକୁ ଯାଆନ୍ତି ନାହିଁ। ଜିଲ୍ଲାର ଆଦିବାସୀ ପିଲାଙ୍କୁ ତାଙ୍କ ଭାଷାରେ ବୁଝାଇ ସ୍କୁଲ ପର୍ଯ୍ୟନ୍ତ ନେବାରେ ଜିଲ୍ଲାର ଶିକ୍ଷକଶିକ୍ଷୟିତ୍ରୀ ପାରଙ୍ଗମ। ମାସ୍ ଆଦିବାସୀ ରିଭଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସେନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ଦାବି ଅନୁସାରେ ମାରିସା ୫୦ ଜଣ ସ୍ୱେଚ୍ଛାସେବୀ ସ୍ଥାନୀୟ ପିଲାଙ୍କୁ ମାଗଣାରେ ଟ୍ୟୁସନ ଦେଇ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରୁଛି। ମୟୂରଭଞ୍ଜ ଭଳି ଆଦିବାସୀ ଅଞ୍ଚଳରେ ଶିକ୍ଷାଦାନ ସ୍ଥିତି ଅତି ନୈରାଶଜନକ। ଆଦିବାସୀ ଭାଷା କହୁଥିବା ଯୁବ ଗୋଷ୍ଠୀଙ୍କୁ ଶିକ୍ଷକ ଭାବରେ ନିଯୁକ୍ତି ବଦଳରେ ବାହାରୁ ଶିକ୍ଷକ ଆସୁଥିବା ପ୍ରାଥମିକ ସ୍କୁଲରେ ଭାଷାଗତ ସମସ୍ୟା ଲାଗି ରହୁଛି। ଏଥିପ୍ରତି ସରକାର ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଅବସ୍ଥା ଆହୁରି ଗୁରୁତର ହେବ ବୋଲି ଶ୍ରୀ ମୁର୍ମୁ କହିଛନ୍ତି। ସୂଚନା ଥାଉକି, ଅଧାରୁ ପାଠ ଛାଡ଼ିବାରେ ଓଡ଼ିଶା ଦେଶରେ ପ୍ରଥମ ଏବଂ ମୟୂରଭଞ୍ଜ ରାଜ୍ୟରେ ପଞ୍ଚମ। ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାନୀୟ ଅଞ୍ଚଳର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପିଲା କମୁଥିବା ସ୍କୁଲରେ ନିଯୁକ୍ତି ଦେବା ଜରୁରୀ ବୋଲି ସେ କହିଛନ୍ତି।



## କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଫଳାଫଳ ଘୋଷଣା

# କ୍ଲାସିକାଲରେ ସେକ୍ଟର -୨ ଓ ଷ୍ଟିଲ୍‌ଟାଉନ୍‌ସିପ୍ ଜୋନ୍‌ରେ ସେକ୍ଟର-୨୦ ପ୍ରଥମ

ରାଉରକେଲା, ୫।୮ (ସମିସ)




ଗତବର୍ଷ କେନ୍ଦ୍ରୀୟ ପୂଜା କମିଟି(ସିପିସି) ପକ୍ଷରୁ ରାଉରକେଲା ସହରରେ ଅନୁଷ୍ଠିତ ହୋଇଥିବା ସାର୍ବଜନୀନ ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା ଓ କାଳୀପୂଜାର ବିଜେତା କମିଟିମାନଙ୍କ ଫଳାଫଳ ଘୋଷଣା କରାଯାଇଛି। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ପାନପୋଷ ଆଇଟିଡିଏ ହଲଠାରେ ସିପିସି ସାଧାରଣ ସମ୍ପାଦକ ମୁକ୍ତକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ରାଉରକେଲା ତହସିଲଦାର ସଲମା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗତବର୍ଷ ସହରର ଅନୁଷ୍ଠିତ ୩ଟି ପୂଜାର ଉଭୟ କ୍ଲାସିକାଲ ଓ ଓରିଏଣ୍ଟାଲ ବିଭାଗର ଫଳାଫଳ ଘୋଷଣା କରାଯାଇଥିଲା। ମୁକ୍ତକାନ୍ତ ବେହେରାଙ୍କ ଦ୍ୱାରା ମୂଲ୍ୟାୟନ ହୋଇଥିବା କୃତୀ କମିଟିମାନଙ୍କର ନାମ ଘୋଷଣା କରିଥିଲେ। ସାର୍ବଜନୀନ ଦୁର୍ଗାପୂଜା ପାଇଁ କ୍ଲାସିକାଲ ଗ୍ରୁପ୍‌ରେ ଷ୍ଟିଲ ଟାଉନସିପ ଜୋନରେ ସେକ୍ଟର - ୨ ଦୁର୍ଗା ପୂଜା କମିଟିର ମୂର୍ତ୍ତି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସେକ୍ଟର - ୧(ପୁରୁଣା) ଦ୍ୱିତୀୟ ଏବଂ ସେକ୍ଟର - ୮ ଦୁର୍ଗା ପୂଜା କମିଟିର ମୂର୍ତ୍ତି ତୃତୀୟସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି ସିଭିଲ ଟାଉନସିପ ଜୋନ୍‌ରେ ପାନପୋଷ ଛକ ଦୁର୍ଗାପୂଜା କମିଟି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଏସ୍‌ଏପି ୪ର୍ଥ ବାଟାଲିୟନ ଦ୍ୱିତୀୟ ଏବଂ ମାଲଗୋଦାମ ରୋଡ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ଫର୍ଟିଲାଇଜର ଟାଉନସିପ୍ ଜୋନ୍ ପାଇଁ ତରକେରା କଲୋନୀ ପୂଜାକମିଟି ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ଆଇଡିଏଲ୍ କଲୋନୀ କମ୍ୟୁନିଟି ସେଣ୍ଟର ପୂଜା କମିଟି ଦ୍ୱିତୀୟ ଏବଂ ବାଲିଯୋଡି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସାର୍ବଜନୀନ ଦୁର୍ଗାପୂଜା ପାଇଁ ଓରିଏଣ୍ଟାଲ ଗ୍ରୁପରେ ଷ୍ଟିଲ ଟାଉନସିପ ଜୋନରେ ସେକ୍ଟର - ୨୦ ଦୁର୍ଗା ପୂଜା କମିଟିର ମୂର୍ତ୍ତି ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ସେକ୍ଟର - ୩ ଦ୍ୱିତୀୟ ଏବଂ ସେକ୍ଟର - ୭ ଦୁର୍ଗା ପୂଜା କମିଟିର ମୂର୍ତ୍ତି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି ସିଭିଲ ଟାଉନସିପ ଜୋନ୍‌ରେ ଟ୍ରାଫିକ ଗେଟ୍ ଦୁର୍ଗାପୂଜା କମିଟି ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ଉଦିତନଗର ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଅଫିସ ଦ୍ୱିତୀୟ ଏବଂ ବିଶ୍ରା ରୋଡ୍ ମଧୁସୂଦନମାର୍ଗ ତୃତୀୟ ସ୍ଥାନ ଅଧିକାର କରିଛି। ଫର୍ଟିଲାଇଜର ଟାଉନସିପ ଜୋନ୍ ପାଇଁ ଫର୍ଟିଲାଇଜର କମ୍ୟୁନିଟି ସେଣ୍ଟର ପୂଜା କମିଟି ପ୍ରଥମସ୍ଥାନ ଅଧିକାର କରିଥିବାବେଳେ କନଷ୍ଟ୍ରକସନ୍ କଲୋନୀ ଓ ଦେଓଗାଁ କ୍ରିଏଟିଭ କ୍ଲବ୍ ପୂଜା କମିଟି ଯୁଗ୍ମ ଦ୍ୱିତୀୟ ଏବଂ ଜଳଦା ସି ବ୍ଲକ ତୃତୀୟସ୍ଥାନ ଅଧିକାର କରିଛି। ସେହିପରି ଷ୍ଟିଲ ଟାଉନସିପ ଲକ୍ଷ୍ମୀ ପୂଜାର କ୍ଲାସିକାଲ ଗ୍ରୁପରେ ସେକ୍ଟର -୨ ଏନଏସି ମାର୍କେଟ ପ୍ରଥସ୍ଥାନ ଅଧିକାର କରିଥିବାବେଳେ ଦ୍ୱିତୀୟ ସେକ୍ଟର-୮ ଗୁମୁଟି ମାର୍କେଟ ଓ ସେକ୍ଟର -୧୭ ଲକ୍ଷ୍ମୀ ମାର୍କେଟ, ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି ସିଭିଲ ଟାଉନସିପ ଜୋନ୍‌ରେ କେଶରୀ ନଗର ପ୍ରଥମ, ବାସନ୍ତୀ କଲୋନୀ ଶିଶୁ ସଦନ ମାର୍କେଟ ଦ୍ୱିତୀୟ ଓ ଉଦିତ ନଗର ତପସ୍ୱନୀ ମାର୍କେଟ ତୃତୀୟସ୍ଥାନ ହାସଲ କରିଥିବା ବେଳେ ଫର୍ଟିଲାଇଜର ଟାଉନସିପ ଜୋନ ପାଇଁ ନାରାୟଣ ମାର୍କେଟ ନିୟୁ ବି ପ୍ରଥମ, ଲୋକନାଥ ମାର୍କେଟ ବି ଦ୍ୱିତୀୟ ଓ ନାରାୟଣୀ ମାର୍କେଟ ଏ (ପୁରୁଣା) ତୃତୀୟସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି କାଳୀପୂଜାରେ ଷ୍ଟିଲ ଟାଉନସିପ ଜୋନରେ ସେକ୍ଟର - ୧ ଏଚ୍ ବ୍ଲକ ପ୍ରଥମ, ସେକ୍ଟର - ୧୯ ଇସ୍ପାତ ମାର୍କେଟ ଦ୍ୱିତୀୟ, ସେକ୍ଟର-୧ ସିଟି ମାର୍କେଟ ତୃତୀୟସ୍ଥାନ ଅଧିକାର କରିଛନ୍ତି। ସିଭିଲ ଟାଉନସିପ ଜୋନ୍ ପାଇଁ ବିରଜାପାଲି ପ୍ରଥମ, ଡେଲି ମାର୍କେଟ ଦ୍ୱିତୀୟ, ବନ୍ଧମୁଣ୍ଡା ସେକ୍ଟର ସି ତୃତୀୟ ସ୍ଥାନ ଅଧିକାର କରିଛି। ଫର୍ଟିଲାଇଜର ଜୋନରେ ଗଞ୍ଜୁ ମାର୍କେଟ ପ୍ରଥମ, ଉପର ବାଲିଜୁଡ଼ି, ଜଳଦା ଦ୍ୱିତୀୟ ଏବଂ ଦେଓଗାଁ ତୃତୀୟସ୍ଥାନ ହାସଲ କରିଥିବା ସୂଚନା ମିଳିଛି। ସେହିପରି ସାର୍ବଜନୀନ ଦୁର୍ଗା ପୂଜାର ଟ୍ରାଡିସନାଲ ଗ୍ରୁପରେ ବନ୍ଧମୁଣ୍ଡା ଡିଜେଲ କଲୋନୀ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଶିବ ମନ୍ଦିର ନିକଟ ମଧୁସୂଦନପାଲ୍ଲୀ ଦ୍ୱିତୀୟ ଓ ପୁରୁଣା ଷ୍ଟେସନ ରୋଡ, ଦାଣ୍ଡିଆପାଲି ଦୟାନନ୍ଦ ନଗର ତୃତୀୟ ସ୍ଥାନ ହାସଲ କରିଥିବା ସୂଚନା ମିଳିଛି। କମ୍ୟୁନିଟି ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ବଣାଇଁରେ ଦନ୍ତା ଆତଙ୍କ

# ରାତିରେ ଘଉଡ଼ାଇଲେ, ସକାଳୁ ପୁଣି ହାଜର



**ବଣାଇଁ, ୫।୮ (ସମିସ):** ବଣାଇ ରେଞ୍ଜର ଧରିଣୀଧରପାଲି ସେକ୍ସନରେ ୩ ଗୋଠଛଡ଼ା ଦନ୍ତା ହାତୀଙ୍କ ଗତିବିଧି ବଢ଼ିଥିବାରୁ ସ୍ଥାନୀୟ ଗ୍ରାମବାସୀ ଓ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। ବନବିଭାଗ ହାତୀ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରୁନାହିଁ। ରାତିରେ ଘଉଡ଼ାଇଲେ ଥିଲେ ମଧ୍ୟ ସକାଳୁ ପୁଣି ଥରେ ଫେରି ଆସୁଛନ୍ତି। ଯାହା ଫଳରେ ହାତୀ ଘଉଡ଼ାଇବାକୁ ନୟାନ୍ତ ହେଲାଣି ବନ ବିଭାଗ। କିଛିଦିନ ହେବ ବଣାଇ ରେଞ୍ଜର ବିଭିନ୍ନ ଗ୍ରାମରେ ଦୁଇଟି ହାତୀ ଘର ଭାଙ୍ଗିବା ସହିତ ଧାନ ଫସଲ ନଷ୍ଟ କରୁଥିଲେ। ଦୁଇ ହାତୀଙ୍କ ଉପଦ୍ରବ ଯୋଗୁଁ ସ୍ଥାନୀୟ ଗ୍ରାମବାସୀ ଓ ଚାଷୀ ଚିନ୍ତାରେ ରହିଥିବା ବେଳେ ଗତକାଲି ପୁଣି ଆଉ ଏକ ହାତୀ ବଣାଁଇ ରେଞ୍ଜର ପ୍ରବେଶ କରିଛି। ତିନୋଟି ହାତୀ ମିଶି ଯାଇଥିବାରୁ ବନବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ବନ ବିଭାଗ କର୍ମଚାରୀ ସାରା ରାତି ଅନିଦ୍ରା ରହି ହାତୀକୁ ଟ୍ରାକ୍ କରିବା ସହ ଘଉଡ଼ାଇବା ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ହାତୀ ଖାଦ୍ୟ ଅନ୍ୱେଷଣରେ ବିଭିନ୍ନ ଗ୍ରାମରେ ପଶି ଲୋକଙ୍କ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇବା ସହିତ ଲୋକଙ୍କ ଧାନ ଫସଲ ନଷ୍ଟ କରୁଥିବା ଜଣା ପଡ଼ିଛି। ଦିନରେ ଧରଣୀଧର ପାଲି ସେକ୍ସନ ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁରେ ପଶି ଲୋକଙ୍କ ଘର ଭାଙ୍ଗୁଛି। ଯଥାଶୀଘ୍ର ହାତୀକୁ ଜଙ୍ଗଲକୁ ସ୍ଥାନାନ୍ତରିତ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ସେକ୍ଟର- ୯ ନାବାଳିକା ନିଖୋଜ ଘଟଣା

# ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲା ଜିଲ୍ଲା କଂଗ୍ରେସ



**ରାଉରକେଲା, ୫।୮ (ସମିସ):** ରାଉରକେଲା ସେକ୍ଟର- ୯ ଅଞ୍ଚଳର ଜଣେ ନାବାଳିକା ଗତ ୨୦ ତାରିଖରୁ ନିଖୋଜ ହୋଇଥିବାନେଇ ଥାନାରେ ଅଭିଯୋଗ ହୋଇଥିଲା। ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହେଲାପରେ ଝିଅର ପିତା-ମାତା କଂଗ୍ରେସର ସହାୟତା ଲୋଡ଼ିଥିଲେ। ଜିଲ୍ଲା କଂଗ୍ରେସ କମିଟିର ସଭାପତି ଜ୍ଞାନେନ୍ଦ୍ର ଦାସ ଝିଅର ପରିବାର ସହ ଘଟଣା ସମ୍ପର୍କରେ ପଚାରି ବୁଝିବା ସହିତ ସେକ୍ଟର - ୭ ଏବଂ ସେକ୍ଟର - ୧୫ ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ନିଖୋଜ ଝିଅକୁ ଖୋଜିବାରେ ପୁଲିସର ସେମିତି କିଛି ତତ୍ପରତା ନଥିବା ଅଭିଯୋଗ ନେଇ ଆଜି ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମାକାନ୍ତ ସାହୁଙ୍କୁ ସାକ୍ଷାତକରି ଆଲୋଚନା କରିଥିଲେ। ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ଖୁବଶୀଘ୍ର ଏକ ସ୍ୱତନ୍ତ୍ର ଟିମ ଗଠନକରି ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ନିଖୋଜ ଝିଅଟିକୁ ଉଦ୍ଧାର କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସାହୁ ଆଶ୍ୱାସନା ଦେଇଥିଲେ। କଂଗ୍ରେସର ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ଗଣେଶ ପ୍ରଧାନ, ବ୍ଲକ ସଭାପତି ହରପ୍ରସାଦ ସାମଲ, ରଘୁନାଥ ଦାସ, ବରିଷ୍ଠ ନେତା ରମାନନ୍ଦ ଶ୍ରୀଚନ୍ଦନ, ସୁନୀଲ ପଟ୍ଟନାୟକ, ବିଜୟ ଆପଟ, ସୁଧୀର ନାଥ, ନବାବ ଅଖତାର, ନାରୀନେତ୍ରୀ ରଞ୍ଜିତା ମଲ୍ଲିକ, ଲକ୍ଷ୍ମୀପ୍ରିୟା ରାଉତ ଏବଂ ଯୁବ କଂଗ୍ରେସ ନେତା ଇସ୍ତେହାର ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ‘ବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କୁ ଗେରୁଆକରଣରୁ ସରକାର କ୍ଷାନ୍ତ ରୁହନ୍ତୁ’

**ରାଉରକେଲା, ୫।୮ (ସମିସ):** ଓଡ଼ିଶା ଗଣଶିକ୍ଷା ବିଭାଗ ଛାତ୍ରଛାତ୍ରୀଙ୍କ ପୋଷାକ ରଙ୍ଗ ଗେରୁଆ କରିବା ସହ ସେମାନଙ୍କୁ ଗେରୁଆ ରଙ୍ଗର ପରିଚୟପତ୍ର ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକର ମଲାଟକୁ ଗେରୁଆ ରଙ୍ଗ କରାଯାଇଛି। ବିଦ୍ୟାଳୟଗୁଡ଼ିକର କୋଠାବାଡ଼ି ରଙ୍ଗ ଗେରୁଆ ହେଉଛି। ଇତିମଧ୍ୟରେ ନବମ ଓ ଦଶମ ଛାତ୍ରଛାତ୍ରୀଙ୍କୁ ଗେରୁଆରଙ୍ଗର ପୋଷାକ ବଣ୍ଟାଯାଇଛି। ରଙ୍ଗ ପରିବର୍ତ୍ତନ କରି ଦେଲେ ଶିକ୍ଷାଦାନର ମାନବୃଦ୍ଧି ହେବ କି ବୋଲି ପ୍ରଶ୍ନ କରିବା ସହ ରାଜ୍ୟ ସରକାର ଏଥିରୁ କ୍ଷାନ୍ତ ରୁହନ୍ତୁ ବୋଲି ଭାରତର ଛାତ୍ର ଫେଡେରେସନ୍ (ଏସଏଫ୍‌ଆଇ) ଓଡ଼ିଶା ରାଜ୍ୟ କମିଟିର ଛାତ୍ରୀ ନେତ୍ରୀ ପ୍ରୀତି ବାର୍ଲା ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଏହାର ସମସ୍ତ ଛାମୁଆ ସଂଗଠନର ପତାକା ରଙ୍ଗ ଗେରୁଆ କରାଯାଇଛି। ସେହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କୁ ଗେରୁଆ ରଙ୍ଗରେ ପ୍ରଭାବିତ କରି ଧାର୍ମିକ ଉଦବେଳନ ସୃଷ୍ଟି କରିବାକୁ ଚାହୁଁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ରାଉରକେଲା ମୁନିସିପାଲ୍ କର୍ପୋରେସନ ଏମ୍ପ୍ଲଇଜ୍ ୟୁନିୟନ୍‌ର କର୍ମକର୍ତ୍ତା ନିର୍ବାଚନ




**ରାଉରକେଲା, ୫।୮ (ସମିସ):** ରାଉରକେଲା ମୁନିସିପାଲ୍ କର୍ପୋରେସନ ଏମ୍ପ୍ଲଇଜ୍ ୟୁନିୟନ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ ସମ୍ପନ୍ନ ହୋଇଛି। ସୋମବାର ସନ୍ଧ୍ୟାରେ ଉଦିତନଗର ସ୍ଥିତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଏ ବାବଦରେ ଏକ ବୈଠକରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଏହି ନିର୍ବାଚନରେ ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ମହାନ୍ତି ନୂତନ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଓଡ଼ିଶା ମ୍ୟୁନିସିପାଲ କର୍ମଚାରୀ ମହାସଂଘ ସାଧାରଣ ସମ୍ପାଦକ ପ୍ରମୋଦ ପଟ୍ଟନାୟକ କାର୍ଯ୍ୟକାରୀ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ଉପ ସଭାପତି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ପ୍ରତିନିଧି ରଞ୍ଜିତ ନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ପ୍ରକାଶ ପାଣ୍ଡ୍ୱନ୍ ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ଅଞ୍ଜନ କୁମାର ଦାସ ଏବଂ କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ରସାନନ୍ଦ ନାୟକ, କୋଷାଧ୍ୟକ୍ଷ ରାଜେଶ୍ ସାହୁ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବେ ଇଶ୍ରାର ଆଲମ୍ ଖାନ୍, ସଂଗଠନ ସମ୍ପାଦକ ଧରଣୀଧର ବେହେରା, ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ଦାସ, ପ୍ରଦୀପ ପାଣିଗ୍ରାହୀ, ନିର୍ବାଚିତ ହୋଇଛନ୍ତି। ସଂଘର ଅଡିଟର୍ ଭାବେ ଶୈଳବାଳା ଦାସଙ୍କ ନାମ ଘୋଷଣା କରାଯାଇଥିଲା। ଏହି ବୈଠକରେ ପୂର୍ବତନ ନଗରପାଳ ତଥା ମ୍ୟୁନିସିପାଲଟି କର୍ମଚାରୀ ସଂଘର ପୂର୍ବତନ ସଭାପତି କାଳନ୍ଦୀ ବଡ଼ଜେନା ବିଶେଷ ଅତିଥିଭାବେ ଯୋଗ ଦେଇଥିଲେ। ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା।

## ବଣାଇଁ ଉପଖଣ୍ଡଗସ୍ତରେ ଜିଲ୍ଲାପାଳ

# ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ସମୀକ୍ଷା



**ବଣାଇଁ, ୫।୮ (ସମିସ):** ବଣାଇଁ ଉପଖଣ୍ଡ ଗସ୍ତରେ ଆସିଥିବା ନବ ନିଯୁକ୍ତ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ୧୪ ଘଣ୍ଟିଆ ମାରାଥନ ସମୀକ୍ଷା କରି ଫେରିଥିବା ଜଣାପଡ଼ିଛି। ମଙ୍ଗଳବାର ବଣାଇଁ ଉପଖଣ୍ଡ ସଦର ମହକୁମାରେ ଥିବା ବିଭିନ୍ନ ପ୍ରକଳ୍ପ ଯଥା ହକି ଷ୍ଟାଡିୟମ୍, ଶ୍ମଶାନ କମ୍ପ୍ଲେକ୍ସ, ବାବା ବାଣେଶ୍ୱର ମନ୍ଦିର ଦେଖିବାପରେ ଚିକିତ୍ସାଳୟରେ ପହଁଞ୍ଚି ରୋଗୀଙ୍କ ଅବସ୍ଥା ତଦାରଖ କରିଥିଲେ। ପରେବିଜୁ ପାର୍କ ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ ଗୁରୁଣ୍ଡିଆ ବ୍ଲକର ଝାରବେଡ଼ା, ରୁକୁଡ଼ା ସେଚ ପ୍ରକଳ୍ପ, ଗୁରୁଣ୍ଡିଆ ଆଦର୍ଶ ବିଦ୍ୟାଳୟ, ଗୁରୁଣ୍ଡିଆ ବାଳିକା ଉଚ୍ଚ ବିଦ୍ୟାଳୟ, ମିଶନ ଶକ୍ତି ମାର୍ଟ, ଓ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମୀକ୍ଷା କରି ଲହୁଣିପଡ଼ା ବ୍ଲକ ର ଖୁଣ୍ଟଗାଁ, ଖଣ୍ଡାଧାର ଜଳପ୍ରପାତରେ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ କୋଇଡ଼ାରେ ଚାଲିଥିବା ବିଭିନ୍ନ ଭିତ୍ତିଭୂମିର ତଦାରଖ କରିବା ସହିତ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷାକରି ଫେରିଛନ୍ତି। ଏହିସମୟରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ବଣାଇଁ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ସ୍ୱଦୀପ କୁମାର ଟପ୍ପୋଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ଅଭିଯାନ; ୬୦୦ କର୍ମଚାରୀଙ୍କ ଅଂଶଗ୍ରହଣ




**ରାଉରକେଲା, ୫।୮ (ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାର ସିଓ ଆଣ୍ଡ ସିସିଡି ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ସମେତ ପ୍ରାୟ ୬୦୦ ଜଣ କର୍ମଚାରୀ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏସପି-୧ ଛକରୁ ସିଓଆଣ୍ଡ ସିସିଡି ଛକ ସମେତ କୋକ୍ ଓଭନ୍ ବ୍ୟାଟେରୀ ୩ ର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଏକ ମାନବଶୃଙ୍ଖଳ ଗଠନ କରିଥିଲେ। ଏହି ଅବସରରେ ରାକେଶ ଯୋଶୀ ଏହି ଅଭିଯାନର ନେତୃତ୍ୱ ନେଇଥିବା ବେଳେ ଅପରେସନ ବିଭାଗର ଜିଏମ ଓ ଏଚଓଏସ କେ ଶ୍ରୀନିବାସୁଲୁ, ଇଲେକଟ୍ରିକାଲ ବିଭାଗର ଜିଏମ ଓ ଏଚଓଏସ ଏ କେ ବାରା, କୋକ ଓଭେନ ବିଭାଗର ଜିଏମ ଓ ଏଚଓଏସ ସଜଳ ଚନ୍ଦା, ଜିତେନ ମହାନ୍ତି, ଆବାକାସ ବେହେରାଙ୍କ ସମେତ ଉକ୍ତ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ। ସଡ଼କ ସୁରକ୍ଷା ଉପରେ ଆଧାରିତ ବାର୍ତ୍ତା ଏବଂ ସ୍ଲୋଗାନ ସହ ପ୍ଲାକାର୍ଡ ଓ ବ୍ୟାନର ପ୍ରଦର୍ଶିତ କରାଯିବା ସହିତ ପାମ୍ପଲେଟ୍ ବଣ୍ଟନ କରାଯାଇଥିଲା। ସୁରକ୍ଷା ଅଭ୍ୟାସକୁ ସୁଦୃଢ଼ କରିବା ଏବଂ କାରଖାନା ପରିସର ମଧ୍ୟରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତିକୁ ବଜାୟ ରଖିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ଟ୍ରାକ୍ଟର ଓ ସ୍କୁଟି ମୁହାଁମୁହିଁ ଧକ୍କା

**ବଣାଇଁ, ୫।୮ (ସମିସ):** ବଣାଇଁ ଥାନା ନରେନ୍ଦ୍ର -ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ଜୀବିକା ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ଟ୍ରାକ୍ଟରରେ ଲାଇଟ ନଥିବା ଯୋଗୁଁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଗୁରୁଣ୍ଡିଆ ପଟୁ ସଞ୍ଜୀବ ହେରେଞ୍ଜ (୪୫) କୌଣସି କାମରେ ବଣାଇଁ ଅଭିମୁଖେ ଆସୁଥିବାବେଳେ ଗୁରୁଣ୍ଡିଆ ଅଭିମୁଖେ ଯାଉଥିବା ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ଗୋଡ଼ କଟିଯାଇଥିଲା। ସ୍ଥାନୀୟଲୋଙ୍କ ସହାୟତାରେ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ହେଁ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

# ସୌରଚାଳିତ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

**ବଣାଇଁ, ୫।୮ (ସମିସ):** ବଣାଇଁ ବ୍ଲକ ଅଧୀନ ଶୁଣ୍ଠିକୋଣ ଠାରେ ବଣାଇଁ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଏଏମ / ଏନ୍‌ଏସ କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ତରଫରୁ ଲୋକ ମାନଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ପିଇବା ପାଇଁ ଆଜି ଏହି ପଦକ୍ଷେପ ନିଆଯାଇଛି। ମୁଖ୍ୟଅତିଥି ଭାବେ ବଣାଇଁ ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ୱାର୍ଡମେମ୍ବର ସେବତୀ କିଷାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ଲଳିତ ମୋହନ ପାତ୍ର ଓ କମ୍ପାନୀର କର୍ମଚାରୀ ଗଣ ଉପସ୍ଥିତ ଥିଲେ।

# ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ



**ରାଉରକେଲା, ୫।୮ (ସମିସ):** ସ୍ଥାନୀୟ କୋଏଲ ବିଦ୍ୟାପୀଠ ଓ ଓଡ଼ିଆ ଭାଷା ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ କୋଏଲ ବିଦ୍ୟାପୀଠରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ବିକାଶ ମଞ୍ଚର ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର କହିଲେ ପଣ୍ଡିତ ନୀଳକଣ୍ଠ ଦାସ ଅଗାଧ ଜ୍ଞାନର ଅଧିକାରୀ ପ୍ରଚଣ୍ଡ ପ୍ରତିଭାବାନ କବି। ପ୍ରବୀଣ ରାଜନୀତିଜ୍ଞ, ନିର୍ଭିକ ସମାଲୋଚକ, ପ୍ରାବନ୍ଧିକ, ସମାଜ ସଂସ୍କାରକ, ବାଗ୍ମୀ ପଣ୍ଡିତ ନୀଳକଣ୍ଠ ଦାସ। ସଭାପତି ଶ୍ରୀ ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସତ୍ୟବାଦୀ ବନ ବିଦ୍ୟାଳୟ ଓ ଏହାର ପ୍ରାଣ ପ୍ରତିଷ୍ଠାତା ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶ ଭାବଧାରା ନୀଳକଣ୍ଠଙ୍କୁ ଅଭିଭୂତ ଓ ଉଦବୁଦ୍ଧ କରିଥିଲା। ସତ୍ୟବାଦୀ ସାହିତ୍ୟର ମୁଖ୍ୟ ଆଭିମୁଖ୍ୟ ଥିଲା ଉଗ୍ରଜାତୀୟ ଚେତନା ଭାବ ଓ ଏ ସମ୍ପର୍କିତ ସାହିତ୍ୟ ସାଧନା ବୋଲି କହିଥିଲେ। ବିଦ୍ୟାଳୟର ଛାତ୍ର ସୌମ୍ୟ ରଞ୍ଜନ ବଳ, ଶୁଭମ୍ ଲେଙ୍କା, ଅଂଶୁମାନ ହାତୀ, ସୁପ୍ରଭା ପରିଡ଼ା, ବକ୍ତବ୍ୟ ରଖିଥିଲାବେଳେ ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ଦାସ, ଉପେନ୍ଦ୍ର ନାଥ ଷଡ଼ଙ୍ଗୀ ସଭାରେ ଉପସ୍ଥିତ ଥିଲେ। ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ସମ୍ବଲପୁରୀ ଦିନ୍

ରାଉରକେଲା, ୫।୮ (ସମିସ)



ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ତରଫରୁ ସମ୍ବଲପୁରୀ ଦିନ ସ୍ଥାନୀୟ ସିଭିକସେଣ୍ଟର୍ ଠାରେ ପାଳିତ ହୋଇଛି। ପ୍ରାରମ୍ଭରେ ପରିଷଦର ସଭାପତି ସ୍ୱରୁପ କୁମାର ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତଥା ନାଟ୍ୟକାର ନକୁଳବାଦୀ ସମ୍ବଲପୁରୀ ଦିନ୍ ପାଳନର ଆବଶ୍ୟକତା ଓ ମୌଳିକତା ସମ୍ପର୍କରେ ଆଲୋଚନା କରିଥିଲେ। ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରମେଶ ସୁନାଙ୍କ ନିର୍ଦ୍ଦେଶନାରେ ଲୀନା, ରାଜଶ୍ରୀ, ବନ୍ଦିତା, ସତ୍ୟ, ରବି, ସଞ୍ଜୀବ, ଆରାଧ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲାବେଳେ ବାଦ୍ୟଯନ୍ତ୍ରରେ ଟିକେଶ୍ୱର ଦାସ ଓ ସାଥୀ ସହଯୋଗ କରିଥିଲେ। ସମୀକ୍ଷା, ଆରାଧ୍ୟା, ଆୟୁସ୍ମିତା, ଅନ୍ୱେଷା, ଇଶିକା ପ୍ରମୁଖ ଲୋକନୃତ୍ୟ, ଶ୍ରୀସଙ୍ଗୀତ ଏକାଡେମୀ ଓ ସେକ୍ଟର - ୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଉମେଶ ବେହେରା ସହଯୋଗ କରିଥିଲେ। ଡାକ୍ତର ସୁବୋଧ ମେହେରଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ପୋଷାକକୁ ନେଇ ଏକ ରାମ୍ପ ଶୋ’ କରାଯାଇଥିଲା। ନାଟ୍ୟକାର ନକୁଳ ବାଦୀଙ୍କ ହାସ୍ୟ ବ୍ୟଙ୍ଗାତ୍ମକ ନାଟକ’ ରଜା ଖଡଖଜା’, ଡ. କିଶୋରୀ ଦାଶଙ୍କ ପରିକଳ୍ପିତ ନାଟକ ପରିବେଷଣ କରାଯାଇଥିଲା। ପ୍ରକାଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଶୁଭ୍ରାଂଶୁ ଶେଖର ବଡ଼ପଣ୍ଡା, ଅଶୋକ ଭଏଁସା, ଏରିଅର ଜାଲ, ଅଙ୍ଗରାଜ ଛନ୍ଦ, ଗୌରୀ ପ୍ରଧାନ, ନରେନ୍ଦ୍ରେ ମିଶ୍ର, କେଶବ ସେଖ, ପଦ୍ମଲୋଚନ ବାଗ୍ ପ୍ରମୁଖ ସହଯୋଗ କରିଥିଲାବେଳେ ବରିଷ୍ଠ ସଦସ୍ୟ ଭଗବାନ ପତି, ଡ. ଅଜୟ ମିଶ୍ର, ଅଦ୍ୱୈତ ପଣ୍ଡା, ଡ. ସନାତନ ପ୍ରଧାନ, ପୀତବାସ ପ୍ରଧାନ, ଦୁର୍ଗା ଯୋଶୀଙ୍କ ସହ ସହରର ସଚେତନ ସଂସ୍କୃତିପ୍ରେମୀ ଇଂ ଭାରତଭୂଷଣ ମହାନ୍ତି, ଇଂ ଅଭୟ କୁମାର ଦାସ, ରାଜୀବ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

### ନିଜ ଆଡୁ ଆଶ୍ରମ ବନ୍ଦ କଲା ହାପି ଆଣ୍ଡ ହୋଲି ହୋମ୍ ସୋସାଇଟି

# ପରିବାର ସହ ଘରକୁ ଗଲେ ଅନ୍ତେବାସୀ ଛାତ୍ରୀ

ବଲାଙ୍ଗିର,୫।୮ (ସମିସ)



ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ବୁର୍ଡା ପଞ୍ଚାୟତ ଅଧିନରେ ଥିବା ବାଞ୍ଜିପାଲି ଗାଁ ରେ ଚାଲିଥିବା ସାଲଗାଡିଆ ହେପି ଆଣ୍ଡ ହୋଲି ହୋମ ସୋସାଇଟି କନ୍ୟାଶ୍ରମ ଶେଷରେ ବନ୍ଦ ହୋଇଛି। ପ୍ରଶାସନ ଓ ଆଶ୍ରମ ପରିଚାଳକ ଟଣାଓଟରା ପରେ ପୂର୍ବ ନିର୍ଦ୍ଦେଶକ୍ରମେ ଆଶ୍ରମରେ ଥିବା ଛାତ୍ରୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିନା ଅନୁମତି, ବିନା ସୁରକ୍ଷା ବ୍ୟବସ୍ଥାରେ ଚାଲିଥିବା ଏହି ଆଶ୍ରମକୁ ବନ୍ଦ କରିବା ପାଇଁ ଗତ ୧୮ ତାରିଖରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ନୋଟିସ କରିଥିବା ସତ୍ତ୍ୱେ ଏହାକୁ ବନ୍ଦ ନକରି ନିର୍ଦ୍ଦେଶକୁ ବେଖାତିର କରି ଆଶ୍ରମ ଚାଲିଥିବା ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ବାଞ୍ଜିପାଲି ଠାରେ ଗତ କିଛି ବର୍ଷ ହେଲା ସାଲଗାଡିଆ ହାପି ଓ ହୋଲି ହୋମ ସୋସାଇଟି ସଂସ୍ଥା ପକ୍ଷରୁ ଏକ କନ୍ୟାଶ୍ରମ ପରିଚାଳିତ ହେଉଥିଲା। ତେବେ ଏହି କନ୍ୟାଶ୍ରମ ବେଆଇନ ଭାବେ ଚାଲିଥିବା ନେଇ ଅଭିଯୋଗ ହେବା ପରେ ପ୍ରଶାସନିକସ୍ତରରେ ତଦନ୍ତ ଆରମ୍ଭ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏହାର ଛାନଭିନ କରି ୧୮ ତାରିଖରେ ଏହାକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କନ୍ୟାଶ୍ରମ ପାଇଁ ସଂସ୍ଥା ପାଖରେ କୌଣସି ଅନୁମତି ନଥିବା, ଜୁଭେନାଇଲ ଜଷ୍ଟିସ ଆଇନ ଅନୁସାରେ ପଞ୍ଜିକୃତ ହୋଇନଥିବାରୁ ଏହା ସଂପୂର୍ଣ୍ଣ ଭାବେ ବେଆଇନ ବୋଲି ଶିଶୁ ସୁରକ୍ଷା ୟୁନିଟ୍ ଦର୍ଶାଇବା ସହ ବନ୍ଦ ନୋଟିସ ଜାରି କରିଥିଲା। ତେବେ ଏହି କନ୍ୟାଶ୍ରମରେ ୫୫ ଜଣ ୮ ବର୍ଷରୁ ୧୭ ବର୍ଷ ପର୍ଯ୍ୟନ୍ତ ଥିବା ଛାତ୍ରୀମାନେ ରହି ଆସୁଥିଲେ। ସେମାନେ ନିକଟସ୍ଥ ସ୍କୁଲମାନଙ୍କରେ ଏହି ଆଶ୍ରମରେ ରହି ପାଠ ପଢୁଥିଲେ। କିନ୍ତୁ ଏତେ ସଂଖ୍ୟାରେ ଛାତ୍ରୀଙ୍କ ପାଇଁ ଆବଶ୍ୟକ ପ୍ରାଥମିକ ସୁବିଧା ନଥିବା ଅଭିଯୋଗ ହୋଇଥିଲା। ଦୁଇଟି କ୍ୱାର୍ଟରରେ ୫୫ ଜଣ ଛାତ୍ରୀ ରହୁଥିବା ବେଳେ ସେମାନଙ୍କ ପାଇଁ ହାତଗଣତି କିଛି ଶୌଚାଳୟ ରହିଥିଲା। ଆଶ୍ରମର ଚାରିପଟେ ପାଚେରୀ ନଥିବା

### ବେଆଇନ ଭାବେ ଚାଲିଥିବାରୁ ଲାଗିଥିଲା ବନ୍ଦ ନୋଟିସ୍

ବେଳେ ତାରବାଡ ଲଗାଯାଇଥିଲା। ସୁରକ୍ଷା ପାଇଁ କୌଣସି ସୁରକ୍ଷା କର୍ମୀ, ମହିଳା ୱାଡେନ, ମହିଳା ସହାୟକ ନଥିବା ବେଳେ କେବଳ ଦୁଇ ଜଣ ପୁରୁଷ ଅଧିକାରୀ ଓ ଦୁଇ ଜଣ ରୋଷେୟାକୁ ନେଇ ଆଶ୍ରମ ପରିଚାଳିତ ହେଉଥିଲା ଯାହାକି ସଂପୂର୍ଣ୍ଣ ଭାବେ ବେଆଇନ। ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ଅଣଦେଖା କରାଯାଇଥିବା ବେଳେ ପୂର୍ବରୁ ଏମିତି କିଛି ମାମଲା ସାମ୍ନାକୁ ଆସିଛି ଯାହାକି ସୁରକ୍ଷା ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ପଦାରେ ପକାଇଥିଲେ। ଏତେ ଅଭିଯୋଗ, ନିର୍ଦ୍ଦେଶ ସତ୍ତ୍ୱେ ଆଶ୍ରମ ବେଧଡକ ଭାବେ ଖୋଲା ହୋଇଥିବା ବେଳେ ଏନେଇ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବା ପରେ ମଙ୍ଗଳବାର ଆଶ୍ରମ ଖାଲି କରାଯାଇଥିବା ଜଣାପଡିଛି। ଏହି ଘଟଣା କିଛି ଦିନ ଧରି ଜିଲ୍ଲାରେ ଚର୍ଚ୍ଚାରେ ବିଷୟ ପାଲଟିଥିବା ବେଳେ ଶିଶୁ ସୁରକ୍ଷା ୟୁନିଟ୍ ମଧ୍ୟ ନୋଟିସ କରିଦେଇ ନୀରବ ରହିଥିଲା। ଅନ୍ୟପକ୍ଷରେ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଯାଞ୍ଚ ଓ ତଦନ୍ତ ନାମରେ ଦିନ ଗଡାଇ ଚାଲିଥିଲେ। ପରେ ଆଶ୍ରମ ପକ୍ଷରୁ ନିଜ ଆଡୁ ବନ୍ଦ କରିଦେଇ ଛାତ୍ରୀମାନଙ୍କୁ ପରିବାର ଲୋକଙ୍କ ସହ ନିଜ ଘରକୁ ପଠାଇ ଦିଆଯାଇଥିବା ଜଣାପଡିଛି। ଏନେଇ କନ୍ୟାଶ୍ରମ ଅଧିକ୍ଷକ ନିବାସ ନାଏକଙ୍କୁ ପଚାରିବାରୁ ବନ୍ଦ କରିବା ପାଇଁ ନୋଟିସ କରାଯାଇଥିଲା। ଏହି ନୋଟିସକ୍ରମେ ଆମେ ସମସ୍ତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ସୂଚନା ପ୍ରଦାନ କରିଥିଲୁ। ମଙ୍ଗଳବାର ସୁଦ୍ଧା ୫୧ ଜଣ ଛାତ୍ରୀଙ୍କ ପରିବାର ଆସି ନିଜ ଝିଅଙ୍କୁ ନେଇ ଯାଇଛନ୍ତି। ବୁଧବାର ଆଉ ଚାରି ଜଣଙ୍କୁ ମଧ୍ୟ ତାଙ୍କ ପରିବାରକୁ ହସ୍ତାନ୍ତର କରିଦିଆଯିବ ବୋଲି ଅଧିକ୍ଷକ ନିବାସ ନାଏକ କହିଛନ୍ତି।

## ଯୁବକଙ୍କୁ ଆକ୍ରମଣ ଓ ଲୁଟ୍ ମାମଲାରେ ଦୁଇ ଗିରଫ

ଲୋଇସିଂହା,୫।୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ କିରାବାହାଲ ବ୍ୟାରେଜ ନିକଟରେ ଯୁବକଙ୍କୁ ଆକ୍ରମଣ ଓ ଲୁଟ ଘଟଣାରେ ଦୁଇ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଜାମୁଟିଆ





ଗାଁର ଶୁଭମ ରଞ୍ଜନ ସିଂ ଓ ପୁଇଁନ୍ତଲା ଥାନା ଲାଦେରବାହାଲ ଗାଁର ସୁବଲ ଭୋଇ। ଅଭିଯୋଗ ଅନୁସାରେ ଗତ ୧ ତାରିଖରେ ସେମଲିଆ ଗାଁର ନିମାଇଁ ମହାକୁରଙ୍କୁ ସଂପୃକ୍ତ ଦୁଇ ଯୁବକ କିରାବାହାଲ ବ୍ୟାରେଜ ଠାରେ ଅଟକାଇ ମାଡ ମାରିଥିଲେ। ବନ୍ଧୁକ ଦେଖାଇ ତାଙ୍କ ପାଖରେ ଥିବା ଟଙ୍କା ଲୁଟ କରିବା ସହ ବାଇକ ଭାଙ୍ଗି ଫେରାର ମାରିଥିଲେ। ଏନେଇ ନିମାଇଁ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏହି ଘଟଣାର ଛାନଭିନ ଆରମ୍ଭ କରିଥିଲା। ମାମଲା ରୁଜୁ ହେବାର କିଛି ଘଣ୍ଟା ଭିତରେ ଦୁଇ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ମାନେ ଅଭିଯୋଗକୁ ସ୍ୱୀକାର କରିଥିବା ଜଣାପଡିଛି। ସେହିପରି ଗିରଫ ହୋଇଥିବା ଶୁଭମ ଓ ସୁବଲ ପୂର୍ବରୁ ମଧ୍ୟ ବିଭିନ୍ନ ମାମଲାରେ ସଂପୃକ୍ତ ରହିଥିବା ତଦନ୍ତ ସମୟରେ ଜଣାପଡିଛି।

## ହାଇକୋର୍ଟର ସ୍ଥାୟୀବେଞ୍ଚ ଦାବି



ବେଲପଡ଼ା,୫।୮ (ସମିସ) ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବେଲପଡ଼ା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ଦିନରୁ ଅଞ୍ଚଳରେ ସ୍ଥାୟୀ ବେଞ୍ଚ ଦାବି ଉପସ୍ଥାପନ କରି ଆସୁଥିଲେ ହିଁ ପୂରଣ ହୋଇପାରୁ ନଥିବା ଆନ୍ଦୋଳନ କାରୀମାନେ କହିଛନ୍ତି। ସ୍ଥାନୀୟ ଅଞ୍ଚରେ ଅନେକ ଗରିବ ଶ୍ରେଣୀର ଲୋକ ବସବାସ କରୁଥିବାରୁ ୫୦୦ କିଲୋମିଟର ଦୂର ଯାଇନପାରି ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ତୁରନ୍ତ ଉକ୍ତ ଦାବିକୁ ପୁରଣ କରିବାକୁ ଦାବି ହେଉଛି। ବିରେନ୍ଦ୍ର ସି, ଜିତୁ ନାଏକ, ଘନଶ୍ୟାମ ନାଏକ, ଲାଲମନ୍ ମଲ୍ଲିକ, ନବୀନ ମହାକୁଡ, ପଞ୍ଚାନନ ବଗର୍ତ୍ତି, କୀର୍ତ୍ତନ କୁମ୍ଭାର, ସିପୁନ ଖମାରୀ, ଉମାକାନ୍ତ ମଲ୍ଲିକ, ଜବାହର ଲାଲ ସାହୁ, ଯୁଗଳ ମେହେର, ଜନାର୍ଦ୍ଦନ ସି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ

ଦେଓଗାଁ,୫।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ବନ୍ଧପଡା ଫପସି ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଗଛରେ କାର୍ ପିଟିହୋଇ ଜଣେ ବ୍ୟାଙ୍କ ମ୍ୟାନେଜର ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ୍ୟବ୍ୟକ୍ତି ଜଣକ ହେଲେ ବନ୍ଧପଡା ଓଡିଶା ଗ୍ରାମୀଣ ବ୍ୟାଙ୍କର ମ୍ୟାନେଜର ଦାୟୀତ୍ୱରେ ଥିବା ଶୁଶାନ୍ତ କୁମାର ଭୋଇ(୩୫)। ତାଙ୍କ ଘର କଳାହାଣ୍ଡି ଜିଲ୍ଲା ଉକ୍ରେଲାର ବୋଲି ଜଣାପଡିଛି। ସୂଚନାନୁସାରେ



ବ୍ୟାଙ୍କ ମ୍ୟାନେଜର ଏକ ଢ଼ାବାରୁ ଖାଇସାରି କାର୍‌ରେ ବ୍ୟାଙ୍କକୁ ଫେରୁଥିବା ବେଳେ ସାମ୍ନାରୁ ଟ୍ରକ୍ ସହ ମୁହାଁମୁହିଁ ହୋଇଥିଲେ। ଟ୍ରକ୍‌କୁ ସାଇଡ୍‌ଦେବା ସମୟରେ ଭାରସାମ୍ୟ ହରାଇ ପାଶ୍ୱର୍ରେ ଥିବା ଗଛରେ ପିଟିହୋଇଥିଲା କାର୍। ଏଥିରେ ସେ ଗୁରୁତରଭାବେ ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ଘଟଣାସ୍ଥଳକୁ ପହଞ୍ଚି ଗୁରୁତର ଆହତଙ୍କୁ ୧୦୮ ଆମ୍ବୁଲାନ୍ସରେ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମ୍ୟାନେଜର ଭୋଇ ଆଜକୁ ସାଢ଼େ ଚାରିବର୍ଷ ହେଲା ବନ୍ଧପଡା ବ୍ୟାଙ୍କରେ କାର୍ଯ୍ୟରତ ଥିଲେ।

■ ପିଏମ୍ କିଶାନ ଟଙ୍କା ଉଠାଣ ପାଇଁ ଯାଇଥିଲେ

## ସ୍ତ୍ରୀ ସମ୍ମୁଖରେ ଚାଲିଗଲା ସ୍ୱାମୀଙ୍କ ଜୀବନ

ବଙ୍ଗୋମୁଣ୍ଡା,୫।୮ (ସମିସ): ପିଏମ୍ କିଶାନ ଟଙ୍କା ଉଠାଇବା ପାଇଁ ଗ୍ରାହକ ସେବା କେନ୍ଦ୍ରକୁ ଯାଇଥିବା ହୃଦ୍‌ଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଖଇରା ଗ୍ରାମର ଜଣେ ବୃଦ୍ଧା ବଙ୍ଗୋମୁଣ୍ଡା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଖଇରା ଗାଁର ଭୀମସେନ ରଣା ୪୮ ବର୍ଷ ହେବ ବଙ୍ଗୋମୁଣ୍ଡା ପୁରାଣ ବସ୍‌ଷ୍ଟାଣ୍ଡ ପାଖରେ ଥିବା ଶାଖା ବ୍ୟାଙ୍କରେ ପିଏମ୍ କିଷାନ ଯୋଜନା ଟଙ୍କା ଉଠାଇବା ପାଇଁ ତାଙ୍କ ସ୍ତ୍ରୀ ସହିତ ଆସିଥିଲା। ଟଙ୍କା ଉଠାନ ସାରି ଘରକୁ ଫିରବା ସମୟରେ ରାସ୍ତାରେ ହଠାତ୍ ଟଳି ପଡ଼ିଥିଲେ। ଏହି ସମରେ ତାଙ୍କ ଗାଁର ଦୁଇ ଜଣ ବ୍ୟକ୍ତି ବଙ୍ଗୋମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ବଙ୍ଗୋମୁଣ୍ଡା ଡାକ୍ତର ତାଙ୍କୁ ମୃତ୍ୟୁ ଘେଷଣା କରିଥିଲେ। ବଙ୍ଗୋମୁଣ୍ଡା



ପୋଲିସ ଅଧିକାରୀ ସଞ୍ଜିବ ପ୍ରଧାନ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲେ। ମୃତ ଭୀମସେନ ରଣାଙ୍କ ତିନି ଝିଅ ଥିବା ବେଳେ ପ୍ରଥମ ଝିଅ ଥୟମତି ରଣା (୧୭) ଦୁଇ ନମ୍ବର ଝିଅ ନମିତା ରଣା(୧୫) ବର୍ଷ ଓ ତୃତୀୟ ଝିଅ ତାପଶ୍ୱିନି(୫) ବୋଲି ଜଣାପଡିଛି। ଭୀମସେନଙ୍କ ମୃତ୍ୟୁ ପରେ ତିନି ଝିଅ ବେସାହାର ହୋଇ ଯାଇଛନ୍ତି। ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗାଁ ଲୋକେ ଦାବି କରିଛନ୍ତି।

## ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ଦାବି



ଖପ୍ରାଖୋଲ,୫।୮ (ସମିସ): ବିଦ୍ୟାଳୟ ମାନଙ୍କର ଭିତ୍ତିଭୂମିର ବିକାଶ ଓ ୟୁଏସ୍ ଆପ ବ୍ୟବହାର ସଂପର୍କିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖପ୍ରାଖୋଲ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ବରିଷ୍ଠ କିରାଣୀ ମାଧବ ସାହୁଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ଠିକ୍ ନ ଥିବାରୁ ଶିକ୍ଷାଦାନ ବ୍ୟାହତ ହେଉଥିବାବେଳେ ନେଟୱର୍କ ଅଭାବରୁ ୟୁଏସ୍ ଆପ ବ୍ୟବହାର ମଧ୍ୟ ହୋଇପାରୁନାହିଁ। ତୁରନ୍ତ ଭିତିଭୂମିର ବିକାଶ ସହିତ ନେଟୱର୍କ୍ ବ୍ୟବସ୍ଥା କରିବାକୁ ଦାବି କରିଥିବା ବେଳେ ଭିତ୍ତିଭୂମିର ବିକାଶ ନ ହେବାଯାଏ ୟୁଏସ୍ ଆପରେ ତଥ୍ୟ ପଠାଇବା ବନ୍ଦ ପରିବାକୁ ଚେତାବନୀ ଦେଇଛନ୍ତି। ଦାବୀପତ୍ର ପ୍ରଦାନ୍ ଅବସରରେ ବିଭିନ୍ନ ଶିକ୍ଷକ ସଂଘ ତରଫରୁ ସୁଶିଲ କୁମାର ପୋଡ଼, ବୃନ୍ଦାବନ ଧରୁଆ, ଜିତେନ୍ଦ୍ର ପଣ୍ଡା, ଆଲୋକ ମେହେର, ମିଠାଲାଲ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

### ଆୟୁର୍ବେଦ କଲେଜ ଅଡିଟୋରିୟମ ନିର୍ମାଣରେ ମନ୍ଥରତା

## କ୍ଷେତ୍ର ପରିଦର୍ଶନ କରି କ୍ଷୋଭ ପ୍ରକାଶ କଲେ ନରସିଂହ

ବଲାଙ୍ଗିର,୫।୮ (ସମିସ): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ସ୍ଥାନୀୟ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ପରିଦର୍ଶନରେ ଯାଇଥିଲେ। ଶ୍ରୀ ମିଶ୍ର ବଲାଙ୍ଗିର ବିଧାୟକ ଥିବା ବେଳେ ଆୟର୍ବେଦ ମହାବିଦ୍ୟାଳୟ ପରିସରରେ ପାର୍କିଂ ଓ ଶ୍ରେଣୀ ଗୃହ ପଞ୍ଚକର୍ମ ଥରାପି ଗୃହ ସାରଦେଶ୍ୱରୀ ଆୟୁର୍ବେଦିକ ଚିକିତ୍ସାଳୟରେ କମ୍ପାଉଣ୍ଡ ୱାଲ, ଲାଇବ୍ରେରୀ ଓ ଅଡିଟରିୟମ ଏବଂ ମହାବିଦ୍ୟାଳୟର ମେନ ଗେଟ ତଥା ହର୍ବାଲ ଗାର୍ଡେନକୁ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ପଠା ଯାଇଥିଲା। ଯାହାକି ୨୯.୧୨.୨୦୨୨ରୁ ସ୍ୱାସ୍ଥ୍ୟ ବିଭାଗ ଏହା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରି କାର୍ଯ୍ୟାରମ୍ଭ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁଃଖର ବିଷୟ ଦିର୍ଘ ଅଢେଇ ବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ରକଳ୍ପର ମଞ୍ଜୁରି ସହ ଅର୍ଥ ମଞ୍ଜୁର ହୋଇଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ହେବାରେ ଢେର ବିଳମ୍ବ ହୋଇସାରିଛି। ବିଶେଷ କରି କଲେଜ ଅଡିଟୋରିୟମ ଯାହାର ବ୍ୟୟ ଅଟକଳ ୧୪ କୋଟି ୫୩ ଲକ୍ଷ ଟଙ୍କା ଅଛି



ତାହାର ନିର୍ମାଣ କାର୍ଯ୍ୟ ଏତେ ମନ୍ଥର ଅଛି ଯେ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତି ପାଳନ ପୂର୍ବରୁ ଏହା ସମ୍ପୂର୍ଣ୍ଣ ହୋଇପାରିବ ନା ନାହିଁ ତାହା ସନ୍ଦେହ ଘେରରେ। ପୁରାତନ ଛାତ୍ର ସଂସଦ ସଭାପତି ବାସୁଦେବ ପତି ଓ ସଦସ୍ୟଙ୍କ ଅନୁରୋଧ କ୍ରମେ ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ର କଲେଜ କର୍ତ୍ତୃପକ୍ଷ ଏବଂ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ତା ସହ ଅଧିକ୍ଷଣ ଯନ୍ତ୍ରୀଙ୍କୁ କାର୍ଯ୍ୟରେ ଶିଘ୍ରତା ଆଣିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ବିଲଡିଂ ପାଇଁ ଆସିଥିବା ଅନୁଦାନ ପର୍ଯ୍ୟାପ୍ତ ନ ହେବାରୁ ସଂଶୋଧନ ଅଟକଳ ପାଇଁ ଯାଇଥିବା ଆବେଦନ ଆଜି ପର୍ଯ୍ୟନ୍ତ ବିଭାଗ ପାଖରେ ପଡିରହିଥିବାରୁ ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ହର୍ବାଲ ଗାର୍ଡେନ ନିର୍ମାଣ, କଲେଜ ବାଉଣ୍ଡ୍ରି ୱାଲ ଓ ଫଚକର୍ମ ହଲ ନିର୍ମାଣ ମଧ ବିଳମ୍ବ ହେଉଛି ତେଣୁ ଏହି ସବୁ କୁ ଶିଘ୍ର ସମାପ୍ତ କରନ୍ତୁ ବୋଲି ଅଧିକ୍ଷଣ ଯନ୍ତ୍ରୀଙ୍କୁ କହିଛନ୍ତି। ପରିଦର୍ଶନ ସମୟରେ ଭାରପ୍ରାପ୍ତ ଅଧକ୍ଷ ଡା. ଶିବବ୍ରତ ବେହେରା, ଛାତ୍ର ସଂସଦ ସଭାପତି ଓମ୍ ପ୍ରକାଶ, ଡା. ସୁକାନ୍ତ ମେହେର, ସେକ୍‌ସନ ଅଫିସର ନବ କିଶୋର ମାଝି, ଡା. ପ୍ରକାଶ ଦାଶ ଓ ଡାକ୍ତରି ଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଖବର ପ୍ରସାରଣ କରିବାରୁ ସାମ୍ବାଦିକଙ୍କୁ ଆକ୍ରମଣ

ସଇଁତଳା,୫।୮ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ୍ ଡେଙ୍ଗ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ନେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ପାଖରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତେବେ ଏହି ଘଟଣାକୁ କେନ୍ଦ୍ର କରି ସଇଁତଳା ବ୍ଲକ୍‌ରେ ଜଣେ ସାମ୍ବାଦିକଙ୍କୁ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଦୀର୍ଘ ବର୍ଷ ହେଲା ସଇଁତଳା ସହରର ମା'ବସ୍ତ୍ରେନ ଏସଏଚଜି ମହିଳା ଗ୍ରୁପ ଡେଙ୍ଗ ସ୍କୁଲରେ ମଧ୍ୟାନ୍ନ ଭୋଜନ ଦାୟିତ୍ୱ ନେଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇ ଆସୁଛି। ଯାହାଫଳରେ ଛାତ୍ରଛାତ୍ରୀ ସ୍କୁଲରେ ମଧ୍ୟାହ୍ନ ଭୋଜନ ନଖାଇ ଘରକୁ ଖାଦ୍ୟ ଖାଇବା ପାଇଁ ଯାଉଥିବା ଅଭିଯୋଗ ହୋଇଥିଲା। ଏନେଇ ଗତ ଅଗଷ୍ଟ ୨ ତାରିଖରେ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପାଇଥିଲା। ମଙ୍ଗଳବାର ସଇଁତଳା ବ୍ଲକ୍‌ର ସାମ୍ବାଦିକ ପ୍ରଦୀପ ବାଗ ନିଜ କାମ ପାଇଁ ସଇଁତଳା ବ୍ଲକ୍ ଛକ ଠାରେ ଛିଡା ହୋଇଥିବା ବେଳେ ମଧ୍ୟାହ୍ନ ଭୋଜନ ବଣ୍ଟନ ଦାୟିତ୍ୱରେ ଥିବା ଲକ୍ଷ୍ମୀ ପାଣିଗ୍ରାହୀଙ୍କ ଦୁଇ ପୁଅ ଟିଂକୁ ପାଣିଗ୍ରାହୀ ଓ ସୋନୁ ପାଣିଗ୍ରାହୀ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏ ନେଇ ଶ୍ରୀ ବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## କଂଗ୍ରେସ ବ୍ଲକ୍ ସଭାପତି ଚୟନ ପାଇଁ ବୈଠକ

ମୁରିବାହାଲ,୫।୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଫରେଷ୍ଟ ବଙ୍ଗଳାରେ ମଙ୍ଗଳବାର କଂଗ୍ରେସ କମିଟିର ଉପସଭାପତି ବିଭୀଷଣ ମହାନନ୍ଦଙ୍କ ସଭାପତିତ୍ୱରେ ବ୍ଲକ୍ କଂଗ୍ରେସ ସଭାପତି ନିର୍ବାଚନ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପିସିସି ଉପସଭାପତି ତଥା କଣ୍ଟାବାଞ୍ଜି ପୂର୍ବ ବିଧାୟକ ସନ୍ତୋଷ ସିଂ ସାଲୁଜା, ଜିଲ୍ଲା ଇନ୍ ଚାର୍ଜ ସେକ୍ରେଟେରୀ ଅନିମା ମିଞ୍ଜ, ଜିଲ୍ଲା ଆବାହକ ଅନିଲ ମେହେର, ପାଟଣାଗଡ଼ ବ୍ଲକ୍ ସଭାପତି ପତିତପାବନ ପ୍ରଧାନ, ଯୁବ ନେତା ଅମିତ୍ ସିଂ ସାଲୁଜା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସଭାପତି ଚୟନ ପାଇଁ ସମ୍ଭାବ୍ୟ ପାଞ୍ଚ ଜଣଙ୍କ ନାମ ରାଜ୍ୟ କଂଗ୍ରେସ ସଭାପତିଙ୍କ ସୁପାରିସ ପାଇଁ ପଠା ଯାଇଥିଲା।

### ମୌଳିକ ସୁବିଧାରୁ ବଞ୍ଚିତ ନୂଆପଡ଼ାବାସୀ

# ମଶାଣୀକୁ ସ୍ୱତନ୍ତ୍ର ରାସ୍ତା ହେଲେ ଗାଁକୁ ନାହିଁ



କଣ୍ଟାବାଞ୍ଜି,୫।୮ (ସମିସ)

ରାଜ୍ୟ ସରକାର ଯୋଜନା ପରେ ଯୋଜନା ଘୋଷଣା କରୁଥିବା ବେଳେ ସେହି ଯୋଜନାରରୁ ଲୋକ ବଞ୍ଚିତ ହେଉଛନ୍ତି। ଗାଁକୁ ଯିବାକୁ ଭଲ ରାସ୍ତା ଅଛି ନା ପିଇବାକୁ ବିସୁଧ ପାନୀୟଜଳ ଅଛି। ପ୍ରତିଦିନ ଲୋକେ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ତୁରେକେଲା ବ୍ଲକ୍ କରୁଆଁମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବିର୍ନା ଗାଁର ୨ ନଂ ୱାର୍ଡର ନୂଆପଡାବାସୀ। ଗାଁରୁ ଅଳ୍ପ ଦୂରରେ ରହିଛି ନୂଆପଡା ଠାରେ ୫୫ ଘରରୁ ଉର୍ଦ୍ଧ୍ୱ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ବେଳେ ଜନ ସଂଖ୍ୟ ପ୍ରାୟ୨୫୦ରୁ ଉର୍ଦ୍ଧ୍ୱ। ହେଲେ ପଡାକୁ ଯିବାକୁ ପକା ରାସ୍ତାଟିଏ ନାହିଁ। କାଦୁଅ ପଚ ପଚ ରାସ୍ତାରେ ପ୍ରତୋକ ଦିନ ଲୋକେ ଯାତାୟତ କରୁଥିବା ବେଳେ ଅନେକ ସମୟରେ ନୂଆପଡାକୁ ଆମ୍ବୁଲାନ୍ସ ମଧ୍ୟ ଯାଇପାରେ ନାହିଁ। ଯାହାଫଳରେ ଖଟିଖିଆରେ ରୋଗୀ ଓ ଗର୍ଭବତୀ ବୁହାହୋଇ ଥିବା ଚିତ୍ର ଅନେକ ସମୟରେ ଦେଖିବାକୁ ମିଳେ। ବର୍ଷା ଦିନେ ରାସ୍ତାରେ ଯିବା କଷ୍ଟଦାୟକ ହୋଇ ପଡେ। ବାରମ୍ବାର ରାସ୍ତା ନିର୍ମାଣ କରିବାକୁ ପଞ୍ଚାୟତରୁ ବ୍ଲକ୍ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ଥିଲେ ମଧ୍ୟ କେହିଁ ଆମ କଥାକୁ କର୍ଣ୍ଣପାତ କରୁନାହାଁନ୍ତି ବୋଲି ପଡାବାସୀ ଅଭିଯୋଗ ଆଣିଛନ୍ତି। ସେପଟେ ଏହି ନୂଆପଡାକୁ ଯିବା ପାଇଁ ଭଲ ରାସ୍ତା ନାହିଁ। ଗାଁକୁ ରାସ୍ତା ନିର୍ମାଣ କରିବା ବଦଳରେ ପଞ୍ଚାୟତ କର୍ତ୍ତୃପକ୍ଷ ଗାଁ



ରେ ଥିବା ମଶାଣୀକୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରୁଥିବା ଜଣାପଡିଛି।

ଗୋଟିଏ ପଟେ ଶହ ଶହ ଲୋକେ ବସବାସ କରୁଥିବା ସ୍ଥାନରେ ରାସ୍ତା ନ ଥିବା ବେଳେ ମଶାଣୀକୁ କରୁମୁଣ୍ଡା ପଞ୍ଚାୟତ କର୍ତ୍ତୃପକ୍ଷ ନିମ୍ନମାନର ରାସ୍ତା ନିର୍ମାଣ କରି ସରକାରୀ ଅନୁଦାନ ଆତ୍ମସାତ କରିବାକୁ ଯୋଜନା କରୁଛନ୍ତି ବୋଲି ଲୋକେ ଅଭିଯୋଗ ଆଣିଛନ୍ତି। ସରକାର ନଜର ଦେଇ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ହେଉଛି।

## ପିଇବାକୁ କୂଅପାଣି ଭରଷା

ବିର୍ନା ଗାଁର ନୂଆପଡାବାସୀଙ୍କୁ ପିଇବାକୁ ବିସୁଧ ପାନୀୟଜଳ ମୁଦାଏ ମିଳୁନଥିବା ଅଭିଯୋଗ ଆଣିଛନ୍ତି। ଯାହାଫଳରେ ସେମାନେ ବର୍ଷ ବର୍ଷ ଧରି କୂଅର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଅନେକ ସମୟରେ କୂଅ ପାଣି ବ୍ୟବହାର କରି ରୋଗାଗ୍ରସ୍ଥ ହେଉଥିବା ଦେଖା ଦେଇଥାଏ କିନ୍ତୁ ଏନେଇ ବିସୁଧ ପାନୀୟଜଳ କିମ୍ବା ନକ କୂଅ ଖନନ ପାଇଁ ବାରମ୍ବାର ଲୋକେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ ନଜର ଦେଉନଥିବା ଅଭିଯୋଗ ହେଉଛି। ଗୋଟିଏ ପଟେ ଘର ଘର ନଳ ଘର ଘର ଜଳ ସେମାନଙ୍କ ପାଇଁ ସାତସପନ ପାଲଟିଛି। କୂଅପାଣି ଏନେଇ କଣ୍ଟାବାଞ୍ଜି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏସଡିଓ ପ୍ରଶାନ୍ତ ବାଘେଲଙ୍କ ପ୍ରତିକ୍ରିୟା ନେବାକୁ ଆମେ ଯୋଗାଯୋଗ କରିଥିଲୁ ହେଲେ ତାଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରୁ ବୋଲି ପଡାବାସୀ ଦାବି କରିଛନ୍ତି।

## ମନମୁଖୀ କରୁଛନ୍ତି ପଞ୍ଚାୟତ କର୍ତ୍ତୃପକ୍ଷ

ପଞ୍ଚାୟତରେ ପ୍ରତ୍ୟେକ ମାସରେ ବୈଠକ ହୋଇ ଜନସାଧାରଣଙ୍କ ସୁବିଧାସୁଯୋଗ ଉପରେ ୱାର୍ଡ ମେମ୍ବରଙ୍କ ଠାରୁ ସରପଞ୍ଚ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ମତାମତ ନେଇ ବ୍ଲକ୍ ପ୍ରଶାସନକୁ ଜଣାଇବା କଥା। ହେଲେ କରୁଆମୁଣ୍ଡା ପଞ୍ଚାୟତରେ ଠିକ ଭାବରେ ୱାର୍ଡ ମେମ୍ବରଙ୍କୁ ନେଇ ବୈଠକ ହେଉନାହିଁ। ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ କର୍ମଚାରୀ ତାଙ୍କ ମନମୁଖୀ କାର୍ଯ୍ୟ କରୁଛନ୍ତି। ସ୍ୱାଧୀନତା ଦୀର୍ଘ ବର୍ଷ ପରେ ବିର୍ନାଗାଁର ମୋର ୨ ନଂ ୱାର୍ଡ ନୂଆପଡାକୁ ରାସ୍ତା ନାହିଁ ବାରମ୍ବାର ମୁଁ ଜଣାଉଛି ହେଲେ ମୋ କଥା କେହିଁ ଶୁଣୁନାହାନ୍ତି। ମୋ ୱାର୍ଡରେ ଏକ ରାସ୍ତା ନିର୍ମାଣ କରାଯାଉଛି ହେଲେ ମୋତେ ପଞ୍ଚାୟତ କର୍ତ୍ତୃପକ୍ଷ ଜଣାଇନାହାନ୍ତି। ଜନସାଧାରଣ ଭୋଟ ଦେଇ ତାଙ୍କ କଥା ବୁଝିବାକୁ ମୋତେ ୱାର୍ଡ ମେମ୍ବର ଭାବରେ ନିର୍ବାଚିତ କରିଛନ୍ତି। ହେଲେ କରୁଆମୁଣ୍ଡା ପଞ୍ଚାୟତ କର୍ତ୍ତୃପକ୍ଷ ମୋତେ ଅଣଦେଖା କରି ନିମ୍ନମାନର କାମ କରି ସରକାରୀ ଟଙ୍କା ହରିଲୁଟ କରୁଛନ୍ତି। ଯଦି ଏହିଭଳି ମନୋମୁଖୀ କାର୍ଯ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ କରିବେ ମୋ ୱାର୍ଡବାସୀଙ୍କୁ ନେଇ ଆନ୍ଦୋଳନକୁ ଓହ୍ଲାଇବି ବୋଲି ୱାର୍ଡ ମେମ୍ବର ବିଦିଆ ତାଣ୍ଡି ଚେତାବନୀ ଦେଇଛନ୍ତି।

# ମହାନଗର ନିଗମ ପକ୍ଷରୁ ଔଷଧ ସେବନ ସମନ୍ୱୟ ବୈଠକ



ସମ୍ବଲପୁର, ୫।୮ (ସମିସ) : ସମ୍ବଲପୁର ମହାନଗର ନିଗମ ପ୍ରେକ୍ଷାଳୟରେ ଆଜି ଫାଇଲେରିଆ ରୋଗ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସକାଶେ ମହାନଗର ନିଗମ ଓ ସ୍ୱାସ୍ଥ୍ୟ ବିଭାଗର ଏକ ସମନ୍ୱୟ ବୈଠକ ଏସ୍‌ଏମ୍‌ସି ଆୟୁକ୍ତ ରେହାନ ଖତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ସାମୂହିକ ଔଷଧ ସେବନ (ଏମ୍‌ଡିଏ) ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅଭିଯାନକୁ ସଫଳ କରିବା ପାଇଁ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାପାଇଁ ମିଡ଼ିଆ ସେନ୍‌ସିଟାଇଜେସନ୍ ଏବଂ ଆଇଇସି କାର୍ଯ୍ୟକ୍ରମ ଯଥା ସଚେତନତା ଯାତ୍ରା, ବ୍ୟାନର, ପ୍ରଚାରପତ୍ର ବଣ୍ଟନ ଆଦି କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେବଳ ଆଶା କର୍ମୀ / ଅଙ୍ଗନବାଡ଼ି କର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଏହି ଫାଇଲେରିଆ ନିରୋଧକ ବଟିକା ଖାଇବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

ନିର୍ଦ୍ଧାରିତ ସ୍ଥଳ ବା ବୁଥ୍ ଏବଂ ଘରେ-ଘରେ ପହଞ୍ଚି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଔଷଧ ସେବନ କରାଯିବ। ଜିଲ୍ଲାର ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରରେ ରୋଗୀ ଓ ସହଯୋଗୀଙ୍କ ପାଇଁ ମଧ୍ୟ ଏହି ସୁବିଧା ରହିବ। ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିଳ୍ପ ପ୍ରତିଷ୍ଠାନ, କାରାଗାର ଆଦିକୁ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଦଳ ଯାଇ ଔଷଧ ଦେବେ।

**ସରିଆସୁଛି ଧାନରୁଆ, ବର୍ଷା ନାହିଁ**

# ଆଶଙ୍କାରେ ଅଣଜଳସେଚିତ ଅଞ୍ଚଳର ଚାଷୀ

ସମ୍ବଲପୁର, ୫।୮ (ସମିସ) : ସମ୍ବଲପୁର ଜିଲ୍ଲାର ସଦର ଉପଖଣ୍ଡ ସହ କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡରେ ଖରିଫ୍ ଧାନ ଚାଷ ଆରମ୍ଭ ହୋଇଯାଇଛି। ଖରିଫ୍ ଧାନ ଚାଷ ସକାଶେ ଚାଷୀମାନେ ପହ୍ଲା ବା ତଳି ପକାଇବା ପରେ ରୁଆ (ରୋଇବା) ସମ୍ପ୍ରତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ପ୍ରାୟ ସମସ୍ତ ଅଞ୍ଚଳରେ ରୋଇବା ଶେଷ ହେବାକୁ ବସିଲାଣି। ଏବେ ରୋଇବା ଶେଷ ପର୍ଯ୍ୟାୟରେ ଥିବାବେଳେ ବର୍ଷା ବନ୍ଦ ହୋଇଯାଇଛି। କ୍ଷେତରୁ ପାଣି ଶୁଖିଗଲେ ଲଟା (ଘାସ) ଉଠିବ। ଏବେ ଚାରି-ପାଞ୍ଚ ଦିନ ପାଇଁ ବର୍ଷା ନହେଲେ କିଛି ଅସୁବିଧା ନାହିଁ। କିନ୍ତୁ ଏଭଳି ଲାଗି ରହିଲେ ଜମି ଫାଟି ଆଁ କରିବ। ଏହାସହ ରୋଇଥିବା ଧାନ ପହ୍ଲା ଗୁଡ଼ିକ ଶୁଖିଯିବ। ଏହାଦ୍ୱାରା ଚାଷୀମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହେବ।



ଚାଷୀ ଧାନ ପହ୍ଲା ପକାଇ, ରୋଇବା ସକାଶେ କ୍ଷେତରେ ହଳ ଓ ସମତୁଳ କରି କାଦୁଅ କରାଯିବା ସମୟରେ ଡିଏପି ସାର ଦେଇଛି। ଗ୍ରୋମୋର, ୟୁରିଆ ଭଳି କମ୍ପ୍ଲେକ୍ସ ସାର ଦରକାର ପଡିଥାଏ। ମଝିରେ ସାର ଅଭାବକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଚାଷୀ ରୋଇବା ପୂର୍ବରୁ କ୍ଷେତକୁ ପ୍ରସ୍ତୁତ କରିବା ସମୟରେ ପ୍ରଥମ ପର୍ଯ୍ୟାୟରେ କାଦୁଅସାର ବା ଡିଏପି ପକାଇଥାଏ। ଚଳିତବର୍ଷ ଜୁନ ଜୁଲାଇ ମାସରେ ଲଗାଣ ବର୍ଷା ହୋଇଥିଲା। ତେବେ, ଜୁଲାଇ ଶେଷ ଏବଂ ଅଗଷ୍ଟ ବେଳକୁ ବର୍ଷା ଛାଡ଼ି ଯାଇଛି। ପୁଣି ଖରା ଜୋର୍ ଧରିଲାଣି। ଶ୍ରାବଣରେ ବର୍ଷା ବନ୍ଦ ହୋଇଯିବାକୁ ନେଇ ଚାଷୀ ମହଲରେ ଆତଙ୍କ ଦେଖାଦେଲାଣି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ପୂର୍ବରୁ ଅଧିକ ବର୍ଷା ହେଲା, ହଠାତ୍ ବନ୍ଦ ହୋଇଗଲା। ଏବେ ବିହୁଡ଼ା ଆଉ ଅନ୍ୟ ଆନୁସଙ୍ଗିକ ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ଥିବାବେଳେ ବର୍ଷା ହେଉନାହିଁ। ଗତ ଏକ ସପ୍ତାହ ଧରି ଆଦୌ ବର୍ଷା ନାହିଁ, ଖରା ହେଉଛି। ଚାରି-ପାଞ୍ଚ ଦିନରେ ଥରେ ବର୍ଷା ହେଲେ ତାହା ଚାଷ ପାଇଁ ଭଲ, କିନ୍ତୁ ଏକସଙ୍ଗେ ପ୍ରବଳ ବର୍ଷା ହେଲେ ତାହା ଦ୍ୱାରା ଘାଇ ସୃଷ୍ଟି ହୋଇ ରୁଆ ନଷ୍ଟ ହୋଇଯିବ। ଜଳସେଚିତ ଅଞ୍ଚଳରେ ସମସ୍ୟା ନଥିବାବେଳେ ଅଣଜଳସେଚିତ ଅଞ୍ଚଳର ଚାଷୀ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ହୀରାକୁଦ ଜଳସ୍ତର ୬୧୨.୯୫ ଫୁଟ୍

ସମ୍ବଲପୁର, ୫।୮ (ସମିସ) : ହୀରାକୁଦ ଜଳଭଣ୍ଡାରର ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ହୀରାକୁଦ ଜଳସ୍ତର ୬୧୨.୯୫ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିବାବେଳେ ଅଗଷ୍ଟ ୩ ତାରିଖ ସମସ୍ତ ଗେଟ୍ ବନ୍ଦ କରି ଦିଆଯାଇଥିଲା। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୦୯.୭୫ ଫୁଟ୍ ରହିଥିଲା। ଆଜି ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୨.୯୫ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୬୭,୬୯୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୫୯୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୧,୨୮୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪,୦୮୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧.୭୪ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୨୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୦,୪୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୨୩,୯୧୩ କ୍ୟୁସେକ୍, ଖଇରମାଲଠାରେ ୫୭,୨୦୦ କ୍ୟୁସେକ୍, ବାରମୁଲଠାରେ ୬୭,୬୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୭୩,୯୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ସ୍ୱାଧୀନତା ଦିବସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

ସମ୍ବଲପୁର, ୫।୮ (ସମିସ) : ସ୍ୱାଧୀନତା ଦିବସ ଅବସରରେ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ସାଂସ୍କୃତିକ ସମାଜ ତତ୍ତ୍ୱାବଧାନରେ ସ୍କୁଲ ଓ କଲେଜସ୍ତରୀୟ କୁଇଜ୍ ପ୍ରତିଯୋଗିତା



ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ। ସ୍କୁଲସ୍ତରୀୟ କୁଇଜ୍ ପ୍ରତିଯୋଗିତା ଶ୍ରୀକାନ୍ତ ଷଡ଼ଙ୍ଗୀ ଓ କଲେଜସ୍ତରୀୟ ପ୍ରତିଯୋଗିତା ହେମନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ। ସ୍କୁଲସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧନୁପାଲିର ବିଶ୍ୱପ୍ରସାଦ ବଳ ଓ ଅବିନାଶ ସାହୁ ପ୍ରଥମ, ସେଣ୍ଟ ଜୋନ୍ ସ୍କୁଲର ମହମ୍ମଦ ଜଏନୁଲ ଆବେଦିନ୍ ଓ ରିଷିକ ନାରୋଲିଆ ଦ୍ୱିତୀୟ, ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବିନାଶ ଜେନା ଓ ତ୍ରିଶାରାଣୀ ପ୍ରସାଦ ଏବଂ ନିଉ ରମ୍ଭେଲା ହାଇସ୍କୁଲର ସାହିଲ ଖଣ୍ଡା ଓ କୃଷ୍ଣ ଚୌରାସିଆ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଲେଜସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଡଃ ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ରମେଶ କୁମ୍ଭାର ଓ ଶ୍ୟାମ ପ୍ରଜ୍ଞାନନ୍ଦ ପାଣିଗ୍ରାହୀ ପ୍ରଥମ, ସୈନିକ ସ୍କୁଲର ଆଲୋକ ରଜଂନ ଓ ସୋମ୍ୟରଞ୍ଜନ ବେହେରା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ସୋମ୍ୟ ସୋଭାଗ୍ୟ ବଳ ଓ ମାନସ ରଞ୍ଜନ ମିଶ୍ର ଏବଂ ହୀରାକୁଦ କଲେଜର ରୀତେଶ କୁମାର ଡାଁଗୁଆ ଓ ଅଭିଷେକ ସିଂ ମିଳିତ ଭାବେ ଦ୍ୱିତୀୟ ଏବଂ ମହିଳା ମହାବିଦ୍ୟାଳୟର ସ୍ୱସ୍ତିକା ବିଶ୍ୱାଳ ଓ ସମା ପରବିନ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କୃତୀ ପ୍ରତିଯୋଗୀ ମାନଙ୍କୁ ଆଗାମୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ ପରିଚାଳନାରେ ଅଶୋକ କୁମାର ମିଶ୍ର, ଶ୍ୟାମ ସୁନ୍ଦର ଅଗ୍ରୱାଲ, ରାଜେନ୍ଦ୍ର କୁମାର ତ୍ରିପାଠୀ, କୈଳାଶ ମିସ୍ତ୍ରୀ, ଲଳିତ ଜେନା, ଶିବ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ବରଗଡ଼ରେ ଖୋଲିଲା ଜିଏମ୍ ଅଟୋନେସନର ମହିନ୍ଦ୍ରା ସୋ' ରୁମ୍





ସମ୍ବଲପୁର,୫।୮ (ସମିସ):ଗ୍ରାହକଙ୍କ ସୁବିଧା ପାଇଁ ଜିଏମ୍ ଅଟୋନେସନ ଏଲଏଲପି ତାର ନିଜର ଦ୍ୱିତୀୟ ମହିନ୍ଦାର କାର୍ ସୋରୁମ ବରଗଡ଼ ଠାରେ ଖୋଲିଛି। ପୂର୍ବ ଗାଡ଼ି ସର୍ଭିସଂ ପାଇଁ ସମ୍ବଲପୁର ଆସିବାକୁ ପଡୁଥିଲା, ତେଣୁ ବରପାଲି ରୋଡ ଏକାମର ଛକରେ ସୋରୁମର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱନୀ ଷଡ଼ଙ୍ଗୀ ଓ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୋରୁମର ମାଲିକ ହରଜିତ ସିଂ କାଲରା, ଏମଡି ହର୍ଷଦୀପ ସିଂ କାଲରା ଓ ମନୁ ବେଦୀ, ମହିନ୍ଦ୍ରା ଆରଏସଏମର ସମିତି ଅରୋରା, ଏଏସଏମ ସୂର୍ଯ୍ୟପ୍ରକାଶ ନାୟକ ଏବଂ କିଶୋର କୌଶଲ, ଆରସିସିଏମ ଗୌରବ ଶର୍ମା,ସିସିଏମ ଶ୍ରେୟଷ ସଙ୍ଗିତ୍ରାଓ, ଜିଏମ ଅଭିଳାଷ ପଣ୍ଡା ଓ ଦୀପକ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସୋରୁମରେ ମହିନ୍ଦ୍ରାର ସମସ୍ତ ନୂତନ ଗାଡ଼ି ଉପଲବ୍ଧ ରହିଛି। ଏହା ସହ ନିଜସ୍ୱ ବିଲ୍ଡିଂରେ ସର୍ଭିସିଂର ସୁବିଧା ମଧ୍ୟ ରହିଛି।

**୮୮ ଲକ୍ଷ ଲୁଟ୍ ଘଟଣାରେ ଗରିଫଦାରୀ ବଢ଼ିବ**

# ଲୋଭରେ ଆସି ଅନ୍ୟକୁ ଆକାଉଣ୍ଟ ବ୍ୟବହାର କରିବାକୁ ଦିଅନ୍ତୁ ନାହିଁ

ସମ୍ବଲପୁର,୫।୮ (ସମିସ):ସମ୍ବଲପୁର ସାଇବର ପୁଲିସ ମଙ୍ଗଳବାର ୪ ଜଣ ଠକଙ୍କୁ ଗିରଫ କରିଛି। ଏଥିସହ ଲୋକଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଛି। ଗିରଫ ଅଭିଯୁକ୍ତମାନେ ବିଶେଷ ଭାବେ ଦଲାଲ କାମ କରୁଥିଲେ। ହାଏ ଲିମଟ କରେଣ୍ଟ ଆକାଉଣ୍ଟ ଥିବା ଗ୍ରାହକଙ୍କୁ ଖୋଜୁଥିଲେ। ସେମାନଙ୍କୁ ଖାତାକୁ ବ୍ୟବହାର କରି ଲୋକଙ୍କ ଠାରୁ ସର୍ବସ୍ୱ ନେଇ ଯାଉଥିଲେ। ସାଇବର ଘଟଣାର ମୁଖ୍ୟ ଅଭିଯୁକ୍ତ ସାଉଦି ଆରବରେ ହୋଇଥିଲେ ମଧ୍ୟ ସାରା ତାରା ପତିଆରା ଜମାଇଥିଲା। ଏଭଳି ଅଭିଯୁକ୍ତ ମାନଙ୍କୁ ଲାଳାସ ଦେଇ ନିଜ ଜାଲରେ ଫସାଇଥିଲା। ପରେ ବ୍ୟାଙ୍କ କର୍ମଚାରୀଙ୍କୁ ଧରି ହାଏ ଲିମିଟ କରେଣ୍ଟ ଏକାଉଣ୍ଟ ଖୋଲା ଯାଉଥିଲା, କିମ୍ବା ଯାହାର ଏହି ଏକାଉଣ୍ଟ ରହିଥିଲା ତାଙ୍କୁ ଲୋଭା ଦେଖାଇ ନିଜ ଜାଲରେ ପକାଉଥିଲେ। ହାଏ ଲିମିଟ ବ୍ୟାଙ୍କିଂ ଅର୍ଥ ହେଉଛି, ଗୋଟାଏ ଦିନରେ ଏହି ଗ୍ରାହକ ମାନେ ୧ ଲକ୍ଷରୁ ଅଧିକ ଟଙ୍କା ପର୍ଯ୍ୟନ୍ତ ଟ୍ରାଞ୍ଜାକ୍ସନ କରି ପାରିବେ। ଖାତା ଖୋଲିବାକୁ ହେଲେ ନିଜର କୌଣସି ବ୍ୟବସାୟ ତଥା ଆୟର ଜରୁରୀ ଥାଏ। କିନ୍ତୁ ଏହି ଲୁଟେରା ମାନେ ଟଙ୍କା ଦେଇ କିଛି ବ୍ୟାଙ୍କ କର୍ମଚାରୀଙ୍କୁ ହାତେଇ ନିଜର କାମ ହାସଲ କରିଥାନ୍ତି। ଜଣେ ବିନିଯୋଗକାରୀ କୌଣସି ଆପ ମାଧ୍ୟମରେ ଟଙ୍କା ଜମା କରିଥିଲେ ଏହି ହାଏ ଲିମିଟ ଗ୍ରାହକଙ୍କ ଖାତାକୁ ଯାଇଥାଏ। ସେପଟେ ସମସ୍ତ ଟଙ୍କା ବିଭିନ୍ନ ଖାତାକୁ କ୍ଷଣିକ ମଧ୍ୟରେ ଟ୍ରାନ୍ସଫର ହୋଇଯାଇଥାଏ। ଏଥି ପାଇଁ ଏକାଉଣ୍ଟ ଧାରୀ ଓ ଉପରୋକ୍ତ ଦଲାଲ ମାନେ କମିଶନ ପାଇଥାନ୍ତି। ଗୋଟାଏ ଦିନେ ଅଧିକ ଟ୍ରାଞ୍ଜାକ୍ସନ ହେବା ପରେ ଖାତା ବନ୍ଦ ମଧ୍ୟ ହୋଇ ଯାଇଥାଏ। ପୁରେ ଦଲାଲ ମାନେ ପୁଣି ନୂତନ ହାଏ ଲିମିଟ ଗ୍ରାହକଙ୍କୁ ଖୋଜିଥାନ୍ତି କିମ୍ବା ନୂଆଁ ଖାତା ଖୋଲିଥାନ୍ତି। ତେଣୁ ଲୋଭରେ ପଡ଼ି କେହି ମଧ୍ୟ ନିଜର ବ୍ୟାଙ୍କ ଖାତା ତଥ୍ୟ, ଏଟିଏମ ଓଟିପି ପ୍ରଦାନ କରନ୍ତୁ ନାହିଁ। ଯଦି କାହାକୁ ବ୍ୟବହାର କରିବାକୁ ଦେଲେ ତାହାଲେ ନିଜେ ମଧ୍ୟ ଅପରାଧରେ ଜଡ଼ିତ ହେବେ ବୋଲି ଡିଆଇବି ଏଏସପି ଶଶାଙ୍କ ଶେଖର ବେଉରା କହିଛନ୍ତି। ସମ୍ବଲପୁରରେ ୮୮ ଲକ୍ଷ ଠକେଇ ପରେ ସାଇବର ପୁଲିସ ତତ୍ପରତା ଦେଖାଇ ଏମାନଙ୍କୁ ଗିରଫ କରିଛି। ନିଜ ଅଜଣାତରେ କୌଣସି ଟଙ୍କା ବାରମ୍ବାର ବ୍ୟାଙ୍କ ଖାତାରେ ଜମା ହେଉଥିଲେ ମଧ୍ୟ ଅଭିଯୋଗ କରନ୍ତୁ ବୋଲି ସେ କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତି ଥିବା ଅନ୍ୟ ଆକାଉଣ୍ଟ ଧାରୀକୁ ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ରହିଛି।

## ଭୁଜାଲି ଦେଖାଇ ଲୁଟ, ଜଣେ ଗିରଫ



ସମ୍ବଲପୁର,୫।୮ (ସମିସ):ବୁର୍ଲା ଭିମସାର ପଛପଟେ ଥିବା ଏକ ଗ୍ରୋସରୀ ଦୋକାନୀକୁ ଭୁଜାଲି ଦେଖାଇ ଲୁଟ କରିଥିବା ଘଟଣାରେ ବୁର୍ଲା ଥାନା ପୁଲିସ ଜଣକୁ ଗିରଫ କରିଛି। ସେ ହେଉଛି ବୁର୍ଲା ଥାନା ପଠାଣବନ୍ଧର ସୁମିତ ସାହୁ(୧୯)। ସୋମବାର ସନ୍ଧ୍ୟାରେ ଅଭିଯୁକ୍ତ ରାସନ ଦୋକାନ ଯାଇ ଭୁଜାଲି ଦେଖାଇ ୫୦୦ ଟଙ୍କା ମାଗିଥିଲା। ଟଙ୍କା ନ ମିଳିବାରୁ ଦୋକାନୀକୁ ମାଡ଼ ମାରି ଜିନିଷ ପତ୍ର ତଳକୁ ଫୋପାଡ଼ି ଦେଇଥିଲା। ଯୋରଜବରଦସ୍ତ ୫ ଶହ ଟଙ୍କା ନେଇ ଫେରାର ହୋଇଯାଇଥିଲା। ଅଭିଯୋଗ ପରେ ପୁଲିସ ଭୁଜାଲି, ୩ଶହ ଟଙ୍କା ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ନିଜର ପତିଆରା ଜାହିର ପାଇଁ ଛାତ୍ରଛାତ୍ରୀଙ୍କ ବଳି ପକାଉଛି ଏବିଭିପି'

ସମ୍ବଲପୁର,୫।୮ (ସମିସ):ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ଘଟିଯାଇଥିବା ଦୁଃଖଦ ଘଟଣାରେ ଛାତ୍ରୀଙ୍କ ମୃତ୍ୟୁ ପାଇଁ ବିଜେପି ଛାତ୍ର ସଂଗଠନ ଏବିଭିପିର ଦୁଇଜଣ ଛାତ୍ର ନେତା ଗିରଫ ହେବା ଅତ୍ୟନ୍ତ ଚିନ୍ତାର ବିଷୟ। ଛାତ୍ର ସଂଗଠନ ନାମରେ ନିଜର ପତିଆରା ଜାହିର କରିବାକୁ ଯାଇ ଏବିଭିପିର କର୍ମକର୍ତ୍ତା ଜଣେ ଛାତ୍ରୀଙ୍କୁ ପ୍ରବର୍ତ୍ତାଇ, ତାଙ୍କୁ ଆତ୍ମଦାହ କରିବାରେ ସହଯୋଗ କରିଥିବାରୁ ଗିରଫ କରାଯାଇଛି। ଛାତ୍ର ସଂଗଠନ ନାମରେ ନିଜର ପତିଆରା ଜାହିର କରିବା ପାଇଁ ଛାତ୍ରଛାତ୍ରୀଙ୍କ ବଳି ପକାଉଛି ଏବିଭିପି ବୋଲି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଙ୍ଗ ଅନମୋଲ ଦାଶ କହିଛନ୍ତି। ସେ କହିଛନ୍ତି ପ୍ରତିବର୍ଷ ଜୋର୍ ଜବରଦସ୍ତ ଛାତ୍ରଛାତ୍ରୀଙ୍କୁ ସଂଗଠନରେ ଯୋଡ଼ି ବିଭିନ୍ନ ଛାତ୍ରଛାତ୍ରୀଙ୍କ ଜୀବନ ଅନ୍ଧକାର ମୟ କରୁଥିବା ହେବା ଉପରୋକ୍ତ ଘଟଣାରୁ ସ୍ପଷ୍ଟ ଭାବରେ ବାରି ହେଉଛି। ଗିରଫଦାରୀ ଘଟଣାରୁ ସ୍ପଷ୍ଟ ଭାବରେ ଜଣାପଡୁଛି ଯେ ଛାତ୍ରଛାତ୍ରୀଙ୍କ ଉନ୍ନତି ନୁହେଁ ଅବନତି ପାଇଁ କାର୍ଯ୍ୟ କରୁଛି। ଏହି ସଂଗଠନକୁ ଓଡ଼ିଶାର ସମସ୍ତ କ୍ୟାମ୍ପସରେ ସରକାର ନିଷିଦ୍ଧ କରନ୍ତୁ। ଆଗାମୀ ଦିନରେ ଜିଲ୍ଲା ବିଜେଡି ସଭାପତି ଙ୍ଗ ରୋହିତ ପୂଜାରୀଙ୍କ ଆହ୍ୱାନ କ୍ରମେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମହିଳା ଏବଂ ଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ସମ୍ବଲପୁରର ବିଭିନ୍ନ ଶିକ୍ଷାନୁଷ୍ଠାନର ଶହ ଶହ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ଦିଆଯିବ।

## ତୃତୀୟ ଭାଷା ସଂସ୍କୃତ ଓ ହିନ୍ଦୀକୁ ପୁନଃରଖିବାକୁ ଦାବିକଲେ ଦିଲ୍ଲୀର ଓଡ଼ିଆ ଛାତ୍ର

ସମ୍ବଲପୁର, ୫।୮ (ସମିସ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ସରକାରଙ୍କ ଚିଠି ସଂଖ୍ୟା ୧୮୧୮, ତା ୨୩-୦୭-୨୦୨୫ ଅନୁସାରେ ଓଡ଼ିଶାର ୪୩୧ଟି ଉଚ୍ଚ ବିଦ୍ୟାଳୟରେ ବାଧ୍ୟତାମୂଳକ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବଦଳରେ ଭୋକେସନାଲ ବା ଧନ୍ଦାମୂଳକ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ଓଡ଼ିଶା ସରକାର ଯେଉଁ ଚିଠି ପ୍ରକାଶ କରିଥିଲେ ସେହି ବିଷୟରେ ଦିଲ୍ଲୀରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହଲିଙ୍ଗଙ୍କୁ ସାକ୍ଷାତ କରି ଦିଲ୍ଲୀରେ ଗବେଷଣା କରୁଥିବା ଛାତ୍ର ନୀଳାମ୍ବର ଦାସ ଓ ସୌମ୍ୟରଞ୍ଜନ ବଡ଼ପଣ୍ଡା ଆଲୋଚନା କରିଛନ୍ତି। ଓଡ଼ିଆ ଛାତ୍ରଙ୍କ ଉପସ୍ଥିତିରେ ମନ୍ତ୍ରୀ ନିଜେ ଉଭୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହ କଥା ହୋଇଥିଲେ ଏବଂ ଏହାର ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରକାଶ।



## କଟଙ୍ଗପାଣି ଭୂତକେଲ ପର୍ବତରେ ଇନ୍ଦ୍ର ପୂଜା

ଜମନକିରା,୫।୮ (ସମିସ): ଜମନକିରା ବ୍ଲକ୍ ଅନ୍ତର୍ଗତ କଟଙ୍ଗପାଣି ଭୂତକେଲ ପର୍ବତରେ ଇନ୍ଦ୍ର ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜକ ରାଣା ପ୍ରତାପ ପାଢ଼ୀଙ୍କ ପୌରହିତରେ ଅନୁଷ୍ଠିତ ପୂଜାରେ କର୍ତ୍ତା ଭାବରେ ଚୈତନ୍ୟ ଖର୍ସେଲ ରହିଥିବା ବେଳେ ଗ୍ରାମର ପୁରୁଷ ମହିଳାମାନେ ଯୋଗ ଦେଇଥିଲେ। ଘଣ୍ଟ, ଶଙ୍ଖ, ହୁଳହୁଳିରେ ପର୍ବତ କମ୍ପି ଉଠୁଥିଲା। ଚୂଡ଼ାମଣି ପଟେଲ, କ୍ଷୀରସାଗର ପ୍ରଧାନ, ମହେନ୍ଦ୍ର ନାଗ, ପ୍ରଶାନ୍ତ ପ୍ରଧାନ, ଜଗଦୀଶ ବାଘ, କେଦାର ପଟେଲ, ମୁକୁନ୍ଦ ଦେହୁରୀ, ରାମ ଚନ୍ଦ୍ର ପଟେଲ୍ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥଲେ।



# ଜିଲ୍ଲାରେ ୪ ନିର୍ବାଚନମଣ୍ଡଳୀରେ ବଢ଼ିବ ୨୧୧ ବୁଥ୍

ସମ୍ବଲପୁର, ୫।୮ (ସମିସ) : ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜିଲ୍ଲାରେ ମତଦାନ କେନ୍ଦ୍ର ଗୁଡ଼ିକର ଯୁକ୍ତିଯୁକ୍ତକରଣ (ରେସନାଲାଇଜେସନ୍) ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସକାଶେ ଜିଲ୍ଲାର ନିର୍ବାଚନ କାର୍ଯ୍ୟାଳୟ ସକ୍ରିୟ ହୋଇପଡ଼ିଥିବାବେଳେ ଆଜି ରାଜନୈତିକ ଦଳ ଗୁଡ଼ିକର ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନାନୁଯାୟୀ, ଜିଲ୍ଲାରେ ୧୨୦୦ରୁ ଅଧିକ ମତଦାତା ଥିବା ବୁଥ୍ ଗୁଡ଼ିକରୁ ଅଧିକ ସଂଖ୍ୟକ ମତଦାତାଙ୍କୁ ନେଇ ନୂତନ ବୁଥ୍ କିମ୍ବା ଆଖପାଖର ବୁଥ୍ ଗୁଡ଼ିକରେ ବାଣ୍ଟି ଦିଆଯିବ। ଏହି ପ୍ରକ୍ରିୟାରେ ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀରେ ଆଉ ୨୧୧ଟି ବୁଥ୍ କରିବାକୁ ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟକୁ ପ୍ରସ୍ତାବ ଦିଆଯାଇଛି।



ସମ୍ବଲପୁର ଜିଲ୍ଲାରେ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର ଓ ରେଢ଼ାଖୋଲରେ ମୋଟ ୯୫୮ଟି ବୁଥ୍ ରହିଛି। ୧୨୦୦ ଭୋଟର୍‌ରେ ସୀମିତ କରାଗଲେ କୁଚିଣ୍ଡା (ଏସ୍‌ଟି)ରେ ୨୭୨ରେ ୫୭ଟି ବୁଥ୍ ଯୋଡ଼ାଯିବାକୁ ଥିବାବେଳେ ରେଙ୍ଗାଲି (ଏସ୍‌ସି)ରେ ୨୩୬ରେ ୩୫ଟି ବୁଥ୍, ସମ୍ବଲପୁରରେ ୧୯୭ରେ ୭୭ଟି ବୁଥ୍ ଏବଂ ରେଢ଼ାଖୋଲରେ ୨୫୩ରେ ୪୨ଟି ବୁଥ୍ ଯୋଡ଼ାଯିବ। ଏହାଦ୍ୱାରା ସମ୍ବଲପୁର ଜିଲ୍ଲାରେ ଏହି ପ୍ରସ୍ତାବ କାର୍ଯ୍ୟକାରୀ କରାଗଲେ ମୋଟ୍ ବୁଥ୍ ସଂଖ୍ୟା ୧୧୬୯ରେ ପହଞ୍ଚିବ। ଏହି ବୁଥ୍ ସଂଖ୍ୟାରେ ବୃଦ୍ଧି ଦ୍ୱାରା ଅଧିକ ସଂଖ୍ୟକ ନିର୍ବାଚନ ପରିଚାଳନା ଅଧିକାରୀଠାରୁ ଆରମ୍ଭ କରି ପୁଲିସ ଫୋର୍ସ ପର୍ଯ୍ୟନ୍ତ ନିୟୋଜିତ ହେବେ।

ମଙ୍ଗଳବାର ସମଗ୍ର ଶିକ୍ଷା ଅଭିଯାନ ସଭାକକ୍ଷରେ ଆୟୋଜିତ ରାଜନୈତିକ ଦଳ ଗୁଡ଼ିକର ସାଧାରଣ ନିର୍ବାଚନ ସକାଶେ ବୁଥ୍ ଯୁକ୍ତିଯୁକ୍ତକରଣ (ରେସନାଲାଇଜେସନ୍) ବୈଠକରେ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିକରଣ ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ନିର୍ବାଚନ ପରିଚାଳନା, ବୁଥ୍ ମାନଙ୍କରେ ଭୋଟର୍ ସଂଖ୍ୟା ଏବଂ ଅନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ସମ୍ବଲପୁର ସହରାଞ୍ଚଳରେ ଜନସଂଖ୍ୟାର ଘନତ୍ୱ ଓ ଗ୍ରାମାଞ୍ଚଳରେ ଜନସଂଖ୍ୟାର ଘନତ୍ୱ ଭିତରେ ଆକାଶ ପାତାଳ ବ୍ୟବଧାନ ରହିଛି। ଏହାସହ ଭୌଗୋଳିକ ଓ ପାରିପାର୍ଶ୍ୱିକ ସ୍ଥିତି ମଧ୍ୟ ଭିନ୍ନ। ପୁଣି ଗତ ନିର୍ବାଚନ ସମୟରେ ଜିଲ୍ଲାର କେତେକ ବୁଥ୍‌ରେ ଅପରାହ୍ନ ୫ଟା ବେଳେ ଭୋଟ୍ ଦାନ ସରିଯାଇଥିବାବେଳେ ସହରାଞ୍ଚଳର କେତେକ ବୁଥ୍‌ରେ ରାତି ୧୧ଟା ଯାଏ ଭୋଟ୍‌ଦାନ ଚାଲୁ ରହିଥିଲା। ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଆସ୍କା ଲାଇଟ୍ ଗୁଡ଼ିକ ଆଲୋକୀକରଣରେ ଅସମର୍ଥ ରହିଥିଲା। ଏଣୁ ସ୍ଥିତି ଅନୁଯାୟୀ ବୁଥ୍ ଗୁଡ଼ିକର ଭୋଟର ସଂଖ୍ୟା ନିର୍ଦ୍ଧାରଣ କରିବା ଏବଂ ସମସ୍ତ ପ୍ରକାର ସୁବିଧା ଯୋଗାଇବା ନେଇ ରାଜନୈତିକ ଦଳର ପ୍ରତିନିଧିମାନେ ମତପ୍ରକାଶ କରିଥିଲେ। ଏହି ବୈଠକରେ ସମ୍ବଲପୁର, ରେଢ଼ାଖୋଲ ଓ କୁଚିଣ୍ଡା ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ବିଭାଗ ଅଧିକାରୀ ଓ କର୍ମଚାରୀ ତଥା ବିଜେପି, ବିଜେଡି, କଂଗ୍ରେସ, କମ୍ୟୁନିଷ୍ଟ ପାର୍ଟି, ବିଏସ୍‌ପି, ଆପ୍ ଆଦି ବିଭିନ୍ନ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।

# କଦଳିପାଲ ଉନ୍ନୀତ ହାଇସ୍କୁଲରେ ଶିକ୍ଷକ ଅଭାବ



- ଏନଏଚ୍ ଅବରୋଧ କଲେ ଛାତ୍ରଛାତ୍ରୀ
- ୭ ଦିନ ଭିତରେ ଦିଆଯିବ ୩ ଜଣ ଶିକ୍ଷକ

ଜମନକିରା,୫।୮ (ସମିସ): ଜମନକିରା ବ୍ଲକ୍ କୁଲୁଣ୍ଡି ପଞ୍ଚାୟତ କଦଳିପାଲ ଉନ୍ନୀତ ହାଇସ୍କୁଲରେ ଶିକ୍ଷକ ଅଭାବ ରହିଛି। ପୂର୍ବରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବୋଲିରାମ ବନ୍ଦର, ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ବିଇଓ ରୁକ୍ମଣ ପ୍ରଧାନଙ୍କୁ ଲିଖିତ ଜଣାଇଥିଲେ। କିନ୍ତୁ ସେଥିରେ କିଛି ସୁଫଳ ମିଳିଲା ନାହିଁ। ତେଣୁ କଦଳିପାଲ ଉନ୍ନିତ ହାଇସ୍କୁଲ୍ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମେତ ୬ ଜଣ ଶ୍ରେଣୀ ଶିକ୍ଷକଙ୍କୁ ସ୍କୁଲ୍ ରୁ ବାହାରି ଯିବାକୁ କହି ଶିକ୍ଷକ ନିଯୁକ୍ତି ଦାବିରେ ଗେଟ୍ ସମ୍ମୁଖରେ ସମସ୍ତ ଛାତ୍ରଛାତ୍ରୀ ତାଲା ପକାଇ ଏନଏଚ୍ ୫୩କୁ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୧ ଟା୧୫ ପର୍ଯ୍ୟନ୍ତ ଅବରୋଧ କରିଥିଲେ।ପ୍ରଧାନଶିକ୍ଷକ ସଞ୍ଜୟ ଝାଙ୍କର୍, ଗୌଡ଼ପାଲି ସିଆରସିସି ପ୍ରତାପ କୁମାର ମହାପାତ୍ରଙ୍କ ସୂଚନା ପାଇ ଏବିଇଓ ଦେବକୀ ନାଏକ ଆନ୍ଦୋଳନ ସ୍ଥଳକୁ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ହେଲେ ଆବଶ୍ୟକ ଶିକ୍ଷକ ତୁରନ୍ତ ନିଯୁକ୍ତ କଲେ ସେମାନେ ଆନ୍ଦୋଳନରୁ ଉଠିଯିବେ ବୋଲି ଜିଦ୍ କରିଥିଲେ। ବିଡ଼ିଓ ରବିନ୍ଦ୍ର ସେଠୀ, ଏପିଓ ମନୋଜ୍ ଭୋଇ, ଆଇଆଇସି ପଦ୍ମାଳୟା ସାହୁ, ଏସଆଇ ସନ୍ତୋଷ ସ୍ୱାଇଁ, ଏଏସ୍‌ଆଇ ନିରଞ୍ଜନ ପ୍ରଧାନ, ବିଇଓ ରୁକ୍ମଣ ପ୍ରଧାନ ପ୍ରମୁଖ ପହଞ୍ଚି ଛାତ୍ର ଛାତ୍ରୀଙ୍କୁ ବୁଝାଇଥିଲେ। ବିଡିଓ ଶ୍ରୀ ସେଠୀ ଜିଲ୍ଲାପାଳଙ୍କୁ ଆବଶ୍ୟକ ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ବିଷୟରେ ଅବଗତ କରିଥିଲେ। ଜିଲ୍ଲାପାଳ ବିସ୍ତୃତ ସୂଚନା ପାଇବା ପରେ ଆସନ୍ତା ୭ ଦିନ ମଧ୍ୟରେ ଆବଶ୍ୟକ ଶିକ୍ଷକ ଦିଆଯିବ ବୋଲି ବିଡ଼ିଓଙ୍କୁ ଲିଖିତ ପ୍ରତିଶ୍ରୁତି ଦେବାକୁ ନିର୍ଦ୍ଦେଶ ଦେବା ସହ ରାସ୍ତାରୋକ ହଟାଇବାକୁ କହିଥିଲେ। ଆସନ୍ତା ୭ ଦିନ ମଧ୍ୟରେ କଦଳିପାଲ ଉନ୍ନୀତ ହାଇସ୍କୁଲରେ ୩ଜଣ ଶିକ୍ଷକ ନିଯୁକ୍ତ କରାଯିବ ବୋଲି ବିଡ଼ିଓ ଶ୍ରୀ ସେଠୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ରାସ୍ତା ଅବବୋଧରୁ ହଟିଥିଲେ। ସୂଚନା ଯୋଗ୍ୟ, ଏନଏଚ ୫୩ ପାର୍ଶ୍ୱରେ ଅବସ୍ଥିତ କଦଳିପାଲ ଉନ୍ନୀତ ହାଇସ୍କୁଲରେ ପ୍ରଧାନଶିକ୍ଷକ ସଞ୍ଜୟ ଝାଙ୍କର୍‌ଙ୍କୁ ମିଶାଇ ୬ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଏଠାରେ ବାଲ୍ ବାଟିକା ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୨୦୨ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଏଥିରୁ ପ୍ରାଇମେରୀ ସ୍କୁଲରେ ମୋଟ୍ ୧୬୨ ଜଣ ଏବଂ ହାଇସ୍କୁଲ୍‌ରେ ମୋଟ୍ ୪୦ ଛାତ୍ରଛାତ୍ରୀ ରହିଛନ୍ତି। ଏଠାରେ କଦଳିପାଲ୍ ଉନ୍ନିତ ହାଇସ୍କୁଲ ଖୋଲା ଯାଇ ଥିଲେ ହେଁ ଶିକ୍ଷା ବର୍ଷ ସରିବା ଉପରେ ଏଯାଏଁ କୌଣସି ଜଣେ ହେଲେ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇନାହିଁ। ଫଳରେ ନବମ ଓ ଦଶମ ଶ୍ରେଣୀର ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରାଇମେରୀ ସ୍କୁଲ ଶିକ୍ଷକ ପାଠ ପଢ଼ାଉଛନ୍ତି।

## ବନ୍ୟା ବିପନ୍ନ ପଞ୍ଚାୟତକୁ ଗୋଖାଦ୍ୟ ବଣ୍ଟନ

**ଦଶରଥପୁର, ୫।୮ (ସମିସ):** ଗତ ଜୁଲାଇ ମାସରେ ବୈତରଣୀ ଓ ଶାଖା କାଣୀ ନଦୀରେ ୫ମ ଥର ବନ୍ୟା ଆସିବା ଫଳରେ ଦଶରଥପୁର ବ୍ଲକରେ ବ୍ୟାପକ ଚାଷ ନଷ୍ଟ ହୋଇଛି । ଏଥିରେ ବ୍ଲକର ୩୫ଟି ପଞ୍ଚାୟତ ମଧ୍ୟରୁ ୧୮ଟି ପଞ୍ଚାୟତ ବନ୍ୟାରେ ବିପନ୍ନ ହୋଇଥିଲା । ଏଥିରେ ବ୍ୟାପକ ଜମିରେ ବନ୍ୟା ଜଳ ପ୍ରବେଶ କରିବାରୁ ଗୃହପାଳିତ ପଶୁ କ୍ଷତି ଗ୍ରସ୍ତ ହୋଇଥିଲେ । ଏଣୁ ବିଭିନ୍ନ ରାଜନୈତିକ ଦଳର ଦାବି ଅନୁସାରେ ପ୍ରଶାସନ ପକ୍ଷରୁ ୧୮ଟି ପଞ୍ଚାୟତକୁ ୧୦୮୪ ବସ୍ତା ଅର୍ଥାତ ୫୪୨୨୧ କିଲୋ ଗୋଖାଦ୍ୟ ଯୋଗାଇଦିଆଯାଇଛି । ଜୟନ୍ତରା ପଞ୍ଚାୟତକୁ ୪୨ ବସ୍ତା, କଟିକାଟାକୁ ୨୫, ଛଞ୍ଚିଣା ୧୯, ଥାଳକୁଡି ୬୯, ମଙ୍ଗଳପୁର ୭୮, ଜାଫରପୁର ୩୧, ପାଳଟପୁର ୯୦, ତରପଦା ୮୧, କସପା ୫୬, ମଲିକାପୁର ୬୩, ବିରିପଟା ୧୦୫, କୟାଁ ୧୧୭, ଖାନନଗର ୨୭, କମାରଡିହ ୩୪, ନିଜାମପୁର ୧୦୩, ଦଉପୁର ୫୫, ଦୁଦୁରାଅଣ୍ଟା ୪୫, ଶୁଣୁଆ ୪୪ ବସ୍ତା ଗୋ ଖାଦ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି ।

### କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ

# ଧର୍ମଶାଳାରେ ହେବ କ୍ରୀଡ଼ା ଛାତ୍ରାବାସ

**ଧର୍ମଶାଳା, ୫।୮ (ସମିସ)**



ରାଜ୍ୟ ସରକାର କ୍ରୀଡ଼ାର ବିକାଶ କ୍ଷେତ୍ରରେ ଅନେକ ପ୍ରୟାସ ଜାରି ରଖିଛନ୍ତି । ଉତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ସହ ସଫଳ କ୍ରୀଡ଼ାବିତମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରାୟାସ କ୍ରମେ ଜିଲ୍ଲା ପ୍ରଶାସନ, ରାମକୋ ସିମେଣ୍ଟ ଲିମିଟେଡ ଏବଂ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ମିଳିତ ଉଦ୍ୟମରେ ଧର୍ମଶାଳା ଷ୍ଟାଡିୟମ୍‌ଠାରେ ଆଜି ଏକ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ୫ ଦିନ ଧରି ଅନୁଷ୍ଠିତ ହେବ ଏହି କାର୍ଯ୍ୟକ୍ରମ । ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଫକିର ମୋହନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭବେ ସମାଜସେବୀ ମିନତୀ ସାହୁ, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ଡା. ସୁଧିର କୁମାର ସାହୁ, ରାମ୍‌କୋର ଆଡମିନ ହେଡ ପ୍ରଭାତ ସାହୁ, ୟୁନିଟ ହେଡ ଗୋବିନ୍ଦ ରାଉତ, ଏଚଆର ହେଡ୍ ସର୍ବେଶ୍ୱର ମହାପାତ୍ର, କ୍ରୀଡ଼ା ଶିକ୍ଷକ ସନ୍ଦିପ ମହାନ୍ତି, କ୍ରୀଡା ଶିକ୍ଷୟିତ୍ରୀ ପାର୍ବତୀ ମାଝୀ, ବିଜେପି ଯୁବ ନେତା ଜିତେନ୍ଦ୍ର ରାଉତ, ରାଜେଶ ପାଳ ପ୍ରମୁଖ ଯୋଗଦେଇଥିଲେ । ଉଦ୍‌ଘାଟନୀ ଉତ୍ସବ ପରେ ପରେ ଆଜି ଅନୁଷ୍ଠିତ ଦୌଡ଼କୁଦ ପାଇଁ ଜିଲ୍ଲାର ୧୦ ଗୋଟି ବ୍ଲକର ୨୪୦ଜଣ ଛାତ୍ରଛାତ୍ରୀ ନାମ ପଞ୍ଜିକୃତ କରି ନିଜର ଖେଳ ପ୍ରଦର୍ଶନ କରିଥିଲେ । ସେହିପରି ଆସନ୍ତାକାଲି ଫୁଟବଲ ଖେଳାଳି ଚୟନ, ୭ତାରିଖରେ କ୍ରିକେଟ ଖେଳାଳି ଚୟନ, ୮ରେ ଭଲିବଲ୍ ଖେଳାଳି ଚୟନ ଓ ୧୧ରେ ବ୍ୟାଡମିଟନ ପ୍ରତିଭା ଚୟନ ଅନୁଷ୍ଠିତ ହେବ । ତେବେ ଆସନ୍ତା ୧୨ ତାରିଖରେ ଚୟନ ହୋଇଥିବା ଖେଳାଳିମାନଙ୍କର ତାଲିକା ଜାରି କରାଯିବାକୁ ସ୍ଥିର କରାଯାଇଛି । ଏହି ଚୟନ ପ୍ରତିଯୋଗିତାରେ ୯ରୁ ୧୫ ବର୍ଷ କ୍ରୀଡ଼ାବିତ ଅଂଶଗ୍ରହଣ କରିପାରିବେ । ଏତଦବ୍ୟତିତ ଜଣେ ପ୍ରତିଯୋଗି ଯେକୌଣସି ଗୋଟିଏ କ୍ରୀଡ଼ାରେ ଅଂଶଗ୍ରହଣ କରିପାରିବେ । ଜାରକା ଷ୍ଟାଡିୟମ ପରିସରରେ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପ୍ରକାର କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କ ମଧ୍ୟରୁ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ଏଠାରେ ନିର୍ମାଣ ହେବାକୁଥିବା କ୍ରୀଡ଼ା ଛାତ୍ରବାସରେ ରଖାଯାଇ ଜାତୀୟସ୍ତର କୋଚମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ । ଛାତ୍ରାବାସରେ ୫୦ ଜଣ ଖେଳାଳି ରହିବାର ସୁବିଧା ଉପଲବ୍ଧ ହେବା ସହିତ ଏହି ଖେଳାଳିମାନଙ୍କ ମଧ୍ୟରୁ ୧୦୦ ଜଣ ଖେଳାଳିଙ୍କୁ ବଛାଯାଇ ଡେ' ବୋର୍ଡିଂ ବ୍ୟବସ୍ଥା କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଜିଲ୍ଲା କ୍ରୀଡ଼ା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି ।

### ୮ ମାସରୁ ଊର୍ଦ୍ଧ୍ୱ ଦିନ ବନ୍ଦ ରହିଛି ଖଣି

## କାଳିଆପାଣି 'ଡି-କ୍ୱାରୀ' ଖୋଲିବାକୁ ଦାବି

**କାଳିଆପାଣି, ୫।୮ (ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଓଏମ୍‌ସି ପରିଚାଳନାଧୀନ ସାଉଥ କାଳିଆପାଣି ଡି-କ୍ୱାରୀ ଖୋଲିବା ନିମନ୍ତେ ଶ୍ରମିକ ସଂଘ ପକ୍ଷରୁ ଦାବି କରାଯାଇଛି । ଦୀର୍ଘ ୮ ମାସ ଧରି ଏହି ଖଣି ବନ୍ଦ ହେବା କାରଣରୁ କର୍ମଚାରୀ ନାହିଁ ନଥିବା ହଇରାଣ ହେଉଛନ୍ତି । ଚଳିତ ବର୍ଷ ଜୁଲାଇ ମାସରେ ହୋଇଥିବା ଓଏମ୍‌ସିର ଖଣି ସମ୍ପ୍ରସାରଣକୁ ନେଇ ହୋଇଥିବା ଜନଶୁଣାଣିରେ ମୁହଁ ଖୋଲିଥିଲେ ଉକ୍ତ ଅଞ୍ଚଳର କର୍ମଚାରୀମାନେ । ଖଣିକୁ ତୁରନ୍ତ ଖୋଲିବାକୁ ଅନୁରୋଧ କରିଥିଲେ । ପୂର୍ବରୁ କାର୍ଯ୍ୟରେ ନିୟୋଜିତ ହୋଇଥିବା ଠିକାଦାରର କାର୍ଯ୍ୟକାଳ ସରିଯାଇଥିବା ପରେ ଏବେ ନୂଆ ଠିକାଦାର ଟେଣ୍ଡର ପାଇଛି । ଅଦ୍ୟାବଧି ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ କରିନାହିଁ ବୋଲି ଆଲୋଚନା ହେଉଛି । ଯାହାକୁ ନେଇ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୂର୍ ସଂଘ ତରଫରୁ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ଉପସଭାପତି ପ୍ରଭାତ ରଞ୍ଜନ ପ୍ରଧାନ, ଅଜୟ କୁମାର ନାୟକ, ୩୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଜେମ ଚାଖି, ଆଶିଷ କୁମାର ଜେନା, ଡି-କ୍ୱାରୀ ସଂଘର କାର୍ଯ୍ୟକର୍ତ୍ତା ଦଶରଥ ମହାନ୍ତ, ବିଜୟ କୁମାର ପରିଡ଼ା, ବିଜୟ କୁମାର ବେହେରା, ହିମାଂଶୁ ଶେଖର ବାରିକ୍, ଘନଶ୍ୟାମ ପରିଡ଼ା ପ୍ରମୁଖ ଓଏମ୍‌ସି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ତା' ସହିତ ଖଣିରେ ସମସ୍ତ କର୍ମଚାରମାନଙ୍କୁ ନୂଆ ଠିକାଦାର ପୁନର୍ବାର ଖଣିରେ ଥଇଥାନ କରିବାକୁ ନିବେଦନ କରିଛନ୍ତି । ଯଦି ପୁନଃ ନିଯୁକ୍ତି ପ୍ରଦାନ ନ କରାଯାଏ ତେବେ ଆଗାମୀ ଦିନରେ ସମସ୍ତ କର୍ମଚାରୀ ଓଏମ୍‌ସି ଅଫିସ ସମ୍ମୁଖରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି ।

### ସାଇବର ଠକେଇର ଶିକାର ହେଲେ ମହିଳା

## ମମତା ଯୋଜନା ନାଁରେ ୨୪ ହଜାର ଲୁଟ୍

**ବାଲିଚନ୍ଦ୍ରପୁର, ୫।୮ (ସମିସ):** ଜଣେ ଗର୍ଭବତୀ ମହିଳା ସାଇବର ଠକେଇର ଶିକାର ହୋଇଛନ୍ତି । ତେବେ ଏହି ଠକେଇରେ ମହିଳାଙ୍କ ଅକାଉଣ୍ଟରୁ ୨୪ ହଜାର ଟଙ୍କା ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ତଥା ଚାରିନଙ୍ଗଳ ପଞ୍ଚାୟତ ଅନ୍ତର୍ଗତ ଗହରନଗର ଗ୍ରାମ ଜେନାସାହିର କିଶୋର ଜେନାଙ୍କ ପତ୍ନୀ ରୀନାରାଣୀ ଜେନା ତିନି ମାସର ଗର୍ଭବତୀ ଥିଲେ । ତେବେ ଗତ ୪ ତାରିଖ ଦିନ ତାଙ୍କ ମୋବାଇଲକୁ ଦୁଇଟି ଅଜଣା ମୋବାଇଲରୁ ଫୋନ କଲ ଆସିଥିଲା । ସେହି ଫୋନ କଲରେ ଆଶା କର୍ମୀଙ୍କୁ ସାମିଲ କରି ତାଙ୍କୁ ମମତା ଯୋଜନା ସହିତ ତମେ ସବୁ ସରକାରୀ ସୁବିଧା ପାଉଛ ତ ବୋଲି ପଚରା ଯାଇଥିଲା । ପରେ ତାଙ୍କୁ ମୋବାଇଲକୁ ଏକ ଲିଙ୍କ୍ ଆସିଥିଲା । ତେବେ ତାଙ୍କୁ କୁହାଗଲା କି ଏହି ଲିଙ୍କ୍‌କୁ ଓପନ କର । ରୀନାରାଣୀ ସେହି ଲିଙ୍କକୁ ଓପନ କଲା ପରେ ତାଙ୍କ ଆକାଉଣ୍ଟରୁ ୨୪ ହଜାର ଟଙ୍କା ଗାଏବ ହୋଇଯାଇଥିଲା । ଟଙ୍କା ଗାଏବ ହୋଇଯିବା ଜଣାପଡ଼ିବା ପରେ ରୀନାରାଣୀ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ । ପରେ ସେ ବାଲିଚନ୍ଦ୍ରପୁର ଥାନାକୁ ଆସି ଏନେଇ ଲିଖିତ ଅଭିଯୋଗ କରିଥିଲେ । ତେବେ ଏନେଇ ତଦନ୍ତ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

## ଖରସ୍ରୋତା ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ



**ସିଂହପୁର, ୫।୮ (ସମିସ):** ବିଞ୍ଝାରପୁର ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଖରସ୍ରୋତା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଇଛନ୍ତି ପ୍ରଧ୍ୟାପକ ଡ. ବ୍ରଜ କିଶୋର ସାହୁ । ଏହି ଉପଲକ୍ଷେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଧ୍ୟାପକ ଶ୍ରୀକାନ୍ତ ନାୟକ, ଯୁକ୍ତ ଦୁଇ ଅଧ୍ୟକ୍ଷା ମମତାମୟୀ ସାମଲ, ଅଧ୍ୟାପକ ବିଜୟ କୁମାର ପତି, ମୀନକେତନ ତ୍ରିପାଠୀ, ସୁରେନ୍ଦ୍ର କୁମାର ସାମଲ, ଅରୁଣ କୁମାର ସାମଲ, ସୁବାସ ଚନ୍ଦ୍ର ସାହୁ, ଅଧ୍ୟାପିକା ଗାୟତ୍ରୀ ସାହୁ ଯୋଗଦେଇଥିଲେ । ଖୋର୍ଦ୍ଧା ପ୍ରାଣନାଥ କଲେଜର ଇଂରାଜୀ ମୁଖ୍ୟ ଭାବେ ଅବସ୍ଥାପିତ ଡ. ସାହୁ ଖରସ୍ରୋତା ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ଯୋଗ ଦେଇଛନ୍ତି ।

### ଶିଶୁକନ୍ୟାକୁ ଅସଦାଚରଣ ମାମଲା

## ଜେଲ୍ ଗଲା ସମ୍ପର୍କୀୟ ମାମୁ

**ଦଶରଥପୁର, ୫।୮ (ସମିସ):** ଦଶରଥପୁର ବ୍ଲକ ତଥା ରାମବାଗ ଫାଣ୍ଡି ଅଞ୍ଚଳର ଜନୈକା ୪ ବର୍ଷର ଶିଶୁକନ୍ୟାକୁ ଚକୋଲେଟ ଦେବା ଆଳରେ ଦଶରଥପୁର ଥାନା ଅସନପୁର ଅଞ୍ଚଳର ସମ୍ପର୍କୀୟ ମାମୁ ଅଭିମନ୍ୟୁ ମଲ୍ଲିକ ଅସଦାଚରଣ କରିଥିବା ନେଇ ପରିବାର ପକ୍ଷରୁ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ଟାଉନ ଥାନା ପୁଲିସ କେଶ ନଂ ୩୫୭/୨୫, ପୋକ୍‌ସୋ ଧାରାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅଭିମନ୍ୟୁକୁ ତା' ଘରୁ ଗତ ରବିବାର ରାତିରୁ ଉଠାଇ ଆଣି ଯାଜପୁର ଟାଉନ ଥାନାରେ ଅଟକ ରଖିଥିଲା । ସୋମବାର ସକାଳେ ଟାଉନ ଥାନା ଏସ୍‌ଆଇ ତୃପ୍ତିମୟୀ ରାଉତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଶିଶୁକନ୍ୟା ଏବଂ ତାର ଅଭିଭାବକଙ୍କୁ ଘଟଣା ବିଷୟରେ ପଚରାଉଚରା କରିବା ପରେ ଅଟକ ଅଭିମନ୍ୟୁକୁ ଗିରଫ କରିଥିଲା । ଆଜି ପୁଲିସ ଗିରଫ ଅଭିମନ୍ୟୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଇବା ସହ ତାକୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ଅଭିମନ୍ୟୁ ଜେଲ ଯାଇଥିବା ଜଣାଯାଇଛି । ଏ ସମ୍ପର୍କରେ ଟାଉନ ଥାନା ପକ୍ଷରୁ ଥାନା ପରିସରରେ ଅନୁଷ୍ଠିତ ପ୍ରେସମିଟ ମାଧ୍ୟମରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ



ମାଝୀ ବିସ୍ତୃତ ସୂଚନା ଦେଇଥିଲେ ।

ଶ୍ରୀ ମାଝିଙ୍କ ସୂଚନା ଅନୁସାରେ ଅଭିଯୁକ୍ତ ଅଭିମନ୍ୟୁ ରାମବାଗ ଫାଣ୍ଡି ଅଞ୍ଚଳରେ ଥିବା ନିଜ ବନ୍ଧୁ ଘରକୁ ବିଭିନ୍ନ ସମୟରେ ଯିବା ଆସିବା କରେ । ଏହା ମଧ୍ୟରେ ବନ୍ଧୁଙ୍କ ପଡୋଶୀ ଘର ସହ ଅଭିମନ୍ୟୁର ଚିହ୍ନାଜଣା ହୋଇଥିବା ବେଳେ ପଡୋଶୀଙ୍କ ୪ ବର୍ଷର ଶିଶୁକନ୍ୟା ଅଭିମନ୍ୟୁକୁ ମାମୁ ଡାକିଥାଏ । ଗତ ୩ ତାରିଖ ଅପରାହ୍ନ ୪ଟା ସମୟରେ ଶିଶୁକନ୍ୟା ନିଜ ଘର ପାଖ ଦାଣ୍ଡରେ ଏକୁଟିଆ ଖେଳୁଥିବା ଦେଖି ଅଭିମନ୍ୟୁ ତାକୁ ଚକୋଲେଟ ଦେବା ଆଳରେ ନିକଟସ୍ଥ ରାମବାଗ ବଜାର ଯିବାକୁ ଡାକିଥିଲା । ଶିଶୁକନ୍ୟା ରାଜି ହେବାରୁ ଅଭିମନ୍ୟୁ ତାକୁ ନିଜ ବାଇକରେ ବସାଇ ଘର ଠାରୁ ଅଳ୍ପ ଦୂରକୁ ନେଇ ଅସଦାଚରଣ କରିଥିଲା । କିଛି ସମୟ ଅନ୍ତରରେ ଶିଶୁକନ୍ୟାକୁ ଘର ନିକଟରେ ଛାଡି ନିଜ ବନ୍ଧୁ ଘରକୁ ପଳାଇଥିଲା । ଶିଶୁକନ୍ୟା ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ପଚାରିବାରୁ ଶିଶୁକନ୍ୟା ସବୁ ଘଟଣା ପ୍ରକାଶ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ଜାଣି ଅଭିମନ୍ୟୁ ନିଜ ବନ୍ଧୁ ଘରୁ ଲୁଚି ନିଜ ଗାଁ କଣ୍ଟାବଣିଆକୁ ପଳାଇ ଯାଇଥିଲା । ଚିକିତ୍ସା ପାଇଁ ପରିବାର ଲୋକେ ଶିଶୁକନ୍ୟାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ଘଟଣାକୁ ନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ସେହିଦିନ ରାତିରେ ପୁଲିସ ଅଭିଯୁକ୍ତ ଅଭିମନ୍ୟୁକୁ କଣ୍ଟା ବଣିଆରୁ ଉଠାଇ ଆଣିଥିଲା ।

## ଦୁର୍ବୃତ୍ତ ଝାମ୍ପି ନେଲେ ଟଙ୍କା ଓ ସୁନା ଚେନ୍

**ବାଲିଚନ୍ଦ୍ରପୁର, ୫।୮ (ସମିସ):** ଜଣେ ମହିଳାଙ୍କୁ ରାସ୍ତାରେ ଅଟକାଇ ୩ ଅଚିହ୍ନା ଯୁବକ ତାଙ୍କ ଠାରୁ ୪, ୫୦୦ ଟଙ୍କା ଓ ସୁନା ଚେନ ଛଡାଇ ଛୁ' ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ବରୀ ଥାନା ଅନ୍ତର୍ଗତ ନାଥପୁର ଗ୍ରାମର ଝୁନି ଦାସ (୪୪) ଏକୁଟିଆ ଆଜି ତାଙ୍କ ସ୍କୁଟି ଗାଡ଼ିରେ କୌଣସି କାମରେ ବାଲିଚନ୍ଦ୍ରପୁର ବଜାରକୁ ଆସୁଥିଲେ । ତେବେ ସେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କେନାଲ ବନ୍ଧର କଳାଶ୍ରୀ ତାରିଣୀ ମନ୍ଦିର ନିକଟ ଦେଇ ଆସୁଥିବା ବେଳେ ଏକ ବାଇକ୍ ଯୋଗେ ୩ ଜଣ ଅଚିହ୍ନା ଯୁବକ ହଠାତ ସେଠାରେ ପହଞ୍ଚି ଝୁନି ଦାସଙ୍କୁ ଅଟକାଇବା ସହିତ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ୪, ୫୦୦ ଟଙ୍କା ଥିବା ତାଙ୍କ ଭ୍ୟାନିଟ ବ୍ୟାଗ ଓ ତାଙ୍କ ବେକରୁ ସୁନା ଚେନ ଚିଣ୍ଡାଇ ନେଇ ପଳାଇ ଯାଇଥିଲେ । ତେବେ ଏନେଇ ଝୁନି ଦାସ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲେ ସୁଦ୍ଧା ଲୁଟେରାଙ୍କ ଟେର ପାଇ ପାରି ନଥିଲେ ।

## ଓଡ଼ିଶା ରାଜ୍ୟ ଏଡିଇଓ ସଂଘ ଗଠିତ

**ବରୀ, ୫।୮ (ସମିସ):** ଯାଜପୁର ଜିଲ୍ଲା ଏଡିଇଓ ସଂଘର ସଭାପତି ଅଜୟ କୁମାର ଜେନା ରାଜ୍ୟ ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ ସଂଘ (ଓସା)ର କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି । ଭୁବନେଶ୍ୱରରେ ଅନୁଷ୍ଠିତ ସଂଘର ବୈଠକରେ ସର୍ବସମ୍ମତି କ୍ରମେ ରାଜ୍ୟ ସଭାପତି ଭାବେ ପ୍ରଭାତ କୁମାର ତିୱାରୀ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଅଜୟ କୁମାର ଜେନା ଓ ବାବାଜୀ ବେହେରାଙ୍କୁ ମନୋନୀତ କରାଯାଇଥିଲା । ସେହିପରି ରାଜ୍ୟ ଉପସଭାପତି ଭାବେ ସୁରେଶ ପାଣିଗ୍ରାହୀ, ରଜନୀ କୁମାର ପଟ୍ଟନାୟକ, ଜ୍ୟୋତିରଞ୍ଜନ ପତି ଓ ରାଜେଶ ବେହେରା ହୋଇଥିବା ବେଳେ ସାଧାରଣ ସମ୍ପାଦକ ସଂଗ୍ରାମ ସିଂହ, ସହସମ୍ପାଦକ ସୁଶିଲ ପାଣିଗ୍ରାହୀ, ମନୋଜ ପାଢ଼ୀ, ନେପାଳକ୍ରୀଷ୍ଣ ବର୍ଦ୍ଧନ ଓ ଶୀବରାମ ପଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ରାଜ୍ୟ କୋଷାଧ୍ୟକ୍ଷ ଦେବାଶିଷ ରାଉତ ହୋଇଥିବା ବେଳେ ସହ କୋଷାଧ୍ୟକ୍ଷ ଭାବେ ପ୍ରଦ୍ୟୁମ୍ନ ସାହୁ, ସଂଗଠନ ସମ୍ପାଦକ ମଳୟ କୁମାର ସାହୁ ଓ ଗଣମାଧ୍ୟମ ସଂଯୋଜକ ଭାବେ ପରମେଶ୍ୱର ବିଶ୍ୱାଳ ଓ ଦିଗାମ୍ବର ମହାପାତ୍ରଙ୍କୁ ମନୋନିତ କରାଯାଇଥିଲା । ରାଜ୍ୟ ସଂଯୋଜିକା ଭାବେ ଗାୟତ୍ରୀ ପଣ୍ଡା ସର୍ବସମ୍ମତିକ୍ରମେ ରାଜ୍ୟସଂଘକୁ ମନୋନୀତ ହୋଇଛନ୍ତି ।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



**ପାଣିକୋଇଲି, ୫।୮ (ସମିସ):** କୋରାଇ ଶିକ୍ଷା ମଣ୍ଡଳୀ ଅଧୀନସ୍ଥ ପାଣିକୋଇଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତ ବର୍ଷ ପାଇଁ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଗୁରୁଜୀ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ବିଦ୍ୟୁତ ପରିଷଦର ସଭାପତି କେଶବରାଓ ଭୁକ୍ତା, ସମ୍ପାଦକ ରାଜକିଶୋର ମଲିକ, ଯୁଗ୍ମ ସମ୍ପାଦକ ବଳରାମ ସାମଲ, ବିଚାରକ ମଣ୍ଡଳୀରେ ମା' ତାରିଣୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅଧାପକ ସୁଶାନ୍ତ କୁମାର ପଣ୍ଡା, ପାଣିକୋଇଲି ସରକାରୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ ରଶ୍ମୀରେଖା ପାତ୍ର, ବାଙ୍କସାହି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଅତିଥି ଶିକ୍ଷକ ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବିଜ୍ଞାନ ମେଳାର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟରେ ଅଧ୍ୟୟନରତ ସାଇଶଙ୍କର ବେହେରା, ସୁପ୍ରାଞ୍ଜଳି ମହାପାତ୍ର, ପଲଭିତ ଜେନା, ଋତୁରାଜ ସାହୁ, ସାଧନା ନାୟକ ରାଷ୍ଟ୍ରୀୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ନିମନ୍ତେ ସୁନାମ ଆଣିଥିବାରୁ ତାଙ୍କୁ ବିଦ୍ୟାଳୟ ତରଫରୁ ମୁଖ୍ୟଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଉକ୍ତ ବିଜ୍ଞାନ ମେଳାରେ ବିଦ୍ୟାଳୟର ୧୩୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଉକ୍ତ ମେଳାକୁ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

## ଦେଶୀ ମଦ ଜବତ; ଜଣେ ଗିରଫ

**କବାଟବନ୍ଧ, ୫।୮ (ସମିସ):** ଯାଜପୁର ରେଞ୍ଜ ଓ ଧର୍ମଶାଳା ଅବକାରୀ ବିଭାଗ ମିଳିତ ଚଢ଼ଉରେ ୨ ଜଣ ଚୋରା ଦେଶୀ ମଦ ବେପାରୀକୁ ଗିରଫ କରିବା ସହିତ ତା ନିକଟରୁ ପୃଥକ ଭାବେ ୮ ଲିଟର ଦେଶୀ ମଦ ଜବତ କରାଯାଇଛି । ଗିରଫ ଦେଶୀ ମଦ ବେପାରୀଙ୍କ ମଧ୍ୟରୁ ଜଣେ ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନ ବାରକଣା (ଡଗରପଡ଼ା) ଗ୍ରାମର ସ୍ୱର୍ଗତ ଶ୍ୟାମ ବାରିକଙ୍କ ପୁଅ ଧନେଶ୍ୱର ବାରିକ ଓରଫ ଧନୁଆ (୪୪) ବୋଲି ଜଣାପଡ଼ିଛି । ଅବକାରୀ ବିଭାଗର ସୂଚନା ମୁତାବକ ଧନୁଆ ଦୀର୍ଘ ଦିନ ଧରି ଗୁରୁବାର ହାଟ ନିକଟରେ ନଦୀ ବନ୍ଧ ରାସ୍ତା କଡରେ ଏକ ଦୋକାନ କରି ଚୋରା ଦେଶୀ ମଦ ବେପାର କରୁଥିଲା । ମଙ୍ଗଳବାର ସକାଳୁ ଅବକାରୀ ବିଭାଗ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ । ଚଢ଼ଉ ବେଳେ ଅବକାରୀ ବିଭାଗ ପକ୍ଷରୁ ଦେଶୀ ମଦ ଜବତ କରି ଧନୁଆକୁ ଧରିବାକୁ ଉଦ୍ୟମ କରିଥିଲେ । ମାତ୍ର ଧନୁଆ ଅବକାରୀ କର୍ମଚାରୀମାନଙ୍କୁ ଠେଲାପେଲା କରି ଖସି ଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା । ଧନୁଆକୁ କାବୁ କରି ତା' ନିକଟରୁ ଦେଶୀ ମଦ ଜବତ କରିଥିଲେ । ଏନେଇ ଅବକାରୀ ବିଭାଗ ପକ୍ଷରୁ ୫୩/୨୫ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି । ସେହିପରି ଜେନାପୁରର ରାଜା ମଲିକଙ୍କ ପୁଅ ସନ୍ତୋଷ ମଲିକ (୪୦) ଙ୍କ ଠାରୁ ୪ ଲିଟର ଦେଶୀ ମଦ ଜବତ କରିବା ସହିତ ତାକୁ ଗିରଫ କରିଥିଲେ । ଏନେଇ ୫୨/୨୫ ରେ ଏକ ମାମଲା ରୁଜୁ କରି ତାକୁ କୋର୍ଟଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି ।

### ମଧ୍ୟାହ୍ନ ଭୋଜନରେ ପୋକ ଘଟଣା

## ତଦନ୍ତ କଲେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ

**ମଙ୍ଗଳପୁର, ୫।୮ (ସମିସ):** ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ ରୋଷେଇ ହେଉଥିବା ଅଭିଯୋଗ ପରେ ଆଜି ତଦନ୍ତ ଆରମ୍ଭ ହୋଇଛି । ଦଶରଥପୁର ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ସାବିତ୍ରୀ ସେଠୀ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି । ସ୍କୁଲରେ ପୋକରା ଚାଉଳରେ ରୋଷେଇ ହୋଇଥିବା କଥା ସ୍ୱୀକାର କରିବା ସହ ଆଜି ନୂଆ ଚାଉଳରେ ରୋଷେଇ ହୋଇଥିବା କଥା କହିଛନ୍ତି । ଏହି ବିଦ୍ୟାଳୟରେ ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ପ୍ରତ୍ୟେକ ମାସ କିମ୍ବା ଦୁଇ ମାସରେ ସରକାରଙ୍କ ତରଫରୁ ଏଠାକୁ ଚାଉଳ ଯୋଗାଇ ଦିଆ ହେଉଥିବା ବେଳେ ଚାଉଳ କିପରି ପୋକରା ହେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଘଟଣା ସମ୍ପର୍କରେ ମଙ୍ଗଳପୁରର ପୂର୍ବତନ ସରପଞ୍ଚ ଶିଶିର ଧଳ ବିଦ୍ୟାଳୟରେ ପହଞ୍ଚି ପଚାରି ବୁଝିବା ସହ ଘଟଣାର ପୁନରାବୃତ୍ତି ନ ହେବାକୁ ଦାବି କରିଥିଲେ । ଯାଜପୁର ଜିଲ୍ଲାପାଳ ଏହି ଘଟଣାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ବତନ ମଣ୍ଡଳ ସଭାପତି ଅଧର ଧଳଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଦାବି କରିଛନ୍ତି । କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରାଗଲେ ବିଦ୍ୟାଳୟ ଘେରଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ବଳାତ୍କାରୀକୁ ୨୦ ବର୍ଷ ଜେଲ୍

**ଯାଜପୁର, ୫।୮ (ସମିସ):** ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାକୁ ତା'ର ନିଜ ବାପା ବାରମ୍ବାର ବଳାତ୍କାର ଘଟଣାରେ ମଙ୍ଗଳବାର ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଜଜ୍ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ବିଞ୍ଝାରପୁର ଥାନା ଅଞ୍ଚଳର ପ୍ରଶାନ୍ତ ଦାସ ତାଙ୍କ ସ୍ତ୍ରୀ ସହ ବାରମ୍ବାର ଝଗଡ଼ା କରି ଅକଥନୀୟ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ । ଏପରିକି ଗୋଟିଏ ଦିନ ପ୍ରଶାନ୍ତ ତାର ସ୍ତ୍ରୀକୁ ମାରଧର କରି ଘରୁ ତଡ଼ି ଦେଇଥିଲେ । ଫଳରେ ପ୍ରଶାନ୍ତଙ୍କ ସ୍ତ୍ରୀ ତାଙ୍କ ନିଜ ବାପ ଘରେ ତାର ଦୁଇଜଣ ସାନ ପୁଅ ଝିଅକୁ ନେଇ ପଳାଇ ଯାଇଥିଲେ । ମା' ନଥିବାର ସୁଯୋଗ ନେଇ ନାବାଳିକାର ବାପା ପ୍ରଥମେ ରାତିରେ ଶୋଇଥିବା ବେଳେ ଅସଦାଚରଣ କରିଥିଲେ । ପରେ ଜୋର ଜବରଦସ୍ତ ୪/୫ଥର ନାବାଳିକା ଝିଅ ସହ ବଳାତ୍କାର କରିଥିଲେ । ଗତ ୨୦୨୪ ନଭେମ୍ବର ୧୧ ତାରିଖରେ ନାବାଳିକାର ମା' ଏ ସମ୍ପର୍କରେ ସ୍ୱାମୀକୁ ପଚାରିବାରୁ ସେ ମା' ଝିଅଙ୍କୁ ମାରଧର କରିଥିଲା । ଫଳରେ ସେମାନେ ରାତିରେ ସେହି ଗାଁର ଜଣେ ଲୋକଙ୍କ ଘରେ ଆଶ୍ରୟ ନେଇଥିଲେ । ତହିଁ ପରଦିନ ଅର୍ଥାତ୍ ନଭେମ୍ବର ୧୨ ତାରିଖରେ ଅଭିଯୁକ୍ତ ପ୍ରଶାନ୍ତ ଆଶ୍ରୟ ନେଇଥିବା ଲୋକଙ୍କ ଘରେ ପହଞ୍ଚି ମାରଧର କରିବାରୁ ଗ୍ରାମବାସୀ ବିଞ୍ଝାରପୁର ପୁଲିସକୁ ଖବର ଦେବାରୁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ନାବାଳିକା ଓ ତାଙ୍କ ମା'କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ପ୍ରଶାନ୍ତକୁ ଗିରଫ କରିଥିଲେ । ପ୍ରଶାନ୍ତକୁ ଡାକ୍ତରୀମାଇନା କରାଇ କୋର୍ଟଚାଲାଣ କରାଯାଇଥିଲା । ସେହିଦିନ ଠାରୁ ଅଭିଯୁକ୍ତ ପ୍ରଶାନ୍ତ ଯାଜପୁର ଜିଲ୍ଲା ଜେଲରେ ବିଚାରଧୀନ କଏଦୀ ଭାବେ ରହିଥିଲେ । ମଙ୍ଗଳବାର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ଅତିରିକ୍ତ ଜିଲ୍ଲାଦୌରା ଜଜ୍ ତଥା ପୋକ୍ସୋ ଜଜ୍ ଅଭିଜିତ ପଲେଇ ୧୮ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ବୟାନକୁ ଭିତ୍ତି କରି ଅଭିଯୁକ୍ତ ପ୍ରଶାନ୍ତକୁ ୨୦ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା କରିବା ସହ ଅନାଦେୟରେ ଅଧିକ ୬ମାସ ଜେଲ୍ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି । ପୀଡ଼ିତାକୁ ଆଇନସେବା ପ୍ରାଧିକରଣ ପକ୍ଷରୁ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲାଟିକୁ ପରିଚାଳନା କରିଥିଲେ ।

## ମୋରମ ଚାଲାଣ କରୁଥିବା ୩ ହାଇୱା ଜବତ

**କବାଟବନ୍ଧ, ୫।୮ (ସମିସ):** ଜେନାପୁର ଥାନା ଅଞ୍ଚଳରୁ ମୋରମ ଚୋରା ଚାଲାଣ ହେଉଥିବା ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପରେ ଚେତିଲା ପୁଲିସ । ମଙ୍ଗଳବାର ଭୋର ୪ଟା ସମୟରେ ଚଢ଼ଉ କରି ୩ ଗୋଟି ହାଇୱାକୁ ଜବତ କରିଛି । ମାତ୍ର ଖସିଗଲେ ମୋରମ ମାଫିଆ । ଦୈନିକ ଶହ ଶହ ଟ୍ରିପ ହାଇୱା ଚୋରା ମୋରମ ପରିବହନ କରୁଥିବା ବେଳେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମୁରାଲୀପୁର ଗାଁ ନିକଟରୁ ମାତ୍ର ୩ ଗୋଟି ମୋରମ ବୋଝେଇ ହାଇୱାକୁ ଜେନାପୁର ପୁଲିସ ଜବତ କରିଥିବା ଜଣାପଡ଼ିଛି । ଜବତ କରିଥିବା ୩ଟି ଗାଡ଼ି ମଧ୍ୟରୁ ଓଡି୨୨ଜେ ୫୧୦୫ ହାଇୱାକୁ ଚଢ଼େଇଧରା ଫାଣ୍ଡିରେ ରଖିଥିବା ବେଳେ ଗାଡ଼ି ନମ୍ବର ଓଆର୨୨ସି ୪୩୩୩ ଏବଂ ଓଡି୨୨ଜି ୩୩୯୯କୁ ଜେନାପୁର ଥାନାରେ ରଖିଥିବା ଜଣାପଡ଼ିଛି । ଜବତ ଗାଡ଼ି ଗୁଡ଼ିକ ମଧ୍ୟରୁ ଜଣେ ଡ୍ରାଇଭର ଖସି ଯିବାକୁ ସକ୍ଷମ ହୋଇଛି । ଏନେଇ ଜେନାପୁର ଥାନାରେ ୩ଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

### ଟମ୍‌କା ବନାଞ୍ଚଳରେ ପୁଣି ମାତିଲେ ମାଫିଆ

## ୨ ଟନ୍ ନୀଳପଥର ଜବତ

**ଦାନଗଦି, ୫।୮ (ସମିସ)**



ଯାଜପୁର ଜିଲ୍ଲା ଟମକା ବନାଞ୍ଚଳ ଅଧୀନସ୍ଥ ଟିକରପଡ଼ା ନିକଟରୁ ଟମକା ବନାଞ୍ଚଳର ଏକ ଟିମ୍ ୨ ଟନ୍ ନୀଳପଥର ଜବତ କରିଛନ୍ତି । ବହୁ ମୂଲ୍ୟବାନ ଏହି ନୀଳପଥରକୁ ରୀତିମତ ଲୁଟ ଚାଲିଥିବା ବେଳେ ବନ ବିଭାଗ ନାଁକୁ ମାତ୍ର ଥରେ ଅଧେ ଅଳ୍ପ କିଛି ଜବତ କରି ମାଫିଆମାନଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ଆଲୋଚନା ହେଉଛି । ସୂଚନା ମୁତାବକ ଟିକରପଡ଼ା ନିକଟରୁ ଗତକାଲି ନୀଳପଥର ରାଜ୍ୟ ବାହାରକୁ ଚୋରାଚାଲାଣ ହେଉଥିବା ସମ୍ପର୍କରେ ବନବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲେ । କଟକ ଡିଏଫ୍‌ଓ ଅନିଲ କୁମାର ରାୟଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବନ ସଂରକ୍ଷକ ସନ୍ତୋଷ କୁମାର ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟମକା ରେଞ୍ଜ ପକ୍ଷରୁ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଥିଲା । ଯାହାଦ୍ୱାରା କି ଚଢ଼ଉ ପୂର୍ବରୁ ପ୍ରଥମେ ଦୈତାରୀ ଡିପିଏଫରେ କେଉଁଠାରେ ଚୋରା ନୀଳପଥର ମହଜୁଦ କରାଯାଇଛି ସମ୍ପୃକ୍ତ ସ୍ଥାନ ଗୁଡିକୁ ବନବିଭାଗ ଠାବ କରିଥିଲା । ପୂର୍ବ ପ୍ରସ୍ତୁତି ମୁତାବକ ଏକ ୩୦ ଜଣିଆ ବନବାହିନୀ ଟିକରପଡ଼ା ପାହାଡ଼ରେ ଚଢ଼ଉ କରିଥିଲେ । ପାହାଡ଼ ତଳେ ବିଭିନ୍ନ ସ୍ଥାନରେ ନୀଳପଥର ପଡ଼ିଥିବା ଦେଖିବାକୁ ପାଇଥିଲେ । ଏହିଁ ଟିମ ଜଙ୍ଗଲରେ ୩ ଘଣ୍ଟା ଧରି କମ୍ବିଂ ଅପରେସନ କରିବା ପରେ ୩ରୁ ଅଧିକ ନୀଳପଥର ଖଣି ସନ୍ଧାନ ପାଇଥିଲେ । ବିକ୍ଷିପ୍ତ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଥିବା ନୀଳପଥରକୁ ଜଙ୍ଗଲରୁ ସଂଗ୍ରହ କରି ଏକ ଟ୍ରାକ୍ଟରରେ ବନବିଭାଗ ବୋଝେଇ କରି ନେଇଥିଲେ । ସଂଗୃହୀତ ନୀଳ ପଥରକୁ ପାଖାପାଖି ୨ଶହ ମିଟର ପର୍ଯ୍ୟନ୍ତ ବୋହି ଟ୍ରାକ୍ଟରରେ ବୋଝେଇ କରିବାକୁ ପଡ଼ିଥିଲା । ସେହିପରି ଠୁଙ୍ଗୁରି ପାହାଡ଼ରେ ଉଚ୍ଚମାନର ନୀଳପଥର ମିଳୁଥିବା ନେଇ ଏହିଁ ଟିମ ଗ୍ରାମବାସୀଙ୍କ ଠାରୁ ଜାଣିବାକୁ ପାଇଥିଲେ । ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, ସ୍ଥାନୀୟ ଲୋକେ ହାମରରେ ପାହାଡ଼ରୁ ନୀଳପଥର ଭାଙ୍ଗି ବିଭିନ୍ନ ସ୍ଥାନରେ ଗଛିତ ରଖି ମାଫିଆଙ୍କ ଦ୍ୱାରା ଏହାକୁ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ବିଭାଗୀୟ ଅଧିକାରୀ ମାନେ ଜାଣିବାକୁ ପାଇଛନ୍ତି । ଏହି ଟିମରେ ବନାଞ୍ଚଳ ଅଧିକାରୀ ବ୍ୟତୀତ ୩ ବନପାଳ ବନରକ୍ଷୀ ଗଙ୍ଗାଧର ମୁର୍ମୁ, ରବି ନାଏକ, ବାବୁଲା ଦେହୁରୀ, କୁଳମଣି ମହାକୁଡ଼, ସିଦ୍ଧାନ୍ତ ରାଉତ, ଆଶୁତୋଷ ରଥ, ଜିତେନ୍ଦ୍ର ନାୟକ, ସମରା ମାଝୀ, ପବିତ୍ର ମହାରଣା, ଚିନ୍ମୟ ପ୍ରଧାନ, ପିଙ୍କୁଲ ସାହୁ, ରଞ୍ଜନ ସାହୁ, ସନାତନ ସୋରେନ ଓ ସମୀର ପିଙ୍ଗୁଆ ପ୍ରମୁଖ ସାମିଲ ଥିଲେ ।

# ହେଉନି ପକ୍କାରାସ୍ତା ନିର୍ମାଣ, ଯାଉନି ଆମ୍ବୁଲାନ୍ସ

ମୈଦଲପୁର/ ପାପଡାହାଣ୍ଡି, ୫।୮ (ସମିସ)

ଖଟିଆରେ ବୁହାହୋଇ ମେଡିକାଲ ଗଲେ। ଶବ ହୋଇ ଗାଁକୁ ଫେରିଲେ। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁଟ ପଞ୍ଚାୟତ ଅନ୍ତର୍ଗତ ଜବାଗୁଡା ଗାଁର ହରିସିଂ ଯାନୀଙ୍କ ପତ୍ନୀ ଲଳିତା ଯାନୀଙ୍କୁ ଦୀର୍ଘ ୫ ଦିନ ହେବ ଜ୍ୱର ହେବା ସହ ଦେହ ଅସୁସ୍ଥ ରହିଥିଲା। ଫଳରେ ହଠାତ ସେ ଗୁରୁତର ହୋଇ ପଡିଥିଲେ.. ପରିବାର ଲୋକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କାଦୁଅ ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ଗାଁକୁ ନ ପହଞ୍ଚି ପ୍ରାୟ ଦୁଇ କିଲୋମିଟର ଦୂର କଣ୍ଟାସାରୁ ଗ୍ରାମ ନିକଟରେ ରହିଯାଇଥିଲା। ଶେଷରେ ବାଧ ହୋଇ ଗ୍ରାମବାସୀ ହାତରେ ଟର୍ଚ୍ଚ, ମୋବାଇଲ ଲାଇଟ ଲଗାଇ ଖଟିଆରେ ଭାର କରି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ଆମ୍ବୁଲାନ୍ସ ସାହାଯ୍ୟରେ ଲଳିତାଙ୍କୁ ପ୍ରଥମେ



ଖଟିଆରେ ବୁହାହେଉଛନ୍ତି ରୋଗୀ

ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଥିବାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ବଡ଼ ମେଡିକାଲକୁ ନିଆଯାଇଛି। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗାଁରେ ବିଭିନ୍ନ ସମ୍ପ୍ରଦାୟର ୭୦ ପରିବାରରୁ ୩୦୦ରୁ ଅଧିକ ଲୋକ ବସବାସ କରନ୍ତି। ପକ୍କା ରାସ୍ତା ଖଣ୍ଡେ ପାଇଁ ପ୍ରଶାସନ ନିକଟରେ ସେମାନେ ବାରମ୍ବାର ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ ଆଣୁଛନ୍ତି। ଅନେକ ଥର ପ୍ରଶାସନ ଠାରୁ ଆରମ୍ଭ କରି ଜନ ପ୍ରତିନିଧି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଗତ ନିର୍ବାଚନ ସମୟରେ ଜବାଗୁଡା ଗାଁର ଲୋକେ ପକ୍କା ରାସ୍ତା ଏବଂ ଗାଁର ବିଭିନ୍ନ ସମସ୍ୟାକୁ ନେଇକି ଭୋଟ ବର୍ଜନ କରିଥିଲେ। ପରବର୍ତ୍ତି ସମୟରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ଭୁଜବଳ ମାଝୀଙ୍କ ଝିଅ ଡ଼ଃ ଲିପିକା ମାଝୀ ଗତ ନିର୍ବାଚନ ସମୟରେ ଭୋଟ ବର୍ଜନ କରିଥିବା ଜବାଗୁଡା ଗାଁକୁ ଯାଇ ଲୋକଙ୍କୁ ବୁଝାସୁଝା କରିବା ସହ ଭୋଟ ବର୍ଜନରୁ ଓହରିବାକୁ ନିବେଦନ କରିବା ସହ ସମାଧାନ କରିବାକୁ ଲିଖିତ ପ୍ରତିଶୃତି ଦେଇଥିଲେ। ତାହା ମଧ୍ୟ ପାଣିର ଗାର ହୋଇ ରହିଗଲା ବୋଲି ଅଭିଯୋଗ କରିଛନ୍ତି ଗାଁର ଲୋକେ। ଅବର୍ତମାନ ଗାଁରେ ଅନେକ ଗର୍ଭବତୀ ମହିଳା ଏବଂ ରୋଗୀ ଚିନ୍ତାରେ ପଡିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

■ ମଧୁବନ ସରପଞ୍ଚଙ୍କ ନାଁରେ ଅନାସ୍ଥା ପ୍ରସ୍ତାବ

# ବିଧାୟକଙ୍କୁ ସମାଲୋଚନା କଲେ ବଂଶୀ ଶବର

ଗୁଡାରୀ, ୫।୮ (ସମିସ):

ଗୁଡାରୀ ବ୍ଲକ୍ ମଧୁବନ ପଞ୍ଚାୟତର ସରପଞ୍ଚଙ୍କ ନାମରେ ଅନାସ୍ଥା ପ୍ରସ୍ତାବକୁ ନେଇ କଂଗ୍ରେସ ରାଜନୀତି ଜୋର ଧରିଛି। ଅନାସ୍ଥା ପ୍ରସ୍ତାବକୁ ସରପଞ୍ଚ ବଂଶୀ ଶବର ନିନ୍ଦା କରିଛନ୍ତି। ଏଥିସହ ବିଧାୟକଙ୍କ କାର୍ଯ୍ୟକୁ ମଧ୍ୟ ସେ ସମାଲୋଚନା କରିଛନ୍ତି। ଶ୍ରୀ ଶବର ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗଙ୍କୁ ନିଜର ଅନ୍ତରଙ୍ଗ ବନ୍ଧୁ ଭାବି ଗତ ୨୦୨୪ ସାଧାରଣ ନିର୍ବାଚନରେ ସେ ସମସ୍ତ ପ୍ରକାରର ସହଯୋଗ କରିଥିଲେ। କିନ୍ତୁ ଆଜି ସମ୍ପୂର୍ଣ୍ଣ ରୂପେ ଧୋକା ଦେଇଛନ୍ତି। ଗୁଡାରୀ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତି ଲକ୍ଷ୍ମୀ ଶବରଙ୍କ ମନମାନି ଯୋଗୁଁ ବାଧହୋଇ ତାଙ୍କ ନାଁରେ ଅନସ୍ଥା ଅଣାଗଲା। ପଞ୍ଚାୟତରେ ଉନ୍ନତି ପାଇଁ ସେଥିରେ ସେ ସହଯୋଗ କଲେ। ଗତ ଜୁଲାଇ ୨୩ ତାରିଖ ଦିନ ବିଧାୟକ ସତ୍ୟଜିତ ଗମାଙ୍ଗ ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ମଧୁବନ ପଞ୍ଚାୟତର ଆଠଜଣ ୱାର୍ଡମେମ୍ବର, ନାଏବ ସରପଞ୍ଚଙ୍କୁ ବିଭିନ୍ନ ମିଥ୍ୟା ଅପପ୍ରଚାର କରି ତାଙ୍କ ନାମରେ ଅନସ୍ଥା ପ୍ରସ୍ତାବ ଆଣିଛନ୍ତ। ହେଲେ ଏଥିରେ ତାଙ୍କର କିଛି ଫରକ୍ ପଡିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ପୌରପାଳିକାର ଉପାଧ୍ୟକ୍ଷା ଶିବପ୍ରସାଦ ଗୌଡ଼ କହିଛନ୍ତି.



ମଧୁବନ ସରପଞ୍ଚ ବଂଶି ଶବର ନାରେ ଅଣାଯାଇଥିବା ଅନସ୍ଥା ଲୋକଲୋଚନକୁ ଆସିଛି। କିନ୍ତୁ ଏଭଳି ଅଭିଯୋଗ ଭିତ୍ତିହୀନ , କପୋଳକଳ୍ପିତ। ଏହି ଅନସ୍ଥା କାହାର ପ୍ରରୋଚନାରେ ଅଣାଯାଇଛି, ତାହା ସମସ୍ତଙ୍କୁ ଜଣା। ତେଣୁ ସେ ସରପଞ୍ଚ ବଂଶୀ ଶବକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ଗତ ତିନୋଟି ସାଧାରଣ ନିର୍ବାଚନରେ ଗୁଣପୁର ନିର୍ବାଚନମଣ୍ଡଳୀ ବିଜେଡି ଅକ୍ତିହାରରେ ରହିଥିଲା। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନରେ ଭୋଟର କଂଗ୍ରେସକୁ ମୋହର ମାରିଥିଲେ। ପ୍ରାୟ ୧୫ ବର୍ଷ ପରେ କଂଗ୍ରେସ ଦଳ କ୍ଷମତାକୁ ଆସିଥିଲା। କିନ୍ତୁ ଏବେ ଗୁଣପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସର ଅଧୋଗତି ହେବାରେ ଲାଗିଛି। ବିଧାୟକ, କର୍ମୀ ଓ ନେତାଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏମିତି ଘଟିଛି ବୋଲି ଆଲୋଚନା ହେଉଛି ବୋଲି ସେ କହିଛନ୍ତି।

# ଗତରକଣ୍ଡ ଗାଁରେ ସମୀକ୍ଷା କଲେ ବିଡିଓ

ନନ୍ଦପୁର, ୫।୮ (ସମିସ): ସୋମବାର ପାଡୁଆ ଗ୍ରାମପଞ୍ଚାୟତରେ ଅଭିଯୋଗ ଶୁଣାଣି ପରେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ, କମଚାରୀଙ୍କୁ ନେଇ ଗ୍ରାମରେ ପହଞ୍ଚି ଥିଲେ। ବିଶାଖା ପାଟଣା କିରଣ୍ଡଲ ରେଳ ଧାରଣା ଆରପାରିର ପାହାଡ ପାଦ ତଳେ ବସତି ଗାଁ ଗତରକଣ୍ଡାରେ ପହଞ୍ଚି ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ରେଳଧାରଣା ଗାଁକୁ ଯୋଗାଯୋଗରେ ବାଧକ ସାଜି ଥିବା ବେଳେ ପାହାଡ ଶୋଷି ନେଉଛି ଗ୍ରାମବାସୀଙ୍କ ଭୂତଳ ଜଳ। ଅନେକ ଥର ନଳ କୂପ ଖନନ କରାଯାଇ ଥିଲେ ମଧ୍ୟ ପାନୀୟ ଜଳ ଅଭାବ ପରିଲକ୍ଷିତ ହୋଇଛି । ଆଧାର, ରାସନ୍ ଓ ପିଲାଙ୍କ ପାଠପଢ଼ା ଠିକ୍ ଠାକ୍ ରହିଥିବା କହିଛନ୍ତି ବିଡ଼ିଓ ଶ୍ରୀ ଦୋରା । ତେବେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଯଥା ସିଡିପିଓ ନିମତିବାଳା ପଟ୍ଟନାୟକ, ଏଇଇ ଯଶକେତନ ବେହେରା, ସରପଞ୍ଚ ଗୋପୀନାଥ ସୀସା ଓ ସମିତି ସଭ୍ୟ ନୀଳକଣ୍ଠ ମାଝୀ ପ୍ରମୁଖ ଉପସ୍ଥିତି ରହିଥିଲେ।

# ୩୦୦କିମି ଚାଲିଚାଲି ଯାଇ ଶିବଙ୍କୁ କଲେ ଜଳଲାଗି



ମୁନିଗୁଡା, ୫।୮ (ସମିସ): ୮୪ ଘଣ୍ଟାରେ ୩୦୦ କିମି ଚାଲିଚାଲି ଯାଇ ମହାଦେବଙ୍କୁ କଲେ ଜଳଲାଗି। ଏଭଳି ସାହାସିକତା ଦେଖାଇ କଷ୍ଟରେ ଯାଇ ମହାଦେବଙ୍କୁ ଜଳଲାଗି କରିଥିବା ବ୍ୟକ୍ତି ହେଲେ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ଗାଁର ଯୁବକ ଗୋପୀନାଥ ପାତ୍ର । ଗୋପୀନାଥ ଜୁଲାଇ ମାସ ୨୯ ତାରିଖ ଦିନ ବଂଶଧାରା ନଦୀର ପବିତ୍ର ଜଳ ଭାର କାନ୍ଧରେ ଧରି ଗୁପ୍ତେଶ୍ୱର ମନ୍ଦିରକୁ ବାହାରି ଥିଲେ। ସେ ଆମ୍ବାଦଳାରୁ ଭବାନୀ ପାଟଣା ଦେଇ ନବରଙ୍ଗପୁର ହୋଇ ୭ ଦିନରେ ଚାଲି ଚାଲି କୋରାପୁଟ ପହଞ୍ଚିଥିବା ବେଳେ ୪ ତାରିଖ ସୋମବାର ଦିନ ଜଳଲାଗି କରିଥିଲେ। ମଙ୍ଗଳବାର ଦିନ ନିଜ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସମୟରେ ତାଙ୍କ ସାଥୀ ନନା ପାତ୍ର ସହଯୋଗ କରିବା ପାଇଁ ପାଖେ ପାଖେ ରହିଥିଲେ। ଏହାର ଭିଡିଓ ସୋସିଆଲ୍ ମିଡିଆରେ ମଧ୍ୟ ଭାଇରାଲ୍ ହେଉଥିବା ଦେଖିବାକୁ ମିଳିଛି।

# ଜିଲ୍ଲାପାଳଙ୍କୁ ଓୟୁଜେ ପକ୍ଷରୁ ସମ୍ବର୍ଦ୍ଧନା



କୋରାପୁଟ, ୫।୮ (ସମିସ): ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳ ମନୋଜ ସତୱାନ ମହାଜନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ଶଶଧର ରାଉତ ଜିଲ୍ଲାପାଳ ଶ୍ରୀ ମହାଜନଙ୍କ ସହ ଜିଲ୍ଲାର ବିଭିନ୍ନ ସମାସ୍ୟା ସାଙ୍ଗକୁ ବିବାଦୀୟ କୋଟିଆ ପଞ୍ଚାୟତ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ସମସ୍ତ ଅଞ୍ଚଳ ପରିଦର୍ଶନ କରି ଆଗାମୀ ଦିନରେ ଜିଲ୍ଲାର ସାର୍ବଜନୀନ ବିକାଶ ଉପରେ ଆଲୋଚନା କରିବେ ବୋଲି ପ୍ରକାଶ କରିଥିଲେ। ଶ୍ରୀ ରାଉତଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ଶରତ ନାୟକ, ଉପଦେଷ୍ଟା ପରିକ୍ଷିତ ବିଶ୍ୱାଳ,ସାଧାରଣ ସମ୍ପାଦକ ରଂଜନ କୁମାର ଦାସ, ସଂଗଠନ ସମ୍ପାଦକ ପରମେଶ୍ୱର ସାହୁ, ସହ ସମ୍ପାଦକ ଶରତ କୁମାର ଧଳ, ନନ୍ଦପୁର ବ୍ଲକ ସଂଯୋଜକ ତୁଷାର ମହାନ୍ତି, ପ୍ରଣୟ ପ୍ରସାଦ ପଟ୍ଟନାୟକ ତ୍ରିଲୋଚନ ମହାରଣା,ସୂର୍ଯ୍ୟ ନାରାୟଣ ପଣ୍ଡା, ସନ୍ତୋଷ କୁମାର ପାତ୍ର, ପ୍ରଦୀପ କୁମାର ରାଉତ, ସୁଶାନ୍ତ କୁମାର ପାତ୍ର ଓ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟର ପ୍ୟାରିସ୍ ମୂର୍ତ୍ତି ବିକ୍ରି ଉପରେ କଟକଣା ଦାବି

ଜୟପୁର, ୫।୮ (ସମିସ):

ଜୟପୁର ସହରରେ ପରିବେଷକୁ ଦୂଷିତ କରୁଥିବା ପ୍ଲାଷ୍ଟର ପ୍ୟାରିସରେ ନିର୍ମିତ ଗଣେଷମୂର୍ତ୍ତି ବିକ୍ରି ଉପରେ କଟକଣା କରିବାକୁ ସ୍ଥାନୀୟ ମାଟି ମୂର୍ତ୍ତିକାର ପକ୍ଷରୁ ପୌରସଂସ୍ଥା କାର୍ଯ୍ୟାଳୟ ନିକଟରେ ଦାବି କରାଯାଇଛି। ପ୍ଲାଷ୍ଟର ପେରିସ ମୂର୍ତ୍ତି ଗୁଡିକ ମାଟିରେ ମିଶୁନଥିବା ଯୋଗୁଁ ଏହାକୁ ପୋଖରୀ, କେନାଲ ଏବଂ ନଦୀରେ ବିସର୍ଜନ କରାଗଲେ ମୂର୍ତ୍ତି ଗୁଡିକ ଭାଙ୍ଗିରୁଜି ଖଣ୍ଡଅଡବିଖଣ୍ଡ ହେଇଛି। କିନ୍ତୁ ଏହା ପାଣି କିମ୍ବା ମାଟିରେ ମିଶୁନାହିଁ। ଫଳରେ ହିନ୍ଦୁ ଧର୍ମର ଭଗବାନଙ୍କ ପ୍ରତି ଅପମାନିତ ହେଉଛି। ତେଣୁ ଏହାର ବିକ୍ରି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। କିନ୍ତୁ ଏହି ପ୍ଲାଷ୍ଟର ପ୍ୟାରିସରେ ନିର୍ମିତ ମୂର୍ତ୍ତି ଆକର୍ଷଣୀୟ ରହୁଥିବା ଯୋଗୁଁ ବିଭିନ୍ନ ପୂଜମଣ୍ଡପ ପକ୍ଷରୁ ଏହାକୁ କ୍ରୟ କରାଯାଉଛି। ଫଳରେ ସ୍ଥାନୀୟ ମୂର୍ତ୍ତିକାରକ ମାନେ କଷ୍ଟ ସହି ଦିନରାତି ଅନିଦ୍ରା ରହି ମାଟିରେ ନିର୍ମିତ ମୂର୍ତ୍ତିର ଚାହିଦା ରହୁନାହିଁ। ଏହି ପ୍ଲାଷ୍ଟର ପେରିସର ମୂର୍ତ୍ତି ଗୁଡିକ ବାହାର ରାଜ୍ୟରୁ ଅଣଯାଇ ବିକ୍ରି କରାଯାଉଛି। ଫଳରେ ସ୍ଥାନୀୟ ମୂର୍ତ୍ତିକାରକ ଏବଂ ବ୍ୟବସାୟୀ ହଇରାଣ ହେଉଛନ୍ତି। ତେଣୁ ସହରରେ ସମସ୍ତ ପୂଜାମଣ୍ଡପରେ ମାଟିରେ ନିର୍ମିତ ମୂର୍ତ୍ତି ବିକ୍ରି ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ନିକଟରେ ସ୍ଥାନୀୟ ମାଟି ମୂର୍ତ୍ତି କାରିଗର ପି. ଶ୍ରୀନିବାସ, ମହେଶ, ଗୋପ ପାଣିଗ୍ରାହୀ, ବାବୁଲା ସାହୁ, ଦୁର୍ଯ୍ୟୋଧନ ବେହେରା, ବଳରାମ ବେହେରା ପ୍ରମୁଖ ଦାବି କରିଛନ୍ତି।

# ଅବକାରୀ ଚଢ଼ଉ, ୨ ଗିରଫ

ଜୟପୁର, ୫।୮ (ସମିସ): ଜୟପୁର ଅବକାରୀ ଥାନା ପକ୍ଷରୁ ଦେଶୀମଦ ଚାଲାଣ ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦାମାପୁଟ ଗ୍ରାମର ଜଣେ ମହିଳା ଗୁରୁବାରୀ ପରଜା (୪୯) ଏବଂ କଦମଗୁଡା ଗ୍ରାମର ଗୋବର୍ଦ୍ଧନ ଗାଦବା (୫୪)। ଅକାରୀ ବିଭାଗ ସୂଚନା ଅନୁଯାୟୀ ଦେଶୀ ମଦ ଚାଲାଣ ହେଉଥିବ ସୂଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଦାମାପୁଟରେ ଚଢାଉ କରି ୮ ଲିଟରଦେଶିମଦଜବତକରିଥିବାବେଳେ ମହିଳା ଅଭିଯୁକ୍ତାଙ୍କୁ ଗିରଫ କରିଥିଲେ। ସେହିପରି ବାଇକ୍ ଯୋଗେ ବେଆଇନ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ସଲପା ଛକରେ ଚଢ଼ଉ କରି ୧୧ଲିଟର ଦେଶୀ ମଦ ଓ ବାଇକକୁ ଜବତ କରିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଅଧିକାରୀ ସୁବ୍ରତ କିଶୋରି ହିରଣ ସୂଚନା ଦେଇଛନ୍ତି।

● କମେଣ୍ଟମରାରୁ ଉତ୍ତେଜନା

# ସୁରକ୍ଷା ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ମହିଳା

ଜୟପୁର ୫।୮ (ସମିସ):

ଜୟପୁର ସଦର ଥାନା ଅନ୍ତର୍ଗତ ଘିଉରି ଗ୍ରାମର ଏକ ହରଜନ ସାହିର ଶତାଧିକ ମହିଳା ଆଜି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ଦ୍ୱାରସ୍ଥ ହୋଇ ସେମାନଙ୍କ ସ୍ୱାମୀ ଏବଂ ପରିବାର ଲୋକଙ୍କୁ ସୁରକ୍ଷା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗକାରୀ ମହିଳା ମାନଙ୍କ ଅଭିଯୋଗ ଅନୁଯାୟୀ ଗତ ୩୧ ତାରିଖରେ ଜଣେ ଯୁବତୀ ଦୋକାନ ଯାଉଥିବା ସମୟରେ ତିନି ଜଣ ଅନ୍ୟ ଏକ ସମ୍ପ୍ରଦାୟର ଯୁବକ କମେଣ୍ଟ ମାରିଥିଲେ। ପରେ ଯୁବତୀ ଜଣକ ନିଜ ଘରକୁ ଫେରି ପରିବାର ଏବଂ ସମ୍ପର୍କୀୟ ଲୋକଙ୍କୁ କହିବା ପରେ ଉଭୟ ପକ୍ଷ ମଧ୍ୟରେ ଏକ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏହିପରି ବିଭିନ୍ନ ମାରଣାସ୍ତ୍ର ନେଇ ଗୋଷ୍ଠି ସଂଘର୍ଷ ଫଳରେ ଦୁଇଜଣ ଯୁବକ ଗୁରୁତର ଅବସ୍ଥାରେ ଜୟପୁର ଜିଲ୍ଲା ଚିକିତ୍ସାଳୟ ଏବଂ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧିନ ଅବସ୍ଥାରେ ଭର୍ତ୍ତି ହୋଇଛନ୍ତି। ଏଥିନେଇ ଉଭୟ ପକ୍ଷର ଏତଲା କ୍ରମେ ପୁଲିସ ପକ୍ଷରୁ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି। କିନ୍ତୁ ଏହାର ପରଦିନ ଗତ ୧ ତାରିଖରେ ଅନ୍ୟ ଘିଉରି ଗ୍ରାମର ପ୍ରାୟ ୩ ଶହରୁ ୪ ଶହ ଲୋକ ମାରଣାସ୍ତ୍ର ନେଇ ହରଜନ ସାହି ଭିତରେ ପ୍ରବେଶ କରିବା ସହ ପୁରୁଷ ମାନଙ୍କୁ ଖୋଜିଥିଲେ। ଏହିପରି ସାହିର ମହିଳା ମାନଙ୍କୁ ଧମକ ଚମକ ଦେଇ ସାହିର ସମସ୍ତ ପୁରୁଷ ଏବଂ ଯୁବକଙ୍କ ମାଡ ମରାଯିବ ତେଣୁ ତୁରନ୍ତ ଗ୍ରାମ ଛାଡିବାକୁ ଧମକଚମକ ଦେଇଥିଲେ। ସାହିର ମହିଳା ମାନେ ସେମାନଙ୍କ ସ୍ୱାମୀ ଓ ସାହିର ଯୁବକ ମାନେ କାମଧନ୍ଦା ପାଇଁ ଜୟପୁରକୁ ଯାଇଥିବା ବେଳେ ସେମାନଙ୍କୁ ଫେରିବାରୁ ମନା କରିଥିଲେ। ଏହିପରି ଦୁଇଦିନ ସାହିର ଯୁବକ ଓ ପୁରୁଷମାନେ ଜୟପୁର ଠାରେ ଲୁଚି ରହିବା ପରେ ଜୟପୁର ଏସଡିପିଓଙ୍କ ଶରଣାପନ୍ନ ହୋଇଥିଲେ, ଏହିପରି ସଦର ଥାନା ପୁଲିସ ଗ୍ରାମରେ ପହଞ୍ଚି ପେଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ସହ ଆକ୍ରମଣ ପାଇଁ ଆସିଥିବା ଗୋଷ୍ଠିର ଲୋକମାନଙ୍କୁ ବୁଝାସୁଝା କରିବା ସହ ଆଇନକୁ ହାତକୁ ନେବାକୁ ବାରଣ କରିଥିଲେ, ନଚେତ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଚେତାବନୀ ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ରତି ହରିଜନ, ପଦ୍ମା ହରିଜନ, ଭାଗ୍ୟ ପାଙ୍ଗୀ, ନଇନା ହରିଜନ, ଚନ୍ଦ୍ରମା ହରିଜନ ପ୍ରମୁଖଙ୍କ ସମେତ ତୁଳାରାମ ହରିଜନ, ଶିବ ହରିଜନ. ଗୌର ହରିଜନ, ରବି ହରିଜନ କୃତ୍ତିବାସ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।



# ଦେଶୀ ଓ ବିଦେଶୀ ମଦ ଜବତ, ୩ ଗିରଫ

କୋରାପୁଟ, ୫।୮ (ସମିସ):

ବେଆଇନ ମଦ ବିକ୍ରି ଅଭିଯୋଗ ପାଇବା ପରେ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସଦର ଇନ୍ସପେକ୍ଟର ସୁଧୀର କୁମାର ସାହୁ, ଡିଏଫ୍ଏସ ଇନ୍ସପେକ୍ଟର ଚନ୍ଦ୍ରଶେଖର ପଢିଆରୀ, ସବ ଇନ୍ସପେକ୍ଟର ରାଜୁ କୁମାର କ୍ଷିତି, ଲକ୍ଷ୍ମୀପୁର ଓଆଇସି କୁଶ ଜାଲ, ଏଏସଆଇ କମୋଲ କୁମାରୀ ମହାକୁଡ ଏବଂ ସୁଶାନ୍ତ କୁମାର ନାୟକଙ୍କୁ ନେଇ ଗଠିତ ଟିମ୍ ଆଜି ପୋଡ଼ାଗଡ଼, ଗାଦିଆଗୁଡ଼ା ଓ ଢେପଗୁଡ଼ା ଗ୍ରାମରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ପୋଡ଼ାଗଡରେ ହିରୋଜ ହିଆଲଙ୍କ ଘରୁ ୧୬ ଲିଟର ଦେଶୀ ମଦ ସହ ୭.୮ ଲିଟର ବିଅର ଜବତ କରା ଯାଇ ଥିବାବେଳେ ଗାଦିଆଗୁଡ଼ାରେ ରମେଶ ସାଉନ୍ତାଙ୍କ ଘରେ ଚଢଉ କରି ୧୨ ଲିଟର ଦେଶୀ ମଦ, ୪.୩୨୦ ଲିଟର ବିଦେଶୀ ମଦ ଜବତ କରିଥିଲେ। ସେହିପରି ଆଡ଼ମୁଣ୍ଡା ମାଲକାନଗିରି ପଞ୍ଚାୟତର ଢେପଗୁଡ଼ା ଗ୍ରାମରେ ସଦାନନ୍ଦ କୁଲଦୀପଙ୍କ ଘରେ ଚଢଉ କରି ଅବକାରୀ ଟିମ୍ ୬୦ ଲିଟର ଦେଶୀ ମଦ ସହ ୧୪.୯୫୦ ଲିଟର ବିଅର ଏବଂ ୭.୪୨୦ ଲିଟର ବିଦେଶୀ ମଦ ଜବତ କରିଥିଲେ। ବେଆଇନ ମଦ ବିକ୍ରୀ ଅଭିଯୋଗରେ ଉପରୋକ୍ତ ତିନି ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସଦର ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ବେଆଇନ ମଦ ବିକ୍ରି ବିରୋଧରେ ଆସନ୍ତା ଦିନରେ ମଧ ଧରପଗଡ ଜାରି ରହିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।



# ପୋଖରୀରେ ବୁଡ଼ିଯାଇ ଶିଶୁର ମୃତ୍ୟୁ

ପଦ୍ମପୁର, ୫।୮ (ସମିସ): ଆଜି ଏକ ଦୁଃଖଦ ଘଟଣା ଘଟିଯାଇଛି। ବାପା, ମା' ଧାନ କ୍ଷେତରେ ରୁଆ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ସାଙ୍ଗରେ ନେଇଥିବା ଶିଶୁ ପୁତ୍ର ଖେଳୁଥିବା ବେଳେ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛି। ସୂଚନା ପ୍ରକାରେ ଆଜି ସକାଳ ୭ଟା ସମୟରେ ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଆଖୁସି ଗ୍ରାମ ପଞ୍ଚାୟତର ତିତିରିବନ୍ଧ ଗ୍ରାମର ପ୍ରେମାନନ୍ଦ ମାଝୀଙ୍କ ଓ ତାଙ୍କ ପତ୍ନୀ ରାଜେଶ୍ୱରୀ ମାଝୀ ପୁଅ ହରେ କିଶାନ୍ ମାଝୀ (୫ର)କୁ ସାଙ୍ଗରେ ଧରି ଧାନ ରୋଇବାକୁ ଯାଇଥିଲେ। ପୁଅକୁ ବିଲ ହୁଡାରେ ବସାଇ ଧାନ ରୁଆ



କରୁଥିବା ବେଳେ ପିଲାଟି ଖେଳି ଖେଳି ପାଖ ଏକ ପୋଖରୀରେ ବୁଡ଼ିଯାଇଥିଲା। ମା' ଶିଶୁ ଟିକୁ ବିଲ ହୁଡା ଉପରେ ନ ଦେଖି ସଙ୍ଗେ ସଙ୍ଗେ ଖୋଜାଖୋଜି କରିବା ପରେ ପୋଖରୀ ଭିତରେ ପାଣିରେ ପିଲାଟି ଭାସୁଥିବା ଦେଖିଥିଲା। ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ଅମ୍ବୁଜ ରତ୍ନ ମୁଦୁଲି ଶିଶୁକୁ ମୃତ ବୋଲି ଘୋଷଣା କରିଥିଲେ। ପଦ୍ମପୁର ଥାନାରେ ଏମ୍ଏଲ୍ସି ମାମଲା ରୁଜୁ କରାଯାଇଥିବା ବେଳେ ପୋଲିସ ଶବକୁ ଜବତ୍ କରି ଘଟଣାର ଅନୁସନ୍ଧାନ କରୁଛି। ଶବ ବ୍ୟବଚ୍ଛେଦ ସକାଶେ ଗୁଣପୁର ପଠାଯିବ ବୋଲି ଜଣାପଡ଼ିଛି।

## ଜୟପୁର ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଘଟଣା

# ଅଧ୍ୟକ୍ଷାଙ୍କ ଗୋଷ୍ଠୀ ବିଜେଡି ଶିବିରର ଶରଣାପନ୍ନ

ଜୟପୁର, ୫।୮ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ନେଇ ରାଜନୀତି ଜୋର ଧରିଲାଣି। ଏହିପରି ଗତ ପଞ୍ଚାୟତ ନିର୍ବାଚନରେ ବ୍ଲକ ଅଧ୍ୟକ୍ଷା ବିଜେଡି ସମର୍ଥିତ ଜୟନ୍ତୀଗିରି ଗ୍ରାମପଞ୍ଚାୟତର ସମିତି ସଭ୍ୟା ଭାବେ ତିଳତ୍ତୋମା ମୁଦୁଲୀ ୧୨ ଜଣ ବିଜେଡି ସମର୍ଥିତ ସମିତି ସଭ୍ୟଙ୍କ ସମର୍ଥନରେ ବିଜେୟୀ ହୋଇଥିଲେ। ଗତ କିଛି ମାସ ପୂର୍ବରୁ ଅଧ୍ୟକ୍ଷା ଶ୍ରୀ ମୁଦୁଲି ଏବଂ ତାଙ୍କ ସ୍ୱାମୀ ନାଗେଶ୍ୱର ରାଓ ବିଜେପି ଦଳରେ ଯୋଗଦେଇଥିଲେ। କିନ୍ତୁ ବର୍ତ୍ତମାନ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ସ୍ମାରକପତ୍ର ପ୍ରଦାନ ପରେ ତାଙ୍କ ସମର୍ଥକ ମାନଙ୍କ ନିଦ ହଜିଯାଇଛି। ଏହିପରି ଜୟପୁର ବ୍ଲକରେ ବିଜେପି ସ୍ଥିତାବସ୍ଥା କିଛି ନଥିବା ନେଇ ଅନୁଭବ କରିବା ପରେ ବିଜେଡି ଶିବିରରେ ଅଧ୍ୟକ୍ଷା ଓ ତାଙ୍କ ସମର୍ଥକ ଶରଣାପନ୍ନ ହୋଇଛନ୍ତି। ଏହିପରି ପଦବୀ ରକ୍ଷା ନେଇ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଦଳର ରାଜ୍ୟ ଉପସଭାପତି ରବିନାରାୟଣ ନନ୍ଦଙ୍କ ନିକଟରେ ଏକ ପ୍ରକାର ଆତ୍ମସମର୍ପଣ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ବିଜେଡି ସମର୍ଥିତ ତଥା କିଛି ଅନ୍ୟ ସରପଞ୍ଚ ଏବଂ ସମିତିସଭ୍ୟଙ୍କ ସମର୍ଥନ ମିଳିବା ନେଇ ଅଧ୍ୟକ୍ଷା ମଦୁଲୀ ଏବଂ ତା ସ୍ୱାମୀ ଶ୍ରୀ ରାଓଙ୍କୁ ପ୍ରତିଶୃତି ମିଳିଛି। ଫଳରେ ଅଧ୍ୟକ୍ଷାଙ୍କ ଶିବିର ପକ୍ଷରୁ ତାଙ୍କ ବିରୋଧରେ ପ୍ରସ୍ତାବ କରିଥିବା ବିଜେଡି ସମର୍ଥିତ ସମିତି ସଭ୍ୟ ଏବଂ ସରପଞ୍ଚକୁ ଯୋଗାଯୋଗ କରିବା ସହ ତାଙ୍କୁ ମନାଇବା ସହ ସମର୍ଥନ ହାସଲ ନେଇ ପ୍ରୟାସ ଆରମ୍ଭ ହୋଇଛି। ଗତ ମାସ ୧୬ ତାରିଖରେ ଉପାଧ୍ୟକ୍ଷଙ୍କ ନେତୃତ୍ୱରେ କିଛି ସମିତିସଭ୍ୟ ଏବଂ ସରପଞ୍ଚ ମିଳିତ ଭାବେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରପପତ୍ର ପ୍ରଦାନ କରାଯାଇଥିଲା। ଏହିପରି ଉକ୍ତ ସ୍ମାରକପତ୍ର ପ୍ରଦାନ ବେଳେ ୫ଜଣ ସରପଞ୍ଚ ଏବଂ ୭ଜଣ ସମିତି ସଭ୍ୟ ଉପସ୍ଥିତି ଥିଲେ। କିନ୍ତୁ ସମୁଦାୟ ୩୧ ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କ ଉକ୍ତ ସ୍ମାରକପତ୍ର ହସ୍ତାକ୍ଷର ରହିଥିଲା। ଏଥିନେଇ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ହସ୍ତାକ୍ଷର ଯାଞ୍ଚ ପକ୍ରିୟା ଆରମ୍ଭ ହୋଇଥିଲା। ଆଜି ବ୍ଲକ ଅଧ୍ୟକ୍ଷା ଶ୍ରୀମତି ମୁଦୁଲୀଙ୍କ ସମର୍ଥନ ସହ ଆପୋଷ ବୁଝାମଣାରେ ବ୍ଲକ ଅଧ୍ୟକ୍ଷା ତିଳତ୍ତୋମା ମୁଦୁଲୀଙ୍କ ବିରୋଧରେ ଅନାସ୍ତା ପ୍ରସ୍ତାବକୁ ଖାରଜ କରିବାକୁ ଉପଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ପ୍ରାୟ ୫ ଜଣ ଲେଖାଏଁ ସମିତି ସଭ୍ୟ ଓ ସରପଞ୍ଚ ସମୁଦାୟ ୧୦ ଜଣ ସାକ୍ଷାତ କରିବା ସହ ଲିଖିତ ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ। କିନ୍ତୁ ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ପ୍ରତ୍ୟେକ ସରପଞ୍ଚ ଏବଂ ସମିତି ସଭ୍ୟ ମାନେ ନିଜର ସମର୍ଥନ ବ୍ଲକ ଅଧ୍ୟକ୍ଷା ଶ୍ରୀମତି ମଦୁଲୀଙ୍କ ସପକ୍ଷରେ ରହିଥିବା ନେଇ ବ୍ୟକ୍ତିଗତ ଉପସ୍ଥିତ ରହି ଲିଖିତ ଭାବେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ୧୦ ଜଣ ଲିଖିତ ଭାବେ ଉପସ୍ଥିତ ରହି ଜଣାଇଛନ୍ତି। କିନ୍ତୁ ଗତ ୧୬ ତାରିଖରେ ଆଗତ ଅନାସ୍ତା ପ୍ରସ୍ତାବ ଆଗତ ଏବଂ ସ୍ମାରକପତ୍ର ପତ୍ରରେ ହସ୍ତାକ୍ଷର ବେଳେ ଏମାନଙ୍କ ମଧ୍ୟରୁ କିଛି ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହିଥିଲେ। କିନ୍ତୁ ଉକ୍ତ ସରପଞ୍ଚ ଓ ସମିତି ସଭ୍ୟ ମାନେ ବିଜେଡି ସମର୍ଥିତ ସଦସ୍ୟ ହୋଇଥିବା ଯୋଗୁଁ ସେମାନେ ପୁଣି ଅଧ୍ୟକ୍ଷାଙ୍କ ସପକ୍ଷରେ ଲିଖିତ ଭାବେ ଦେଇଛନ୍ତି। ଆଜି ଅଧ୍ୟକ୍ଷା ଶ୍ରୀମତି ମୁଦୁଲୀଙ୍କ ସ୍ୱାମୀ ଶ୍ରୀ ରାଓ ସମୁଦାୟ ୨୫ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କ ତାଙ୍କ ପ୍ରତି ସମର୍ଥନ ରହିଥିବା ନେଇ ଦାବି କରିଥିବା ବେଳେ ଆସନ୍ତା ଦୁଇଦିନ ମଧ୍ୟରେ ଅନ୍ୟମାନେ ବ୍ୟକ୍ତିଗତ ଉପସ୍ଥିତ ରହି ବ୍ଲକ ଅଧ୍ୟକ୍ଷାଙ୍କ ସପକ୍ଷରେ ଲିଖିତ ଭାବେ ଉପଜିଲ୍ଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି। ପ୍ରକାଶ ଯେ, ଜୟପୁର ବ୍ଲକରେ ୨୨ ଟି ଗ୍ରାମପଞ୍ଚାୟତରେ ସମୁଦାୟ ୪୪ ଜଣ ସରପଞ୍ଚ ଓ ସମିତିସଭ୍ୟ ରହିଛନ୍ତି। ସେହିପରି ବିଧାୟକ ଏବଂ ସାଂସଦଙ୍କ ଭୋଟଦାର ଅଧିକାରୀ ରହିଥିବା ଯୋଗୁଁ ସମୁଦାୟ ୪୪ ଜଣଙ୍କ ମଧ୍ୟରୁ ଏକ ତୃତୀୟାଂଶ ଅର୍ଥାତ ସମୁଦାୟ ୩୧ ଜଣଙ୍କ ସମର୍ଥନ ଅଧ୍ୟକ୍ଷାଙ୍କ ବିରୋଧ ଅନାସ୍ତା ପ୍ରସ୍ତାବକୁ ସମର୍ଥନ ଜଣାଇ ଭୋଟଦାନର ଅଧିକାର ରହିଛି। ଏଥିରୁ ଜଣେ ସଦସ୍ୟ ଭୋଟଦାନରୁ ବଚ୍ୟୁତ ରହିଲେ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନସ୍ଥା ପ୍ରସ୍ତାବ କାଟ ଖାଇବ। ଏହିପରି ଅଧ୍ୟକ୍ଷାଙ୍କ ସ୍ୱାମୀ ଶ୍ରୀ ରାଓଙ୍କ ଦାବି ଅନୁଯାୟୀ ତାଙ୍କ ସପକ୍ଷରେ ୨୫ ଜଣ ସଦସ୍ୟଙ୍କ ସମର୍ଥନ ରହିଲେ ବଳକା ୨୧ ଜଣ ସଦସ୍ୟ ତାଙ୍କ ବିରୋଧରେ ଭୋଟ ଦେଲା ସୁଦ୍ଧା ଏହା କାଟ ଖାଇବ। କିନ୍ତୁ ଅନସ୍ଥା ପ୍ରସ୍ତାବକୁ ଗ୍ରହଣ କରାଯାଇ ଭୋଟଦାନ ପୂର୍ବରୁ ସମର୍ଥକ ମାନଙ୍କୁ ଉପସ୍ଥିତ କରିବା ସହ ଲିଖିତ ଭାବେ ଜଣାଇଲେ ଏହି ଭୋଟଦାନ ଟଳିଯିବା ନେଇ ଅଧ୍ୟକ୍ଷାଙ୍କ ସ୍ୱାମୀ ଶ୍ରୀ ରାଓଙ୍କ ନେତୃତ୍ୱରେ ତାଙ୍କ ସମର୍ଥକ ମାନଙ୍କ ମଧ୍ୟରେ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି।

## ପାଙ୍କ୍ସ ପ୍ରାକ୍ତନ ସଭାପତିଙ୍କ ପରଲୋକ



କଣ୍ଟାପଡା,୫।୮ (ସମିସ): କଣ୍ଟାପଡ଼ା ବ୍ଲକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ସେବା ସମବାୟ ସମିତିର ପ୍ରାକ୍ତନ ସଭାପତି କଳ୍ପତରୁ ସ୍ୱାଇଁ (୬୩)ଙ୍କର ଆଜି ପୂର୍ବାହ୍ନରେ ତାଙ୍କ ବାଲିପଡ଼ାସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ଗୋବିନ୍ଦପୁର ସେବା ସମବାୟ ସମିତିର ସଭାପତି ଥିଲେ। ସ୍ୱର୍ଗତ ସ୍ୱାଇଁ ଗତ କିଛି ମାସ ଧରି ଯକୃତ ଜନିତ ରୋଗରେ ପୀଡିତ ଥିଲେ। ଆଜି ସନ୍ଧ୍ୟାରେ ମରଶରୀରକୁ ଗୋବିନ୍ଦପୁର ସେବା ସମବାୟ ସମିତିକୁ ଶୋଭାଯାତ୍ରାରେ ଅଣାଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା।

## ଟ୍ରକ୍-କାର୍ ଧକ୍କା; ବର୍ତ୍ତିଲେ ଚାଳକ

ତ୍ରିଶୂଳିଆ,୫।୮ (ସମିସ): ବାରଙ୍ଗ ଥାନା ନିକଟ ଆନନ୍ଦ ବଜାର ଗୋଲେଇ ଛକ ଉପରେ ଟ୍ରକ୍ କାର ଧକ୍କାରେ ଅଳ୍ପକେ ବର୍ତ୍ତିଯାଇଛନ୍ତି କାର ଚାଳକ। ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ତ୍ରିଶୂଳିଆ ବଜାରରୁ ଓଡି ୦୨ ସିପି ୪୦୮୭ କାରଟି ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପଛରୁ ଆସୁଥିବା ଓଡି ୦୫ ଏଭି ୭୩୬୫ ଟ୍ରକଟି କାରକୁ ପଛପଟରୁ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା ବେଳେ କାର ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି ବାରଙ୍ଗ ପୁଲିସ।

## ନନ୍ଦିନୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

ଚୌଦ୍ୱାର,୫।୮ (ସମିସ): ବିଶିଷ୍ଟ ସାହିତ୍ୟ ସାଧିକା, ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୧୯ତମ ଶ୍ରାଦ୍ଧ ଦିବସ ଚୌଦ୍ୱାର ପ୍ରେସ କ୍ଲବ ପକ୍ଷରୁ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। କଳିଙ୍ଗ ଛକସ୍ଥିତ କ୍ଲବ କାର୍ଯ୍ୟାଳୟରେ କ୍ଲବ ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶିବନାରାୟଣ ପତି, ସାମାଜିକକର୍ମୀ ଭାସ୍କର ଚନ୍ଦ୍ର ପ୍ରଧାନ, ରଘୁନାଥ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ନନ୍ଦିନୀ ଦେବୀଙ୍କ ବିଗତ ଦିନର ସ୍ମୃତିଚାରଣ କରିଥିଲେ। ଖବରଦାତା ଗଙ୍ଗାଧର ସାହୁ, ପ୍ରକାଶ ନାୟକ, ଅଜିତ ସ୍ୱାଇଁ, ସୁଧାକର ସାମନ୍ତରାୟ, ଅଶୋକ ଦାସ, ବିମଳ ବେଉରା, ସୁରେଶ ପୃଷ୍ଟି, ବିଶ୍ୱଜିତ ଭଞ୍ଜ, ଏସ୍‌କେ ମୁଜାମିଲ, ସାଗର ସାହୁ, ସେକ୍ ଗୁଲଫାମ, ଲକ୍ଷ୍ମୀଧର ଦାସ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାମ୍ବାଦିକ ଆଶୁତୋଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରେରଣା ଫାଉଣ୍ଡେସନ୍‌ର ସଫେଇ କାର୍ଯ୍ୟକ୍ରମ

ନରସିଂହପୁର,୫।୮ (ସମିସ): ଶ୍ରାବଣ ମାସ ଶେଷ ସୋମବାର ଅବସରରେ ନରସିଂହପୁର ବ୍ଲକ୍ ଅନ୍ତର୍ଗତ ଚମ୍ପେଶ୍ୱରସ୍ଥିତ ବାବା ଚମ୍ପାନାଥଙ୍କ ପୀଠରେ ନରସିଂହପୁର ସଂଗଠନ ପ୍ରେରଣା ଫାଉଣ୍ଡେସନ ତରଫରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଦସ୍ୟ ଓ ସଦସ୍ୟାମାନେ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ହେଲ୍ପିଂ ହାଣ୍ଡସ୍ କ୍ଲବର ସଭାପତି ସରୋଜ ସାହୁ ଯୋଗଦେଇ ସହଯୋଗ କରିଥିଲେ। ସଂଗଠନର ସଭାପତି ପ୍ରତ୍ୟୁଷ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଦୀପ୍ତି ରଞ୍ଜନ ସାହୁ, ପ୍ରତିଷ୍ଠାତା ତଥା ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ, ପ୍ରମୁଖ ସଦସ୍ୟା ରଞ୍ଜିତା ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମା' କୁତାମଚଣ୍ଡୀ ତୋରଣ ଶିଳାନ୍ୟାସ



ନିଆଳି,୫।୮ (ସମିସ): ନିଆଳି ୬୦ ନଂ ରାଜ୍ୟ ରାଜପଥର ବାହାରଣା ଛକ ରାସ୍ତାରେ ମା କୁତାମଚଣ୍ଡୀଙ୍କ ଭବ୍ୟ ତୋରଣ ନିମନ୍ତେ ସୋମବାର ସଧାରେ ଶିଳାନ୍ୟାସ ହୋଇଯାଇଛି। ମା' କୁତାମଚଣ୍ଡୀ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ବିଧାୟକ ଛବି ମଲ୍ଲିକଙ୍କୁ ନିଆଳି ବଜାର ଠାରୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ଅଣାଯିବା ପରେ ବିଧାୟକ ଏହି ତୋରଣର ଶିଳାନ୍ୟାସ କରିଥିଲେ। ଏହି ତୋରଣ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରାଯିବ ବୋଲି କହିଥିଲେ। କମିଟି ପକ୍ଷରୁ ଚିତ୍ତରଞ୍ଜନ ବେହେରା, ବିନୋଦ ଲେଙ୍କା, ସତ୍ୟଭୂଷଣ ମହାପାତ୍ର, ଅଜୟ ମୁଖୀ, ପୌରଷ ରଞ୍ଜନ ସ୍ୱାଇଁ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଚୌଦ୍ୱାର ଅଞ୍ଚଳରେ ଜମି କେଳେଙ୍କାରୀ

# ସରକାରୀ ଜମିକୁ ବିକି ମାଫିଆ ମାଲେମାଲ

ଚୌଦ୍ୱାର,୫।୮ (ସମିସ): ଚୌଦ୍ୱାର ଅଞ୍ଚଳ ଏବେ ପାଲଟିଯାଇଛି ଜମି ମାଫିଆମାନଙ୍କ ଭୂସ୍ୱର୍ଗ। ସରକାରୀ ଜମିକୁ ଅକ୍ତିଆରକୁ ନେଇ ବିଭିନ୍ନ ଲୋକଙ୍କୁ ବିକ୍ରି କରାଯିବା ଭଳି ସଂଗୀନ ଅଭିଯୋଗ ଉଠିଛି। ଏପରିକି ଜାଲ ପଟ୍ଟା ଜରିଆରେ କିଛି ଲୋକଙ୍କୁ ସରକାରୀ ଜମି ବିକ୍ରି କରାଯାଇଥିବା ଭଳି ଘଟଣା ଏବେ ଚର୍ଚ୍ଚାକୁ ଆସୁଛି। ସେହିଭଳି ସରକାରୀ ଜମିକୁ ଜବରଦଖଲ କରିବା ଏଠାରେ ନୂଆ କଥା ନୁହେଁ। ଛତିଶାଠାରୁ ଆରମ୍ଭ କରି ବିଗତ ଦିନର ଓଟିଏମ ତଥା ବର୍ତ୍ତମାନର ଇଡ଼କୋ ଜମିକୁ ମଧ୍ୟ ମାଡ଼ିବସି ଘରଦ୍ୱାର ତିଆରି କରିବା ଭଳି ଅଭିଯୋଗ ଉଠୁଛି। ପୁନଶ୍ଚ ଇଡ଼କୋ ସଂଲଗ୍ନ ସରକାରୀ ଜମିଗୁଡ଼ିକୁ ମଧ୍ୟ ଜବରଦଖଲ କରାଯାଇଥିବା ବେଳେ ଏନେଇ ବିଗତ ଦିନରେ ଥାନାଠାରୁ ଆରମ୍ଭ କରି ତହସିଲଦାର, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି।

**ଜମି କାରବାରରେ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ସଂପୃକ୍ତି ଅଭିଯୋଗ**

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୦ ନମ୍ବର ୱାଡର୍, ୧୯ ନମ୍ବର ୱାଡର୍ ଅଞ୍ଚଳରେ ଜମି ମାଫିଆମାନେ ସକ୍ରିୟ ହୋଇ ଉଠିଥିବା କୁହାଯାଉଛି। ଏହିସବୁ ଅଞ୍ଚଳରେ ସରକାରୀ ଜମିକୁ କିଛି ଲୋକଙ୍କୁ ଜାଲ ପଟ୍ଟାରେ ବିକ୍ରି କରାଯାଇଥିବାବେଳେ ବହୁ ଅନାବାଦି ଜମି ବିକ୍ରି ହେଉଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନେ ଲକ୍ଷ ଲକ୍ଷ ଟଙ୍କା ବେଆଇନ ଭାବେ ରୋଜଗାର କରିଥିବା ଚର୍ଚ୍ଚା ମଧ୍ୟ ହେଉଛି। ଏପରିକି ଜାଲ ପଟ୍ଟା ସାଙ୍ଗକୁ ଷ୍ଟାମ୍ପ ପେପରରେ ମଧ୍ୟ ସରକାରୀ ଜମି ବିକ୍ରି ଖର୍ଦ୍ଦି ହେଉଥିବା ଅଭିଯୋଗ ହୋଇଛି। ତେବେ ଏ ସଂକ୍ରାନ୍ତରେ ଗତ କିଛିମାସ ତଳେ ଅଭିଯୋଗ ହୋଇଥିବାବେଳେ ଏନେଇ ମାମଲା ମଧ୍ୟ ଚାଲିଥିବା ଜଣାପଡ଼ିଛି।

ମିଳିଥିବା ଅଭିଯୋଗରୁ ଜଣାପଡ଼ିଛି ଯେ ଏହି ଜମି କେଳେଙ୍କାରୀରେ ମୁଖ୍ୟସୂତ୍ରଧର ସାଜିଥିବା ବ୍ୟକ୍ତିଜଣକ ଜଣେ ପ୍ରଭାବଶାଳୀ ଲୋକ ହୋଇଥିବା କାରଣରୁ ଘର ଖଣ୍ଡେ ପାଇଁ ଜମି ଖୋଜୁଥିବା ଲୋକଙ୍କ ପାଖରେ ବିଭିନ୍ନ ଦଲାଲଙ୍କୁ ପହଞ୍ଚାଇ ପ୍ରଭାବିତ କରାଉଛନ୍ତି। ଏପରିକି ଏହି ଜମି ସରକାରୀ ଜମି ହୋଇଥିଲେ ମଧ୍ୟ ଭବିଷ୍ୟତରେ ଜାଗାମିଶନ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ସାମିଲ କରାଇ ସ୍ଥାୟୀ ଭାବେ ରହିବାର ବ୍ୟବସ୍ଥା କରାଇଦେବେ ବୋଲି ପ୍ରଲୋଭନ ଦେଖାଉଛନ୍ତି। ତେଣୁ ବହୁ ନିରୀହ ଲୋକ ଏମାନଙ୍କ ପ୍ରଲୋଭନକୁ ସହଜରେ ବିଶ୍ୱାସ କରି ଏଠାରେ ଜମି କିଣି ପକାଉଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ଆଉ କିଛି ଲୋକଙ୍କୁ ଜମି ଯୋଗାଇଦେବା ନାମରେ ବିପୁଳ ଅର୍ଥ ନେଇଥିଲେ ମଧ୍ୟ ସେମାନଙ୍କ ଜମି ଯୋଗାଇ ନ ଦେବାରୁ ସେମାନଙ୍କ ମଧ୍ୟରେ ଚାପା ଅସନ୍ତୋଷ ଦେଖାଦେଇଛି।

ମାତ୍ର ଏହି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଭୟ କରି ପାଟି ଖୋଲୁ ନ ଥିବା ଜଣାପଡ଼ିଛି। ଚୌଦ୍ୱାର ଅଞ୍ଚଳରେ କେତେ ସରକାରୀ ଜମି ଜବରଦଖଲକୁ ଯାଇଛି ତାହାର ପ୍ରଶାସନିକ ସ୍ତରରେ ତଦନ୍ତ କରାଯାଇ ସରକାରୀ ଜମିକୁ ଉଦ୍ଧାର କରାଯିବା ସହ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ଚୂନ ଫାକ୍ଟ୍ରିରେ ଦୁର୍ଘଟଣା

## ଶ୍ରମିକଙ୍କ ମୃତ୍ୟୁ ନେଇ ଉତ୍ତେଜନା

ଭଦ୍ରେଶ୍ୱର,୫।୮ (ସମିସ): ମାହାଙ୍ଗା ବ୍ଲକ ବାସୁଦେବପୁର ଗ୍ରାମପଞ୍ଚାୟତ ବରଅଠା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଚୂନ ଫାକ୍ଟ୍ରିରେ କାମ କରୁଥିଲା ବେଳେ ମେସିନରେ ହାତ ପସିଯିବା କାରଣରୁ ଜଣେ ଶ୍ରମିକଙ୍କର ଅକାଳ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଦୀର୍ଘ ଦିନ ହେଲା ମାହାଙ୍ଗା ବ୍ଲକ ବାସୁଦେବପୁର ଗ୍ରାମପଞ୍ଚାୟତ ବରଅଠା ଗ୍ରାମରେ ଓମ ସାଇ ନାମକ ଏକ ଚୂନ କାରଖାନା ଚାଲୁରହିଛି। ଏହି କାରଖାନାରେ ବହୁ ଶ୍ରମିକ କାର୍ଯ୍ୟ କରୁଛନ୍ତି। ତେବେ ଦୀର୍ଘଦିନ ହେଲା କେନ୍ଦୁଝର ଅଞ୍ଚଳର ଆଦିବାସୀ ଶ୍ରମିକ ସନ୍ତୋଷ ହୋ ଏହି କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଥିଲେ। ଆଜି ସନ୍ତୋଷ କାରଖାନାରେ କାମ କରୁଥିଲା ବେଳେ ଦୁର୍ଭାଗ୍ୟବଶତଃ ତାଙ୍କର ହାତଟି ମେସିନ ଭିତରେ ରହି ଯାଇଥିଲା। ଫଳରେ ତାଙ୍କ ହାତଟି ଦୁଇ ଖଣ୍ଡ ହୋଇଯାଇଥିଲା। ତେବେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୀର୍ଘ ସମୟ ପରେ କାରଖାନା ମାଲିକ ଓ ସ୍ଥାନୀୟ ଲୋକେ ତାଙ୍କୁ ମେସିନ ଭିତରୁ ଉଦ୍ଧାର କଲା ବେଳକୁ ତାଙ୍କ ମୃତ୍ୟୁ ହୋଇସାରିଥିଲା। ଏହି ଘଟଣା ପ୍ରଚାରିତ ହେବା କ୍ଷଣି ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ମାହାଙ୍ଗା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କର ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି। ତେବେ ବେଆଇନ ଭାବେ ଚାଲିଥିବା ଏହି କାରଖାନାରେ କାର୍ଯ୍ୟରତ ଶ୍ରମିକମାନଙ୍କର କୌଣସି ବୀମା କରାଯାଇ ନ ଥିବା କାରଣରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହାର ତଦନ୍ତ କରାଯାଇ କାରଖାନା ମାଲିକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହୋଇଛି।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ




ଚୌଦ୍ୱାର,୫।୮ (ସମିସ): ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ କପାଳେଶ୍ୱର ନୂଆସାହି ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାର୍ବତୀ ମନ୍ଦିର ପରିସରରେ ସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ବ୍ୟାପକ ଚାରାରୋପଣ କରାଯାଇଛି। କଟକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ବିଷ୍ଣୁମୋହନ ଦାସସାମନ୍ତ, କଟକ ସିଟି ସଭାପତି ଡା. କୃପାସିନ୍ଧୁ ପଣ୍ଡାଙ୍କ ଉପଦେଶକ୍ରମେ ସଂଘର ସଭାପତି ଆଦିକନ୍ଦ ବିହାରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ବିଭୁଦାସ ବର୍ଦ୍ଧନ, ଉପସଭାପତି ରଘୁନାଥ ସ୍ୱାଇଁ, ସହ ସଂପାଦକ ଆଦିକନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ନିକୁଞ୍ଜ ବିହାରୀ ପଣ୍ଡା, ଉପଦେଷ୍ଟା ଈଶ୍ୱରଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ହୃଦାନନ୍ଦ ମଲ୍ଲିକ, ବୈକୁଣ୍ଠନାଥ ତାରେଣିଆ, ଅଲେଖ ଚନ୍ଦ୍ର ବେହେରା, ପ୍ରଭାକର ନାୟକ, ଶିବ ପ୍ରସାଦ ପତି, ରବିନ୍ଦ୍ର ମଲ୍ଲିକ, ଜଗତ ପରିଜା, ଜୀବନ ବିହାରୀ ମହାପାତ୍ର, ପ୍ରଫୁଲ୍ଲ ସାହୁ ଉପସ୍ଥିତ ଥିଲେ।

## ମୌଳିକ ସମସ୍ୟା ସମାଧାନ ପାଇଁ ଆଲୋଚନା

 କନ୍ଦରପୁର,୫।୮ (ସମିସ): କଟକ ସଦର ବୟାଳିଶ ମୌଜା କୁଳସରିତୁଆଁ ଉଚ୍ଚବିଦ୍ୟାଳୟ ଛକଠାରେ ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ମନୋଜ ନାୟକଙ୍କ ନେତୃତ୍ୱରେ ବୟାଳିଶ ମୌଜା ବିଭିନ୍ନ ପଞ୍ଚାୟତର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଲୋକଙ୍କ ଅଭାବ ଅସୁବିଧା ତଥ୍ୟ ସଂଗ୍ରହ କରାଯାଇ ପ୍ରଶାସନ ନିକଟରେ ପହଞ୍ଚାଇ ତ୍ୱରିତ ସମାଧାନ ପାଇଁ ଚାପ ପ୍ରୟୋଗ କରାଯିବ ବିଶେଷ କରି ବିଦ୍ୟୁତ୍ ସମସ୍ୟା, ବୟାଳିଶ ମୌଜାର



ବିଭିନ୍ନ ପଞ୍ଚାୟତର ଗମନା ଗମନ ପାଇଁ ରାସ୍ତାଘାଟର ସମସ୍ୟା, ପାନୀୟ ଜଳ ଠିକ୍ ଭାବେ ଜନସାଧାରଣ ପାଇ ପାରୁ ନ ଥିବା ନେଇ ସମସ୍ୟା, ଉପଯୁକ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ ପ୍ରତି ଉଦ୍ୟମ କରାଯିବ ବୋଲି ପ୍ରଫେସର ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ବିଜୟ ନାୟକ, ସଞ୍ଜୀବ ମହାପାତ୍ର, ଉଦୟ ସାସମଲ, ସୁରଜ୍ ବେହେରା, ସଞ୍ଜୀବ ବିଶ୍ୱାଳ, ସୁଶାନ୍ତ ପରିଡ଼ା, ସମରେନ୍ଦ୍ର ମହାପାତ୍ର, ପଦ୍ମନାଭ ଗୋଛାୟତ, ତ୍ରିଲୋଚନ ଦଳାଇ, ଶେଷଦେବ ଦାସ, ଯୋଗେଶ ଚୌଧୁରୀ, ଅଭିମନ୍ୟୁ ସାହୁ, ପ୍ରକାଶ ମାଝୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କ ବିୟୋଗରେ ଶୋକ



କନ୍ଦରପୁର,୫।୮ (ସମିସ): କଟକ ସଦରର ଜଣାଶୁଣା ସମାଜସେବୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ (୨୦୦୭ ରୁ ୨୦୧୨) ବରାଳ ସାଇ ମନ୍ଦିରର ପ୍ରତିଷ୍ଠାତା ସଭ୍ୟ ସର୍ବୋପରି ବୟାଳିଶମୌଜା ଅଞ୍ଚଳର ବରିଷ୍ଠ ମୁରବି ସୁରେନ୍ଦ୍ରନାଥ ବେହେରା (୭୫)ଙ୍କର ସୋମବାର ସକାଳେ ବାସଭବନରେ ହୃଦଘାତରେ ବିୟୋଗ ଘଟିଛି। ମୃତ୍ୟୁଖବର ଜଣା ପଡିବାପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ତାଙ୍କ ବାସଭବନକୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସୁଅ ଛୁଟିଥିଲା। କଟକ ସଦର ବିଧାୟକ ପ୍ରକାଶ ସେଠୀ, କଟକ ସଦର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ସତ୍ୟ ଜେନା, ସମାଜସେବୀ ଆରତ ରଞ୍ଜନ ବିଶ୍ୱାଳ ପ୍ରମୁଖ ସୁରେନ୍ଦ୍ରଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିବା ବେଳେ ତାଙ୍କ ମୃତ୍ୟୁରେ କଟକ ସଦରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା, ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ପ୍ରଫେସର ମନୋଜ ନାୟକ, କଟକ ସଦର ବିଚାର ମଞ୍ଚ ସଭାପତି ବରିଷ୍ଠ ସାମ୍ବାଦିକ ବିଷ୍ଣୁ ଚରଣ ବେହେରା, କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରା, ପ୍ରକାଶ ଚୌଧୁରୀ, ଶରତ ରାୟ ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଶୋକପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ସୁନିଲ ବେହେରା ମୁଖାଗ୍ନି ଦେଇଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ନେମାଳ,୫।୮ (ସମିସ): ନେମାଳ ଥାନା ଅନ୍ତର୍ଗତ ଶାନ୍ତପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ଫକୀର ଚରଣ ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାନୁପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରିୟରଞ୍ଜନ ପତି ମୁଖ୍ୟଅତିଥି, ସମ୍ପାଦକ ହେମନ୍ତ ଲେଙ୍କା, ଉପସଭାପତି ପଣ୍ଡିତ ନବକିଶୋର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶୀଲ ବିଶୋଇ ଆଭିମୁଖ୍ୟ କଥନ କରିଥିବା ବେଳେ ଦିବା ଭାଗ ପ୍ରମୁଖ ମିହିର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ପ୍ରମୁଖ ଦୁର୍ଗାପ୍ରସାଦ ଦାଶ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ସୁରଥ ରାଉତ, ମନୋଜ ସାହୁ ଓ ପ୍ରଦୀପ୍ତ ଭୋଇଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ। ଏଥିରେ ମୋଟ୍ ୯୪ଜଣ ଶିଶୁ ଭାଗ ନେଇଥିଲେ। ବିଚାରକ ଭାବରେ ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପରେଶ ସାହୁ, ବିପ୍ଳବ ସରକାର ଓ ସୁରେନ୍ଦ୍ର ନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ସାହୁ ଯୋଗଦେଇ ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଚୌଦ୍ୱାର,୫।୮ (ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ଉଚ୍ଚବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସେଖ ଅଖତାର ହୋସେନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି। କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ନାଥ ପାଣ୍ଡବ ପୌରହିତ୍ୟ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ରଭାନୁ ଗାହାଣ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ମମତା ସାମାନ୍ତ, ପୂର୍ବତନ ସଂପାଦକ ଦେବଜିତ୍ ପ୍ରସାଦ ସିଂଦେଓ, ପୂର୍ବତନ ପ୍ରଧାନଶିକ୍ଷକ ଭାଗିରଥୀ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳ, ରବିନ୍ଦ୍ର ରାଉତ, ଅଶୋକ ପରିଡା, ରବିନ୍ଦ୍ରନାଥ ନାୟକ, ସଞ୍ଜୟ ପରିଡା, ଗଗନ ବେଜ, ମାୟାଧର ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସଂସ୍କୃତ ଶିକ୍ଷକ ମାନସ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ନିଆଳି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ନିଆଳି,୫।୮ (ସମିସ): ନିଆଳି ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ସୋମବାର ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିନୋଦ ବିହାରୀ ଦାସ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ଇପ୍‌ସିତା ଷଡଙ୍ଗୀ ଓ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ, ମୁଖ୍ୟବକ୍ତାଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ମଦନମୋହନ ସାହୁ, ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶଶୀଭୂଷଣ ପରିଡା ଓ ଭାଗୀରଥୀ ଜେନା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ




ହରେକୃଷ୍ଣ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ମଲ୍ଲିକଙ୍କ କରକମଳରେ ଇ-ଲାଇବ୍ରେରୀ ଓ ବିଜ୍ଞାନଗାରାକୁ ଉଦ୍‌ଘାଟନ କରାଯାଇଥିଲା। ସେହିପରି ଅତିଥିମାନଙ୍କ ଗହଣରେ ମହାବିଦ୍ୟାଳୟର ପ୍ରାଚୀ ପ୍ରତିକା ଉନ୍ମୋଚନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାପକ ଶରତଚନ୍ଦ୍ର ବାରିକ, ପ୍ରାଧାପକ ପବିତ୍ର ମୋହନ ମହାନ୍ତି, ପ୍ରାଧାପକ ନିରଞ୍ଜନ ଭୂୟାଁ, ପୂର୍ବତନ ଅଧକ୍ଷା ଅଞ୍ଜଳି ଦେଇ ସମାଜସେବୀ ଗଣେଶ୍ୱର ମିଶ୍ର ଓ ସନ୍ତୋଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ହିରଣ୍ୟ ବିଦାରକ ମହାପାତ୍ର, ପଦ୍ମନାଭ ସ୍ୱାଇଁ, ଅଧ୍ୟାପିକା ନିରୂପମା ମଲ୍ଲିକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଡ. ଶ୍ରୀଧର ବାରିକ୍ ବାର୍ଷିକ ବିବରଣୀ ସହ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ଗୀତିକାର ଓ ପାଲା ପ୍ରତିଯୋଗିତା

ନେମାଳ,୫।୮ (ସମିସ): ଖଣ୍ଡସାହିସ୍ଥିତ ବାସୁଦେବ ଆଶ୍ରମ ପରିସରରେ ପଞ୍ଚଶଖା ସତ୍ୟ ପ୍ରତିଷ୍ଠା ରାସସେବା ସ୍ୱଧର୍ମ ମହାସଭା ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ, ମହାପୁରୁଷ ଅଚ୍ୟୁତାନନ୍ଦ ତଥା ପଞ୍ଚସଖା ତତ୍ତ୍ୱ ଦର୍ଶନର ଲବ୍ଧ ପ୍ରତିଷ୍ଠିତ ସାଧକ ସ୍ୱାମୀ ଗୁରୁପାଦ ବ୍ରହ୍ମ ଅବଧୂତ ସୁକାନ୍ତ ଦାସଜୀ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିବସ ବ୍ୟାପି ଆଧାତ୍ମିକ ଆଲୋଚନା ରାଜ୍ୟସ୍ତରୀୟ ଗୀତିକାର ଓ ପାଲା ପ୍ରତିଯୋଗିତା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଆଶ୍ରମ ପରିସରରେ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ଶିଷ୍ୟଶିଷ୍ୟାଙ୍କ ଦ୍ୱାରା ଗୁରୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅନୁଷ୍ଠିତ ସାରସ୍ୱତ ସତସଙ୍ଗ ବିଶିଷ୍ଟ



ପରିବେଶବିତ ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ବରେଣ୍ୟ ଅତିଥିଭାବେ ଶ୍ରୀଧର ଦାସଜୀ ମହାରାଜ, ଶିକ୍ଷାବିତ ପ୍ରସନ୍ନ ଦାସ, ମହନ୍ତ ଅନନ୍ତ ନାରାୟଣ ଦାସ, ସାହିତ୍ୟିକ ଗୌତମ ଚରଣ ଜେନା, ଶିଶୁକବି ପ୍ରଫୁଲ୍ଲ ସାହୁ, ବାବାଜୀ ପରମାନନ୍ଦ ଦାସ, ସନ୍ୟାସୀ ନିତ୍ୟାନନ୍ଦ ଦାସ, ପଣ୍ଡିତ ଲକ୍ଷ୍ମୀଧର ମିଶ୍ର ପ୍ରମୁଖ ଯୋଗଦେଇ ମାନବୀୟ ସଂସ୍କୃତିର ବହୁବିଧ ଅବତାରଣା କରିଥଲେ। କାର୍ଯ୍ୟକ୍ରମ ପରିଚାଳନାରେ ରୁଦ୍ରନାରାୟଣ ଦାସ, ହେମନ୍ତ ନାୟକ, ଅନିରୁଦ୍ଧ ଓଝା, ଶରତ ରାଉଳ, ଅଜୟ ସାମଲ, ମଧୁ ସାହୁ, କୈଳାସ ମଲ୍ଲିକ, ଅଜୟ ଦାସ, ସଞ୍ଜୟ ପରିଜା, ମହେଶ୍ୱର ପରିଜା, ନଟ ସୂତାର, ମନ୍ମଥ ସାହୁ, ରାମଚନ୍ଦ୍ର ବିଶ୍ୱାଳ, କାଳନ୍ଦୀ ସ୍ୱାଇଁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ପ୍ରତିଯୋଗିତାର ବିଚାରକ ଧନେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତାର କୃତି ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ନାମାଶ୍ରିତ ପ୍ରଭାବତୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

● ଜମି ବିକ୍ରି ନାଁରେ ମହିଳାଙ୍କ ଠାରୁ ୫ଲକ୍ଷ ଠକେଇ

# ଜେଲ୍‌ରେ ଥିବା ବନ୍ଦୀଙ୍କ ନାଁରେ ମାମଲା

ବ୍ରହ୍ମପୁର,୫ ।୮ (ସମିସ): ଜମି ବିକ୍ରି ନାଁରେ ଜଣେ ମହିଳାଙ୍କ ଠାରୁ ୫ଲକ୍ଷ ଠକେଇ ଅଭିଯୋଗ ହୋଇଛି । ଶିଳ୍ପାଞ୍ଚଳର ରାଜେଶ କୁମାର ମାଝି ଓରଫ ରିଙ୍କୁ ଓ ତାଙ୍କର ଜଣେ ସହଯୋଗୀ ମିଳିତ ଭାବେ ଏହି ଠକେଇରେ ସାମିଲ ଅଛନ୍ତି । ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଛି । ବିବାହର ପ୍ରତିଶ୍ରୁତି ଦେଇ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଏବଂ ଗର୍ଭପାତ କରିବା ଅଭିଯୋଗରେ ଗୋଷାଣୀନୁଆଗାଁ ଥାନା ପୁଲିସ ଦ୍ୱାରା ଗିରଫ ହୋଇ ବର୍ତ୍ତମାନ ଜେଲରେ ଥିବାବେଳେ ରିଙ୍କୁ ନାମରେ ପୁଲିସ ଏହି ଠକେଇ ମାମଲା ଯୋଡ଼ିଛି ।

ସୂଚନା ପ୍ରକାରେ, ମେଡିକାଲ ବ୍ୟାଙ୍କ କଲୋନୀ ନିବାସୀ ଜନୈକା ମହିଳାଙ୍କ ସହିତ ୨ବର୍ଷ ପୂର୍ବେ ଅଭିଯୁକ୍ତ ରିଙ୍କୁ ଓ ତାର ସହଯୋଗୀଙ୍କର ପରିଚୟ ହୋଇଥିଲା । ଅଭିଯୁକ୍ତମାନେ ମହିଳାଙ୍କୁ ଜମି ବିକ୍ରି କରିବାକୁ କହି ୫ଲକ୍ଷ ଟଙ୍କା ନେଇଥିଲେ । ଜମି ପଞ୍ଜୀକରଣ ନହେଲେ ଟଙ୍କା ଫେରସ୍ତ କରିବେ ବୋଲି ଚୁକ୍ତିନାମା କରିଥିଲେ । ଇତିମଧ୍ୟରେ ବର୍ଷାଧିକ କାଳ ବିତିଥିଲେ ହେଁ ମହିଳାଙ୍କ ନାମରେ ଜମି ପଞ୍ଜୀକରଣ କରି ନଥିଲେ । ମହିଳା ଜଣକ ଟଙ୍କା ଫେରସ୍ତ କରିବାକୁ କହିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି ।

# ସିଏସ୍‌ଆର୍ ପାଣ୍ଠିରେ ବିଦ୍ୟାଳୟକୁ କମ୍ପ୍ୟୁଟର୍ ପ୍ରଦାନ



ବ୍ରହ୍ମପୁର,୫ ।୮ (ସମିସ): ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟକୁ ଏକ ଘରୋଇ ବ୍ୟାଙ୍କ ତିନୋଟି କମ୍ପ୍ୟୁଟର ପ୍ରଦାନ କରିଛି । ସିଏସ୍‌ଆର୍ ପାଣ୍ଠିରୁ ବ୍ୟାଙ୍କ ପକ୍ଷରୁ ଉକ୍ତ କମ୍ପ୍ୟୁଟର ମିଳିଛି । ଏଥିଦ୍ୱାରା ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ଦକ୍ଷତା ବିକାଶ ହେବ ବୋଲି କୁହାଯାଇଛି । କମ୍ପ୍ୟୁଟର ପ୍ରଦାନ ସମୟରେ ଆଇଡ଼ିବିଆଇ ବ୍ୟାଙ୍କ ଶାଖା ପରିଚାଳକ ରବିନ୍ଦ୍ର କୁମାର ପରିଡ଼ା, ଲୋକ ସମ୍ପର୍କ ପରିଚାଳକ ଭାବଗ୍ରାହୀ ମହାପାତ୍ର, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ବରିଷ୍ଠ ଶିକ୍ଷକ ସବିତା ପଣ୍ଡା, ଅନୀତା ପ୍ରଧାନ, ସବିତା ଚୌଧୁରୀ, ଜି ଗୌରୀ ରେଡ୍ଡୀ, ଲାବଣ୍ୟ ଦାଶ, ରୀତାରାଣୀ ଦାସ, କିରାଣୀ ଦିଲ୍ଲୀପ କୁମାର ଦାସ, ଝୁନୁ ବେଜ ପ୍ରମୁଖ ଉପସ୍ଥିତ ଥିଲେ ।

● ଜାତୀୟ ବକ୍ସିଂ ପ୍ରତିଯୋଗିତା

# ଓଡ଼ିଶା ଦଳରେ ଗଞ୍ଜାମରୁ ୭ ବକ୍ସର



ବ୍ରହ୍ମପୁର,୫ ।୮ (ସମିସ): ଉତ୍ତରପ୍ରଦେଶ ରାଜ୍ୟର ଗ୍ରେଟର ନୋଇଡ଼ାରେ ହେବାକୁ ୧୫ବର୍ଷ ଠାରୁ କମ୍ ୪ର୍ଥ ସବ୍‌ଜୁନିଅର ବାଳକ ଓ ବାଳିକା ଜାତୀୟ ବକ୍ସିଂ ପ୍ରତିଯୋଗିତା ଭାଗ ନେବାକୁ ଓଡ଼ିଶା ଟିମ ଗସ୍ତ କରିଛନ୍ତି । ଚଳିତ ମାସ ୭ରୁ ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ଜଣ ଖେଳାଳି ରହିଛନ୍ତି । ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲାର ୭ଜଣ ବକ୍ସର ସ୍ଥାନ ପାଇଛନ୍ତି । ସେଥି ମଧ୍ୟରେ ବାଳକ ବକ୍ସର ଭାବେ ସଂକେତ ଗୌଡ଼, ବି. ବାଳକ୍ରିଷ୍ଣା, ବେଦାମ୍ବର ବେହେରା, ନନ୍ଦନ ବିନ୍ଧାଣୀ ଓ ପ୍ରିୟାଂଶୁ ମଲିକ ରହିଛନ୍ତି । ସେହିପରି ବାଳିକାରେ ଏ. ରିମସା ଦୋରା ଓ ଲିପ୍ସା ସାହୁ ରହିଛନ୍ତି । ଦଳରେ କୋଚ୍ ତଥା ଆନ୍ତର୍ଜାତୀୟ ରେଫରି ଶିଶିର କୁମାର ପାଣିଗ୍ରାହୀ ରହିଥିବା ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନ ସମ୍ପାଦକ ଜେ. କାମେଶ୍ୱର ରାଓ ଏବଂ ବକ୍ସିଂ ସମ୍ପାଦନ କେ. ପ୍ରଭାକର ରାଓ ସୂଚନା ଦେଇଛନ୍ତି । ଟିମ୍ ରହିଥିବା ବକ୍ସରମାନଙ୍କୁ ଶିବରାମ ପାତ୍ର, ଅଶୋକ କୁମାର ସାହୁ, କେ. ପ୍ରଭାକର ରାଓ, ଲଡୁ କିଶୋର ସାହୁ, ବୁଲୁ ପାତ୍ର, ସୁମନ ଦାସ, ଅଭିନାଷ ନାୟକ ଓ ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ।

ଦିଗହରା 'ସ୍ୱଚ୍ଛ ବ୍ରହ୍ମପୁର' ନାରା...

# ଓଭରବ୍ରିଜ୍ ତଳି ଅଞ୍ଚଳ ପାଲଟିଛି ଅଘୋଷିତ ଡମ୍ପିଂୟାର୍ଡ

ବ୍ରହ୍ମପୁର,୫।୮ (ସମିସ)



ଅଳିଆ ଆବର୍ଜନା ଗନ୍ଧରେ ଫାଟୁଛି ନାକ



ସ୍ୱଚ୍ଛ ସୁନ୍ଦର ବ୍ରହ୍ମପୁର ସ୍ୱପ୍ନ ଦିଗହରା ହେଉଛି । ଯେତେ ସଜାଡ଼ିଲେ ବି ପରିମଳ ବ୍ୟବସ୍ଥା ବିଗିଡ଼ିବାରେ ଲାଗିଛି । ଆବଶ୍ୟକ ଭିତ୍ତିଭୂମି ଯୋଗାଡ଼ କରିବାରେ ପ୍ରତିବନ୍ଧକତା କାରଣରୁ ଓଭରବ୍ରିଜ ତଳ ଅଞ୍ଚଳ ସମ୍ପ୍ରତି ଅଘୋଷିତ ଡ଼ମ୍ପିଂୟାର୍ଡରେ ପରିଣତ ହେଉଛି । ସହରକୁ ସ୍ୱଚ୍ଛ ଓ ପରିମଳ ଭିତ୍ତିଭୂମି ସୁଦୃଢ କରିବା ଲାଗି ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ପ୍ରଚେଷ୍ଟା କରାଯାଉଛି ବୋଲି କୁହାଯାଉଥିଲେ ହେଁ ବାସ୍ତବତା କିନ୍ତୁ ଅଲଗା ।

ସୂଚନା ପ୍ରକାରେ ସହରର ପ୍ରତ୍ୟେକ ଗଳି କନ୍ଦିରୁ ପ୍ରତିଦିନ ଅଳିଆ ସଂଗ୍ରହ ହେଉଛି । ସେଗୁଡ଼ିକ ସଂଗ୍ରହ କରାଯାଇ ଡମ୍ପିଂୟାର୍ଡକୁ ନିଆଯାଉଛି । ଏଠାରେ ପୃଥକୀରଣ କରାଯିବା ପରେ ପ୍ରକ୍ରିୟାକରଣ ୟୁନିଟ୍‌କୁ ସ୍ଥାନାନ୍ତରିତ ହେଉଛି । ଡମ୍ପିଂୟାର୍ଡ଼ରେ ଅଳିଆର ସୁରକ୍ଷିତ ପରିବହନ ଓ ପ୍ରକ୍ରିୟାକରଣ ଲାଗି ବ୍ୟବସ୍ଥା କରାଯାଉଛି । ଛୋଟ ଚାରିଚକିଆ ଗାଡ଼ିରେ ଘରଠୁ ଘର ଅଳିଆ ଆବର୍ଜନା ସଂଗ୍ରହ କରାଯାଉଥିବା ବେଳେ ବଡ଼ ଗାଡ଼ିରେ ଡମ୍ପିଂୟାର୍ଡରୁ ପ୍ରକ୍ରିୟାକରଣ ୟୁନିଟ୍‌କୁ ନିଆଯାଉଛି । ଏହି କ୍ରମରେ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ସହରକୁ ପାଞ୍ଚଟି ଜୋନ୍‌ରେ ବିଭକ୍ତ କରାଯାଇଛି । ପୂର୍ବରୁ ୫ଟି ଡମ୍ପିଂୟାର୍ଡ କାର୍ଯ୍ୟରତ ଥିବା ବେଳେ ଏଥିରୁ ଦୁଇଟି ବନ୍ଦ ହୋଇଛି । ଫଳରେ ସମ୍ପ୍ରତି ଘୋଷିତ ଓ କାର୍ଯ୍ୟରତ ୩ଟି ଡମ୍ପିଂୟାର୍ଡ ହିଁ ରହିଛି । ଏଥିଯୋଗୁ ଅଳିଆ ସଂଗ୍ରହ କରି ନେବାରେ ବ୍ୟାପକ ସମସ୍ୟା ଦେଖାଦେଇଛି । ବ୍ରହ୍ମପୁର ସହରରେ ସର୍ବମୋଟ ୪୨ଟି ୱାଡର୍ ରହିଥିବା ବେଳେ ସେଥିମଧ୍ୟରୁ ପରିମଳ ପରିଚାଳନା ଲାଗି ୫ଟି ଜୋନ କରାଯାଇଛି । କିନ୍ତୁ ଏହି ପାଞ୍ଚଟି ଜୋନ୍ ଲାଗି ମାତ୍ର ୩ଟି ଘୋଷିତ ଡମ୍ପିଂୟାର୍ଡ଼ ରହିଛି । କିନ୍ତୁ ୪୨ନଂ ୱାଡର୍‌ର ଗୋପାଳପୁର ଓଭରବ୍ରିଜର ତଳି ଇଲାକାରେ ଅଘୋଷିତ ଡମ୍ପିଂୟାର୍ଡ଼ କାର୍ଯ୍ୟ କରୁଛି । ଅଳିଆ ସଂଗ୍ରହ ଗାଡ଼ି ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରି ଏଠାରେ ଆଣି ପକାଇ ଦେଉଛନ୍ତି । ପରେ ଏକ ଜେସିବି ସାହାର୍ଯ୍ୟରେ ଏହାକୁ ସଂଗ୍ରହ କରାଯାଇ ପ୍ରକ୍ରିୟାକରଣ ୟୁନିଟ୍‌କୁ ନିଆଯାଉଛି । ଫଳରେ ଖୋଲାରେ ଅଳିଆ ପଡ଼ିବା ଦ୍ୱାରା ଚାରିଆଡ଼େ ଦୁର୍ଗନ୍ଧ ବ୍ୟାପୁଛି । ମଶାମାଛି ମଧ୍ୟ ଭର୍ତ୍ତି ହୋଇ ରହୁଛି । ଅଳିଆ ସେଠାରୁ ଅନ୍ୟତ୍ର ନ ଗଲା ଯାଏ ଅଞ୍ଚଳବାସୀ ଉକ୍ତ ଇଲାକା ଦେଇ ଯିବା ଆସିବା କରିବା ଅଥବା ଆଖପାଖରେ ବାସ କରୁଥିବା ବ୍ୟକ୍ତିବିଶେଷ ଦୁର୍ଗନ୍ଧ ଯୋଗୁ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଏଠାରେ ସମସ୍ତ ଭିତ୍ତିଭୂମି ବ୍ୟବସ୍ଥା କରି ସ୍ଥାୟୀ ଡମ୍ପିଂୟାର୍ଡ଼ ନିର୍ମାଣ ପରିବର୍ତ୍ତେ ବିଏମ୍‌ସି କେବଳ ନାମକୁ ମାତ୍ର ଅଳିଆ ପକାଇ ଓ ପରେ ଏହାକୁ ଉଠାଇ ସ୍ୱଚ୍ଛତାର ବାହା ବାହା ନେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏନେଇ ଗତ କିଛିଦିନ ପୂର୍ବେ ସ୍ଥାନୀୟ ଅଞ୍ଚଳବାସୀ ବିଏମ୍‌ସି ଓ ଗୃହ ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି । ଅପରପକ୍ଷେ କମାପଲ୍ଲୀ ଓଭରବ୍ରିଜ୍‌ର ଶେଷ ମୁଣ୍ଡ ଅର୍ଥାତ ଲାଞ୍ଜିପଲ୍ଲୀ ଆଡ଼କୁ ଥିବା ତଳି ଇଲାକା ମଧ୍ୟ ଅଘୋଷିତ ଡମ୍ପିଂୟାର୍ଡ ଭଳି ମନେ ହେଉଛି । କାରଣ ଏଠାରେ କୁଢ଼ କୁଢ଼ ଅଳିଆ ପଡ଼ି ରହୁଛି । ଯେତେବେଳେ ଇଚ୍ଛା ହେବ ସେହି ସମୟରେ ବିଏମସି ଗାଡ଼ି ଆସି ଏଗୁଡ଼ିକ ସଂଗ୍ରହ କରୁଥିବା ବେଳେ ଅନ୍ୟ ସମୟରେ ଉକ୍ତ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡ଼ୁଛି । ଫଳରେ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନିକଟରେ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ବହୁ ସମୟରେ ଦୁର୍ଗନ୍ଧ ଦେଖି ପିଲାମାନେ ନାକ ଟେକୁଛନ୍ତି । ଏଣୁ ବ୍ରହ୍ମପୁର ମହାନଗର ନିଗମ ଓ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଏନେଇ ବିଏମ୍‌ସି ଉଚ୍ଚ କର୍ତ୍ତୃପକ୍ଷଙ୍କ ମତାମତ ଲାଗି ଚେଷ୍ଟା କରିଥିଲେ ହେଁ ସମ୍ଭବ ହୋଇନାହିଁ । ଅନ୍ୟପକ୍ଷରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପରିମଳ ସୁପରିଚାଳନା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ଲୋକେ କିନ୍ତୁ ଏହି ବ୍ୟବସ୍ଥାରେ ଆଶ୍ୱସ୍ତି ମଣୁନାହାନ୍ତି ।

# ଜିଲ୍ଲା ବିଜେଡି ସଭାପତିଙ୍କୁ ଶୁଭେଚ୍ଛା ଜଣାଇଲେ ନେତା ଓ କର୍ମୀ





ବ୍ରହ୍ମପୁର,୫।୮ (ସମିସ)

ବିଜୁ ଜନତା ଦଳ ଗଞ୍ଜାମ ସାଂଗଠନିକ ଜିଲ୍ଲାର ନୂତନ ସଭାପତି ବିକ୍ରମ ପଣ୍ଡାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ବିକ୍ରମଙ୍କ ନାମ ଘୋଷଣା ହେବା ପରଠାରୁ ଗଜପତି ନଗର ସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଗହଳି ଦେଖିବାକୁ ମିଳିଛି । ଗଞ୍ଜାମ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀମାନେ ଆସି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି । ଏଥିସହିତ ସାଂଗଠନିକ ଆଲୋଚନା ମଧ୍ୟ କରୁଛନ୍ତି । ଏହିକ୍ରମରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ନୂତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ମହିଳା ବିଜୁ ଜନତା ଦଳର ସଂଗଠନ ସୁଦୃଢ ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ସେହିଭଳି ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ କର୍ମକର୍ତ୍ତା ମଧ୍ୟ ଶ୍ରୀ ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି ସମୟରେ ଛତ୍ରପୁର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଛତ୍ରପୁର ଯୁବ ବିଜେଡି ସଭାପତି କାଳିଆ ନାହାକ, ଉପସଭାପତି କାହ୍ନୁଚରଣ ବେହେରା, ସୁରେଶ ଦାଶ, ସୋମନାଥ ବେହେରା, ବିଜେଡି ନେତା ରଞ୍ଜନ ପଲେଇ ଉପସ୍ଥିତ ଥିଲେ । ସେହିଭଳି ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିଭିନ୍ନ ନେତା ଓ କର୍ମୀ ସମେତ ନିର୍ବାଚିତ ଜନ ପ୍ରତିନିଧିମାନେ ଜିଲ୍ଲା ସଭାପତିଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି । ବରିଷ୍ଠ ବିଜେଡି ନେତା ଅଜୟ ମହାରଣାଙ୍କ ସମେତ, ଡି ବିଶ୍ୱନାଥ, ସରସ୍ୱତୀ ସେଠୀ, କୌଳସ ରଣା, ଯୋଗୀ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ୬କୋଟି ଠକେଇ ମାମଲାରେ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୫।୮ (ସମିସ): ମିଶନ ଶକ୍ତି ଯୋଜନାରେ ପୁଞ୍ଜିନିବେଶ ଆଳରେ ଜଣେ ବ୍ୟବସାୟୀଙ୍କ ଠାରୁ ୬କୋଟି ଠକେଇ ଅଭିଯୋଗରେ ବ୍ରହ୍ମପୁର ସାଇବର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ କୋଦଳା ଥାନା ଅନ୍ତର୍ଗତ ଦିଗପଡା ଗ୍ରାମର ଅନିଲ କୁମାର ମିଶ୍ର (୩୫) । ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ ୪ଟି ଲେଖାଏଁ ମୋବାଇଲ ଓ ବ୍ୟାଙ୍କ ପାସ୍‌ବୁକ୍ ଜବତ କରିଛି । ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ମୟୁରୀ ବିହାର ୪ର୍ଥ ଲାଇନ ବାସିନ୍ଦା ଅନୁରାଗ ମିଶ୍ର ଜଣେ ଟ୍ରାନ୍ସପୋର୍ଟ ବ୍ୟବସାୟୀ । ଗତବର୍ଷ ଜଣେ ବନ୍ଧୁଙ୍କ ଜରିଆରେ କୋଦଳା ଅଞ୍ଚଳର ଅନିଲ କୁମାର ମିଶ୍ରଙ୍କ ସହ ପରିଚୟ ହୋଇଥିଲା । ଅନିଲ ଅନୁରାଗଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ ମିଶନ ଶକ୍ତି ଜରିଆରେ ବିଭିନ୍ନ ବ୍ଲକରେ କୋଟି କୋଟି ଟଙ୍କାର କାମ ହେବାକୁ ଥିବାବେଳେ ସେଥିରେ ବ୍ଲକସ୍ତରରେ ମହିଳା ଗୋଷ୍ଠୀଙ୍କୁ ସାମଗ୍ରୀ ଯୋଗାଣ



ଭଳି କାର୍ଯ୍ୟ ହାତକୁ ନେବାରୁ ଅନିଲ ଟ୍ରାନ୍ସପୋର୍ଟର ଅନୁରାଗଙ୍କୁ ବୁଝାଇବା ସହ ସେଥିରେ ପୁଞ୍ଜିନିବେଶ ପାଇଁ ପ୍ରବର୍ତ୍ତାଇଥିଲେ । ୨୦୨୪ମସିହା ଏପ୍ରିଲ ୨୯ତାରିଖରେ ଅନୁରାଗ ପ୍ରଥମେ ୨ଲକ୍ଷ ଦେଇଥିଲେ । ପରବର୍ତ୍ତି ସମୟରେ ୩ଟି କାରବାରରେ ଅନୁରାଗଙ୍କ ଆକାଉଣ୍ଟକୁ ୨ଲକ୍ଷ ୨୬ହଜାର ଟଙ୍କା ଆସିଥିଲା । ଯଦ୍ୱାରା ଅନିଲଙ୍କ ଉପରେ ଅନୁରାଗଙ୍କ ବିଶ୍ୱାସ ବଢିଥିଲା । ବିଭିନ୍ନ ବ୍ଲକକୁ ସାମଗ୍ରୀ ଯୋଗାଣ ନାଁରେ ଅନିଲ ଅନୁରାଗଙ୍କୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାକୁ କହୁଥିଲେ । ଅନୁରାଗ ପର୍ଯ୍ୟାୟ କ୍ରମେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଲକ୍ଷ ଲକ୍ଷ ଟଙ୍କା ଜମା କରିଥିଲେ । ଏଥିପାଇଁ ଅନିଲ ନିଜ ସହଯୋଗୀଙ୍କ ପ୍ରାୟ ୧୦୦ଟି ବ୍ୟାଙ୍କ ଆକାଉଣ୍ଟକୁ ବ୍ୟବହାର କରିଥିଲେ । ବର୍ଷକ ମଧ୍ୟରେ ଅନିଲ ନିଜ ବନ୍ଧୁ ତଥା ପାର୍ଟନର ଟ୍ରାନ୍ସପୋର୍ଟର ଅନୁରାଗଙ୍କ ଠାରୁ ମୋଟ ୯ କୋଟି ୭୧ଲକ୍ଷ ୫୫ହଜାର ୭୩ଟଙ୍କା ଟଙ୍କା ନେଇ ଯାଇଥିଲେ । ଏବଂ ଉକ୍ତ ଯୋଜନାରେ କାମ ଶେଷ ହୋଇ ବିଲ ମିଳିଥିବା ଦର୍ଶାଇ ବିଭିନ୍ନ ସମୟରେ ୩କୋଟି ଟଙ୍କା ଫେରସ୍ତ କରିଥିଲେ । ତେବେ ୨୦୨୫ମସିହା ଏପ୍ରିଲ ୧୧ତାରିଖ ପରଠାରୁ ଅନୁରାଗ ଆଉ ଟଙ୍କା ଫେରସ୍ତ ପାଇନଥିଲେ । ଯାଞ୍ଚ ପରେ ତାଙ୍କ ଟଙ୍କା ମିଶନ ଶକ୍ତି ଭଳି କୌଣସି ଯୋଜନାରେ ଏପରିକି ବ୍ଲକସ୍ତରର କୌଣସି ମହିଳା ସଂଗଠନରେ ନିବେଶ ହୋଇନଥିବା ଅନୁରାଗ ଜାଣିବାକୁ ପାଇଥିଲେ । ଅନିଲଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା ପରେ ଅନୁରାଗ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ଯେଉଁ ସବୁ ଆକାଉଣ୍ଟକୁ ଲକ୍ଷ ଲକ୍ଷ ଟଙ୍କା ପଠାଯାଇଥିଲା ସେଥିରୁ ଏକାଧିକ ଆକାଉଣ୍ଟକୁ ଫ୍ରିଜ କରିଛି । ଅନ୍ୟପକ୍ଷରେ ଅଭିଯୁକ୍ତ ଅନିଲ କେତେକ ବିଭିନ୍ନ ବାଣିଜ୍ୟିକ ଆପ୍‌ରେ ଟଙ୍କା ବିନିଯୋଗ କରି ସେଥିରୁ ପାଉଥିବା ଲାଭାଂଶରୁ କିଛି ଟଙ୍କା ଅନୁରାଗଙ୍କୁ ଫେରସ୍ତ କରୁଥିଲେ । ଏବଂ ଯେତେବେଳେ ନିଜେ ଟଙ୍କା ହରାଇଲେ ତାହା ପରଠାରୁ ଆଉ ଅନୁରାଗଙ୍କୁ ଦେଇନପାରି ଠକିଥିବା ଜଣାପଡିଛି ।

# ପ୍ରାକୃତିକ କୃଷି ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା



ବ୍ରହ୍ମପୁର,୫।୮ (ସମିସ): ଗୋଳନ୍ଥରା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ ଓ ଜିଲ୍ଲା ଉଦ୍ୟାନ କୃଷି ବିଭାଗର ମିଳିତ ସହଯୋଗରେ ପ୍ରାକୃତିକ କୃଷି ଉପରେ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକରୁ ୭୦ରୁ ଊର୍ଦ୍ଧ୍ୱ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସସ୍ମିତା ପ୍ରିୟଦର୍ଶିନୀ ଅତିଥି ପରିଚୟ ଦେବା ସଙ୍ଗେ ସଙ୍ଗେ ସ୍ୱାଗତ ଭାଷଣ ରଖିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଓ ବରିଷ୍ଠ ବୈଜ୍ଞାନିକ ତଥା କର୍ମଶାଳାର ସଭାପତି ଏହାର ଆଭିମୁଖ୍ୟ ଓ ପରିବର୍ତ୍ତିତ ଜଳବାୟୁରେ ପ୍ରାକୃତିକ କୃଷି ବିଷୟରେ ଉପସ୍ଥାପନ ରଖିଥିଲେ । ଉଦ୍ୟାନ ଉପନିର୍ଦ୍ଦେଶକ ଡ଼. କନ୍ଦ ଜେନା ପ୍ରାକୃତିକ କୃଷିକୁ ଆପଣାଇବା ନିମନ୍ତେ ଆଲୋକପାତ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ଼. ଅଜୟ କୁମାର କର ପ୍ରାକୃତିକ କୃଷିର ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ । ଜିଲ୍ଲା କିଆଫୁଲ ପ୍ରକଳ୍ପର ବରିଷ୍ଠ ବୈଜ୍ଞାନିକ ଡଃ ଭି. ଭି. ରାମାରାଓ, ଜୈବିକ ପ୍ରଣାଳୀରେ ଫୁଲ ଚାଷ ସମ୍ପର୍କରେ ଆଲୋକପାତ କରିଥିଲେ । ଜଳବିଭାଜିକ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ଓଡ଼ିଶା ଜୀବିକା ମିଶନର ଡିପିଏମ ସନ୍ତୋଷ କୁମାର ରଥ ତଥା ଜିଲ୍ଲାର ସମସ୍ତ ସରକାରୀ ଅଫିସର ବୃନ୍ଦ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ । ପରେ ବୈଜ୍ଞାନିକ ସସ୍ମିତା ପ୍ରିୟଦର୍ଶିନୀ ଓ ଡ ଦେବାଶିଷ ଷଡ଼ଙ୍ଗୀ ପ୍ରାକୃତିକ କୃଷି ର ଉପଯୋଗିତା ଓ ଏହାର ଗବେଷଣାକ ତଥ୍ୟ ଗୁଡ଼ିକୁ ଉପସ୍ଥାପନା କରିଥିଲେ । ପରେ ପରେ ଚାଷୀ ମାନଙ୍କର ପ୍ରାକୃତିକ କୃଷିକୁ ଆପଣାଇବାରେ ସୁବିଧା ଓ ଅସୁବିଧା ବିଷୟରେ ଆଲୋଚନା ହୋଇଥିଲା ।

# ଲୋଭନୀୟ ଅଫରର ଜାଲ ବିଛାଇଛି ସାଇବର ଠକ

ସତର୍କ ରହିବାକୁ ପୁଲିସର ପରାମର୍ଶ

ବ୍ରହ୍ମପୁର,୫।୮ (ସମିସ): ରକ୍ଷାବନ୍ଧନ ଓ ଗଣେଶ ପୂଜା ଉପଲକ୍ଷେ ସାଇବର ଅପରାଧୀ ଲୋଭନୀୟ ଅଫରର ଜାଲ ବିଛାଇ ସରଳ ଓ ନିରୀହ ଗ୍ରାହକଙ୍କୁ ଲୁଟିବାକୁ ଯୋଜନା କରୁଛନ୍ତି । ଏନେଇ ସତର୍କ ରହିବାକୁ ନିବେଦନ କରିଛନ୍ତି ଏସ୍‌ପି ଡା. ସର୍ବଣା ବିବେକ ଏମ୍ । ଫେସବୁକ, ହ୍ୱାଟ୍ସଆପ ଭଳି ସୋସିଆଲ ମିଡିଆରେ ସେମାନଙ୍କ ଜାଲ ୱେବସାଇଟ ବିଜ୍ଞାପନ ପ୍ରବଳ ବେଗରେ ଭାଇରାଲ ହେବାରେ ଲାଗିଛି । ଏପରିକି ଅଦୃଶ୍ୟ ଠକ ଇ-ମେଲରେ ବି ଲିଙ୍କ ପଠାଉଛି । ଆଗକୁ ପାର୍ବଣ ଋତୁ ଥିବାରୁ ସୁନା ଓ ରୁପା ଅଳଙ୍କାର, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଘରକରଣା ସାମଗ୍ରୀ ଓ ପୋଷାକ ଉପରେ ୩୫ରୁ ୫୦ପ୍ରତିଶତ ପର୍ଯ୍ୟନ୍ତ ରିଆତି ଦେବାର ଜାଲ ବିଛାଇଛନ୍ତି । ଯେଉଁଥିରେ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଯାଇ ଆକର୍ଷଣୀୟ ରାକ୍ଷୀର ଅଫର ଥିବା ଉଲ୍ଲେଖ ରହୁଛି । ଅବିକଳ ଆମାଜାନ, ଫ୍ଲିପକାର୍ଟ ଭଳି ନକଲି ୱେବସାଇଟ ଗୁଡିକର ଡିଜାଇନ କରାଯାଇଛି । ଯାହାକୁ ଫିସିଂ ଆଟାର୍କ କୁହାଯାଉଛି । ସାଇବର ଅପରାଧୀ ମୁଖ୍ୟତଃ ପୂଜାପର୍ବରେ ଗ୍ରାହକଙ୍କୁ ଅଫର ନାଁରେ ପ୍ରସ୍ତୁତି କରିଥିବା ଠକ ୱେବସାଇଟ ସମ୍ପର୍କରେ ସାଇବର ପୁଲିସ ଏବେ ଜାଣିବାକୁ ପାଇଛି । ଯେଉଁ ବ୍ୟକ୍ତି ସ୍ୱଳ୍ପ ମୂଲ୍ୟରେ ସାମଗ୍ରୀ କିଣିବାକୁ ଇଚ୍ଛା ପ୍ରକାଶ କରି ଠକ ପଠାଇଥିବା ଲିଙ୍କକୁ କ୍ଲିକ୍ କରୁଛନ୍ତି, ସେମାନଙ୍କ ସମ୍ପୂର୍ଣ୍ଣ ଠିକଣା ଓ ବ୍ୟାଙ୍କ ତଥ୍ୟ ହ୍ୟାକ କରି ଆକାଉଣ୍ଟରୁ ଟଙ୍କା ଠକଙ୍କ ଆକାଉଣ୍ଟକୁ ଚାଲିଯାଉଛି । ହେଲେ କୌଣସି ସାମଗ୍ରୀ ଗ୍ରାହକଙ୍କ ଠିକଣାରେ ପହଞ୍ଚୁନାହିଁ । ଏଭଳି ୱେବସାଇଟରେ ଅର୍ଥ କାରବାର କରିବା ପୂର୍ବରୁ ସତର୍କ ରହିବା ଆବଶ୍ୟକ ବୋଲି ପୁଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି । ଅନ୍ୟପକ୍ଷରେ ନାଗରିକମାନଙ୍କୁ ସୋସିଆଲ ମିଡିଆ ଏବଂ ମେସେଜିଂ ଆପ୍‌ରେ ଅବାଞ୍ଛିତ ନିବେଶ ପ୍ରସ୍ତାବ ଏବଂ ଡିଜିଟାଲ୍ ଗିରଫଦାରୀ ବିରୁଦ୍ଧରେ ସତର୍କ ରହିବାକୁ ଅନୁରୋଧ କରାଯାଉଛି । ସାଇବର ଠକେଇର ଶିକାର ନହେବା ପାଇଁ ନିବେଶ ପୂର୍ବରୁ ସର୍ବଦା ଏପରି ଯୋଜନାର ସତ୍ୟତା ଯାଞ୍ଚ କରନ୍ତୁ । କୌଣସି ସନ୍ଦେହଜନକ କାର୍ଯ୍ୟକଳାପ କ୍ଷେତ୍ରରେ, ତୁରନ୍ତ ସାଇବର ହେଲ୍ପଲାଇନ୍ ୧୯୩୦କୁ କଲ୍ କରନ୍ତୁ ନଚେତ ନିକଟସ୍ଥ ପୋଲିସ ଷ୍ଟେସନକୁ ଯାଇ ଜଣାଇବାକୁ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍ ନିବେଦନ କରିଛନ୍ତି ।

ବିଚିତ୍ର ସୁରକ୍ଷା ନୀତି

# ମେୟର ଓ କମିଶନରଙ୍କ ପିଏସ୍‌ଓ ହାତରେ ନାହିଁ ପିସ୍ତଲ

ବ୍ରହ୍ମପୁର,୫ ।୮ (ସମିସ)



● ଦୀର୍ଘ ମାସ ବ୍ୟବଧାନରେ ଉଭୟଙ୍କୁ ପୁଣି ଯୋଗାଇ ଦିଆଯାଇଛି ବ୍ୟକ୍ତିଗତ ସୁରକ୍ଷାକର୍ମୀ
● ପିଏସ୍‌ଓଙ୍କ ପାଖରେ ନାହିଁ ପିସ୍ତଲ ଅନୁମତି; କେବଳ ଖୋଲିବେ ଗାଡ଼ିର ଡୋର୍
● ଆଇଏଏସ୍ ଓ ଓଏଏସ୍ ଅଧିକାରୀଙ୍କ ମତାନ୍ତରରୁ ପିଏସ୍‌ଓ ହଟିଥିବା ଚର୍ଚ୍ଚା

ଦୀର୍ଘମାସ ବ୍ୟବଧାନ ପରେ ବ୍ରହ୍ମପୁର ମେୟର ଓ ବିଏମ୍‌ସି କମିଶନରଙ୍କୁ ବ୍ୟକ୍ତିଗତ ସୁରକ୍ଷାକର୍ମୀ ବା ପିଏସ୍‌ଓ ପ୍ରଦାନ କରାଯାଇଛି । ରାଜ୍ୟର ସମସ୍ତ ମହାନଗର ନିଗମର କମିଶନର ଓ ମେୟରଙ୍କୁ ପିଏସ୍‌ଓ ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲେ ହେଁ କୌଣସି କାରଣରୁ ହଠାତ କେବଳ ବ୍ରହ୍ମପୁରର ଉଭୟ ମେୟର ଓ କମିଶନରଙ୍କ ଠାରୁ ପିଏସ୍‌ଓ କାଢ଼ି ନିଆଯାଇଥିଲା । ପିଏସ୍‌ଓ ନଥିବା ସମୟରେ ଉଭୟ କମିଶନର ଓ ମେୟରଙ୍କୁ ଧମକ ମିଳିବା ସହିତ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଥିଲା । ଏପରିକି ଉଭୟେ ବାରମ୍ବାର ପିଏସ୍‌ଓ ଯୋଗାଇ ଦେବାକୁ ପୁଲିସ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ମଧ୍ୟ ନିବେଦନ କରିଥିଲେ । ତେବେ ଦୀର୍ଘ ପ୍ରାୟ ୮ମାସ ପରେ ପୁଣି ଉଭୟ ମେୟର ଓ କମିଶନରଙ୍କୁ ବ୍ୟକ୍ତିଗତ ସୁରକ୍ଷାକର୍ମୀ ଯୋଗାଇ ଦିଆଯାଇଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଉଭୟଙ୍କୁ ଯୋଗାଇ ଦିଆଯାଇଥିବା ସୁରକ୍ଷାକର୍ମୀଙ୍କ ହାତରେ ବନ୍ଧୁକ ବା ପିସ୍ତଲ ନାହିଁ । ଜଣେ ଲେଖାଏଁ ଏସ୍‌ଓଜି ତାଲିମ ପ୍ରାପ୍ତ ହାବିଲଦାରଙ୍କୁ ଯଦିଓ ଉଭୟଙ୍କ ସୁରକ୍ଷା ପାଇଁ ନିୟୋଜିତ କରାଯାଇଛି ହେଲେ ଏହି ଦାୟିତ୍ୱ ସେମାନେ ବିନା ପିସ୍ତଲ ବା ଅସ୍ତ୍ରରେ କରିବେ ବୋଲି ଜଣାପଡିଛି । ଯାହାକୁ ନେଇ ଖୋଦ୍ ମେୟର ସଂଘମିତ୍ରା ଦଳେଇ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ଫଳରେ ସୁରକ୍ଷାକର୍ମୀଙ୍କ କାମ କେବଳ ଉଭୟ ନେତା ଓ ଅଧିକାରୀଙ୍କ ଗାଡ଼ିର ଡୋର ଖୋଲିବା ଭଳି ଅନୁମେୟ ହେଉଛି । ପୂର୍ବରୁ ମେୟର ଓ କମିଶନରଙ୍କ ନିକଟରେ ନିୟୋଜିତ ସୁରକ୍ଷାକର୍ମୀଙ୍କ ନିକଟରେ ଆର୍ମସ ରହୁଥିଲା । ତେବେ ବର୍ତ୍ତମାନ ଏଭଳି ନିଷ୍ପତ୍ତି ପଛରେ ରହସ୍ୟ କ'ଣ ସ୍ପଷ୍ଟ ହୋଇନାହିଁ । ସେପଟେ ପୂର୍ବ କମିଶନର ଓ ମେୟରଙ୍କୁ ଦିଆଯାଇଥିବା ପିଏସ୍‌ଓ ପ୍ରତ୍ୟାହାର ପଛର କାରଣ ଆଇଏଏସ୍ ଓ ଓଏଏସ୍ ଅଧିକାରୀଙ୍କ ମଧ୍ୟରେ ମତାନ୍ତର ଓ ଆତ୍ମଗର୍ବ ବୋଲି କୁହାଯାଉଛି । ପୂର୍ବରୁ ବିଏମ୍‌ସିର କମିଶନର ଭବାନୀ ପ୍ରସାଦ ମିଶ୍ର ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ ଥିବା ବେଳେ ଜିଲ୍ଲାପାଳଙ୍କ ସହିତ ତାଙ୍କର କୌଣସି କାରଣରୁ ମତାନ୍ତର ହେବାପରେ ପିଏସ୍‌ଓ କାଢି ନିଆଯାଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । କାରଣ ରାଜ୍ୟର ସମସ୍ତ ମହାନଗର ନିଗମରେ ଉଭୟ ମେୟର ଓ କମିଶନରଙ୍କୁ ଯୋଗାଇ ଦିଆଯାଇଥିବା ପିଏସ୍‌ଓ ରହିଥିବା ବେଳେ କେବଳ ବ୍ରହ୍ମପୁରରୁ ପ୍ରତ୍ୟାହାର କରାଯାଇଥିଲା । ଏବଂ ବର୍ତ୍ତମାନ ବିଏମ୍‌ସିର କମିଶନର ଭାବେ ଯେତେବେଳେ ଜଣେ ଆଇଏଏସ୍ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି ତେବେ ପୁଣି ପିଏସ୍‌ଓ ନିୟୋଜିତ କରାଯାଇଥିବା ଶୁଣିବାକୁ ମିଳୁଛି । ତେବେ ସହରର ପ୍ରଥମ ନାଗରିକ ଓ ବିଏମ୍‌ସିର କମିଶନରଙ୍କୁ ବିନା ପିସ୍ତଲରେ ସୁରକ୍ଷାକର୍ମୀ ବା ପିଏସ୍‌ଓ ଯୋଗାଇବାର ଅର୍ଥ କଣ ବୋଲି ମଧ୍ୟ ସାଧାରଣରେ ପ୍ରଶ୍ନ ଉଠିଛି । ତୁରନ୍ତ ଉଭୟଙ୍କୁ ସଶସ୍ତ୍ର ପିଏସ୍‌ଓ ଯୋଗାଇ ଦେବାକୁ ମତ ପ୍ରକାଶ ପାଇଛି ।

### ଯାଞ୍ଚ ଆଳରେ ଚାନ୍ଦା ଅଦାୟ

# ଗାଡ଼ିରୁ କାଗଜପତ୍ର ସହ ଟଙ୍କା ଭର୍ତ୍ତି ଫାଇଲ ନେଇଗଲେ

ଦେବଗଡ,୫।୮ (ସମିସ):

ଦେବଗଡ଼ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କର୍ତ୍ତବ୍ୟରତ ମୋଟର ଯାନ ନିରୀକ୍ଷକ ଶ୍ରୀବସ୍ତ ଦଳାଇଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଯାନବାହାନ ଯାଞ୍ଚ ଆଳରେ ବେଆଇନ ଚାନ୍ଦା ମାଗିବା ଓ ଚାଳକକୁ ଜାତିଆଣ ଆକ୍ଷେପ କରି ଦୁର୍ବ୍ୟବହାର କରିବା ଅଭିଯୋଗ ହୋଇଛି। ଏହାସହ ଏକ ମାଲବାହୀ ଗାଡ଼ିରୁ ବେଆଇନ ଭାବେ କାଗଜ ପତ୍ର, ବିଲ୍ଟି ଓ ନଗଦ ଟଙ୍କା ଥିବା ଫାଇଲକୁ ନେଇଯିବା ଅଭିଯୋଗ ମଧ୍ୟ ରହିଛି। ଏଥପାଇଁ ପରିବହନ କମ୍ପାନୀ ଗତ ଜୁଲାଇ ୩୦ ତାରିଖ ଠାରୁ ପ୍ରତିଦିନ ୪୦ ହଜାର ଟଙ୍କା କ୍ଷତି ସହୁଥିବା ନେଇ ମଙ୍ଗଳବାର ଏସଟିଏ ନିକଟରେ ଅଭିଯୋଗ କରିଛି। ସୂଚନା ଅନୁଯାୟୀ, ବାଲାଜୀରୋଡ କ୍ୟାରିୟର ପ୍ରାଇଭେଟ ଲିମିଟେଡ ପକ୍ଷରୁ ରୋଡ ପୁଲର ଯୋଗେ ଜିନ୍ଦଲ କମ୍ପାନୀ ପାଇଁ ଏକ ବ୍ରୟଲର ମେସିନ ନାଗପୁରରୁ ନେଇ ଗତ ଜୁଲାଇ ୨୯ ତାରିଖ ରାତି ପ୍ରାୟ ୧୨ ଟା ସମୟରେ ଦେବଗଡ଼ ପାରି ହେଉଥିଲା। ଏହି ସମୟରେ ଏମଭିଆଇ ଶ୍ରୀ ଦଳେଇ ଗାଡିକୁ ଅଟକାଇ ଚାଳକ ଠାରୁ ୧୦ ହଜାର ଟଙ୍କା ଦାବି କରିଥିଲେ। ଚାଳକ ଏଥିରେ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କ ଜାତିଗୋତ୍ର ପଚାରିବା ସହ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରିଥିଲେ। ଏଥିସହ ସଠିକ୍ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଦର୍ଶାଇ ୫ ହଜାର, ଅତିରିକ୍ତ ଉଚ୍ଚତା ପାଇଁ ୨୦ ହଜାର ଏବଂ ପରିବହନ ସର୍ତ୍ତ ଉଲଙ୍ଘନ ବାବଦକୁ ୧୦ ହଜାର ମୋଟ ୩୫ ହଜାର ଟଙ୍କାର ଇଚାଲାଣ କାଟିଥିଲେ। ଏହାପରେ ଗାଡିକୁ କଲା ଟୋଲ ଗେଟରେ ଅଟକ ରଖିବା ନେଇ ଟ୍ରାଫିକ ଚାଲାଣ ଅନଲାଇନରେ ଛାଡିଥିଲେ। ପୁଣି ଗାଡିର ଚାଳକ ଠାରୁ ଗାଡିର ଫାଇଲ ଯାଞ୍ଚ ଆଳରେ ମାଗି ସେଥିରେ ଥିବା ବିଲ୍ଟି, କାଗଜ ପତ୍ର ଓ ନଗଦ ୪୦ ହଜାର ୪୦୦ ଟଙ୍କା ଭର୍ତ୍ତି ଫାଇଲକୁ ନିଜ ସହ ନେଇ ଚାଲି ଯାଇଥିଲେ। ତେବେ ଚାଳକ ଗାଡିକୁ କୌଣସି ପ୍ରକାରେ ରାତାରାତି ଜିନ୍ଦଲ କମ୍ପାନୀ ମୁଖ୍ୟଦ୍ୱାର ନିକଟରେ ଛିଡା କରିଥିଲେ। କିନ୍ତୁ ଗାଡିର ବିଲ୍ଟି ନ ଥିବାରୁ କମ୍ପାନୀ ଭିତରକୁ ପ୍ରବେଶ କରି ପାରୁନାହିଁ। ଫଳରେ ଗତ ଜୁଲାଇ ୩୦ ତାରିଖ ଠାରୁ ବାଲାଜୀରୋଡ କ୍ୟାରିୟର ପ୍ରାଇଭେଟ ଲିମିଟେଡର ସେହି ଗାଡ଼ିରୁ ପ୍ରତ୍ୟକ ଦିନ ୪୦ ହଜାର ଟଙ୍କା କ୍ଷତି ସହୁଛି। ଏ ନେଇ କମ୍ପାନୀ ଅଧିକାରୀଙ୍କ ପକ୍ଷରୁ ଏମଭିଆଇ ଶ୍ରୀ ଦଳାଇଙ୍କ ସହ ଯୋଗାଯୋଗ କରିବାରୁ ସେ ଧରା ଛୁଆଁ ଦେଉନଥିବା ବେଳେ ଆଞ୍ଚଳିକ ପରିବହନ ଅଧିକାରୀ ଛୁଟିରେ ଥିବାରୁ ଏ ସମ୍ପର୍କରେ ଆଜି ଏମଭିଆଇ ଶ୍ରୀ ଦଳାଇଙ୍କ ବିରୋଧରେ ଏସଟିଏର ଦୃଷ୍ଟି ଆକର୍ଷଣ କରାଯାଇଛି। ଯଦି ଏସଟିଏ ଏମଭିଆଇ ଶ୍ରୀ ଦଳାଇଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ କମ୍ପାନୀ ଅଦାଲତର ଆଶ୍ରୟ ନେବାକୁ ବାଧ ହେବ ବୋଲି ବାଲାଜୀରୋଡ କ୍ୟାରିୟର ପ୍ରାଇଭେଟ ଲିମିଟେଡ କମ୍ପାନୀର ପରାମର୍ଶଦାତା ଇଂ.ହିତେଶ ସାହୁ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।



# ମୋବାଇଲ ଚୋର ଗିରଫ, ୫ ଫୋନ ଜବତ



ଝାରସୁଗୁଡ଼ା, ୫।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅଞ୍ଚଳରୁ ମୋବାଇଲ ଫୋନ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ମଙ୍ଗଳବାର ୧୨ଟା ସମୟରେ ଓରିଏଣ୍ଟ ଥାନା ଅଧୀନ ସାନଜୋବ ଗାଁର ଜନ୍ମଜୟ ପ୍ରଧାନ ମୋବାଇଲ ଫୋନ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା। ଅଭିଯୋଗ ଦିନ ହିଁ ଅଭିଯୁକ୍ତ ବ୍ରଜରାଜନଗର ଥାନା ଷ୍ଟେସନପଡା ସାହୁଗଲିର ଦୀପକ ସିଂହ (୨୫) କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ନିକଟରୁ ୫ଟି ମୋବାଇଲ ଫୋନ ଜବତ କରାଯାଇଥିବା ଓରିଏଣ୍ଟ ଥାନା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବାଇକ୍ ଚୋରି ଅଭିଯୋଗରେ ୩ ଗିରଫ



ଝାରସୁଗୁଡ଼ା,୫।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅଞ୍ଚଳରୁ ଲୁହା ଗ୍ରୀଲ ଚୋରି ଅଭିଯୋଗରେ ଓରିଏଣ୍ଟ ଥାନା ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ଯାଇଥିବା ସାମଗ୍ରୀ ସମେତ ୨ଟି ବାଇକ୍ ଜବତ କରାଯାଇଛି। ସୋମବାର ଓରିଏଣ୍ଟ ଥାନା ମହାବୀର ନଗର ଅଞ୍ଚଳର ସଲିଲ ଝା ଚୋରି ହୋଇଥିବା ନେଇ ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଓରିଏଣ୍ଟ ଥାନାରେ ମାମଲା ରୁଜୁ କରାଯାଇଥିଲା। ମାମଲାର ତଦନ୍ତ କରିବା ପରେ ଘଟଣାରେ ୩ ଜଣ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରଜରାଜନଗର ଥାନା ଖଲିଆକାନୀର ଅଭିଷେକ ଭୋଇ(୨୨), ପ୍ରେମ ସା(୧୮), ଓରିଏଣ୍ଟ ଥାନା କାଳିନଗରର ସଚିନ ଡୁଙ୍ଗୁରି (୨୦)। ଅଭିଯୁକ୍ତ ମାନଙ୍କ ନିକଟରୁ ଗୋଟିଏ ଲୁହା ଗ୍ରୀଲ, ୨ ଟି ବାଇକ୍‌କୁ ଜବତ କରିବା ସହିତ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ମେହେର ଭୁଲିଆ ସମାଜ ପକ୍ଷରୁ ରକ୍ତଦାନ ଶିବିର

ଝାରସୁଗୁଡ଼ା,୫।୮ (ସମିସ): ଝାରସୁଗୁଡ଼ା ସହରର ଏକ ଘରୋଇ ହୋଟେଲ ଠାରେ ମେହେର ଭୁଲିଆ ସମାଜ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଶିବିରରେ ଝାରସୁଗୁଡ଼ା ଜିଲ୍ଲା ଏବଂ ଜିଲ୍ଲା ବାହାରୁ ବହୁ ମେହେର ଭୁଲିଆ ସମାଜର ସଦସ୍ୟ ରକ୍ତଦାନ କରିଥିଲେ। ଚୌଜିଲ୍ଲା ଭୁଲିଆ ସମାଜର ସଭାପତି ଚନ୍ଦ୍ରଶେଖର ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ମେହେର, ସମ୍ପାଦକ ପବିତ୍ର ମୋହନ ମେହେର, ଟାଉନ ସଭାପତି ପ୍ରମୋଦ ମେହେର, ପ୍ରଦୀପ ମେହେର, ଲେଡିମଙ୍ଗ ଗାଁର ଆଞ୍ଚଳିକ ସଭାପତି ବଂଶୀଧର ମେହେର, ରଘୁନାଥପାଲି ଅଞ୍ଚଳର ସଭାପତି ଗଣେଶ ମେହେର, ରାସବିହାରୀ ମେହେର, ରବି ମେହେର, ହେମଲତା ମେହେର, ପାର୍ବତୀ ମେହେର, ରୁକ୍ମିଣୀ ମେହେର, ମମତା ମେହେର, ମିନତୀ ମେହେର ପ୍ରମୁଖ ରକ୍ତଦାନ ଶିବିରକୁ ସଫଳ କରାଇଥିଲେ।

# ଲଖନପୁର ବ୍ଲକ୍ କଂଗ୍ରେସର ସାଂଗଠନିକ ବୈଠକ

ଝାରସୁଗୁଡ଼ା,୫।୮ (ସମିସ): ଲଖନପୁର ବ୍ଲକ୍ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ବ୍ଲକ୍ ସ୍ତରୀୟ ସାଙ୍ଗଠାନିକ ବୈଠକ ଅନୁଷ୍ଠିତ ହୋଇଛି। ଲଖନପୁର ବ୍ଲକ୍ କଂଗ୍ରେସ କମିଟିର ପୂର୍ବତନ ସଭାପତି ଲିଙ୍ଗରାଜ ବଡ଼େଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦିକା ସସ୍ମିତା ପଣ୍ଡା ଯୋଗ ଦେଇଥିଲେ। ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ମଜବୁତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଗଣେଶରାମ ସାହୁ,



ଝାରସୁଗୁଡା ଜିଲ୍ଲା ସଂଯୋଜକ ଜୀବନ ସାର୍ଥକ ଦାସ, ଜିଲ୍ଲା ସଭାପତି ସୁବ୍ରତ ପଧାନ ଅନୁରୂପ ବ୍ଲକ୍‌ସ୍ତରୀୟ କମିଟି ଗଠନ ସହିତ ତିନି ଜିଲ୍ଲା ପରିଷଦ ଜୋନ, ପଞ୍ଚାୟତ ଏବଂ ବୁଥ ସ୍ତରରେ ମଧ୍ୟ କମିଟି ଗଠନ କରିବାକୁ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏଥିସହ ଦୀର୍ଘ ଦିନ ଧରି ଖାଲି ପଡିଥିବା ବ୍ଲକ୍ କଂଗ୍ରେସ କମିଟିର ସଭାପତି ପଦବୀ ପାଇଁ କାହାକୁ କାର୍ଯ୍ୟଭାର ନ୍ୟସ୍ତ କରାଯିବ ତାଙ୍କ ନାମ ଉପସ୍ଥାପନ କରିବା ପାଇଁ ରାଜ୍ୟ ପିସିସି ସମ୍ପାଦିକା ପଣ୍ଡା ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଠାରୁ ମତାମତ ଲୋଡିଥିଲେ। ତଦନୁସାରେ ମହେନ୍ଦ୍ର ପଧାନ ଏବଂ ନୃପଲାଲ ନାଏକ ଉଭୟଙ୍କ ମଧ୍ୟରେ ଜଣଙ୍କୁ ବ୍ଲକ୍ ସଭାପତି କରାଯିବାକୁ ରାଜ୍ୟସ୍ତରୀୟ କମିଟିକୁ ସୁପାରିଶ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ବୈଠକରେ ବିହାରୀ ନାଏକ, ମହେନ୍ଦ୍ର ପଧାନ, ପୁରୁଷୋତ୍ତମ ଜୟସ୍ୱାଳ, ରାମଚନ୍ଦ୍ର ମେହେର, ପ୍ରଦୀପ ସାହୁ, ରାଜେଶ ସିଂହ, ପ୍ରୀତମ ସିଂହ ଦେଓ, ଭାସ୍କର ପଧାନ, ଲିଙ୍ଗରାଜ ବଡ଼େଇ, ମହେଶ ପଧାନ, ଘନଶ୍ୟାମ ବାରିକ, ଆନନ୍ଦ ପଧାନ, ନୃପଲାଲ ନାଏକ, ଲିଙ୍ଗରାଜ ସାହୁ, ଲମ୍ବୋଦର ରୋହିଦାସ, ଅଶୋକ ଖମାରୀଙ୍କ ସମେତ ବ୍ଲକ୍‌ର ତିନି ଜିଲ୍ଲା ପରିଷଦ ଜୋନରୁ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ନକଲି ମଦ ପ୍ରସ୍ତୁତି ବେଳେ ଜଣେ ଗିରଫ



ଝାରସୁଗୁଡ଼ା,୫।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଗଣେଶ ନଗରରେ ବେଆଇନ ନକଲି ମଦ ପ୍ରସ୍ତୁତି ବେଳେ ପୁଲିସ ଜଣେ ବ୍ୟକ୍ତିକୁ ଗିରଫ କରିଛି। ଗିରଫ ଯୁବକ ଜଣକ ପ୍ରମୋଦ ସାହୁ(୬୭) ବୋଲି ଜଣାପଡ଼ିଛି। ପ୍ରମୋଦ ତା ଦୋକାନରେ ମଦ ପ୍ରସ୍ତୁତ କରିବା ସହ ବୋତଲରେ ଭର୍ତ୍ତି କରି ବିକ୍ରି କରୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପରେ ପୁଲିସ ଚଢ଼ଉ କରି ପ୍ରମୋଦକୁ ଗିରଫ କରିଥିଲା। ଏହାସହ ସେଠାରେ ମଦ ଭର୍ତ୍ତି ଥିବା ୫ ଲିଟରର ବିଶିଷ୍ଟ ଦୁଇଟି ପ୍ଲାଷ୍ଟିକ୍ ଜର୍କିନ୍, ଏକ ସ୍ପିରିଟ୍ ବୋତଲ, ପ୍ରାୟ ୧ କେଜି ୟୁରିଆ ସାର, ୧୮୦ ମିଲିର ୧୧ଟି ଇମ୍ପେରିଆଲ୍ ବ୍ଲୁ ବୋତଲ, ୬ ବଡ଼ ବୋତଲ ଷ୍ଟର୍ଲିଂ ରିଜର୍ଭ, ୯୦ ମିଲିର ୧୨ଟି ଇମ୍ପେରିଆଲ୍ ବ୍ଲୁ ବୋତଲ, ୬୫୦ ମିଲିର କିଙ୍ଗ୍ ଫିସର ଷ୍ଟ୍ରଙ୍ଗ ବିୟର ଏବଂ ବିଭିନ୍ନ ଆକାରର କିଛି ଖାଲି ମଦ ବୋତଲ ଜବତ କରିଛି ପୁଲିସ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ଶିଶୁ ମନ୍ଦିରରେ ମାତୃସମ୍ମିଳନୀ



ଇବଥର୍ମାଲ,୫।୮ (ସମିସ): ବନ୍ଧବାହାଲ ଜଗନ୍ନାଥନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଓଡ଼ିଶା ଶିକ୍ଷା ବିକାଶ ସମିତିଙ୍କ ଯୋଜନା ଅନୁସାରେ ଶିଶୁ ଅରୁଣ ଶ୍ରେଣୀରୁ ଦ୍ୱିତୀୟ ଶ୍ରେଣୀର ଶିଶୁଙ୍କ ମାଁ ମାନଙ୍କୁ ନେଇ 'ମାତୃସମ୍ମିଳନୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଶୁ ବାଟିକା ବିଭାଗର ତଥା ଆଧାରସ୍ତରରେ ହୋଇଥିବା ଏହି କାର୍ଯ୍ୟକ୍ରମର ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ସଦସ୍ୟା ପୁଷ୍ପାଞ୍ଜଳି ବାରିକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ, ପରିଚାଳନା କମିଟିର ସଭାପତି ସଞ୍ଜୟ ପ୍ରଧାନ, ସମ୍ପାଦକ ଅଭିନ ରାଉତ, କୋଷାଧକ୍ଷ ଯଶୋବନ୍ତ ପାଲ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଶ୍ଚିମ ସମ୍ଭାଗ ସମ୍ବଲପୁରର ଶିଶୁବାଟିକା ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ମଞ୍ଚାସୀନ ଥିଲେ। ପ୍ରଧାନଆଚାର୍ଯ୍ୟ ଅତିଥିଙ୍କ ପରିଚୟ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁମା ସତ୍ୟଭାମା ପଧାନ ପରିଚାଳନା କରିଥିଲେ। ସମୁଦାୟ ୮୦ଜଣ ମାଁ ମାନେ ଉପସ୍ଥିତ ଥିଲେ। ଏହାପରେ ଫୁଲରେ ଶିଶୁ ମାନଙ୍କ ଦ୍ୱାରା ଶ୍ରୀଗଣେଶ ଭଗବାନଙ୍କ ଆକାରରେ ଚିତ୍ର ତିଆରି କରାହୋଇଥିଲା। ଏଥିରେ ମୋଟ ୧୦୯ ଜଣ ଶିଶୁ ଭାଇଭଉଣୀ ମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଗୁରୁଜୀ ସୀମାଞ୍ଚଳ ଜେନା, ଗୁରୁମା ପ୍ରଜ୍ଞା ପରିମିତା ଦାସ, ମନ୍ଦାକିନୀ ମହନ୍ତ, ରୁକ୍ମିଣୀ ପଧାନ, ଭଗବତୀ ମହନ୍ତ, ରଶ୍ମିତା ପାଢ଼ି, ରଶ୍ମିତା ସେଠ୍ ଓ ଅନ୍ୟାନ୍ୟ ଆଚାର୍ଯ୍ୟ-ଆଚାର୍ଯ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ଝାରସୁଗୁଡ଼ା,୫।୮ (ସମିସ): ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ଅଧକ୍ଷା ନନ୍ଦିନୀ ଶତପଥୀଙ୍କ ତତ୍ତ୍ୱାବଧାନରେ ମହିଳା ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାର ସଂଯୋଜନା ଓଡ଼ିଆ ବିଭାଗର ମୁଖ୍ୟ କଲ୍ୟାଣୀ ମିଶ୍ର କରିଥିଲେ। ମୁଖ୍ୟ ଅତିଥିଙ୍କ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ବିଧାୟକ ନୂତନ ଛାତ୍ରୀ ନିବାସ ନିର୍ମାଣ କରିବା ପାଇଁ ସରକାରଙ୍କ ତରଫରୁ ଅନୁଦାନ ମଞ୍ଜୁରୀ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରାଜନୀତି ବିଭାଗର ମୁଖ୍ୟ ଶ୍ରେଣୁକା ପୂଜାରୀ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ବର୍ଷର କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଡ.ଜୟଶ୍ରୀ ମିଶ୍ର ସଭା ପରିଚାଳନା କରିଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧାପକ ନୈରୁତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକାଶ ଆଚାର୍ଯ୍ୟ ଆତ୍ମାର ନୂତନ ସଭାପତି

ରିଆମାଳ,୫।୮ (ସମିସ): ରିଆମାଳ ବ୍ଲକ୍ କୃଷି ଉପଦେଷ୍ଟା କମିଟି ଆତ୍ମାର ନୂତନ ସଭାପତି ଭାବେ ପ୍ରକାଶ ଆଚାର୍ଯ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରିଆମାଳ ଗୋଷ୍ଠୀ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ମଙ୍ଗଳବାର ଆୟୋଜିତ ବୈଠକରେ କୃଷି ଅଧିକାରୀ ସତ୍ୟପ୍ରକାଶ ଦାଶଙ୍କ ଅଧକ୍ଷତାରେ କମିଟିର ସମସ୍ତ ସଦସ୍ୟ ଆଚାର୍ଯ୍ୟଙ୍କୁ ମନୋନୀତ କରିଥିଲେ। ସହକାରୀ ଉଦ୍ୟାନ ଅଧିକାରୀ ସୌଭାଗ୍ୟ ସାହୁ, ସହକାରୀ କୃଷି ଅଧିକାରୀ ଗୌରୀ ଶଙ୍କର ପ୍ରଧାନ, ସହକାରୀ କୃଷି ବୈଷୟିକ ପରିଚାଳକ ଦୁଷ୍ମନ୍ତ ସାହୁ ଉପସ୍ଥିତ ଥିଲେ। ଆତ୍ମା କମିଟିର ପୂର୍ବତନ ସଭାପତି ତରଣୀସେନ ପ୍ରଧାନ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନିରଞ୍ଜନ ବେହେରା, ଅମୂଲ୍ୟ ସାହୁ, ବିରେନ ପ୍ରଧାନ, ଅଚ୍ୟୁତାନନ୍ଦ ସାହୁ, ରଞ୍ଜିତା ନାଥ, ବସନ୍ତ ବେହେରା, ସନ୍ତୋଷ ରାଉଳ ଉପସ୍ଥିତ ଥିଲେ।



# ପ୍ରଧାନମନ୍ତ୍ରୀ ଫସଲ ବୀମା ସଚେତନତା ରଥର ଶୁଭାରମ୍ଭ



ଝାରସୁଗୁଡ଼ା,୫।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଫସଲ ବୀମା ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଏହି ରଥ ଜିଲ୍ଲାର ଝାରସୁଗୁଡ଼ା, ଲଖନପୁର, ଲାଇକେରା, କୋଲାବିରା, କିର୍ମିରା ବ୍ଲକ୍‌ର ସମସ୍ତ ଗାଁ ସହ ବେଲପାହାଡ, ବ୍ରଜରାଜନଗର, ଝାରସୁଗୁଡ଼ା ପୌରପରିଷଦ ଅଞ୍ଚଳରେ ବୁଲି ଚାଷୀଙ୍କୁ ସଚେତନ କରିବ। ଚାଷୀ ଫସଲର କିପରି ବୀମା କରି ପାରିବେ, ଫସଲ କ୍ଷୟକ୍ଷତିରର କ୍ଷତିପୂରଣ ପାଇ ପାରିବେ ଏବଂ ଜିଲ୍ଲାର ସମସ୍ତ ଚାଷୀ ଏହି କିପରି ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଯୋଡି ହେବେ ସେନେଇ ଏହି ରଥ ସଚେତନ କରିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ ସୂଚନା ଦେଇଛନ୍ତି। ଚାଷୀ ଯଦି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କରିବେ ତେବେ କୌଣସି କାରଣ ବଶତଃ ସେମାନଙ୍କ ଫସଲ ନଷ୍ଟ ହେଲେ ବୀମା କମ୍ପାନୀ ଠାରୁ ନିଜ କ୍ଷତିପୂରଣ ପାଇପାରିବେ। ତେଣୁ ଚାଷୀଙ୍କ ମଧ୍ୟରେ ଫସଲ ବୀମା ନେଇ ସଚେତନତା ସୃଷ୍ଟି ନିମନ୍ତେ ରଥର ଶୁଭାରମ୍ଭ କରଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନନ୍ଦ, କୃଷି ବିଭାଗର ଅଧିକାରୀ କର୍ମଚାରୀ, ଇନ୍ସୁରାନ୍ସ କମ୍ପାନୀର ଜିଲ୍ଲା ମୁଖ୍ୟ ସୁଜୟ ଶୁକ୍ଲା, କମ୍ପାନୀର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ

ଦେବଗଡ଼,୫।୮ (ସମିସ): ଦେବଗଡ଼ ନୂତନ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱ ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ମହନ୍ତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡ.ପ୍ରଭାତ ଓଝା, ଶିଶୁ ବିଶେଷଜ୍ଞ ଡ.ସୁରେନ୍ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁକୁ ଜନ୍ମର ଏକ ଘଣ୍ଟା ମଧ୍ୟରେ ମା'ର ସ୍ତନ୍ୟପାନ କରାଇବା ଏବଂ ଶିଶୁ କୁ ୬ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇବା ପାଇଁ ମା' ମାନଙ୍କୁ ବୁଝାଇବା ପାଇଁ ପରାମର୍ଶ ଦେଇଥିଲେ। ସ୍ତନ୍ୟପାନ ଉଦ୍ଦେଶ୍ୟରେ ଥିବା ସରକାରୀ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ବୈଠକରେ ଡିଏମଆର୍ ସିଏଚ ଦୁଷ୍ମନ୍ତ ସୂତାର, ଆର୍‌ବିଏସ୍‌କେ ମ୍ୟାନେଜର ମୁକେଶ ଭୋଇ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସମସ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଏଏନମ୍ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ପରିଚାଳନା କରିଥିଲେ।

# ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକଙ୍କ ବିରୋଧରେ ଅଭିଯୋଗ

ଝାରସୁଗୁଡ଼ା,୫।୮ (ସମିସ):

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ନିର୍ଦ୍ଦେଶକ ସନ୍ଦୀପ ତିୱାରୀଙ୍କ ବିରୋଧରେ ଝାରସୁଗୁଡ଼ା ବିମାନବନ୍ଦର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବିମାନବନ୍ଦର କର୍ମଚାରୀ ସଂଘର ସଭାପତି ସନ୍ଦୀପ ମିଞ୍ଜ ମଙ୍ଗଳବାର ସଂଘ ଓ କର୍ମଚାରୀଙ୍କ ହିତ ପାଇଁ ଲିଖିତ ଭାବେ ଜଣାଇବାକୁ ବିମାନ ବନ୍ଦର ନିର୍ଦ୍ଦେଶକଙ୍କ ନିକଟକୁ ଯାଇଥିଲେ। ହେଲେ ବିମାନବନ୍ଦର ନିର୍ଦ୍ଦେଶକ ସନ୍ଦୀପ ତିୱାରୀ ଦାବି ଶୁଣିବା ପରିବର୍ତ୍ତେ ସନ୍ଦୀପଙ୍କୁ ଜାତିଆଣ



ଆକ୍ଷେପ କରି ଗାଳି ଗୁଲଜ କରିବା ସହ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ମାଡ଼ ଯୋଗୁଁ ଆହତ ହୋଇଥିବା ସନ୍ଦୀପ ପ୍ରାଥମିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ଚିକିତ୍ସା କରାଇଥିବା ପ୍ରକାଶ କରିଛନ୍ତି। ଏହାସହ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ ଓ ମାଡ ମାଇଥିବାରୁ ନିର୍ଦ୍ଦେଶକଙ୍କ ବିରୋଧରେ ବିମାନବନ୍ଦର ଥାନାରେ ସଂଘର ସଦସ୍ୟ ମାନଙ୍କ ଉପସ୍ଥିତିରେ ଅଭିଯୋଗ କରାଯାଇଛି। ନିର୍ଦ୍ଦେଶକଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଓ ବଦଳି ଦାବି କରିଛନ୍ତି ବିମାନବନ୍ଦର କର୍ମଚାରୀ ସଙ୍ଘ। ଏନେଇ ବିମାନ ବନ୍ଦର ନିର୍ଦ୍ଦେଶକଙ୍କ ପ୍ରତିକ୍ରିୟା ମିଳି ପାରିନଥିବା ବେଳେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି।

# ଭୁଞ୍ଜିଆ ସମ୍ପ୍ରଦାୟଙ୍କୁ ଆବାସ ଟଙ୍କା ଫେରସ୍ତ ନିର୍ଦ୍ଦେଶ

## ହିତାଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ନୂଆପଡା,୫।୮ (ସମିସ):

ନୂଆପଡା ଜିଲ୍ଲା କୋମନା ବ୍ଲକ୍ ଅନ୍ତର୍ଗତ ରଜନା, ଦେଓଦରହା, ନାଗପଡା ପଞ୍ଚାୟତର ଭୁଞ୍ଜିଆ ସମ୍ପ୍ରଦାୟର ପରିବାରକୁ ଆଦିମ ଜନଜାତିର ମାନ୍ୟତା ଦେଇ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ସାମିଲ କରି ଘର ନିର୍ମାଣ ସକାଶେ ଟଙ୍କା ଦିଆଯାଇଥିବାବେଳେ ବର୍ତ୍ତମାନ ସେମାନଙ୍କ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ କରିଛି ବ୍ଲକ୍ ପ୍ରଶାସନ । ତେଣୁ ଗରିବ ପରିବାର ଲୋକ ବର୍ତ୍ତମାନ ଏହାର ପ୍ରତିବାଦ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନରେ ରଜନା ଏବଂ ନାଗପଡା ପଞ୍ଚାୟତର ଶତାଧିକ ଭୁଞ୍ଜିଆ ସମ୍ପ୍ରଦାୟର ଅଧିବାସୀମାନେ ଏକଜୁଟ ହୋଇ ନୂଆପଡା ଆସି ସାମାଜିକ କର୍ମୀ ଭକ୍ତ ବନ୍ଧୁ ଧରୁଆ, ପ୍ରଭାସ ଚିନ୍ଦାଙ୍କ ନେତୃତ୍ୱରେ



ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ତିନି ଗୋଟି ପଞ୍ଚାୟତରେ ଅନ୍ୟୁନ ୯୦ଟି ପରିବାରକୁ ଜନମନ ଯୋଜନାରେ ସାମିଲ କରି ଗତ ଡିସେମ୍ବର ମାସରେ ଘର ନିର୍ମାଣ ସକାଶେ ୪୦ହଜାର ଟଙ୍କାର ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା । ହେଲେ ପୁରୁଣା ଘରକୁ ଭାଙ୍ଗି ନୂଆ ଘର ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ କଲାବେଳକୁ ପଞ୍ଚାୟତରୁ କର୍ମଚାରୀମାନେ ଆସି ଟଙ୍କା ଫେରସ୍ତ କରିବାକୁ କହୁଛନ୍ତି । ଯାହା ଗରିବ ପରିବାରକୁ ବେଡି ଉପରେ କରୋଡା ମାଡ଼ ସଦୃଶ୍ୟ ହୋଇଛି । ଚାଷ ବାସ ସମୟରେ ପୁଣି ଘର ଭାଙ୍ଗି ଟଙ୍କା ଫେରସ୍ତ କରିବା ମୁସ୍କିଲ ହୋଇଛି । ତେବେ ଏହି ଦାୟିତ୍ୱରେ ଥିବା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଦେଶ ଘୋଷଙ୍କୁ ଯୋଗାଯୋଗ କରିବାରେ ଏହି ପରିବାର ଲୋକ ଚକୋଟିଆ ଭୁଞ୍ଜିଆ ହୋଇ ନଥିବା ହେତୁ ଏହା କରାଯାଉଥିବା କହିଛନ୍ତି । ଅନ୍ୟପକ୍ଷେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଆଦିବାସୀମାନେ ଭେଟି ଦାବିପତ୍ର ପ୍ରଦାନ କରିବା ପରେ ଏହା ଉପରେ ତଦନ୍ତ କରି ବିଚାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହାର ସମାଧାନ ସହ ହିତାଧିକାରୀଙ୍କୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏସଓପି ଅନୁଯାୟୀ ଏଫ ନମ୍ବର ୧୮୦୧୫/୨୮ /୨୦୨୨ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ଘର ଦିଆଯିବା ନିମନ୍ତେ ସୁନାବେଡା, ସୋସେଙ୍ଗ, ରଜନା, ଦେଓଦରା ଓ ନାଗପଡା ଗ୍ରାମ ପଞ୍ଚାୟତରେ ବସବାସ କରି ରହୁଥିବା ଆଦିମ ଭୁଞ୍ଜିଆ ଜନଜାତିମାନଙ୍କୁ ଘର ଦିଆଯିବ ବୋଲି ସରକାରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକସ୍ତରୀୟ ଓ ପଞ୍ଚାୟତସ୍ତରୀୟ କର୍ମଚାରୀମାନେ ୨୦୨୨ମସିହାରେ ଗାଁକୁ ଆସି ଘର ଘର ବୁଲି ସର୍ଭେ କରିଥିଲେ । ଏପରିକି ଜିଓଟ୍ୟାଗ୍ ମଧ୍ୟ କରିଛନ୍ତି । ପୂର୍ବରୁ ୧୩ ଖଣ୍ଡ ଗାଁର ଭୁଞ୍ଜିଆଙ୍କୁ ଆଦିମ ଆଦିବାସୀ ମାନ୍ୟତା ଦିଆଯାଇଥିବାବେଳେ ୨୦୨୨ମସିହାରେ ମୋଟ ୩୫ ଗୋଟି ଗାଁର ଭୁଞ୍ଜିଆଙ୍କୁ ଏଥିରେ ସାମିଲ କରାଯାଇଥିଲା ।

● ସମଗ୍ର ଶିକ୍ଷା ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

# 'ଗୁଣାତ୍ମକ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ପାଇଁ ନିଷ୍ଠା ଆବଶ୍ୟକ'




ଭବାନୀପାଟଣା,୫।୮ (ସମିସ): ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ପାଇଁ ତୃଣମୂଳସ୍ତରରୁ ଶିକ୍ଷାର ମୂଳଦୁଆକୁ ମଜବୁତ୍ କରିବାକୁ ହେବ । ଏଥିପାଇଁ ସିଆରସିସିମାନେ ଜିଲ୍ଲା ଶିକ୍ଷା ବିଭାଗର ଆଖି ଓ କାନ ଭାବେ କାମ କରିବାର ସମୟ ଆସିଛି । ନିଷ୍ଠା ରହିଲେ ହିଁ ସେମାନଙ୍କ ବହୁମୂଲ୍ୟ ଯୋଗଦାନ ଜିଲ୍ଲାର ଶିକ୍ଷା ପ୍ରଗତି ପାଇଁ ବେଶ ସହାୟକ ହୋଇପାରିବ । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବିଇଓ ଏବଂ ବିଆରସିସିଙ୍କ ଭୂମିକା ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ କଳାହାଣ୍ଡି ଜିଲ୍ଲାରେ ଶିକ୍ଷାର ବିକାଶକୁ ଦୃଷ୍ଟିରେ ରଖି ସମସ୍ତ ବିଇଓ, ବିଆରସିସି ଏବଂ ସିଆରସିସି ନିଷ୍ଠାପର ଭାବରେ କାର୍ଯ୍ୟ କରନ୍ତୁ ବୋଲି ଜିଲ୍ଲାସ୍ତରୀୟ ବିଇଓ, ବିଆରସିସି ଓ ସିଆରସିସି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି । ସମଗ୍ର ଶିକ୍ଷା ପକ୍ଷରୁ ସ୍ଥାନୀୟ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଶତବାର୍ଷିକୀ ପ୍ରକୋଷ୍ଠରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ଶୁଭଲକ୍ଷ୍ମୀ ନାୟକ ଓ ହେମସାଗର ମହାନନ୍ଦ, ବରିଷ୍ଠ ବିଇଓ ତପିମଣି ଜାନୀ, ବିଏମ ହାଇସ୍କୁଲ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର, ସମଗ୍ର ଶିକ୍ଷା ଆର୍ଥିକ ପରାମର୍ଶଦାତା ସାଧୁ ଶରଣ ପ୍ରସାଦ, ଆଇପିଇ ରୂପସିଂ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ଏକଦିବସୀୟ ଏହି ସମୀକ୍ଷା ଓ ପ୍ରଶିକ୍ଷଣରେ ଜିଲ୍ଲାରେ ତୃଣମୂଳ ସ୍ତରରେ ଗୁଣାକେ ଶିକ୍ଷାର ସଫଳ ରୂପାୟନ ପାଇଁ ଗୁରୁତ୍ୱ ଦିଆଯାଇଥିଲା । ସମଗ୍ର ଶିକ୍ଷାର ବିଭିନ୍ନ ଉପବିଭାଗ ଅର୍ଥ, ଏମଆଇଏସ, ଅନ୍ତର୍ନିବେଶୀ ଓ ବାଳିକା ଶିକ୍ଷା, ଶୈକ୍ଷିକ କୌଶଳ ପ୍ରଭୃତି ଉପରେ ଆଲୋଚନା ସହ ପଞ୍ଚସଖା ଶିକ୍ଷାସେତୁ, ବିଜ୍ଞାନ ଶିକ୍ଷା ବିଷୟରେ ଆଲୋଚନା ହୋଇଥିଲା । ସେହିପରି ଜାତୀୟ ଶିକ୍ଷାନୀତି, ଡ୍ରପଆଉଟ୍ ନିଦାନ ପାଇଁ ଆସ ସ୍କୁଲ ଯିବା, ଏକ ପେଡ ମା କେ ନାମ ପ୍ରଭୃତି ସରକାରଙ୍କ ଚଳନ୍ତି ଯୋଜନା ତଥା ସିଆରସିସିଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ମଧ୍ୟ ବିଶଦ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଆର୍ଥିକ ପରାମର୍ଶଦାତାଙ୍କ ସମେତ ପ୍ରୋଗ୍ରାମର ସୌମେନ୍ଦ୍ର ପଟ୍ଟନାୟକ, ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜିକା ଲିପିକା ଅପରାଜିତା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ପଞ୍ଚସଖା ଶିକ୍ଷା ସେତୁ ସଂଯୋଜକ ପ୍ରଶାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ସିଆରସିସି, ବିଆରସିସି, ବିଇଓଙ୍କୁ ସମଗ୍ର ଶିକ୍ଷା ଓ ଜିଲ୍ଲା ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ଉପରେ ଆଲୋକପାତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷାର ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ପରିଚାଳନା କରିଥିଲେ ।

# ବୋଲେରୋ-ବାଇକ ମୁହାଁ ମୁହିଁ ଧକ୍କା;୩ ଗୁରୁତର

ଗୋଲାମୁଣ୍ଡା,୫।୮ (ସମିସ): ଗୋଲାମୁଣ୍ଡା ବ୍ଲକ୍ ସିନାମାଳ ବିଜୁ ଏକ୍ସପ୍ରେସ ୱେ ନିକଟରେ ବାଇକ ଓ ବୋଲେରୋ ମଧ୍ୟରେ ଧକ୍କା ହେବା ଫଳରେ ତିନି ଜଣ ଗୁରୁତର ହୋଇଥିଲେ । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ ସିନାପାଲି ପଟୁ ଧର୍ମଗଡ଼ ଅଭିମୁଖେ ଯାଉଥିବା ଓଡ଼ି ୦୮ସି-୮୭୩୧ ଏକ ବୋଲେରୋ ସହ ଓଡି୦୮ ଡି-୫୧୨୪ ନମ୍ବର ବିଶିଷ୍ଟ ବାଇକ୍ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବା ଫଳରେ ବାଇକରେ ବସିଥିବା ତିନିଜଣ ଛିଟିକି ପଡି ଗୁରୁତର ଆହତ ହୋଇଛନ୍ତି । ଗୁରୁତରମାନେ ହେଲେ ଢ଼େକନାପଡ଼ାର ଜନନୀ ମାଝୀ, ନିରୁପମା ମାଝୀ ଓ ଅଶ୍ୱିନ ମାଝୀ ବୋଲି ଜଣା ପଡିଛି । ଘଟଣା ସମ୍ପର୍କରେ ଗୋଲାମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନୀଳାମ୍ବର ବିଶିଙ୍କ ଠାରୁ ଖବର ପାଇ ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା ଏବଂ ଅବସ୍ଥା ସଙ୍କଟାପନ୍ନ ହେବା ଫଳରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣାସ୍ଥଳରେ ଗୋଲାମୁଣ୍ଡା ପୋଲିସ ପହଞ୍ଚି ଗାଡି ଗୁଡିକୁ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି ।

# ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ଯୁବ ଓ ଛାତ୍ର ବିଜେଡିର ବିକ୍ଷୋଭ

କେସିଙ୍ଗା,୫।୮ (ସମିସ): ସାରା ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ବିଶେଷ କରି ଛାତ୍ରୀ ଓ ନାରୀ ଅସୁରକ୍ଷିତ ପ୍ରସଂଗକୁ ନେଇ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ କେସିଙ୍ଗା ଆମ୍ବେଦକର ଛକ ଠାରୁ କେସିଙ୍ଗା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ଶୋଭାଯାତ୍ରାରେ ବାହାରି କେସିଙ୍ଗା ଆଦର୍ଶ ଥାନା ପର୍ଯ୍ୟନ୍ତ ଯାଇ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ରଙ୍କ ଜରିଆରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଗତ ୧୩ ମାସର ବିଜେପି ସରକାର ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ନାରୀ ନିର୍ଯାତନା ଅହେତୁକ ଭାବରେ ବୃଦ୍ଧି ହୋଇଛି । ରାଜ୍ୟରେ ଛାତ୍ରୀମାନେ ପର୍ଯ୍ୟଟନସ୍ଥଳୀ ଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସ ପର୍ଯ୍ୟନ୍ତ ସୁରକ୍ଷିତ ନାହାଁନ୍ତି । ଛାତ୍ରୀ ନିବାସରେ ନାବାଳିକା ଗର୍ଭବତୀ ହେଉଛନ୍ତି । ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା, ବଳଙ୍ଗା ନାବାଳିକା ପୋଡ଼ି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି । ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ବଳ ନେତୃତ୍ୱକୁ ଦାୟୀ କରିଛନ୍ତି ରାଜ୍ୟ କାର୍ଯକାରୀ ସଭାପତି ଅବିନାଶ ଠାକୁର । କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ଉପାଧ୍ୟକ୍ଷା ସରସ୍ୱତୀ ସାହା, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର, ବରିଷ୍ଠ ଯୁବ ବିଜେଡି ଉପ ସଭାପତି ମଣ୍ଟୁ ନାଏକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ ସାହୁ, କେସିଙ୍ଗା ଯୁବମୋର୍ଚ୍ଚା ସଭାପତି ଶମ୍ଭୁ ବଗର୍ତ୍ତି ଯୁବ ବିଜେଡି ନେତା ଶିଶିର ପରିଡା ,ନଳୀନ ପଟ୍ଟନାୟକ, ଦାମୋଦର ବାଗ,



ପିତବାସ ବେହେରା, ଦୀପକ କୁମାର, ଛାତ୍ର ନେତା ସ୍ୱାଧୀନ ପଟ୍ଟନାୟକ, ଅଭିନବ ପଟ୍ଟନାୟକ,ଅନୀଲ ନାଏକ, ପ୍ରବୀଣ ନାଏକ, ନବୀନ ନାୟକ, ଶୁଭେନ୍ଦୁ ସାହୁ, ପ୍ରୀତମ ପାଢ଼ୀ, ବିଜେଡି କାଉନସିଲର ରମାକାନ୍ତ ଜେନା ,କବିତା ମାଝୀ,ପ୍ରେରଣା ନାଏକ, ଓ ନଗର କମିଟି ପ୍ରମୁଖ ଯୋଗ ଦେଇଥିଲେ ।

# ନୂଆଖାଇ ପାଇଁ ରୁଗୀଯୁଗୀବଲା ପର୍ବ ଆରମ୍ଭ



କେସିଙ୍ଗା,୫।୮ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ପଥର୍ଲା ଗାଁରେ ଆସନ୍ତା ଭାଦ୍ରବ ପ୍ରତିପ୍ରଦା ୨୪ ତାରିଖରେ ଗଣପର୍ବ ନୂଆଖାଇ ଅନୁଷ୍ଠିତ ହେବ । ପଶ୍ଚିମ ଓଡ଼ିଶାରେ ୨୮ ତାରିଖରେ ନୂଆଖାଇ ଅନୁଷ୍ଠିତ ହେବାକୁ ଥିବା ବେଳେ ୫ ଦିନ ଆଗରୁ ପଥର୍ଲାରେ ନୂଆଖାଇ ଅନୁଷ୍ଠିତ ହୋଇଥାଏ । ଏଥି ପାଇଁ ରୁଗୀଯୁଗୀ ପର୍ବ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ତେବେ ପ୍ରତିବର୍ଷ ଭାଦ୍ରବ ମାସ ସପ୍ତପୁରୀ ଅମାବାସ୍ୟା ପ୍ରତିପଦା ଦିନ ପଥର୍ଲା, ପଲକା ପଡା, ଏବଂ ବହାଦୁରପଦର ଏହି ତିନି ଗାଁ ରାଜାରାଜୁଡା ଶାସନ କାଳରୁ ରାଜାଙ୍କ ନିର୍ଦ୍ଦେଶ କ୍ରମେ ସର୍ବପ୍ରଥମେ ନୂଆଖାଇ ପାଳନ କରିଆସୁଛନ୍ତ । ତେଣୁ ଏହି ରୋଗୀ ଯୋଗୀ ପର୍ବ ନୂଆଖାଇର କିଛି ସପ୍ତାହ ପୂର୍ବରୁ ପ୍ରତି ମଙ୍ଗଳବାର ଦିନ ପାଳନ ହୋଇଥାଏ । ଯାହା ଗାଁ ମୁଖିଆଙ୍କ ସହ ଗାଁ ଝାଙ୍କର କିଛି ବରିଷ୍ଠ ବ୍ୟକ୍ତି ଏକତ୍ରିତ ହୋଇ ପ୍ରତ୍ୟେକ ଘରୁ ଧୂପଦୀପ, ଝୁଣା, ଫୁଲାଳିଆ ଆଦି ସଂଗ୍ରହ କରିଥାନ୍ତି । ଗ୍ରାମବାସୀ ଯେପରି ସୁରୁଖୁରୁରେ ନୂଆ ଖାଇବେ ସେଥିପାଇଁ ଗାଁ ଧରଣୀରୁ ଗାଁ ଦେବଦେବୀଙ୍କୁ ପୂଜାର୍ଚ୍ଚନା ପରେ ଗାଁ ମୁଣ୍ଡ ରେ ଶେଷ ହୋଇଥାଏ ।

# ଲିଫ୍ଟ କେନାଲରେ ଭାସିଯାଇ ଯୁବକ ମୃତ

ଜୟପାଟଣା,୫।୮ (ସମିସ):କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ହୀରାପୁର ପଞ୍ଚାୟତ ତୋଟାପଡା ଗାଁର ବୁଟୁ ଯାନୀ ଲିଫ୍ଟ କେନାଲରେ ଭାସିଯାଇ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ବୁଟୁ ଯାନୀ ସୋମବାର ଦିନ ପାବଲୀ ଗାଁରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିବାରୁ ସେ ଶବ ସତ୍କାର କାର୍ଯ୍ୟରେ ଯୋଗ ଦେବାକୁ ପାବଲୀ ଗାଁକୁ ଆସିଥିଲେ । ସନ୍ଧ୍ୟାରେ ଫେରିବା ବାଟରେ ସୁନାମାଲ ଲିଫ୍ଟ କେନାଲରେ ଗାଧୋଇବାକୁ ଯାଇ ଭାସି ଯାଇଥିଲେ । କେନାଲ ହୁଡ଼ାରେ ତାଙ୍କର ଚପଲ ଓ ଗାମୁଛା ପଡିଥିବା ଦେଖିବାକୁ ମିଳିଥିଲା,ହେଲେ ତାଙ୍କର କୋଣସି ଖୋଜ ଖବର ମିଳିନଥିଲା । ଏ ନେଇ ଜୟପାଟଣା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ମଙ୍ଗଳବାର ସକାଳେ ପାଣି କମିବା ପରେ ତାଙ୍କର ମୃତ ଦେହ ସୁନାମାଲ ଠାରେ ଉଦ୍ଧାର କରିଥିଲା ଅଗ୍ନିଶମ ବିଭାଗ । ପୋଲିସର ତଦନ୍ତ କରି ମୃତଦେହ ଜବତ କରିବା ସହ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ବାରମ୍ବାର କେନାଲରେ ବୁଡି ଲୋକଙ୍କ ମୃତ୍ୟୁ ଦିନକୁ ଦିନ ବୃଦ୍ଧି ପାଉଛି ଯାହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

# ମିଳିଲାନି ପାରିଶ୍ରମିକ; ଶ୍ରମିକ ବିଡିଓଙ୍କ ଦ୍ୱାରସ୍ଥ

ସିନାପାଲି,୫।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସ୍ଥିତ ଗୋର୍ଲା ପଞ୍ଚାୟତ ଖ୍ରିପ୍ରିମାଲ ଗ୍ରାମର ଶ୍ରମିକମାନେ ରାସ୍ତା କାମକରି ପାରିଶ୍ରମିକ ପାଉଣା



ପାଇନଥିବା ସିନାପାଲି ବିଡିଓଙ୍କଠାରେ ଅଭିଯୋଗ ହୋଇଛି । ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି । ଅଭିଯୋଗଅନୁଯାୟୀ, ଓଡିଶା ସରକାରଙ୍କ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ଆର୍ଥିକ ବର୍ଷ ୨୦୨୩-୨୪ରେ ଖ୍ରିପ୍ରିମାଲ ସାନହେର୍ଣାପଡାରୁ ବରଗଛ ଛକ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା କାମ ହୋଇଥିଲା । ହେଲେ ଏହି ରାସ୍ତା କାମରେ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ଏଯାଏଁ ଠିକାଦାର ଦେଇ ନାହାଁନ୍ତି । ଠିକାଦାର ଭାବେ ଗୋର୍ଲା ଗ୍ରାମର ଦୁଇଜଣ କାମ କରାଇ ପାରିଶ୍ରମିକ ଟଙ୍କା ଦେଇନଥିବା ଅଭିଯୋଗ ହୋଇଛି । ଏପରିକି ସେମାନଙ୍କ ପାଖକୁ ବାରମ୍ବାର ପାରିଶ୍ରମିକ ପାଉଣା ମାଗିବାକୁ ଗଲେ ଦିନ ଗଡ଼ାଇ ଚାଲିଥିବା, ଆଜକୁ ୧ବର୍ଷ ହେଲା ପାରିଶ୍ରମିକ ପାଉଣା ଦେଉନଥିବା ଶ୍ରମିକ ଦୁଷ୍ମନ୍ତ ହେର୍ଣା, କୁଲଦିପ ହେର୍ଣ୍ଣା, ମନୋଜ ହେର୍ଣା, ରାଜମନ ପୁଞ୍ଜି, ଲମ୍ବୋଦର ହେର୍ଣା, ସଂଜୟ ହେର୍ଣା, ଦେବସିଂ ହେର୍ଣା, ଧିଲେନ୍ଦ୍ରି ହେର୍ଣା, କୁଶ ହେର୍ଣା, ଯଶୋଦା ହେର୍ଣା, ବିମଲେ ହେର୍ଣା ସମେତ ଅନେକ ଶ୍ରମିକ ଅଭିଯୋଗ କରିଛନ୍ତି । ଆଗାମୀ ଦିନରେ ଶ୍ରମିକଙ୍କୁ ପାରିଶ୍ରମିକ ପାଉଣା ନଦେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଏନେଇ ବିଡିଓ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ବ୍ରିଜ୍ ମରାମତି କଲା ରେଳ ବିଭାଗ



କେସିଙ୍ଗା,୫।୮ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଣ୍ଡର ବ୍ରିଜ ରାସ୍ତା ଖରାପ ହେବା ଖବର 'ସକାଳ'ରେ ପ୍ରକାଶିତ ହେବାପରେ ରେଳ ବିଭାଗର ନିଦ ଭାଙ୍ଗିଛି । ଅଣ୍ଡର ବ୍ରିଜର ଗୋଟିଏ ପାଶ୍ୱର୍ ବିଲକୁଲ ଗାଡ଼ି ମଟର ଚଳାଚଳ ଯୋଗ୍ୟ ହୋଇନଥିଲେ ମଧ୍ୟ ରେଳ ବିଭାଗର ଉଦାସୀନତା ଯୋଗୁଁ ପ୍ରତିଦିନ ଅନେକ ଦୁର୍ଘଟଣା ଘଟିଥିଲା । ପରେ ୩ ତାରିଖ ଦିନ ଖବର ପ୍ରସାରଣ ପରେ ମଙ୍ଗଳବାର ଦିନ ରେଳ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିରକ୍ଷଣରେ ଜେସିବି ଲଗାଇ ମରାମତି କାମ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଥିଲା ।

# କଲେଜ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ



କଲମପୁର, ୫।୮ (ସମିସ) : କଲମପୁର ଅମୋହମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଅଧ୍ୟକ୍ଷ ବିରଞ୍ଚି ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଥନୀତି ଅଧ୍ୟାପକ ମଳୟ ମହାକୁଡ଼,ରାଜନୀତି ଅଧ୍ୟାପିକା ମଧୁମିତା ପଧାନ,ଓଡିଆ ଅଧ୍ୟାପକ ଡୋଲେଶ୍ୱର ମାଝୀ, ଅତିଥି ଇଂରାଜୀ ଅଧ୍ୟାପିକା ଜସ୍ମିନ ପାଣିଗ୍ରାହୀ, ଭୂଗୋଳ ଅଧ୍ୟାପିକା ଦିବ୍ୟା ପଣ୍ଡା ପ୍ରମୁଖଙ୍କ ସମସ୍ତ ଛାତ୍ରଛାତ୍ରୀ ଚାରାରୋପଣ କରିଥିଲେ । ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ପ୍ରୋଗ୍ରାମ ଅଫିସର ବିଭୁତି ଭୁଷଣ ପଟ୍ଟନାୟକ ଏହାକୁ ପରିଚାଳନା କରିଥିବା ବେଳେ ଏଥିରେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର ଭାବେ ଗଢି ତୋଳିବା ଏହାର ମୂଳ ଲକ୍ଷ୍ୟ ହୋଇଥିବା ବେଳେ ଜୀବ ଜଗତ ପ୍ରତି ବୃକ୍ଷର ଅବଦାନକୁ ନେଇ ଅଧ୍ୟାପକ ମାନେ ନିଜ ନିଜ ମତ ରଖିଥିଲେ ।

# ଡଙ୍ଗରୀ ଗାଁକୁ ହରାଇ ହରିହରପୁର ବିଜୟୀ



ଲାଞ୍ଜିଗଡ଼, ୫।୮ (ସମିସ) :ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ନକଆଉଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡେଇ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ପ୍ରେସ କ୍ଲବ୍‌ର ସଭାପତି ସୁଶୀଲ କୁମାର ବାଗ, ପିଇଡବ୍ଲ୍ୟୁ ମିଡିଆ ଆସୋସିଏସନର କୋଷାଧ୍ୟକ୍ଷ ନୀଲେଶ କୁମାର ନାଗ ଯୋଗ ଦେଇଥିଲେ । ଏହି ଅବସରରେ ହରିହରପୁର ଓ ଡଙ୍ଗରୀ ଗାଁ ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ହରିହରପୁର ଦଳ ୧-୦ଗୋଲରେ ବିଜୟୀ ହୋଇଥିଲା । ଦଳ ତରଫରୁ ଆନନ୍ଦ ମାଝୀ ଗୋଲ ସ୍କୋର କରିବା ସହିତ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ । ରେଫରୀ ଭାବେ କିଶୋର କୁମାର ଘଡେଇ ମ୍ୟାଚ୍ ପରିଚାଳନା କରିଥିବାବେଳେ ସୁନୀଲ ବେହେରା ଓ ଫାଲଗୁନୀ ବାଗ ଲାଇନ୍ସମେନ ଦାୟିତ୍ୱ ତୁଲାଇଥିଲେ ।

# ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ଜଣେ ଗିରଫ

ସିନାପାଲି,୫।୮ (ସମିସ): ବେଆଇନ ଗୋରୁ ଚାଲାଣ ନେଇ ସିନାପାଲି ଥାନାରେ ଅଭିଯୋଗ ହୋଇଥିବାବେଳେ ୨୦ ଗୋଟି ଗୋରୁକୁ ପୁଲିସ ଉଦ୍ଧାର କରିଛି । ଗୋରୁଚାଲାଣ ଅଭିଯୋଗରେ ଜଣେ



ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଚକାମାଳ ଗ୍ରାମର ତ୍ରିଲୋଚନ ସୁନା (୨୬) । ପ୍ରାପ୍ତ ଖବର ଅନୁଯାୟୀ, ଗତ ସୋମବାର ୧୨ଟା ବେଳେ ସିନାପାଲି ବ୍ଲକ୍ ଗୋର୍ଲା ଖେଲପଡିଆ ଦେଇ ବେଆଇନ୍ ଭାବେ ଗୋରୁ ଚାଲାଣ ହେଉଥିବା ଜଣାପଡିଥିଲା । ଏହି ଚାଲାଣ ସମୟରେ ସ୍ଥାନୀୟ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ସେଠାରେ ପହଞ୍ଚି ଅଭିଯୁକ୍ତ ଗୋରୁ ଚାଲାଣକାରୀଙ୍କୁ ପଚାରିବା ବେଳେ ଗୋରୁ ଚାଲାଣର କୌଣସି କାଗଜପତ୍ର ନଥିବା ଜଣାପଡ଼ିଥିଲା । ଛତିଶଗଡ଼ ଗହିରାପଦର ବଜାରରେ ଗୋରୁମାନଙ୍କୁ ବିକ୍ରି ପାଇଁ ନେଉଥିବା ସେ ପ୍ରକାଶ କରିଥିଲା । ପରେ ଖବର ପାଇ ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସିନାପାଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ୨୦ ଗୋଟି ଗୋରୁକୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ପରେ ଅଭିଯୁକ୍ତ ଜଣକ ବେଆଇନ ଭାବେ ଗୋରୁ ଚାଲାଣ କରୁଥିବା ପ୍ରିୟ ରଞ୍ଜନ ମେହେର ସିନାପାଲି ଥାନାରେ ଅଭିଯୋଗ କରିଥିଲେ । ଏହି ଗୋରୁ ଛତିଶଗଡ଼ ମହାସମୁନ୍ଦ ଠାରୁ ଗହିରାପଦର ଚାଲାଣ ହେଉଥିଲା । ସମସ୍ତ ଗୋରୁକୁ ସିନାପାଲି ପୁଲିସ ଖଡିଆଲ ରୋଡ ଗୋଶାଳାର ଜିମା ଦେଇଥିବା ବେଳେ ସିନାପାଲି ଥାନାରେ କେସ୍ ନମ୍ବର ୨୧୯/୨୫ ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ ସିନାପାଲି କୋର୍ଟ ଚାଲାଣ କରି ତଦନ୍ତ ଅଧିକାରୀ ଏସ୍ଆଇ ସହଦେବ ଯୋଶୀ ଅଧିକ ତଦନ୍ତ ଚଳାଇଛନ୍ତି ।

**୨୦ ଗୋରୁ ଉଦ୍ଧାର**

# ଯାଦବ ମୁରବି ପ୍ରହଲ୍ଲାଦ ଗୌଡଙ୍କ ଦେହାନ୍ତ



ଭବାନୀପାଟଣା,୫।୮ (ସମିସ): ପିଡବ୍ଲ୍ୟୁଡି ବିଭାଗର ଅବସରପ୍ରାପ୍ତ କର୍ମଚାରୀ ତଥା ନର୍ଲା ଯାଦବ ସମାଜର ଜଣେ ମୁରବୀ ସ୍ଥାନୀୟ ବ୍ୟକ୍ତି ପ୍ରହଲ୍ଲାଦ ଗୌଡଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହେଉଥିଲା । ଯାଦବ ସମାଜକୁ ସୁସଂଗଠିତ କରିବା ପାଇଁ ସେ ନିଷ୍ଠାପର ଭାବେ କାର୍ଯ୍ୟକରି ଆସୁଥିଲେ । ସୋମବାର ସନ୍ଧ୍ୟାରେ ସେ ପୁଅର ଦୋକାନରେ ବସିଥିବା ସମୟରେ ଛାତିରେ ଖୁବ ଜୋର ଯନ୍ତ୍ରଣା ଅନୁଭବ କରି ତଳେ ଟଳି ପଡ଼ିଥିଲେ । ପରିବାରବର୍ଗ ତାଙ୍କୁ ନର୍ଲା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ସଜ୍ୟା ନିକଟରେ ଧର୍ମପତ୍ନୀ, ପୁତ୍ରବଧୂ, ଦୁଇ ପୁଅ ରଞ୍ଜନ ଓ ପୂର୍ଣ୍ଣ, ଝିଅ ରୀନା ଓ ଜ୍ୱାଇଁ, ଆତ୍ମୀୟ ସ୍ୱଜନ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ମଙ୍ଗଳବାର ସକାଳେ ସାନ୍ଦୁଲ ନଦୀ ପଠାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି । ସ୍ୱର୍ଗତ ଶ୍ରୀ ଗୌଡଙ୍କ ଆବର୍ତ୍ତମାନରେ ନର୍ଲା ଗ୍ରାମ୍ୟ, ଆଞ୍ଚଳିକ ଓ ବ୍ଲକ ଯାଦବ ସମିତି ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ଅମର ଆତ୍ମାର ସଦଗତି କାମନା କରାଯାଇଛି ।

# କଳାହାଣ୍ଡି ଡ୍ରିମ୍ ସେଣ୍ଟର୍ ଏଜୁକେସନାଲ ହଷ୍ଟେଲ ବନ୍ଦ

■ ଜରୁରୀ କାଗଜପତ୍ର ବିନା ଚାଲୁଥିଲା ସଂସ୍ଥା
■ ଅନ୍ଧାରରେ ୯୯ ଅନ୍ତେବାସୀଙ୍କ ଭବିଷ୍ୟତ

ଭବାନୀପାଟଣା,୫।୮ (ସମିସ):

କଳାହାଣ୍ଡିରେ ଚାଲିଥିବା ଡ୍ରିମ୍ ସେଣ୍ଟର୍ ଏଜୁକେସନାଲ ହଷ୍ଟେଲକୁ ବନ୍ଦ କରି ଦିଆଯାଇଛି । ଜିଲ୍ଲା ଶିଶୁ ମଙ୍ଗଳ ସମିତିର ତତ୍ତ୍ୱାବଧାନରେ ହଷ୍ଟେଲରେ ରହୁଥିବା ଛାତ୍ର ଛାତ୍ରୀଙ୍କୁ ପର୍ଯ୍ୟକ୍ରମେ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର ପ୍ରକ୍ରିୟା ଜାରୀ ରହିଛି । ଏଠାରେ ରହୁଥିବା ୯୯ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ଅଛନ୍ତି ଅବିଭାବକ । କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଶେରଗଡ ପଞ୍ଚାୟତର ଡେଙ୍ଗସର୍ଗୀ ଠାରେ ଦୀର୍ଘଦିନ ହେଲା ଚାଲି ଆସୁଥିଲା କଳାହାଣ୍ଡି ଡ୍ରିମ୍ ସେଣ୍ଟର୍ ଏଜୁକେସନାଲ ହଷ୍ଟେଲ । ହଷ୍ଟେଲ ବନ୍ଦ ହେବା ଯୋଗୁଁ ଏଠାରେ ରହୁଥିବା ଅନ୍ତେବାସୀମାନେ ଘରକୁ ଫେରୁଛନ୍ତି । ୯୯ ଅନ୍ତେବାସୀଙ୍କ ମଧ୍ୟରୁ ୨୮ ଜଣ ଛାତ୍ରଛାତ୍ରୀ ସ୍ଥାନୀୟ ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ବାକିତକ ଛାତ୍ରଛାତ୍ରୀ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବାର ଜଣାଯାଇଛି । ଛାତ୍ରଛାତ୍ରୀଙ୍କ ପରୀକ୍ଷା ଚାଲୁରହିଥିବା ସମୟରେ ହଷ୍ଟେଲ ବନ୍ଦ କରିବା ଫଳରେ ଏହି ଅନ୍ତେବାସୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି । ଜିଲ୍ଲା ପ୍ରଶାସନ ପୂର୍ବରୁ ଏକ କମିଟି ପ୍ରସ୍ତୁତ । କରାଯାଇଥିଲା । ଉକ୍ତ କମିଟି ଡ୍ରିମ ସେଣ୍ଟର ଗସ୍ତ କରି କିଛି ଅନିୟମିତତା ରହିଥିବା ଜାଣିପାରିଥିଲେ । ଆଜି ମଧ୍ୟ ଉପ ଜିଲ୍ଲାପାଳ ହଷ୍ଟେଲକୁ ଯାଇ ସେଠାରେ ଉପସ୍ଥିତ କର୍ମକାର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି । କିନ୍ତୁ ହଷ୍ଟେଲ ବନ୍ଦ ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି । ତେବେ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେଇ ୯୯ ଅନ୍ତେବାସୀଙ୍କ ଥଇଥାନ ବ୍ୟବସ୍ଥା ସହିତ ଶିକ୍ଷା କ୍ଷେତ୍ରରେ ଯେମିତି ବାଧା ଉପୁଯିବନାହିଁ ସେଥିପ୍ରତି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ନିବେଦନ କରିଛନ୍ତି । ଅନ୍ୟ ପକ୍ଷରେ କାଗଜପତ୍ରରେ ଅନିୟମିତତା ଅଛି ଦୀର୍ଘଦିନ ଏହି ହଷ୍ଟେଲ ଚାଲୁଥିଲା କିପରି ? ଏହି ସଂସ୍ଥାକୁ ଦେଶ ବିଦେଶରୁ କିମ୍ବା କେଉଁ ସୂତ୍ରରୁ ଅନୁଦାନ ଆସୁଥିଲା କି ? କିପରି ଏହାର ଆର୍ଥିକ ଦିଗ ସବୁ କଣ ? ଏମିତି ଅନେକ ପ୍ରଶ୍ନ ସମସ୍ତଙ୍କ ମନରେ ଉଠୁଛି । ଏନେଇ ପ୍ରଶାସନ ଖୋଳତାଡ କରିବା ସହ ସଂସ୍ଥା ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ଦେଖିବାକୁ ରହିଲା ।



# ଭୁବନେଶ୍ୱର ସିଟି

### ବିପଦ ପାଲଟିଛି ଟଙ୍କପାଣି ସେତୁ

# ମରାମତିର ବର୍ଷେ ନ ପୂରୁଣୁ ମାଲମାଲ ଖାଲ



ଧଉଳି, ୫।୮ (ସମିସ): ଟଙ୍କପାଣି ସେତୁ ମରାମତିକୁ ବର୍ଷେ ନ ପୂରୁଣୁ ଦେଖା ଗଲାଣି ଖାଲଖମା। ବାଲିଅନ୍ତା ଓ ଭୁବନେଶ୍ୱରକୁ ସଂଯୋଗ କରୁଥିବା ଟଙ୍କପାଣି ସେତୁ ୮୦୦ ମିଟର ଲମ୍ବ। ନିର୍ମାଣକୁ ଇତି ମଧ୍ୟରେ ବର୍ଷେ ପୂରଣ ହୋଇନି। କିନ୍ତୁ ଗତ ୩ ରୁ ୪ ମାସ ମଧ୍ୟରେ ପ୍ରାୟ ୧/୨ ଫୁଟର ଛୋଟ ବଡ଼ ଖାଲଖମା ହୋଇ ପିଚୁ ଉଠି ସିମେଣ୍ଟ ଦେଖାଗଲାଣି। ଏହିପରି ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଖାଲ ଦେଖାଦେଇଛି। ଫଳରେ ଗାଡ଼ିମୋଟର ଗଲାବେଳେ ଲୋକେ ଧକଡ଼କଚଡ଼ ହୋଇ ଯାଉଛନ୍ତି। ଖାଲଖମା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ବିଶେଷ କରି ବର୍ଷା ଦିନେ ସ୍ଥିତି ସଂଗୀନ ହେବାସହ ଖାଲରେ ବର୍ଷାଜଳ ଜମି ରହି ଯାତାୟତ ସମସ୍ୟାକୁ ଦ୍ୱିଗୁଣିତ କରୁଛି।

ଗତବର୍ଷ ଅଗଷ୍ଟ ମାସ ମଧ୍ୟରେ ପ୍ରଶାସନ ତରଫରୁ ଟଙ୍କପାଣି ସେତୁ ଉପରେ ପିଚୁ ପକା ଯାଇ କାର୍ଯ୍ୟକରି କରାଯାଇ ଥିଲା। ୨୦୦୪-୦୫ ବର୍ଷରେ ନିର୍ମାଣ କରାଯାଇଥିବା ଏହି ସେତୁ ଗତ ୨୩ ବର୍ଷ ମଧ୍ୟରେ ଅଧିକାଂଶ ସମୟରେ ଏଭଳି ଅବସ୍ଥା ଦେଖାଦେଇଥାଏ। କେବଳ ଗତବର୍ଷ ନୁହେଁ ନିୟମିତ ପ୍ରତିବର୍ଷ ମରାମତି କରାଯାଇଥାଏ। ମାତ୍ର ତାହା ନିମ୍ନମାନର କାମ ଯୋଗୁଁ ଖୁବ କମ ଦିନରେ ଯଥା ପୂର୍ବଂତଥା ପରଂ ସଦୃଶ ହୋଇଥାଏ। ସେହିପରି ଭୁବନେଶ୍ୱର, କଟକ ଆଦି ପ୍ରମୁଖ ସ୍ଥାନକୁ ସୁବିଧା ଓ ନିରାପତ୍ତାରେ ଯାତାୟତ କରିବା ପାଇଁ ଲୋକେ ଏହି ସେତୁ ଉପରେ ନିର୍ଭର କରିଥାନ୍ତି। ଏହି ସେତୁ ଉପରେ ବାଲିଅନ୍ତା ବ୍ଲକର ୬/୭ ଗୋଟି ପଞ୍ଚାୟତର ଜନସାଧାରଣ ସମେତ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଯାତାୟତ କରିଥାନ୍ତି। ସେହିପରି ଏହି ସେତୁ ଠାରୁ ମାତ୍ର କିଛି ଦୂରରେ ବାଲିଅନ୍ତା ବ୍ଲକ, ତହସିଲ, ଅଗ୍ନିଶମ କାର୍ଯ୍ୟାଳୟ ଏବଂ ପର୍ଯ୍ୟଟନ କ୍ଷେତ୍ର ୬୪ ଯୋଗିନୀପୀଠ ରହିଛି। ଫଳରେ ସମ୍ପୃକ୍ତ ସ୍ଥାନକୁ ଦୈନିକ ହଜାର ହଜାର ସଂଖ୍ୟକ ଯାନବାହାନ ଚଳାଚଳ କରୁଛି। ଏଥିସହ ଏହି ସେତୁ ଦେଇ ଦୈନିକ ଶହଶହ ଭାରିଯାନ ଓ ବାଲି ହାଇୱା ଯାତାୟାତ କରୁଛି। ସେଥିରୁ ନିର୍ଗତ ବାଲି ଓ ପାଣି ଯୋଗୁଁ ସେତୁ ରାସ୍ତା ଖାଲଖମାରେ ପରିଣତ ହେଉଛି। ଏହି ଖାଲଖମା ଯୋଗୁଁ ବିଭିନ୍ନ ସମୟରେ ଛୋଟମୋଟ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିରେ କାହାର ଜୀବନ ହାନୀ ହେଉଛି ତ କିଏ ଆଜିବନ ଅକର୍ମଣ୍ୟ ହେଇଛି।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଆପତ୍ତି ଜଣାଇଲେ ଜନଶୁଣାଣିରୁ ବଞ୍ଚିତ ଗ୍ରାମବାସୀ



ଭୁବନେଶ୍ୱର, ୫।୮ (ସମିସ): ଗତ ଜାନୁଆରୀ ୧୮ ତାରିଖରେ କେନ୍ଦୁଝର ଜିଲ୍ଲାର ସଦର ବ୍ଲକର ଟିକରପଡ଼ାରେ ଏସାର କମ୍ପାନୀର ପେଲେଟ କାରଖାନା ଓ ଜଳ ପାଇପ ବା ସ୍ଲରୀ ଦ୍ୱାରା ଲୁହାପଥର ପେଲେଟ ପରିବହନ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ନେଇ ଜନଶୁଣାଣି ହୋଇଥିଲା। କିନ୍ତୁ ହଜାର ହଜାର ଗ୍ରାମବାସୀମାନଙ୍କୁ ଜନଶୁଣାଣିକୁ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା। ତେଣୁ ଜନଶୁଣାଣି ପୁନର୍ବାର କରିବାକୁ ଜନତାଙ୍କ ତରଫରୁ ମଧୁସୂଦନ ସାହୁ, ବିକାଶ ସାହୁ ପ୍ରମୁଖ ଆଡଭୋକେଟ ଇଶ୍ୱର ଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ୨୭ ତାରିଖରେ ବିଚାରପତିଙ୍କ ରାୟରେ ନିର୍ଦ୍ଦେଶ ଦିଆଗଲା ଜନଶୁଣାଣିରେ ଆପତ୍ତି ଅଭିଯୋଗ କରିପାରି ନ ଥିବା ଜନସାଧାରଣ ୧୦ଦିନ ମଧ୍ୟରେ ଜନଶୁଣାଣି କରାଇଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦରେ ଆପତ୍ତିପତ୍ର ଦାଖଲ କରିପାରିବେ। ସେହି ରାୟ ଅନୁଯାୟୀ ଆଜି କେନ୍ଦୁଝର ଜିଲ୍ଲାର ୬ଟି ପଞ୍ଚାୟତର ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ଦସ୍ତଖତ ଥାଇ ଆପତ୍ତିପତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଏସାର ମିନିମେଟ୍ କମ୍ପାନୀ ବିରୋଧୀ ମଞ୍ଚ ତରଫରୁ ମନୋଜ ସାହୁ, ବିକାଶ ସାହୁ, ଠାକୁର ମାରାଣ୍ଡି, ରୁକ୍ମଣୀ ବେହେରା, କନକ ବେହେରା, ଚନ୍ଦ୍ରମଣି ସୋରେନ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଏହି ଆପତ୍ତିପତ୍ର ଦେବାକୁ ଆସିଥିଲେ।

ଏଠାରେ କମ୍ପାନୀର ଲୁହାପଥର କ୍ରସିଂ, ଗ୍ରାଇଣ୍ଡିଂ ଦ୍ୱାରା ବାୟୁ, ଜଳ ଓ ମାଟି ପ୍ରଦୂଷଣ ହେବା ସହ ସ୍ଲରୀ ଦ୍ୱାରା ଲୁହାପଥର ପରିବହନ ବୈତରଣୀ ନଦୀ ଓ ଭୂତଳ ଜଳ ଶୋଷିନେବା ପରେ ଉର୍ବର ମାଟି କୃଷି ଧ୍ୱଂସ ହେବ ଓ ଜଳଶୂନ୍ୟ ହୋଇଯିବ ବୋଲି କମ୍ପାନୀର ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ନ ଦେବାକୁ ଓ ପ୍ରତ୍ୟାହାର କରିଦେବାକୁ ଦାବି କରାଯାଇଛି। ଆପତ୍ତିପତ୍ର ଦେବା ବେଳେ ଜନ ଆନ୍ଦୋଳନ ନେତା ପ୍ରଫୁଲ୍ଲ ସାମାନ୍ତରା, ବାମପନ୍ଥୀ ନେତା ଜୟନ୍ତ ଦାସ, ଜନସ୍ୱାସ୍ଥ୍ୟ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ମହାପାତ୍ର, ଲୋହିଆ ଏକାଡ଼େମୀର ସମ୍ପାଦକ ଦେବପ୍ରସାଦ ରାୟ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କ ଦାବୀକୁ ସମର୍ଥନ ଓ ସହଯୋଗ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

# ରକ୍ତଦାନ କରି ସଂଗ୍ରାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୫।୮ (ସମିସ): ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ଜନ୍ମ ଦିବସ ପାଳନ କରିଛି ଯୁବ କଂଗ୍ରେସ। ଏହି ଅବସରରେ ଯୁବ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଠାରେ ସଂଗ୍ରାମଙ୍କ ଅନେକ ସାଥୀ ଓ ଶୁଭେଚ୍ଛୁ ରକ୍ତଦାନ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ସଂଗ୍ରାମ କେଶରୀ ଜେନା ପ୍ରଦେଶ ଯୁବ କଂଗ୍ରେସର ପ୍ରଥମ ନିର୍ବାଚିତ ସଭାପତି ଥିଲେ ବୋଲି କହିଛନ୍ତି। ବିଜେବି କଲେଜ ଏବଂ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ଜଣେ ପ୍ରତିଭାବାନ ଛାତ୍ର ନେତା ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସଂଗ୍ରାମ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଓ ଏଆଇସିସି ସଭ୍ୟ ଭାବରେ ମଧ୍ୟ ସେ ଦାୟିତ୍ୱ ନିର୍ବାହ କରିଛନ୍ତି। ୨୦୧୪ ମସିହାରେ ଭଦ୍ରକ ଲୋକସଭା ଆସନରେ କଂଗ୍ରେସ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରି ୩ ଲକ୍ଷ ୨୨ ହଜାର ୯୯୭ ଖଣ୍ଡ ଭୋଟ ପାଇଥିଲେ। ସାରା ରାଜ୍ୟରେ ଏବେ ବି ତାଙ୍କର ବହୁ ଯୁବ ସମର୍ଥକ ଅଛନ୍ତି। କଂଗ୍ରେସ ଦଳର ସେ ଜଣେ ପ୍ରଚଣ୍ଡ ପ୍ରତିଭାଶାଳୀ ସମ୍ଭାବନା ଥିଲେ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, କରୋନା ମହାମାରି ଆମ ନିକଟରୁ ଜଣେ ମହାନ ଯୋଦ୍ଧା ଛଡେଇ ନେଲା। ତାଙ୍କର ମାର୍ଜିତ ଆଚରଣ ଓ ଉଚ୍ଚାରଣ, ସରଳତା ଏବଂ ଦଳ ପ୍ରତି ସମର୍ପଣ ଭାବ ରହିଥିଲା। କଂଗ୍ରେସ ଦଳର ସମସ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରେ ସେ ଅଗ୍ର ଭାଗରେ ରହୁଥିଲେ। ସେ ତାଙ୍କର କୃତି ଓ କୀର୍ତ୍ତି ବଳରେ ଆମ ହୃଦୟରେ ବଞ୍ଚି ରହିଛନ୍ତି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ତାରା ପ୍ରସାଦ ବାହିନିପତି, ସୁରେଶ କୁମାର ରାଉତରାୟ, ଅନନ୍ତ ସେଠୀ, ଶିବାନନ୍ଦ ରାୟ, ରମେଶ ଜେନା, ସମୀର ରାଉତରାୟ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀଙ୍କ ସମେତ ବହୁ କଂଗ୍ରେସ ନେତୃବର୍ଗ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ଜୟନ୍ତୀରେ ବିଜେଡି ପକ୍ଷରୁ ପଣ୍ଡିତ ନୀଳକଣ୍ଠଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୫।୮ (ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ମଙ୍ଗଳବାର ପଣ୍ଡିତ ନୀଳକଣ୍ଠଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିଏମ୍‌ଜି ଛକ ଠାରେ ଅବସ୍ଥିତ ତାଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କ ଜୟନ୍ତୀ ପାଳିତ କରାଯାଇଅଛି। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ଡକ୍ଟର କାର୍ତ୍ତିକ ପ୍ରସାଦ ଜେନା, ଶାନ୍ତିଲତା ସାହୁ, ସ୍ୱାଧୀନତା ସଂଗ୍ରାମୀ ଦାୟଦ କମିଟିର ସମ୍ପାଦକ ବିଜୟ ତ୍ରିପାଠୀ, ଅଶ୍ୱିନୀ ପଟ୍ଟନାୟକ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ନିରୂପମା ମଙ୍ଗରାଜ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ବାବାଜୀ ଚରଣ ବାରିକ, ସତ୍ୟବ୍ରତ ଜେନା ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିବା ବେଳେ ଅମିତ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ରାଜ୍ୟ ଏଡିଇଓ ସଂଘ ଗଠିତ

ଭୁବନେଶ୍ୱର, ୫।୮ (ସମିସ): ସମଗ୍ର ରାଜ୍ୟରେ ଥିବା ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ (ଏଡିଇଓ)ମାନଙ୍କୁ ନେଇ ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ ନୂତନ ଭାବେ ଓଡ଼ିଶା ରାଜ୍ୟ ଏଡିଇଓ ସଂଘ (ଓସା) ଗଠନ କରାଯାଇଛି। ଭୁବନେଶ୍ୱରସ୍ଥିତ ଅଶୋକ ନଗରଠାରେ ଥିବା ହୋଟେଲ ଆର୍ଯ୍ୟ ପ୍ୟାଲେସ୍‌ର ସମ୍ମିଳନୀ କକ୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଜିଲ୍ଲା ସଭାପତି ଓ ସମ୍ପାଦକମାନଙ୍କୁ ନେଇ ନୂତନ ରାଜ୍ୟ ସଂଘର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ରାଜ୍ୟ ସଭାପତି ଭାବେ ପ୍ରଭାତ କୁମାର ତିୱାରୀ ମନୋନୀତ ହୋଇଥିବାବେଳେ କାର୍ଯ୍ୟକାରୀ ସଭାପତି ଭାବେ ଅଜୟ କୁମାର ଜେନା ଓ ବାବାଜି ବେହେରାଙ୍କୁ ମନୋନୀତ କରାଯାଇଥିଲା। ସେହିପରି ରାଜ୍ୟ ଉପସଭାପତି ଭାବେ ସୁରେଶ ପାଣିଗ୍ରାହୀ, ରଜନୀ କୁମାର ପଟ୍ଟନାୟକ, ଜ୍ୟୋତିରଞ୍ଜନ ପତି ଓ ରାଜେଶ ବେହେରା ମନୋନୀତ ହୋଇଥିବାବେଳେ ସାଧାରଣ ସମ୍ପାଦକ ସଂଗ୍ରାମ ସିଂହ, ସହସମ୍ପାଦକ ସୁଶିଲ ପାଣିଗ୍ରାହୀ, ମନୋଜ ପାଢ଼ୀ, ନେପାଳକ୍ରୀଷ୍ଣ ବର୍ଦ୍ଧନ ଓ ଶିବରାମ ପଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ରାଜ୍ୟ କୋଷାଧ୍ୟକ୍ଷ ଭାବେ ଦେବାଶିଷ ରାଉତ ହୋଇଥିବା ବେଳେ ସହ କୋଷାଧ୍ୟକ୍ଷ ଭାବେ ପ୍ରଦ୍ୟୁମ୍ନ ସାହୁ, ସଂଗଠନ ସମ୍ପାଦକ ମଳୟ କୁମାର ସାହୁ ଓ ଗଣମାଧ୍ୟମ ସଂଯୋଜକ ଭାବେ ପରମେଶ୍ୱର ବିଶ୍ୱାଳ ଓ ଦିଗାମ୍ବର ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା। ରାଜ୍ୟ ସଂଯୋଜିକା ଭାବେ ଗାୟତ୍ରୀ ପଣ୍ଡା ସର୍ବସମ୍ମତିକ୍ରମେ ରାଜ୍ୟସଂଘକୁ ମନୋନିତ ହୋଇଛନ୍ତି।

# ଡ. ସତ୍ୟନାରାୟଣ ମିଶ୍ରଙ୍କୁ ରାଷ୍ଟ୍ରପତି ଭବନରୁ ଆସିଲା ଆମନ୍ତ୍ରଣ

ଭୁବନେଶ୍ୱର, ୫।୮ (ସମିସ): ପ୍ରାବନ୍ଧିକ, ସ୍ତମ୍ଭକାର, ଲେଖକ, ଗବେଷକ, ଐତିହାସିକ, ତଥା ଭୁବନେଶ୍ୱରସ୍ଥିତ ଜାତୀୟ ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ମିଶ୍ରଙ୍କୁ ଭାରତର ରାଷ୍ଟ୍ରପତି ଚଳିତ ବର୍ଷ ୭୯ତମ ସ୍ୱାଧୀନତା ଦିବସରେ ରାଷ୍ଟ୍ରପତି ଭବନକୁ ଅତିଥି ଭାବେ ଆମନ୍ତ୍ରଣ କରିଛନ୍ତି। ଡାକ ବିଭାଗର ସ୍ୱତନ୍ତ୍ର ଅଧିକାରୀ ରାଷ୍ଟ୍ରପତିଙ୍କର ନିମନ୍ତ୍ରଣପତ୍ରକୁ ଡ. ମିଶ୍ରଙ୍କୁ ଜୁଲାଇ ୩୧ ତାରିଖ ବୈଧାନିକ ଭାବେ ଅର୍ପଣ କରିଥିଲେ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଓଳିନ୍ଦା ଗ୍ରାମର ବାପା ବେଣୁଧର ମିଶ୍ର ଓ ମାତା ଅନ୍ନପୂର୍ଣ୍ଣା ମିଶ୍ରଙ୍କର ସନ୍ତାନ ସତ୍ୟନାରାୟଣ। ଡ. ମିଶ୍ରଙ୍କର ଇତିହାସରେ ନୂଆଦିଲ୍ଲୀ ଏବଂ ଅନ୍ୟଟି ଜର୍ମାନୀରେ ଦୁଇଟି ପୁସ୍ତକ ପ୍ରକାଶ ପାଇବା ସହ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ୧୩ଟି ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶିତ ହୋଇଥିବା ବେଳେ ଚାରୋଟି ପୁସ୍ତକ ପ୍ରକାଶନ ଅପେକ୍ଷାରେ ଅଛି। ସେ ଓଡ଼ିଶାର ବିଭିନ୍ନ ପ୍ରମୁଖ ଓଡ଼ିଆ ଖବରକାଗଜର ସମ୍ପାଦକୀୟ ପୃଷ୍ଠାରେ ସ୍ତମ୍ଭ ଲେଖିଆସୁଛନ୍ତି। ନିକଟରେ ତାଙ୍କ ଦ୍ୱାରା ୫୪ ଗୋଟି ଆଲେଖ୍ୟକୁ ନେଇ ସଂକଳିତ ପୁସ୍ତକ 'ସତ୍ୟାର୍ଥ ଦର୍ପଣ'ପ୍ରକାଶିତ ହୋଇଛି। ୨୦୨୨ରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ, ନୂଆଦିଲ୍ଲୀ ପକ୍ଷରୁ ବ୍ୟକ୍ତିଗତ ଉତ୍କର୍ଷର ସଫଳତା ପାଇଁ ଡ. ସତ୍ୟନାରାୟଣ ମିଶ୍ରଙ୍କୁ ଜାତୀୟ ପୁରସ୍କାର ସହ ଉତ୍ତମସରକାରୀ ପଦାଧିକାରୀ ପାଇଁ ୨୦୨୨ ମସିହାର ରାଜ୍ୟ ପୁରସ୍କାର ଗ୍ରହଣ କରିଛନ୍ତି।

# ଆରମ୍ଭ ହେଲା ବିଏମ୍‌ସି ରିକ୍ରିଏସନ୍ କ୍ଲବର ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନେଶ୍ୱର, ୫।୮ (ସମିସ): ବିଏମ୍‌ସି ରିକ୍ରିଏସନ୍ କ୍ଲବ୍ ପକ୍ଷରୁ ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ ହୋଇଛି। ଆଜିଠାରୁ କ୍ୟାରେମ୍ ଓ ଚେସ୍ ପ୍ରତିଯୋଗିତା ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ବିଏମ୍‌ସି ମୁଖ୍ୟାଳୟର ତୃତୀୟ ମହଲାରେ ଆୟୋଜିତ ବାର୍ଷିକ କ୍ରୀଡା ଉଦଘାଟନୀ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ବିରଞ୍ଚି ନାରାୟଣ ମହାସୂପକାର, ଶ୍ରୀଧର ବେହେରା, ବହୁ କର୍ପୋରେଟର, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସଙ୍କ ସମେତ ବିଏମ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଗତ ବର୍ଷ ପରି ଏ ବର୍ଷ ମେୟର ଏକାଦଶ ଓ କମିଶନର ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ତେବେ ଚଳିତ ବର୍ଷ କ୍ରିକେଟ ସହ ଫୁଟବଲ ଖେଳକୁ ମଧ୍ୟ ସାମିଲ କରାଯାଇଛି। ଏହାବ୍ୟତୀତ ଚେସ୍, କ୍ୟାରେମ, ବ୍ୟାଡମିଣ୍ଟନ, ମ୍ୟୁଜିକ୍ ଚେୟାର ଆଦି ବିଭିନ୍ନ ଇନଡୋର ଓ ଆଉଟ୍ ଡୋର୍ ଗେମ୍ସ, ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଏମ୍‌ସିର କର୍ପୋରେଟର, ଅଧିକାରୀ ଓ କର୍ମଚାରୀ ଅଂଶ ଗ୍ରହଣ କରିପାରିବେ। ସେହିପରି ସେପ୍ଟେମ୍ବର ୨ ତାରିଖ ଦିନ ବିଏମ୍‌ସି ରିକ୍ରିଏସନ କ୍ଲବ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାବ୍ୟତୀତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କବିତା, ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମର ବିଏମ୍‌ସି ରିକ୍ରିଏସନ କ୍ଲବର ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢ଼ୀ ସଂଯୋନଜା କରିଥିଲେ।

# ପଦ୍ମଚରଣ ନାୟକଙ୍କୁ ତୃତୀୟ ସରଳା ଦେବୀ ପୁରସ୍କାର

ଭୁବନେଶ୍ୱର, ୫।୮ (ସମିସ): ଚଳିତବର୍ଷ ତୃତୀୟ ସରଳା ଦେବୀ ପୁରସ୍କାର ପାଇବେ ସମାଜସେବୀ, ପୂର୍ବତନ ବିଧାୟକ ତଥା ନିଶାମୁକ୍ତି ଅଭିଯାନର ମୁଖ୍ୟ ପୁରୋଧା ପଦ୍ମଚରଣ ନାୟକ। ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୁରସ୍କାର ବାବଦରେ ଦଶ ହଜାର ଟଙ୍କା ପ୍ରଦାନ କରାଯିବ। ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଆଠ ଜଣଙ୍କୁ ମଧ୍ୟ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟ ଓ ଜଗତସିଂହପୁର ବିକାଶ ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଗୁରୁକଲ୍ୟାଣ ମାହାପାତ୍ର ତଥା ପରିଷଦର ସଭାପତି ଅଜୟ ଦାସଙ୍କ ସୂଚନା ଅନୁଯାୟୀ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ସରଳା ଦେବୀଙ୍କର ୧୨୨ ତମ ଜୟନ୍ତୀ ଉତ୍ସବ ଆସନ୍ତା ୯ ତାରିଖରେ ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ହେବ। ଏଥିରେ ଉଦ୍‌ଘାଟକ ଭାବେ ଝାଡଖଣ୍ଡର ପୂର୍ବତନ ମନ୍ତ୍ରୀ ଦୀନେଷ ଷଡ଼ଙ୍ଗୀ, ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକ ସାରଦା ଜେନା, ଡ. ମନୋରମା ବିଶ୍ୱାଳ ମହାପାତ୍ର, କନ୍ନଡ଼ କବି ଓ ଚଳଚିତ୍ର ନିର୍ମାତା ରମେଶ ନାଗାଥେଲ୍ଲୀ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଯୋଗ ଦେବେ।

# ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଧାତୁ ଭାସ୍କର୍ଯ୍ୟ କର୍ମଶାଳା

ଭୁବନେଶ୍ୱର, ୫।୮ (ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟରେ ସ୍କୁଲ ଅଫ୍ ଭିଜୁଆଲ ଆର୍ଟର ସ୍ନାତକୋତ୍ତର ଭାସ୍କର୍ଯ୍ୟ କଳା ବିଭାଗ ଦ୍ୱାରା ଜାତୀୟ କାଂସ୍ୟ ଧାତୁ ସଂକ୍ରାନ୍ତ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି ସମାରୋହକୁ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଖଲ୍ଲିକୋଟ ସରକାରୀ କଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଜୟନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସହଯୋଗୀ ପ୍ରଫେସର ଡ. ଉମେଶ ଚନ୍ଦ୍ର ନାୟକ କର୍ମଶାଳା ସମ୍ପର୍କିତ ବିଭିନ୍ନ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରଫେସର ଅଞ୍ଜନ କୁମାର ସାହୁ, ସ୍ଥାପତ୍ୟ ଶିଳ୍ପୀ ଜୟନ୍ତ କୁମାର ଦାସ, କୁଳସଚିବ ଅନାମିକା ଅଧିକାରୀ, ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଯୋଗ ଦେଇଥିଲେ।

# ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ସଙ୍ଗୀତାୟନ'



ଭୁବନେଶ୍ୱର, ୫।୮ (ସମିସ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକା ଶୁଚିସ୍ମିତା ମନ୍ତ୍ରୀ, ସମ୍ମାନିତ ଅତିଥି ଭାବେ ତବଲା ବାଦକ ଗୁରୁ ଅଜୟ କୁମାର ଚୌଧୁରୀ, ବେତାର ଦୂରଦର୍ଶନ କେନ୍ଦ୍ରର ବରିଷ୍ଠ ଗୀତିକାର ପ୍ରିତାମ୍ବର ମିଶ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣ ହୋଇଥିଲେ। ପରେ ପରେ ଯୁଗଳ ବନ୍ଦୀ ଗାୟନ କରିଥିଲେ କଣ୍ଠଶିଳ୍ପୀ ପୂର୍ଣ୍ଣିମା ନାଥ, ତୃପ୍ତିମୟୀ ଦୀକ୍ଷୀତ, କି ଶୋଭା ଗୋ କୁଞ୍ଜେ.. ଏବଂ ଶେଷରେ ଓଡିଶୀ ଚମ୍ପୁ, ଡର ନାହିଁ କି ହେ ପର ତରୁଣୀ ହରଣୁ.. ପରିବେଷଣ ହୋଇଥିଲା। ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ ଗୁରୁ ଡ. ବିଜୟ କୁମାର ଜେନା ଏବଂ ଗୁରୁ ଡ. ଭାରତୀ ଜେନା, ଗୁରୁ ପ୍ରଦୀପ କୁମାର ଦାସ, ଗୁରୁ ତାପସ ନାୟକ ପ୍ରମୁଖ ବଂଶୀବାଦନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ଆର୍‌ଓବି ଓ ଫୁଟ୍ ଓଭରବ୍ରିଜ୍ ପାଇଁ ଦାବି

### ■ ରେଳପଥ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେଲା ଆଞ୍ଚଳିକ ସୁରକ୍ଷା ପରିଷଦ



ଭୁବନେଶ୍ୱର, ୫।୮ (ସମିସ): ରେଳ ସଦନ ସମ୍ମୁଖରେ କୌଣସି ପ୍ରକାର ଯାତାୟାତ ସୁବିଧା ନ ଥିବାରୁ ବିଡିଏ କଲୋନି, ବିଡିଏ ମାର୍କେଟ୍, କେୟାର ହସ୍ପିଟାଲ, ଉତ୍କଳ ହସ୍ପିଟାଲ ଉପରେ ନିର୍ଭର କରୁଥିବା ଲୋକେ ରାସ୍ତା ପାର୍ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ରେଳ କର୍ମଚାରୀ ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ଏଠାରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣର ବହୁତ ଆବଶ୍ୟକତା ରହିଛି। ଏଥିସହ ରଙ୍ଗମାଟିଆ-ଭୋଟପଡ଼ା ଲେବୁଲ୍ କ୍ରସିଂ ହଟାଇ ରେଳ ଓଭରବ୍ରିଜ୍ ନିର୍ମାଣ ଦାବି ଜୋର ଧରିଛି। ଉତ୍ତର ଭୁବନେଶ୍ୱରର ୫ରୁ ଅଧିକ ଗ୍ରାମବାସୀ ନିର୍ଭର କରୁଥିବା ଏହି ଲେବୁଲ୍ କ୍ରସିଂ ହଟାଇବା ସହ ଓଭରବ୍ରିଜ୍ ନିର୍ମାଣ ଦାବିରେ ଆଜି ଆଞ୍ଚଳିକ ସୁରକ୍ଷା ପରିଷଦ ପକ୍ଷରୁ ପୂର୍ବତଟ ରେଳପଥ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ପରିଷଦ ପକ୍ଷରୁ କୁହାଯାଇଛି ଯେ ପ୍ରତିଦିନ ହଜାରରୁ ଅଧିକ ଲୋକ ଏହି ଲେବୁଲ୍ କ୍ରସିଂ ଦେଇ ଯିବା ଆସିବା କରିଥାନ୍ତି। ପୂର୍ବାହ୍ନ ସମୟରେ ଘଣ୍ଟାଏ ସମୟ ରେଳ ଫାଟକ ପଡ଼ିବା ଦ୍ୱାରା ସ୍କୁଲ, କଲେଜ ଛାତ୍ରଛାତ୍ରୀ, କର୍ମଜୀବୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧାର୍ଯ୍ୟ ସମୟରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରୁନାହାନ୍ତି। ଜୀବନକୁ ବିପଦରେ ପକାଇ ଯିବା ଦ୍ୱାରା ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ରେଳ ଓଭରବ୍ରିଜ୍ ନିର୍ମାଣର ବହୁତ ଆବଶ୍ୟକତା ରହିଛି। ସେହିପରି ରଙ୍ଗମାଟିଆରୁ ଗାଡ଼କଣକୁ ସଂଯୋଗ କରୁଥିବା ଅଣ୍ଡରବ୍ରିଜ୍ ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇପଡ଼ିଛି। ତେଣୁ ତୁରନ୍ତ ମରାମତି ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବତଟ ରେଳପଥ ମହାନିର୍ଦ୍ଦେଶକ ନ ଥିବାରୁ ଡିଜିଏମ୍ କେ କେ ଖଡେଙ୍ଗାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ପରିଷଦ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ସେପ୍ଟେମ୍ବର ୧୫ ଭିତରେ ଯଦି ସମସ୍ତ ଦାବି ପୂରଣ ନ ହୁଏ, ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ପରିଷଦ ଚେତାବନୀ ଦେଇଛି। ଆଞ୍ଚଳିକ କମିଟି ସଭାପତି କୃଷ୍ଣଚନ୍ଦ୍ର ପତି, ଗାଡ଼କଣ ବରିଷ୍ଠ ନାଗରିକ କମିଟି ସଭାପତି ସୁର ପାତ୍ର, ସମ୍ପାଦକ କିଶୋର ସାହୁ, କାର୍ଯ୍ୟକାରୀ ସଭାପତି ପୀତବାସ ସାହୁ, ଉପସଭାପତି ଅଶୋକ ସେଠୀ, ପୂର୍ବତନ ସମ୍ପାଦକ ପ୍ରଦୀପ ପରିଡ଼ା, ଉତ୍ତର ବିକାଶ କମିଟି ମୁଖ୍ୟ ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ, ବରିଷ୍ଠ ନାଗରିକ ବେଣୁଧର ସାହୁ, ଭିଏସ୍‌ଏସ୍ ନଗରର ଅଶୋକ ନାୟକ, ଅରକ୍ଷିତ ସାହୁ, ଘନ ବେହେରା, ଆଦିମାତା କଲୋନୀ ବରିଷ୍ଠ ସଭାପତି ଲକ୍ଷ୍ମୀଧର ସାହୁ, ଯୁବନେତା ଗୋବିନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## କାଗଜ କଲମରେ ଶ୍ରୀଅନ୍ନ ଯୋଜନା

# ଏନ୍‌ଜିଓ ଖାଉଛନ୍ତି ମାଣ୍ଡିଆ ଲଡୁ

ନୟାଗଡ଼, ୫।୮ (ସମିସ)

ନୟାଗଡ଼ ଜିଲ୍ଲାରେ ଶ୍ରୀଅନ୍ନ ଯୋଜନାରେ ସାଂଘାତିକ କେଳେଙ୍କାରୀ କରାଯାଇଛି। ଚାଷ ନକରି ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କୁ ଭୁଆଁ ବୁଲାଯାଉଛି। ଗତବର୍ଷ କରାଯାଇଥିବା କେଳେଙ୍କାରୀ ଘଟଣା ରହସ୍ୟ ସକାଳ ସାମ୍ନାକୁ ଆଣିଥିବା ବେଳେ ରାଜ୍ୟ ସରକାର ଏହାର ତଦନ୍ତ କରାଇଥିଲେ। ତଥାପି ଜିଲ୍ଲା କୃଷି ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ନଦେଇ ଚଳିତ ବର୍ଷ ପୁଣି ସମାନ ଏନ୍‌ଜିଓକୁ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଛି। ମାଣ୍ଡିଆ ଚାଷ କରୁଥିବା ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଶ୍ରୀ ପ୍ରଣାଳୀରେ ଚାଷ କଲେ ହେକ୍ଟର ପିଛା ପ୍ରଥମ ବର୍ଷ ୧୦ ହଜାର ଟଙ୍କା ସହାୟତା ମିଳୁଛି। ପରବର୍ଷଠାରୁ ଏହି ଚାଷୀଙ୍କୁ ୭ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଉଛି। ଧାଡ଼ି ଅନୁସାରେ ମାଣ୍ଡିଆ ରୋପଣ କଲେ ଚାଷୀଙ୍କୁ ପ୍ରଥମ ବର୍ଷ ହେକ୍ଟର ପିଛା ୭ ହଜାର ୫ ଶହ ଟଙ୍କା ଏବଂ ପରବର୍ଷଠାରୁ ୫ ହଜାର ଟଙ୍କା ସହାୟତା ମିଳୁଛି। ମାଣ୍ଡିଆ ବିକ୍ରି କରିବା ପାଇଁ ସରକାରଙ୍କ ପକ୍ଷରୁ ମଣ୍ଡି ବ୍ୟବସ୍ଥା କରାଯାଇଛି। ନୟାଗଡ଼ ଜିଲ୍ଲାର ୫ଟି ବ୍ଲକରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକାରୀ ହେଉଥିବା ବେଳେ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଗୁଡ଼ିକ କାଗଜପତ୍ର କରି ନକଲି ଚାଷୀ ପ୍ରସ୍ତୁତ କରି ପୁଣି କେଳେଙ୍କାରୀ କରିବାକୁ ଅଣ୍ଟା ଭିଡ଼ିଥିବା ଦେଖାଯାଇଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ନିଗମ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା

**● ଜିଲ୍ଲାରେ ବିଲୁପ୍ତ ହେବ ମାଣ୍ଡିଆ ଚାଷ**
**● ସବ୍‌ସିଡ୍ ଲୁଟ୍ ପାଇଁ ବଡ଼ ଷଡ଼ଯନ୍ତ୍ର**

ବେଳେ ଉକ୍ତ ବ୍ଲକରେ ଚଳିତ ଖରିଫ୍ ଋତୁରେ ୯ ଶହ ଚାଷୀଙ୍କୁ ସାମିଲ କରି ୩ ଶହ ହେକ୍ଟର ମାଣ୍ଡିଆ ଚାଷ କରାଇବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି। ସେହିଭଳି ଭାବେ ନୂଆଗାଁ ବ୍ଲକରେ ହାମସ୍ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ୬ ଶହ ହେକ୍ଟର ଚାଷ ଜମିରେ ୧୨୭୫ ଚାଷୀଙ୍କୁ ସାମିଲ କରିବାକୁ ଟାର୍ଗେଟ ଦିଆଯାଇଛି। ଓଡ଼ଗାଁ ବ୍ଲକରେ ଇ-ଇକୋ ସଲ୍ୟୁସନ୍ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥା ଦାୟିତ୍ୱ ନେଇଥିବା ବେଳେ ଚଳିତ ଖରିଫ୍ ଋତୁରେ ୬ ହେକ୍ଟର ଜମିରେ ୧୫୬୦ ଜଣ ଚାଷୀଙ୍କୁ ସାମିଲ କରିବାକୁ ଟାର୍ଗେଟ ରହିଥିବା ଜଣାପଡ଼ିଛି। ଗଣିଆ ବ୍ଲକରେ ଜିୟୁସି ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ୧୨ ଶହ ଚାଷୀଙ୍କୁ ସାମିଲ କରି ୬ ଶହ ହେକ୍ଟର ଚାଷ କରିବାକୁ ଟାର୍ଗେଟ ରହିଛି। ଦଶପଲ୍ଲା ବ୍ଲକରେ ନିର୍ମାଣ ଏନ୍‌ଜିଓକୁ ଦାୟିତ୍ୱ ଦିଆଯାଇଥିବା ବେଳେ ୧୭ ୯ ୯ ଜଣ ଚାଷୀଙ୍କୁ ନେଇ ୬ ଶହ ହେକ୍ଟର ଜମିରେ ଚାଷ କରିବାକୁ ଲକ୍ଷ ରଖାଯାଇଛି। ଗତବର୍ଷ ଭଳି କାଗଜପତ୍ରରେ ଚାଷୀଙ୍କ ନାଁ ଯୋଡ଼ି ସରକାରଙ୍କ ଅର୍ଥକୁ ବାଟମାରଣା କରିବାକୁ ଏନ୍‌ଜିଓମାନେ ତତ୍ପର ହୋଇଥିବା ଦେଖିବାକୁ ମିଳିଛି। ଗତବର୍ଷ ହୋଇଥିବା କେଳେଙ୍କାରୀକୁ କୃଷି ବିଭାଗ ଘଣ୍ଟ ଘୋଡ଼ାଇବାରେ ସଫଳ ହୋଇଥିବାରୁ ଚଳିତ ବର୍ଷ ମଧ୍ୟ ଏନଜିଓ ଗୁଡ଼ିକ ମାଣ୍ଡିଆ ଲଡୁ ଖାଇ ପାଟି ମିଠା କରିବାକୁ ଯୋଜନା କରିଛନ୍ତି। ଏନଜିଓ ଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନେ ଚାଷୀଙ୍କୁ ଧରି ସରକାରୀ ସବସିଟ୍ ହଡ଼ପ କରିବା ପାଇଁ ଜୋରଦାର ପ୍ରୟାସ ଚଳାଇଥିବା ବେଳେ ମାଣ୍ଡିଆ ଚାଷ ଜିଲ୍ଲାରେ ନଗଣ୍ୟ ବୋଲି ଜଣାପଡ଼ିଛି। କୃଷି ବିଭାଗର କିଛି କର୍ମଚାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଏବଂ ଏନଜିଓ ବ୍ଲକ କୋର୍ଡ଼ିନେଟରଙ୍କ ମଧ୍ୟରେ ଭିତିରିଆ କାରବାର ମାଣ୍ଡିଆ ଚାଷକୁ ବିଲୁପ୍ତ କରିବାରେ ସଫଳ ହେବ ବୋଲି ଆଲୋଚନା ହେଉଛି। ଜିଲ୍ଲାରେ ଟାର୍ଗେଟ ପୂରଣ କରିବାକୁ ବାହାର ଜିଲ୍ଲାରୁ ମାଣ୍ଡିଆ କିଣି ମଣ୍ଡି ପରିଚାଳନା କରାଯାଉଥିବା ବିଗତ ଦିନରେ ଦେଖାଯାଇଛି। ସେହି ପନ୍ଥା ଆପଣାଇବା ପାଇଁ ଚଳିତ ବର୍ଷ ମଧ୍ୟ ଯୋଜନା ରହିଥିବା ଅନୁମାନ କରାଯାଉଛି। ଜିଲ୍ଲାର ୫ଟି ବ୍ଲକରେ ୬୭୭୪ ଚାଷୀ ଚଳିତ ବର୍ଷ ମାଣ୍ଡିଆ ଚାଷ କରିବାକୁ ଟାର୍ଗେଟ ରଖାଯାଇଥିବା ଏହି ତାଲିକା ପ୍ରଦାନ କରିବାକୁ କୃଷି ବିଭାଗ କୁଣ୍ଠୁକୁଣ୍ଠୁ ହେଉଛି। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ଦାଶ ତାଲିକା ହସ୍ତଗତ ହୋଇନଥିବା ସୂଚନା ଦେଇଛନ୍ତି।

■ **ବର୍ଷା ଅଭାବରୁ ବିଲ ଫାଟି ଆଁ**

# ଅଧାରେ ଅଟକିଲା ଚାଷ କାମ



ଭାପୁର, ୫।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ସ୍ୱଳ୍ପ ଓ ଅନିୟମିତ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଏପରିକି ତଳିବିଲରୁ ତଳି ଉପୁଡା ହୋଇପାରୁନାହିଁ। ରୁଆ ହୋଇଥିବା ତଳି ବିଲ ଫାଟି ଆଁ କଲାଣି। ଭାପୁର ବ୍ଲକରେ ଥିବା ୨୦ ପଞ୍ଚାୟତ ଅଞ୍ଚଳରେ ଦୀର୍ଘ ଦୁଇ ସପ୍ତାହ ହେଲା ବର୍ଷା ହୋଇନଥିବାରୁ ବିଲ ଗୁଡିକ ଶୁଖିଗଲାଣି। ଯେଉଁ ଚାଷୀମାନେ ଖରଡି ତଳି ପକାଇଥିଲେ ସେମାନେ ପ୍ରଥମ ଦୁଇ ଅସରା ବର୍ଷା ପରେ ରୁଆ ପୋତା କାର୍ଯ୍ୟ କରି ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ମାତ୍ର ଯେଉଁ ଚାଷୀମାନେ ରଜ ପର୍ବ ବର୍ଷା ପରେ ତଳି ପକାଇଥିଲେ ସେମାନେ ବର୍ତ୍ତମାନ ତଳି ଉପାଡିବା ଓ ପୋତିବା କାର୍ଯ୍ୟ କରିବା କଷ୍ଟକର ହୋଇପଡ଼ିଛି। କେତେକ ପାଣି ମୋଟର ଲଗାଇ ତଳି ଉପାଡିବା ଓ ତଳି ରୋଇବା କାର୍ଯ୍ୟ କରୁଛନ୍ତି। ସବୁଠାରେ ପାଣି ବୁହାଇବା ସୁବିଧା ନ ଥିବାରୁ ଚାଷୀମାନେ ବର୍ଷାକୁ ଚାହିଁ ରହିଛନ୍ତି। ଭାପୁର ଅଞ୍ଚଳରେ ଅଧିକାଂଶ ବିଲ ରୁଆ ହେଉଥିବା ବେଳେ ଯେଉଁ କେତେକ ଚାଷୀ ଧାନ ବୁଣିଛନ୍ତି ସେମାନେ ଧାନ ବେଉଷଣ କରିବା କଷ୍ଟକର ହେଉଛି। ଭାପୁର ବ୍ଲକରେ ନାମକୁ ମାତ୍ର ଜଳସେଚନ ସୁବିଧା ଥିବାରୁ ଅଧିକାଂଶ ଚାଷୀ ଏବେ ପାଣି ଅଭାବରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରାଜ୍ୟ ସରକାର ଭାପୁର ଅଞ୍ଚଳରେ ନୂତନ ଉଠା ଜଳସେଚନ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଇଲେ ଏହାଦ୍ୱାରା ଚାଷୀମାନେ ଉପକୃତ ହୋଇପାରନ୍ତେ।

# ସ୍ତ୍ରୀକୁ ଆକ୍ରମଣ କରି ସ୍ୱାମୀ ଜେଲଗଲା

ଓଡ଼ଗାଁ, ୫।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡାଝୋଲା ଫାଣ୍ଡି ଶିଙ୍ଗାରପଲ୍ଲୀ ପଞ୍ଚାୟତ ଓଡକପା ଗାଁଆଁରେ ଶଶୁର ଘରୁ ଅଧିକ ଯୌତୁକ ଦାବି କରି ମହିଳାକୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସ୍ୱାମୀ ଜଗବନ୍ଧୁ ପ୍ରଧାନକୁ ଓଡ଼ଗାଁ ପୁଲିସ ଆଜି ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରଧାନର ସ୍ତ୍ରୀ ରାଣୀ ଅବସ୍ଥାରେ ଓଡ଼ଗାଁ ଚିକିତ୍ସା ପରେ ହାତିଆଶିଳା ଆସି ରାଣୀକୁ ଘରକୁ ବାରିକଙ୍କ ଅଭିଯୋଗ ଅପରାହ୍ନରେ ସ୍ୱାମୀ ଆଣିବାକୁ କହିଥିଲେ। ସ୍ୱାମୀ ଜଗବନ୍ଧୁ ମୋତେ ତଣ୍ଟିଚିପି ମାରିଦେବାକୁ



ଅଭିଯୁକ୍ତ ସ୍ୱାମୀ ଜଗବନ୍ଧୁ ବାରିକ(୨୦)ଙ୍କୁ ଗୁରୁତର ଡାକ୍ତରଖାନାକୁ ଅଣାଯାଇଥିଲା। ଗ୍ରାମର ବାପଘର ଲୋକେ ନେଇଯାଇଛନ୍ତି। ପୀଡ଼ିତା ରାଣୀ ଅନୁସାରେ ସୋମବାର ଜଗବନ୍ଧୁ ଅଧିକ ଯୌତୁକ ଏଥିରେ ମୁଁ ରାଜି ନହେବାରୁ ବାଡିଆପିଟା କରିବା ସହିତ ଉଦ୍ୟମ କରିଥିଲେ। ଫୋନ୍ କରି ଝିଅକୁ ଆସି ନେଇଯାଅ। ଅନ୍ୟଥା ତାକୁ ମାରିଦେବି ବୋଲି ଶଶୁରଘରକୁ ସ୍ୱାମୀ କହିଥିଲେ। ଖବରପାଇ ବାପଘର ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆଣିଥିଲେ। ଏନେଇ ରାଣୀ ଓଡ଼ଗାଁ ଥାନାରେ ସୋମବାର ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ ୨୩୨/୨୦୨୫ରେ ଏକ ମାମଲା ରୁଜୁ କରି ଆଇଆଇସି ଅଭୟ ବେହେରାଙ୍କ ନିଷ୍ପତ୍ତି କ୍ରମେ ସବ ଇନ୍ସପେକ୍ଟର ଚକ୍ରଧର ସିଂ ତଦନ୍ତ ଅଫିସର ଭାବେ ଘଟଣାସ୍ଥଳରେ ପହଞ୍ଚି ଡାକ୍ତରୀ ରିପୋର୍ଟ, ପାରିପାର୍ଶ୍ୱିକ ଘଟଣାର ଅନୁଧ୍ୟାନ, ସାକ୍ଷୀମାନଙ୍କ ବୟାନ ରେକର୍ଡ କରିଥିଲେ। ଆଜି ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିଲେ।

## ଘର ନିଲାମ ଘଟଣା

# ଗୃହ କର୍ତ୍ତାଙ୍କ ଅନଶନ ୪ର୍ଥ ଦିନରେ

ଓଡ଼ଗାଁ, ୫।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ନିତ୍ୟାନନ୍ଦ ସାହିର ପ୍ରଫୁଲ୍ଲ କୁମାର ସ୍ୱାଇଁ ଋଣ ଫେରସ୍ତରେ ବିଳମ୍ବ ଅର୍ଥାତ୍ ଖିଲାପ କରିବା ଅଭିଯୋଗରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ତାଙ୍କ ଘରକୁ ନିଲାମ କରି ଶନିବାର ଘର ମଧ୍ୟରୁ ସମସ୍ତ ଆସବାବପତ୍ର ବାହାର କରି ଘରକୁ ସିଲ୍ କରିବା ସହିତ ନିଲାମଧାରିଙ୍କୁ ମଡାଣ ଦେଇ ଚାଲିଯାଇଥିଲେ। ଏହାକୁ ବିରୋଧ କରି ସେ ଅନସନ ଆରମ୍ଭ କରିଥିବା ବେଳେ ତାହା ୪ର୍ଥ ଦିନରେ ପହଞ୍ଚିଛି। ଏନେଇ ସ୍ଥାନୀୟ କେତେକ ଜନପ୍ରତିନିଧିଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ଡାକ ବିଭାଗର ଯାନ୍ତ୍ରିକ ତ୍ରୁଟି କାରଣରୁ ପ୍ରଶାସନିକ କ୍ଷେତ୍ରକୁ ଅଭିଯୋଗ ପତ୍ର ପଠାଇବାରେ ବିଳମ୍ବ ହୋଇଛି। ତେବେ ଖରା ବର୍ଷାରେ ଭିନ୍ନକ୍ଷମ ଭଉଣୀ ଓ ଗୃହ କର୍ତ୍ତା ଭାଇ ବାରଣ୍ଡାରେ ସେଇମିତି ଅନସନରେ ବସିରହିଛନ୍ତି। ତେବେ ପ୍ରତ୍ୟେକ ଦିନ ଘଟଣା ସମ୍ପର୍କରେ ବିଭିନ୍ନ ଖବରକାଗଜରେ




ଲେଖାଯାଉଥିଲା ବେଳେ ସ୍ଥାନୀୟ ପ୍ରଶାସନ ଘଟଣା ସମ୍ପର୍କରେ ଅବଗତ ରହି କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ପ୍ରଶାସନ ନିଜ ତରଫରୁ ତୁରନ୍ତ ପ୍ରାରମ୍ଭିକ ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଦାବି

ନୟାଗଡ଼/ନୂଆଗାଁ, ୫।୮ (ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ତହସିଲର ମାଳିସାହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବାରେ ଅହେତୁକ ବିଳମ୍ବ ଘଟୁଥିବାରୁ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ କରିଛନ୍ତି ସିପିଆଇଏମ୍ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ମହାପାତ୍ର। ସରକାରୀ ନିଷ୍ପତ୍ତି ପରେ ମାଳିସାହି ଗ୍ରାମରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ପୂର୍ଣ୍ଣାଙ୍ଗ ଅଫିସ କୋଠା ଦୀର୍ଘ ଦିନ ହେଲା ଗଡ଼ାସରି ତାଲା ପଡ଼ି ରହିଛି। ଅଥଚ ମାଳିସାହି ରେଭେନ୍ୟୁ ସେକ୍ସନ ଏଯାବତ ମହିପୁରଠାରେ ଏକ ସଂକୀର୍ଣ୍ଣ ବଖରାରେ ଦୟନୀୟ ଭାବେ ପରିଚାଳିତ ହେଉଛି। ସମ୍ପୃକ୍ତ ଅଞ୍ଚଳର ହଜାର ହଜାର ହିତାଧିକାରୀ ଅଯଥାରେ ହଇରାଣ ହରକତ ହୋଇ ରାଜସ୍ୱ ସମ୍ପର୍କୀୟ ନାନାଦି କାର୍ଯ୍ୟରେ ଖର୍ଚ୍ଚାନ୍ତ ପୂର୍ବକ ଦୌଡ଼ିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ କରି ମାଳିସାହି ରେଭେନ୍ୟୁ ଅଫିସ କାର୍ଯ୍ୟକ୍ଷମ ନ କଲେ ସାଧାରଣ ଲୋକେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି।

# ବାହାଡ଼ାରେ ଫାଣ୍ଡି ପ୍ରତିଷ୍ଠା ଦାବି

ଖଣ୍ଡପଡ଼ା, ୫।୮ (ସମିସ): ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ବାହାଡ଼ା ବଜାର ବ୍ୟବସାୟିକ ଦୃଷ୍ଟିକୋଣରୁ ଏକ ବୃହତ ବଜାର। ଏହି ବଜାର ଉପରେ ଭାପୁର ଓ ଖଣ୍ଡପଡ଼ା ବ୍ଲକର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ହଜାର ହଜାର ଲୋକ ନିର୍ଭରଶୀଳ। ମାତ୍ର କିଛି ଅସାମାଜିକଙ୍କ ପାଇଁ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବା ସହ ବଜାର ଅଞ୍ଚଳ ଅସୁରକ୍ଷିତ ହୋଇପଡ଼ିଛି। ଆଉ ଏଭଳି ସ୍ଥିତିରେ ସ୍ଥାନୀୟ ବ୍ୟବସାୟୀ ଓ ଏକାଧିକ ପଞ୍ଚାୟତର ଜନପ୍ରତିନିଧି ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଦାବି ଜଣାଇଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ବିଭିନ୍ନ ସମୟରେ ବଜାର ଅଞ୍ଚଳରେ ଘଟୁଥିବା ଘଟଣା ଓ ଦୁର୍ଘଟଣା ଉପରେ ନଜର ରଖିବାକୁ କିଛିଦିନ ପାଇଁ ଫାଣ୍ଡି ଚାଲିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ବଜାର ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥା ଜଗନ୍ନାଥପ୍ରସାଦ ଫାଣ୍ଡି ଏବଂ ଫତେଗଡ଼ ଥାନା ଉପରେ ନ୍ୟସ୍ତ କରାଯାଇଥିଲା। ଆଉ ସେବେଠାରୁ ବିଭିନ୍ନ ସମୟରେ ନାନା ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇ ଆସୁଛି। ବିଶେଷକରି ଏହି ବଜାର ମଧ୍ୟରେ ପଠାଣି ସାମନ୍ତ ମହାବିଦ୍ୟାଳୟ, ରାଷ୍ଟ୍ରାୟତ ବ୍ୟାଙ୍କ, ଏକାଧିକ ସୁନା ଗହଣା ଦୋକାନ ଓ ଶତାଧିକ ବ୍ୟବସାୟିକ ପ୍ରତିଷ୍ଠାନ ଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଯଦି କୌଣସି ଅଘଟଣ ଘଟୁଛି ୧୫ କିମି ଦୂର ଥାନାରୁ ପୁଲିସ ଆସିବା ପୂର୍ବରୁ ଅପରାଧୀ ମାନେ ଖସି ପଳାଉଛନ୍ତି। ବିଗତ ଦିନରେ ବଜାର ଅଞ୍ଚଳରେ ଚୋରି, ରାହାଜାନି, ଦାଦାବଟି ଆଦାୟ, ମହାବିଦ୍ୟାଳୟରେ ଅଣଛାତ୍ର ପ୍ରବେଶ ଭଳି ଅଭାବନୀୟ ଘଟଣା ସବୁ ଘଟିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବଜାର ଅଞ୍ଚଳ ଠାରୁ ମାତ୍ର ୪ କିମି ଦୂରରେ ଖଣ୍ଡପଡ଼ା ଥାନା ରହିଥିବା ବେଳେ ଉକ୍ତ ଅଞ୍ଚଳ ଥାନା ସୀମା ପରିସରରେ ଆସୁନଥିବାରୁ ଲୋକେ ନିରାଶ ହେଉଛନ୍ତି। ଅନ୍ୟପକ୍ଷରେ ବଜାର ଅଞ୍ଚଳରେ ସବୁଠୁ ବଡ ସମସ୍ୟା ହେଉଛି ଟ୍ରାଫିକ ନିୟନ୍ତ୍ରଣ। ଖଣ୍ଡପଡ଼ାରୁ ଫତେଗଡ଼ ପୂର୍ତ୍ତବିଭାଗ ରାସ୍ତା କଡରେ ଅବସ୍ଥିତ ଏହି ବଜାରରେ ବର୍ଷତମାମ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥାଏ। ଏ ସମସ୍ୟା ଦିଗରେ ସ୍ଥାନୀୟ ବିଧାୟକ, ଜିଲ୍ଲା ପୋଲିସ ପ୍ରଶାସନ ସମେତ ସ୍ଥାନୀୟ ପୋଲିସ ଅଧିକାରୀ ଦୃଷ୍ଟି ଦେବା ସହ ଏକ ଫାଣ୍ଡି ପ୍ରତିଷ୍ଠା କରିବା ନିମନ୍ତେ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀ, କଲେଜ ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ଜନପ୍ରତିନିଧି ଦାବି ଜଣାଇଛନ୍ତି।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ଗଣିଆ, ୫।୮ (ସମିସ): ଗଣିଆ ବ୍ଲକ ସଭା ଗୃହରେ ୭୯ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡିଓ ସାଗର କୁମାର ନନ୍ଦ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନର, ଗଣିଆ ଥାନା କର୍ମଚାରୀ, ସହକାରୀ ଯନ୍ତ୍ରୀ କନିଷ୍ଠ ଯନ୍ତ୍ରୀ, ଦମକଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଭୋର ୫ଟାରେ ପ୍ରତ୍ୟେକ ଗ୍ରାମରେ ରାମଧୂନ ଗାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଅନୁଷ୍ଠାନ ଗୁଡିକରେ ୭. ୧୫ରେ, ଗାନ୍ଧୀ ପୀଠରେ ୭. ୩୦ ମିନିଟ ଏବଂ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜେନେରାଲ ପତାକା ଉତ୍ତୋଳନ ୮.୧୫ରେ ହେବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଜେନେରାଲ ପତାକା ଉତ୍ତୋଳନ କରିବାକୁ ସ୍ଥିର କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ୧୧ ତାରିଖରେ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା। ବ୍ଲକ ଶିକ୍ଷା ବିଭାଗ ପ୍ରତିଯୋଗିତାର ସମସ୍ତ ଦାୟିତ୍ୱ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ଅଗଷ୍ଟ ୧୫ ତାରିଖ ଦିନ ପୁରସ୍କାର ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମସ୍ତ ବିଭାଗୀୟ ଅଧିକାରୀ, ମହାବିଦ୍ୟାଳୟ ତଥା ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବିଡ଼ିଓ ନିବେଦନ କରିଥିଲେ। ଗଣିଆ ବଜାର ଗାନ୍ଧୀ ପୀଠର ଉନ୍ନତିକରଣ କରିବାକୁ ମଞ୍ଜୁର ଥିବା ଅର୍ଥ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଡିଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବ୍ଲକ୍ ଗ୍ରାଣ୍ଟ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା

ଗଣିଆ, ୫।୮ (ସମିସ): ରାଜ୍ୟରେ ଶିକ୍ଷକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆବଶ୍ୟକତା ନଥିବା ସ୍ଥାନରେ ମେଞ୍ଚା ମେଞ୍ଚା ଶିକ୍ଷକ ଥିବା ବେଳେ ଆବଶ୍ୟକ ଥିବା ସ୍ଥାନରେ ଶିକ୍ଷକ ସମସ୍ୟା ଦେଖାଦେଇଛି। ଫଳରେ ଛାତ୍ରଛାତ୍ରୀ ପାଠ ପଢ଼ିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଣିଆ ବ୍ଲକ ବେଲପଡ଼ାପାଟଣା ପଞ୍ଚାୟତରେ ଥିବା ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଶିକ୍ଷକ ସମସ୍ୟା ଲାଗି ରହିଛି। ୧୯୯୦ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ୩୫ ବର୍ଷ ଧରି ଚାଲୁ ରହିଥିବା ବେଳେ ସମସ୍ୟା ଏଠାରେ ବନ୍ଦ ହେବାର ନାଁ ଗନ୍ଧ ଧରୁ ନାହିଁ। ଏଠାରେ ୮ମରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ୧୧୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ବେଳେ ଏଠାରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାଁନ୍ତି। ସବୁଠାରୁ ଦୁଃଖ ଏବଂ ପରିତାପର ବିଷୟ ଏଠାରେ ଆବଶ୍ୟକୀୟ ଶିକ୍ଷକ (ଟିଜିଟି ଆର୍ଟସ) ନାହାନ୍ତି। ଫଳରେ ଛାତ୍ର ଛାତ୍ରୀ ମାନେ ଇଂରାଜୀ, ଓଡିଆ ଆଦି ବିଷୟ ପଢ଼ିବାରେ ଅସୁବିଧା ଭୋଗୁଛନ୍ତି। ଶିକ୍ଷା ବିଭାଗ ନୂଆ ଶିକ୍ଷାନୀତି ପ୍ରଣୟନ କରୁଥିବାବେଳେ ଶିକ୍ଷକ ସମସ୍ୟା ସୁଧୁରିବାର ପ୍ରଚେଷ୍ଟା କରୁନାହାନ୍ତି। ସମାନ କାମକୁ ସମାନ ଦରମା ଦାବି କରି କରି ହଜାର ହଜାର ବ୍ଲକଗ୍ରାଣ୍ଟ ଶିକ୍ଷକ ଚାକିରିରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ସରକାର ସେମାନଙ୍କୁ ସାବତ ପୁଅ ଭଳି ବ୍ୟବହାର କରୁଛନ୍ତି। କିନ୍ତୁ ଯାହା ଫଳରେ ଅନେକ ଛାତ୍ର ଛାତ୍ରୀ ପ୍ରକୃତ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷକ ନଥିବାରୁ ଛାତ୍ର ଛାତ୍ରୀ କିଭଳି ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ଦେବେ ସେ ନେଇ ଚିନ୍ତାରେ ଅଛନ୍ତି। ଉକ୍ତ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ନଥିବାରୁ ଅନେକ ଅସୁବିଧା ଦେଖା ଦେଉଛି। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଗେଷ୍ଟ ଶିକ୍ଷକ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

# ଅସୁସ୍ଥତା ଯୋଗୁଁ ବ୍ଲକ୍ ଅଧ୍ୟକ୍ଷା ଛୁଟିରେ

ଭାପୁର, ୫।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଶାରୀରିକ ଅସୁସ୍ଥତା ଯୋଗୁଁ ଏକ ମାସ ପର୍ଯ୍ୟନ୍ତ ଛୁଟିରେ ରହିଛନ୍ତି। ତାଙ୍କ ଅନୁପସ୍ଥିତିରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଅଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି। ଗତ ବର୍ଷ ସାବିତ୍ରୀ ପ୍ରଧାନଙ୍କ ନାକରେ ଏକ ଅସ୍ତ୍ରୋପଚାର ହୋଇଥିଲା। ମାତ୍ର ତାହା ଶତପ୍ରତିଶତ ସଫଳ ହୋଇନଥିବାରୁ ବର୍ତ୍ତମାନ ଆଉ ଏକ ଅପରେସନ ଆବଶ୍ୟକ ପଡୁଛି। ତେଣୁ ସେ ପୁନର୍ବାର ଅସ୍ତ୍ରୋପଚାର ପାଇଁ ଛୁଟିରେ ରହିଛନ୍ତି। ପଞ୍ଚାୟତ ରାଜ ଆଇନ ଅନୁସାରେ ଅଧ୍ୟକ୍ଷ ଅଧିକ ଦିନ ଛୁଟିରେ ରହିଲେ ଜିଲ୍ଲା ପ୍ରଶାସନ ଅନୁମୋଦନରେ ଉପାଧ୍ୟକ୍ଷ ତାଙ୍କ ଦାୟିତ୍ୱ ତୁଲାଇବେ।

# ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ଝୁଲଣ ଯାତ୍ରା

ଓଡ଼ଗାଁ, ୫।୮ (ସମିସ): ଶ୍ରାବଣ ଶୁକ୍ଳ ପୁତ୍ରଦା ଏକାଦଶୀ ତିଥି ମଙ୍ଗଳବାର ଠାରୁ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜେ ଶ୍ରୀରଘୁନାଥଜିଉଙ୍କ ପୀଠରେ ଝୁଲଣ ଯାତ୍ର ଆରମ୍ଭ ହୋଇଥିବା ବେଳେ ଏହା ପୂର୍ଣ୍ଣମୀ ତିଥିରେ ଉଦ୍‌ଯାପିତ ହେବ। ଏଥିସହିତ ଅଞ୍ଚଳର ଅନ୍ୟାନ୍ୟ ବିଷ୍ଣୁ ମନ୍ଦିର ଓ ମଠ ମାନଙ୍କରେ ମଧ୍ୟ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ପାଇଁ ମନ୍ଦିରର



ଦକ୍ଷିଣ ଦ୍ୱାରରେ ଥିବା ଝୁଲଣ ମଣ୍ଡପ ଉପରେ ସ୍ୱତନ୍ତ୍ର ଭାବରେ ଏକ ଚଉଦୋଳକୁ ଜରି ଜମ୍ଭୁରା ଓ ପାଟକନାରେ ଆଚ୍ଛାଦିତ କରି ଝୁଲାଇ ରଖା ଯାଇଛି। ଶ୍ରୀଜିଉଙ୍କ ଏକାଦଶୀ ନୀତି ଓ ବେଢ଼ା ପରିକ୍ରମା ସରିବା ପରେ ଶ୍ରୀ ରଘୁନାଥ ଜିଉ ଓ ମାତା ସୀତାଙ୍କ ବିଜେ ପ୍ରତିମାଙ୍କୁ ଘଣ୍ଟା, ଘଣ୍ଟି, ମୃଦଙ୍ଗ, କାହାଳୀ, ଛତୀ, ତ୍ରାସ ଓ ଚାମର, ମଶାଲ ଧରି ଝୁଲଣ ମଣ୍ଡପ ଠାରେ ସୁସଜ୍ଜିତ ଝୁଲଣକୁ ବିଜେ ହୋଇଥିଲେ। ପ୍ରଭୁଙ୍କ ଝୁଲଣ ଯାତ୍ରା ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥି ସହିତ ଓଡ଼ଗାଁ ରାଧାକାନ୍ତ ମଠରେ ଶ୍ରୀ ରାଧାକୃଷ୍ଣଙ୍କୁ ସଜ୍ଜିତ କରି ପଟୁଆରରେ ଝୁଲଣବେଦିକୁ ବିଜେ କରାଯାଇଥିବା ବେଳେ ଗୀତ ଗୋବିନ୍ଦ ଓ ଭଜନ କୀର୍ତ୍ତନ କରାଯାଇଥିଲା। ସେହିପରି ଓଡ଼ଗାଁ ବ୍ଲକ ଅଞ୍ଚଳ ମନ୍ଦିର ମାଳିନି କୁରାଳ ଗ୍ରାମରେ ଅବସ୍ଥିତ ଶ୍ରୀଦଧିବାମନଜିଉ, ରଘୁନାଥ ଜିଉ, ଭାଗବତ ଜିଉ, ସତ୍ୟନାରାୟଣ ଜିଉ, ଗୋପୀନାଥ ଜିଉ ଓ ରାଧାକାନ୍ତ ମଠରେ ଝୁଲଣ ଯାତ୍ରା ମହା ସମାରୋହରେ ପାଳିତ ହୋଇଛି।

# ପୁଷ୍ଟି ଯୋଜନା ପାଇଁ ଯିବାକୁ ପଡୁଛି ୩ କିଲୋମିଟର

ଗଣିଆ, ୫।୮ (ସମିସ)

୧୫ ରୁ ୧୯ ବର୍ଷ କିଶୋରୀ ବାଳିକାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଉଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରିତା ହୋଇଥିବା ଏହି ଯୋଜନାରେ କିଶୋରୀ ବାଳିକାଙ୍କୁ ଭବିଷ୍ୟତରେ ଯେଭଳି ଅପପୁଷ୍ଟି ଜନିତ ବା ପୁଷ୍ଟିକର ଖାଦ୍ୟ ଜନିତ କୌଣସି ରୋଗ ବା ସମସ୍ୟା ସୃଷ୍ଟି ନ ହେଉ ସେଥିପାଇଁ ମାସକୁ ଥରେ ଅଣ୍ଡା, ମୁଢ଼ି, ବୁଟ ଆଦି ପ୍ରଦାନ କରାଯାଉଛି। ସରକାରଙ୍କ ଏଭଳି ଯୋଜନା ଦ୍ୱାରା ଗାଁ ଗହଳିର କିଶୋରୀ ବାଳିକାମାନେ ବେଶ ଖୁସି ହୋଇଥିବା ବେଳେ ସରକାରଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ସ୍ତରରେ ସ୍ୱାଗତ କରିଛନ୍ତି। ତେବେ ଗଣିଆ ବ୍ଲକରେ ଜଣେ କିଶୋରୀ ବାଳିକା ଏହି ଯୋଜନାରେ ଖାଦ୍ୟ ସାମଗ୍ରୀ ପାଇବାକୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୂଆଁମଡ଼ା ଗ୍ରାମର ଜ୍ଞାନରଞ୍ଜନ ସାହୁଙ୍କ ଝିଅ ଗାୟତ୍ରୀ ସାହୁଙ୍କ ନିଜ ଗ୍ରାମ ଧୂଆଁମଡ଼ା ହୋଇଥିବା ବେଳେ ତାଙ୍କୁ ଉପରହଦପଶି ଯିବାକୁ ପଡୁଛି। ଧୂଆଁମଡାରେ ଉକ୍ତ ଯୋଜନାରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଥିବା ବେଳେ ତାଙ୍କୁ ଉପରହଦପଶି ସେଣ୍ଟରରୁ ଖାଦ୍ୟ ମିଳୁଛି। ସେ ପ୍ରଥମରୁ ଏନେଇ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁନାହାଁନ୍ତି। ଫଳରେ ତାଙ୍କୁ ୩ କିଲୋମିଟର ଉପରହଦପଶି ଯିବାକୁ ପଡୁଛି। ଯାହା ଫଳରେ ସେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୂଆଁମଡାଠାରୁ ଉପରହଦପଶି ରାସ୍ତା ଖୋର୍ଦ୍ଧା-ବଲାଙ୍ଗିର ରାଜ୍ୟ ରାଜପଥ ସହିତ ସଂଯୋଗ ହୋଇଥିବାରୁ ପ୍ରତିଦିନ ଶହ ଶହ ଗାଡ଼ି ମୋଟର ଯିବାଆସିବା କରୁଛି। ଯଦି ସେ ରାସ୍ତା ଦେଇ ଯିବାବେଳେ ଗାୟତ୍ରୀଙ୍କର କିଛି ବି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପରିବାର ତରଫରୁ ଅଭିଯୋଗ କରାଯାଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଗାୟତ୍ରୀଙ୍କୁ ତାଙ୍କ ନିଜ ସେଣ୍ଟର ଧୂଆଁମଡାରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ସିଡିପିଓ ଉଷାରାଣୀ ସାହୁଙ୍କୁ ପଚାରିବାରୁ ସେ ଛୁଟିରେ ଥିବା କଥା କହିବା ସହିତ ତୁରନ୍ତ ଉକ୍ତ ସେଣ୍ଟର ଦାୟିତ୍ୱରେ ଥିବା ସୁପରଭାଇଜରଙ୍କ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ପରିବହନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର

# ବର୍ଷେ ପରେ ବି ରାଜଧାନୀକୁ ଗଡ଼ିଲାନି ବସ୍

ଗୋଷାଣି, ୫।୮ (ସମିସ)



ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମବାସୀ ଗତ ବର୍ଷ ଅଗଷ୍ଟ ୫ ତାରିଖରେ ନିଜ ଗ୍ରାମକୁ ଗମନାଗମନର ସୁବିଧା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗର ବର୍ଷକ ପରେ ମଧ୍ୟ ଗ୍ରାମବାସୀ ଜଣାଇଥିବା ସମସ୍ୟାର ସମାଧାନ ହୋଇନାହିଁ। ଯଦି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଭିଯୋଗ ଶୁଣିବା ପରେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ ଲୋକେ ଯିବେ କୁଆଡ଼େ ବୋଲି ଆଲୋଚନା ହେଉଛି।

ସୂଚନା ଯୋଗ୍ୟ ଯେ, ଗୁରାଣ୍ଡି ଗ୍ରାମ ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ। କିନ୍ତୁ ସ୍ୱାଧୀନତା ପରେ ଏହି ଗ୍ରାମରୁ ରାଜଧାନୀ ଭୁବନେଶ୍ୱରକୁ ସିଧାସଳଖ ସରକାରୀ କିମ୍ବା ଘରୋଇ ଯାତ୍ରୀବାହୀ ବସ୍ ଚଳାଚଳ ସମ୍ଭବ ହୋଇନାହିଁ। ଏଥିପାଇଁ ବହୁବାର ଦାବି କରି ଲୋକେ ନୟାନ୍ତ ହୋଇଛନ୍ତି। ପାରଳାଖେମୁଣ୍ଡିରୁ ଯାଉଥିବା ଭୁବନେଶ୍ୱର ବସ୍‌କୁ ଗୁରାଣ୍ଡି କିମ୍ବା ଗୋଷାଣି ଦେଇ ଚଳାଚଳ କରିବାକୁ ଦାବି କରିଥିଲେ ମଧ୍ୟ ଗ୍ରାମବାସୀଙ୍କୁ ସୁଫଳ ମିଳିନାହିଁ। ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚର ଏକ

- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ହୋଇଥିଲା ଅଭିଯୋଗ
- ସଞ୍ଜ ନଇଁଲେ ସଦରମହକୁମାକୁ ବି ଯାଇହେଉନି

ଦଳ ସମସ୍ୟା ନେଇ ଗତବର୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ଦଳ ପହଞ୍ଚି ଗମନାଗମନ ବ୍ୟବସ୍ଥା କରିବାକୁ ଗୁହାରି କରିଥିଲେ। ସେହି ସମୟରେ ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚର ପ୍ରଶାନ୍ତ କୁମାର ସାମଲଙ୍କ ନେତୃତ୍ୱରେ ମଞ୍ଚର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଅଭିଯୋଗ କରିଥିଲେ। ଏନେଇ ସେତେବେଳେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ମଧ୍ୟ ଭେଟି ଗୁରାଣ୍ଡି ଗ୍ରାମ ଠାରୁ କିମ୍ବା ଏହି ଗ୍ରାମ ଦେଇ ରାଜଧାନୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ନବରଙ୍ଗପୁର, ଜୟପୁର, କୋରାପୁଟ ଆଦିକୁ ବସ୍ ଚଳାଚଳ ପାଇଁ ନିବେଦନ କରିଥିଲେ। ପରିବହନ ମନ୍ତ୍ରୀ ଶ୍ରୀ ଜେନା ଏନେଇ ତୁରନ୍ତ ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ପ୍ରଥମେ ଭୁବନେଶ୍ୱର ଓ ନବରଙ୍ଗପୁର ପର୍ଯ୍ୟନ୍ତ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ହେଲେ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇଛି।

କାରଣ ବର୍ଷେ ପରେ ବି ସମସ୍ୟାର ସମାଧାନ ହୋଇପାରିନାହିଁ। କେବଳ ଗୁରାଣ୍ଡି ଗ୍ରାମ ନୁହେଁ ଆଖପାଖରେ ମଧ୍ୟ ବଡ଼ ଜନବହୁଳ ଗ୍ରାମ ରହିଛି। ସେମାନେ ମଧ୍ୟ ଦୈନନ୍ଦିନ ବିଭିନ୍ନ କାମ କିମ୍ବା ଉଚ୍ଚ ଚିକିତ୍ସା, ଉଚ୍ଚ ଶିକ୍ଷା ଆଦି ନିମନ୍ତେ ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଆନ୍ଧ୍ରର ବିଶାଖାପାଟଣା ଆଦିକୁ ଯାତାୟତ କରୁଛନ୍ତି। ଏପରି ସ୍ଥଳେ ସିଧାସଳଖ ବସ୍ ନଥିବାରୁ ବିଭିନ୍ନ ଷ୍ଟପେଜ୍‌କୁ ଯାଇ ବସ୍ ଧରିବାକୁ ପଡୁଛି। ଏଥିଯୋଗୁ ସମୟ ଅପଚୟ ସହ ଲୋକ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏପରିକି ଏହି ଗ୍ରାମାଞ୍ଚଳକୁ ସନ୍ଧ୍ୟା ହେଲେ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିକୁ ଗମନାଗମନର ସୁବିଧା ନାହିଁ। ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଜୟପୁର କିମ୍ବା ବିଶାଖାପାଟଣାକୁ ବସ୍ ସେବା ଯୋଗାଇ ଦିଆଗଲେ ଗୁରାଣ୍ଡି ଗ୍ରାମ ବ୍ୟତୀତ ତାଟିପାଟି, ଭୁଷୁକୁଡି, ଗୋଷାଣି, ଜଙ୍ଗଲପାଡୁ, ଗାରାବନ୍ଧ ଓ ଲାବାଣ୍ୟଗଡ ଆଦି ଗ୍ରାମାଞ୍ଚଳର ଲୋକେ ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

## ପ୍ରଣୀତା ଦାସ ବାଲିଗୁଡ଼ା ନୂତନ ଉପଜିଲ୍ଲାପାଳ

ବାଲିଗୁଡ଼ା, ୫।୮ (ସମିସ): ବାଲିଗୁଡା ଉପଖଣ୍ଡର ନୂତନ ଉପଜିଲ୍ଲାପାଳ ଭାବେ ପ୍ରଣୀତା ଦାସ ସୋମବାର ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଭିନ୍ନ ବିଭାଗୀୟ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ସେ ଟିକାବାଲି ବ୍ଲକରେ ପୂର୍ବ ନିର୍ଦ୍ଧାରିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଯୋଗ ଦେବା ସହ ଟିକାବାଲି, ଜି.ଉଦୟଗିରି ଓ ଚକାପାଦ ବ୍ଲକ ଅଞ୍ଚଳ ପରିଦର୍ଶନ କରିଥିଲେ। ବାଲିଗୁଡା ଅଞ୍ଚର ବହୁ ସରକାରୀ କର୍ମଚାରୀ, ବିଭିନ୍ନ କମିଟି ସଦସ୍ୟ ଓ ସାମ୍ବାଦିକ ଉପଜିଲ୍ଲାପାଳଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। କାର୍ଯ୍ୟରେ ଯୋଗ ଦେଉ ଦେଉ ସେ ଅଞ୍ଚଳରେ ଜାରି ରହିଥିବା ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ବୁଝିବା ସହ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକଙ୍କ ଅଭିଯୋଗ ଶୁଣି ପଦକ୍ଷେପ ନେବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ୨୦୨୨ରେ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ୪୨ ର୍‍ୟାଙ୍କ ରଖି ଓଡ଼ିଶାରେ ଟପ୍ପର ହୋଇଥିଲେ। ଟ୍ରେନିଂ ନେବା ପରେ କିଛିଦିନ ପାଇଁ ଗଞ୍ଜାମ ସୋରଡ଼ାରେ ପ୍ରୋବେସନ ଭାବେ କାର୍ଯ୍ୟ କରିଥିଲେ। ଏବେ ମସୁରି ସ୍ଥିତ ଆଇଏଏସ୍ ଟ୍ରେନିଂ ଇନଷ୍ଟିଚ୍ୟୁଟରୁ ଟ୍ରେନିଂ ସାରି ବାଲିଗୁଡା ଉପଜିଲ୍ଲାପାଳ ଭାବେ ନିଯୁକ୍ତ ହୋଇଛନ୍ତି। ବାଲିଗୁଡା ଉପଖଣ୍ଡର ୯ ବ୍ଲକ ଓ ୨ ଏନଏସିର ସର୍ବାଙ୍ଗୀନ ଉନ୍ନତି ସାଙ୍ଗକୁ ସରକାରଙ୍କ ଜନହିତକର ଯୋଜନାର ସଫଳ ରୂପାୟନ ଲାଗି ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି। ପ୍ରକାଶ ଯେ, ପୂର୍ବତନ ଉପଜିଲ୍ଲାପାଳ ଡ. ରୀନା ପ୍ରଧାନଙ୍କ କେଉଁଝର ଜିଲ୍ଲାକୁ ବଦଳି ହୋଇଛି।



## ବଜ୍ରପାତରେ ୮ ଛେଳି ମୃତ; ଚରାଳି ଆହତ

ଫିରିଙ୍ଗିଆ, ୫।୮ (ସମିସ): ଫିରିଙ୍ଗିଆ ବ୍ଲକ ଖଜୁରୀପଡା ଗାଁ ନିକଟରେ ବଜ୍ରପାତରେ ୮ ଛେଳିଙ୍କ ମୃତ୍ୟୁ ହୋଇଥିବା ବେଳେ ଛେଳି ଚରାଳି ଆହତ ହୋଇଥିବା ଜଣାପଡିଛି। ଆଜି ଫିରିଙ୍ଗିଆ ଅଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଖଜୁରିପଡ଼ା ଅଞ୍ଚଳର ଜଣେ ଯୁବକ ଛେଳି ଗୋଠ ନେଇ ଯାଇଥିବା ବେଳେ ପ୍ରବଳ ବର୍ଷାରେ ଗୋଠରୁ କିଛି ଛେଳି ବାଉଁଶ ଗଛ ତଳେ ରହିଥିଲେ। ଚାରାଳି ଖଜୁରିପଡାର ଈଶ୍ୱର ଚନ୍ଦ୍ର କହଁର ବର୍ଷାରେ ଧାଇଁ ଧାଇଁ ଯାଉଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଏଥିରେ ଛେଳିଙ୍କ ମୃତ୍ୟୁ ହୋଇଥିବା ବେଳେ ଈଶ୍ୱର ଆହତ ହୋଇଥିଲେ। ତାଙ୍କୁ ଫିରିଙ୍ଗିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ୮ ଛେଳି ମଧ୍ୟରୁ ଖଜୁରିପଡା ଗାଁର ସାରଳା କହଁର, ରମାକାନ୍ତ କହଁର, କସମତି ବିନ୍ଧାଣି ଏବଂ ବାଙ୍ଗର କହଁରଙ୍କ ଦୁଇଟି ଲେଖାଏଁ ଛେଳି ଥିବା ଜଣାପଡିଛି। ସମସ୍ତ କ୍ଷତିଗ୍ରସ୍ତ ଛେଳି ଚାଷୀ ସହାୟତା ଦାବି କରି ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ ଓ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରିୟରଞ୍ଜନ ମିଶ୍ରଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଶ୍ରୀ ମିଶ୍ରଙ୍କୁ ଏସମ୍ପର୍କରେ ପଚାରିବାରୁ ଘଟଣା ସ୍ଥଳକୁ ଯାଇ ଦେଖିବା ପରେ ତହସିଲଦାରଙ୍କ ସହ ଯୋଗାଯୋଗ କରି ସହାୟତା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



## ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ



ବାଲିଗୁଡ଼ା, ୫।୮ (ସମିସ): ଦାରିଙ୍ଗବାଡ଼ି ଅନ୍ତର୍ଗତ ମାହାଡ଼ଗାଣ୍ଡା ଅଙ୍ଗନବାଡ଼ି କେନ୍ଦ୍ରରେ ଅଙ୍ଗନବାଡ଼ି କର୍ମୀଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ତାଲା ପକାଇଲେ ଅଞ୍ଚଳବାସୀ। ମାହାଡ଼ଗାଣ୍ଡା ଅଙ୍ଗନବାଡ଼ି କର୍ମୀ ମା' ଓ ଶିଶୁଙ୍କୁ ପୋଷଣ ସାମଗ୍ରୀ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ ଅଙ୍ଗନବାଡ଼ିକୁ ଆସୁଥିବା ଭଲ ଚାଉଳକୁ ବିକ୍ରି କରିଦେଇ କେନ୍ଦ୍ରରେ ଶିଶୁଙ୍କୁ ପୋକଡ଼ା ଚାଉଳର ଭାତ ଦେଉଥିବା ଏବଂ ଗୋଟିଏ ଅଣ୍ଡାକୁ ଦୁଇ ଫାଳ କରି ଗୋଟିଏ ଫାଳ ଦେବା ସହ ନିମ୍ନ ମାନର ଛତୁଆ ଦେଉଥିବା ଅଭିଯୋଗ ମଧ୍ୟ କରିଛନ୍ତି ଅଞ୍ଚଳବାସୀ। ସରକାର ପ୍ରଦାନ କରୁଥିବା ଗ୍ୟାସରେ ରୋଷେଇ ନକରି କାଠରେ ରୋଷେଇ କରୁଥିବା ମଧ୍ୟ ଅଭିଯୋଗ କରାଯାଇଛି। ଏ ନେଇ ମଙ୍ଗଳବାର ହାତରେ ପୋକରା ଚାଉଳ ଓ ଛତୁଆ ଧରି ଏକ ଲିଖିତ ଅଭିଯୋଗ ନେଇ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହ ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମାହାଡ଼ଗାଣ୍ଡା ଗ୍ରାମବାସୀ।

## ଜି.ଉଦୟଗିରିରେ ଘନ କୁହୁଡ଼ି

ଜି.ଉଦୟଗିରି, ୫।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ଆଜି ଘନ କୁହୁଡି ଦେଖିବାକୁ ମିଳିଥିଲା। ଏଥିଯୋଗୁଁ ସକାଳେ ଯାନବାହାନ ଚଳାଚଳରେ ସମସ୍ୟା ହୋଇଥିଲା। ବିଶେଷ କରି ଘାଟି ରାସ୍ତାରେ ଯାତାୟାତରେ ସମସ୍ୟା ହୋଇଥିବା ବେଳେ ନୂଆ ଚାଳକଙ୍କ ପାଇଁ ବଡ଼ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଭଳି ସ୍ଥିତିରେ ସତର୍କତାର ସହିତ ଗାଡି ଚଳାଇବାକୁ ପରାମର୍ଶ ଦିଆଯାଇଛି। ଖେଳାଳି ତଥା ପ୍ରାତଃ ଭ୍ରମଣ କରୁଥିବା ଲୋକେ ଖୁସିରେ ବ୍ୟାୟମ କରୁଥିବା ଦେଖା ଯାଇଯାଇଥିଲା।



● ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

## ସରକାରୀ ବସ୍‌କୁ ଅଟକାଇ ଗଣ୍ଡଗୋଳ

ଗୋଷାଣି, ୫।୮ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଜଙ୍ଗଲପାଡୁ ଗ୍ରାମ ନିକଟରେ ଜଣେ ମଦ୍ୟପ ଯୁବକ ସରକାରୀ ବସ୍‌କୁ ଦୁଇ ଦୁଇ ଥର ଅଟକାଇ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି। ମଦପ୍ୟଙ୍କ ଏପରି ଗଣ୍ଡଗୋଳ ଯୋଗୁ ବସ୍ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା। ଏଥିରେ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ପାରଳାଖେମୁଣ୍ଡି ଠାରୁ ରମ୍ଭା ଯାଉଥିବା ସରକାରୀ ବସ୍‌କୁ ଜଙ୍ଗଲପାଡୁ ଗ୍ରାମର ୱାଇ. କାର୍ତ୍ତିକ ନାମକ ଜଣେ ଯୁବକ ମଦ୍ୟପାନ କରି ପ୍ରଥମେ ଜଙ୍ଗଲପାଡୁ ଗ୍ରାମ ନିକଟସ୍ଥ ଠାକୁରାଣି ମନ୍ଦିର ନିକଟରେ ଅଟକାଇ ପାଟିତୁଣ୍ଡ କରିଥିଲେ। ଏହାପରେ ବସ୍ ଜଙ୍ଗଲପାଡୁ ଗ୍ରାମର ମୁଖ୍ୟଛକରେ ପହଞ୍ଚିବା ପରେ ପୁଣି ବସ୍‌କୁ ଅଟକାଇ ଗାଳିଗୁଲଜ କରି ଗଣ୍ଡଗୋଳ କରିଥିଲେ। ଏଥିରେ ବସ୍ କର୍ମଚାରୀଙ୍କ ସମେତ ଯାତ୍ରୀ ଭୟଭୀତ ହୋଇପଡ଼ିଥିଲେ। ଏସମ୍ପର୍କରେ ଗୁରାଣ୍ଡି ପୁଲିସ୍‌କୁ ଖବର ଦିଆଯାଇଥିଲା। ପୁଲିସ ପହଞ୍ଚି ମଦ୍ୟପ ଯୁବକକୁ କାବୁ କରି ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଛି। ଜଣେ ମହିଳା ଯାତ୍ରୀ କହିଛନ୍ତି ଜଙ୍ଗଲପାଡୁ ଗ୍ରାମର ମୁଖ୍ୟଛକ ନିକଟରେ ସେ ସରକାରୀ ବସ୍‌କୁ ଅପେକ୍ଷା କରିଥିବା ସମୟରେ କାର୍ତ୍ତିକ ସ୍କୁଟିରେ ଆସି ତାଙ୍କୁ ୫ଟଙ୍କିଆ ବସ୍‌ରେ ଯାଅନାହିଁ ବୋଲି କହି ଧକ୍କା ଦେଇଥିଲେ। ସେହିପରି ଅନ୍ୟଜଣେ ଯାତ୍ରୀ କହିଛନ୍ତି ଜଙ୍ଗଲପାଡୁ ଗ୍ରାମ ପୂର୍ବରୁ ଥିବା ଠାକୁରାଣୀ ମନ୍ଦିର ନିକଟରେ ଦୁଇରୁ ଚାରି ଯୁବକ ଆସି ବସ୍‌କୁ ଅଟକାଇ ବସ୍ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ମୁଖ୍ୟଛକରେ ପୁଣିଥରେ ଅଟକାଇ ହୋହାଲ୍ଲା କରିଥିଲେ। ବସ୍ କର୍ମଚାରୀ କହିଛନ୍ତି ଯୁବକ ଜଣକ ୧୫ ଦିନ ପୂର୍ବେ ହର୍ଣ୍ଣ ବଜାଇବାକୁ ନେଇ ପାଟିତୁଣ୍ଡ କରିଥିଲା। ଆଜି ବିନା କାରଣରେ ଆସି ଦୁଇ ଦୁଇ ଥର ବସକୁ ଅଟକାଇ ଗାଳିଗୁଲଜ କରିଥିଲେ। ଏହି ଘଟଣାକୁ ନେଇ ଗୁରାଣ୍ଡି ଥାନାରେ ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍‌ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।



## ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ମୋହନା, ୫।୮ (ସମିସ): ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରଧାନଆଚାର୍ଯ୍ୟା ଆରତୀ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ମେଳାରେ ମୁଖ୍ୟଅତିଥି ଭାବେ ପରିଚାଳନା ସମିତି କୋଷାଧ୍ୟକ୍ଷ ବୃନ୍ଦାବନ ଶାନ୍ତରା ଉଦଘାଟନ କରିଥିଲେ। ଉପଦେଷ୍ଟା ମଧୁସୂଦନ ପାଢ଼ୀ ଯୋଗଦେଇ ଜ୍ଞାନବିଜ୍ଞାନ ମେଳାର ଆବଶ୍ୟକତା ଉପରେ କହିଥିଲେ। ଏହି ମେଳାରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବେଳେ ବୈଦିକ ଗଣିତ ପ୍ରଶ୍ନମଞ୍ଚ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ହିଲଟପ କଲେଜ ଅଧ୍ୟାପକ ଏସ. ରମେଶ, ଉପଦେଷ୍ଟା ବାବୁଲା ସେଠୀ ଓ ବିନତି ବାଡତ୍ୟା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମାତୃ ଭାରତୀ ସଭାନେତ୍ରୀ ଉଷାରାଣୀ ନାୟକ, ମାତୃ ଭାରତୀ ସଦସ୍ୟା, ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ। ଏହି ମେଳରେ ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଆଗାମୀ ୧୦ ତାରିଖ ଦିନ ବାଲିପଡ଼ା ରେ ଆୟୋଜିତ ହେବାକୁଥିବା ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।



## ମୋହନା ପ୍ରେସ୍‌କ୍ଲବ୍‌ର ଚାରାରୋପଣ



ମୋହନା, ୫।୮ (ସମିସ): ମୋହନା ପ୍ରେସ୍ କ୍ଲବ୍ ପକ୍ଷରୁ ଖଣି ଏସ୍‌ଏସ୍‌ଡ଼ି ହାଇସ୍କୁଲରେ ଚାରାରୋପଣ କରାଯାଇଛି। ପ୍ରଧାନଶିକ୍ଷକ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଓ ପ୍ରେସ୍ କ୍ଲବ୍ ସମ୍ପାଦକ ବାବୁଲା ସେଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ମଧୁସୂଦନ ପାଢ଼ୀ, ସମ୍ମାନୀତ ଅତିଥି ମୋହନା ଏସଏସ୍‌ଡ଼ି ହାଇସ୍କୁଲ ପ୍ରଧାନଶିକ୍ଷକ ସତ୍ୟରଞ୍ଜନ କର, ଶିକ୍ଷକ ପ୍ରମୋଦ ସ୍ୱାଇଁ, ସମାଜସେବୀ ରାଜେନ୍ଦ୍ର ଦୋରା, ଆଇନଜୀବୀ ଦୁର୍ଯ୍ୟୋଧନ କରଡ଼ା, ବନପାଳ ଲକ୍ଷ୍ମୀକାନ୍ତ ପାତ୍ର ଓ ବନରକ୍ଷୀ ଗାୟତ୍ରୀ ପ୍ରଧାନ ଯୋଗ ଦେଇଥିଲେ। ଚାରାରୋପଣର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଅତିଥି ମାନେ କହିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଅତିଥି ଓ ଛାତ୍ରଛାତ୍ରୀ ଚାରାରୋପଣ କରିଥିଲେ। ଶେଷରେ ପ୍ରେସ କ୍ଲବ ସଭାପତି ଲକ୍ଷ୍ମଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଖଣି ହାଇସ୍କୁଲ ଶିକ୍ଷୟିତ୍ରୀ ସୁଚରିକା ନାୟକ, ମମତା ମହାକୁଡ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ମୋହନା ପ୍ରେସ କ୍ଲବ ଉପଦେଷ୍ଟା ପଞ୍ଚାନନ ଦାସ, ଉପସଭାପତି ନୃସିଂହ ନାଥ ପୂଜାରୀ, କୋଷାଧ୍ୟକ୍ଷ ବିମଳ ମଲିକ, ସାମ୍ବାଦିକ ପ୍ରମୋଦ ଦୋରା, ମନ୍ମଥ ମିଶ୍ର ଓ ଧୀରେନ୍ଦ୍ର ନାୟକ ଉପସ୍ଥିତ ଥିଲେ।

## ପଦାସାହି ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ



ଜି.ଉଦୟଗିରି, ୫।୮ (ସମିସ): ଜି.ଉଦୟଗିରି ପଦାସାହି ନିକଟ କକଟି ପାହାଡ଼ରେ ପ୍ରଭୁ ଶ୍ରୀରାମ ଦୀର୍ଘବର୍ଷ ହେଲା ଅସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି। ପରିଚାଳନା କମିଟି ତରଫରୁ ଦିବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ପ୍ରଚେଷ୍ଟା ଜାରି ରହିଥିବା ବେଳେ ଆଜି ଆରମ୍ଭ ହୋଇଛି ନିର୍ମାଣ କାର୍ଯ୍ୟ। ପରିଚାଳନା କମିଟି ସଦସ୍ୟ ଓ ମନ୍ଦିର ନିର୍ମାଣ ମିସ୍ତ୍ରିଙ୍କ ଉପସ୍ଥିତରେ ପୁନାଦୀ କାମ ଆରମ୍ଭ ହୋଇଛି। ଗତ ମାସରେ ନାମଯଜ୍ଞ, ଓଡଗାଁ ରଘୁନାଥ ମନ୍ଦିରରୁ ଆଜ୍ଞାମାଳ ବିରାଟ ପଟୁଆର ଅଣାଯାଇ ଭୂମିପୂଜା କରାଯାଇଥିଲା। ଏହି ମନ୍ଦିରକୁ ଜିଲ୍ଲାର ଏକ ପ୍ରମୁଖ ଦର୍ଶନୀୟ ସ୍ଥାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଦୁଇ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖିଛି ପରିଚାଳନା କମିଟି।

## ରାସ୍ତା ନିର୍ମାଣର ୨ ମାସ ପୂରିନି; ଖାଲଖମାରେ ଭର୍ତ୍ତି

ପାରଳାଖେମୁଣ୍ଡି, ୫।୮ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦରମହକୁମା ଠାରୁ ଗୁରାଣ୍ଡି ଗ୍ରାମ ପର୍ଯ୍ୟନ୍ତ ରାସ୍ତାକାମ ନିମ୍ନମାନର ଯୋଗୁଁ ନିର୍ମାଣର ଦୁଇ ମାସ ପୂର୍ବରୁ ଶୋଚନୀୟ ହୋଇଯାଇଛି। ଗୋଷାଣି ଗ୍ରାମ ଛକ ଠାରୁ ଗୁରାଣ୍ଡି ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଥିଲା। ଯାହାକୁ ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଦୁଇ ମାସ ପୂର୍ବେ ପୂର୍ତ୍ତ ବିଭାଗ ଦ୍ୱାରା ୩ କିମି ରାସ୍ତାର ନିର୍ମାଣ ହୋଇଥିଲା। ହେଲେ ନିମ୍ନମାନର କାମ କରାଯାଇଥିବା ଯୋଗୁଁ ଏହା ଏବେ ସ୍ଥାନେ ସ୍ଥାନେ ଦବି ଯିବା ସହ ଖାଲଖମା ସୃଷ୍ଟି ହୋଇଛି। ରାସ୍ତା ନିର୍ମାଣ ବେଳେ ସଠିକ୍ କାମ କରିବା ପାଇଁ ଦାବି ହୋଇଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାର ଅଣଦେଖା କରାଯାଇଥିବା ଅଞ୍ଚଳବାସୀ କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।



# ଠିକ୍ ସ୍ଥାନରେ ସମବାୟ ସମିତି ଗୃହ ନିର୍ମାଣ ଦାବି

### ୬୦୦ରୁ ଅଧିକ ଚାଷୀ ଥିବା ଗାଁରେ ନହୋଇ ୨୦ରୁ କମ୍ ଥିବା ଗ୍ରାମରେ ସମିତି ଗୃହ କାହା ସ୍ୱାର୍ଥରେ?

ପାରଳାଖେମୁଣ୍ଡି, ୫।୮ (ସମିସ)

ସରକାର ଚାଷୀମାନଙ୍କ ହିତ ସକାଶେ ପ୍ରତ୍ୟେକ ପଞ୍ଚାୟତରେ ନୂତନ ସମବାୟ ସମିତି ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବହୁ ଚାଷୀଙ୍କ ଅଗୋଚରରେ ଗୋଷାଣି ବ୍ଲକ କତଲକଇଠା ପଞ୍ଚାୟତର ପୋଡ଼ଣୀ ଗ୍ରାମରେ ସମବାୟ ସମିତି ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୬୦୦ରୁ ଅଧିକ ପଞ୍ଜୀକୃତ ଚାଷୀ ଥିବା ଗ୍ରାମରେ ନ ହୋଇ ୨୦ରୁ କମ୍ ଥିବା ଚାଷୀ ଥିବା ଗ୍ରାମରେ ସମବାୟ ସମିତି ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିବା ଦୁର୍ଭାଗ୍ୟଜନକ ବୋଲି ବହୁ ଚାଷୀ କହିଛନ୍ତି।

ଯେଉଁ ସ୍ଥାନରେ ସମବାୟ ସମିତି ଗୃହ ନିର୍ମାଣ ପାଇଁ ଚୟନ କରାଯାଇଛି ତାହା ପାହାଡ଼ ପାଖରେ ଏବଂ ମୁଖ୍ୟ ରାସ୍ତାରୁ ଦୁଇ କିଲୋମିଟର ଦୂର। ଏହା ଜାଣିବା ପରେ ଯାଜପୁର ଗାଁ ଲୋକେ ଜିଲ୍ଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଯାଜପୁର ଗ୍ରାମରେ ଜନସଂଖ୍ୟା ଓ ଚାଷୀ ସଂଖ୍ୟା ଅଧିକ। ଏଠାରେ ସମିତିଗୃହ ହେଲେ ଚାଷୀ ଉପକୃତ ହୋଇପାରିବେ। ପ୍ରକାଶ ଥାଉକି, ରାମଲିଙ୍ଗେଶ୍ୱର ସମବାୟ ସମିତି ଜରିଆରେ ଚାଷୀ ପଞ୍ଜୀକୃତ କରି ଧାନ ଫସଲ ବିକ୍ରିବଟା କରିଥିଲେ। ତତ୍ ସଙ୍ଗେ ସଙ୍ଗେ ସାର ବିହନ ଓ ଚାଷୀଙ୍କ ଋଣ ସୁବିଧା ପାଇପାରୁଛନ୍ତି। ବର୍ତ୍ତମାନ କତଲକଇଠା ପଞ୍ଚାୟତର ପୋଡୁଣି ଗ୍ରାମରେ ଏକ ପ୍ରାଥମିକ ସମବାୟ ସମିତି ଖୋଲା ଯାଇଥିବାକୁ ବିଚାର କରାଯାଉଥିବା ଜଣାପଡିଛି। ସେହି ଗ୍ରାମର ଜନସଂଖ୍ୟାର ଓ ଚାଷୀ ସଂଖ୍ୟା କମ୍। ତେଣୁ ଯାଜପୁର ଗ୍ରାମରେ ପ୍ରାଥମିକ ସମବାୟ ସମିତି ହେଲେ ଗ୍ରାମର ଚାଷୀ ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ଜିଲ୍ଲାପ୍ରଶାସନ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ପୋଡୁଣୀ ଗ୍ରାମର ଜନସଂଖ୍ୟା ୨୩୦ ଏବଂ ଚାଷୀ ସଂଖ୍ୟା ୩୦ ପ୍ରତିଶତରୁ ଅଧିକ ରହିଥିବା ବେଳେ ଯାଜପୁର ଗ୍ରାମର ଜନସଂଖ୍ୟା ୨୨୦୦ରୁ ଅଧିକ ଏବଂ ଚାଷୀଙ୍କ ସଖ୍ୟା ୮୦ ପ୍ରତିଶତରୁ ଅଧିକ ବୋଲି ଯାଜପୁର ଗ୍ରାମବାସୀ କହିଛନ୍ତି।



# ରାକ୍ଷୀ ପାଇଁ ଭଳିକିଭଳି ମିଠା

ଭୁବନେଶ୍ୱର, ୫।୮ (ସମିସ)

ଦିନ କେଇଟା ପରେ ରାକ୍ଷୀ ପୂର୍ଣ୍ଣମୀ। ସେଥିପାଇଁ ଚଳଚଞ୍ଚଳ ହୋଉଠିଲାଣି ବଜାର। ବର୍ତ୍ତମାନ ଟ୍ରେଣ୍ଡକୁ ନଜରରେ ରଖି ବିଶେଷକରି ମହିଳାମାନେ କଷ୍ଟୋମାଇଜ ଫଟୋ ରାକ୍ଷୀ ସାଙ୍ଗକୁ ଏବେ କଷ୍ଟୋମାଇଜ ରାକ୍ଷୀ ବକେଟ୍ ମଧ୍ୟ ଉପହାରରେ ଦେଉଛନ୍ତି। ସେ ନେଇ ବଡ ବଡ ମିଠା ଦୋକାନରେ ସୁସଜ୍ଜିତ ରାକ୍ଷୀ ବକେଟ ପରିଲକ୍ଷିତ ହେଉଛି। କେବଳ ସେତିକି ନୁହଁ ରାକ୍ଷୀ ପାଇଁ ସ୍ୱତନ୍ତ୍ର ମିଠା ମଧ୍ୟ ବଜାରରେ ଉପଲବ୍ଧ ହେଉଛି।

ବର୍ତ୍ତମାନ ସମୟରେ ରାକ୍ଷୀ ପୂର୍ଣ୍ଣମୀକୁ କିଏ କେତେ ଆକର୍ଷଣୀୟ ଢଙ୍ଗରେ ପାଳନ କରିବ ସେ ନେଇ ଏକ ପ୍ରକାର ପ୍ରତିଯୋଗିତା ଦେଖିବାକୁ ମିଳୁଛି। ସେହି ପରିପେକ୍ଷୀରେ ସ୍ୱତନ୍ତ୍ର ରାଖୀ ସାଙ୍ଗକୁ ମିଠାର ଏକ ବକେଟ ଉପହାରରେ ଦିଆଯାଉଛି। ଆଉ କେହି କେହି ସାମାଜିକ ଗଣମାଧ୍ୟମରେ ଚାଲିଥିବା ଏହି ଟ୍ରେଣ୍ଡକୁ ଅନୁସରଣ କରି ଏବେ ରାଜଧାନୀରେ ମଧ୍ୟ ଦେଖିବାକୁ ମିଳୁଛି।

ବଜାରରେ ଛୋଟରୁ ବଡ଼ ସମସ୍ତ ମିଠା ଦୋକାନୀ ଜୋରଦାର ପ୍ରସ୍ତୁତିରେ ଲାଗିଲେଣି। କାରଣ ରାକ୍ଷୀରେ ହିଁ ସବୁଠୁ ଅଧିକ ବେପାର ଆଶାରେ ଦୋକାନୀମାନେ ଅପେକ୍ଷା କରିଥାନ୍ତି। ଅନ୍ୟ ଦିନରେ ମିଳୁଥିବା ମିଠା ବ୍ୟତୀତ ରାକ୍ଷୀ ପାଇଁ ସ୍ୱତନ୍ତ୍ର ଭେରାଇଟିର ମିଠା ଏବେ ବଜାରକୁ ଆସିବା ଆରମ୍ଭ ହୋଇଗଲାଣି। ସେଥି ମଧ୍ୟରେ ରହିଛି ବିଭିନ୍ନ ପ୍ରକାର ଡ୍ରାଏ ଫ୍ରୁଟ୍ସରେ ତିଆରି ମିଠା ଯଥା - ପିସ୍ତା ସଫ୍ଟି, ଅଞ୍ଜିର କାଲାକନ୍ଦ, ଦୋଡା ବର୍ଫି, ପତିସା, ଆଶା ଡ୍ରାଏ ଫ୍ରୁଟ୍ସ, ପିସ୍ତା ଡାଏମଣ୍ଡ, କାଜୁ ହନି, ଶଙ୍ଖୋଲି, କାଜୁ ଚକଲେଟ ବାଇଟ, କାଜୁ ରୋଲ, ସାହି କାଲାକନ୍ଦ, ଖିର କଦମ, ଡ୍ରାଏ ଛମ ଛମ୍ ଏବଂ ସ୍ପେଶାଲ ଡ୍ରାଏ ଫ୍ରୁଟ ଲଡ୍ଡୁ ଆଦି ରହିଛି। ଏହି ସମସ୍ତ ମିଠାର ମୂଲ୍ୟ ଗୋଟିଏ ପିସ ପିଛା ୪୬ ଟଙ୍କାରୁ ଆରମ୍ଭ ହୋଇ ୭୦ରୁ ଶହେ ଟଙ୍କା ପର୍ଯ୍ୟନ୍ତ ରହିଛି। ଯାହାର ପ୍ରସ୍ତୁତି ୧୫ ଦିନ ପୂର୍ବରୁ ହୋଇଥାଏ ବୋଲି ଦୋକାନୀ କହିଛନ୍ତି।

ଏହି ଦିନକୁ ଆହୁର ଆକର୍ଷଣୀୟ କରିବା ପାଇଁ ଲୋକ କଷ୍ଟମାଇଜ ରାଖୀ ବକେଟ ତିଆରି କରାଉଛନ୍ତି। ଯେଉଁଥିରେ ରାକ୍ଷୀ ସାଙ୍ଗକୁ ସୁନ୍ଦର ଡିଜାଇନର ବକେଟ ରହୁଛି। ଏଥିପାଇଁ ଲୋକ ନିଜ ପସନ୍ଦର ବକେଟ ଯଥା ବାଉଁଶ ପାତରେ ତିଆରି ପ୍ଲେଟ, ଡଙ୍ଗା ଡିଜାଇନ, ପାଛିଆ ଏବଂ ପ୍ଲାଷ୍ଟିକର ପ୍ଲେଟ, ଶଙ୍ଖର ପ୍ଲେଟ, ବାକ୍ସ ଆଦିରେ ପ୍ରସ୍ତୁତ କରାଉଛନ୍ତି। ସେଥିରେ ନିଜ ପସନ୍ଦର ମିଠା ଏବଂ ରାକ୍ଷୀ ସହ ଚକଲେଟ ରାକ୍ଷୀ ଏହି ବକେଟ ପ୍ରସ୍ତୁତ ହେଉଛି। ଯାହାର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ ହୋଇ ୩ ହଜାର ପର୍ଯ୍ୟନ୍ତ ରହିଛି। ଏନେଇ ନରୁଲା ସ୍ୱିଟସ୍‌ର ଜଣେ କର୍ମଚାରୀ କୁହନ୍ତି, ବର୍ତ୍ତମାନ ସମୟରେ ଯୁବପିଢ଼ି ଏହି ବକେଟ ପାଇଁ ବେଶୀ ଅର୍ଡର ଦେଉଛନ୍ତି। ଏଥିପାଇଁ ସେମାନେ ସପ୍ତାହେ ଆଗରୁ ଅର୍ଡର ଦେଇଥାନ୍ତି। ବକେଟର ଡିଜାଇନ ଅନୁଯାୟୀ ଅଲଗା ମୂଲ୍ୟ ରହିଥାଏ। ରାଜଧାନୀରେ ମଧ୍ୟ ଏହାର ଭଲ ଚାହିଦା ଥିବାରୁ ବକେଟ ଉପହାର ପାଇଁ ଅର୍ଡର ଆସିବା ଆରମ୍ଭ ହୋଇଗଲାଣି।



କଷ୍ଟମାଇଜ୍ ରାକ୍ଷୀ ବକେଟ୍ ପାଇଁ ଅର୍ଡର

## ପଣ୍ଡିତ ନୀଳକଣ୍ଠଙ୍କ ଜୟନ୍ତୀରେ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୫।୮ (ସମିସ): ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୧ତମ ଜୟନ୍ତୀ ଅବସରରେ ଆୟୋଜିତ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ସଂକଳିତ ପୁସ୍ତକ 'ସିପିଚେସ୍ ଅଫ୍ ଫାଇନାନ୍ସ ମିନିଷ୍ଟର ଅଫ୍ ଓଡ଼ିଶା ଫ୍ରମ୍ ୨୦୨୨ ଟୁ ୨୦୨୫-୨୬' ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ୨୦୨୧-୨୨ଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ବଜେଟର ନବମ ସଂସ୍କରଣ ଉନ୍ମୋଚିତ ହୋଇଛି।

## ସାଇମ୍‌ର ୨୫ ତମ ପ୍ରତିଷ୍ଠା ଦିବସ





ଭୁବନେଶ୍ୱର, ୫।୮ (ସମିସ): ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସାଇମ୍‌ର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼. ଅମୀୟ କୁମାର ରଥ ଓ ସମ୍ମାନୀତ ଅତିଥି ଭାବେ କାନାଡ଼ା ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଏଜିଏମ୍ ରୀତା ଦାଶ, ଡ଼. ଆର୍ଯ୍ୟ ପଟ୍ଟନାୟକ, ସଭ୍ୟ ବୋର୍ଡ଼ ଅଫ ମ୍ୟାନେଜମେଣ୍ଟ, ବିପିୟୁଟି, ରାଉରକେଲା ଓ ପୂର୍ବତନ ଅଧ୍ୟକ୍ଷ ଇଂ ପ୍ରତାପରୁଦ୍ର ପଟ୍ଟନାୟକ, ପ୍ରଫେସର ଅଜିତ କୁମାର ଦାସ ଓ ପ୍ରଫେସର ଡ଼. ଶକ୍ତି ରଞ୍ଜନ ମହାପାତ୍ର ଅତିଥି ରୂପେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ଦୀପକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ପଞ୍ଚବାର୍ଷିକ ଅନୁଷ୍ଠାନ ବିକାଶ ଯୋଜନା ଓ ଛାତ୍ରଛାତ୍ରୀ ନିଯୁକ୍ତି ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ସମାରୋହରେ କୁଳପତି ପ୍ରଫେସର ରଥ, ଓଡ଼ିଶା କ୍ୟାପିଟାଲ ମାର୍କେଟର ପରିଚାଳନା ନିର୍ଦ୍ଦେଶକ ଥୋମାସ ମାଥ୍ୟୁ ଓ କାନାଡ଼ା ବ୍ୟାଙ୍କର ବରିଷ୍ଠ ପରିଚାଳକ ପ୍ରୀତିଶ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ଏମ୍‌ବିଏ ବିଭାଗର ମୁଖ୍ୟ ଡ଼. ଦେବାଶିଷ ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ କାର୍ଯ୍ୟପନ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ପ୍ରଫେସର ଡ଼. ବିଦ୍ୟା ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରଫେସର ଡ଼. ରାଜଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

କୁଳପତିଙ୍କ ଗୁଣାତ୍ମକ ଶିକ୍ଷା ତଥା କର୍ମନିଯୁକ୍ତି ଉପରେ ଗୁରୁତ୍ୱ

## ଆସନ୍ତା ୭ରୁ ୧୩ 'ଏକତା' ଉତ୍ସବ





ଭୁବନେଶ୍ୱର, ୫।୮ (ସମିସ): ଆସନ୍ତା ଅଗଷ୍ଟ ୭ ତାରିଖରୁ ଜନତା ମଇଦାନରେ ଅନୁଷ୍ଠିତ ହେବ 'ଜାତୀୟ ହସ୍ତତନ୍ତ ଦିବସ-୨୦୨୫' ଏବଂ 'ଏକତା ଉତ୍ସବ'। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ, ଆସନ୍ତା ୭ରୁ ୧୩ ତାରିଖ ଯାଏ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ହସ୍ତତନ୍ତ ଦିବସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ ଓ ଏଥିରେ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଯୋଗଦେବେ। ଏହି ଅବସରରେ ୮ ଓ ୯ ତାରିଖରେ 'ଏକତା' ଉତ୍ସବ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯିବ। ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ୬୦ଟି ଷ୍ଟଲ୍ ପ୍ରଦର୍ଶିତ ହେବ। ଏଥିରେ ୧୫୦୦ ରୁ ଊର୍ଦ୍ଧ୍ୱ ହସ୍ତତନ୍ତ ବୁଣାକାର ଅଂଶଗ୍ରହଣ କରିବେ ବୋଲି ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

- ଆକର୍ଷଣ ସାଜିବେ ଅଭିନେତ୍ରୀ ମାଧୁରୀ
- ଅଂଶଗ୍ରହଣ କରିବେ ୧୫୦୦ ବୁଣାକାର

## ବାଲିଆପଟା ଶିଶୁମନ୍ଦିରରେ ବିଜ୍ଞାନମେଳା



ଭୁବନେଶ୍ୱର, ୫।୮ (ସମିସ): ରସୁଲଗଡ଼ସ୍ଥିତ ନୂଆସାହି, ବାଲିଆପଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇଟିଆର୍ କଲେଜର ଚନ୍ଦ୍ର ମାଧବ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ସମ୍ପାଦକ ପଙ୍କଜ କୁମାର କର ଓଡ଼ିଶା ପୂର୍ବ ସମ୍ଭୋଗ ଯୋଗଦେଇ ପ୍ରକଳ୍ପ ଉଦଘାଟନ ସହିତ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ କନିଷ୍ଠ, ଉପ କନିଷ୍ଠ, ଶିଶୁବର୍ଗ, ବାଲବର୍ଗ, କିଶୋର ବର୍ଗରେ ଶିଶୁ ବାଟିକା ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ଗଣିତ, ସଂସ୍କୃତି ଜ୍ଞାନ, ବିଜ୍ଞାନ ପ୍ରଶ୍ନ ମଞ୍ଚରେ ୫୦ ଜନ ଶିଶୁ ଅଂଶ ଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ସମାଜସେବୀ ରୁଦ୍ର ନାରାୟଣ ସାମନ୍ତରାୟ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ବିଜୟ କୁମାର ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦୁଃଶାସନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ସରୋଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମଞ୍ଚ ପରିଚାଳିତ ହୋଇଥିଲା।

## ଅଙ୍ଗଦାନ ଓ ପ୍ରତିରୋପଣ କ୍ଷେତ୍ରରେ ଓଡ଼ିଶାକୁ ଜାତୀୟ ମାନ୍ୟତା

### ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା

ଭୁବନେଶ୍ୱର, ୫।୮ (ସମିସ): ଅଙ୍ଗଦାନ ଏବଂ ଅଙ୍ଗ ପ୍ରତିରୋପଣରେ ଓଡ଼ିଶାକୁ ଉଦୀୟମାନ ରାଜ୍ୟ ଭାବେ ଜାତୀୟ ପୁରସ୍କାର ମିଳିଛି।



କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ପୁରସ୍କାର ପ୍ରଦାନ କରିବା ସମୟରେ ଅଙ୍ଗ ଦାନ ଏବଂ ପ୍ରତିରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାବାସୀ ଏବଂ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଦିଗରେ ଓଡ଼ିଶାର ପ୍ରତିବଦ୍ଧତା ଏବଂ ଅବଦାନ ପ୍ରଶଂସନୀୟ ଏବଂ ଶେଷ ପର୍ଯ୍ୟାୟ ରୋଗରେ ପୀଡିତ ରୋଗୀମାନଙ୍କୁ ଏହା ନୂତନ ଜୀବନ ଦେବାରେ ସାହାଯ୍ୟ କରିଛି ବୋଲି ପୁରସ୍କାରରେ ଉଲ୍ଲେଖ କରାଯାଇଛି। ଡାକ୍ତରୀ ଶିକ୍ଷା ଏବଂ ତାଲିମର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର ଡ. ଉମାକାନ୍ତ ଶତପଥୀ, ରାଜ୍ୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନର ପ୍ରଫେସର ଡକ୍ଟର ବିଭୂତି ଭୂଷଣ ନାୟକ ଓଡ଼ିଶା ତରଫରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ୧୫ତମ ଭାରତୀୟ ଅଙ୍ଗ ଦାନ ଦିବସ ଅବସରରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନର ତତ୍ତ୍ୱାବଧାନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡକ୍ଟର ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ର ନୂଆଦିଲ୍ଲୀରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

## 'ସ୍ପ୍ରି - ୨୦୨୫' ସଚେତନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୫।୮ (ସମିସ): କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ଭୁବନେଶ୍ୱର ଶାଖା ଦ୍ୱାରା 'ସ୍ପ୍ରି - ୨୦୨୫' ସଚେତନ କାର୍ଯ୍ୟକ୍ରମ ସତ୍ୟନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଇଏସଆଇ ଅଧୀନରେ ଉପଲବ୍ଧ ସମସ୍ତ ସୁବିଧା ଏବ ନିଜକୁ କିପରି ଏଥିରେ ଅନ୍ତର୍ଭୁକ୍ତ କରିହେବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। 'ସ୍ପ୍ରି - ୨୦୨୫' ବା କର୍ମଚାରୀ ପଞ୍ଜୀକରଣ ପ୍ରୋତ୍ସାହନ ଯୋଜନା କ'ଣ, ଏହି ଯୋଜନାରୁ କର୍ମଚାରୀମାନେ କିପରି ଲାଭ ଉଠାଇ ପାରିବେ ଏବଂ ସ୍ପ୍ରି-୨୦୨୫ ମାଧ୍ୟମରେ କାହିଁକି ନିଯୁକ୍ତିକର୍ତ୍ତାମାନେ ପଞ୍ଜୀକରଣ କରିବା ଉଚିତ୍ ଓ କଣ ଲାଭ ରହିଛି ସେ ସମ୍ବନ୍ଧରେ ଏହି ସଚେତନ କର୍ମଶାଳାଟି ଆୟୋଜିତ ହୋଇଥିଲା। ଯେଉଁଥିରେ ବକ୍ତାଭାବେ ଇନ୍ସୁରାନ୍ସ କମିସନର ପ୍ରଣୟ ସିହ୍ନା, ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତ, ଏବଂ ଯୁଗ୍ମ ନିର୍ଦ୍ଦେଶକ ମହେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ଦ୍ୱାରା ସିମଳା, ହିମାଚଳପ୍ରଦେଶଠାରେ ଆୟୋଜିତ ଏହାର ୧୯୬ତମ ବୈଠକରେ ସ୍କିମ୍ ଫୋର୍ ପ୍ରୋମୋସନ୍ ଅଫ୍ ରେଜିଷ୍ଟ୍ରେସନ ଅଫ୍ ଏମ୍ପ୍ଲୋୟର୍ସ ଏଣ୍ଡ ଏମ୍ପ୍ଲୋଇଜ୍ (ସ୍ପ୍ରି-୨୦୨୫) କୁ ଅନୁମୋଦିତ କରିଛି। କର୍ମଚାରୀ ଏବଂ ନିଯୁକ୍ତିଦାତାମାନଙ୍କ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ। ଏହା ୨୦୨୫ ଜୁଲାଇ ପହିଲାଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିରେ ଅଣପଞ୍ଜିକୃତ କର୍ମଚାରୀ, ନିଯୁକ୍ତିଦାତାଙ୍କ ସମେତ ଠିକା ଏବଂ ଅସ୍ଥାୟୀ କର୍ମଚାରୀ ଓ ନିଯୁକ୍ତିଦାତା ଏକକାଳୀନ ବିନା କୌଣସି ଅସୁବିଧାରେ ପଞ୍ଜୀକରଣ କରିପାରିବେ। କର୍ମଚାରୀମାନେ ଡିଜିଟାଲ ମାଧ୍ୟମରେ ଶ୍ରମ ସୁବିଧା, ଇଏସ୍‌ଆଇସି ପୋର୍ଟାଲ କିମ୍ବା ଏମସିଏ ପୋର୍ଟାଲରେ ପଞ୍ଜୀକରଣ କରିପାରିବେ। ଏହାଦ୍ୱାରା ସମାବେଶୀ ବିକାଶକୁ ଗୁରୁତ୍ୱ, ସ୍ୱାସ୍ଥ୍ୟ ଓ ସାମାଜିକ ନିରାପତ୍ତାକୁ ଆହୁରି ସୁଦୃଢ଼ କରାଯାଇପାରିବ।





## ତୁଷାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ଆଗାମୀ ପିଢ଼ି ପାଇଁ ଗଛଟିଏ'



ଭୁବନେଶ୍ୱର, ୫।୮ (ସମିସ): ତୁଷାର ଚାରିଟେବୁଲ ଟ୍ରଷ୍ଟ ଓ ମା' ସୁନାଦେଇ ପ୍ରତିଷ୍ଠାନର ମିଳିତ ସହଯୋଗରେ ବନ୍ଧୁତ୍ୱ ଦିବସ ଅବସରରେ 'ଆଗାମୀ ପିଢ଼ି ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ ହିଁ ପ୍ରକୃତ ବନ୍ଧୁ, ଗଛ ବଞ୍ଚିଲେ ଜୀବଜଗତ ବଞ୍ଚିବ ଆଦି ନାରା ଦେଇ ୟୁନିଟ୍- ୯ ବିଏସ୍‌ଏନଏଲ ପାର୍କରେ ଗଛ ସହ ବନ୍ଧୁତ୍ୱ ଦିବସ ପାଳନ ସହ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ତୁଷାର ଗରିଟେବୁଲ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ କହିଛନ୍ତି ମନୁଷ୍ୟ ଓ ବୃକ୍ଷ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ପରି। ବେଳେ ବେଳେ ମଣିଷ ନିଜ ସ୍ୱାର୍ଥପାଇଁ ଗଛଗୁଡ଼ିକୁ କାଟିଥାଏ, କିନ୍ତୁ ଗଛ କେବେ ମଣିଷକୁ ଧୋକା ଦେଇ ନ ଥାଏ। ଦିଲ୍ଲୀ, ମୁମ୍ବାଇ ସହର ଭଳି ଓଡ଼ିଶାରେ ଅକ୍ସିଜେନ ପାର୍ଲର ଖୋଲି ଅମ୍ଳଜାନ ବିକ୍ରି ହେଲାଣି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ଆଜିର ଯୁବପିଢ଼ି ଧୈର୍ଯ୍ୟ ନ ହରାଇ ପର୍ଯ୍ୟାପ୍ତ ପରିମାଣରେ ଗଛ ଲଗାଇବାକୁ ସେ ନିବେଦନ କରିଥିଲେ। ଅନୁଷ୍ଠାନର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁନରାମ ସିଂହ ଯୋଗଦେଇ ଗଛ ସହିତ ବନ୍ଧୁତ୍ୱ ଦିବସ ପାଳନ କରିଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ





ଭୁବନେଶ୍ୱର, ୫।୮ (ସମିସ): ଭାରତ ସରକାରଙ୍କ ଯୁଗାନ୍ତକାରୀ ଶିକ୍ଷାନୀତି 'ଜାତୀୟ ଶିକ୍ଷାନୀତି -୨୦୨୦କୁ କାର୍ଯ୍ୟକାରୀ କରିବା ଦିଗରେ ଏନ୍‌ସିଇଆର୍‌ଟି, ବିଶେଷକରି ଏହାର ପ୍ରମୁଖ ଅଂଶବିଶେଷ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଯେଭଳି ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି ତାହା ପ୍ରଶଂସନୀୟ ବୋଲି ଏନ୍‌ସିଇଆରଟିର ନିର୍ଦ୍ଦେଶକ ପ୍ରଫେସରୀ ଦୀନେଶ ପ୍ରସାଦ ସକଲାନୀ ମତବ୍ୟକ୍ତି କରିଛନ୍ତି। ମଙ୍ଗଳବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୩ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା କେବଳ ନମ୍ବର, ସାର୍ଟିଫିକେଟ୍, ପାସ୍‌ଫେଲ୍ ବ୍ୟବସ୍ଥା ଭିତରେ ସଙ୍କୁଚିତ ବ୍ୟବସ୍ଥା ନୁହେଁ ଏହା ଶିଶୁଟିକୁ ସାମ୍ରଗିକ ଭାବେ ବ୍ୟକ୍ତିରୁ ବ୍ୟକ୍ତିତ୍ୱ ଦିଗରେ ଅଗ୍ରସର କରାଇନିଏ ବୋଲି କହିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ବାର୍ଷିକ ମୁଖପତ୍ର 'ପ୍ରତିବିମ୍ବ'ର ଉନ୍ମୋଚିତ ହୋଇଥିଲା। ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତଭାଷଣ ଦେଇଥିଲେ। ଡ. କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ଉପସ୍ଥିତ ଥିଲେ।

# ସ୍କୁବା ଡାଇଭ୍ ପ୍ରଶିକ୍ଷଣ ପାଇଁ ବାହାର ରାଜ୍ୟ ଭରସା

ଭୁବନେଶ୍ୱର, ୫।୮ (ସମିସ)

ପ୍ରାକୃତିକ ବିପର୍ଯ୍ୟୟ ହେଉ ଅବା ଦୁର୍ଘଟଣାରେ ପାଣିରେ ବୁଡ଼ି ଯାଉଥିବା ଲୋକଙ୍କୁ ଗଭୀର ଜଳ ମଧ୍ୟରୁ ଉଦ୍ଧାର କରାଯିବା ପଛରେ ରହିଛି ସ୍କୁଭା(ସେଲଫ୍ କଣ୍ଟେଣ୍ଡ ଅଣ୍ଡରୱାଟର ବ୍ରିଦିଂ ଆପାରଟସ୍)) ଡାଇଭରଙ୍କ ପ୍ରମୁଖ ଭୂମିକା। ନଦୀ, ସମୁଦ୍ର କିମ୍ବା ବନ୍ୟା ଜଳରେ ଭାସି ଯାଉଥିବା ଲୋକଙ୍କୁ ନୂଆ ଜୀବନ ଦେଇଥାନ୍ତି ଏମାନେ। ଏହା କେବଳ ଏକ ଦୁଃସାହସିକ କ୍ରୀଡ଼ା ନୁହେଁ ବରଂ ଜୀବନ ରକ୍ଷାକାରୀ କୌଶଳ ଅଟେ। ଏହି କ୍ରୀଡ଼ା ବିଷୟରେ ଅଧିକାଂଶ ଲୋକ ଜାଣିନଥିବା ବେଳେ ଯୁବପିଢ଼ି ମାନେ ରାଜ୍ୟ ତଥା ଦେଶ ବାହାରେ ଏହି କ୍ରୀଡ଼ାର ମଜ୍ଜା ନେବାକୁ ଯାଉଛନ୍ତି। ଓଡ଼ିଶାରେ ସୁଦୀର୍ଘ ସମୁଦ୍ର ଓ ନଦୀ ରହିଥିଲେ ମଧ୍ୟ, ଏଥିପାଇଁ ପ୍ରଶିକ୍ଷକଙ୍କ ସୁବିଧା କିମ୍ବା ସ୍କୁଡା ଡାଇଭ୍ ପ୍ରଶିକ୍ଷଣ ନିମନ୍ତେ ସରକାରୀ ପ୍ରୋତ୍ସାହନ ନ ଥିବାରୁ କୋଲକାତାରେ ପ୍ରଶିକ୍ଷଣ ନେଉଛନ୍ତି ଓଡ୍ରାଫ୍ କର୍ମଚାରୀ। ସାଧାରଣ ଯୁବବର୍ଗମାନେ ଘରୋଇ ଅନୁଷ୍ଠାନର ପ୍ରଶିକ୍ଷଣ ନେବାକୁ ଅର୍ଥ ବାଧକ ପାଲଟୁଛି।

ଓଡ଼ିଶା ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ପ୍ରତିବର୍ଷ ବନ୍ୟା ପାଣିରେ ବୁଡ଼ି ଅନେକଙ୍କ ମୃତ୍ୟୁ ହୋଇଥାଏ। ଏହାସହ ନଦୀ, ସମୁଦ୍ରର ଗାଧୋଇବା କିମ୍ବା ବୁଲିବାକୁ ଆସି ପର୍ଯ୍ୟଟକମାନଙ୍କ ପ୍ରାଣ ଯାଉଥିବା ନଜିର ରହିଛି। ଏହି ସମୟରେ ଗଭୀର ଜଳରାଶି ମଧ୍ୟରୁ ଉଦ୍ଧାର କରାଯିବାକୁ ଓଡ୍ରାଫ୍ କିମ୍ବା ଏନଡିଆରଏଫ୍ ଟିମ୍‌କୁ ଖୋଜା ପଡ଼େ। ଯଦି ପ୍ରତ୍ୟେକ ଅଞ୍ଚଳରେ ସ୍କୁଭା ଡାଇଭର ରହିବେ ତେବେ ପାଣିରେ ବୁଡ଼ି ଲୋକଙ୍କ ମୃତ୍ୟୁ ସଂଖ୍ୟା ନିଶ୍ଚିତ କମ୍ ହୋଇପାରିବ। ବର୍ତ୍ତମାନ ଏଥିପ୍ରତି ଯୁବପିଢ଼ି ଆଗ୍ରହ ପ୍ରକାଶ କରୁଥିଲେ ବି ଏହା ବ୍ୟୟବହୁଳ ହୋଇଥିବାରୁ ପ୍ରଶିକ୍ଷଣ ନେଇପାରୁ ନାହାନ୍ତି। ରାଜ୍ୟ ତଥା ଦେଶ ବାହାରକୁ ବୁଲିବାକୁ ଯାଇ ସ୍କୁବା ଡାଇଭ୍‌କୁ ଉପଭୋଗ କରନ୍ତି ଅନେକ। ତେବେ ଓଡ଼ିଶାରେ ସମୁଦ୍ର ମଧ୍ୟରେ ଅନେକ ବଡ଼ ବଡ଼ ଯାହାଜ ବୁଡ଼ି ରହିଛି। ଯାହାକୁ ସ୍କୁବା ଡାଇଭ୍ ମାଧ୍ୟମରେ ସହଜରେ ଦେଖିହେବ। କାରଣ ଏଠାରେ ସମୁଦ୍ର ମଧ୍ୟରେ ବିଷାକ୍ତ ଶୈବାଳ ନଥିବାରୁ ଜଣାପଡ଼ିଛି। ଏହାସହ ଯୁବବର୍ଗ ସ୍କୁବା ଡାଇଭ ଶିଖିବାର ସୁଯୋଗ ପାଇବା ସହ ଏକ୍ଷେତ୍ରରେ ଅବା ପୋର୍ଟରେ ନିଯୁକ୍ତି ପାଇବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶା ପର୍ଯ୍ୟଟନ ପ୍ରତି ବାହାର ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବା ସହ ପର୍ଯ୍ୟଟନର ମଧ୍ୟ ବିକାଶ ଘଟିବ। କାରଣ ବର୍ତ୍ତମାନ ରାଜ୍ୟରେ ଥିବା ପୋର୍ଟରେ ପ୍ରଫେସନାଲ କର୍ମସିଆଲ ସ୍କୁବା ଡାଇଭର କେହି ନ ଥିବା ବେଳେ ଆନ୍ଧ୍ର, କୋଲକାତା ଆଦି ରାଜ୍ୟ ବାହାରର କର୍ମଚାରୀ ରହିଛନ୍ତି। ତେଣୁ ଏଥିପାଇଁ ସରକାରଙ୍କ ପ୍ରୋତ୍ସାହନ ମିଳିଲେ ଓଡ଼ିଶାର ଯୁବବର୍ଗ ପ୍ରଶିକ୍ଷଣ ନେଇ ଏ କ୍ଷେତ୍ରରେ ନିଯୁକ୍ତି ପାଇପାରିବେ ବୋଲି ଓଡ଼ିଶାର ପ୍ରଥମ ତଥା ବିଶିଷ୍ଟ ସ୍କୁବା ଡାଇଭର ସବୀର ବକ୍ସ କହିଛନ୍ତି। ସବୀର୍ ଲଣ୍ଡନରେ ଏହି ଟ୍ରେନିଂ ନେଇଥିବା ବେଳେ ବର୍ତ୍ତମାନ ବିଭିନ୍ନ ରାଜ୍ୟରୁ ଲୋକଙ୍କୁ ମହାନଦୀରେ ଟ୍ରେନିଂ ଦେଉଛନ୍ତି। ଏଶ୍ରୀ ବକ୍ସ ସ୍କୁବା ଡାଇଭିଂ କ୍ଷେତ୍ରରେ ୩ଥର ଲିମ୍‌କା ବୁକ ଅଫ୍ ରେକର୍ଡ କରିଛନ୍ତି। ଏହି ଦୁଃସାହସିକ କ୍ରୀଡ଼ା କ୍ଷେତ୍ରରେ ଝିଅମାନଙ୍କ ପ୍ରବେଶ ବଢୁଥିବା ଜଣାପଡ଼ିଛି।



କୋଲକାତାରେ ପ୍ରଶିକ୍ଷଣ ନେଉଛନ୍ତି ଓଡ୍ରାଫ୍ କର୍ମଚାରୀ

ଆଜି ଅନ୍ତର୍ଜାତୀୟ ସ୍କୁବା ଦିବସ

# ସଡ଼କ ଦୁର୍ଘଟଣାରେ ଜଣେ ମୃତ; ୨ ଗୁରୁତର

ହିନ୍ଦୋଳ, ୫।୮ (ସମିସ): ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଅଧୀନ କାରନ୍ଦା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜନୈକା ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି। ମୃତକ ହେଲେ ଗୁଡିଆକାଟେଣୀ ଅଞ୍ଚଳର ଗୀତାଞ୍ଜଳି ବେହେରା। ସେ ନିଜ ସମ୍ପର୍କୀୟଙ୍କ ସହ ସ୍କୁଟିରେ ଯାଉଥିବାବେଳେ ରାସୋଳ ଥାନା କାରନ୍ଦା ରାଇସମିଲ ନିକଟରେ ଏକ ୪ ଚକିଆ ଯାନ ସ୍କୁଟିକୁ ଧକ୍କାଦେଇ ପଳାଇଯାଇଥିଲା। ଏହି ଦୁର୍ଘଟଣାରେ ଗୀତାଞ୍ଜଳି ଓ ସମ୍ପର୍କୀୟପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ୩ ଜଣଙ୍କୁ ତୁରନ୍ତ ସ୍ଥାନୀୟ ଲୋକମାନେ ଖଜୁରିଆକଟା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମାତ୍ର ଡାକ୍ତର ଗୀତାଞ୍ଜଳିଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତେବେ ଉତ୍ୟକ୍ତ ଜନସାଧାରଣ ହିନ୍ଦୋଳ ଗୁଡିଆକାଟେଣୀ ରାସ୍ତା ଅବରୋଧ କରିଥିଲେ। ଖବରପାଇ ରସୋଳ ପୁଲିସ ପହଞ୍ଚି ଉତ୍ୟକ୍ତ ଜନସାଧାରଣଙ୍କୁ ବୁଝାସୁଝା କରିବାସହ ଶବ ଜବତକରି ବ୍ୟବଚ୍ଛେଦ କରିବାକୁ ପଠାଇ ତଦନ୍ତ ଜାରି ରଖିଛି। ହିନ୍ଦୋଳ ଉପଖଣ୍ଡରେ ଗଢି ଉଠିଥିବା ବେଆଇନ ଖଣି, କ୍ରସରମାନଙ୍କ ପାଇଁ ପରିବେଶ ପ୍ରଦୂଷଣ ଜନିତ ମୃତ୍ୟୁ ସହିତ ଅନେକ ବେଆଇନ ମାଲ ବୋଝେଇ ଟ୍ରକ୍ ଓ ଟିପ୍ପର ଇତ୍ୟାଦି ପାଇଁ ଅନେକ ଜୀବନ ଅକାଳରେ ଚାଲିଯାଉଛି ବୋଲି ଅଭିଯୋଗ ହେଉଛି।

# ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଲୋକାର୍ପିତ

ପରଜଙ୍ଗ, ୫।୮ (ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ନିର୍ବାଚନମଣ୍ଡଳୀ ଅଧୀନ କଙ୍କଡାହାଡ ବ୍ଲକ ଅନ୍ୟତମ। ବ୍ଲକର ଗଡ଼ପଳାଶୁଣି ବିଷ ମହାବିରୋଡ ହେଉଛି ଜନସାଧାରଣଙ୍କ ପେଣ୍ଠସ୍ଥଳୀ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ମହାବିରୋଡ ଠାରେ



ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୦ଟି ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ ହେଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ସୋମବାର ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ କରକମଳରେ ମହାବିରୋଡ ଠାରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରକୁ ଲୋକାର୍ପିତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ବିଜେପି ଦଳର ଜିଲ୍ଲା ସଭାପତି ରାସବିହାରୀ ବେହେରା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ବ୍ଲକ ବିଡ଼ିଓ ଯଶୋବନ୍ତ ଦେହୁରୀ, ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଶୁଭକାନ୍ତ ବଳ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ତଥା ବିଜେପି ଦଳର ମହାବିରୋଡ ମଣ୍ଡଳର ପ୍ରାକ୍ତନ ସଭାପତି କୃଷ୍ଣ ଚନ୍ଦ୍ର ସାହୁ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ମେଡିକାଲ କର୍ମଚାରୀ, ପଞ୍ଚାୟତ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ହେବା ଦ୍ୱାରା ଅଞ୍ଚଳବାସୀଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏହା ଦ୍ୱାରା ଜନସାସାଧାରଣ ବିଶେଷ ଉପକୃତ ହେବେ ବୋଲି ଅଞ୍ଚଳବାସୀ ଆଶାବାନ୍ଧିଛନ୍ତି।

# କାଦୁଆ ଗ୍ରାମରେ ହାତୀପଲଙ୍କ ବ୍ୟାପକ ଭଙ୍ଗାରୁଜା



ଢେଙ୍କାନାଳ, ୫।୮ (ସମିସ): ସଦର ବ୍ଲକ ଅନ୍ତର୍ଗତ ନାଗିଆପଶି ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ କାଦୁଆ ଗ୍ରାମରେ ହାତୀପଲ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। କାଦୁଆ ଗ୍ରାମସ୍ଥିତ ମହିମା ଆଶ୍ରମର ସାମ୍ନା ଓ ପଛ ପ୍ରାଚୀର ଓ ମଜଭୁତ୍ ପ୍ରବେଶ ଦ୍ୱାରକୁ ହାତୀମାନେ ଭାଙ୍ଗି ଦେଇଛନ୍ତି। ଏକକାଳୀନ ୪/୫ଟି ଯାଗାରେ ପ୍ରାଚୀର ଭଙ୍ଗାଯାଇଥିବାବେଳେ ସନ୍ନିକଟ ପ୍ରାଥମିକ ବିଦ୍ୟାଳୟ ପ୍ରାଚୀର ଓ ପ୍ରବେଶ ଦ୍ୱାରକୁ ମଧ୍ୟ ହାତୀ ଭାଙ୍ଗିଦେଇଛନ୍ତି। ବର୍ତ୍ତମାନ ସରକାରଙ୍କ ନୂତନ କ୍ଷତିପୂରଣ ନିୟମ ଅନୁସାରେ ହାତୀ ଘରର ପ୍ରାଚେରୀ ଭାଙ୍ଗିଲେ ସରକାର କ୍ଷତିପୂରଣ ଦେବେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ବନବିଭାଗ ତତ୍ପରତାର ସହ ଏହାର ମାପଚୁପ କରି ଅବିଳମ୍ବେ ଆବଶ୍ୟକୀୟ କ୍ଷତିପୂରଣ ପ୍ରଦାନ କରିବାକୁ କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା, କରୁଣାକର ବାବା, ମହିମା ଜ୍ୟୋତିଯାତ୍ରାର ସଂଯୋଜକ ପ୍ରଦ୍ୟୁମ୍ନ ରଥ ଓ ଆବାହକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଦାବୀ କରିଛନ୍ତି।

# ଶ୍ରାବଣ ମାସର ପୁତ୍ରଦା ଏକାଦଶୀ ନୀତି

ଢେଙ୍କାନାଳ, ୫।୮ (ସମିସ): ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମ ଜିଉ ମନ୍ଦିରରେ ଆଜି ଶ୍ରାବଣ ମାସର ପୁତ୍ରଦା ଏକାଦଶୀ ନୀତି ପାଳିତ ହୋଇଯାଇଛି। ପ୍ରାତଃରୁ ମଙ୍ଗଳ ଆଳତି ମହାସ୍ନାନ, ନୂତନ ବସ୍ତ୍ର, ତୁଳସୀ ହାର, ଫୁଲ ହାର, ବଲ୍ଲଭ ଭୋଗ, ୧୦ଟା ସମୟରେ ଖେଚେଡି ଭୋଗ ଏବଂ ମଧ୍ୟାହ୍ନରେ ଅନ୍ନଧୂପ ସନ୍ଧ୍ୟାରେ ଆଳତି ରାତ୍ରରେ ରାତ୍ର ଧୂପ ପରେ ଏକାଦଶୀ ବେଢ଼ା



ମହାଦୀପ ମନ୍ଦିର ଉପରକୁ ଉଠାଯାଇ ପହଡ଼ ପଡ଼ିଥିଲା। ପୂଜକ ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ମନ୍ଦିରର ଜିମାଦାର ଶ୍ୟାମ ସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତି ପୁତ୍ରଦା ଏକାଦଶୀ ନୀତି ପାଳନ କରାଯାଇଛି।

**ତ୍ରୟୋଦଶ ମହିମା ଜ୍ୟୋତିଯାତ୍ରା**

# ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ବର୍ଷ ପୂର୍ତ୍ତି ପାଳନ ପାଇଁ ପ୍ରସ୍ତୁତି

ଢେଙ୍କାନାଳ, ୫।୮ (ସମିସ):

ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ବର୍ଷ ପୂର୍ତ୍ତି ୨୦୨୬ ମସିହାରେ ପାଳିତ ହେବ। ୧୮୨୬ଖ୍ରୀ.ରେ ତାଙ୍କର ଟୁଙ୍ଗୀରେ ଧୂଳିଆ ଗୋସାଇଁ ଭାବେ ଆବିର୍ଭାବ ହୋଇଥିଲେ। ପରେ ସେ ଖଣ୍ଡଗିରି ହୋଇ ଶେଷରେ ୧୮୩୮ଖ୍ରୀ.ରେ କପିଳାସ ତପୋବନ ପୀଠକୁ ଆସି ସେଠାରେ ୧୮୬୨ଖ୍ରୀ ଯାଏଁ ଆତ୍ମଯୋଗ ସାଧନାରେ ମଗ୍ନ ରହିଥିଲେ। ୧୮୬୨ଖ୍ରୀ. ପରେ ସେ ଜନପଦଗୁଡିକୁ ଯାତ୍ରାକରି ମହିମା ଧର୍ମ ଦର୍ଶନର ପ୍ରଚାରରେ ନିଜକୁ ବ୍ୟସ୍ତ ରଖି ୧୮୭୬ଖ୍ରୀ.ରେ ବର୍ତ୍ତମାନର ମହିମାଗାଦି ତଥା ଯୋରନ୍ଦା ଗାଦିପୀଠରେ ସମାଧିସ୍ଥ ହୋଇଥିଲେ। ଏଥିପାଇଁ କପିଳାସସ୍ଥିତ ମହିମା ତପୋବନ ପୀଠକୁ ମହିମା ଧର୍ମର ଜନ୍ମସ୍ଥାନ ବା ଏନ୍ତୁଡିଶାଳ କୁହାଯାଇଥାଏ। ୨୦୧୪ରେ ଆରମ୍ଭ ହୋଇଥିବା ମହିମା ଜ୍ୟୋତିଯାତ୍ରା ଇତିମଧ୍ୟରେ ଦ୍ୱାଦଶ ବର୍ଷ ପୂର୍ଣ୍ଣ କରିସାରିଛି। ଆସନ୍ତା ୨୦୨୬ରେ ଏହାର ତ୍ରୟୋଦଶ ବର୍ଷ ପାଳିତ ହେବ। ଏଥିପାଇଁ ୨୦୨୬ରେ ତ୍ରୟୋଦଶ ମହିମା ଜ୍ୟୋତିଯାତ୍ରା ବର୍ଷରେ ମହିମା ଗୋସାଇଙ୍କ ୨୦୦ ବର୍ଷ ପୂର୍ତ୍ତି ଉତ୍ସବ



ମଧ୍ୟ ପାଳନ କରାଯିବ। ବିଗତ ଦ୍ୱାଦଶ ବର୍ଷ ମଧ୍ୟରେ ମହିମା ବ୍ରହ୍ମଜ୍ୟୋତି କପିଳାସ ତପୋବନରୁ ଜାଗ୍ରତ ହୋଇ ରାଜ୍ୟର ବିଭିନ୍ନ ମହିମାଟୁଙ୍ଗୀ ପରିଭ୍ରମଣ କରିସାରିଛି। ଏହି ବର୍ଷଗୁଡିକରେ ୬୦ରୁ ଊର୍ଦ୍ଧ୍ୱ ପ୍ରମୁଖ ମହିମାଟୁଙ୍ଗୀଗୁଡିକୁ ବ୍ରହ୍ମଜ୍ୟୋତି ଯାତ୍ରା କରିଥିଲେ। ତ୍ରୟୋଦଶ ବର୍ଷରେ ଉପରୋକ୍ତ ମହିମା ଟୁଙ୍ଗୀଗୁଡିକରୁ ଅଖଣ୍ଡ ମହିମାଜ୍ୟୋତି ମହିମା ଭଜନ କୀର୍ତ୍ତନ ମଧ୍ୟରେ ଢେଙ୍କାନାଳ ସହର ପରିକ୍ରମା ପୂର୍ବକ ଗାଦି ପୀଠ ଯୋରନ୍ଦା ଯାତ୍ରା କରିବ। ଏଠାରେ ମହିମା ଧର୍ମସଭା ଆୟୋଜିତ ହୋଇ ତତ୍‌ପରଦିନ ତପୋବନ ପୀଠକୁ ଯାତ୍ରା କରି ସେଠାରେ ସମସ୍ତ ଅଖଣ୍ଡବତୀଗୁଡିକର ଏକତ୍ରିକରଣ କରାଯାଇ ନିର୍ବାଣ ପର୍ବ ଅନୁଷ୍ଠିତ ହେବ। ସମସ୍ତ କାର୍ଯ୍ୟର ସୂଚାରୁ କ୍ରିୟାନ୍ୱୟନ ପାଇଁ ମହିମା ତପୋବନ ପୀଠର ଆବିଷ୍କର୍ତ୍ତା ତଥା କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ କାଦୁଆ ତପୋବନ ଆଶ୍ରମରେ ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମହିମା ଜ୍ୟୋତିଯାତ୍ରାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଆବାହକ ପ୍ରଶାନ୍ତ କୁମାର ମହାପାତ୍ର, କରୁଣାକର ବାବା, ଜ୍ଞାନୀ ବାବା, ରବି ବାବା, ମୁରଲୀ ବାବା, ସନକ ବାବା ଓ ସଦାନନ୍ଦ ବାବାଙ୍କ ସହ କୁଲାଡ ଟୁଙ୍ଗୀର ପରେଶ ଜେନା, ପ୍ରେମାନନ୍ଦ ସେଠ୍, କରୁଣାକର ସେଠ୍, ବନମାଳୀ ସେଠ୍, ଅଙ୍ଗାରବନ୍ଧର ବିଜ୍ଞାନୀ ବେହେରା, ବଦାକୋର ଶତ୍ରୁଘ୍ନ ସାହୁ, ଆଇନଜୀବୀ ଭକ୍ତ ଅଜୟ ଦେହୁରୀ, ଭକ୍ତ ଚନ୍ଦ୍ରମଣି ସ୍ୱାଇଁ ଓ ଅନନ୍ତ ନାଏକ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ପ୍ରମୁଖ ଟୁଙ୍ଗୀ ଗୁଡିକ ୨୦୨୬ ଜ୍ୟୋତିଯାତ୍ରା କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରିବାକୁ ଜ୍ୟୋତି ଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ନିବେଦନ କରିଥିଲେ। ତତ୍‌କ୍ଷଣାତ୍ ସଭାସ୍ଥଳରେ କୁଲାଡ ଟୁଙ୍ଗୀ ପକ୍ଷରୁ ଭକ୍ତ ପରେଶ ଜେନା ୩ ହଜାର ଟଙ୍କା ଦାନ କରିଥିଲେ। ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ବର୍ଷ ପୂର୍ତ୍ତି ସହ ତ୍ରୟୋଦଶ ଜ୍ୟୋତିଯାତ୍ରାର ଏକତ୍ର ପାଳନ ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା।

# ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ଜନ ସଚେତନତା

ଖଜୁରିଆକଟା, ୫।୮ (ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳବ୍ଲକ ପଞ୍ଚାୟତ ଅଧୀନ ସାତମାଇଲି ହାଟପଡ଼ିଆଠାରେ ୨ତାରିଖ ଦିନ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସତ୍ୟ କୁମାର ନନ୍ଦଙ୍କ ପରିଚାଳନାରେ ପୁଲିସ, ବନବିଭାଗ, ଅବକାରୀ ବିଭାଗ ଓ ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକମାନେ କିପରି ପୁଲିସ ଠାରୁ ନ୍ୟାୟ ପାଇବେ ବିଶେଷ କରି ଦୁଷ୍କର୍ମରେ ପୀଡିତ ନାବାଳିକା ଓ ଏସିଡ ଆକ୍ରମଣରେ ଗୁରୁତର ଆହତ ଏବଂ ବରିଷ୍ଠ ନାଗରିକମାନଙ୍କ ପୁଅ ଝିଅମାନେ ପ୍ରତିପୋଷଣ କରିବେ। ତାହା ନ କଲେ ସେଥି ପାଇଁ କେଉଁ କେଉଁ ପ୍ରକାର ଆଇନ ଅଛି ଓ ତା ପାଇଁ କେଉଁ ପ୍ରକାର ଦଣ୍ଡ ବିଧାନ କରାଯିବ ସେହି ବିଷୟରେ ଏଡିପିଓ ସତ୍ୟ କୁମାର ନନ୍ଦ ସମସ୍ତଙ୍କୁ ଅବଗତ କରାଇଥିଲେ। ସେହିପରି ଜିଲ୍ଲା ବନବିଭାଗ ଏସିଏଫ ସତ୍ୟନାରାୟଣ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ। ହାତୀ ଆକ୍ରମଣରେ ନିରୀହ ଲୋକମାନେ



ମୃତ୍ୟୁବରଣ କରିବା ଓ ସେମାନଙ୍କୁ ହାତୀ ଆକ୍ରମଣରୁ ସୁରକ୍ଷା ଦେବା ନିମନ୍ତେ ସାଇରନ ଓ ସୋଲାର ବ୍ୟବସ୍ଥା କରାଯିବ। ପାଉଚ ଦେଶୀମଦ ଗାଁ ଗହଳିରେ ପ୍ରଚୁର ପରିମାଣରେ ବିକ୍ରୀ କରିବା ଦ୍ୱାରା ଲୋକମାନେ କିପରି ମଦପିଇ ମରୁଛନ୍ତି ଏବଂ ଏହା କିପରି ରୋକାଯାଇପାରିବ ସରପଞ୍ଚ ଓ ତାଙ୍କ ପ୍ରତିନିଧିମାନେ ଅବକାରୀ ଅଧିକାରୀଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବନବିଭାଗ ଏସିଏଫ ସତ୍ୟନାରାୟଣ ସାହୁ, ବନାଞ୍ଚଳ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ହିନ୍ଦୋଳ ଥାନା ଅଧିକାରିଣି ଚାରୁଲତା ବେହେରା, ରାସୋଳ ଥାନା ଆସି ବିଧୁ ଭୂଷଣ ମିଶ୍ର ବାଲିମି ଥାନା ଅଧିକାରିଣି ସୁଚିସ୍ମିତା ମହାନ୍ତି ଓ ଅବକାରୀ ଅଧିକାରିଣୀ, ୩ଟି ଥାନାର ସମସ୍ତ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

# ପ୍ରଧାନଶିକ୍ଷକମାନଙ୍କ ମାସିକ ସମ୍ମିଳନୀ

ଢେଙ୍କାନାଳ, ୫।୮ (ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସଦର ବ୍ଲକ ଅଧୀନ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କର ମାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଦର ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଗ୍ରୀଷ୍ମ ଅବକାଶରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମ୍ପାଦନ କରିଥିବା ସର୍ଭେରେ ଚିହ୍ନଟ କରାଯାଇଥିବା ୧୮ ବର୍ଷରୁ କମ ବୟସର ପାଠତ୍ୟାଗୀ ପିଲାଙ୍କୁ ବିଦ୍ୟାଳୟ ଅଭିମୁଖୀ କରିବାକୁ



ସେ ନିର୍ଦ୍ଦେଶ ଦେଇଥିଲେ। ୟୁଡାଇସରେ ସମସ୍ତ ଛାତ୍ରଛାତ୍ରୀଙ୍କ ବିବରଣୀ ତୁରନ୍ତ ଲିପିବଦ୍ଧ କରିବା, ମାସିକ ଦରମା ବିଲ ଓ ଅନ୍ୟାନ୍ୟ କାଗଜପତ୍ର ଶିକ୍ଷକମାନେ ନିଜେ ଅଫିସକୁ ନଆଣି କେନ୍ଦ୍ର ବିଦ୍ୟାଳୟ ମାଧ୍ୟମରେ ଅଫିସରେ ଦାଖଲ କରିବାକୁ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଆରସିସି ଦେବବ୍ରତ ନାଥ, ଏବିଇଓ ଶତ୍ରୁଘ୍ନ ଖଣ୍ଡା ଓ ପିରାମିଡ ଫାଉଣ୍ଡେସନର ସଦସ୍ୟ ମାନସ ପ୍ରଧାନ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ୧୭୬ ପ୍ରଧାନଶିକ୍ଷକ ଓ ୧୭ଜଣ ସିଆରସିସି ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସମ୍ମିଳନୀରେ ଉପସ୍ଥାପନ କରିଥିଲେ। ସଦର ବିଇଓ ପ୍ରଧାନ ସମସ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଦର ବ୍ଲକର ସମସ୍ତ ସିଆରସିସି ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର କର୍ମଚାରୀ ସହଯୋଗ କରିଥିଲେ।

# ଢେଙ୍କାନାଳ ଯାଉଁଳି ପୋଖରୀ ମଠରେ ଝୁଲଣ ପର୍ବ ଆରମ୍ଭ

ଢେଙ୍କାନାଳ, ୫।୮ (ସମିସ): ସ୍ଥାନୀୟ ଯାଉଁଳି ପୋଖରୀ ମଠରେ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ଝୁଲଣ ପର୍ବ ଆଜି ପୁତ୍ରଦା ଏକାଦଶୀ ଠାରୁ ଆରମ୍ଭ ହୋଇ ରାକ୍ଷୀ ପୂର୍ଣ୍ଣିମା ଦିନ ଉଦ୍‌ଯାପନୀ କରାଯିବ। ପ୍ରତେକ ଦିନ ସନ୍ଧ୍ୟା ଆଳତି ପରେ ରଘୁନାଥ ଜୀଉ ଝୁଲଣ ବେଦୀକୁ ବିଜେ କରାଯିଇ ସେଠାରେ ପୂଜାର୍ଚ୍ଚନା କରାଯାଏ। ବିଭିନ୍ନ ପ୍ରକାରର ଭୋଗ ଲାଗି କରାଯାଏ ଓ ୧୦୮ ଆଳତି କରାଯାଏ। ମହନ୍ତ ବ୍ରହ୍ମା ନନ୍ଦ ଦାସ ଓ ପ୍ରଭୁ ପାଦ ଦାସଙ୍କ ତତ୍ତ୍ୱାବଧାନରେ ଏହି ଝୁଲଣ ପର୍ବ ପାଳନ କରାଯାଉଛି।

# ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ଝୁଲଣ ପର୍ବ ଆରମ୍ଭ

ଢେଙ୍କାନାଳ, ୫।୮ (ସମିସ): ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମ ଜିଉଙ୍କ ମନ୍ଦିରରେ ଝୁଲଣ ପର୍ବ ଆରମ୍ଭ ହୋଇଯାଇଛି। ଗତକାଲି ଅଧିବାସ ପୂଜା ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟା ଆଳତି ପରେ ଝୁଲଣ ମଣ୍ଡପକୁ ମଦନ ମୋହନଙ୍କୁ ବିଜେ କରାଯାଏ। ସେଠାରେ ଭୋଗ ଲାଗି ପୂଜାର୍ଚ୍ଚନା କରାଯାଇ ଭିନ୍ନ ପ୍ରକାର ଭୋଗ ଲାଗି କରାଯାଏ। ରାକ୍ଷୀ ପୂର୍ଣ୍ଣିମା ଦିନ ପୂଜାର୍ଚ୍ଚନା କରାଯାଇ ୧୦ତାରିଖରେ ଉଦ୍‌ଯାପନୀ କରାଯିବ। ପୂଜକ ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, ମନ୍ଦିର ଜୀମାଦାର ଶ୍ୟାମ ସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏହି ଝୁଲଣ ପର୍ବ ପାଳନ କରାଯାଉଛି।

# ଝିଅକୁ ଅପହରଣ ନେଇ ମା'ଙ୍କ ଅଭିଯୋଗ

ଢେଙ୍କାନାଳ, ୫।୮ (ସମିସ): କାମାକ୍ଷାନଗର ଥାନା ଅଧୀନ ଖୁରୁସିଆ ଗ୍ରାମର ନବଘନ ବେହେରାଙ୍କ ପତ୍ନୀ ନିରୁପମା ବେହେରା ନିଜ ଝିଅର ଅପହରଣକୁ ନେଇ ଜିଲ୍ଲାପାଳଙ୍କୁ ଏକ ଲିଖିତ ଗୁହାରୀ ଜଣାଇଛନ୍ତି। ଗତ ଜୁଲାଇ ୨୩ତାରିଖ ରାତ୍ର ୩.୩୦ମିନିଟରେ ତାଙ୍କ ନାବାଳିକା ଝିଅକୁ ସେହି ଗ୍ରାମର ସର୍ବେଶ୍ୱର ବେହେରାଙ୍କ ପୁତ୍ର ସଞ୍ଜୟ ବେହେରା (୨୩) ଅପହରଣ କରିନେଇଛନ୍ତି। ଏହି ବିଷୟରେ କାମାକ୍ଷାନଗର ଥାନାରେ ଅଭିଯୋଗ କରି କେଶ ନଂ ୩୭୧/୨୫ରେ ରେଜିଷ୍ଟ୍ରି କରିଥିଲେ। ହେଲେ ଏପର୍ଯ୍ୟନ୍ତ ଝିଅକୁ ଉଦ୍ଧାର କରିନଥିବା ଓ ଆସାମୀକୁ ଧରିବାରେ ବିଫଳ ହୋଇଛନ୍ତି ବୋଲି ନିରୁପମା ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଗୁରୁତର ସହ ବିଚାର କରି ଶୀଘ୍ର ଝିଅକୁ ଉଦ୍ଧାର କରି ଆସାମୀକୁ ଗିରଫ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଗୁହାରୀ ଜଣାଇଛନ୍ତି।

**ଆସୁଛି ରାକ୍ଷୀ ପୂର୍ଣ୍ଣିମା**

# ଗଁଦିଆରେ ଖୋଲିଲା ରାକ୍ଷୀର ପସରା

ଗଁଦିଆ, ୫।୮ (ସମିସ)

ଆଗକୁ ଆସୁଛି ରାକ୍ଷୀ ପୂର୍ଣ୍ଣିମା। ପ୍ରଭୁ ବଳଦେବ ଜୀଉଙ୍କର ଜନ୍ମଦିନ। ଶ୍ରାବଣ ପୂର୍ଣ୍ଣିମାରେ ପାଳନ ହେଉଥିବା ରାକ୍ଷୀ ବନ୍ଧନ ଉତ୍ସବ ଭାଇ ଭଉଣୀଙ୍କ ମଧ୍ୟରେ ସ୍ନେହର ବନ୍ଧନକୁ ଆହୁରି ନିବିଡ଼ କରିଥାଏ। ରାକ୍ଷୀ ପୂର୍ଣ୍ଣିମା ଦିନ ଭଉଣୀ ଚନ୍ଦନ, ହଳଦୀ, ଦୀପ, ଅରୁଆ ଚାଉଳ ରଖି ପୂଜା ଥାଳି ପ୍ରସ୍ତୁତ କରି ଭାଇ ହାତରେ ରାକ୍ଷୀ ବାନ୍ଧି ତାର ଶୁଭ ମନାସୀ ଦୀର୍ଘାୟୁ

**● ୧ ଟଙ୍କାରୁ ୫୦୦ ଟଙ୍କାରେ ହେଉଛି ବିକ୍ରି**



କାମନା କରିଥାନ୍ତି। ଭାଇ ନିଜ ଭଉଣୀର ସୁଖ ଦୁଃଖରେ ସହଭାଗୀ ହେବା ପାଇଁ ପ୍ରତିଶ୍ରୁତି ଦେଇଥାଏ। ଚଳିତ ମାସର ୯ ତାରିଖରେ ସବୁଠି ଆନନ୍ଦ ଉଲ୍ଲାସସହ ପାଳିତ ହବ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଉତ୍ସବ। ରାକ୍ଷୀ ବନ୍ଧନ ଉତ୍ସବକୁ ନେଇ ଗଁଦିଆ ଗ୍ରାମାଞ୍ଚଳ ଓ ସହର ଚଳଚଞ୍ଚଳ ହୋଇ ପଡ଼ିଥିବା ବେଳେ ରାକ୍ଷୀ ବ୍ୟବସାୟ ଜୋର୍ ଧରିଛି। ରାକ୍ଷୀ ପୂର୍ଣ୍ଣିମାକୁ ନେଇ ଗଁଦିଆ ଅଞ୍ଚଳବାସୀ ମଧ୍ୟରେ ଉତ୍ସାହ ଭରି ରହିଥିବା ବେଳେ ମାଳ ମାଳ ରାକ୍ଷୀ ଦୋକାନ ଦେଖିବାକୁ ମିଳୁଛି। ଅଧିକାଂଶ ଦୋକାନରେ ଶତାଧିକ ପ୍ରକାରର ରାକ୍ଷୀ ବିକ୍ରି ହେଉଥିବା ବେଳେ ଏକ ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ରାକ୍ଷୀ ବିକ୍ରି ହେଉଛି। ବିଶେଷ କରି ବ୍ରେସଲେଟ ଶୈଳୀ ଏବଂ ରୁଦ୍ରାକ୍ଷ ରାକ୍ଷୀର ବେଶ ଚାହିଦା ରହିଛି। ଆମ ହିନ୍ଦୁ ଧର୍ମରେ ରୁଦ୍ରାକ୍ଷକୁ ଅତ୍ୟନ୍ତ ପବିତ୍ର ଓ ରକ୍ଷା କବଚ ବୋଲି ବିବେଚନା କରାଯାଏ। କଷ୍ଟମଜଡ, ପାର୍ସୀନାଲିଜ ରାକ୍ଷୀରେ ମଧ୍ୟ ରୁଦ୍ରାକ୍ଷ ଗୁନ୍ଥା ହୋଇରହିଛି। ଏହି ସବୁ ଦାମ ୩୦ ଟଙ୍କାରୁ ଆରମ୍ଭ କରି ଡିଜାଇନ ଅନୁସାରେ ମୂଲ୍ୟ ରହିଛି। ଆଗଭଳି ଏବେ ମଧ୍ୟ ବଜାରରେ ଷ୍ଟୋନ, କ୍ରିଷ୍ଟାଲ, ଚେନ କାର୍ଟୁନ ଓ ଫ୍ୟାନସି ରାକ୍ଷୀ ଉପଲବ୍ଧ ହେଉଛି। ହେଲେ ଏବେ ଷ୍ଟୋନ ଓ କ୍ରିଷ୍ଟାଲ ରାକ୍ଷୀର ଚାହିଦା ବେଶୀ ରହିଛି। ଯାହାର ମୂଲ୍ୟ ୨୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। କୁନି କୁନି ପିଲାଙ୍କ ପାଇଁ ଛୋଟ ଭୀମ, ମୋଟୁ ପତଲୁ, ସ୍ପାଇଡରମ୍ୟାନ, ଡୋରେମନ, ଆଂଗ୍ରୀବାର୍ଡ଼ ଭଳି କାର୍ଟୁନ ରାକ୍ଷୀ ରହିଛି। ଏହାସହ ପ୍ରଜାପତି, ମୋବାଇଲ ଆଦି କାର୍ଟୁନ ରାକ୍ଷୀ ଆଦି ମିଳୁଛି। ଏଗୁଡିକ ୧୦ ଟଙ୍କାରୁ ଆରମ୍ଭ କରି ୨୦୦ ପର୍ଯ୍ୟନ୍ତ ରହିଛି। ଏହାଛଡ଼ା ଅଳେଇଚ, ଲବଙ୍ଗ, ସିନ୍ଦୁର ଚନ୍ଦନ, ଚାଉଳ ମିଶ୍ରିତ ଆଦି ସଜା ହଉଥିବା ରାକ୍ଷୀ ଥାଳିର ଆଦର ରହିଛି। ଏହାର ଦାମ ୨୦ ଟଙ୍କାରୁ ଆରମ୍ଭ କରି ୨୦୦ ଟଙ୍କା ଭିତରେ ରହିଛି। କୋଲକାତା, ଦିଲ୍ଲୀ, ମହାରାଷ୍ଟ୍ର ଓ କଟକରୁ ପ୍ରତି ବର୍ଷ ଏହି ରାକ୍ଷୀ ଗଁଦିଆକୁ ଆସିଥାଏ। ଅନ୍ୟପକ୍ଷରେ ରାକ୍ଷୀ ବିକ୍ରି କରୁଥିବା ବ୍ୟବସାୟୀ ମାନେ ଏବର୍ଷ ରାକ୍ଷୀ ବିକ୍ରି କରି ଭଲ ଦି ପଇସା ରୋଜଗାର କରିବେ ବୋଲି ଆଶା ରଖିଛନ୍ତି।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦବଣ୍ଟନ ସେବା

ପରଜଙ୍ଗ, ୫।୮ (ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକର ବିଭିନ୍ନ ଶୈବପୀଠମାନଙ୍କରେ ପବିତ୍ର ଶ୍ରାବଣ ମାସର ଶେଷ ସୋମବାର କାଉଡିଆ ଭକ୍ତମାନଙ୍କ ଠାରୁ ଆରମ୍ଭ କରି ଅନ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ବ୍ଲକର ସର୍ବପୁରାତନ କୁଆଲୁ ଅଷ୍ଟଶମ୍ଭୁ ମନ୍ଦିର, ସରାଙ୍ଗ ଅନନ୍ତ ଶୟନ, ପରଜଙ୍ଗ ବାଞ୍ଛେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଅଧିକ ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରୁ କାଉଡ଼ିଆ ଭକ୍ତମାନେ ନିଷ୍ଠାର ସହ ପୂଜାର୍ଚ୍ଚନା କରି ନଦୀରୁ ପାଣି ଭାର ଧରି ବୋଲ ବମ, ହରେ ହରେ ବମ ଧ୍ୱନିରେ ମନ୍ଦିର ଅଭିମୁଖେ ଯାଇ ସେଠାରେ ଜଳାଭିଷେକ କରିଥିଲେ। କୁଆଲୁ ମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ ଯୋଗୁଁ ଶୃଙ୍ଖଳାର ସହ ଦର୍ଶନ କରିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦୁଇଟି ଧାଡି କରାଯାଇଥିଲା। ଗୋଟିଏ ଧାଡ଼ିରେ ଶ୍ରଦ୍ଧାଳୁ ଭକ୍ତମାନେ ଠାକୁର ଦର୍ଶନ କରିଥିବା ବେଳେ ଅନ୍ୟଧାଡିରେ କାଉଡିଆ ଭକ୍ତମାନେ ମନ୍ଦିରରେ ଜଳାଭିଷେକ କରିଥିଲେ। ହଜାର ହଜାର ଭକ୍ତ ସମାଗମକୁ ନିୟନ୍ତ୍ରଣ ରଖିବାକୁ ବ୍ୟାପକ ପୁଲିସ ବାହିନୀ ମୁତୟନ ରହିଥିଲେ। ଶ୍ରଦ୍ଧାଳୁମାନେ ଦର୍ଶନ ସାରି ମନ୍ଦିର ବାହାରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଇଥିବା ଅନ୍ନପ୍ରସାଦ ସେବନ କରିଥିଲେ। ଅନୁଷ୍ଠାନ ମଧ୍ୟରେ କୁଆଲୁ ପରମହଂସପୁର ଗ୍ରାମର ହନୁମାନ ମନ୍ଦିର କମିଟିର ମୁଖ୍ୟ ସୁଜିତ୍ କୁମାର ନାୟକ ଓ ସହଯୋଗୀଙ୍କୁ ନେଇ ଅନ୍ନପ୍ରସାଦ ଷ୍ଟଲ ଖୋଲିଥିବା ବେଳେ ସରାଙ୍ଗ ଓ ତାଳଚେର ଭାଇ ଭାଇ ବୋଲବମ ପୂଜା କମିଟି, ପରଜଙ୍ଗ ମା' ମଙ୍ଗଳା କିନ୍ନର ସଂଘ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦର ଆୟୋଜନ କରାଯାଇଥିଲା। ସେହିପରି ପରଜଙ୍ଗ ବାଞ୍ଛେଶ୍ୱର ମନ୍ଦିରରେ ସକାଳୁ ସକାଳୁ ଭକ୍ତ ମାନଙ୍କ ସମାଗମ ଦେଖିବାକୁ ମିଳିଥିଲା। ମନ୍ଦିରର ମୁଖ୍ୟ ପୂଜକ ସୁଦର୍ଶନ ରଣା ପୂଜାର୍ଚ୍ଚନା କରିଥିବା ବେଳେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ଶୃଙ୍ଖଳା ଦାୟିତ୍ୱ ନିର୍ବାହ କରିଥିଲେ।



# ତେଲକୋଇରେ ବିକାଶର ନଗ୍ନ ଚିତ୍ର

ତେଲକୋଇ, ୫।୮ (ସମିସ)






ତେଲକୋଇ ନିର୍ବାଚନମଣ୍ଡଳୀ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠି ବିକାଶ ବହୁଦୂରରେ। ବିଭିନ୍ନ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ। ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ରାସ୍ତାଘାଟ, ବିଦ୍ୟୁତ୍ ଭଳି ସମସ୍ୟା ତେଲକୋଇ ବ୍ଲକରେ ଲାଗି ରହିଛି। ସରକାର ପରିବର୍ତ୍ତନ ପରେ ମଧ୍ୟ ଲୋକଙ୍କ ଆଶାନୁଯାୟୀ ଏଠାରେ ବିକାଶ କାର୍ଯ୍ୟ ହେଉନାହିଁ। ତେଲକୋଇ ବିଧାୟକ ତେଲକୋଇ ମେଡ଼ିକାଲରେ ଡ଼ାକ୍ତର ଥିଲେ। ଲୋକେ ଭାବିଥିଲେ ସେ ବିଧାୟକ ଭାବେ ନିର୍ବାଚିତ ହେଲେ ଅଞ୍ଚଳର ବିକାଶ ହେବ ହେଲେ ଲୋକଙ୍କ ସ୍ୱପ୍ନ ପାଣି ଫୋଟକା ଭଳି ମିଳେଇ ଯାଇଛି। ବିଧାୟକ କିଛି ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ତେଲକୋଇ ବିକାଶ ଦାୟିତ୍ୱରେ ପୁଣି ଅବସ୍ଥାପିତ କରୁଛନ୍ତି। ଯାହାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିକାଶର ଆଶା ମଉଳି ଯାଇଛି। ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଭାବେ ପଞ୍ଚାନନ ଧରଣିଆ ତେଲକୋଇରେ ଦୀର୍ଘ ୧୫ ବର୍ଷ ଧରି ଅବସ୍ଥାପିତ ଥିଲେ। ହେଲେ ପୂର୍ତ୍ତ ବିଭାଗର ରାସ୍ତାରେ କୌଣସି ସୁଧାର ହୋଇ ନଥିଲା।

ବିଶେଷ କରି ତେଲକୋଇ-ବିମଳା ଓ ତେଲକୋଇ-କାଞ୍ଜିପାଣି ରାସ୍ତା ସହ ତେଲକୋଇ ବଜାରଠାରୁ ଡ଼ାକବଙ୍ଗଳା ରାସ୍ତା। ଏସବୁ ରାସ୍ତାର ଅବସ୍ଥା ଏବେ ମଧ୍ୟ ଯଥା ପୂର୍ବଂ ତଥା ପରଂ ରହିଛି। ତେଲକୋଇର ବିକାଶ କଥା କହୁଥିବା ବିଧାୟକ କିଭଳି ଭାବେ ପୁଣି ଥରେ ସେହି ପଞ୍ଚାନନ ଧରଣିଆଙ୍କୁ ପୂର୍ତ୍ତ ବିଭାଗର ଏସଡିଓ କରି ଆଣିଛନ୍ତି ତାହା ଚର୍ଚ୍ଚାର ବିଷୟ ପାଲଟିଛି।

ସେହିଭଳି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କେତେବେଳେ ଡ଼ାକ୍ତର ଅଭାବ ସହ ରୋଗୀ ୱାର୍ଡରେ ବର୍ଷା ପାଣି ଗଳୁଛି, ପରିମଳ ବ୍ୟବସ୍ଥା, ପାନୀୟଜଳର ସମସ୍ୟା, ଡ଼ାକ୍ତର ଓ କର୍ମଚାରୀଙ୍କ ବାସଭବନ ଆଦି ସମସ୍ୟା ରହିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପିଏମ ଭାବେ ୧୨ ବର୍ଷରୁ ଅଧିକ ହେବ ଜଣେ କର୍ମଚାରୀ ରହି ମେଡ଼ିକାଲରେ ବହୁ କେଳେଙ୍କାରି କରିଥିବା ବେଳେ ତାଙ୍କୁ ଏଠାରୁ ହଟାଇବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ କରାଯିବା ସହ ବିଧାୟକଙ୍କୁ ଅବଗତ କରିଥିଲେ। ବିଧାୟକ ନିଜେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ଥିବା ବେଳେ ବିପିଏମଙ୍କ କେଳେଙ୍କାରି ବିଷୟରେ ଜାଣିବାକୁ ପାଇଥିଲେ। ଏନେଇ ଗତ ୨୩ ତାରିଖ ସ୍ୱାସ୍ଥ୍ୟ ବିଭାଗୀୟ ସ୍ଥାୟୀ କମିଟି-୫ ତେଲକୋଇ ଗସ୍ତ ସମୟରେ ନାଗରିକ ସମାଜ ପକ୍ଷରୁ ବିପିଏମଙ୍କ ବ୍ୟାପକ ଅନିୟମିତତାରେ ସଂଶ୍ଳିଷ୍ଟ ରହିଥିବା ଓ ତାଙ୍କ ଅମାପ ସମ୍ପତ୍ତିର ଭିଜିଲାନ୍ସ ତଦନ୍ତ କରିବା ପାଇଁ କମିଟିର ଅଧକ୍ଷଙ୍କୁ ଅଭିଯୋଗ କରିଥିଲେ। ବିଧାୟକ ହେବାପରେ ତାଙ୍କ ଉପରେ କୌଣସି ପଦକ୍ଷେପ ନନେଇ ତାଙ୍କୁ ଘଣ୍ଟ ଘୋଡାଇବା ନେଇ ଲୋକଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି।

ଅପରପକ୍ଷରେ, ଏବେ ମଧ୍ୟ ୧୨ଟି ପଞ୍ଚାୟତ ଅନ୍ଧାରରେ ରହୁଛି। ଲୋକେ ଡାକ୍ତରଙ୍କୁ ବିଧାୟକ ଭାବେ ଏଥିପାଇଁ ଭୋଟ ଦେଇଥିଲେ କି ଦୀର୍ଘ ୧୫ ବର୍ଷଧରି ବିଦ୍ୟୁତ୍ ସମସ୍ୟାରୁ ମୁକ୍ତି ପାଇବେ ହେଲେ ବର୍ଷରେ ଊର୍ଦ୍ଧ୍ୱ ହେବ ବିଧାୟକ ଆସନରେ ଅଭିଷିକ୍ତ ଥିଲେ ମଧ୍ୟ ଏ ସମସ୍ୟା ପ୍ରତି ଧ୍ୟାନ ନଦେବା ପରିତାପର ବିଷୟ ପାଲଟିଛି। ଲୋକେ ଯେଉଁ ଆଶା ନେଇ ଡାକ୍ତରଙ୍କୁ ବିଧାୟକ କରିଥିଲେ ତାହା ଏବେ ପୂରଣ ହେବା ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇବା ସହ ଅସନ୍ତୋଷ ଦେଖାଦେଇଛି।

## ଚନ୍ଦ୍ରଶେଖର ପୀଠରେ ଜଳାଭିଷେକ



କେନ୍ଦୁଝର,୫।୮ (ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କେନ୍ଦୁପୋଶି ଗାଁର ବୋଲ୍‌ବୋମ୍ ଭକ୍ତମାନେ ବଦାପଲସା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ପୀଠରେ ଚତୁର୍ଥ ସୋମବାର ଜଳାଭିଷେକ କରିଛନ୍ତି। ସ୍ଥାନୀୟ ଅରଡେଇ ନଦୀରୁ ଜଳ ଉଠାଇ ମହାଦେବଙ୍କଠାରେ ପାଣି ଢାଳି ପୂଜାର୍ଚ୍ଚନା କରିଥିଲେ। ବୋଲ୍ ବୋମ୍ ଦଳରେ ଦିଲ୍ଲୀପ ପାତ୍ର, ଭକ୍ତବନ୍ଧୁ ପାତ୍ର, ଲକ୍ଷ୍ମଣ ପାତ୍ର, ତାଳକେଶ୍ୱର ପାତ୍ର, ଡାଳିମ୍ବ ଦାସ, ତପସ୍ୱିନୀ ପାତ୍ର, ଭାରତୀ ପାତ୍ର, ପରେଶ ବାରିକ୍, ରାଜୁ ବାରିକ, ହାପି ବାରିକ ପ୍ରମୁଖ ସାମିଲ ହୋଇଥିଲେ।

## ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୫।୮ (ସମିସ): ପୁରୁଣା ବଜାର, ମ୍ୟୁନିସିପାଲିଟି ହାଇସ୍କୁଲରେ ଶିଶୁ ସୁରକ୍ଷା କମିଟି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଶ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଯୁବ ଆଇନଜୀବୀ ତଥା ଘୁଙ୍ଗୁର କ୍ଲବ ସମ୍ପାଦକ ସନ୍ତୋଷ ଦାସ, କାଉନ୍‌ସିଲର୍ ଶରତ ସାହୁ, ଶିଶୁ ସୁରକ୍ଷା କମିଟି ସୁପରଭାଇଜର ରୋହିତ ମହାନ୍ତ ଯୋଗ ଦେଇଥିଲେ। କର୍ମଚାରୀ କୃଷ୍ଣଚନ୍ଦ୍ର ମହାନ୍ତ ଏବଂ ସ୍କୁଲର କ୍ରୀଡ଼ା ଶିକ୍ଷକ ପରିଚାଳନା କରିଥିବାବେଳେ ଶିଶୁ ସୁରକ୍ଷା କମିଟିର ଦେବଜ୍ୟୋତି ଦେହୁରୀ ଧନ୍ୟବାଦ ଦେଇଥିଲେ।

## ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ବୈଠକ




ଆନନ୍ଦପୁର, ୫।୮ (ସମିସ): ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦକ ଅରୁଣ କୁମାର ମହାନ୍ତିଙ୍କ ସଂଯୋଜନାରେ ଏହି ସଭାରେ ସର୍ବପ୍ରଥମେ ଦିବଂଗତ ସଭ୍ୟ ଅନନ୍ତ ଚରଣ ସାଙ୍କ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ନୂତନ ସଦସ୍ୟ ଇଞ୍ଜିନିଅର ଶ୍ରୀଧର ବେହେରା, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶ୍ରୀଧର ବେହେରା ଓ ସୁଦର୍ଶନ ବଳ, ଡାକ୍ତର ସୁଧାଂଶୁ ଶେଖର ବଳ, ପ୍ରଦୀପ କୁମାର ଦାସଙ୍କୁ ସ୍ୱାଗତ କରାଯାଇଥିଲା। ବିଭିନ୍ନ ସାମାଜିକ ସେବା, ବୃକ୍ଷ ରୋପଣ, ସାଇବର ସଚେତନତା ସହ ବାର୍ଷିକ ଉତ୍ସବ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁ, ଉପସଭାପତି କୀର୍ତ୍ତନ ସାହୁ, ବିନୋଦ ମିଶ୍ର, ଉପଦେଷ୍ଟା ଡ. ଅଭିନ୍ନ କୁମାର ସାହୁ, ରଘୁନାଥ ପଣ୍ଡିତ, ରାମଚନ୍ଦ୍ର ଜେନା, ସାବିତ୍ରୀ ଦାସ, ସତ୍ୟାନନ୍ଦ ମିଶ୍ର ପ୍ରମୁଖ ଭାଗ ନେଇଥିଲେ। କୋଷାଧ୍ୟକ୍ଷ ବିନୋଦ ଦାସ ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ବରିଷ୍ଠ ସାମ୍ବାଦିକ ଶତ୍ରୁଘ୍ନ ସାହୁ, ମୁରଲୀଧର ମିଶ୍ର, ଗଗନ ସିଂ, ରବୀନ୍ଦ୍ର ଚାନ୍ଦ, ସବିତା ଦାସ, ନଗେନ ଚାନ୍ଦ, ଅଯୋଧ୍ୟା ଘଡେଇ, କୈଳାସ ନାହାକ ଉପସ୍ଥିତ ଥିଲେ।

## ଶ୍ରୀଗୁରୁ ପୂଜନ ଓ ଶ୍ରୀଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ



ବେଲବାହାଲି,୫।୮ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ସିଦ୍ଧେଶ୍ୱର ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଶ୍ରୀଗୁରୁ ପୂଜନ ଓ ଶ୍ରୀଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ ଡ. ସନତ କୁମାର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସେବା ଭାରତୀର ସଂଗଠନ ମନ୍ତ୍ରୀ ସ୍ୱର୍ଗତ କୈଳାସଚନ୍ଦ୍ର ଜେନାଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଆର୍‌ଏସଏସ କେନ୍ଦୁଝର ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ମହାନ୍ତ ଯୋଗଦେଇଥିଲେ। ଉକ୍ତ ସଭାରେ ବଜରଙ୍ଗୀ ପ୍ରଭାତ ଶାଖା, ସାଇଁକୁଳର ବରିଷ୍ଠ ସ୍ୱୟଂ ସେବକ ତଥା ଆଦର୍ଶ ଶିକ୍ଷକ ଗୈ।ରାଙ୍ଗ ଚରଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଦୀପ କୁମାର ଚକ୍ର, ବେଲାଳସେନ ପତି, ଗୋପାଳଚନ୍ଦ୍ର ପରିଡ଼ା, ମୋହନଚରଣ ଚକ୍ର, ଜଗତବନ୍ଧୁ ମହାନ୍ତି, କୁଳମଣି ଜେନା, ହରିହର ବେହେରା, ଜଳଧର ବେହେରା, ବେଣୁଧର ପରିଡ଼ା, ବିପିନ ବିହାରୀ ମହାନ୍ତି, ବିମ୍ବାଧର ସାମଲ ପ୍ରମୁଖ ରାଷ୍ଟ୍ରବାଦୀ ଚିନ୍ତକ ମାର୍ଗଦର୍ଶନ କରିଥିବା ବେଳେ ଘଷିପୁରା ସ୍ୱୟଂସେବକ ଅମୀୟ ଶା, ଅଶୋକ ଘଡ଼େଇ, ଅବସରପ୍ରାପ୍ତ ସୁବେଦାର ସନ୍ତୋଷ ସ୍ୱାଇଁ, ପ୍ଲାବନ ପରିଡ଼ା, ଚନ୍ଦନ ପରିଡ଼ା, ସଞ୍ଜୀବ ପଣ୍ଡା, ସରୋଜ ସାହୁ, ରୁଦ୍ରନାରାୟଣ ପାଢୀ, ଦେବୀପ୍ରସାଦ ମହାନ୍ତି, ସୁରଜ୍ ସାହୁ, ରୁଦ୍ରପ୍ରତାପ ଦାଶ ସହଯୋଗ କରିଥିଲେ।

## ● ଏସ୍‌ଆର୍ ପ୍ଲାଣ୍ଟ ବିସ୍ଥାପିତଙ୍କ ସମସ୍ୟା
## ପୁଲିସ୍ ଅଟକାଇଲା ଅଭିଯୋଗକାରୀଙ୍କ ବସ୍




ଆନନ୍ଦପୁର/ବେଲବାହାଲି/ରାମଚନ୍ଦ୍ରପୁର, ୫।୮ (ସମିସ): ପ୍ଲାଣ୍ଟ ଯୋଗୁଁ ବିସ୍ଥାପିତ ହେବାକୁ ଥିବା ଶତାଧିକ ଗ୍ରାମବାସୀ ଅଭିଯୋଗ କରିବାକୁ ଭୁବନେଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଯାଉଥିବା ସମୟରେ ୩ଟି ବସ୍‌କୁ ଅଟକାଇଛି ଆନନ୍ଦପୁର ଉପଖଣ୍ଡ ପୁଲିସ। ଏନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ମହାଦେଇଯୋଡା ପଞ୍ଚାୟତ ଅଞ୍ଚଳରେ ଏସଆର୍ କମ୍ପାନୀ ତାର ଏକ ବେନିଫିକେସନ ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରସ୍ତାବିତ ସ୍ଥଳରେ ପୂର୍ବରୁ ପ୍ରଶାସନ ତରଫରୁ ଜନଶୁଣାଣି କରାଯାଇଥିଲା। ହେଲେ ଏହି ଜନଶୁଣାଣିରେ ବିସ୍ଥାପିତଙ୍କୁ ସାମିଲ କରା ନଯାଇ ବାହାର ଲୋକଙ୍କୁ ବସାଇ ପ୍ରଶାସନ ଜନଶୁଣାଣି କାମ ସାରିଥିବା ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ। ଏହାକୁ କେନ୍ଦ୍ରକରି ହାଇକୋର୍ଟରେ ମଧ୍ୟ ଏକ ମାମଲା ରୁଜୁ ହୋଇଥିଲା। ଆଜି ସ୍ଥାନୀୟ ଟିକରପଡା, କାଦଗଡ, ମହାଦେଇଯୋଡା ସହ ନିକଟବର୍ତ୍ତୀ ଗ୍ରାମର ଶତାଧିକ ଲୋକେ ୩ଟି ବସ୍ ଯୋଗେ ଭୁବନେଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଯାଉଥିବା ସମୟରେ ଆନନ୍ଦପୁର ଉପଖଣ୍ଡ ୨୦ ନଂ ଜାତୀୟ ରାଜପଥ ହସନପୁର ଟୋଲଗେଟ୍ ନିକଟରେ ପୁଲିସ ସେମାନଙ୍କୁ ଅଟକ ରଖିଥିଲା। ଏହି ଘଟଣାକୁ କେନ୍ଦ୍ରକରି ଦୀର୍ଘ ସମୟ ଧରି ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ପ୍ରାୟ ୨ ଘଣ୍ଟା ଅଟକ ପରେ ପୁଲିସ୍ ସେମାନଙ୍କୁ ଯିବାକୁ ଅନୁମତି ଦେଇଛି। ତେବେ ଏହି ଘଟଣାକୁ ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକେ। ଆରଟିଓଙ୍କ ନିର୍ଦ୍ଦେଶରେ ପୁଲିସ୍ ଗାଡିଗୁଡିକୁ ଅଟକ ରଖିଥିବା କହିଛନ୍ତି ଆନନ୍ଦପୁର ଏସଡିପିଓ।

## ଅସହାୟ ପରିବାରକୁ ଭେଟିଲେ ସମାଜସେବୀ



ରାମଚନ୍ଦ୍ରପୁର,୫।୮ (ସମିସ): ଘସିପୁରା ବ୍ଲକ ପଣ୍ଡୁଆ ହରିଜନ ବସ୍ତିର ବିଦ୍ୟାଧର ଜେନାଙ୍କ ପତ୍ନୀ ଜାନକୀ ଜେନା(୪୫)ଙ୍କ ଅକାଳ ବିୟୋଗରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଏହି ସମୟରେ ଅସହାୟ ପରିବାରଙ୍କ ନିକଟରେ ଗରିବ ସେବା ସଦନର ସଭାପତି ଡ. ଶମ୍ଭୁନାଥ ରାଉତ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ସହିତ ଶୁଦ୍ଧିକ୍ରିୟା ପାଇଁ ପରିବାର ଲୋକଙ୍କୁ ସହାୟତାର ହାତ ବଢାଇଛନ୍ତି। ଘରେ ତାଙ୍କ ସ୍ୱାମୀ ଏବଂ ଛୋଟ ଛୋଟ ତିନୋଟି ପିଲା ଅସହାୟ ହୋଇପଡ଼ିଛନ୍ତି। ସେହିପରି କୋଳିମାଟି ପଞ୍ଚାୟତ ନୂଆପଡା ଗ୍ରାମର ଲମ୍ବୋଦର ଦାସ(୭୫)ଙ୍କ ବିୟୋଗ ହେବା ପରେ ତାଙ୍କ ପରିବାରକୁ ଶୁଦ୍ଧିକ୍ରିୟା ନିମନ୍ତେ ତାଙ୍କ ବିଧବା ପତ୍ନୀ ଲତା ଦାସଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ସହିତ ଗରିବ ସେବାସଦନର ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଛନ୍ତି।

## ଖଣିରେ ଦୁର୍ଘଟଣା; ଶ୍ରମିକ ମୃତ

ଯୋଡ଼ା, ୫।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ପୂର୍ବ ଯୋଡ଼ା ଲୌହ ଖଣିରେ ଜଣେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଗିରିଡ଼ିହି ଅଞ୍ଚଳର ସୁରଜ ମହନ୍ତ (୨୬ ବର୍ଷ)। ଠିକାସଂସ୍ଥାର ସୂଚନା ଅନୁସାରେ, ଭେଣ୍ଡର ସହଯୋଗୀ ସଂସ୍ଥା ଇଣ୍ଟରଷ୍ଟେଟ ସିଣ୍ଡିକେଟ୍‌ରେ ସହଯୋଗୀ ଶ୍ରମିକ ଭାବରେ ନିଯୋଜିତ ହୋଇଥିଲେ। ଅଗଷ୍ଟ ୪ ତାରିଖ ରାତି ପ୍ରାୟ ୧୧.୫୫ ମିନିଟ ସମୟରେ ଖଣି ଅଞ୍ଚଳର ପ୍ଲାଣ୍ଟ ଏରିଆରେ କାର୍ଯ୍ୟ କରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ତୁରନ୍ତ ଟାଟା ଷ୍ଟିଲ ମେନ ହସ୍ପିଟାଲ ଯୋଡାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ ତାଙ୍କର ପରିବାର ଏବଂ ସମସ୍ତ ବିଭାଗୀୟ ସଂସ୍ଥାକୁ ଅବଗତ କରାଯାଇଛି। ତେବେ, ପୂର୍ବରୁ ମଧ୍ୟ ଏହି ଭେଣ୍ଡର ପାଖରେ କାର୍ଯ୍ୟ କରୁଥିବା ଜଣେ ଲୋଡର ଅପରେଟରଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ମାସକ ଭିତରେ ପୁଣି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟଣା କାର୍ଯ୍ୟସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରାଜରାସ୍ତାରେ ନିଶା ବେପାର; ଉଜୁଡ଼ି ଯାଉଛି ପରିବାର

ବେଲବାହାଲି,୫।୮ (ସମିସ): ଘସିପୁରା ଥାନା ୩ନଂ ଜୋନର ବିଭିନ୍ନ ପଞ୍ଚାୟତର ଗ୍ରାମଗୁଡ଼ିକରେ ଦିନକୁ ଦିନ ଦେଶୀମଦ ଓ ଗଞ୍ଜେଇ ବେପାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। କେବଳ ଦେଶୀ ମଦ କିମ୍ବା ଗଞ୍ଜେଇ ନୁହେଁ; ବ୍ରାଉନସୁଗର ଭଳି ବିଭିନ୍ନ ନିଶାଦ୍ରବ୍ୟ ବିକି ଅନେକ ପରିବାରକୁ ଉଜାଡି ଦେଉଛନ୍ତି। ଅନ୍ୟପଟେ କିଛି ଅସାମାଜିକ ବ୍ୟକ୍ତିମାନେ ଦେଶୀ ମଦ ଓ ମହୁଲି ଭଳି ନିଶା ଦ୍ରବ୍ୟକୁ ହାତରେ ଧରି ରାଜରାସ୍ତାରେ ବିକୁଥିବା ଘଟଣା ସାମନାକୁ ଆସୁଛି। ଗତକିଛି ଦିନ ତଳେ କେନ୍ଦୁଝର ଜିଲ୍ଲା ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର, ଆନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଆନନ୍ଦପୁର, ଘସିପୁର, ରାମଚନ୍ଦ୍ରପୁର, ନନ୍ଦିପଦା ଥାନା ଅଞ୍ଚଳରେ ସମସ୍ତ ଥାନା ଅଧିକାରୀଙ୍କୁ ନେଇ ଏକ ଟିମ ଗଠନ କରି ଦୀର୍ଘ ୪୮ ଘଣ୍ଟାର ଚଢ଼ଉ ଫଳରେ ୨୧୩ ଗ୍ରାମ ବ୍ରାଉନ୍‌ସୁଗର ଜବତ କରିବା ସହିତ ଏହାର ବିକ୍ରି ଅଭିଯୋଗରେ ପୁଲିସ ୨୧ ଜଣଙ୍କୁ ଗିରଫ କରିଥିଲା। ଏଥିସହ ଦୁର୍ବୃତ୍ତଙ୍କ ନିକଟରୁ ନଗଦ ୮ ଲକ୍ଷ ୩୦ ହଜାର ଟଙ୍କା ଏବଂ ୧୨ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିଥିଲା। କିଛି ଦିନ ନ ଯାଉଣୁ ପୁଣି ରାଜରାସ୍ତାରେ ବ୍ରାଉନସୁଗର ଭଳି ନିଶାଦ୍ରବ୍ୟ ବିକ୍ରି ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଜନସାଧାରଣ ତଥା ଯୁବବର୍ଗଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ଅସାମାଜିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## କମ୍ପାନୀ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ଯୋଡ଼ା, ୫।୮ (ସମିସ): ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡର ସାନିନ୍ଦପୁର ଲୌହ ଏବଂ ବକ୍ସାଇଟ ଖଣିର ଖଣି ପରିଚାଳକ ତଥା ଏଭିପି ଅନିଲ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ସିଏସଆର ବିଭାଗ ତରଫରୁ ସ୍ଥାନୀୟ ସାନିନ୍ଦପୁର ଗାଁ ଓ ବଡ ଇନ୍ଦୁପୁର ଗାଁ ଏବଂ ସ୍କୁଲରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। କମ୍ପାନୀର ଡାକ୍ତର ମୁକ୍ତିକାନ୍ତ ମହାନ୍ତି ଡାଇରିଆ, ମ୍ୟାଲେରିଆ, ଜଣ୍ଡିସ ଓ ଟାଇଫଏଡ ରୋଗର ଲକ୍ଷଣ ଓ ନିରାକରଣ ଉପରେ ଜନସାଧାରଣଙ୍କୁ ବୁଝାଇଥିଲେ। ସ୍କୁଲରେ ପିଲାମାନଙ୍କୁ ସଫାସୁତୁରା ରହିବା ସହ ଖାଇବା ପୂର୍ବରୁ ଏବଂ ପରେ ହାତ ଧୋଇ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଓଆରଏସ ଏବଂ ପାଣିକୁ ଫୁଟାଇ ଏହାକୁ ଛାଣି ପିଇବାକୁ କୁହାଯାଇଥିଲା। ସ୍ଥାନୀୟ ପୁରେହିବାହାଲ ବସ୍ତିରେ ଲୋକଙ୍କ ଅନେକ ସମୟରେ ଦେହ ଖରାପ ହେଲେ ଆଶାକର୍ମୀଙ୍କ ସହ ପରାମର୍ଶ କରି ଔଷଧ ଖାଇବାକୁ ଅନୁରୋଧ କରାଯାଇଥିଲା। କମ୍ପାନୀର କାର୍ମିକ ବିଭାଗର ଜିଏମ ବି.ପି ଷଡ଼ଙ୍ଗୀ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ସଚେତନ କରାଇଥିଲେ। ସିଏସଆର ବିଭାଗର ସିନିଅର ମ୍ୟାନେଜର ଉଜ୍ଜ୍ୱଳ କୁମାର ମଲ୍ଲିକ ଦୈନନ୍ଦିନ ଜୀବନରେ ରୋଗ ପାଇଁ ଯୋଗ ଏବଂ ବ୍ୟାୟାମ କରିବାକୁ ଉପଦେଶ ଦେଇଥିଲେ। ଡ. ପୃଥ୍ୱୀରାଜ ସାହୁ ନିଜ ଘର ସଫା ସୁତୁରା ରଖିବା ସହ ସନ୍ତସନ୍ତିଆ ଜାଗାରେ ବ୍ଲିଚିଙ୍ଗ ପକାଇବାକୁ କହିଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ, ଶିକ୍ଷକଶିକ୍ଷୟିତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ଓ କମ୍ପାନୀର ମେଡିକାଲ ଆଡମିନ ସୁଜିତ ମହନ୍ତ ସାମିଲ ହୋଇଥିଲେ। ଏଜିଏମ ରମାକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## ଗଁପୁର ରାସ୍ତା ପାଲଟିଛି ମରଣଯନ୍ତା



ଆନନ୍ଦପୁର,୫।୮ (ସମିସ): ୨୦ନମ୍ବର ଜାତୀୟ ରାଜପଥର ଜର୍ଦ୍ଦା ଛକଠାରୁ ଗଁପୁର ରାସ୍ତାର ଅବସ୍ଥା ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲ ହୋଇଥିବାରୁ ସାଧାରଣ ଲୋକଙ୍କ ଯାତାୟାତ ଅସୁରକ୍ଷିତ ହୋଇପଡିଛି। ଏହି ରାସ୍ତା ଆଖପାଖ ଅଞ୍ଚଳବାସୀ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ଏକମାତ୍ର ମୁଖ୍ୟ ରାସ୍ତା ହୋଇଥିଲେ ବି ସାମାନ୍ୟ ମରାମତି କରାଯାଇ ନଥିବା ପରିତାପର ବିଷୟ। ରାସ୍ତା ସାରା ଖାଲ ଯୋଗୁଁ ଅସରାଏ ବର୍ଷା ହେଲେ ପାଣି କାଦୁଅରେ ସରବର ହୁଅନ୍ତି ଅଞ୍ଚଳବାସୀ। ବର୍ଷା ଦିନରେ ଏହି ରାସ୍ତାରେ ଯିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ଚାରିଚକିଆ ଗାଡିରେ ଯାତାୟାତ କରିବା ଦୂରର କଥା ଏଠି ଅଟୋ ଚଳାଇବା କଷ୍ଟ। ଏହି ରାସ୍ତା ଦେଇ ଗଁପୁର କଦଳେଇ ପାହାଡ଼ ପାଦଦେଶରେ ବଣଭୋଜି ସହ ପାହାଡ ଉପରେ ଥିବା ରଘୁନାଥଜୀଉ ମନ୍ଦିର ଦେଖିବାକୁ ଶହଶହ ଭକ୍ତ ଯାତାୟାତ କରନ୍ତି। ଏହି ରାସ୍ତା ଦେଇ ଗଁପୁର, ପୁରୁଣା ବାନ୍ଧଗୋଡା, ରାମଚନ୍ଦ୍ରପୁର ପଞ୍ଚାୟତର ହଜାର ହଜାର ଗ୍ରାମବାସୀ ବିପଦପୂର୍ଣ୍ଣ ଅବସ୍ଥାରେ ଯାଜପୁର ରୋଡ଼, ଆନନ୍ଦପୁର ମେଡିକାଲକୁ ରୋଗୀ ନେଇଯାଉଥିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦୁଝର ଜିଲ୍ଲାପାଳ ଏହି ରାସ୍ତାକୁ ସାମାନ୍ୟ ମରାମତି କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଓଏମଏଭି ଛାତ୍ରଛାତ୍ରୀଙ୍କୁ ଅବହେଳା ଅଭିଯୋଗ
# ଅଧିକାରୀଙ୍କ ହସ୍ତକ୍ଷେପରେ ଧାରଣା ପ୍ରତ୍ୟାହୃତ

ହାଟଡ଼ିହୀ,୫।୮ (ସମିସ)



ହାଟଡ଼ିହୀ ବ୍ଲକ ବାଙ୍ଗୁରସ୍ଥିତ ଓଏମସି ଖଣି ପକ୍ଷରୁ ପ୍ରତିବର୍ଷ ସ୍ଥାନୀୟ ସ୍କୁଲରୁ କିଛି ଉତ୍କର୍ଷ ପିଲାଙ୍କୁ ଚୟନ କରାଯାଇ ରାଉରକେଲାସ୍ଥିତ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ପିଲାଙ୍କୁ ନିଆଯାଉଛି। ୨୦୨୩-୨୪ ଶିକ୍ଷାବର୍ଷରେ ୮ ଜଣ, ୨୦୨୪-୨୫ ଶିକ୍ଷାବର୍ଷରେ ୧୩ ଜଣ ଏବଂ ୨୦୨୫-୨୬ ଶିକ୍ଷାବର୍ଷରେ ମଧ୍ୟ ୧୩ଜଣ ଛାତ୍ରଛାତ୍ରୀ ସେଠାରେ ପଢ଼ିବାକୁ ଚୟନ ହୋଇଛନ୍ତି। ଚଳିତବର୍ଷ ସମଗ୍ର ଜିଲ୍ଲାରୁ ୨୪୦ଜଣ ପିଲା ଚୟନ ହୋଇଥିବା ବେଳେ ୮୦ଜଣ ପିଲା ବାଦ୍ ପଡିଛନ୍ତି। ବାଙ୍ଗୁର ଅଞ୍ଚଳରୁ ୧୩ଜଣ ପିଲା ଆଡ଼ମିସନ କରିଥିଲେ ସୁଦ୍ଧା ବିଭିନ୍ନ ବାହାନା ଦର୍ଶାଇ ପିଲାଙ୍କୁ ଏଯାବତ୍ ନିଆ ନଯିବାରୁ ଆଜି ଉକ୍ତ ପିଲା ମାନଙ୍କ ସହ ସେମାନଙ୍କ ଅଭିଭାବକ ମାନେ ଓଏମସି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଆଜକୁ ପ୍ରାୟ ୧୫ ଦିନ ହେବ ରାଉରକେଲା ଓଏମଏଭିରେ ଏଠାରୁ ରହି ପଢୁଥିବା ପିଲାଙ୍କୁ କାଛୁ, କୁଣ୍ଡିଆ ସହ ଜ୍ୱର ହେଉଥିଲେ ସୁଦ୍ଧା ସେମାନଙ୍କ ପାଇଁ କାହିଁକି ସଠିକ ଚିକିତ୍ସା ଯୋଗାଇ ଦିଆଯାଉନାହିଁ ବୋଲି ପ୍ରଶ୍ନ କରାଯାଇଛି। ପର୍ଯ୍ୟାପ୍ତ ପରିମାଣରେ ଶୋଇବା ଘର କିମ୍ବା ଶୌଚାଳୟ ନଥିବାରୁ ପିଲାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜୁଥିବା ବେଳେ ଆଡମିସନ କରିଥିବା ଏଇ ୧୩ ଜଣ ପିଲାଙ୍କୁ କେବେ ସ୍କୁଲକୁ ନିଆଯିବ। ସେନେଇ ଅଭିଭାବକଙ୍କ ମଧ୍ୟରେ ମାଳତୀ ନାଇକ, ମନ୍ଦାକିନୀ ବେହେରା, କୁନି ମହାରଣା, ଗୀତାରାଣୀ ମହାରଣା, ଭଗବାନ ମାଝୀ, ସୁଶାନ୍ତ ପଢ଼ିଆରୀ, ହେମନ୍ତ ପଢ଼ିଆରୀ, ରମେଶ ବେହେରା, ଗୌରାଙ୍ଗ ପଲତା, ଆଲୋକ ସାହୁ, ଶରତଚନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ଟୁକୁନା ପଢ଼ିଆରୀ, ରାମଚନ୍ଦ୍ର ହୋ, ବଳରାମ ମାଝୀ ପ୍ରମୁଖ ଅଭିଯୋଗ ଆଣି ଆଜି ଧାରଣାରେ ବସିଥିଲେ। ଓଏମସି କମ୍ପାନୀର ସିଏସଆର ବିଭାଗର ପରାମର୍ଶଦାତା ମଧୁସ୍ମିତା ଦାସ ଧାରଣାସ୍ଥଳ ତଥା ବାଙ୍ଗୁର କାର୍ଯ୍ୟାଳୟରେ ପହଞ୍ଚି ଆସନ୍ତା ୧୧ତାରିଖ ସୁଦ୍ଧା ପିଲାଙ୍କୁ ସ୍କୁଲରେ ଛାଡିବା ସହ ସେମାନଙ୍କ ପ୍ରତ୍ୟେକଟି ସମସ୍ୟା ଉପରେ ଦୃଷ୍ଟି ଦେଇ ସେସବୁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ହାଟଡ଼ିହୀରେ ନୂତନ ଏବିଡିଓଙ୍କ ଯୋଗଦାନ



ହାଟଡ଼ିହୀ,୫।୮ (ସମିସ): ହାଟଡ଼ିହୀ ବ୍ଲକରେ ପ୍ରଥମ ମହିଳା ଏବିଡିଓ ଭାବେ ରଶ୍ମିରେଖା ନାଏକ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ଆଠଗଡ଼ ବ୍ଲକରେ କାର୍ଯ୍ୟ ତୁଲାଇଥିଲା ବେଳେ ଓଡ଼ିଶା ପଞ୍ଚାୟତିରାଜ ବିଭାଗର ବଦଳି ଆଦେଶ ଅନୁସାରେ ଗତ ୨୪/୭/୨୦୨୫ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରି ଆଜି ହାଟଡ଼ିହୀ ବ୍ଲକରେ କାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ଯୋଗଦାନରେ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ଖୁସି ବ୍ୟକ୍ତ କରିଛନ୍ତି। ପ୍ରଥମ ମହିଳା ଏବିଡ଼ିଓଙ୍କ ଯୋଗଦାନ ଖୁସିରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଏବିଡ଼ିଓ ରଶ୍ମିରେଖାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଐତିହାସିକ ଗଡ଼ଖାଇ ଧନେଇ ପୀଠ ରାସ୍ତା ଶୋଚନୀୟ



ଆନନ୍ଦପୁର, ୫।୮ ସମିସ): ଆନନ୍ଦପୁରର ଐତିହାସିକ ଗଡ଼ଖାଇ ତଥା ମା' ଧନେଇଙ୍କ ଠାକୁରାଣୀଙ୍କ ପୀଠକୁ ଥିବା ରାସ୍ତା ଅତ୍ୟନ୍ତ ଦୟନୀୟ ହୋଇପଡିଛି। ବହୁ ପୁରାତନ କୀର୍ତ୍ତିରାଜି ବହନ କରୁଥିବା ମା' ଧନେଇ ଠାକୁରାଣୀ ପୀଠକୁ ରାସ୍ତାରେ ଏବେଯିବା କଷ୍ଟକର ହୋଇପଡିଛି। ଏହି ପୀଠକୁ ନିୟମିତ ଯାଉଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଧନେଇ ଠାକୁରାଣୀଙ୍କ ସଂଲଗ୍ନ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବାରୁ ନିର୍ମାଣ କାର୍ଯ୍ୟ ପାଇଁ ବଡ ବଡ ଯାନ ଦ୍ୱାରା କଞ୍ଚାମାଲ ପରିବହନରେ ଏହି ରାସ୍ତା ବାଧକ ହୋଇଛି। କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ କରୁଥିବାବେଳେ ମା' ଧନେଇ ପୀଠ ରାସ୍ତାକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏହି ପୀଠକୁ ପୌର ପରିଷଦ ଅନୁଦାନରୁ ରାସ୍ତା ପ୍ରସ୍ତୁତ ହୋଇଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଯୋଗୁଁ ଏହି ରାସ୍ତା ଖାଲଖମା ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାସାରା ଗୋଡିବାଲି ବାହାରି ପଡ଼ିଥିବା ବେଳେ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାରେ ଗାଡ଼ ହୋଇ ମାଟି କାଦୁଅରେ ସରବର ହୋଇପଡିଛି। ଏହି କିମ୍ବଦନ୍ତୀ ବହନ କରୁଥିବା ମା' ଧନେଇ ଠାକୁରାଣୀଙ୍କ ପୀଠ ରାସ୍ତା ପ୍ରତି ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାସଂସ୍ଥା ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଫକୀରମୋହନ ସାହିତ୍ୟ ପରିଷଦ ନିର୍ବାଚନ ମାମଲାର ରାୟ ପ୍ରକାଶ

# ମନୋନୟନ ପ୍ରକ୍ରିୟା ଆଇନ ସମ୍ମତ ନୁହେଁ: କୋର୍ଟ

ବାଲେଶ୍ୱର,୫।୮ (ସମିସ)

ପୁରାତନ ସାହିତ୍ୟ ଅନୁଷ୍ଠାନ ଫକୀରମୋହନ ସାହିତ୍ୟ ପରିଷଦର ୨୦୨୧ରୁ ୨୦୨୪ ମସିହାର ତିନି ବର୍ଷିଆ କର୍ମକର୍ତ୍ତା ନିର୍ବାଚନ ପରେ ଏକ ନିର୍ବାଚନୀ ମାମଲା ପ୍ରାୟ ତିନିବର୍ଷ ଧରି ବାଲେଶ୍ୱର ସିନିୟର ସିଭିଲ ଜଜ୍ କୋର୍ଟରେ ଚାଲିଥିଲା ବେଳେ ଏହି ମାମଲାର ରାୟ ପ୍ରକାଶ ପାଇଛି।୨୦୨୧ରୁ ୨୦୨୪ ମସିହା ସମୟରେ ଅନୁଷ୍ଠିତ କର୍ମକର୍ତ୍ତା ନିର୍ବାଚନରେ ପରିଷଦର ସମ୍ବିଧାନ ଅନୁଯାୟୀ ନିର୍ବାଚନ ହୋଇ ନ ଥିବା ଦର୍ଶାଇ ସେତେବେଳର ପରାଜିତ ପ୍ରାର୍ଥୀ, ଯେ କି ମାତ୍ର ୧୨ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ ଡ. କାଳୀପଦ ପଣ୍ଡା ଏକ ମାମଲା ବାଲେଶ୍ୱର ସିଭିଲ ଜର୍ଜ ସିନିୟର ଡିଭିଜନଙ୍କଠାରେ ଦାଖଲ କରିଥିଲେ। କୋର୍ଟ ତାହାକୁ ବିଚାର ପାଇଁ ଗ୍ରହଣ କରିଥିଲେ। କେଶ ନଂ ୪/୨୧/୨୦୨୨ରେ ମାମଲା ଦୀର୍ଘ ପ୍ରାୟ ତିନିବର୍ଷ ଧରି ବିଚାର ଚାଲିଥିଲା। ଶ୍ରୀ ପଣ୍ଡାଙ୍କ ସହ ପରିଷଦର ବରିଷ୍ଠ ସଭ୍ୟ ଡ. ରାଧାରଂଜନ ପଟ୍ଟନାୟକ ଏହି କେଶର ଅନ୍ୟତମ ସହଯୋଗୀ ମଧ୍ୟ ରହିଥିଲେ। ଉଭୟଙ୍କ ଅଭିଯୋଗ ମୂଳେ ସାକ୍ଷ୍ୟ ଗ୍ରହଣ ଏବଂ ପକ୍ଷ ଓ ପ୍ରତିପକ୍ଷଙ୍କ ଜବାବ କୋର୍ଟ ଶୁଣିଥିଲେ। ସେତେବେଳର ବିଜେତା ପ୍ରାର୍ଥୀ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ସୁବାସିନୀ ଜେନାଙ୍କ ବ୍ୟତୀତ ପ୍ରତିପକ୍ଷର ୧୭ ଜଣ ଏବଂ ପକ୍ଷ ୨ ଜଣ ତଥା ସେତେବେଳର ସଂପାଦକ ଥିବା ଡା. କୁମାର ଗୋପାଳ ନିଜ ନିଜର ସାକ୍ଷ୍ୟ ରଖିଥିଲେ। ଜୁଲାଇ ୨୫ରେ କୋର୍ଟ ତାଙ୍କ ରାୟରେ ସେତେବେଳେ ହୋଇଥିବା କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମନୋନୟନ ପ୍ରକ୍ରିୟା ଆଇନ ସମ୍ମତ ନୁହେଁ, ଏହା ଅବୈଧ ବୋଲି ତାଙ୍କ ରାୟରେ ଦର୍ଶାଇଛନ୍ତି। ରାୟର ଦସ୍ତାବିଜ ହସ୍ତଗତ ହେବା ପରେ ଡ. କାଳୀପଦ ପଣ୍ଡା, ଡ. ରାଧାରଂଜନ ପଟ୍ଟନାୟକ ଏବଂ ମାମଲା ଲଢୁଥିବା ଆଡଭୋକେଟ ବିଜୟ କୁମାର ପାଣିଗ୍ରାହୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେମାନଙ୍କ ସୂଚନା ଅନୁଯାୟୀ ପରିଷଦର ଥିବା ନିଜସ୍ୱ ସମ୍ବିଧାନକୁ ଉଲ୍ଲଘଂନ କରାଯାଇ ସେତେବେଳେ ଯେଉଁ କାର୍ଯ୍ୟନିର୍ବାହୀ ସମିତିର ୧୨ ଜଣ ସଦସ୍ୟଙ୍କୁ ସାତଜଣ କର୍ମକର୍ତ୍ତା ମନୋନୟନ କରିଥିଲେ ତାହା ସମ୍ବିଧାନ ବିରୋଧୀ ଥିବାରୁ କୋର୍ଟ ସେହି ୧୨ ଜଣଙ୍କ ମନୋନୟନକୁ ଆଇନ ସମ୍ମତ ନୁହେଁ ବୋଲି ଦର୍ଶାଇଛନ୍ତି।

## 'ଦାୟିତ୍ୱ ସଠିକ୍ ଭାବେ ତୁଲାଇବାକୁ ଚେଷ୍ଟା କରିବି'

ବାଲେଶ୍ୱର, ୫।୮(ସମିସ): ଆଜି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଭାବେ ବାଲେଶ୍ୱର ରେମୁଣା ଅଞ୍ଚଳର ଶୋଭନା ମହାପାତ୍ରଙ୍କୁ ରାଜ୍ୟ ସରକାର ତିନି ବର୍ଷ ପାଇଁ ନିଯୁକ୍ତ କରିଛନ୍ତି। ତାଙ୍କ ନାମ ଘୋଷଣା ହେବା ପରେ ଶ୍ରୀମତି ମହାପାତ୍ରଙ୍କୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏ ନେଇ ଶ୍ରୀମତି ମହାପାତ୍ର କହିଛନ୍ତି ଯେ, ତାଙ୍କୁ ଯେଉଁ ପଦବୀ ପ୍ରଦାନ କରାଯାଇଛି ସେ ସେଥିରେ ବହୁତ ଖୁସି ଅଛନ୍ତି। ସରକାର ତାଙ୍କ ଉପରେ ବିଶ୍ୱାସ ରଖି ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି ସେଇ ଦାୟିତ୍ୱକୁ ସଠିକ ଭାବେ ତୁଲାଇବା ପାଇଁ ଚେଷ୍ଟା କରିବି। ବିଶେଷ କରି ସମାଜରେ ଅବହେଳିତ, ନିଷ୍ପେସିତ, ଅସହାୟ ମହିଳାମାନଙ୍କୁ କିପରି ଭାବେ ଉଚିତ ନ୍ୟାୟ ମିଳିପାରିବ ସେ ଦିଗରେ କାର୍ଯ୍ୟ କରିବି ବୋଲି ସେ କହିଛନ୍ତି।



## 'ସହାୟକ' ପକ୍ଷରୁ ମାସିକିଆ ବୈଠକ



ବାଲେଶ୍ୱର,୫।୮ (ସମିସ): ଜନକଲ୍ୟାଣୀ ସଂଗଠନ ସହାୟକର ମାସିକିଆ ବୈଠକ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘଗୃହରେ ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସହାୟକ ପକ୍ଷରୁ ଦୀର୍ଘ ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟ ଯାହାକି ରକ୍ତଦାନ ଶିବିର,ପାନୀୟ ଜଳଦାନ,ବୃକ୍ଷରୋପଣ,ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ,ଝିଅଙ୍କ ବାହାଘର ପାଇଁ ସାହାଯ୍ୟ,ଦରିଦ୍ର ନାରାୟଣ ସେବା,ଗରିବ ମେଧାବୀ ପିଲାମାନଙ୍କୁ ସହାୟତା ଓ ଗରିବ ଲୋକଙ୍କ ଚିକିତ୍ସା ପାଇଁ ସାହାଯ୍ୟ ଆଦି ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସମ୍ପାଦକ ହୃଷିକେଶ ସାହୁ ବିବରଣୀ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ଇଂସୁରେନ୍ଦ୍ର ପ୍ରସାଦ ନାୟକ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦକ ଇଂ ସାହୁ ପୂର୍ବମାସରେ ସହଦେବଖୁଂଟାସ୍ଥିତ ଅମୃତଧାରା ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀଙ୍କୁ ଅନ୍ନଦାନ, ଚାନ୍ଦିପୁରସ୍ଥିତ ଏନଡିଆରଏଫ ପରିସରରେ ବୃକ୍ଷରୋପଣ ଏବଂ ବାଲିଆପାଳ ଜାମକୁଣ୍ଡା ପଂଚାୟତରେ ବନ୍ୟାରେ କ୍ଷତିଗ୍ରସ୍ତ ଶହେରୁ ଅଧିକ ଲୋକଙ୍କୁ ରିଲିଫ ସାମଗ୍ରୀ ବଂଟନ କରାଯାଇଥିବା କଥା ଏହି ବୈଠକରେ ପ୍ରକାଶ କରିଥିଲେ। ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଦସ୍ୟା ପି କେ ମିନତୀ ଓ ଅନ୍ୟ ଦୁଇ ଭଉଣୀ ଉପସ୍ଥିତ ରହି ସମସ୍ତ ଭାଇମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ୮୦ବର୍ଷରୁ ଅଧିକ ହୋଇଥିବା ପୂର୍ବତନ ସଭାପତି ତଥା ଉପଦେଷ୍ଟା ଇଂ ବନମାଳୀ ନାୟକ ଓ ଇଂ ଗୌରାଙ୍ଗ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ତ୍ରିପାଠୀ, ଗୁଣାକର ଦେ, ଗଙ୍ଗାଧର ପୃଷ୍ଟି, ଭବେଶ ଚନ୍ଦ୍ର ପଣ୍ଡା, ଅମିତା ଦାଶ, ରବିନାରାୟଣ ଭୋଳ, ଡାକ୍ତର ତାରାକାନ୍ତ ନନ୍ଦ, ଜ୍ଞାନେନ୍ଦ୍ରନାଥ ସାହୁ, ରବୀନ୍ଦ୍ରନାଥ ଗିରି, ସମରବଲ୍ଲଭ ଭୋଇ, ଦାମୋଦର ନାୟକ, ସାବିତ୍ରୀ ଦାସ, ଶରତ କୁମାର ବିଶ୍ୱାଳ, ଶ୍ୟାମସୁନ୍ଦର ଜେନା, ନିରଞ୍ଜନ ପରିଡା ପ୍ରମୁଖ ମତ ରଖିଥିଲେ। ସଦସ୍ୟ ଗୋପାଳ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା କୃଷକ ସଭା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାଲେଶ୍ୱର,୫।୮(ସମିସ): ରାଜ୍ୟ ସରକାର ଚାଷୀଙ୍କ ଠାରୁ ଧାନ କ୍ରୟର ସର୍ତ୍ତ କୋହଳ କରିବାରେ ମଧ୍ୟ ପଞ୍ଜିକରଣର ଜଟିଳତା ହଟୁ ନାହିଁ। ପୂର୍ବ ନିୟମରେ ସମବାୟମାନେ ଚାଲୁ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଏହି ବ୍ୟବସ୍ଥା ଫଳରେ ଜିଲ୍ଲାରେ ପଞ୍ଜିକରଣ ସଂଖ୍ୟା ୫୦ପ୍ରତିଶତରୁ କମ ହୋଇଛି। ଏଥିରୁ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ରହିଛି ବୋଲି ପ୍ରତିଫଳିତ ହେଉଛି। ବାଲେଶ୍ୱର ଜିଲ୍ଲାରେ ଏହି ସମୟ ମଧ୍ୟରେ ପାଞ୍ଚଥର ବନ୍ୟା ଆସି ଚାଷୀଙ୍କର ଅହେତୁକ କ୍ଷତି କରିଥିବା ବେଳେ ରାଜ୍ୟ ସରକାରଙ୍କର ଚାଷୀଠୁ ଧାନ କିଣିବା ପାଇଁ ଏଭଳି ଟାଳ ଟୁଳ ନୀତି ସରକାରଙ୍କ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣାକୁ ପ୍ରକାଶିତ କରିଛି ବୋଲି ଚାଷୀନେତା ଦିଲ୍ଲୀପ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡିଶା କୃଷକ ସଭା,ବାଲେଶ୍ୱର ଜିଲ୍ଲା କମିଟି ଆହ୍ୱାନ ଦେଇଥିଲେ। ଏହାସହ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସରକାରଙ୍କ ଘୋଷଣା ଅନୁଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଥିଲା ଏବଂ ଏହା ନ ହେଲେ ଜିଲ୍ଲାରେ ଚାଷୀ ଆନ୍ଦୋଳନ ହେବ ବୋଲି କୃଷକ ସଭା ଘୋଷଣା କରଛି। ଜିଲ୍ଲାପାଳ ଆସନ୍ତା ଦିନକ ମଧ୍ୟରେ ନିର୍ଦ୍ଦେଶ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ଏହି ପ୍ରତିନିଧି ଦଳରେ କୃଷକ ସଭାର ଜିଲ୍ଲା ସମ୍ପାଦକ ସୀତାଂଶୁ ସେନାପତି, ପ୍ରଶାନ୍ତ ରାୟ, ରବୀନ୍ଦ୍ର ନାଥ ବାରିକ, ଅମରେନ୍ଦ୍ର ନାୟକ, ରାଜିବ ଲୋଚନ ପଣ୍ଡା, ଜୀବନ ପରିଡା, ବସନ୍ତ ମାଝୀ ଏବଂ ପ୍ରଭାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶୋଚନୀୟ ଅବସ୍ଥାରେ ଅସମ୍ପୂର୍ଣ୍ଣ ପକ୍କା ରାସ୍ତା



ବାଲେଶ୍ୱର,୫।୮ (ସମିସ): ଶୋଚନୀୟ ଅବସ୍ଥାରେ ରହିଛି ଅସମ୍ପୂର୍ଣ୍ଣ ପକ୍କା ରାସ୍ତା। ଦୀର୍ଘଦିନ ଧରି ଖାଲଖମାରେ ଭରି ରହିଛି। ଫଳରେ ଯାତାୟାତରେ ବାଧାପ୍ରାପ୍ତ ସହ ବିପଦପୂର୍ଣ୍ଣ ରହିଛି। ଏ ହେଉଛି ଭୀମପୁରା ଛକ ପାଖରୁ କଳିଙ୍ଗ ନର୍ସିଂ ସ୍କୁଲକୁ ଯାଇଥିବା ତ୍ରିଶକ୍ତି ନଗର ଯୋଗେଶ୍ୱରପୁର ୧୧ ନମ୍ବର ୱାର୍ଡ ରାସ୍ତା। ଅସମ୍ପୂର୍ଣ୍ଣ ପକ୍କା ରାସ୍ତା ନିର୍ମାଣ କରି ଛାଡ଼ି ଦିଆଯାଇଛି। ଅଧା ନିର୍ମାଣ ହେଇଥିବା ପକ୍କା ରାସ୍ତାର ଅବସ୍ଥା ମଧ୍ୟ ଭାଙ୍ଗିରୁଜି ଶୋଚନୀୟ ହୋଇଗଲାଣି ତାପରେ ଆଉ ରାସ୍ତା ନିର୍ମାଣ କରାଯାଇନାହିଁ। ଯାହାଫଳରେ ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ଏବଂ ପାଣିରେ ଭର୍ତ୍ତି ହେଇଯାଉଛି। ଏ ନେଇ ଆସୋସିଏସନ ଅଫ ଟୁଇଟର ଆକ୍ଟିଭିଷ୍ଟ୍ ର ରାଜ୍ୟ ସଂଯୋଜକ ଦାୟିତ୍ୱରେ ଥିବା ମନୀଷ ଜେନା ଏକ୍ସ (ଟୁଇଟର) ମାଧ୍ୟମରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଏହାର ପ୍ରତିକ୍ରିୟା ଦେଇ ନୋଟେଡ୍ ଲେଖିଲେ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଏହାପରେ ବାରମ୍ବାର ରିଟୁଇଟ୍ କରିବାରୁ ରେମୁଣା ବିଡିଓ ଚିଠିରେ ଦର୍ଶାଇଛନ୍ତି ଏହି ରାସ୍ତା ସମ୍ପୂର୍ଣ୍ଣ କରିବା ପାଇଁ ୧୫ ଲକ୍ଷ ଟଙ୍କାର ଆବଶ୍ୟକ ଅଛି ଯଦି ଏହି ରାସ୍ତା ନିର୍ମାଣ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦିଆଯିବ ତାହାଲେ ରାସ୍ତା ନିର୍ମାଣ ହେବ। ଏ ନେଇ ମନୀଷ ଅଭିଯୋଗ କରିଛନ୍ତି ପୂର୍ବରୁ ଯଦି ରାସ୍ତା ନିର୍ମାଣ ପାଇଁ ପଇସା ନଥିଲା ତାହାଲେ ଅଧା ରାସ୍ତା କ'ଣ ପାଇଁ ନିର୍ମାଣ କରାଗଲା? ଏଠାକାର ବାସିନ୍ଦା ମାନେ ବାରମ୍ବାର ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନଙ୍କୁ ରାସ୍ତା ନିର୍ମାଣ ପାଇଁ ଦାବି କରିବା ପରେ ବି କୌଣସି ସରକାରୀ ଅଧିକାରୀ ଅଭିଯୋଗର ସମାଧାନ କରୁନାହାଁନ୍ତି। ମନୀଷ କହିଛନ୍ତି, ସହର ଉପକଣ୍ଠରେ ଏହି ରାସ୍ତା ରହିବି ଏତେ ଦିନ ଧରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇ ସ୍ୱତନ୍ତ୍ର ପ୍ୟାକେଜ୍ ଦେଇ ଏହି ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି।

## ନୀଳମଣି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବାଲେଶ୍ୱର,୫।୮ (ସମିସ): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ୫୦ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ସମିତିର ପ୍ରାକ୍ତନ ସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ସୁକୁମାର ମାନ୍ନା, ପ୍ରାଧ୍ୟାପକ ସୁଧୀର କୁମାର ଦତ୍ତ ଓ ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ମହାବିଦ୍ୟାଳୟ ବିକାଶ ଇତିହାସରେ ୫୦ ବର୍ଷ ସଫଳତା କାହାଣୀର ଆଲୋଚନା କରିଥିଲେ। ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ପର୍ଶୁରାମ ବେହେରା ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ, ବିଜୟ କୁମାର ବେହେରା, ଡ. ତପନ କୁମାର ଦାସ, ଲକ୍ଷୀରାମ ହାଁସଦା, ଜୟକୃଷ୍ଣ ସାହୁ, ଶ୍ରବଣ ନାୟକ, ଡ. ଶାନ୍ତନୁ କୁମାର ଜେନା, ଅଧ୍ୟାପିକା ରଶ୍ମିତା ମହାପାତ୍ର ଓ ବାସନ୍ତୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ୨୦୨୪-୨୫ ମସିହାରେ ବିଶ୍ୱବିଦ୍ୟାଳୟ ଟପର୍ ହୋଇଥିବା ସଂସ୍କୃତ ସମ୍ମାନ ବିଭାଗର ଛାତ୍ରୀ ସନ୍ଧ୍ୟାସ୍ମିତା ପ୍ରଧାନଙ୍କୁ ମହାବିଦ୍ୟାଳୟ ତରଫରୁ ପ୍ରଶଂସାପତ୍ର, ମେଡାଲ ଓ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ ବିଭାଗର ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ଓ ମେଡାଲ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟନ୍ତ ମଲ୍ଲିକ, ସୋହମ୍ ସାହୁ, ଓମବ୍ରତ ପାତ୍ର, ବୀଣାପାଣି ଗିରି, ବବିତା ନାୟକ, ସେବତୀ ବର, ବିକାଶ ମହାପାତ୍ର, ଦେବେନ୍ଦ୍ର ଆଚାର୍ଯ୍ୟ, ସଞ୍ଜୟ କୁମାର ପ୍ରଧାନ ଓ ବର୍ଷା ମହାଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭବାନୀ ଶଙ୍କର ବେହେରା ଓ ବିଜୟଲକ୍ଷ୍ମୀ ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ହରେନ୍ଦ୍ର ଗାଣ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଚିକାଙ୍କ ପୁନର୍ବାର ନିଯୁକ୍ତି ବେନିୟମ ଅଭିଯୋଗ

ବାଲେଶ୍ୱର, ୫।୮(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଠାରେ ରହିଛି ସୁବର୍ଣ୍ଣରେଖା ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ଆଜକୁ ୨୫ବର୍ଷରୁ ଅଧିକ ହେବ ଅମ୍ବିକା ଗିରି ପାଚିକା ଭାବେ କାର୍ଯ୍ୟ କରନ୍ତି। ଏପରିକି ତାଙ୍କ ଗ୍ରାମର ଅନ୍ୟ ଜଣେ ମହିଳା ମଧ୍ୟ ତାଙ୍କରେ ସେଠାରେ ପାଚିକା ଭାବେ ନିଯୁକ୍ତି ପାଇଥିଲେ। ହେଲେ ଚଳିତ ମାସ ୩୧ତାରିଖରେ ଶ୍ରୀମତି ଗିରିଙ୍କର ଅବସର ଗ୍ରହଣ ସମୟ ରହିଛି। ହେଲେ ତାଙ୍କ ସାଙ୍ଗରେ ପାଚିକା ଭାବେ କାର୍ଯ୍ୟ କରୁଥିବା ଭାରତୀ ଗିରିଙ୍କର ବୟସ କମାଯାଇ ସେଠାରେ ଅଧିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ମସୁଧା କରାଯାଇଛି ବୋଲି ଶ୍ରୀମତି ଗିରି ଆଜି ଜିଲ୍ଲାପାଳଙ୍କ ଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ଉକ୍ତ ବିଦ୍ୟାଳୟର ବର୍ତମାନର ପ୍ରଧାନ ଶିକ୍ଷକ ଅରବିନ୍ଦ ସାମଲ ନିଜର ଉଦ୍ଦେଶ୍ୟ ସାଧନ ପାଇଁ ଭାରତୀଙ୍କ ବୟସ୧୧ବର୍ଷ କମ କରିଛନ୍ତି। ଏପରିକି ସେ ଏବଂ ତାଙ୍କର ପ୍ରତିପକ୍ଷ ପାଚିକା ଶ୍ରୀମତି ଗିରି ଏକା ସାଙ୍ଗରେ ପାଚିକା ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏପରିକି ଉଭୟଙ୍କର ବୟସ ମଧ୍ୟ ସମାନ ୬୧ବର୍ଷ ଅଟେ। ଏପରିକି ଭୋଟର ଲିଷ୍ଟରେ ପୂର୍ବରୁ ନମ୍ବର ୪୮ ୬ଥିବା ବେଳେ ବର୍ତ୍ତମାନ ଜାଲ କରାଇ ନୂତନ ଭୋଟର ଲିଷ୍ଟରେ ତାହା ୫୦୫ନମ୍ବରରେ ରହିଛି। ଯାହାକି ଏହା ଏକ ବଡ ପ୍ରମାଣ ବୋଲି ସେ ଅଭିଯୋଗ କରିଛନ୍ତି। ଏଣୁ ପ୍ରତିପକ୍ଷଙ୍କ ପୁନର୍ବାର ନିଯୁକ୍ତି ବେଆଇନ ଓ ଜାଲ ଅଟେ। ଏଣୁ ଏହି ଘଟଣାରେ ସଠିକ ଭାବେ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସାମଲଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଏ ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। ତିନି ବର୍ଷ ହେବ ସେ ବିଦ୍ୟାଳୟକୁ ଆସିଛନ୍ତି ପୂର୍ବରୁ ଯଦି କିଛି ହୋଇଥିବ।

## ମୁନି ସମାଜ ଓଡ଼ିଶାର ପୂର୍ବତନ ରାଜ୍ୟ ସଭାପତି କମଳାକାନ୍ତ ମୁନିଙ୍କ ଦେହାନ୍ତ



ବାଲେଶ୍ୱର,୫।୮ (ସମିସ): ମୁନି ସମାଜ ଓଡ଼ିଶାର ପୂର୍ବତନ ରାଜ୍ୟ ସଭାପତି କମଳାକାନ୍ତ ମୁନିଙ୍କ ଦେହାନ୍ତ ହୋଇଯାଇଛି। ଆଦିମୁନୀଶ୍ୱର ଯୋଗେଶ୍ୱର ଶିବମୁନିଜୀ ମହାରାଜାଙ୍କ ସିଦ୍ଧାନ୍ତ ବାଣୀ- ଜ୍ଞାନରେ ହିଁ ଶକ୍ତି ଅଛି। ଆତ୍ମଜ୍ଞାନ ହିଁ ସର୍ବଶ୍ରେଷ୍ଠ ଜ୍ଞାନ। ଅନ୍ଧବିଶ୍ୱାସ ପରିତ୍ୟାଗ କରି ନିଜ ଭିତରର ଶବ୍ଦ ଶୁଣ। ତୁମର ପ୍ରକୃତ ପଥ ପ୍ରଦର୍ଶକ ତୁମ ଭିତରେ ହିଁ ବିଦ୍ୟମାନ। ଏହି ବାଣୀକୁ ଯୋଗାଚାର୍ଯ୍ୟ କମଳାକାନ୍ତ ମୁନି ପାଥେୟ କରି ସାରା ଜୀବନ ମୁନି ସମାଜ୍ର ଜଣେ ସମର୍ଥ ଓ ସାର୍ଥକ ସାରଥୀ ଭାବରେ ନିଜକୁ ଗଢିବା ସଙ୍ଗେ ସଙ୍ଗେ ସାରା ଓଡ଼ିଶାର ପୁରପଲ୍ଲୀରେ ମୁନି ସମାଜ୍ର ସତସଙ୍ଗ ଓ ଯୋଗ ପ୍ରଶିକ୍ଷକ ଭାବରେ ନିଜକୁ ପ୍ରତିଷ୍ଠା କରିଥିଲେ। ସମଗ୍ର ରାଜ୍ୟର କର୍ଣ୍ଣଧାର ବା ସଭାପତି ପଦରେ ଅଧିଷ୍ଠିତ ହୋଇ ପାରିଥିଲେ। ହଳଦୀପଦା ମୁନି ସମାଜ ଆଶ୍ରମର ସେ ବରିଷ୍ଠ ପୃଷ୍ଠପୋଷକ ଥିଲେ। ସେ ରହୁଥିବା ଶୋଭାରାମପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କର ଶେଷ ଦର୍ଶନ କରିଥିଲେ।



ବାଲେଶ୍ୱର ପୌରପରିଷଦ ୭ନମ୍ବର ୱାର୍ଡର ପୂର୍ବତନ କାଉନସିଲର ସାକିର ଖାଁଙ୍କୁ ଆକ୍ରମଣର ପ୍ରତିବାଦ

## ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୫।୮ (ସମିସ): ସହଦେବଖୁଂଟା ଗ୍ରାମର ସମାଜସେବୀ ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କବି ପ୍ରଶାନ୍ତ ଦାସ, ବକ୍ତାଭାବେ ନାରୀନେତ୍ରୀ ସରସ୍ୱତୀ ପଣ୍ଡା, କାଉନସିଲର ଦେବାଶିଷ ସିଂହ ଓ ପ୍ରବଚକ ସୁଶାନ୍ତ ପଣ୍ଡା ପ୍ରମୁଖ ସ୍ୱର୍ଗତ ବେଜଙ୍କୁ ଜଣେ ନିଃସ୍ୱାର୍ଥପର ସମାଜସେବୀ ଓ ସାଧାରଣ ଜନତାର ବନ୍ଧୁ ଥିଲେ ବୋଲି କହିଥିଲେ। ଆଇନଜୀବୀ ନିରଞ୍ଜନ ପରିଡ଼ା, ସୁମତି ନାୟକ, ଭଗବାନ ମହନୀ, ରଜତ ପରିଡ଼ା, ସଞ୍ଜୟ ଚୌଧୁରୀ, ପ୍ରତିମା ପରିଡ଼ା, ସ୍ୱର୍ଗତ ବେଜଙ୍କ ଦୁଇ ପୁତ୍ର ପ୍ରଶାନ୍ତ,ସୁଶାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଜାମାତା କୁମାର କାର୍ତ୍ତିକ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକ ବଦଳି ନେଇ ଅସନ୍ତୋଷ

ଭୋଗରାଇ, ୫।୮ (ସମିସ) : ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତର ଅନ୍ତର୍ଗତ ବହ୍ଲାରପୁର ସ୍ଥିତ ଶ୍ରୀକାନ୍ତ ମୋକ୍ଷଦା ସରକାରୀ ହାଇସ୍କୁଲରେ ଶିକ୍ଷକ ବଦଳିକୁ ନେଇ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ବିଦ୍ୟାଳୟରେ ୩୩୫ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ଶିକ୍ଷା ବର୍ଷ ଅଧାରେ ଜଣେକା ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ଅଚାନକ ବଦଳି କରାଯାଇ ସୃଷ୍ଟି କରୁଛି। ସରକାର ଯଦି ଶିକ୍ଷା ଦାନର ଅଧାରେ ଏଭଳି ବଦଳି କରନ୍ତି ତେବେ ସମ୍ପୃକ୍ତ ଶିକ୍ଷୟିତ୍ରୀ ପଢ଼ାଉ ଥିବା ଉକ୍ତ ବିଷୟରେ ଛାତ୍ର ଛାତ୍ରୀ ପଢ଼ିବାରେ ଅସୁବିଧା ସମ୍ମୁଖୀନ ହେବେ। ତେବେ କ'ଣ ସରକାର ଛାତ୍ର ଛାତ୍ରୀ ମାନଙ୍କୁ ଅପାଠୁଆ କରିବା ପାଇଁ ଏଭଳି ବ୍ୟବସ୍ଥା କରୁଛନ୍ତି ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଞ୍ଜନ କୁମାର ଦାସ, ସୁବ୍ରତ ଦାସ, ଦେବେନ୍ଦ୍ର ସେଠୀ, ଜୀବନ କୃଷ୍ଣ ମହାନ୍ତି, ଦିଲ୍ଲୀପ କୁମାର ଦାସ ପ୍ରଶ୍ନ




ଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ଶିକ୍ଷା ବିଭାଗ କୁଠାରଘାତ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁଙ୍କୁ ବଦଳି କରାଯିବା ଏବଂ ତାଙ୍କର ବଦଳରେ ଅନ୍ୟ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କୁ ଏଠାରେ ନିଯୁକ୍ତି ନ ଦେବାକୁ ନେଇ ଶିକ୍ଷା ବିଭାଗ ଉପରେ ବଡ ପ୍ରଶ୍ନବାଚୀ ଉଠାଇଛନ୍ତି । ଯଦି ସରକାର ଶିକ୍ଷା ବର୍ଷ ଆରମ୍ଭ ହେବା ଆଗରୁ ଶିକ୍ଷକ ବା ଶିକ୍ଷୟିତ୍ରୀ ଅଦଳ ବଦଳ କରିଥାନ୍ତେ ତେବେ ଛାତ୍ର ଛାତ୍ରୀଙ୍କ କୌଣସି ଅସୁବିଧା ହୁଅନ୍ତା ନାହିଁ ବୋଲି କହିଛନ୍ତି। ତେଣୁ ତୁରନ୍ତ ଏହି ବଦଳି ଆଦେଶକୁ ସ୍ଥଗିତ କରିବା କିମ୍ବା ତାଙ୍କ ସ୍ଥାନରେ ତୁରନ୍ତ ଆଉ ଜଣେ ଶିକ୍ଷକ ନିଯୁକ୍ତି କରିବାକୁ ଦାବୀ କରିଛନ୍ତି।

# ୨୪ ନଂ. ୱାର୍ଡରେ ବ୍ୟାପକ ଅନିୟମିତତା ଅଭିଯୋଗ

ବାଲେଶ୍ୱର, ୫।୮ (ସମିସ)



ବାଲେଶ୍ୱର ପୌରପାଳିକା ଅର୍ନ୍ତଗତ ୨୪ନମ୍ବର ୱାର୍ଡ ବାରବାଟି ଗ୍ରାମବାସୀ ୱାର୍ଡରେ ସରକାରୀ କାର୍ଯ୍ୟରେ ହେଉଥିବା ବିଭିନ୍ନ ଅନିୟମିତତା ଏବଂ ଏକ ଛତ୍ରବାଦକୁ ନେଇ ଆଜି ୱାର୍ଡବାସୀ ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଠାରେ ଅଭିଯୋଗ କରିଛନ୍ତି। ଏପରିକି ପୂର୍ବରୁ ଏ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉ ନାହିଁ । ସେମାନଙ୍କ ଅଭିଯୋଗ ଅନୁସାରେ, ରାଜ୍ୟ ସରକାରୀଙ୍କ ଅର୍ଥରେ ୱାର୍ଡରେ ଅନେକ ବିକାଶମୂଳକ କାର୍ଯ୍ୟ କାର୍ଯ୍ୟକାରୀ ହେଉଥିବା ସ୍ଥଳେ ଅନ୍ୟ ୱାର୍ଡ ଭଳି୨୪ନମ୍ବର ୱାର୍ଡରେ ବହୁ ସ୍ଥାନରେ ସୂଚନା ଫଳକ ନ ଲଗାଇ ବିଧାୟକ, ପୌରାଧ୍ୟକ୍ଷାଙ୍କ ନାମ ନ ରହିବା ଫଳରେ ସେମାନଙ୍କୁ କୌଣସି କାର୍ଯ୍ୟର ଉଦଘାଟନ କାର୍ଯ୍ୟକ୍ରମରେ ନ ଡାକି କାଉନସିଲର ଏକ ତରଫା ଶିଳାନ୍ୟାସ ଓ ଉଦ୍‌ଘାଟନ କରୁଛନ୍ତି। ଏହାଛଡା ୱାର୍ଡରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟ ଗୁଡିକ ଏଷ୍ଟିମେଟ ଅନୁଯାଇ ନ ହୋଇ ଅର୍ଥ ଆତ୍ମସାତ କରିବା ପାଇଁ ନିମ୍ନମାନର କାର୍ଯ୍ୟ କରାଯାଉଛି ଯାହାକି ଏକ ସ୍ୱତନ୍ତ୍ର ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ଅଭିଯୋଗ କରାଯାଇଛି। ଭତ୍ତା ଟଙ୍କା ପ୍ରଦାନ ସମୟରେ ଯେଉଁ ଅଫିସରମାନେ ୱାର୍କକୁ ଯାଉଛନ୍ତି ସେମାନେ କାଉନସିଲରଙ୍କ ଦଳୀୟ ରାଜନୈତିକ ମନୋଭାବ ପୋଷଣର ଶିକାର ହେଉଛନ୍ତି ଯାହା ଫଳରେ କାଉନସିଲର ଯେଉଁଠି ଚାହୁଁଛନ୍ତି ସେଇଠି ଭତ୍ତା ପ୍ରଦାନ ହେଉଛି ଯାହାକି ୱାର୍ଡବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏଣୁ ଭତ୍ତା ଅଫିସର ନିଜେ ଯାଇ ସରକାରୀ ନିୟମ ଅନୁସାରେ ପ୍ରଦାନ କରନ୍ତୁ ନଚେତ ଯଦି କାଉନସିଲର ଉପସ୍ଥିତିରେ ଭତ୍ତା ବଣ୍ଟନ ହେବ ତେବେ ବିଧାୟକ ଓ ସାଂସଦଙ୍କ ପ୍ରତିନିଧିଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଉ ବୋଲି ଅଭିଯୋଗ କରିଛନ୍ତି। ଏହାଛଡା ବାରବାଟୀ ସ୍କୁଲ ମଧ୍ୟରେ ପାର୍କ, ରାସ୍ତା ତଥା ଲୋକଙ୍କ ଘର ପାଖରେ ବସିବା ପାଇଁ ଆସିଥିବା ଷ୍ଟ୍ରିଟ ଲାଇଟ ଗୁଡିକ ବନ୍ୟାପ୍ରବଣ ଏକ ଛତ୍ରବାଦ ନୀତିରେ ଲଗାଇବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ଦାବି କରିଛନ୍ତି। ଏଣୁ ଉପରୋକ୍ତ ବିଷୟ ଗୁଡିକୁ ଧ୍ୟାନ ଦେବା ସହିତ ସମସ୍ତ ନିମ୍ନମାନର କାର୍ଯ୍ୟ ଗୁଡିକର ସ୍ୱତନ୍ତ୍ର ତଦନ୍ତ କରିବା, ସରକାରୀ ନିୟମାବଳୀ ପାଳନ ପୂର୍ବକ ଶିଳାନ୍ୟାସ ଓ ଉଦଘାଟନ କରିବା ସହିତ ଉକ୍ତ ଦାବିଗୁଡିକୁ ଯଥାଶିଘ୍ର ସମାଧାନ ନକରାଗଲେ ଆମ୍ଭେ ୱାର୍ଡ ବାସୀ ଆନ୍ଦୋଳନର ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନି ଦେଇଛନ୍ତି। ଏହି ଦାବିପତ୍ର ବେଳେ ୱାର୍ଡବାସୀ ଗୌରାଙ୍ଗ ଚରଣ ଦାସ, ଅଶୋକ କୁମର ଦାସ, ଆଶ୍ରିତା ତରେଇ, ସୁଶାନ୍ତ ବାରିକ, ଗୌରୀ ମାଝୀ, ମମତା ବେହେରା, ସୁଷମା ରଣା, ଜୟନ୍ତ ସେଠୀ, ସରସ୍ୱତୀ ଦାସ, ଅପରାଜିତା ସେନ, ଝୁନୁ ସାହୁ, ମଞ୍ଜୁଲତା ମହାଳିକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।